# ଧରିତ୍ରୀ
DHARITRI

ଭୁବନେଶ୍ୱର, ଗୁରୁବାର, ଅକ୍ଟୋବର ୩/୨୦୨୪ (୧୬ ପୃଷ୍ଠା) | Bhubaneswar, Thursday, October 3/2024 | Page 16 | ₹ 7.00 | SAMBALPUR

୫୦ଶ ଭାଗ ୩୧୦ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul | VOLUME 50 ISSUE 310 | ମୂଲ୍ୟ ₹୭/-





**ସର୍ଫରାଜଙ୍କ ଦ୍ୱିଶତକ**

ଅବଶିଷ୍ଟ ଭାରତ ବିପକ୍ଷ ଇରାନୀ ଟ୍ରଫି ମ୍ୟାଚ୍‌ରେ ଅପରାଜିତ ଦ୍ୱିଶତକ ହାସଲ କରିଛନ୍ତି ମୁମ୍ବାଇର ସର୍ଫରାଜ ଖାଁ। ୧୪

୧୩ **ଆଲିଆଙ୍କ ସହ ତୁଳନାକୁ ନାପସନ୍ଦ କଲେ ଅନନ୍ୟା**

ଏକ ସାକ୍ଷାତ୍‌କାରରେ ଅଭିନେତ୍ରୀ ଆଲିଆ ଭଟ୍ଟଙ୍କ ନିଜ ତୁଳନାକୁ ଅଭିନେତ୍ରୀ ଅନନ୍ୟା ପାଣ୍ଡେ ନାପସନ୍ଦ କରିଛନ୍ତି।






ଲେବାନନ୍‌ର ବେରୁଟ୍‌ସ୍ଥିତ ଦହିୟେହଠାରେ ଇସ୍ରାଏଲୀ ଏୟାରଷ୍ଟ୍ରାଇକ୍‌ରେ ଧ୍ୱସ୍ତବିଧ୍ୱସ୍ତ କୋଠାଗୁଡ଼ିକ ତଳେ ନିଜ ପୋଷା ବିଲେଇ ସହ ଜଣେ ମହିଳା।

## ଗୁଟେରେସ୍‌ଙ୍କୁ ଇସ୍ରାଏଲ୍ ମନା

ତେଲ୍ ଆଭିଭ,୨।୧୦



ଆଣ୍ଟୋନିଓ ଗୁଟେରେସ୍

ଜାତିସଂଘ ମହାସଚିବ ଆଣ୍ଟୋନିଓ ଗୁଟେରେସ୍ ଇସ୍ରାଏଲ୍ ଭିତରକୁ ପ୍ରବେଶ କରିପାରିବେ ନାହିଁ। ଇସ୍ରାଏଲ୍ ବିରୋଧରେ ପକ୍ଷପାତି ନୀତି ଅବଲମ୍ବନ କରୁଥିବା ଦର୍ଶାଇ ତେଲ୍ ଆଭିଭ ତାଙ୍କୁ 'ଅବାଞ୍ଛିତ ବ୍ୟକ୍ତି' ଆଖ୍ୟା ଦେଇଛି। ଇସ୍ରାଏଲ୍ ବହିର୍ବ୍ୟାପାର ମନ୍ତ୍ରୀ ଇସ୍ରାଏଲ୍ କାଟ୍‌ଜ ବୁଧବାର ଏହି ବିଷୟ ଘୋଷଣା କରିଛନ୍ତି। କାଟ୍‌ଜ କହିଛନ୍ତି, ଜାତିସଂଘ ମୁଖ୍ୟ ଇସ୍ରାଏଲ୍‌କୁ ପ୍ରବେଶ ଉଦ୍ୟମକଲେ ତାଙ୍କୁ ସେଥିରୁ ବାରଣ କରାଯିବ। କାରଣ ସେ ଇସ୍ରାଏଲ୍ ଉପରେ ଇରାନର ଆକ୍ରମଣକୁ ନିନ୍ଦା କରିନାହାନ୍ତି। ବିଶ୍ୱର ପ୍ରାୟ ସବୁ ଦେଶ ଇରାନର ଇସ୍ରାଏଲ୍ ଆକ୍ରମଣକୁ ନିନ୍ଦା କରିଥିବାବେଳେ ସ୍ପଷ୍ଟ ଭାବେ ନିନ୍ଦା କରୁ ନ ଥିବା ଅନ୍ୟ କୌଣସି ବ୍ୟକ୍ତି ଇସ୍ରାଏଲ୍ ମାଟିରେ ପାଦ ଥାପିବା ଯୋଗ୍ୟ ନୁହନ୍ତି ବୋଲି ସେ କହିଛନ୍ତି। ☞ପୃଷ୍ଠା-୪

## ଜରୁରୀ ନ ଥିଲେ ଇରାନ ଯାଆନି: ଭାରତ

ନୂଆଦିଲ୍ଲୀ,୨।୧୦

କୌଣସି ଅଣଜରୁରୀ କାର୍ଯ୍ୟରେ ଇରାନ ଯାତ୍ରା ନ କରିବାକୁ ଭାରତୀୟମାନଙ୍କୁ ବୁଧବାର ନୂଆଦିଲ୍ଲୀ ପରାମର୍ଶ ଦେଇଛି। ଇରାନର ଇସ୍ରାଏଲ୍ ଆକ୍ରମଣ ପରିପ୍ରେକ୍ଷୀରେ ବୁଧବାର ବହିର୍ବ୍ୟାପାର ମନ୍ତ୍ରଣାଳୟ ଏକ ବିବୃତି ଜାରି କରି କୁହାଯାଇଛି ଯେ, ଇରାନରେ ବସବାସ କରୁଥିବା ସମସ୍ତ ଭାରତୀୟ ନାଗରିକ ସତର୍କ ରୁହନ୍ତୁ। ତେହରାନ୍‌ସ୍ଥିତ ଭାରତୀୟ ଦୂତାବାସ ସହ ଯୋଗସୂତ୍ରରେ ରୁହନ୍ତୁ। ଭାରତ ସରକାର ସମ୍ପୂର୍ଣ୍ଣ ସ୍ଥିତି ଉପରେ ନଜର ☞ପୃଷ୍ଠା-୪

## ଇଟାଲୀ ଡାକିଲା ଜି୭ ବୈଠକ

**ରୋମ୍,୨।୧୦:** ମଧ୍ୟପ୍ରାଚ୍ୟ ସଙ୍କଟ ଉପରେ ଆଲୋଚନା ପାଇଁ ଇଟାଲୀ ପ୍ରଧାନମନ୍ତ୍ରୀ ଜିଓର୍ଜିଆ ମେଲୋନି ବୁଧବାର ଜି୭ ନେତାମାନଙ୍କୁ ନେଇ ଏକ ବୈଠକ ଡାକିଛନ୍ତି। ଏହି ରାଷ୍ଟ୍ର ଗୋଷ୍ଠୀରେ ଆମେରିକା, କାନାଡା, ବ୍ରିଟେନ୍, ଫ୍ରାନ୍ସ, ଜର୍ମାନୀ, ଇଟାଲୀ ଓ ଜାପାନ ଭଳି ଶକ୍ତିଶାଳୀ ଗଣତାନ୍ତ୍ରିକ ଦେଶ ରହିଛନ୍ତି। ପ୍ରଧାନମନ୍ତ୍ରୀ ମେଲୋନି କହିଛନ୍ତି, ଜି୭ରେ ଅଧ୍ୟକ୍ଷତା କରୁଥିବାରୁ ଇଟାଲୀ ସାମ୍ପ୍ରତିକ ସଙ୍କଟର କୂଟନୈତିକ ସମାଧାନ ପାଇଁ ଉଦ୍ୟମ ଜାରି ରଖିବ। ଏଥିଲାଗି ନେତୃସ୍ତରୀୟ ଏକ ବୈଠକ ଡକାଯାଇଛି।







**ଆଜିର ସମ୍ପାଦକୀୟ**

ପୁରାଣ, ଇତିହାସ ଓ ଭାରତ


## ଅଜଣା ରୋଗ ନେଲାଣି ୯ ଜୀବନ

ଫୁଲବାଣୀ,୨।୧୦
(ରାକେଶ କୁମାର ରାଉତ)

କନ୍ଧମାଳ ଜିଲା କୋଟଗଡ଼ ବ୍ଲକ ଦୁର୍ଗାପାଙ୍ଗା ପଞ୍ଚାୟତର ଦୁର୍ଗମ କାଣିବାରୁ ଓ ସିନ୍ଧିବାଲି ଗାଁରେ ଅଜଣା ରୋଗ ଆତଙ୍କ ଖେଳାଇଛି। ଗତ ୪ ଦିନ ମଧ୍ୟରେ ଅଜଣା ରୋଗ ଜଣେ ଗର୍ଭବତୀଙ୍କ ସମେତ ୯ ଜଣଙ୍କ ଜୀବନ ନେଲାଣି। ସ୍ୱାସ୍ଥ୍ୟ ବିଭାଗ ଏ ପର୍ଯ୍ୟନ୍ତ ମୃତ୍ୟୁର କାରଣ ଖୋଜି ପାଇନାହିଁ। ତେବେ ଜଣେ ମହିଳାଙ୍କ ଶୁଦ୍ଧିକ୍ରିୟା ଭୋଜି ଖାଇ ଏପରି ହୋଇଥିବା ଅନୁମାନ କରାଯାଉଛି। ବୁଧବାର ମେଡିକାଲ ଟିମ୍ ଗ୍ରାମରେ ପହଞ୍ଚି ଅସୁସ୍ଥମାନଙ୍କ ଚିକିତ୍ସା କରିଛି। ଏ ପର୍ଯ୍ୟନ୍ତ ୫ ଜଣଙ୍କ ମୃତ୍ୟୁ ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପାଖରେ ରେକର୍ଡ ରହିଛି। ଅନ୍ୟ ମୃତକମାନଙ୍କ ବିଷୟରେ ଖବର ନ ଥିଲେ ମଧ୍ୟ ବିଭାଗ ପକ୍ଷରୁ ଏହାକୁ ଅସ୍ୱୀକାର କରାଯାଇନାହିଁ। ଗ୍ରାମକୁ ରାସ୍ତା ନ ଥିବାରୁ ଗୁରୁତର ରୋଗୀଙ୍କୁ ଖଟିଆରେ ବୋହି ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଉଛି। କେତେଜଣ ଅସୁସ୍ଥଙ୍କୁ ଗାଁରେ ଗଛମୂଳେ ଚିକିତ୍ସା କରାଯାଉଛି।

କିଛିଦିନ ତଳେ ହୋଇଥିବା ଶୁଦ୍ଧିକ୍ରିୟା ଭୋଜିଖାଇ ଅନେକ ଗ୍ରାମବାସୀ ଅସୁସ୍ଥ ହୋଇଥିଲେ। ସେମାନେ ଜ୍ୱର, ଝାଡ଼ାବାନ୍ତି, ଓ ପେଟବ୍ୟଥାରେ ପୀଡ଼ିତ ହୋଇଥିଲେ। ସେଥିମଧ୍ୟରୁ କାଣିବାରୁ ଗ୍ରାମର ଗର୍ଭବତୀ ପୂର୍ଣ୍ଣି ମାଝି, ସିନ୍ଧିବାଲି ଗ୍ରାମର କୁଡୁଙ୍ଗୁଗାଲୁ ମାଝି, ଧୁନା ଜାନୀ, ତପରା ଜାନୀ, ବୁଦ୍ଧୁ ନାୟକ, ବନଲତା ଜାନୀ, ପ୍ରାସ୍କା ମାଝି, ପରମେଶ୍ୱର ମାଝି ଓ ରଶ୍ମି ଜାନୀଙ୍କ ମୃତ୍ୟୁ ଘଟିଥିବା ଜଣାପଡିଛି। ପୂର୍ବରୁ ବାଡ଼ିପାଙ୍ଗା, ଡିମିଲି ଓ ଭଣ୍ଡରାଶାଳ ଗ୍ରାମରେ ଝାଡ଼ାବାନ୍ତିରେ କେତେଜଣଙ୍କ ଜୀବନ ଯାଇଥିବା ଜଣାପଡ଼ିଛି। ବୁଧବାର କାଣିବାରୁ ଏବଂ ସିନ୍ଧିବାଲି ଗ୍ରାମରେ ମେଡିକାଲ ଟିମ୍ ପହଞ୍ଚି ଚିକିତ୍ସା ଆରମ୍ଭ କରିଛି। ଜିଲା ମୁଖ୍ୟ ଚିକିତ୍ସା ଏବଂ ଜନସ୍ୱାସ୍ଥ୍ୟ ଅଧିକାରୀ ଡା.ବିଜୟ ପଣ୍ଡା ମଧ୍ୟ ସେଠାକୁ ଯାଇ ସ୍ଥିତି ଅନୁଧ୍ୟାନ କରିଛନ୍ତି। ଝାଡ଼ାବାନ୍ତି ଆକ୍ରାନ୍ତ ଗ୍ରାମରେ ଏବେ ସ୍ଥିତି ନିୟନ୍ତ୍ରଣାଧୀନ ରହିଛି। ବର୍ତ୍ତମାନ ସୁଦ୍ଧା ସରକାରୀ ଭାବେ ୫ ଜଣଙ୍କର ମୃତ୍ୟୁ ହୋଇଥିବା ଡା. ଜର୍ଜ ଦୀପକ ଦୁର୍ଗାଦତ୍ତନ କହଛନ୍ତି। ଗର୍ଭବତୀଙ୍କ ମୃତ୍ୟୁର କାରଣ ଜଣାପଡ଼ିନାହିଁ। ତଦନ୍ତ ପରେ ☞ପୃଷ୍ଠା-୪

## ସିସିଟିଭି: ଥାଇ ନ ଥିବା ଭଳି

ଖୋର୍ଦ୍ଧା,୨।୧୦(ପ୍ରଭାତ ପାଣିଗ୍ରାହୀ)

**ଖୋର୍ଦ୍ଧା ପୋଲିସ ଜିଲା**



୫୭ଟି ଥାନାରେ ସିସିଟିଭି ଲାଗିନାହିଁ। ଆଉ ଯେଉଁଠି ବି ଅଛି ସେଠି ଥାଇ ନ ଥିବାଭଳି। କାରଣ ଅନେକ ଥାନାରେ ଆବଶ୍ୟକ ସଂଖ୍ୟାରେ ସିସିଟିଭି ଲାଗି ନାହିଁ। ଏପରି କି

ଥାନାରେ ସ୍ୱଚ୍ଛତା ଆଣିବା ନିମନ୍ତେ ସିସିଟିଭି ଲଗାଇବା ପାଇଁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ରହିଛି। ସିସିଟିଭି ଲାଗିଲେ ଲୋକମାନଙ୍କ ପ୍ରତି ପୋଲିସର ବ୍ୟବହାର ଜଣାପଡ଼ିବ। ହେଲେ ଏବେ ବି ରାଜ୍ୟର ବିଭିନ୍ନ ଥାନାରେ ସିସିଟିଭି ଲାଗି ନ ଥିବା ଜଣାପଡ଼ିଛି। ଭରତପୁର ଥାନାରେ ମେଜର ଓ ତାଙ୍କ ବାନ୍ଧବୀଙ୍କୁ ନିର୍ଯାତନା ଘଟଣା ପରେ ଏହି ସତ୍ୟ ସାମ୍ନାକୁ ଆସିଛି। ଗତ ୨୩ ତାରିଖରେ ହାଇକୋର୍ଟରେ ସରକାର ଦେଇଥିବା ତଥ୍ୟ ଅନୁସାରେ ଏବେ ବି ରାଜ୍ୟର ୬୫୦ ଥାନା ମଧ୍ୟରୁ ଲାଗିଥିବା ସିସିଟିଭିର କାର୍ଯ୍ୟକାରିତାକୁ ନେଇ ଅନେକ ସ୍ଥାନରେ ପ୍ରଶ୍ନ ଉଠିଛି। ସାମ୍ପ୍ରତିକ ବିଶୃଙ୍ଖଳାକୁ ଦେଖି ପ୍ରତ୍ୟେକ ଥାନାରେ ସିସିଟିଭି ଲଗାଇବାକୁ ପୋଲିସ ବିଭାଗ ତତ୍ପର ହୋଇଉଠିଛି। ଯେଉଁଠି ଖରାପ ଅଛି ବୋଲି ଆଗରୁ ଜଣାଥିଲା, ସେସବୁ ସ୍ଥାନରେ ଏବେ ତରବରିଆ ଭାବେ ମରାମତି କାର୍ଯ୍ୟ ଚାଲିଛି।

ଖୋର୍ଦ୍ଧା ଜିଲାର ବିଭିନ୍ନ ଥାନାରେ ସିସିଟିଭି ଲାଗିବା ନେଇ ଧରିତ୍ରୀ ତରଫରୁ ଏକ ଅନୁଧ୍ୟାନ କରାଯାଇଥିଲା। ମିଳିଥିବା ରିପୋର୍ଟ ଅନୁସାରେ ଏହି ପୋଲିସ ଜିଲାରେ ୧୧ଟି ଥାନା ରହିଛି। ସଦର ଉପଖଣ୍ଡ ଅଧୀନରେ ଜଙ୍କିଆ, ☞ପୃଷ୍ଠା-୪

## ରାଜ୍ୟରେ ଖୁବ୍‌ଶୀଘ୍ର ଏନ୍‌ଇପି: ସୂର୍ଯ୍ୟବଂଶୀ

ଭୁବନେଶ୍ୱର,୨।୧୦
(ଶର୍ମିଷ୍ଠା ପାଣିଗ୍ରାହୀ)

ଓଡ଼ିଶାରେ ଖୁବ୍‌ଶୀଘ୍ର ଜାତୀୟ ଶିକ୍ଷା ନୀତି (ଏନ୍‌ଇପି) ୨୦୨୦ କାର୍ଯ୍ୟକାରୀ ହେବାକୁ ଯାଉଛି। ଏନେଇ ରାଜ୍ୟର ବିଭିନ୍ନ ସରକାରୀ ବିଶ୍ୱବିଦ୍ୟାଳୟର ପ୍ରସ୍ତୁତି ସମ୍ପର୍କରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେ ରାଜ୍ୟ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ଓଡିଶା ରାଜ୍ୟ ଉଚ୍ଚଶିକ୍ଷା ☞ପୃଷ୍ଠା-୪

## ଜୋତାରେ ତକ୍ଷ, ମାରିଲା ଚୋଟ

ଭୁବନେଶ୍ୱର,୨।୧୦
(ଅନୁରାଧା ମହାରଣା)



ଜୋତା ଭିତରେ ଲୁଚି ରହିଥିଲା ତକ୍ଷ। ଜୋତା ପିନ୍ଧିବାକୁ ଯିବାବେଳେ କାମୁଡ଼ି ଦେଲା ସାପ। ଭୁବନେଶ୍ୱର ଚକେଇସିହାଣୀ ଅଞ୍ଚଳରେ ବୁଧବାର ଏହି ଘଟଣା ଘଟିଛି। ସାପ କାମୁଡ଼ାରେ ଶିକାର ହୋଇଛନ୍ତି ସୁନୀଲ ପଣ୍ଡା। ସେ ଅଫିସ୍ ଯିବା ପୂର୍ବରୁ ଜୋତା ପିନ୍ଧିବାକୁ ଯାଉଥିଲେ। ଜୋତା ଉଠାଇ ଆଣୁଥିବାବେଳେ ସାପଟି ତାଙ୍କ ଡାହାଣ ହାତକୁ କାମୁଡ଼ି ଦେଇଥିଲା। ସୁନୀଲଙ୍କ ଚିତ୍କାର ଶୁଣି ତାଙ୍କ ସହ ରହୁଥିବା ରୁମ୍‌ମେଟ୍‌ମାନେ ପହଞ୍ଚି ସାପକୁ ଦେଖି ଡରିଯାଇଥିଲେ। ତେବେ କୌଶଳକ୍ରମେ ସାପଟିକୁ ଜୋତା ସହ ଏକ ପ୍ଲାଷ୍ଟିକ୍ ବ୍ୟାଗ୍‌ରେ ପୂରାଇ ତୁରନ୍ତ ଆହତ ସୁନୀଲଙ୍କୁ କ୍ୟାପିଟାଲ ହସ୍ପିଟାଲ ନେଇଯାଇଥିଲେ। ପ୍ରାରମ୍ଭିକ ଚିକିତ୍ସା ଭାବେ ଆଣ୍ଟି ସ୍ନେକ୍ ଭେନମ୍‌ର ୧୦ଟି ଭାଏଲ୍ ଦିଆଯାଇଥିଲା। ତେବେ ସେ ସୁସ୍ଥ ଥିବା ଜଣାପଡିଛି। ଅନ୍ୟପଟେ ସ୍ଥାନୀୟ ଲୋକେ ସାପଟିକୁ ଉଦ୍ଧାର ପାଇଁ ସ୍ନେକ୍ ହେଲ୍ପଲାଇନର ସାଧାରଣ ସମ୍ପାଦକ ଶୁଭେନ୍ଦୁ ☞ପୃଷ୍ଠା-୪


DHARITRI YOUTH CONCLAVE 2024

CLIMATE CHANGE : BUILDING RESILIENCE

**ଧରିତ୍ରୀ କ୍ଲାଇମେଟ ଗ୍ରାଣ୍ଟ**

ସ୍ଥାନୀୟ ଅଞ୍ଚଳରେ ଜଳବାୟୁ ପରିବର୍ତ୍ତନର ମୁକାବିଲା କ୍ଷେତ୍ରରେ ଓତପ୍ରୋତ ଭାବେ ଜଡ଼ିତ ରହି କାର୍ଯ୍ୟ କରୁଥିବା ଓଡ଼ିଶାର ଯୁବପିଢ଼ି ଏବଂ ସଂଗଠନଗୁଡ଼ିକଠାରୁ ଆବେଦନପତ୍ର ଆହ୍ୱାନ କରାଯାଉଛି ।

ଆପଣ ପରିବେଶ ସୁରକ୍ଷା ଦିଗରେ କାର୍ଯ୍ୟ କରିଥିବା ସମ୍ପର୍କରେ (୨୫୦ରୁ ୩୫୦ ଶବ୍ଦ ମଧ୍ୟରେ) ଏକ ସରଳ ବିବରଣୀ ଆମ ପାଖକୁ ପଠାନ୍ତୁ । ଏଥିସହ ୪ଟି ହାଇ ରିଜୋଲ୍ୟୁଶନ ଫଟୋ ଏବଂ ଜଳବାୟୁ ପରିବର୍ତ୍ତନ ସଂକ୍ରାନ୍ତୀୟ ନିଜ ପଦକ୍ଷେପର ଗୋଟିଏ ଭିଡିଓ ମଧ୍ୟ ପଠାନ୍ତୁ, ଯାହାଦ୍ୱାରା ଆପଣମାନେ 'ଧରିତ୍ରୀ କ୍ଲାଇମେଟ ଗ୍ରାଣ୍ଟରେ' ବିଜୟୀ ହେବାର ସୁଯୋଗ ପାଇବେ।

ଅନୁରୂପ ପ୍ରକ୍ରିୟା ଅନୁସରଣ କରି ଆପଣ ଅନ୍ୟଜଣଙ୍କୁ ମଧ୍ୟ ମନୋନୀତ କରିପାରିବେ । ମନୋନୀତ ବ୍ୟକ୍ତି କିମ୍ବା ସଂଗଠନକୁ ପ୍ରୋତ୍ସାହନ ସ୍ୱରୂପ ଆସନ୍ତା ନଭେମ୍ବରରେ ଭୁବନେଶ୍ୱରରେ ଅନୁଷ୍ଠିତ ହେବାକୁ ଥିବା **'ଧରିତ୍ରୀ ୟୁଥ୍ କନ୍‌କ୍ଲେଭ—୨୦୨୪'**ରେ ଧରିତ୍ରୀ କ୍ଲାଇମେଟ ଗ୍ରାଣ୍ଟ ପୁରସ୍କାର ପ୍ରଦାନ କରାଯିବ। ଏହି ସ୍ୱୀକୃତି ଯୁବ ପରିବେଶବିତ୍‌ଙ୍କୁ ପରିବେଶ ଏବଂ ଜଳବାୟୁ ସୁରକ୍ଷା ଦିଗରେ ଅଧିକ ଅଗ୍ରସର କରାଇବ।

ମନୋନୀତ ଯୁବ ପରିବେଶବିତ୍ ଏବଂ ସଂଗଠନକୁ ଧରିତ୍ରୀ ୟୁଥ୍ କନ୍‌କ୍ଲେଭରେ ଯୁବ ପରିବେଶ ଯୋଦ୍ଧା ଏବଂ ବିଶେଷଜ୍ଞମାନଙ୍କ ସହ ଆଲୋଚନାରେ ଭାଗ ନେବାକୁ ନିମନ୍ତ୍ରଣ କରାଯିବ।

ଆବେଦନର ଶେଷ ତାରିଖ : ୩୧ ଅକ୍ଟୋବର ୨୦୨୪
ଦୟାକରି ନିଜ ବିବରଣୀ dharitriyouthconclave@gmail.com କୁ ପଠାନ୍ତୁ
ଅଧିକ ଜାଣିବା ପାଇଁ www.dharitriyouthconclave.com କୁ ଦେଖନ୍ତୁ

କ୍ଲାଇମେଟ ଗ୍ରାଣ୍ଟ ଆୱାର୍ଡ ତାରିଖ : ୨୪ ନଭେମ୍ବର ୨୦୨୪

APPLY NOW
https://tinyurl.com/38xd8xnz



## ସଂକ୍ଷେପରେ

### ହେଲିକପ୍ଟର ଦୁର୍ଘଟଣା, ୨ ପାଇଲଟ ସମେତ ୩ ମୃତ

ପୁଣେ, ୨।୧୦

ମହାରାଷ୍ଟ୍ରର ପୁଣେ ଜିଲା ବାଭ୍‌ଧନସ୍ଥିତ ପାହାଡ଼ିଆ ଅଞ୍ଚଳରେ ବୁଧବାର ଏକ ହେଲିକପ୍ଟର କ୍ରାଶ ହେବାରୁ ଏଥିରେ ଥିବା ୨ ପାଇଲଟ ଓ ଜଣେ ଇଞ୍ଜିନିୟରଙ୍କ ମୃତ୍ୟୁ ଘଟିଛି। ହେରିଟେଜ୍ ଆଭିଏଶନ ନାମକ ଏକ ପ୍ରାଇଭେଟ କମ୍ପାନୀର ଉକ୍ତ ହେଲିକପ୍ଟର ପୁଣେସ୍ଥିତ ଅକ୍ସଫୋର୍ଡ ଗଲ୍ଫ କୋର୍ସ ହେଲିପ୍ୟାଡ୍‌ରୁ ଉଡ଼ାଣ କରି ମୁମ୍ବାଇର ଜୁହୁ ଅଭିମୁଖେ ଯାଉଥିବାବେଳେ ଏହି ଦୁର୍ଘଟଣା ଘଟିଛି। ହେଲିକପ୍ଟରରେ ଥିବା ସମସ୍ତ ୩ ଜଣଙ୍କର ମୃତ୍ୟୁ ଘଟିଥିବା ପୋଲିସ ସୂଚନା ଦେଇଛି। ହେଲିକପ୍ଟର କ୍ରାଶ୍ ହେବା ପରେ ସେଥିରେ ନିଆଁ ଲାଗିଯାଇଥିଲା। ଘଟଣାସ୍ଥଳରେ ୪ ଦମକଳ ଟ୍ୟାଙ୍କର୍ ପହଞ୍ଚି ନିଆଁ ଲିଭାଇବା ସହ ମୃତଦେହଗୁଡ଼ିକୁ ଜବତ କରିଛି। ତେବେ କେଉଁଥିପାଇଁ ଏହି ଦୁର୍ଘଟଣା ଘଟିଲା, ସେନେଇ ତଦନ୍ତ ଜାରି ରହିଥିବା ପୁଣେ ପୋଲିସ ସୂଚନା ଦେଇଛି।

### ସୋନମ୍ ୱାଙ୍ଗଚୁକ୍‌ଙ୍କୁ ଛାଡ଼ିଲା ଦିଲ୍ଲୀ ପୋଲିସ



ନୂଆଦିଲ୍ଲୀ, ୨।୧୦

ପ୍ରାୟ ୪୪ ଘଣ୍ଟା ଧରି ଅଟକ ରଖିବା ପରେ ଲଦାଖର ଜଳବାୟୁ କର୍ମୀ ସୋନମ୍ ୱାଙ୍ଗଚୁକ୍ ଓ ତାଙ୍କର ପ୍ରାୟ ୧୫୦ ସହଯୋଗୀଙ୍କୁ ବୁଧବାର ଦିଲ୍ଲୀ ପୋଲିସ ମୁକୁଳାଇଛି। ମୁକୁଳିବା ପରେ ୱାଙ୍ଗଚୁକ୍ ଓ ତାଙ୍କର ସହଯୋଗୀ ଦିଲ୍ଲୀ ପୋଲିସର କଡ଼ା ସୁରକ୍ଷା ମଧ୍ୟରେ ରାଜଘାଟ ଯାଇ ଗାନ୍ଧୀ ଜୟନ୍ତୀ ଅବସରରେ ମହାତ୍ମା ଗାନ୍ଧୀଙ୍କୁ ଶ୍ରଦ୍ଧାଞ୍ଜଳୀ ଅର୍ପଣ କରିଛନ୍ତି। ଲଦାଖ କେନ୍ଦ୍ରଶାସିତ ଅଞ୍ଚଳକୁ ସମ୍ବିଧାନର ଷଷ୍ଠ ଅନୁଚ୍ଛେଦ ମାନ୍ୟତା ପ୍ରଦାନ ଦାବିରେ ୱାଙ୍ଗଚୁକ୍ ଓ ତାଙ୍କ ସହଯୋଗୀ ଦିଲ୍ଲୀ ଅଭିମୁଖେ ଶୋଭାଯାତ୍ରା କରି ଆସୁଥିବାବେଳେ ସୋମବାର ବିଳମ୍ବିତ ରାତିରେ ପୋଲିସ ସେମାନଙ୍କୁ ଅଟକ ରଖିଥିଲା। ତେବେ ମଙ୍ଗଳବାର ରାତିରେ ପୋଲିସ ୱାଙ୍ଗଚୁକ୍ ଓ ତାଙ୍କ ସହଯୋଗୀମାନଙ୍କୁ ଛାଡ଼ି ଦେଇଥିଲା। ପୋଲିସ ଛାଡ଼ିବା ପରେ ସେମାନେ ଦିଲ୍ଲୀର ମଧ୍ୟଭାଗ ଆଡ଼କୁ ଯିବା ପାଇଁ ଶୋଭାଯାତ୍ରା କରିବା ଆରମ୍ଭ କରିଥିଲେ। ତେଣୁ ସେମାନଙ୍କୁ ଆଉ ଥରେ ଅଟକ ରଖାଯାଇଥିବାନେଇ ଦିଲ୍ଲୀ ପୋଲିସର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି। ୱାଙ୍ଗଚୁକ୍‌ଙ୍କ ସମେତ ତାଙ୍କର କେତେଜଣ ସହଯୋଗୀଙ୍କୁ ଦିଲ୍ଲୀର ବୱାନା ଥାନାରେ ଅଟକ ରଖାଯାଇଥିଲା। ତେବେ ୱାଙ୍ଗଚୁକ୍ ନିଜର ଦାବିକୁ ନେଇ ଥାନା ମଧ୍ୟରେ ଅନଶନ କରିଥିଲେ ବୋଲି ପୋଲିସ ସୂଚନା ଦେଇଛି।

### ୫,୬୦୦ କୋଟିର କୋକେନ୍, ଗଞ୍ଜେଇ ଜବତ

ନୂଆଦିଲ୍ଲୀ, ୨।୧୦

ଦିଲ୍ଲୀ ପୋଲିସ ୫୬୦ କେ.ଜି.ର କୋକେନ୍ ଓ ୪୦ କେ.ଜି.ର ଗଞ୍ଜେଇ ଜବତ କରିଛି, ଯାହାର ଆନୁମାନିକ ମୂଲ୍ୟ ୫,୬୦୦ କୋଟି ଟଙ୍କା ହେବ ବୋଲି ଅଧିକାରୀମାନେ ବୁଧବାର ସୂଚନା ଦେଇଛନ୍ତି। ସ୍ପେଶାଲ ସେଲ୍ ଟିମ୍ ମଙ୍ଗଳବାର ଦକ୍ଷିଣ ଦିଲ୍ଲୀର ମହିପାଲପୁର ଅଞ୍ଚଳରେ ଚଢ଼ାଉ କରି ଏହାକୁ ଜବତ କରିବା ସହ ୪ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ ଦିଲ୍ଲୀର ତୁଷାର ଗୋୟଲ(୪୦), ହିମାଂଶୁ କୁମାର(୨୭), ଔରଙ୍ଗଜେବ ସିଦ୍ଦିକି(୨୩) ଏବଂ ମୁମ୍ବାଇର ଭରତ କୁମାର(୪୮)। ଅଭିଯୁକ୍ତମାନେ ଏକ ଅନ୍ତର୍ଜାତୀୟ ରାକେଟର ସଦସ୍ୟ ବୋଲି ପୋଲିସ ଜାଣିବାକୁ ପାଇଛି। ନିକଟ ଅତୀତରେ ଜାତୀୟ ରାଜଧାନୀରେ ଏତେ ପରିମାଣର ଡ୍ରଗ୍ସ ଜବତ ହୋଇ ନ ଥିଲା।



ଇସ୍ରାଏଲୀ ଏୟାରଷ୍ଟ୍ରାଇକ୍‌ରେ ବିଧ୍ୱସ୍ତ ବେରୁଟ୍‌ର ଦହିୟେହରୁ ଧୂଆଁ ବାହାରୁଛି।

## ଆତ୍ମଗୋପନରେ ଖାମେନେଇ, ଉଡ଼ାଇବାକୁ ଇସ୍ରାଏଲ୍‌ର ଯୋଜନା

ମଧ୍ୟପ୍ରାଚ୍ୟରେ ଉତ୍ତେଜନା ବଢୁଥିବାବେଳେ ଇରାନ ସୁପ୍ରିମ ଲିଡର ଆୟାତୋଲ୍ଲା ଅଲୀ ଖାମେନେଇ ଇସ୍ରାଏଲ୍ ଆକ୍ରମଣରୁ ବର୍ତ୍ତିବା ପାଇଁ ସୁରକ୍ଷିତ ସ୍ଥାନରେ ଆତ୍ମଗୋପନ କରିଛନ୍ତି। ବିଶେଷକରି ଇସ୍ରାଏଲ୍ ଉପରେ ଇରାନର ଆକ୍ରମଣ ପରଠୁ ପ୍ରତିଆକ୍ରମଣ ଆଶଙ୍କା ବଢ଼ିଯାଇଛି। ଇତିମଧ୍ୟରେ ଇସ୍ରାଏଲ୍ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ 'ଇରାନକୁ ବହୁମୂଲ୍ୟ ଦେବାକୁ ପଡ଼ିବ' ବୋଲି ଚେତାବନୀ ଦେଇଛନ୍ତି। ଏଭଳି ସ୍ଥିତିରେ ସୁପ୍ରିମ ଲିଡରଙ୍କୁ ବିସ୍ଫୋରଣରେ ଉଡ଼ାଇଦେବା ପାଇଁ ଇସ୍ରାଏଲ୍ ଯୋଜନା ଚଳାଇଥିବା ଜଣାପଡ଼ିଛି।

ଇରାନର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି, ମଙ୍ଗଳବାର ରାତିରେ ତେହରାନ୍ ଇସ୍ରାଏଲ୍‌କୁ ମିଶାଇଲ ମାଡ଼ କରିବା ପରେ ଖାମେନେଇ ସୁରକ୍ଷିତ ସ୍ଥାନରେ ରହିଛନ୍ତି। ଇରାନ୍‌ର ଘନିଷ୍ଠ ହେଜ୍‌ବୋଲ୍ଲା ମୁଖ୍ୟ ହସନ୍ ନସ୍‌ରୁଲ୍ଲାଙ୍କୁ ଇସ୍ରାଏଲ୍ ଉଡ଼ାଇଦେବା ପରେ ଖାମେନେଇଙ୍କୁ ସୁରକ୍ଷିତ ସ୍ଥାନରେ ରଖାଯାଇଥିଲା।



ଆୟାତୋଲ୍ଲା ଅଲୀ ଖାମେନେଇ

କିନ୍ତୁ ମଙ୍ଗଳବାର ଆକ୍ରମଣ ପରେ ତାଙ୍କୁ ଅନ୍ୟ ଏକ ସ୍ଥାନକୁ ନିଆଯାଇଛି। କାରଣ ନସ୍‌ରୁଲ୍ଲାଙ୍କ ପରେ ଇସ୍ରାଏଲୀ ଡିଫେନ୍ସ ଫୋର୍ସ (ଆଇଡିଏଫ୍) ଟାର୍ଗେଟରେ ଏବେ ଖାମେନେଇ ରହିଥିବା କୁହାଯାଉଛି। ଆଇଡିଏଫ୍ ନିଜ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ରୂପେ ସୁପ୍ରିମ ଲିଡରଙ୍କୁ ନିଶାନାରେ ରଖିବା ଉଚିତ ବୋଲି ଇସ୍ରାଏଲର ଜଣେ ବରିଷ୍ଠ ଅଧିକାରୀ ଜେରୁଜେଲମ୍ ପୋଷ୍ଟକୁ କହିଛନ୍ତି। ଖାମେନେଇ ଏକ ପାରମ୍ପରିକ ଆକ୍ରମଣ ଚାହୁଁଥିବାବେଳେ ଆଣବିକ ଅସ୍ତ୍ର ପାଇଁ ସମର୍ଥନ ଲୋଡୁଛନ୍ତି। ଇରାନର ଆଣବିକ ଘାଟିଗୁଡ଼ିକୁ ଇସ୍ରାଏଲ୍ ଧ୍ୱସ୍ତବିଧ୍ୱସ୍ତ କରିବା ଜରୁରୀ ହୋଇପଡ଼ିଛି।

# ମଧ୍ୟପ୍ରାଚ୍ୟ ସ୍ଥିତି ଗମ୍ଭୀର

### ସଂଯମ ରହିବାକୁ ଭାରତର ପରାମର୍ଶ

ନୂଆଦିଲ୍ଲୀ/ୱାଶିଂଟନ୍, ୨।୧୦

ପଶ୍ଚିମ ଏସିଆରେ ଯୁଦ୍ଧ ଘନଘଟା ଭିତରେ ଉତ୍ତେଜନା ବଢ଼ିବାରେ ଲାଗିଥିବାରୁ ସଂଯମ ରହିବା ପାଇଁ ବୁଧବାର ସବୁ ପକ୍ଷଙ୍କୁ ଭାରତ ପରାମର୍ଶ ଦେଇଛି। ଆଲୋଚନା ଓ କୂଟନୀତି ଜରିଆରେ ଉତ୍ତେଜନା ହ୍ରାସ ପାଇଁ ଉଦ୍ୟମ କରାଯିବା ଉଚିତ ବୋଲି ଆହ୍ୱାନ ଦେଇଛି।

ପଶ୍ଚିମ ଏସିଆରେ ନୂଆ ଉତ୍ତେଜନା ପ୍ରକାଶ ପାଇବା ପରିପ୍ରେକ୍ଷୀରେ ଭାରତ ନିଜ ପ୍ରଥମ ପ୍ରତିକ୍ରିୟାରେ କହିଛି, ଏହି ସଂଘର୍ଷକୁ ସମ୍ପୃକ୍ତ କ୍ଷେତ୍ରରେ ଅଧିକ ବିସ୍ତାର କରା ନ ଯାଉ। ହେଜ୍‌ବୋଲ୍ଲା ମୁଖ୍ୟ ହସନ୍ ନସ୍‌ରୁଲ୍ଲା ଏବଂ ସଙ୍ଗଠନର ଅନେକ କମାଣ୍ଡର ଇସ୍ରାଏଲୀ ଏୟାରଷ୍ଟ୍ରାଇକ୍‌ରେ ନିହତ ହେବା ପରେ ଇରାନ୍ ଉପରେ ଇସ୍ରାଏଲ୍ ପ୍ରାୟ ୨୦୦ ମିଶାଇଲ୍ ଆକ୍ରମଣ କରିବା ପରିପ୍ରେକ୍ଷୀରେ ନୂଆଦିଲ୍ଲୀ ପକ୍ଷରୁ ଉପରୋକ୍ତ ପରାମର୍ଶ ଦିଆଯାଇଛି। ଭାରତର ବହିର୍ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ଜାରି ଏକ ବିବୃତିରେ କୁହାଯାଇଛି, ପଶ୍ଚିମ ଏସିଆରେ ଉତ୍ତେଜନାପୂର୍ଣ୍ଣ ସ୍ଥିତି ଏବଂ ନାଗରିକଙ୍କ ସୁରକ୍ଷାକୁ ନେଇ ନୂଆଦିଲ୍ଲୀ ଗଭୀର ଚିନ୍ତିତ। ଆଲୋଚନା ଓ କୂଟନୈତିକ ଉପାୟରେ ସବୁ ସମସ୍ୟାର ସମାଧାନ କରାଯିବା ଉଚିତ।

ଆମେରିକାର କାର୍ନେଜିଏ ଏଣ୍ଡୋମେଣ୍ଟ ଆଲୋଚନାରେ ଭାଗନେଇ ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର ମଧ୍ୟପ୍ରାଚ୍ୟର ସଂଘର୍ଷ ବଢ଼ିବା ନେଇ ଆଶଙ୍କା ବ୍ୟକ୍ତ କରିବା ସହ ଚିନ୍ତା ପ୍ରକଟ କରିଛନ୍ତି। ଜୟଶଙ୍କର କହିଛନ୍ତି, ଇସ୍ରାଏଲ୍ ଉପରେ ହମାସ୍ ଆକ୍ରମଣ 'ଏକ ଆତଙ୍କବାଦୀ ଆକ୍ରମଣ'। ଇସ୍ରାଏଲ୍‌କୁ ଏହାର ଉଚିତ ଜବାବ ଦେବା ଆବଶ୍ୟକ ଥିଲା। କିନ୍ତୁ କୌଣସି ଦେଶକୁ ଅନ୍ୟ ରାଷ୍ଟ୍ରର ଜବାବ ଦେବାବେଳେ ଅନ୍ତର୍ଜାତୀୟ ମାନବୀୟ ଆଇନକୁ ଦୃଷ୍ଟିରେ ରଖିବାକୁ ପଡ଼ିବ। ଇସ୍ରାଏଲର ନୀତି ଓ ସଂଘର୍ଷ ବୃଦ୍ଧି ଆଶଙ୍କା ଉପରେ ଭାରତର ଆଭିମୁଖ୍ୟ ନେଇ ପ୍ରଶ୍ନ କରାଯିବାରୁ ଜୟଶଙ୍କର କହିଛନ୍ତି, ସାମ୍ପ୍ରତିକ ସ୍ଥିତିକୁ ଦେଖିଲେ ଗତ ଅକ୍ଟୋବର ୭ରୁ ଆରମ୍ଭ କରିବାକୁ ପଡ଼ିବ। ଏହି ଦିନ ଇସ୍ରାଏଲ୍ ଉପରେ ହୋଇଥିବା ଆକ୍ରମଣକୁ ଆମେ ଆତଙ୍କବାଦୀ ଆକ୍ରମଣ ବିବେଚନା କରୁ। ଆମେ ବୁଝିପାରୁଛୁ ଯେ, ଇସ୍ରାଏଲକୁ ଏହାର ଜବାବ ଦେବାର ଥିଲା। କିନ୍ତୁ ଗାଜାରେ ଅନ୍ତର୍ଜାତୀୟ ମାନବୀୟ ଆଇନକୁ ସମ୍ମାନ ଦେଇ ନାଗରିକଙ୍କ ଯେପରି କୌଣସି କ୍ଷତି ନ ହେବ ସେଥିପ୍ରତି ମଧ୍ୟ ଧ୍ୟାନ ଦିଆଯିବା ଆବଶ୍ୟକ ଥିଲା।

ପ୍ରକାଶ ଯେ, ଇସ୍ରାଏଲ୍-ପାଲେଷ୍ଟାଇନ୍ ସଂଘର୍ଷର ଦୁଇ-ରାଷ୍ଟ୍ର ସମାଧାନ ସିଦ୍ଧାନ୍ତକୁ ଭାରତ ସମର୍ଥନ କରିଆସିଛି। ଅକ୍ଟୋବର ୭ ଆକ୍ରମଣକୁ ପ୍ରଥମେ ନିନ୍ଦା କରିବାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଅନ୍ୟତମ ବିଶ୍ୱନେତା। ଅନ୍ୟପକ୍ଷେ ଗାଜାରେ ବିଗୁଡୁଥିବା ସ୍ଥିତିକୁ ନେଇ ଭାରତ ଅନେକ ଥର ଚିନ୍ତାବ୍ୟକ୍ତ କରିସାରିଛି। ୨୦୨୩ ଅକ୍ଟୋବରରେ ହମାସ୍‌ର ଶତାଧିକ ରକେଟମାଡ଼ରେ ୧୨୦୦ରୁ ଊର୍ଦ୍ଧ୍ୱ ଇସ୍ରାଏଲୀ ନିହତ ହୋଇଥିବାବେଳେ ଆତଙ୍କବାଦୀମାନେ ୨୫୦ରୁ ଅଧିକ ଲୋକଙ୍କୁ ଅପହରଣ କରିନେଇଥିଲେ। ପଣବନ୍ଦୀଙ୍କ ମଧ୍ୟରୁ ୧୦୦ ଜଣ ଏବେ ମଧ୍ୟ ହମାସ୍ କବଳରେ ରହିଛନ୍ତି। ସେପଟେ ୟେମେନ୍‌ରେ ହୁତି ବିଦ୍ରୋହୀ ମଧ୍ୟ ଇସ୍ରାଏଲ୍ ଓ ଲୋହିତ ସାଗରୀୟ ରାଷ୍ଟ୍ରଗୁଡ଼ିକୁ ଟାର୍ଗେଟ କରିବାରେ ଲାଗିଛନ୍ତି। ଇସ୍ରାଏଲ୍ ମଧ୍ୟ ଲେବାନନ୍‌ରେ ଏୟାରଷ୍ଟ୍ରାଇକ୍ ଜାରି ରଖିଛି। ଏହି ସଂଘର୍ଷ ଉତ୍ତେଜନା ବୃଦ୍ଧିର କାରଣ ହୋଇଥିବାବେଳେ ବଡ଼ ଦେଶଗୁଡ଼ିକ ଅସ୍ତ୍ରବିରତି ଓ ପଣବନ୍ଦୀଙ୍କ ମୁକ୍ତି ନେଇ ଡିଲ୍ ଉପରେ ଗୁରୁତ୍ୱାରୋପ କରିଛନ୍ତି।

ଇତିମଧ୍ୟରେ ମଙ୍ଗଳବାର ରାତିରେ ଇସ୍ରାଏଲ ଉପରେ ଇରାନର ମିଶାଇଲ ଆକ୍ରମଣ ମଧ୍ୟପ୍ରାଚ୍ୟ ସ୍ଥିତିକୁ ଆହରି ସଙ୍ଗିନ କରିଦେଇଛି। ଇରାନୀୟ ରକେଟ୍ ମାଡ଼କୁ ଦୃଷ୍ଟିରେ ରଖି ସମସ୍ତ ଇସ୍ରାଏଲୀ ନାଗରିକଙ୍କୁ ବମ୍ ସେଲ୍ଟରରେ ଆଶ୍ରୟ ନେବାକୁ ପରାମର୍ଶ ଦିଆଯାଇଥିବା ଇସ୍ରାଏଲୀ ଡିଫେନ୍ସ ଫୋର୍ସେସ୍ (ଆଇଡିଏଫ୍) ପକ୍ଷରୁ ଜାରି ଏକ ବିବୃତିରେ କୁହାଯାଇଛି। ଇସ୍ରାଏଲୀଙ୍କ ଗଣହତ୍ୟା ପାଇଁ ହେଜ୍‌ବୋଲ୍ଲା ଯୋଜନା କରୁଥିବାବେଳେ ଆଇଡିଏଫ୍ ଏହାକୁ ଭଣ୍ଡୁର କରିଦେଇଥିବାରୁ ସେମାନେ ନିରୀହ ନାଗରିକଙ୍କୁ ମିଶାଇଲ ଆକ୍ରମଣ କରିଥିବା ନେଇ ଏଥିରେ ନିନ୍ଦା କରାଯାଇଛି। 'ଜେରୁଜେଲମ୍ ପୋଷ୍ଟ'ରେ ପ୍ରକାଶିତ ଏକ ରିପୋର୍ଟ ଅନୁଯାୟୀ ଇସ୍ରାଏଲ୍ ଉପରକୁ ୧୦୨ ମିଶାଇଲ ଛଡ଼ାଯାଇଥିଲା। ସେବେଠୁ ଇସ୍ରାଏଲ୍‌ରେ ଗର୍ଜୁଥିବା ସାଇରନ୍ ବନ୍ଦ ହେବାରେ ନାଁ ନେଉନାହିଁ।



ଆଇରନ୍ ଡୋମ୍ ଦ୍ୱାରା ଇଣ୍ଟରସେପ୍ଟ ହେବା ପରେ ଦକ୍ଷିଣ ଇସ୍ରାଏଲ୍‌ର ଏକ ସ୍ଥାନରେ ଖସିପଡ଼ିଥିବା ଇରାନୀୟ ମିଶାଇଲ ଉପରେ ଚଢ଼ି ପିଲାମାନେ ଖେଳୁଛନ୍ତି।

### ବ୍ଲିଙ୍କେନ୍‌ଙ୍କୁ ଭେଟିଲେ ଜୟଶଙ୍କର

ପଶ୍ଚିମ ଏସିଆରେ ବଢୁଥିବା ଉତ୍ତେଜନା ପରିପ୍ରେକ୍ଷୀରେ ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର ଆମେରିକୀୟ ପ୍ରତିପକ୍ଷ ଆଣ୍ଟୋନି ବ୍ଲିଙ୍କେନ୍‌ଙ୍କୁ ଭେଟିଛନ୍ତି। ଏହି ଅବସରରେ ଉଭୟେ ଦ୍ୱିପାକ୍ଷିକ ସହଯୋଗ, ପଶ୍ଚିମ ଏସିଆ ସ୍ଥିତି, ଭାରତୀୟ ଉପମହାଦେଶର ସଦ୍ୟ ଘଟଣାକ୍ରମ, ଇଣ୍ଡୋ-ପାସିଫିକ୍ ଏବଂ ୟୁକ୍ରେନ୍ ଯୁଦ୍ଧ ଉପରେ ଆଲୋଚନା କରିଛନ୍ତି। ମୋଦି ସରକାରଙ୍କ ତୃତୀୟ ପାଳିରେ ଦାୟିତ୍ୱ ଗ୍ରହଣ ପରେ ପ୍ରଥମ ଥର ଆମେରିକା ଗସ୍ତ କରିଥିବା ଜୟଶଙ୍କର ସେଠାକାର ପରରାଷ୍ଟ୍ର ବିଭାଗ ମୁଖ୍ୟାଳୟସ୍ଥିତ ଫୋଗି ବଟମ୍‌ରେ ବ୍ଲିଙ୍କେନ୍‌ଙ୍କ ସହ ସାକ୍ଷାତ ଆଲୋଚନା କରିଥିଲେ।

### ଦିଲ୍ଲୀର ଇସ୍ରାଏଲୀ ଦୂତାବାସରେ କଡ଼ା ସୁରକ୍ଷା

ମଧ୍ୟପ୍ରାଚ୍ୟ ସ୍ଥିତି ଗମ୍ଭୀର ଥିବାରୁ ନୂଆଦିଲ୍ଲୀର ତୁଗଲକ୍ ରୋଡ୍ ଅଞ୍ଚଳସ୍ଥିତ ଇସ୍ରାଏଲ ଦୂତାବାସରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି। ଅଧିକ ସୁରକ୍ଷା କର୍ମଚାରୀଙ୍କୁ ମୁତୟନ କରି ଯାଞ୍ଚ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରାଯାଇଛି। ବହୁସ୍ତରୀୟ ସୁରକ୍ଷା ବଳୟ ମଧ୍ୟରେ ଥିବା ଏହି ଏରିଆର ବିଭିନ୍ନ ସ୍ଥାନରେ ସିସିଟିଭି ସଂଲଗ୍ନ କରାଯାଇଥିବା ଦିଲ୍ଲୀ ପୋଲିସ କହିଛି। ଇସ୍ରାଏଲ୍ ଦୂତାବାସ ଓ ଏହା ନିକଟରେ ପୂର୍ବରୁ ୨ ଥର ବିସ୍ଫୋରଣ ଘଟିଥିଲା।

## ଦଳ ଗଢ଼ିଲେ ପ୍ରଶାନ୍ତ କିଶୋର

### ବିହାର ସ୍ୱର ଦିଲ୍ଲୀରେ ପହଞ୍ଚିବା ଜରୁରୀ



ପାଟନା, ୨।୧୦

ପୂର୍ବତନ ନିର୍ବାଚନ ରଣନୀତିକାର ପ୍ରଶାନ୍ତ କିଶୋର (ପିକେ) ବୁଧବାର ନିଜ ଜନ ସୁରାଜ ଗ୍ରୁପ୍‌କୁ ଏକ ରାଜନୈତିକ ଦଳରେ ପରିବର୍ତ୍ତିତ କରି ଆନୁଷ୍ଠାନିକ ଭାବେ ନିର୍ବାଚନୀ ରାଜନୀତିରେ ପ୍ରବେଶ କରିଛନ୍ତି। ଜନ ସୁରାଜ ପାର୍ଟି ବିହାର ବିଧାନସଭାର ପରବର୍ତ୍ତୀ ନିର୍ବାଚନ ବେଳେ ସବୁ ଆସନରେ ଲଢ଼ିବ ବୋଲି ଆଶା କରାଯାଉଛି। ପାଟନାରେ ନୂଆ ଦଳ ପ୍ରତିଷ୍ଠା ଅବସରରେ ପ୍ରଶାନ୍ତ କହିଛନ୍ତି, ଜନ ସୁରାଜ ପାର୍ଟିର ମଙ୍ଗ କିଏ ଧରିବେ, ଗତ ୨ ବର୍ଷ ଧରି ଗ୍ରୁପ୍ ପାଇଁ କାର୍ଯ୍ୟ କରିଥିବା ଲୋକେ ସେହି ନିଷ୍ପତ୍ତି ନେବେ। ଆପଣମାନଙ୍କୁ କେବଳ 'ଜୟ ବିହାର' ସ୍ଲୋଗାନ ଦେବାର ଅଛି। ବିହାରର ଏହି ସ୍ୱର ଏତେ ଉଚ୍ଚ ହେବା କଥା ଯେମିତି ଦିଲ୍ଲୀକୁ ଶୁଭିବ। ଆପଣଙ୍କୁ ଓ ଆପଣଙ୍କ ପିଲାଙ୍କୁ ଯେମିତି କେହି 'ବିହାରୀ' କହି ଅପମାନିତ କରିବେ ନାହିଁ। ଏହି ସ୍ୱର ବିହାର ଛାତ୍ରଙ୍କୁ ଆକ୍ରମଣ କରାଯାଉଥିବା ପଶ୍ଚିମବଙ୍ଗ, ତାମିଲନାଡୁ, ଦିଲ୍ଲୀ ଓ ମୁମ୍ବାଇ ପର୍ଯ୍ୟନ୍ତ ପହଞ୍ଚିବା ଉଚିତ ବୋଲି ପ୍ରଶାନ୍ତ ଆହ୍ୱାନ ଦେଇଛନ୍ତି। ପ୍ରକାଶ ଯେ, ୨ ବର୍ଷ ହେଲା ପିକେ ବିହାର ବୁଲି ନିର୍ବାଚନୀ କାର୍ଯ୍ୟସୂଚୀ କ'ଣ ହେବା ଉଚିତ ତା' ଉପରେ ଜନ ସଚେତନତା ସୃଷ୍ଟି କରିଆସିଛନ୍ତି।

## ଫେଥ୍ ଡିକ୍ଲାରେଶନ୍‌ରେ ସ୍ୱାକ୍ଷର କଲେ ପୱନ କଲ୍ୟାଣଙ୍କ ଝିଅ

ହାଇଦ୍ରାବାଦ, ୨।୧୦

ତିରୁପତିର ଶ୍ରୀ ଭେଙ୍କଟେଶ୍ୱର ମନ୍ଦିରରେ ଲଡୁ ବିବାଦକୁ ନେଇ ଆନ୍ଧ୍ର ପ୍ରଦେଶ ଉପ ମୁଖ୍ୟମନ୍ତ୍ରୀ ତଥା ଜନସେନା ପାର୍ଟି ମୁଖ୍ୟ ପୱନ କଲ୍ୟାଣ ବୁଧବାର ତାଙ୍କ ୧୧ ଦିନିଆ ପ୍ରାୟଶ୍ଚିତ୍ତ ଶେଷ କରିଛନ୍ତି। ଏହାସହ ସେ ନିଜର ୨ ଝିଅଙ୍କ ସହ ମନ୍ଦିର ଯାଇ ଭଗବାନ ଭେଙ୍କଟେଶ୍ୱରଙ୍କର ଦର୍ଶନ କରିଛନ୍ତି। ତେବେ ତିରୁପତି ମନ୍ଦିରରେ ରହିଥିବା ନିୟମ ଅନୁଯାୟୀ, ମନ୍ଦିରରେ ପ୍ରବେଶ ପୂର୍ବରୁ ପୱନଙ୍କ ସାନ ଝିଅ ପୋଲିନା ଅଞ୍ଜନୀ କୋନିଡେଲାଙ୍କୁ ଏକ ଫେଥ୍ ଡିକ୍ଲାରେଶନ୍ ଫର୍ମ(ଆସ୍ଥା ଘୋଷଣାନାମା)କୁ ଭରି ସେଥିରେ ସ୍ୱାକ୍ଷର କରିବାକୁ ପଡ଼ିଛି। କୌଣସି ଅଣହିନ୍ଦୁ କିମ୍ବା ବିଦେଶୀ ମନ୍ଦିର ମଧ୍ୟକୁ ଯିବା ପୂର୍ବରୁ ଭଗବାନ ଭେଙ୍କଟେଶ୍ୱରଙ୍କ ପ୍ରତି ତାଙ୍କର ଆସ୍ଥା ଥିବା ନେଇ ଘୋଷଣାନାମାରେ ସ୍ୱାକ୍ଷର କରିବାକୁ ପଡ଼ିଥାଏ। ପୋଲିନା ହେଉଛନ୍ତି ପୱନ ଓ ତାଙ୍କ ତୃତୀୟ ସ୍ତ୍ରୀ ଆନ୍ନା ଲେଝ୍‌ନେଭାଙ୍କ ଝିଅ। ଆନ୍ନା ମୂଳତଃ ରୁଷିଆର ହୋଇଥିବାରୁ ପୋଲିନାଙ୍କୁ ଫେଥ୍ ଡିକ୍ଲାରେଶନ୍ ଫର୍ମରେ ସ୍ୱାକ୍ଷର କରିବାକୁ ପଡ଼ିଥିଲା। ପୋଲିନା ନାବାଳିକା ହୋଇଥିବାରୁ ଫର୍ମରେ ବାପା ପୱନ ମଧ୍ୟ ସ୍ୱାକ୍ଷର କରିଥିଲେ ବୋଲି ଜନ ସେନା ପାର୍ଟି ପକ୍ଷରୁ ଏକ୍ସ'ରେ ସୂଚନା ଦିଆଯାଇଛି।



## ମୋଦି କଲ୍ କରିଥିଲେ, ରିସିଭ୍ କଲିନି: ଭିନେଶ

ଚଣ୍ଡିଗଡ଼, ୨।୧୦

ହରିୟାଣା ବିଧାନସଭା ନିର୍ବାଚନରେ ଜୁଲାନା ଆସନରୁ ଲଢୁଥିବା ଭିନେଶ ଫୋଗଟ୍ ଅଲିମ୍ପିକ୍ ଫାଇନାଲ୍‌ର ୫୦ ଓମେନ୍ସ ୫୦ କେ.ଜି. ପୂର୍ବରୁ ଅଯୋଗ୍ୟ ଘୋଷିତ ହୋଇଥିଲେ। ଏହାର ମାସକ ପରେ ସେ କୁସ୍ତି କ୍ୟାରିୟରରୁ ଅବସର ଘୋଷଣା କରି ରାଜନୀତିରେ ସାମିଲ ହୋଇଥିଲେ। ହରିୟାଣାରେ ପ୍ରଚାର ଚାଲିଥିବାବେଳେ ଏକ ୱେବ୍ ଚ୍ୟାନେଲକୁ ସାକ୍ଷାତ୍କାର ଦେଇ ଭିନେଶ କହିଛନ୍ତି, ପ୍ୟାରିସ୍ ଅଲିମ୍ପିକ୍‌ରୁ ଅଯୋଗ୍ୟ ଘୋଷିତ ହେବା ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତାଙ୍କୁ କଲ୍



କରିଥିଲେ। କିନ୍ତୁ ସେ ପ୍ରଧାନମନ୍ତ୍ରୀଙ୍କ କଲ୍ ରିସିଭ୍ କରିବାକୁ ମନା କରିଦେଇଥିଲେ। କାରଣ ସେ ନିଜ ଭାବାବେଗ ଓ ଉଦ୍ୟମକୁ ରାଜନୈତିକ ଉଦ୍ଦେଶ୍ୟରେ ଶୋଷିତ ହେବାକୁ ଦେବା ପାଇଁ ଚାହିଁ ନ ଥିଲେ। ପ୍ରଧାନମନ୍ତ୍ରୀଙ୍କ ଅଫିସ (ପିଏମ୍‌ଓ)ରୁ ଫୋନ୍ କରିଥିବା ଅଧିକାରୀ ଜଣକ କହିଥିଲେ, ପ୍ରଧାନମନ୍ତ୍ରୀ ଆପଣଙ୍କ ସହ କଥା ହେବାକୁ ଚାହୁଁଛନ୍ତି। କିନ୍ତୁ ବାର୍ତ୍ତାଳାପ ବେଳେ ଆପଣଙ୍କ ସହ ନିଜ ଟିମ୍‌ର କେହି ଉପସ୍ଥିତ ରହିବେ ନାହିଁ। ସୋସିଆଲ ମିଡିଆ ପାଇଁ ଉଭୟ ପକ୍ଷର ଦୁଇଜଣ ଲେଖାଏ ବାର୍ତ୍ତାଳାପର ରେକର୍ଡିଂ କରିବେ ବୋଲି ସର୍ତ୍ତ ରଖାଯାଇଥିଲା। ଭିନେଶ ନିଜ ଆବେଗ ଓ କଠିନ ପରିଶ୍ରମକୁ ସାମାଜିକ ଗଣମାଧ୍ୟମରେ ଉପହାସର ପାତ୍ର ହେଉ ବୋଲି ଚାହିଁ ନ ଥିଲେ। ପ୍ରଧାନମନ୍ତ୍ରୀ ବିନା କୌଣସି ପ୍ରଚାର ପ୍ରସାର ସର୍ତ୍ତରେ କଲ୍ କରିଥିଲେ ସେ ତାକୁ ପ୍ରଶଂସା କରିଥାଆନ୍ତେ ବୋଲି ସେ କହିଛନ୍ତି।

## ରିଲିଫ୍ ବାଣ୍ଟୁଥିଲା, ପାଣିରେ ଖସିଲା

### ଆଇଏଏଫ୍ ହେଲିକପ୍ଟର

ପାଟଣା, ୨।୧୦

ବିହାର ବନ୍ୟାରେ ରିଲିଫ୍ କାର୍ଯ୍ୟ ପାଇଁ ନିୟୋଜିତ ଥିବା ବାୟୁସେନାର ଏକ ଆଡଭାନ୍ସଡ୍ ଲାଇଟ ହେଲିକପ୍ଟର ବୁଧବାର ଦୁର୍ଘଟଣାଗ୍ରସ୍ତ ହୋଇ ମୁଜାଫରପୁର ଜିଲା ଔରାଇ ବ୍ଲକସ୍ଥିତ ଏକ ଜଳାର୍ଣ୍ଣବ ଅଞ୍ଚଳରେ ଖସିପଡ଼ିଛି। ଉକ୍ତ ହେଲିକପ୍ଟରରେ ୨ ପାଇଲଟ ଓ ୨ କ୍ରିଉ ସଦସ୍ୟ ରହିଥିବାବେଳେ ସମସ୍ତେ ସୁରକ୍ଷିତ ଥିବା ସ୍ଥାନୀୟ ଅଧିକାରୀ କହିଛନ୍ତି। ଦରଭଙ୍ଗାରେ ବନ୍ୟା ପୀଡ଼ିତଙ୍କୁ ରିଲିଫ୍ ସାମଗ୍ରୀ ଯୋଗାଇ ହେଲିକପ୍ଟରଟି ଫେରୁଥିବାବେଳେ ଏଥିରେ କିଛି ବୈଷୟିକ ତ୍ରୁଟି ଦେଖାଯାଇଥିଲା ଓ ଏହା ଦୁର୍ଘଟଣାଗ୍ରସ୍ତ ହୋଇ ଔରାଇ ବ୍ଲକର ଏକ ଜଳାର୍ଣ୍ଣବ ଅଞ୍ଚଳରେ ଖସି ପଡ଼ିଥିଲା ବୋଲି ମୁଜାଫରପୁର ଜିଲାପାଳ ସୁବ୍ରତ କୁମାର ସେନ୍ ସୂଚନା ଦେଇଛନ୍ତି। ଘଟଣାସ୍ଥଳରେ ବାୟୁସେନାର ୪ ଯବାନଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ହସ୍ପିଟାଲରେ ଭର୍ତ୍ତି କରିଥିଲେ। ସମସ୍ତ ଯବାନ ନିରାପଦ ଥିବା ସେ କହିଛନ୍ତି।






# ସ୍ୱାଭାବିକ ହେଲା ଇଣ୍ଟରନେଟ୍ ସେବା

## ବିବାଦୀୟ ପୋଷ୍ଟକୁ ନେଇ ଉତ୍ତେଜନା ଘଟଣା

### ■ ବିଏନ୍ଏସ୍ଏସ୍ ୧୬୩ ଧାରା ବଳବତ୍ତର

ଭଦ୍ରକ,୨।୧୦(ସନାତନ ରାଉତ)

ସୋସିଆଲ ମିଡିଆରେ ବିବାଦୀୟ ପୋଷ୍ଟକୁ ନେଇ ଉତ୍ତେଜନା ପ୍ରକାଶ ପାଇବାରୁ ଭଦ୍ରକ ଜିଲାରେ ୪ ଦିନ ଧରି ବନ୍ଦ ରହିଥିବା ଇଣ୍ଟରନେଟ୍ ସେବା ମଙ୍ଗଳବାର ରାତିରୁ ସ୍ୱାଭାବିକ ହୋଇଛି। ଅପରପକ୍ଷେ ଗତ ଶୁକ୍ରବାର ସନ୍ଧ୍ୟାରୁ ଜାରି ହୋଇଥିବା ବିଏନ୍ଏସ୍ଏସ୍ ୧୬୩ ଧାରା ବଳବତ୍ତର ରହିଛି। ଇଣ୍ଟରନେଟ୍ ଯୁଗରେ ୪ ଦିନ ସେବା ବନ୍ଦ ଯୋଗୁ ନାନା ସମସ୍ୟା ଭୋଗ କରିଥିବା ଜିଲାବାସୀ ଏବେ ଆଶ୍ୱସ୍ତ ହୋଇଛନ୍ତି।

ସୂଚନା ଅନୁଯାୟୀ, ସୋସିଆଲ ମିଡିଆରେ ବିବାଦୀୟ ପୋଷ୍ଟ କରିଥିବା ଯୁବକଙ୍କ ଗିରଫ ଦାବିରେ ଏକ ନିର୍ଦ୍ଦିଷ୍ଟ ସମ୍ପ୍ରଦାୟର ଶତାଧିକ ଲୋକ ପୁରୁଣା ବଜାର ନଂଘାମହଲାଠାରୁ ଶୋଭାଯାତ୍ରାରେ ଭଦ୍ରକ ସହର ଆଡ଼କୁ ଆସୁଥିଲେ। ପୋଲିସ ଖବରପାଇ ସନ୍ଥିଆ ପୋଲ ନିକଟରେ ସେମାନଙ୍କୁ ଅଟକାଇବାରୁ ଯୁକ୍ତିତର୍କ ଓ ଠେଲାପେଲା ହୋଇଥିଲା। ପୋଲିସ ଲାଠିଚାର୍ଜ କରିବାରୁ ଉତ୍ୟକ୍ତ ଲୋକେ ପୋଲିସ ଉପରକୁ ପଥରମାଡ଼ କରିଥିଲେ। ଏଥିରେ ୨ ପୋଲିସ ଅଧିକାରୀ ଆହତ ହେବା ସହ ତହସିଲଦାରଙ୍କ ଗାଡ଼ି ଭାଙ୍ଗିଥିଲା। ଏହି ଘଟଣାକୁ ନେଇ ସନ୍ଧ୍ୟାରେ ଉକ୍ତ ସମ୍ପ୍ରଦାୟର ସହସ୍ରାଧିକ ଲୋକ ଧାମନଗର ବଜାର ବିଜୁ ପଟ୍ଟନାୟକ ଛକରେ ରାସ୍ତାରୋକୋ କରିବା ସହ ଥାନା ଘେରାଉ କରିଥିଲେ। ସ୍ଥିତି ନିୟନ୍ତ୍ରଣ ପାଇଁ ଧାମନଗର ଓ ପୁରୁଣା ବଜାରରେ ଜିଲା ପ୍ରଶାସନ ପକ୍ଷରୁ ବିଏନ୍ଏସ୍ଏସ୍ ୧୬୩ଧାରା ଅନିର୍ଦ୍ଦିଷ୍ଟ କାଳ ପାଇଁ ଜାରି କରାଯିବା ସହ ଫୋର୍ସ ମୁତୟନ କରାଯାଇଥିଲା। ସ୍ଥିତି ନିୟନ୍ତ୍ରଣ ଓ ସୋସିଆଲ ମିଡିଆରେ ଉତ୍ତେଜିତ ପୋଷ୍ଟ ବନ୍ଦ ରଖିବାକୁ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମେ ଶନିବାରଠାରୁ ଜିଲାରେ ଇଣ୍ଟରନେଟ୍ ସେବା ବନ୍ଦ କରାଯାଇଥିଲା। ମଙ୍ଗଳବାର ଡିଜିପି ୱାଇ.ବି. ଖୁରାନିଆ ଭଦ୍ରକ ଓ ଧାମନଗରରେ ପହଞ୍ଚି ସ୍ଥିତି ସମୀକ୍ଷା କରିବା ପରେ ମଙ୍ଗଳବାର ରାତି ୧୨ଟାରୁ ଇଣ୍ଟରନେଟ୍ ସେବା ସ୍ୱାଭାବିକ ହୋଇଛି। ଉଲ୍ଲେଖଯୋଗ୍ୟ, ଗତ ୪ ଦିନ ହେଲା ଇଣ୍ଟରନେଟ୍ ସେବା ପାଇବା ପାଇଁ ଜିଲାବାସୀଙ୍କୁ ପଡ଼ୋଶୀ ଜିଲା ସୀମାନ୍ତକୁ ଯିବାକୁ ପଡ଼ୁଥିଲା।

# ଆଜି ନୂଆଦିଲ୍ଲୀରେ ନିବେଶକ ସମ୍ମିଳନୀରେ ଯୋଗଦେବେ ମୁଖ୍ୟମନ୍ତ୍ରୀ

## ୫ ବର୍ଷରେ ୫ ଲକ୍ଷ କୋଟି ପୁଞ୍ଜି ଆକର୍ଷିତ କରିବା ଲକ୍ଷ୍ୟ ରହିଛି

ଭୁବନେଶ୍ୱର, ୨।୧୦ (ସୁନିତ୍ ମିଶ୍ର)

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବୁଧବାର ୨ଦିନିଆ ନୂଆଦିଲ୍ଲୀ ଗସ୍ତରେ ଯାଇଛନ୍ତି। ଦିଲ୍ଲୀଠାରେ ଅନୁଷ୍ଠିତ ହେବାକୁ ଥିବା ନିବେଶକ ସମ୍ମିଳନୀରେ ଯୋଗଦେବା କାର୍ଯ୍ୟକ୍ରମ ରହିଛି। ଆସନ୍ତା ୩ ତାରିଖରେ ଏକ ଘରୋଇ ହୋଟେଲରେ ଏହି ସମ୍ମିଳନୀ ଅନୁଷ୍ଠିତ ହେବ। ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ 'ଉତ୍କର୍ଷ ୨୦୨୫'ର ପ୍ରାକ୍ ପ୍ରସ୍ତୁତି ପାଇଁ ମୁଖ୍ୟମନ୍ତ୍ରୀ ଦିଲ୍ଲୀ ଗସ୍ତ କରୁଛନ୍ତି। ଦିଲ୍ଲୀ ଗସ୍ତ ପୂର୍ବରୁ ମୁଖ୍ୟମନ୍ତ୍ରୀ ଗଣମାଧ୍ୟମକୁ କହିଛନ୍ତି, ସେ ୨ଦିନିଆ ଦିଲ୍ଲୀ ଗସ୍ତରେ ଯାଉଛନ୍ତି। ଓଡ଼ିଶାକୁ ବଡ଼ ସଂଖ୍ୟାରେ ପୁଞ୍ଜିନିବେଶକାରୀଙ୍କୁ ଆକୃଷ୍ଟ କରିବା ଲାଗି ତାଙ୍କ ଉଦ୍ୟମ ଜାରି ରହିବ। ପୁଞ୍ଜିନିବେଶକାରୀଙ୍କ ସହ ୱାନ୍ ଟୁ ୱାନ୍ ଆଲୋଚନା କରିବେ। ଆସନ୍ତା ବର୍ଷ ଜାନୁଆରୀ ୨୮ ଓ ୨୯ ରେ ଉତ୍କର୍ଷ ଓଡ଼ିଶା: ମେକ୍ ଇନ୍ ଓଡ଼ିଶା ୨୦୨୫ କନ୍‌କ୍ଲେଭ ପାଇଁ ଦିନ ଧାର୍ଯ୍ୟ ହୋଇଛି। ଫୁଡ୍ ପ୍ରୋସେସିଂ, ଆଇଟି, କେମିକାଲ, ପେଟ୍ରୋ କେମିକାଲ କ୍ଷେତ୍ରରେ ପୁଞ୍ଜିନିବେଶ ପାଇଁ ପ୍ରାଥମିକତାର ସାଙ୍ଗକୁ ବିଭିନ୍ନ ପୁଞ୍ଜିନିବେଶକାରୀଙ୍କ ସହ ଆଲୋଚନା ହେବ। ଓଡ଼ିଶାରେ ପୁଞ୍ଜି ଲଗାଣ ତଥା ଶିଳ୍ପ ପ୍ରତିଷ୍ଠା ସମ୍ବନ୍ଧରେ ଥିବା ସକାରାତ୍ମକ ଇକୋ ସିଷ୍ଟମ ସମ୍ବନ୍ଧରେ ଅବଗତ କରାଇବେ। ଆସନ୍ତା ୫ ବର୍ଷରେ ୫ ଲକ୍ଷ କୋଟି ଟଙ୍କାର ପୁଞ୍ଜି ଆକର୍ଷିତ କରିବା ହେଉଛି ତାଙ୍କର ଲକ୍ଷ୍ୟ। ଖୁସିର ବିଷୟ ଗତ ୧୦୦ ଦିନ ଭିତରେ ୪୫ ହଜାର କୋଟି ଟଙ୍କାର ପୁଞ୍ଜି ଓଡ଼ିଶାକୁ ଆସିସାରିଛି। ଜଗନ୍ନାଥଙ୍କ ଆଶୀର୍ବାଦରେ ଓଡ଼ିଶାକୁ ଦ୍ରୁତ ଶିଳ୍ପାୟନ ପଥରେ ଆଗେଇନେବା ପାଇଁ ତାଙ୍କ ପ୍ରଚେଷ୍ଟା ଜାରି ରହିବ। ରାଜ୍ୟବାସୀଙ୍କ ପକ୍ଷରୁ ଏହି କାର୍ଯ୍ୟର ଶୁଭାରମ୍ଭ କରିବାକୁ ଯାଉଛି, ସମସ୍ତେ ଆଶୀର୍ବାଦ କରନ୍ତୁ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ତାଙ୍କ ସହ ଶିଳ୍ପମନ୍ତ୍ରୀ ସମ୍ପଦ ସ୍ୱାଇଁ, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ଏବଂ ଶିଳ୍ପ ବିଭାଗର ବରିଷ୍ଠ ପଦାଧିକାରୀମାନେ ଗସ୍ତ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ଦେଶର ଆମ୍ବାସାଡର, ହାଇ କମିଶନର, ଟ୍ରେଡ୍ କମିଶନର, କନ୍‌ସଲ୍ଟ ଜେନେରାଲଙ୍କ ସହ ଆଲୋଚନା ହେବ। ବିଭିନ୍ନ ଶିଳ୍ପପତିଙ୍କ ସହ ୱାନ୍ ଟୁ ୱାନ୍ ଆଲୋଚନା ହେବା କାର୍ଯ୍ୟକ୍ରମ ମଧ୍ୟ ରହିଛି। ଶେଷରେ ଏକ ରୋଡ୍ ଶୋ ଆୟୋଜିତ ହେବ। ଆସନ୍ତା ଜାନୁଆରୀ ୨୮ ଏବଂ ୨୯ରେ ମେକ୍ ଇନ୍ ଓଡ଼ିଶା କାର୍ଯ୍ୟକ୍ରମ ଆୟୋଜନ ହେବ। ତେଣୁ ଏହା ପୂର୍ବରୁ ରାଜ୍ୟକୁ ନିବେଶ ଆଣିବାକୁ ନିବେଶକଙ୍କ ସହ ମୁଖ୍ୟମନ୍ତ୍ରୀ ଆଲୋଚନା କରିବେ। ତେବେ ମୁଖ୍ୟମନ୍ତ୍ରୀଙ୍କ ୨ଦିନିଆ ଝାଡ଼ଖଣ୍ଡ ଗସ୍ତ କାର୍ଯ୍ୟକ୍ରମ ଶେଷ ହୋଇଛି।

# ୪ରେ ଲଘୁଚାପ ସମ୍ଭାବନା: ବାତ୍ୟା ଆଶଙ୍କା ନାହିଁ

## ୭ରୁ ୧୧ ହାଲୁକାରୁ ମଧ୍ୟମ ଧରଣ ବର୍ଷା

ଭୁବନେଶ୍ୱର,୨।୧୦(ଅନିଲ ଦାସ )

ଦକ୍ଷିଣ-ପୂର୍ବ ବାଂଲାଦେଶ ଓ ଏହା ନିକଟବର୍ତ୍ତୀ ଅଞ୍ଚଳରେ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇଛି। ଏହାର ପ୍ରଭାବରେ ଆସନ୍ତା ୪ ତାରିଖ ବେଳକୁ ଉତ୍ତର ବଙ୍ଗୋପସାଗର ନିକଟସ୍ଥ ପଶ୍ଚିମବଙ୍ଗ ଓ ଓଡ଼ିଶା ଉପକୂଳରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ରହିଛି। ଏହାର ପ୍ରଭାବରେ ଆସନ୍ତା ୭ ତାରିଖରୁ ୧୧ ତାରିଖ ମଧ୍ୟରେ ଉପକୂଳ, ଉତ୍ତର ଓ ଦକ୍ଷିଣ ଓଡ଼ିଶାରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହେବାର ସମ୍ଭାବନା ରହିଛି । ଉତ୍ତର ଓଡ଼ିଶାର କେତେକ ସ୍ଥାନରେ ପ୍ରବଳ ବର୍ଷା ହୋଇପାରେ। ତେବେ ବାତ୍ୟା ନେଇ କୌଣସି ଆକଳନ କରାଯାଇ ନାହିଁ ବୋଲି ଭାରତୀୟ ପାଣିପାଗ ବିଭାଗ(ଆଇଏମ୍‌ଡି) ମହାନିର୍ଦ୍ଦେଶକ ମୃତ୍ୟୁଞ୍ଜୟ ମହାପାତ୍ର କହିଛନ୍ତି। ସେ କହିଛନ୍ତି, ବର୍ତ୍ତମାନ ଏଲ୍-ନିନ୍ୟୋ ସକ୍ରିୟ ନାହିଁ। ପ୍ରଶାନ୍ତ ମହାସାଗରରେ ନ୍ୟୁଟ୍ରାଲ୍ ଲା-ନିନା କଣ୍ଡିଶନ ଚାଲିଛି। ତେଣୁ ଅକ୍ଟୋବର ଓ ନଭେମ୍ବରରେ ଲା-ନିନା କଣ୍ଡିଶନରେ ଉନ୍ନତି ହେବ। ଲା-ନିନା କଣ୍ଡିଶନ ଯେତେବେଳେ ଡେଭଲପ୍ ହୁଏ, ସେତେବେଳେ ଉତ୍ତର ଭାରତରେ ତାପମାତ୍ରା କମ୍ ରହିଥାଏ। ସାଧାରଣତଃ ଲା-ନିନା ବର୍ଷଗୁଡ଼ିକରେ ତାପମାତ୍ରା କମ୍ ରହିଥିବା ଦେଖାଯାଇଛି। ଏଥିଯୋଗୁ ଅଧିକ ଥଣ୍ଡା ଅନୁଭୂତ ହୋଇଥାଏ। କିନ୍ତୁ ବର୍ତ୍ତମାନ ଅକ୍ଟୋବର ଓ ନଭେମ୍ବରରେ ଦୁର୍ବଳ ଲା-ନିନା କଣ୍ଡିଶନ ହେବ। ତାହା ଧୀରେ ଧୀରେ ସକ୍ରିୟ ହେବ। କିଭଳି ସକ୍ରିୟ ହେବ, ତାକୁ ଅନୁଧ୍ୟାନ କଲେ କେତେ ପରିମାଣରେ ଥଣ୍ଡା ବଢ଼ିବ ଜଣାପଡ଼ିବ ବୋଲି ସେ କହିଛନ୍ତି। ଅନ୍ୟପକ୍ଷରେ ଗତ କିଛିଦିନ ହେବ ରାଜ୍ୟରେ ସର୍ବୋଚ୍ଚ ତାପମାତ୍ରା ୩୭ରୁ ୩୮ ଡିଗ୍ରୀ ସେଲ୍‌ସିୟସ ମଧ୍ୟରେ ରହୁଛି। ଆର୍ଦ୍ରତା ପରିମାଣ ୭୦ରୁ ୮୦ ପ୍ରତିଶତ ରହୁଥିବାରୁ ଗରମ ସାଙ୍ଗକୁ ଗୁଳୁଗୁଳି ଜନଜୀବନକୁ ଅସ୍ତବ୍ୟସ୍ତ କରିଛି। ତେବେ ଆସନ୍ତା ୭ ତାରିଖ ବେଳକୁ ରାଜ୍ୟକୁ ପୂର୍ବ ଦିଗରୁ ବାୟୁ ପ୍ରବାହ ହେବ। ତାପମାତ୍ରା ତଳକୁ ଖସିବା ସହ ଆକାଶ ମେଘାଚ୍ଛନ୍ନ ରହିବ ବୋଲି ଅନୁମାନ କରାଯାଉଛି। ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ସୂଚନା ଅନୁଯାୟୀ, ଗୁରୁବାର ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡ଼ା, ଯାଜପୁର, କଟକ, ଜଗତ୍‌ସିଂହପୁର, ଢେଙ୍କାନାଳ, ଅନୁଗୋଳ ଓ କେନ୍ଦୁଝର ଜିଲାରେ ଘଡ଼ଘଡ଼ି ସହ ବଜ୍ରପାତ ହେବାର ସମ୍ଭାବନା ରହିଛି। ଏହି ସବୁ ଜିଲା ପାଇଁ ପାଣିପାଗ ବିଭାଗ ପକ୍ଷରୁ ୟେଲୋୱାର୍ଣ୍ଣିଂ ଜାରି କରାଯାଇଛି।

# ଦନ୍ତାକୁ ଟ୍ରାଙ୍କୁଲାଇଜ୍ ପରେ ରେଡିଓକଲାର ଲଗାଇଲା

## ବଣାଇଁ ଅଞ୍ଚଳରେ ଆତଙ୍କ ଖେଳାଇଥିଲା

ବଣାଇଁ,୨।୧୦(ପ୍ରଦୀପ ତ୍ରିପାଠୀ)



ସୁନ୍ଦରଗଡ଼ ଜିଲା ବଣାଇଁ ବନାଞ୍ଚଳରେ ଉତ୍ପାତ କରୁଥିବା ଏକ ଗୋଠଛଡା ଦନ୍ତାକୁ ବୁଧବାର ସକାଳେ ବନବିଭାଗ ଟ୍ରାଙ୍କୁଲାଇଜ କରି ରେଡିଓକୁଲାର ଲଗାଇଛି। ଆବଶ୍ୟକ ସ୍ଥଳେ ଦନ୍ତାକୁ ସ୍ଥାନାନ୍ତର କରାଯିବ ବୋଲି ବନବିଭାଗ ପକ୍ଷରୁ ସୂଚନା ମିଳିଛି। ଦନ୍ତା ୮ମାସରୁ ଊର୍ଦ୍ଧ୍ୱ ସମୟ ଧରି ବଣାଇଁ ସହର ସମେତ ଆଖପାଖରେ ଉତ୍ପାତ ଜାରି ରଖି ବ୍ୟାପକ ଫସଲ ନଷ୍ଟ ସହ ୨ଶହରୁ ଊର୍ଦ୍ଧ୍ୱ ଘର ଭାଙ୍ଗି ଥିଲା। ଏନେଇ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ଏବେ ରେଡିଓକୁଲାର ମାଧ୍ୟମରେ ହାତୀର ଲୋକେଶନ ପ୍ରତି ବନବିଭାଗ ଧ୍ୟାନ ରଖିବ। ଆବଶ୍ୟକ ସ୍ଥଳେ ପୁନଃ ଟ୍ରାଙ୍କୁଲାଇଜ କରି ଅନ୍ୟତ୍ର ପଠାଯିବ ବୋଲି ବଣାଇଁ ବନାଞ୍ଚଳ ଅଧିକାରୀ ଦେବାଶିଷ ନାଏକ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ଗତ ୩ ସପ୍ତାହ ତଳେ ଅନୁରୂପ ଏକ ହାତୀଠାରେ ରେଡିଓକୁଲାର ଯନ୍ତ୍ର ଲଗାଇ ଥିଲେ ହେଁ ପୂର୍ବବତ ହାତୀଟି କୋଇଡ଼ା ବନାଞ୍ଚଳରେ ଘୂରି ବୁଲୁଛି।

## ଆପାର୍ଟମେଣ୍ଟରେ ମହିଳାଙ୍କୁ ଗଣବଳାତ୍କାର ଘଟଣା

# ଧରାପଡ଼ିଲେ ୩ ଅଭିଯୁକ୍ତ

ଭୁବନେଶ୍ୱର, ୨।୧୦(ସତ୍ୟଜିତ୍ ରାଉତ)



ଭୁବନେଶ୍ୱର ମୈତ୍ରୀବିହାର ଥାନା ଅଧୀନ ଏକ ବସ୍ତିରେ ଥିବା ଆପାର୍ଟମେଣ୍ଟରେ ଜଣେ ମହିଳାଙ୍କୁ ଗଣବଳାତ୍କାର ଘଟଣାରେ କମିଶନରେଟ୍ ପୋଲିସ ୩ଜଣ ଅଭିଯୁକ୍ତଙ୍କୁ ବୁଧବାର ଧରିଛି। ଗିରଫ ଅଭିଯୁକ୍ତମାନେ ହେଲେ ସାଲିଆ ସାହିରେ ରହୁଥିବା ନୟାଗଡ଼ ଜିଲା ଶରଣକୁଳ ଥାନା ଅଧୀନ କେଶରପୁରର ବିକାଶ ନାୟକ (୨୬), ଧଉଳିଥାନା ଅଧୀନ ରେବତିନଗରରେ ରହୁଥିବା ମୟୂରଭଞ୍ଜ ଜିଲା ଖୁଣ୍ଟା ଥାନା ଅଞ୍ଚଳର ଜଗା ସିଂ ଓରଫ କାଟିଆ (୨୫) ଏବଂ ସ୍ଥାନୀୟ ବସ୍ତିରେ ରହୁଥିବା ନୟାଗଡ଼ ଜିଲା ଖଣ୍ଡପଡ଼ା ଥାନା ବଳରାମପ୍ରସାଦ ଅଞ୍ଚଳର ଟୁକୁନା ନାୟକ (୨୭)। ବିକାଶ ଓ ଜଗା ଫ୍ଲାଟରେ ପଶି ମହିଳାଙ୍କୁ ବଳାତ୍କାର କରିଥିବାବେଳେ ଟୁକୁନା ବାହାରେ ରହି ସୁରକ୍ଷା ଦେବା ସହ ଆପରାଧିକ ଯୋଜନାରେ ସମ୍ପୃକ୍ତି ଥିଲେ ବୋଲି ଖବରଦାତା ସମ୍ମିଳନୀରେ ପୋଲିସ କମିଶନର ଏସ୍. ଦେବଦତ୍ତ ସିଂ ସୂଚନା ଦେଇଛନ୍ତି। ଗିରଫ ଅଭିଯୁକ୍ତଙ୍କଠାରୁ ୨ଟି ମୋବାଇଲ, ଗୋଟେ ପରିବା କଟା ଛୁରି ଓ ଗୋଟିଏ ସ୍କୁଟି ଜବତ ହୋଇଛି। ମୈତ୍ରୀ ବିହାର ଥାନା ପୋଲିସ ଅଭିଯୁକ୍ତମାନଙ୍କୁ ଗୁରୁବାର କୋର୍ଟଚାଲାଣ କରିବ ବୋଲି ସୂଚନା ଦିଆଯାଇଛି।

### ଅଭ୍ୟାସଗତ ଅପରାଧୀ, ଏକାଧିକ ଥର ଜେଲ ଯାଇଛନ୍ତି

ଅଭିଯୁକ୍ତ ଜଗା ଓ ବିକାଶ ଜଣେ ଅଭ୍ୟାସଗତ ଅପରାଧୀ। ଚୋରି, ଡକାୟତି, ଲୁଟ୍ ମାମଲା ଆଦିରେ ସେମାନଙ୍କ ସମ୍ପୃକ୍ତି ରହିଛି। ବିକାଶଙ୍କ ନାଁରେ ଚନ୍ଦ୍ରଶେଖରପୁର ଥାନାରେ ୭ଟି ମାମଲା ରହିଛି। ସେହିପରି ଜଗାଙ୍କ ନାଁରେ ମଧ୍ୟ ଚନ୍ଦ୍ରଶେଖରପୁର ଥାନାରେ ୫ ଓ ଭରତପୁର ଥାନାରେ ଗୋଟିଏ ମାମଲା ରହିଛି। ଏକାଧିକ ଥର ଜେଲ ଯାଇ ପୁଣି ଜାମିନରେ ଫେରିଛନ୍ତି। ଦୁଇବର୍ଷ ତଳେ ଉଭୟଙ୍କୁ ଚନ୍ଦ୍ରଶେଖରପୁର ଥାନା ପୋଲିସ ସିଆର୍‌ପିସିର ଦଫା ୧୧୦ରେ ପୁଣି ଜେଲ ପଠାଇଥିଲା।

### ଦିନେ ପୂର୍ବରୁ ମୋବାଇଲ ଚୋରି କରି ଯୋଜନା କରିଥିଲେ

ପୀଡ଼ିତା ୨୯ ବର୍ଷୀୟା ମହିଳାଙ୍କ ସ୍ୱାମୀ ଅନ୍ୟ ସ୍ଥାନରେ ସୁପରଭାଇଜର ଭାବେ କାମ କରନ୍ତି। ସେ ଉକ୍ତ ଆପାର୍ଟମେଣ୍ଟରେ ଏକ ଫ୍ଲାଟରେ ୨ବର୍ଷର ଶିଶୁକନ୍ୟା ସହ ୨୦ଦିନ ହେଲା ଭଡ଼ାରେ ରହିଥିଲେ। ଅନ୍ୟପକ୍ଷରେ ଅଭିଯୁକ୍ତ ଟୁକୁନା ମଧ୍ୟ ଉକ୍ତ ଆପାର୍ଟମେଣ୍ଟ କଲୋନିରେ ଘର ପାଇ ପରିବାର ସହ ରହୁଛନ୍ତି। ଉକ୍ତ ବସ୍ତିରେ ବିକାଶ ଓ ଜଗା ପୂର୍ବରୁ ରହୁଥିବାବେଳେ ତାଙ୍କ ପରିବାରକୁ ସରକାରଙ୍କ ପକ୍ଷରୁ ଘର ମିଳି ନ ଥିଲା। ସେମାନେ ଅନ୍ୟ ସ୍ଥାନରେ ରହି ଅଧିକାଂଶ ସମୟରେ ଟୁକୁନାଙ୍କ ଘରକୁ ଆସନ୍ତି। ତେବେ ଅଭିଯୁକ୍ତମାନେ କୁନିଝିଅ ସହ ରହୁଥିବା ମହିଳାଙ୍କୁ ଦେଖି ଚୋରି ଯୋଜନା କରିଥିଲେ। ଏପରିକି ପ୍ରାୟ ସମୟରେ ମହିଳାଙ୍କ ଘରର ବାଲ୍‌କୋନି କବାଟ ଖୋଲା ରହୁଥିବାରୁ ଅଭିଯୁକ୍ତମାନଙ୍କ ପାଇଁ କାଣ୍ଡ ଘଟାଇବା ସହଜ ମନେ ହୋଇଥିଲା। ଗତ ସେପ୍ଟେମ୍ବର ୨୮ ରାତିରେ ବିକାଶ ଓ ଜଗା ମହିଳାଙ୍କ ଘରେ ପଶି ଏକ ମୋବାଇଲ ଚୋରି କରିଥିଲେ। ତେବେ ଏହାପରେ ସେମାନେ ଚୋରି ସହ ବଳାତ୍କାର କରିବାକୁ ମଧ୍ୟ ଯୋଜନା କରିଥିଲେ। ଏନେଇ ଉଭୟେ ଟୁକୁନାଙ୍କୁ କହି ସୁଚିନ୍ତିତ ଯୋଜନା କରିଥିଲେ। ସେପ୍ଟେମ୍ବର ୨୯ ରାତିରେ ଟୁକୁନା ବାହାରେ ରହି ସୁରକ୍ଷା ଦେଇଥିଲେ। ଜଗା ଓ ବିକାଶ ପୁଣି ସେହି ବାଲ୍‌କୋନି ଦେଇ ଘରେ ପଶି କାଣ୍ଡ ଘଟାଇଥିଲେ। ଏପରିକି ଘରେ ଥିବା ଏକ ପରିବା କଟା ଛୁରି ଦେଖାଇ ଭୟଭୀତ କରିବା ସହ ମହିଳାଙ୍କୁ ଗଣ ବଳାତ୍କାର କରିଥିଲେ। ଏଥିସହ ମହିଳାଙ୍କ ସୁନା କାନଫୁଲ ସହ ଏକ ମୋବାଇଲ ଚୋରି କରିନେଇଥିଲେ ବୋଲି ମହିଳା ଜଣଙ୍କ ଅଭିଯୋଗ କରିଥିଲେ।

### ପୀଡ଼ିତାଙ୍କ ମୋବାଇଲ ଟ୍ରାକ୍ କରି ଅଭିଯୁକ୍ତଙ୍କ ପାଖରେ ପହଞ୍ଚିଲା ପୋଲିସ

ସରକାରଙ୍କ ପକ୍ଷରୁ ବସ୍ତି ବାସିନ୍ଦାଙ୍କୁ ସୁଲଭ ଆବାସ ପ୍ରକଳ୍ପ ଅଧୀନରେ ଯୋଗାଇଯାଇଥିବା ଉକ୍ତ ଆପାର୍ଟମେଣ୍ଟରେ ସିସିଟିଭି ନାହିଁ। ଏହି ଘଟଣାରେ ମହିଳାଙ୍କ ବ୍ୟତୀତ କେହି ଅନ୍ୟ କେହି ସାକ୍ଷୀ ନ ଥିବାରୁ ପୋଲିସ ଅଭିଯୁକ୍ତଙ୍କୁ ଧରିବା ଚାଲେଞ୍ଜ ହୋଇଥିଲା। କେବଳ ପୀଡ଼ିତାଙ୍କଠୁ ଚୋରି ହୋଇଥିବା ମୋବାଇଲକୁ ଟ୍ରାକ୍ କରି ଅଭିଯୁକ୍ତଙ୍କୁ ଧରିବା ପାଇଁ ପୋଲିସ ଯୋଜନା କରିଥିଲା। ମଙ୍ଗଳବାର ବିଳମ୍ବିତ ରାତିରେ ପୋଲିସ ଉକ୍ତ ମୋବାଇଲକୁ ଟ୍ରାକ୍ କରି ଜଗା ଓ ବିକାଶଙ୍କୁ ଧରିଥିଲା। ତାଙ୍କୁ ପଚରାଉଚରା ପରେ ଟୁକୁନାଙ୍କ ବାବଦରେ ଜଣାପଡ଼ିଥିଲା।

### ଏନ୍‌ଏଚ୍‌ଆର୍‌ସିରେ ଅଭିଯୋଗ, ପୀଡ଼ିତାଙ୍କୁ ୧୦ ଲକ୍ଷ କ୍ଷତିପୂରଣ ଦାବି

ଆପାର୍ଟମେଣ୍ଟରେ ମହିଳାଙ୍କୁ ଗଣବଳାତ୍କାର ଘଟଣାରେ ମାନବାଧିକାର କର୍ମୀ ଜୟନ୍ତ କୁମାର ଦାସ ଜାତୀୟ ମାନବାଧିକାର କମିଶନ (ଏନ୍‌ଏଚ୍‌ଆର୍‌ସି) ନିକଟରେ ଅଭିଯୋଗ କରିଛନ୍ତି। ଜୟନ୍ତ କମିଶନଙ୍କ ନିକଟରେ ଏକାଧିକ ଦିଗ ସଂକ୍ରାନ୍ତରେ ପ୍ରାର୍ଥନା କରିଛନ୍ତି। ଅଭିଯୁକ୍ତଙ୍କ ଗିରଫ ସହ ୬୦ଦିନ ମଧ୍ୟରେ ଚାର୍ଜଶିଟ୍ ଦାଖଲ କରି କୋର୍ଟରେ ଶୁଣାଣି, ପୀଡ଼ିତାଙ୍କୁ ୧୦ ଲକ୍ଷ ଟଙ୍କାର କ୍ଷତିପୂରଣ ରାଶି ପ୍ରଦାନ ସହ ଜନବସତି ଅଞ୍ଚଳରେ ସିସିଟିଭି ଲଗାଯିବାକୁ ଗୁରୁତ୍ୱ ଦିଆଯିବାକୁ ଜୟନ୍ତ ଦାବି କରିଛନ୍ତି।



**ଆଜିର ମନ୍ତବ୍ୟ**

ଏକବିଂଶ ଶତାବ୍ଦୀରେ ଲୋକଙ୍କ ସହଭାଗିତାରେ ସର୍ବବୃହତ୍ ଅଭିଯାନ ସ୍ୱଚ୍ଛ ଭାରତ ମିଶନ ଦେଶର ସମୃଦ୍ଧି ଅଭିମୁଖେ ନୂଆ ବାଟ କଢ଼ାଉଛି।

– ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ

# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ପଣ୍ଡିତ ନୀଳମଣି ମିଶ୍ରଙ୍କ ୨୭ତମ ବାର୍ଷିକ ଶ୍ରାଦ୍ଧୋତ୍ସବ, ସ୍ଥାନ: କେଦାରନାଥ ଗବେଷଣା ପ୍ରତିଷ୍ଠାନ, ସମୟ: ସନ୍ଧ୍ୟା ୬ଟା।

## କଟକ

- ଡ. କେଶବ ଚନ୍ଦ୍ର ସାହୁଙ୍କ ୨୨ତମ ଶ୍ରାଦ୍ଧ ବାର୍ଷିକୀ, ସ୍ଥାନ: ଡ. କେଶବ ଚନ୍ଦ୍ର ସାହୁ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସର, ପ୍ରଫେସରପଡ଼ା, ସମୟ: ପୂର୍ବାହ୍ନ ୧୧ଟା।

## ବାଲେଶ୍ୱର

- ଦୁର୍ଗାପୂଜା ପାଇଁ ପ୍ରଶାସନିକ ବୈଠକ, ସ୍ଥାନ: ଗାନ୍ଧୀସ୍ମୃତି ଭବନ, ବାଲେଶ୍ୱର, ସମୟ: ଅପରାହ୍ନ ୪ଟା।
- ଦୁର୍ଗାପୂଜା ଓ ରାବଣପୋଡି ଉତ୍ସବ ନିମନ୍ତେ ଶାନ୍ତି କମିଟି ବୈଠକ, ସ୍ଥାନ:ପୋଲିସ ଷ୍ଟେଶନ ପରିସର, ରୂପସା, ସମୟ: ଅପରାହ୍ନ ୪ଟା ୩୦।

## ଭଦ୍ରକ

- ଓଡ଼ିଶା ଆଦର୍ଶ ବିଦ୍ୟାଳୟ ସଂଗଠନର ଜିଲାସ୍ତରୀୟ ପ୍ରତିଷ୍ଠା ଉତ୍ସବ, ସ୍ଥାନ, ଉଲଙ୍ଗ, ଭଦ୍ରକ, ସମୟ: ପୂର୍ବାହ୍ନ ୧୦ ଟା।
- ପଞ୍ଚାୟତରାଜ ଓ ପାନୀୟ ଜଳ ବିଭାଗ ସ୍ୱତନ୍ତ୍ର ସଚିବ ତଥା ଓରମାସର ନିର୍ଦ୍ଦେଶିକାଙ୍କ ବିଭିନ୍ନ ବ୍ଲକ୍ ଗସ୍ତ, ସମୟ: ପୂର୍ବାହ୍ନ ୧୦ଟା।

## କେନ୍ଦୁଝର

- ମା' ଗଡ଼ଚଣ୍ଡୀଙ୍କ ଶୈଳପୁତ୍ରୀ ବେଶରେ ପୂଜା ଏବଂ ଭଜନ କୀର୍ତ୍ତନ, ସ୍ଥାନ: ସୁନ୍ଦରାପାଳ, ହାଟଡ଼ିହୀ, ସମୟ: ସକାଳ ୬ ଓ ସନ୍ଧ୍ୟା ୭ ଟା।
- ମା' ଭାଟିଆସୁଣୀ ପୀଠରେ ଦୁର୍ଗାପୂଜା ଆରମ୍ଭ, ସ୍ଥାନ: ଜଳସରପୁର, ହାଟଡ଼ିହୀ, ସମୟ: ସକାଳ ୬ ଟା ୩୦।
- ମା' ଦୁର୍ଗାଙ୍କ ମନ୍ଦିରରେ ନବରାତ୍ର ପୂଜା ଆରମ୍ଭ ଏବଂ ଭଜନ ସମାରୋହ, ସ୍ଥାନ: ଡ଼ଆଁର, ହାଟଡ଼ିହୀ, ସମୟ: ସକାଳ ୬ ଟା ଏବଂ ସନ୍ଧ୍ୟା ୭ ଟା।
- ପାଟଣା ବ୍ଲକସ୍ତରୀୟ ସୁରଭି କାର୍ଯ୍ୟକ୍ରମ, ସ୍ଥାନ: ପାଟଣା ବ୍ଲକ୍ ମୁଖ୍ୟାଳୟ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ପାଟଣା, ସମୟ: ପୂର୍ବାହ୍ନ ୧୦ ଟା।
- ବ୍ଲକ୍ ତରଫରୁ ମହିଳା ମିଶନ ଶକ୍ତି ବୈଠକ, ସ୍ଥାନ: ହାଟଡ଼ିହୀ, ସମୟ : ଅପରାହ୍ନ ୪ ଟା।

## ମୟୂରଭଞ୍ଜ

- ରୋଗୀ ସେବା ନିମନ୍ତେ ନୂତନ କ୍ୟାବିନ ଲୋକାର୍ପଣ, ସ୍ଥାନ:ଉଦଳା ଉପଖଣ୍ଡ ଡାକ୍ତରଖାନା ପରିସର, ସମୟ: ପୂର୍ବାହ୍ନ ୧୦ଟା।

## ବ୍ରହ୍ମପୁର

- ନଗର ଉନ୍ନୟନ ମନ୍ତ୍ରୀଙ୍କ ସମୀକ୍ଷା, ସ୍ଥାନ: ବିଇଏମସି କାର୍ଯ୍ୟାଳୟ , ସମୟ: ପୂର୍ବାହ୍ନ ୧୦ଟା ୩୦।

## ଗଞ୍ଜାମ

- ବିଜେଡିର ସାଙ୍ଗଠନିକ ବୈଠକ, ସ୍ଥାନ: ବୁଗୁଡା କଦମ୍ବ ମଠ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଶ୍ରୀଅରବିନ୍ଦ ପାଠଚକ୍ର, ସ୍ଥାନ: ଭଞ୍ଜନଗର ଲଣ୍ଡେଇସାହି, ସମୟ: ସନ୍ଧ୍ୟା ୭ଟା।

## କନ୍ଧମାଳ

- ନବରାତ୍ର ଉପଲକ୍ଷେ ମା'ଶୈଳପୁତ୍ରୀଙ୍କ ପୂଜା, ସ୍ଥାନ: ବାଲିଗୁଡ଼ା ମା' ପାଟଖଣ୍ଡା ମନ୍ଦିର ପରିସର ମଣ୍ଡପ, ସମୟ: ସନ୍ଧ୍ୟା ୭ଟା।

## ଜଗତ୍‌ସିଂହପୁର

- ପୀଠ ପରିଷଦ ଆଦିତ୍ୟ ବାହିନୀ, ଆନନ୍ଦ ବାହିନୀର ଦ୍ୱିତୀୟ ବାର୍ଷିକ ମହୋତ୍ସବ, ସ୍ଥାନ: ଜଗନ୍ନାଥ ମନ୍ଦିର, ମଧୁବନ, ପାରାଦୀପ ସମୟ: ସକାଳ ୬ ଟା।

## କେନ୍ଦ୍ରାପଡ଼ା

- ମାଆ ପାଇଁ ଗଛଟିଏ କାର୍ଯ୍ୟକ୍ରମ, ସ୍ଥାନ: ତ୍ରିଲୋଚନପୁର, କେନ୍ଦ୍ରାପଡ଼ା, ସମୟ: ପୂର୍ବାହ୍ନ ୧୦ଟା।

## ଯାଜପୁର

- ରାଜ୍ୟସ୍ତରୀୟ ବ୍ୟାଡମିଣ୍ଟନ ଓ ହ୍ୟାଣ୍ଡବଲ ଟୁର୍ଣ୍ଣାମେଣ୍ଟ, ସ୍ଥାନ: ଯାଜପୁର ଜିଲା ସ୍କୁଲ ଓ ଇଣ୍ଡୋର ଷ୍ଟାଡିୟମ, ସମୟ: ପୂର୍ବାହ୍ନ ୧୦ଟା।

## ନୟାଗଡ଼

- ନୀଳମାଧବ ମନ୍ଦିର ପାର୍ଶ୍ୱଦେବୀ ମା'ବିମଳାଙ୍କ ନବଦିନାତ୍ମକ ପୂଜା ଆରମ୍ଭ, ସ୍ଥାନ: କଣ୍ଟିଲୋ ନୀଳମାଧବ ମନ୍ଦିର, ସମୟ: ସକାଳ ୭ଟା।
- ଶୋଡଷ ଦିବସୀୟ ପୂଜାର ଦଶମ ଦିବସ, ସ୍ଥାନ: କନକ ଦୁର୍ଗା ଦେବୀ ଠାକୁରାଣୀ ପୀଠ ନୟାଗଡ଼ ପୁରୁଣା ସହର ରାଜବାଟୀ ପାଖ, ସମୟ: ସକାଳ ୭ଟା।
- ଶୋଡଷ ଦିବସୀୟ ପୂଜାର ଦଶମ ଦିବସ, ସ୍ଥାନ: କଣ୍ଟିଲୋ ନୀଳମାଧବ ମନ୍ଦିରର ବିମଳା ପୀଠ, ସମୟ: ସକାଳ ୭ଟା।
- ଶୋଡଷ ଦିବସୀୟ ପୂଜାର ଦଶମ ଦିବସ, ସ୍ଥାନ: ଶରଣକୁଳ ଲଡୁବାବାଙ୍କ ପୀଠ ପାର୍ବତୀ ଠାକୁରାଣୀଙ୍କ ମନ୍ଦିର, ସମୟ: ସନ୍ଧ୍ୟା ୭ଟା।
- ଦିଶା ବୈଠକ, ସ୍ଥାନ: ନୟାଗଡ଼ ଜିଲା ପରିଷଦର ସମ୍ମିଳନୀ କକ୍ଷ ସୃଜନ ହଲ, ସମୟ: ଅପରାହ୍ନ ସାଢ଼େ ୩ଟା।

## ରାୟଗଡ଼ା

- ଜିଲାସ୍ତରୀୟ ତମାଖୁ ମୁକ୍ତ ଯୁବ ଅଭିଯାନ, ସ୍ଥାନ: ସିଡିଏମ୍‌ଓଙ୍କ କାର୍ଯ୍ୟାଳୟ, ରାୟଗଡା, ସମୟ: ମଧ୍ୟାହ୍ନ ୧୨ଟା ୩୦।
- ଫସଲ ବିବିଧିକରଣ ଅନ୍ତର୍ଗତ ସମସ୍ତ ଅଂଶୀଦାର ଦକ୍ଷତା ବୃଦ୍ଧି ଓ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ଲକ୍ଷ୍ମୀ ନୃସିଂହ ହଲ୍, ଗୁଣପୁର, ସମୟ: ପୂର୍ବାହ୍ନ ୧୦ଟା।

## ନବରଙ୍ଗପୁର

- ବ୍ଲକସ୍ତରୀୟ ସୁରଭି କାର୍ଯ୍ୟକ୍ରମ, ସ୍ଥାନ: ଝରିଗାଁ ସରକାରୀ ନୋଡାଲ ହାଇସ୍କୁଲ ପରିସର, ସମୟ: ପୂର୍ବାହ୍ନ ୧୦ଟା।

## କୋରାପୁଟ

- ବାଟମଙ୍ଗଳାଙ୍କ ନବରାତ୍ର ପୂଜା ଆରମ୍ଭ, ସ୍ଥାନ: ବାଟ ମଙ୍ଗଳା ମନ୍ଦିର, କୋରାପୁଟ, ସମୟ: ମଧ୍ୟାହ୍ନ ୧୨ ଟା।
- କେନ୍ଦ୍ରୀୟ ବିଦ୍ୟାଳୟ ପ୍ରଥମ ପରିଚାଳନା କମିଟି ବୈଠକ, ସ୍ଥାନ: କେନ୍ଦ୍ରୀୟ ବିଦ୍ୟାଳୟ, କୋରାପୁଟ, ସମୟ: ଅପରାହ୍ନ ୪ ଟା।
- ଜିଲା ବନ ସୁରକ୍ଷା ସମିତିର ସମୀକ୍ଷା ବୈଠକ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ, କୋରାପୁଟ, ସମୟ:ଅପରାହ୍ନ ୫ ଟା।

## ସମ୍ବଲପୁର

- ସମଲେଇଙ୍କ ଧବଳମୁଖୀ ବେଶ ଦର୍ଶନ, ସ୍ଥାନ: ସମଲେଇ ମନ୍ଦିର, ସମୟ: ପ୍ରାତଃ ୫ଟା।
- ରାଜ୍ୟ ବିଦ୍ୟାଳୟସ୍ତରୀୟ ସନ୍ତରଣ ପ୍ରତିଯୋଗିତା, ସ୍ଥାନ: ଡା.ଝସକେତନ ସାହୁ ସନ୍ତରଣାଗାର, ସମୟ: ସକାଳ ୮ଟା
- ଆବାହନୀ ପକ୍ଷରୁ ଚିତ୍ର ପ୍ରଦର୍ଶନୀ ଉଦ୍‌ଘାଟନ ଉତ୍ସବ, ସ୍ଥାନ: ବଡବଜାର ସ୍ଥିତ ଲଳିତକଳା ଏକାଡେମୀର ଆଞ୍ଚଳିକ ଆର୍ଟ ଗ୍ୟାଲେରୀ, ସମୟ: ପୂର୍ବାହ୍ନ ୧୦ଟା।
- ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ସମାବର୍ତ୍ତନ ଉତ୍ସବ, ସ୍ଥାନ: ଗଙ୍ଗାଧର ମେହେର ବିଶ୍ୱ ବିଦ୍ୟାଳୟ ପ୍ରେକ୍ଷାଳୟ, ସମୟ: ପୂର୍ବାହ୍ନ ୧୧ ଟା।
- ସର୍ବଭାରତୀୟ ବୀର ସୁରେନ୍ଦ୍ର ସାଏ ଫୁଟବଲ ପ୍ରତିଯୋଗିତା, ସ୍ଥାନ: ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମ, ସମୟ: ଅପରାହ୍ନ ୩ଟା।

## ବଲାଙ୍ଗୀର

- ବ୍ୟାଡ୍‌ମିଣ୍ଟନ ପ୍ରଶିକ୍ଷଣ କାର୍ଯ୍ୟକ୍ରମ, ସ୍ଥାନ: ପୃଥ୍ୱୀରାଜ ହାଇସ୍କୁଲ ଇନ୍‌ଡୋରଷ୍ଟାଡିୟମ, ବଲାଙ୍ଗୀର, ସମୟ: ସକାଳ ୬ଟା ୩୦।

## ସୁବର୍ଣ୍ଣପୁର

- ସୁରେଶ୍ୱରୀଙ୍କ ମନ୍ଦିର ପରିସରରେ ସୂର୍ଯ୍ୟ ପୂଜା ସହ ଚଣ୍ଡୀଯଜ୍ଞ ଆରମ୍ଭ, ସ୍ଥାନ: ସୁରେଶ୍ୱରୀ ଯଜ୍ଞ ମଣ୍ଡପ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣମନ୍ତ୍ରୀଙ୍କ ସମୀକ୍ଷା ବୈଠକ, ସ୍ଥାନ: ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୧ଟା ୩୦।

## ବରଗଡ଼

- ସମଲେଶ୍ୱରୀଙ୍କ ଶାରଦୀୟ ପୂଜନୋତ୍ସବ, ସ୍ଥାନ: ସମଲେଶ୍ୱରୀ ମନ୍ଦିର, ତଳିପଡ଼ା, ବରଗଡ଼, ସମୟ: ସକାଳ ୬ଟା।
- ନବରାତ୍ର ଦୁର୍ଗାପୂଜା, ସ୍ଥାନ: ଗୌରୀ ମଣ୍ଡପ, ନାଏକପଡ଼ା, ବରଗଡ଼, ସମୟ: ସକାଳ ୬ଟା।
- ମା' ବାଟମଙ୍ଗଳାଙ୍କ ଶାରଦୀୟ ଦୁର୍ଗାପୂଜା, ସ୍ଥାନ: ବିଶାଳପାଲି, ଭଟଲି, ସମୟ: ସକାଳ ୬ଟା।
- ବିଦ୍ୟୁତ୍, ଆଇନଶୃଙ୍ଖଳା ସମସ୍ୟା ନେଇ ଜନସଭା, ସ୍ଥାନ: ଅଡ଼ଗାଁ ବଜାର ପ୍ରାଙ୍ଗଣ, ବରଗଡ଼, ସମୟ: ପୂର୍ବାହ୍ନ ୧୦ଟା।
- ଶାରଦୀୟ ନବରାତ୍ର ଦୁର୍ଗାପୂଜା, ସ୍ଥାନ: ସୋହେଲା, ସମୟ: ସକାଳ ୭ଟା।
- ଜିଲା ବରିଷ୍ଠ ନାଗରିକ ସଂଘର ସଭା, ସ୍ଥାନ: ସଂଘ କାର୍ଯ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ଟା ୩୦।

## ଝାରସୁଗୁଡ଼ା

- ପ୍ରଥମ ନବ ରାତ୍ରି ଉପଲକ୍ଷେ ସ୍ୱତନ୍ତ୍ର ପୂଜାଅର୍ଚ୍ଚନା ସହ ଆଳତି, ସ୍ଥାନ: ସହରସ୍ଥିତ ଷ୍ଟେଶନ ଛକ କନକ ଦୁର୍ଗା ମନ୍ଦିର ପ୍ରାଙ୍ଗଣ, ସମୟ: ପ୍ରାତଃ ୪ଟା ୩୦।
- ପ୍ରଥମ ନବରାତ୍ରି ଉପଲକ୍ଷେ ସ୍ୱତନ୍ତ୍ର ପୂଜା ଅର୍ଚ୍ଚନା ସହ ଆଳତି, ସ୍ଥାନ: ସହର ବେହେରାମାଲସ୍ଥିତ ତାରିଣୀ ମନ୍ଦିର ପ୍ରାଙ୍ଗଣ, ସମୟ: ପ୍ରାତଃ ୫ଟା।
- ଆଗାମୀ ଦୁର୍ଗାପୂଜା ପାଇଁ ଶେଷ ପ୍ରସ୍ତୁତି ବୈଠକ, ସ୍ଥାନ: ସହରସ୍ଥିତ ମଙ୍ଗଳବଜାର ଦୁର୍ଗା ପେଣ୍ଡାଲ, ସମୟ: ଅପରାହ୍ନ ୪ଟା।

## ସୁନ୍ଦରଗଡ଼

- ୧୦ ଦିନିଆ ଫଳ ଓ ପନିପରିବାରେ ସଂଯୋଜନ ଓ ମୁକୁଳ କଲମୀକରଣ ତାଲିମ କାର୍ଯ୍ୟକ୍ରମ, ସ୍ଥାନ: କୃଷି ବିଜ୍ଞାନ କେନ୍ଦ୍ର,କିରେଇ,ସମୟ: ସକାଳ ୧୦ଟା।
- ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ସୁରଭି, ସ୍ଥାନ: ହରିହର ସରକାରୀ ଉଚ୍ଚ ବିଦ୍ୟାଳୟ, ସମୟ: ସକାଳ ୯ଟା୩୦।

## ରାଉରକେଲା

- ଟିପିଡବ୍ଲ୍ୟୁଓଡିଏଲର ଦକ୍ଷତା ବିକାଶ ପ୍ରଶିକ୍ଷଣ କାର୍ଯ୍ୟକ୍ରମ, ସ୍ଥାନ: ଆଇଟିଆ, ରାଉରକେଲା, ସମୟ: ସକାଳ ୧୦ଟା।

## ଦେବଗଡ଼

- ଜିଲାସ୍ତରୀୟ ବିଦ୍ୟାଳୟ ସମୂହ ଖେଳକୁଦ ପ୍ରତିଯୋଗିତା ଉଦ୍‌ଯାପିତ, ସ୍ଥାନ: ଇନ୍ଦିରା ଗାନ୍ଧୀ ଷ୍ଟାଡିୟମ, ଦେବଗଡ଼, ସମୟ: ସକାଳ ୯ଟା।
- ଅଗ୍ରସେନ ଜୟନ୍ତୀ ପାଳନ, ସ୍ଥାନ: ଅଗ୍ରେସନ ଭବନ, ସମୟ: ଅପରାହ୍ନ ୨ଟା।
- ନବରାତ୍ର ପୂଜା ପାଇଁ କଳସ ଯାତ୍ରା, ସ୍ଥାନ: ପ୍ରଧାନପାଟ ଜଳପ୍ରପାତଠାରୁ କନକ ଦୁର୍ଗା ମନ୍ଦିର, ସମୟ: ଅପରାହ୍ନ ୫ଟା।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠସାହି, ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।
- ଶିରିଡ଼ି ସାଇ ମନ୍ଦିର କମିଟି ପକ୍ଷରୁ ଖିରି ଭୋଗ ବଣ୍ଟନ, ସ୍ଥାନ: ଶିରିଡ଼ି ସାଇ ମନ୍ଦିର, ପ୍ରଧାନପାଟ, ସମୟ: ସନ୍ଧ୍ୟା ୭ଟା ୩୦।

## ନୂଆପଡ଼ା

- ନବମ ମା' ବସ୍ତ୍ରାଣୀ କପ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ ଫାଇନାଲ, ସ୍ଥାନ: କୋମନା ବ୍ଲକ ମାନିଗୁଡା ପଞ୍ଚାୟତ ସିହିନାମୁଣ୍ଡା ତ୍ରିଭୁଜ ଖେଳପଡିଆ, ସମୟ: ଅପରାହ୍ନ ୩ଟା।
- ନବରାତ୍ର ଉପଲକ୍ଷେ କଳସ ଶୋଭାଯାତ୍ରା, ସ୍ଥାନ: ନୂଆପଡା ସଦର ବ୍ଲକ ସାରାବଙ୍ଗ ପଞ୍ଚାୟତ ଭୌଇଁଷିପାଟ ମନ୍ଦିର, ସମୟ: ଅପରାହ୍ନ ୩ଟା।
- ନବରାତ୍ର ଦୁର୍ଗାପୂଜା ଆରମ୍ଭ ଓ ଦୀପ ପ୍ରଜ୍ୱଳନ, ସ୍ଥାନ: ଦୁର୍ଗା ମଣ୍ଡପ ନୂଆପଡ଼ା, ସମୟ: ପୂର୍ବାହ୍ନ ୧୧ଟା।

## ବୌଦ୍ଧ

- ଉତ୍ତରାଞ୍ଚଳ ରାଜସ୍ୱ ଆୟୁକ୍ତଙ୍କ ବୌଦ୍ଧ ଗସ୍ତ ଓ ଜିଲାସ୍ତରୀୟ ଅଧିକାରୀଙ୍କ ବୈଠକ, ସ୍ଥାନ: ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ବୌଦ୍ଧ, ସମୟ: ମଧ୍ୟାହ୍ନ ୧୨ଟା ୩୦ ମିନିଟ।
- ନିପୁନ ଓଡିଶା ମିଶନ କାର୍ଯ୍ୟକ୍ରମ, ସ୍ଥାନ: ଜିଲାପାଳଙ୍କ ସମ୍ମିଳନୀ କକ୍ଷ , ବୌଦ୍ଧ, ସମୟ : ଅପରାହ୍ନ ୫ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** – ଆଜି ଧନାଧିପ ସପ୍ତମସ୍ଥ ଯୋଗୁ ଅର୍ଥ, ସମ୍ମାନ ସହ କର୍ମକ୍ଷେତ୍ରରେ ସମ୍ମାନର ଅଧିକାରୀ ହେବେ। ନିଜ ଲୋକଙ୍କ ପ୍ରତିରୋଧ କାମକୁ ବିଶୃଙ୍ଖଳିତ କରିପାରେ। ଆନୁଷ୍ଠାନିକ କାମ, ସଭାସମିତି, ସଙ୍ଗଠନ, ରାଜନୀତି କ୍ଷେତ୍ରରେ ଉନ୍ନତମାନର ସୁଫଳ ପାଇବେ। ମଙ୍ଗଳଙ୍କ ଦୁର୍ବଳତା ସାମୟିକ ଯୋଗୁ ସ୍ୱାସ୍ଥ୍ୟ ଭଲ ରହି ନ ପାରେ।

**ବୃଷ** – ବୁଧ ଚାରୋଟି ଗ୍ରହ ସଂଯୋଗରେ ରହିଥିବାରୁ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବା ପୂର୍ବରୁ ପରିବାର ସହ ଆଲୋଚନା କରିପାରିଲେ ଭଲ। ବନ୍ଧୁବର୍ଗଙ୍କ ସକାଶେ ଯେତେକଲେ ମଧ୍ୟ ଅଭିଯୋଗ ପାଇବେ। ବନ୍ଧୁଙ୍କ ସମ୍ମୁଖରେ ଦୁଃଖ ଲୁଚାଇବାର ଅପଚେଷ୍ଟା କରି ଧରାପଡ଼ି ଯାଇପାରନ୍ତି। ବ୍ୟବସାୟିକ ସମସ୍ୟା ବୃଦ୍ଧି ପାଇପାରେ।

**ମିଥୁନ** – ଷଷ୍ଠାଧିପ ମଙ୍ଗଳ ରାଶିରେ ଅବସ୍ଥାନ କରିଥିବାରୁ ଯେସାକୁ ତେସା ନୀତିରେ କାମ କରିବାକୁ ମନସ୍ଥ କରିପାରନ୍ତି। ବ୍ୟବସାୟରେ ଉନ୍ନତି କରିବେ କିନ୍ତୁ ଋଣ ପରିଶୋଧର ମାର୍ଗ ଉନ୍ମୁକ୍ତ ହେବନାହିଁ। ପ୍ରଶାସନିକ ସ୍ତରରେ ସ୍ଥିତି ଅନୁକୂଳ ହୋଇପାରେ। କୌଣସି ଦୂରାଗତ ବନ୍ଧୁଙ୍କ ସହାୟତାରେ ମୂଲ୍ୟବାନ୍ ଦ୍ରବ୍ୟ ପାଇପାରନ୍ତି।

**କର୍କଟ** – ଚନ୍ଦ୍ର ଓ ଶୁକ୍ରଙ୍କ ସ୍ଥିତିରୁ ଆନୁଷ୍ଠାନିକ କାମ, ବନ୍ଧୁ ସମ୍ପର୍କ, କଳା, ସାହିତ୍ୟ ଓ ରଚନାତ୍ମକ କାର୍ଯ୍ୟରେ ଅଗ୍ରଗତି ଘଟିବ। ଭୁଲ୍ ବୁଝାମଣା ଓ ସନ୍ଦେହଜନିତ ପାରିବାରିକ ସମସ୍ୟା ଗୁରୁତର ହୋଇପାରେ। ଶୀଘ୍ର ଶୀଘ୍ର କାମଟିକୁ ସମ୍ପନ୍ନ କରିବା ସକାଶେ ପରିଶ୍ରମଜନିତ କ୍ଲାନ୍ତି ଅନୁଭବ କରିପାରନ୍ତି। ବାଣିଜ୍ୟ ଓ ବ୍ୟବସାୟିକ ସ୍ଥିତି ପ୍ରାୟତଃ ଭଲ ରହିବ।

**ସିଂହ** – ରବିଙ୍କ ଦୁର୍ବଳତା ଆପଣଙ୍କ ଦୁର୍ବଳ ସ୍ୱାସ୍ଥ୍ୟକୁ ନିର୍ଦ୍ଦେଶିତ କରୁଥିଲେ ମଧ୍ୟ ଅନ୍ୟମାନଙ୍କ ସହାୟତାରେ ଆଶା ପୂରଣ ହେବ। ମାନସିକ ଶାନ୍ତି ବ୍ୟାହତ ହୋଇପାରେ। ନୀଚସ୍ଥ ଶୁକ୍ର ପ୍ରଭାବରେ ଯାହା କଲେ ମଧ୍ୟ ସୁଫଳ ମିଳିବ ନାହିଁ। ହିତୈଷୀମାନଙ୍କ ଦ୍ୱାରା ପ୍ରଭାବିତ ହୋଇ ସତ୍‌ସଙ୍ଗ ସାଙ୍ଗକୁ ଧର୍ମଚର୍ଚ୍ଚା ପ୍ରତି ମନ ବଳିପାରେ।

**କନ୍ୟା** – ସୁଖଭାବସ୍ଥ ଶୁକ୍ର ହେତୁ ଜନସମର୍ଥନ ହାସଲ କରିପାରିବେ। ପାରିବାରିକ ଜୀବନରେ ଆଶ୍ୱସ୍ତି ଅନୁଭବ କରିବେ। ବନ୍ଧୁମାନେ ସହଯୋଗ କରିବାର ପ୍ରତିଶ୍ରୁତି ଦେବେ କିନ୍ତୁ ନିର୍ଦ୍ଦିଷ୍ଟ ସମୟରେ ଦୂରେଇ ରହିଯିବାର ସୂଚନା ରହିଛି। ଆତ୍ମୀୟସ୍ୱଜନଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତା ବଢ଼ିପାରେ, ଅବଶ୍ୟ ବିଶେଷ କିଛି ଅସୁବିଧା ହେବନାହିଁ।

**ତୁଳା** – ଆଜିର ଅନୁକୂଳ ଗ୍ରହସ୍ଥିତି ଆପଣଙ୍କୁ ଆର୍ଥିକ ଅଭିବୃଦ୍ଧି, ସାମାଜିକ ସମ୍ମାନ ସହ କାର୍ଯ୍ୟସିଦ୍ଧିର ସୂଚନା ପ୍ରଦାନ କରେ। ଅନ୍ୟମାନଙ୍କୁ ସାହାଯ୍ୟ କରିବାକୁ ଯାଇ ନିଜେ ହଇରାଣରେ ପଡ଼ିପାରନ୍ତି। ପାରିବାରିକ ପରିସ୍ଥିତି ପୂର୍ବପରି ରହିବ କିନ୍ତୁ ସଭାସମିତିରେ ଯୋଗଦେଇ ଲାଭବାନ୍ ହେବେ। ଦୈହିକ ଦୁର୍ବଳତା ଯୋଗୁ ମନୋବଳ କମିଯାଇପାରେ।

**ବିଛା** – ଚନ୍ଦ୍ର କେନ୍ଦ୍ରରୁ ବୃହସ୍ପତି ନବମସ୍ଥ ଯୋଗୁ ଅଭିଳାଷ ପୂରଣ କରିପାରିବେ। ଶନିଙ୍କ କୁପ୍ରଭାବରୁ ହାତମୁଠାରୁ କେତେକ ସୁଯୋଗ ଖସିଯାଇପାରେ। କେତେକ କ୍ଷେତ୍ରରେ ମନକଥା ମନରେମାରି ରହିବେ, ମୁହଁ ଖୋଲିବାର ରାସ୍ତା ପାଇବେ ନାହିଁ। ପାରିବାରିକ ତିକ୍ତତାର ସମାପ୍ତି ଘଟାଇବାରେ ସମ୍ମାନ୍ୱନୀୟ ବ୍ୟକ୍ତି ସହାୟତା କରିପାରନ୍ତି।

**ଧନୁ** – ଶନି ସହ ଚନ୍ଦ୍ରଙ୍କ ଷଡ଼ାଷ୍ଟକ ସ୍ଥିତିରୁ ପ୍ରତ୍ୟେକ କାର୍ଯ୍ୟ ବିଳମ୍ବରେ ହେବ। ଉତ୍ତରାଷାଢ଼ା ନକ୍ଷତ୍ର ସ୍ଥଗିତ କାର୍ଯ୍ୟକୁ ତ୍ୱରାନ୍ୱିତ କରିବେ ଏବଂ ଅର୍ଥ ସଂଗ୍ରହରେ ତତ୍ପର ହୋଇ ସଫଳତା ପାଇବେ। ପାରିବାରିକ ଝଞ୍ଜାଳ ବଢ଼ିପାରେ। ଦେହ ଭଲ ରହିଲେ ମଧ୍ୟ ରକ୍ତଚାପ କିମ୍ବା ଡାଇବେଟିସ୍ ରୋଗରେ କଷ୍ଟ ପାଇପାରନ୍ତି।

**ମକର** – ଭାଗ୍ୟସ୍ଥ ରାଜଯୋଗ ସମସ୍ତ ଗ୍ରହ ଆପଣଙ୍କ ସବୁ ଆଶା ଓ ଅଭିଳାଷକୁ ପୂରଣ କରିବେ। କିନ୍ତୁ ଧନିଷ୍ଠା ନକ୍ଷତ୍ର ଭାରସାମ୍ୟ ଅଭାବରୁ ଆଜି ଯେତେ ସୁବିଧାରେ ଚଳିବା ପାଇଁ ଚେଷ୍ଟାକଲେ ମଧ୍ୟ ସାମାନ୍ୟ ଅସୁବିଧା ଅନୁଭବ କରିବେ। ମନୋରଞ୍ଜନ ସକାଶେ ମନ ବଳାଇବେ କିନ୍ତୁ ଆର୍ଥିକ ଦୂରବସ୍ଥା ତାହା କରାଇ ଦେବନାହିଁ।

**କୁମ୍ଭ** – ଶନିଙ୍କ ଶୁଭଦୃଷ୍ଟିରୁ ସ୍ୱାସ୍ଥ୍ୟ ଭଲ ରହିବ। ସାହିତ୍ୟ, କଳା ଓ ରଚନାତ୍ମକ କାମରେ ଉଚ୍ଚ ପ୍ରଶଂସା ପାଇବେ ତଥାପି ନିକଟସ୍ଥ ବନ୍ଧୁମାନେ ଖୁସି ହେବେନାହିଁ। ଭ୍ରମଣ ହେତୁକ କ୍ଲାନ୍ତି ଓ ଅବସାଦ ଦେଖାଦେଇପାରେ, ଫଳତଃ ସ୍ୱାସ୍ଥ୍ୟହାନିର ଆଶଙ୍କା ରହିବ। ବନ୍ଧୁମାନେ ଠିକ୍ ଖବର ଦେବାରେ ହେଳା କରିପାରନ୍ତି, ଯାହାକି ଅସୁବିଧାର କାରଣ ହୋଇପାରେ।

**ମୀନ** – ଦେବଗୁରୁଙ୍କ କୃପାରୁ କୌଣସି କାମ ଅଟକିବ ନାହିଁ ଏବଂ ପ୍ରତ୍ୟେକ ସ୍ତରରେ ସମ୍ମାନିତ ହେବେ। ପର କଥାକୁ ପ୍ରାଧାନ୍ୟ ଦେଇ ଦାମ୍ପତ୍ୟ ଜୀବନରେ ଝଡ଼ ସୃଷ୍ଟି ହୋଇପାରେ। ନିର୍ମାଣାଧୀନ କାମ ଶେଷ ପର୍ଯ୍ୟାୟରେ ପହଞ୍ଚିବ କିନ୍ତୁ ଅର୍ଥାଭାବ ଓ ପାରିବାରିକ ସମସ୍ୟା ହେତୁ ଉଦାସୀନ ରହିବେ। କଳା, ସାହିତ୍ୟାଦି କ୍ଷେତ୍ରରେ ସୁଫଳ ପାଇବେ।

ଆଜି ଆଶ୍ୱିନ ଶୁକ୍ଳ ପ୍ରତିପଦା ଗୁରୁବାର, ଅକ୍ଟୋବର ୩ ତାରିଖ, ବିଶ୍ୱ ପ୍ରକୃତି ଦିବସ, ଶ୍ରୀମନ୍ଦିରରେ ଶ୍ରୀ ଦୁର୍ଗାମାଧବଙ୍କ ବାହାର ବିଜେ, ଚାତୁର୍ମାସ୍ୟା ଗୁରୁବାର ବ୍ରତ, ରାଶି ନକ୍ଷତ୍ର-ହସ୍ତା/କନ୍ୟା, ପ୍ରତିପଦାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଅଦ୍ୟ ସକାଳ.ଘ.୦୫।୪୧ମି. ଗତେ ଘ.୦୭।୧୫ମି. ମଧ୍ୟେ, ଘ.୦୬।୧୮ମି. ଗତେ ଘ.୦୯।୩୩ମି. ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୦୧।୦୩ମି. ଗତେ ଘ.୦୨।୩୨ମି. ମଧ୍ୟେ ରାହୁକାଳ।

ପ୍ରଥମ ପୃଷ୍ଠାରୁ...

## ଗୁଟେରେସ୍‌ଙ୍କୁ ଇସ୍ରାଏଲ୍...

ଏହି ଘୋଷଣା ପରେ ଜାତିସଂଘ ଓ ଇସ୍ରାଏଲ୍ ମଧ୍ୟରେ ବଢ଼ିଚାଲିଥିବା ଫାଟ ଆହୁରି ଗଭୀର ହେବା ସହ ତିକ୍ତତା ବୃଦ୍ଧି ପାଇବ ବୋଲି କୁହାଯାଉଛି। ପ୍ରକାଶ ଯେ, ମଙ୍ଗଳବାର ରାତିରେ ଇସ୍ରାଏଲ୍ ଉପରେ ଇରାନ ୧୮୦ରୁ ଊର୍ଦ୍ଧ୍ୱ ବାଲିଷ୍ଟିକ୍ ମିଶାଇଲ୍ ମାଡ଼ କରିଥିଲା। ସେଥିରୁ ଅଧିକାଂଶ କ୍ଷେପଣାସ୍ତ୍ରକୁ ଇସ୍ରାଏଲ୍‌ର ଆଇରନ୍ ଡୋମ୍ ନିଷ୍ପ୍ରଭ କରିଦେଇଥିଲା। ଏନେଇ ଗୁଟେରେସ୍ ଏକ୍ସ'ରେ ଉଲ୍ଲେଖ କରିଥିଲେ, ମଧ୍ୟପ୍ରାଚ୍ୟରେ ସଂଘର୍ଷ ବଢ଼ିବାରେ ଲାଗିଥିବାବେଳେ ଉତ୍ତେଜନା ପରେ ଉତ୍ତେଜନା ପ୍ରକାଶ ପାଇବାରେ ଲାଗିଛି। ଏହା ବନ୍ଦ ହେବା ଜରୁରୀ। ଆମକୁ ସମ୍ପୂର୍ଣ୍ଣ ଅସ୍ତ୍ରବିରତି ଆବଶ୍ୟକ। ଅନ୍ୟପକ୍ଷେ ଦକ୍ଷିଣ ଲେବାନନ୍‌କୁ ସ୍ଥଳଭାଗରେ ଇସ୍ରାଏଲ୍ ସୀମିତ ଆକ୍ରମଣ କରିବା ପରେ ଜାତିସଂଘ ମହାସଚିବ କହିଥିଲେ, ଲେବାନନ୍‌ରେ ସଂଘର୍ଷକୁ ନେଇ ସେ ଅତ୍ୟନ୍ତ ଚିନ୍ତିତ। ଲେବାନନ୍‌ର ସାର୍ବଭୌମତ୍ୱ ଓ ଅଖଣ୍ଡତାକୁ ସମ୍ମାନ ଦିଆଯିବା ଜରୁରୀ। ଲେବାନନ୍‌ରେ ଯେକୌଣସି ପ୍ରକାରେ ଯୁଦ୍ଧକୁ ଏଡ଼ାଇଦେବା ଆବଶ୍ୟକ।

ଗୁଟେରେସ୍‌ଙ୍କ ଏଭଳି ଦୋମୁହାଁ ନୀତିକୁ ନେଇ ଇସ୍ରାଏଲ୍ ଅସନ୍ତୋଷ ବ୍ୟକ୍ତ କରିଛି। କାଟ୍‌ଜ ଆହୁରି କହିଛନ୍ତି, ଏହି ବ୍ୟକ୍ତି ଜାତିସଂଘର ସେକ୍ରେଟାରି ଜେନେରାଲ, ଯିଏ ୨୦୨୩ ଅକ୍ଟୋବର ୭ରେ ହମାସ୍ ଦ୍ୱାରା କରାଯାଇଥିବା ଗଣହତ୍ୟା ଓ ଯୌନ ଅପରାଧକୁ ଆଜି ପର୍ଯ୍ୟନ୍ତ ନିନ୍ଦା କରିନାହାନ୍ତି। ଏପରି କି ସେ ସଶସ୍ତ୍ର ହମାସ୍‌କୁ ଆତଙ୍କବାଦୀ ବୋଲି ମଧ୍ୟ ମାନିବାକୁ ପ୍ରସ୍ତୁତ ନୁହନ୍ତି। ହମାସ୍, ହେଜ୍‌ବୋଲ୍ଲା ଓ ହୁତିର ଆତଙ୍କବାଦୀ, ବଳାତ୍କାରୀ, ହତ୍ୟାକାରୀମାନଙ୍କୁ ପ୍ରୋତ୍ସାହନ ଦେଉଥିବା ଜଣେ ମହାସଚିବ ଏବେ ବୈଶ୍ୱିକ ଆତଙ୍କବାଦର ଜନନୀ ଇରାନକୁ ସମର୍ଥନ କରୁଛନ୍ତି। ଜାତିସଂଘ ଇତିହାସରେ ସେ ଜଣେ କଳଙ୍କିତ ବ୍ୟକ୍ତି ଭାବେ ମନେରହିବେ। ଇସ୍ରାଏଲ୍ ନିଜ ନାଗରିକଙ୍କ ସୁରକ୍ଷା ଓ ଜାତୀୟ ସମ୍ମାନ ପାଇଁ ପ୍ରତିରକ୍ଷାମୂଳକ ପଦକ୍ଷେପ ଜାରି ରଖିବ। ଗୁଟେରେସ୍ ଥାଆନ୍ତୁ କି ନ ଥାଆନ୍ତୁ, ପରବାୟ ନାହିଁ।

## ଜରୁରୀ ନ ଥିଲେ...

ରଖିଛନ୍ତି। ଆବଶ୍ୟକ ନ ଥିଲେ କୌଣସି ଭାରତୀୟ ଇରାନକୁ ଯାଆନ୍ତୁ ନାହିଁ ବୋଲି ଉଲ୍ଲେଖ ଥିବା ବିବୃତିକୁ ମନ୍ତ୍ରଣାଳୟ ମୁଖପାତ୍ର ରଣଧୀର ଜୈସ୍ୱାଲ ଏକ୍ସ'ରେ ଶେୟାର କରିଛନ୍ତି।

### ଦିଲ୍ଲୀର ଇସ୍ରାଏଲୀ ଦୂତାବାସରେ କଡ଼ା ସୁରକ୍ଷା

ମଧ୍ୟପ୍ରାଚ୍ୟ ସ୍ଥିତି ଗମ୍ଭୀର ଥିବାରୁ ନୂଆଦିଲ୍ଲୀର ତୁଗଲକ୍ ରୋଡ୍ ଅଞ୍ଚଳସ୍ଥିତ ଇସ୍ରାଏଲ ଦୂତାବାସରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି। ଅଧିକ ସୁରକ୍ଷା କର୍ମଚାରୀଙ୍କୁ ମୁତୟନ କରି ଯାଞ୍ଚ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରାଯାଇଛି। ବହୁସ୍ତରୀୟ ସୁରକ୍ଷା ବଳୟ ମଧ୍ୟରେ ଥିବା ଏହି ଏରିଆର ବିଭିନ୍ନ ସ୍ଥାନରେ ସିସିଟିଭି ସଂଲଗ୍ନ କରାଯାଇଥିବା ଦିଲ୍ଲୀ ପୋଲିସ କହିଛି। ଇସ୍ରାଏଲ୍ ଦୂତାବାସ ଓ ଏହା ନିକଟରେ ପୂର୍ବରୁ ୨ ଥର ବିସ୍ଫୋରଣ ଘଟିଥିବାବେଳେ କେହି ମୃତାହତ ହୋଇ ନ ଥିଲେ।



ଅସୁସ୍ଥମାନଙ୍କୁ ଗଛ ମୂଳେ ଚିକିତ୍ସା କରାଯାଉଛି।

## ଅଜଣା ରୋଗ...

ଏହା ସ୍ପଷ୍ଟ ହେବ ବୋଲି ସୂଚନା ସେ ଦେଇଛନ୍ତି। ଏ ନେଇ ଜିଲା ମୁଖ୍ୟ ଚିକିତ୍ସା ଏବଂ ଜନସ୍ୱାସ୍ଥ୍ୟ ଅଧିକାରୀ ଡା.ପଣ୍ଡାଙ୍କୁ ପଚାରିବାରୁ ଲୋକେ ଅଧିକ ଦିନର ମାଂସ ଖାଇ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇଛନ୍ତି। ମେଡିକାଲରେ ୨ ଜଣଙ୍କ ମୃତ୍ୟୁ ହୋଇଛି। ଅନ୍ୟ ମୃତକଙ୍କ ବିଷୟରେ ଏବେ ଠିକ୍ ଭାବେ କହି ହେବନାହିଁ। କୋଟଗଡ଼ ମେଡିକାଲରେ ୪ ଜଣ ଚିକିତ୍ସାଧୀନ ଥିବା ସେ କହିଛନ୍ତି।

## ସିସିଟିଭି: ଥାଇ...

ଖୋର୍ଦ୍ଧା ଆଦର୍ଶ ଥାନା, ଶିଳ୍ପାଞ୍ଚଳ ଥାନା, ବାଘମାରୀ, ବେଗୁନିଆ ଓ ବୋଲଗଡ଼ ଥାନା ରହିଥିବାବେଳେ ବାଲୁଗାଁ ଏସଡିପିଓ ଅଧୀନରେ ନିରାକାରପୁର, ଟାଙ୍ଗୀ, ବାଲୁଗାଁ, ବାଣପୁର ଓ ନାରୁଣୀ ଥାନା ରହିଛି। ଖୋର୍ଦ୍ଧା ଶିଳ୍ପାଞ୍ଚଳ ଥାନାରେ ଆବଶ୍ୟକ ପରିମାଣର ସିସିଟିଭି ନ ଥିବା ଜଣାପଡ଼ିଛି। ଶିଳ୍ପାଞ୍ଚଳ ଥାନା ପୂର୍ବରୁ ଫାଣ୍ଡି ଥିଲା। ଗତବର୍ଷ ତାହା ଥାନାରେ ପରିବର୍ତ୍ତନ ହୋଇଛି। ସେଠାରେ ପୂର୍ବରୁ ମାତ୍ର ୨ଟି ସିସିଟିଭି ଲାଗିଥିଲା। ହେଲେ କିଛିଦିନ ପରେ ତାହା ଅଚଳ ହୋଇଯାଇଥିଲା। ଏବେ ଭରତପୁର ଥାନା ଘଟଣା ପରେ ଉକ୍ତ ସିସିଟିଭିକୁ ମରାମତି କରାଯାଇଛି ବୋଲି ଥାନା ଅଧିକାରିଣୀ ଗାୟତ୍ରୀ ମିଶ୍ର କହିଛନ୍ତି। ତେବେ ନିଜ ନାମ ଗୋପନ ରଖିବା ସର୍ତ୍ତରେ ଶିଳ୍ପାଞ୍ଚଳ ଥାନାର ଜଣେ ଥାନାବାବୁଙ୍କ କହିବା ହେଲା ଏଠାରେ ୬ଟି ସିସିଟିଭି ଲାଗିବା କଥା। ହେଲେ ମାତ୍ର ୨ଟି ସିସିଟିଭିରେ କାମ ଚଳାଇବାକୁ ପଡୁଛି। ଥାନା ଅଧିକାରୀଙ୍କ ପ୍ରକୋଷ୍ଠରେ ଗୋଟିଏ ସିସିଟିଭି ଲାଗିଥିବାବେଳେ ବାହାର ପାର୍ଶ୍ୱକୁ ଆଉ ଗୋଟେ ଲାଗିଛି। ଅନ୍ୟ ପୋଲିସ କର୍ମଚାରୀଙ୍କ ପ୍ରକୋଷ୍ଠରେ କିମ୍ବା ପୋଲିସ ହାଜତ ନିକଟରେ ସିସିଟିଭି ନାହିଁ। ଯଦି ଏହି ସବୁ ସ୍ଥାନରେ କୌଣସି ଅଘଟଣ ଘଟେ କିମ୍ବା ପୋଲିସ କୌଣସି ପ୍ରମାଣ ନଷ୍ଟ କରିବାକୁ ଚାହେଁ, ତେବେ ସେଥିପାଇଁ କିଏ ଉତ୍ତରଦାୟୀ ରହିବେ, ତାକୁ ନେଇ ନାନା ଚର୍ଚ୍ଚା। ସେହିପରି ଏବେ ନାରୁଣୀ ଥାନା ନୂତନ କୋଠାରେ ଚାଲିଛି। ଓଡ଼ିଶା ପୋଲିସ ପକ୍ଷରୁ ନୂତନ ଭାବେ ନିର୍ମିତ କୋଠାରେ ସିସିଟିଭି ଖଞ୍ଜିବା ପାଇଁ ଦାୟିତ୍ୱ ନେଇଥିବା ସଂସ୍ଥା ସିସିଟିଭି ଖଞ୍ଜି ନ ଥିଲା। ପରବର୍ତ୍ତୀ ସମୟରେ ଏଠାରେ ସିସିଟିଭି ଖଞ୍ଜାଯାଇଥିବା ନାରୁଣୀ ଥାନାଧିକାରୀ ଚନ୍ଦ୍ରଶେଖର ଜେନା କହିଛନ୍ତି। ଥାନାର ୩ କୋଠରି ଏବଂ ପରିସରରେ ସିସିଟିଭି କାର୍ଯ୍ୟକ୍ଷମ ରହିଥିବା ସେ କହିଛନ୍ତି।

ଏ ସମ୍ପର୍କରେ ଡିଆଇଜି ତଥା ଏସ୍‌ପି ଅବିନାଶ କୁମାର ସୁପ୍ରିମକୋର୍ଟଙ୍କ ଗାଇଡ୍‌ଲାଇନ ଅନୁସାରେ ଜିଲାର ସମସ୍ତ ଥାନାରେ ସିସିଟିଭି ଲାଗିଛି। ରାଜ୍ୟ ପୋଲିସ ମୁଖ୍ୟାଳୟ ପକ୍ଷରୁ ଆସିଥିବା ଏକ ଟିମ୍ ସମସ୍ତ ଥାନାରେ ଲାଗିଥିବା ସିସିଟିଭି ଯାଞ୍ଚ କରିଛି। କେତେକ ଥାନାରେ ଟେକ୍‌ନିକାଲ, ଇଣ୍ଟରନେଟ ସମସ୍ୟା ଯୋଗୁ ସିସିଟିଭି ଅଚଳ ରହିଥିବା ଜଣାପଡ଼ିବା ପରେ ଏହାକୁ ପୁନଃ ଯାଞ୍ଚ କରି କାର୍ଯ୍ୟକ୍ଷମ କରିବାକୁ ସଦର ଏବଂ ବାଲୁଗାଁ ଏସଡିପିଓଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏନେଇ ସଦର ଏସଡିପିଓ ଅନିଲ ମିଶ୍ର କୁହନ୍ତି ଜଙ୍କିଆ, ଖୋର୍ଦ୍ଧା, ବାଘମାରୀ, ବେଗୁନିଆ ଓ ବୋଲଗଡ ଥାନାରେ ସିସିଟିଭି କାର୍ଯ୍ୟକ୍ଷମ ରହିଥିବା ବେଳେ ଶିଳ୍ପାଞ୍ଚଳ ଥାନାରେ ସିସିଟିଭି ଅଚଳ ରହିଥିଲା। ଏହାକୁ ଆବଶ୍ୟକ ମରାମତି କରାଯାଇଛି। ଏନେଇ ବରିଷ୍ଠ ଆଇନଜୀବୀ ଅଜିତ ପଟ୍ଟନାୟକ କୁହନ୍ତି, ସୁପ୍ରିମକୋର୍ଟଙ୍କ ଗାଇଡ୍‌ଲାଇନ ଅନୁସାରେ ସମସ୍ତ ଥାନାରେ ସିସିଟିଭି ଲଗାଇବା ବାଧ୍ୟତାମୂଳକ ରହିଛି। ତେବେ କେତେକ ଥାନାରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳୁଛି। ଦୀର୍ଘ ଦିନ ଧରି ଅଚଳ ହୋଇ ରହୁଥିବା ସିସିଟିଭିକୁ କାର୍ଯ୍ୟକ୍ଷମ କରାଯାଉନାହିଁ। ସେହିପରି ପୂର୍ବତନ ବାର୍ ସଭାପତି ଶିଶିର ପରିଡ଼ା କୁହନ୍ତି, ଥାନାରେ ସିସିଟିଭି କାର୍ଯ୍ୟକ୍ଷମ ଅଛି କି ନାହିଁ, ଏହା ସ୍ୱତନ୍ତ୍ର ଭାବେ ଯାଞ୍ଚ ହେବା ଦରକାର। ଅନେକ ସମୟରେ ଥାନାରେ ଅଭିଯୋଗକାରୀଙ୍କୁ ପୋଲିସ ଦୁର୍ବ୍ୟବହାର କରୁଥିବା ଘଟଣା ବଢ଼ିଚାଲିଛି। ଭାରତୀୟ ନାଗରିକ ସୁରକ୍ଷା ସଂହିତାରେ ଇଲେକ୍ଟ୍ରୋନିକ୍ସ ତଥ୍ୟକୁ ଗୁରୁତ୍ୱ ଦିଆଯାଉଛି। ତେବେ ପୋଲିସ ଜାଣିଶୁଣି ଥାନା ଆଗରେ ରହିଥିବା କ୍ୟାମେରାକୁ ଉପରମୁହାଁ ରଖିବା, ଅଭିଯୋଗକାରୀଙ୍କ ସହ ଆଲୋଚନାବେଳେ ସିସିଟିଭିରେ ତାହା କଏଦ ନ ହେବା ପୋଲିସର ବିଶ୍ୱସନୀୟତା ଉପରେ ସନ୍ଦେହ ସୃଷ୍ଟି କରୁଛି। କଂଗ୍ରେସ ମୁଖପାତ୍ର ଅମିତ ମହାନ୍ତି ପ୍ରତ୍ୟେକ ଥାନାରେ ଅଭିଯୋଗକାରୀଙ୍କୁ କିଭଳି ବ୍ୟବହାର କରାଯାଉଛି, ତାହାର ଫୁଟେଜ ପଦାକୁ ଆସିବା ଦରକାର ବୋଲି କହିଛନ୍ତି। ଥାନା ଭିତରେ ପୋଲିସର କିଭଳି ବ୍ୟବହାର, ଆଚରଣ ରହୁଛି, ତାହା ସିସିଟିଭିରୁ ଜଣାପଡ଼ିଥାଏ। ଏଥିପ୍ରତି ସରକାର ଗୁରୁତ୍ୱ ଦେବା ଜରୁରୀ ବୋଲି ଅମିତ କହିଛନ୍ତି।

## ରାଜ୍ୟରେ ଖୁବ୍‌ଶୀଘ୍ର...

ପରିଷଦର କାର୍ଯ୍ୟ ନିର୍ବାହୀ ସଦସ୍ୟ ପ୍ରଫେସର ଡ. ସୁସ୍ମିତ ପ୍ରସାଦ ପାଣି ଏବଂ ପ୍ରଫେସର ଡ. ଅତନୁ ପତିଙ୍କ ସମେତ ରାଜ୍ୟର ସମସ୍ତ ସରକାରୀ ବିଶ୍ୱବିଦ୍ୟାଳୟ କୁଳପତିମାନେ ବୈଠକରେ ଯୋଗଦେଇଥିଲେ। ଆସନ୍ତା ୧ରୁ ୩ ସପ୍ତାହ ମଧ୍ୟରେ ଏ ସମ୍ପର୍କରେ ଶୀର୍ଷସ୍ତରରେ ଆଲୋଚନା କରାଯାଇ ଖୁବ୍‌ଶୀଘ୍ର ରାଜ୍ୟରେ ଏହି ନୀତି ଲାଗୁ କରାଯିବା ଉପରେ ମନ୍ତ୍ରୀ ଆଶାବ୍ୟକ୍ତ କରିଛନ୍ତି। ଏଥିସହ ଏହାର କାର୍ଯ୍ୟାନ୍ୱୟନରେ ଯେଉଁ ସମସ୍ୟା ରହିବ, ତାହାକୁ ପର୍ଯ୍ୟାୟକ୍ରମେ ତତ୍କାଳ ସମାଧାନ କରାଯିବ ବୋଲି ମନ୍ତ୍ରୀ କହିଛନ୍ତି।

ବୈଠକ ପ୍ରାରମ୍ଭରେ ବିଭାଗୀୟ କମିଶନର ତଥା ଶାସନ ସଚିବ ଅରବିନ୍ଦ କୁମାର ଅଗ୍ରୱାଲ ଉଚ୍ଚଶିକ୍ଷା ବିଭାଗ ଦ୍ୱାରା ପରିଚାଳିତ ବର୍ତ୍ତମାନ ବିଭିନ୍ନ ପାଠ୍ୟକ୍ରମର ସ୍ଥିତି, ଛାତ୍ରବୃତ୍ତି, ଯୋଜନାର କାର୍ଯ୍ୟକାରିତା ସମ୍ପର୍କରେ ତଥ୍ୟ ଉପସ୍ଥାପନ କରିଥିଲେ। ଏଥିସହ କାର୍ଯ୍ୟକାରୀ ହେବାକୁ ଥିବା ଜାତୀୟ ଶିକ୍ଷା ନୀତି -୨୦୨୦ରେ ରହିଥିବା ଉଲ୍ଲେଖନୀୟ ବ୍ୟବସ୍ଥାର ସାରାଂଶ ଉପରେ ଆଲୋକପାତ କରିଥିଲେ। ଏହି ନୀତି ଲାଗୁ ପାଇଁ ରାଜ୍ୟ ସରକାରଙ୍କ ଅନୁମୋଦନର ଆବଶ୍ୟକତା, ସମ୍ଭାବ୍ୟ ଅସୁବିଧା ଓ ସମାଧାନ ସମ୍ପର୍କରେ ମତ ରଖିଥିଲେ। ଏଥିପାଇଁ ପ୍ରସ୍ତୁତ ରୋଡ୍ ମ୍ୟାପ, ଏହା ଅଧୀନରେ ମଧ୍ୟମ ଓ ଦୀର୍ଘମିଆଦୀ କାର୍ଯ୍ୟାନୁଷ୍ଠାନ ଯୋଜନା ସମ୍ପର୍କରେ ମଧ୍ୟ ସେ ଉପସ୍ଥାପନ କରିଥିଲେ। ଏହି ଆଲୋଚନାରେ ଉତ୍କଳ ବିଶ୍ୱବିଦ୍ୟାଳୟ, ରେଭେନ୍‌ଶା ବିଶ୍ୱବିଦ୍ୟାଳୟ, ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ, ସମ୍ବଲପୁର ବିଶ୍ୱବିଦ୍ୟାଳୟ, ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ, ଫକୀରମୋହନ ବିଶ୍ୱବିଦ୍ୟାଳୟ, ଓଡ଼ିଆ ବିଶ୍ୱବିଦ୍ୟାଳୟ, ଧରଣୀଧର ବିଶ୍ୱବିଦ୍ୟାଳୟ, ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ ଆଦି ବିଭିନ୍ନ ବିଶ୍ୱବିଦ୍ୟାଳୟର କୁଳପତିମାନେ ଅଂଶଗ୍ରହଣ କରି ପ୍ରସ୍ତୁତି ସମ୍ପର୍କରେ ମତ ରଖିବା ସହିତ ବିଭିନ୍ନ ପରାମର୍ଶ ଦେଇଥିଲେ।

## ଜୋତାରେ ତମ୍ପ...

ମଲିକଙ୍କୁ ଖବର ଦେଇଥିଲେ। ସ୍ନେକ୍ ହେଲ୍ପଲାଇନ ସଦସ୍ୟ ରାଜେଶ ସୂତାର ଘଟଣାସ୍ଥଳରେ ପହଞ୍ଚି ୧ ଫୁଟ ଲମ୍ବର ଛୁଆ ତମ୍ପକୁ ଉଦ୍ଧାର କରିବା ପରେ ସହର ବାହାରେ ଏକ ସୁରକ୍ଷିତ ସ୍ଥାନରେ ଛାଡ଼ି ଦେଇଥିଲେ। ଶୁଭେନ୍ଦୁଙ୍କ କହିବାନୁଯାୟୀ, ଜୋତା ପିନ୍ଧିବା ପୂର୍ବରୁ ଲୋକମାନେ ସବୁବେଳେ ସତର୍କତା ଅବଲମ୍ବନ କରିବା ଉଚିତ। ସାପ, ବିଛା କିମ୍ବା ଅନ୍ୟାନ୍ୟ ଜୀବ ଜୋତା ଭିତରେ ଅଧିକାଂଶ ସମୟ ଲୁଚି ରହନ୍ତି। ତେଣୁ ସାବଧାନତାର ସହ ଗୋଇଠି ପରିବର୍ତ୍ତେ ଜୋତାକୁ ସବୁବେଳେ ଆଙ୍ଗୁଠି ପଟୁ ଉଠାଇ ଦେଖିବା ଉଚିତ।

# ଗାନ୍ଧିଜୀଙ୍କ ପାଖରେ ମଣିଷତ୍ୱ, ଦିବ୍ୟତ୍ୱ ଏକାକାର ହୋଇଥିଲା: ମୁଖ୍ୟମନ୍ତ୍ରୀ



## ରାଜ୍ୟସ୍ତରୀୟ ଗାନ୍ଧୀ ଜୟନ୍ତୀ ସମାରୋହ

ଭୁବନେଶ୍ୱର/ଫୁଲ ନଖରା,୨।୧୦(ଅନିଲ ଦାସ/ ସତ୍ୟରଞ୍ଜନ ଦାସ ମହାପାତ୍ର)

ଗାନ୍ଧିଜୀଙ୍କ ପାଖରେ ମଣିଷତ୍ୱ ଓ ଦିବ୍ୟତ୍ୱ ଏକାକାର ହୋଇଯାଇଥିଲା। ଗାନ୍ଧିଜୀ ହେଉଛନ୍ତି ସମଗ୍ର ମାନବ ଜାତିର ସମ୍ପଦ। ସମଗ୍ର ବିଶ୍ୱର ଆଦର୍ଶ। ତାଙ୍କ ଜୀବନ ଥିଲା ସତ୍ୟ ସହ ନିରନ୍ତର ପରୀକ୍ଷା। ଆଜି ଗାନ୍ଧିବାଦ ସାରା ପୃଥିବୀରେ ପ୍ରାସଙ୍ଗିକ ସାବ୍ୟସ୍ତ ହୋଇଛି। ବିଶ୍ୱରେ ଗାନ୍ଧୀ ଆଦର୍ଶ ଓ ବିଚାରଧାରାର ପ୍ରୟୋଗ କରାଯାଇ ଆନ୍ତର୍ଜାତିକ ସମସ୍ୟାର ସମାଧାନ ପାଇଁ ମାର୍ଗ ଖୋଜାଯାଉଛି ବୋଲି କଟକ ଜିଲା ତେଲେଙ୍ଗାପେଣ୍ଠରେ ବୁଧବାର ଅନୁଷ୍ଠିତ ରାଜ୍ୟସ୍ତରୀୟ ଗାନ୍ଧୀ ଜୟନ୍ତୀ ଉତ୍ସବରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି।

ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ସାରା ଦେଶରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଏବଂ ଓଡ଼ିଶାରେ ଆମ ସରକାର ଗାନ୍ଧିଜୀଙ୍କ ପ୍ରକୃତ ଆଦର୍ଶ ଓ ଲକ୍ଷ୍ୟକୁ ପୂରଣ କରିବା ପାଇଁ କାମ କରୁଛି। ସ୍ୱଚ୍ଛତା ଥିଲା ଗାନ୍ଧିଜୀଙ୍କ ଆଦର୍ଶ। ସେ କହୁଥିଲେ ଯେ ଯେଉଁଠାରେ ସ୍ୱଚ୍ଛତା ଥାଏ, ସେଠାରେ ଭଗବାନ ବାସ କରନ୍ତି। ୨୦୧୪ରେ ଯେତେବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଜୀ ଦାୟିତ୍ୱ ଗ୍ରହଣ କଲେ, ତାଙ୍କର ପ୍ରଥମ ବଡ଼ ଅଭିଯାନ ଥିଲା ସ୍ୱଚ୍ଛ ଭାରତ। ସ୍ୱଚ୍ଛ ଭାରତ ଅଭିଯାନକୁ ଆଜି ୧୦ ବର୍ଷ ହୋଇଗଲାଣି। ହଜାର ହଜାର ଗାଁରେ ଲକ୍ଷ ଲକ୍ଷ ଲୋକଙ୍କ ଘରେ ପାଇଖାନା ଅଛି। ସ୍ୱଚ୍ଛତା ଅଭିଯାନ ଆଜି ଦେଶରେ ଏକ ସଫଳ ଆନ୍ଦୋଳନରେ ପରିଣତ ହୋଇଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଗାନ୍ଧିଜୀଙ୍କ ଆଉ ଏକ ସ୍ୱପ୍ନ ଥିଲା ସମାଜର ଶେଷ ଧାଡ଼ିରେ ଥିବା ଲୋକଙ୍କ ବିକାଶ ଓ କଲ୍ୟାଣ। ଆଜି ଦେଶର ୮୦ କୋଟି ଲୋକଙ୍କୁ ମାଗଣା ରାଶନ ମିଳୁଛି। ଗାଁ ଗାଁରେ ପକ୍କା ସଡ଼କ, ପିଇବା ପାଣି, ବିଜୁଳି, ଇଣ୍ଟରନେଟ୍ ସୁବିଧା ମଧ୍ୟ ମିଳିପାରୁଛି। ଚାଷୀମାନଙ୍କ ବିକାଶ ପାଇଁ ପିଏମ୍ କିଷାନ ଯୋଜନା କାର୍ଯ୍ୟକାରୀ କରାଯାଉଛି। ଦଳିତ, ଗରିବ ଓ ମହିଳାମାନଙ୍କ ସର୍ବାଙ୍ଗୀନ ଉନ୍ନତି ପାଇଁ ପ୍ରଧାନମନ୍ତ୍ରୀ ଉତ୍ସର୍ଗୀକୃତ ଭାବେ କାମ କରୁଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।ଓଡ଼ିଶାରେ ଭାଜପା ସରକାର ମାତ୍ର ୪ ମାସ ମଧ୍ୟରେ ରାଜ୍ୟର ୧ କୋଟି ମହିଳାଙ୍କୁ ସୁଭଦ୍ରା ଯୋଜନା ମାଧ୍ୟମରେ ଆର୍ଥିକ ସହାୟତା ଦେବା ଆରମ୍ଭ କରିଛି। ଗାଁରେ ଏପରି ଅନେକ ମହିଳା ଅଛନ୍ତି, ଯେଉଁମାନଙ୍କ ହାତରେ ଟଙ୍କାଟିଏ ବି ନ ଥାଏ। ଏହି ଆର୍ଥିକ ସହାୟତା ସେମାନଙ୍କୁ ପରିବାରରେ ଓ ସମାଜରେ ସଶକ୍ତ କରି ଗଢ଼ିତୋଳିବ। ମହିଳାମାନଙ୍କ ସଶକ୍ତୀକରଣ ପାଇଁ ଗାନ୍ଧିଜୀଙ୍କର ଯେଉଁ ସ୍ୱପ୍ନ ଥିଲା, ତାକୁ ପୂରଣ କରିବା ଦିଗରେ ରାଜ୍ୟ ସରକାର ମଧ୍ୟ ଓଡ଼ିଶାରେ ପଦକ୍ଷେପ ନେବା ଆରମ୍ଭ କରିଛନ୍ତି ବୋଲି ସେ କହିଛନ୍ତି।

କାର୍ଯ୍ୟକ୍ରମରେ ଯୋଗଦେଇ କଟକ ଏମ୍‌ପି ଭର୍ତ୍ତୃହରି ମହତାବ କହିଛନ୍ତି, ଗାନ୍ଧିଜୀ ଓଡ଼ିଶାର ଯେଉଁ ଯେଉଁ ସ୍ଥାନକୁ ଆସିଥିଲେ, ସେ ସବୁ ଆଜି ଆମ ପାଇଁ ଗୋଟିଏ ଗୋଟିଏ ଧର୍ମକ୍ଷେତ୍ର। ତେଲେଙ୍ଗାପେଣ୍ଠ ମଧ୍ୟ ଏକ ଧର୍ମକ୍ଷେତ୍ର। ଏହି ପୀଠରେ ଅଧିକ ଗଠନମୂଳକ କାର୍ଯ୍ୟ କରିବାକୁ ସେ ପ୍ରସ୍ତାବ ଦେଇଛନ୍ତି। କାର୍ଯ୍ୟକ୍ରମରେ କଟକ ସଦର ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀ, ବଡ଼ମ୍ବା- ନରସିଂହପୁର ବିଧାୟକ ବିଜୟ କୁମାର ଦଳବେହେରା, କଟକ ଚୌଦ୍ୱାର ବିଧାୟକ ସୌଭିକ ବିଶ୍ୱାଳ, ସିଏମ୍‌ସି କମିଶନର ଅନାମ ଚରଣ ପାତ୍ର ଏବଂ କଟକ ମହାନଗର ନିଗମ କର୍ପୋରେଟରମାନେ ଯୋଗ ଦେଇଥିଲେ। ମୁଖ୍ୟମନ୍ତ୍ରୀ ତେଲେଙ୍ଗାପେଣ୍ଠରେ ପହଞ୍ଚିବା ପରେ ଏକ 'ରୋଡ୍ ଶୋ'ରେ ହଜାର ହଜାର ଲୋକଙ୍କ ସହିତ ଗାନ୍ଧୀ ସ୍ମୃତିପୀଠକୁ ଯାଇଥିଲେ। ସେଠାରେ ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ଏହି ଅବସରରେ ସେ 'ଏକ୍ ପେଡ୍ ମା' କେ ନାମ୍' ଅଭିଯାନରେ ସେଠାରେ ଏକ ନାଗେଶ୍ୱର ଗଛର ଚାରାରୋପଣ କରିଥିଲେ। ଏହା ପରେ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଆନ୍ତର୍ଜାତିକ ଭାସ୍କର୍ଯ୍ୟ ଶିଳ୍ପୀ ରବି ନାରାୟଣ ରଥ ସେଠାରେ ଗାନ୍ଧିଜୀଙ୍କ ଏକ ପ୍ରତିମୂର୍ତ୍ତି ନିର୍ମାଣ କରିଥିଲେ। ରଥ ମୁଖ୍ୟମନ୍ତ୍ରୀଙ୍କୁ ତାଙ୍କର ଏକ ପୋର୍ଟ୍ରେଟ ମଧ୍ୟ ଉପହାର ଦେଇଥିଲେ। ମୁଖ୍ୟମନ୍ତ୍ରୀ ସେଠାରେ ବିଭିନ୍ନ ପ୍ରତିଯୋଗିତାମୂଳକ କାର୍ଯ୍ୟକ୍ରମରେ ବିଜୟୀ ହୋଇଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କାର ବଣ୍ଟନ କରିଥିଲେ ଏବଂ ବିଶିଷ୍ଟ ସମାଜସେବୀ ଓ ସାମାଜିକ ଅନୁଷ୍ଠାନମାନଙ୍କୁ ସମ୍ବର୍ଦ୍ଧିତ କରିବା ସହିତ ୧୦ଜଣ ଭିନ୍ନକ୍ଷମଙ୍କୁ ସହାୟତା ଉପକରଣ ପ୍ରଦାନ କରିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ସୂଚନା ଓ ଲୋକ ସମ୍ପର୍କ ବିଭାଗ ଦ୍ୱାରା ଆୟୋଜିତ ଗାନ୍ଧୀ ସ୍ମୃତି ସମ୍ବଳିତ ଏକ ଫଟୋଚିତ୍ର ପ୍ରଦର୍ଶନୀକୁ ଉଦ୍‌ଘାଟନ କରିବା ସହିତ ବୁଲି ଦେଖିଥିଲେ। କଟକ ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ସିନ୍ଦେ ସ୍ୱାଗତ ଭାଷଣ ଦେଇଥିଲେ ଏବଂ ସୂଚନା ଓ ଲୋକସମ୍ପର୍କ ବିଭାଗର ନିର୍ଦ୍ଦେଶକ ସରୋଜ କୁମାର ସାମଲ ଧନ୍ୟବାଦ ଦେଇଥିଲେ।

## ଶ୍ରୀମନ୍ଦିର ନୀତିକାନ୍ତିରେ ବିଭ୍ରାଟକଲେ କଠୋର କାର୍ଯ୍ୟାନୁଷ୍ଠାନ: ଆଇନ ମନ୍ତ୍ରୀ

ଭୁବନେଶ୍ୱର, ୨।୧୦(ସୁନିତ୍ ମିଶ୍ର)

ଶ୍ରୀମନ୍ଦିର ନୀତିକାନ୍ତିରେ ବିଭ୍ରାଟକଲେ କଠୋର ପଦକ୍ଷେପ ନିଆଯିବ। ଯିଏ ବି ହୁଅନ୍ତୁ, ତାଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବୁଧବାର ଗଣମାଧ୍ୟମ ସମ୍ମୁଖରେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଏଭଳି କହିଛନ୍ତି। ଶ୍ରୀମନ୍ଦିର ଲୁହା କଡ଼େଇ ପ୍ରସଙ୍ଗରେ ଏପରି ପ୍ରତିକ୍ରିୟା ରଖି ଆଇନ ମନ୍ତ୍ରୀ କହିଛନ୍ତି, ଉକ୍ତ ମାମଲାର ଏବେ ବି ସମୀକ୍ଷା ଚାଲିଛି। ଯିଏ ବି ସମ୍ପୃକ୍ତ ଥିବା କଥା ଜଣାପଡ଼ିବ ତାଙ୍କୁ ନିସ୍ତାର ମିଳିବ ନାହିଁ। ଶ୍ରୀମନ୍ଦିର ପ୍ରଶାସନ ତାଙ୍କ ବିରୋଧରେ କଠୋର ପଦକ୍ଷେପ ନେବ। ସେପ୍ଟେମ୍ବର ୧୨ରେ ଶ୍ରୀମନ୍ଦିର ରୋଷଘରେ ଅନ୍ନ ରନ୍ଧନରେ ଲୁହା କଡ଼େଇ ବ୍ୟବହାର ନେଇ ଅଭିଯୋଗ ଆସିବା ପରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ତଦନ୍ତ ସହ କଡ଼େଇ ଜବତ ନିର୍ଦ୍ଦେଶ ଦେଇଥିଲେ। ବାରଣ ସତ୍ତ୍ୱେ କୋଠଭୋଗ ରୋଷଘରେ ୩ ସୁପକାର ଲୁହା କଡ଼େଇ ବ୍ୟବହାର କରି ଅନ୍ନ, ଡାଲି ରୋଷେଇ କରିଥିଲେ। ଏହାକୁ ନେଇ ସମଗ୍ର ରାଜ୍ୟବାସୀଙ୍କ ମଧ୍ୟରେ ଉଦ୍‌ବେଗ ପ୍ରକାଶ ପାଇଥିଲା। ଏହି ମାମଲାର ତଦନ୍ତ କରାଯାଇ ରିପୋର୍ଟ ଆସିବା ପରେ ମୁଖ୍ୟ ପ୍ରଶାସକ ଦୃଢ କାର୍ଯ୍ୟାନୁଷ୍ଠାନ ନେଇଥିଲେ। ସେମାନଙ୍କୁ ଶ୍ରୀମନ୍ଦିର ପରିସର ତଥା ଶ୍ରୀମନ୍ଦିର ରୋଷରେ ପ୍ରବେଶ ନ କରିବାକୁ ନିର୍ଦ୍ଦେଶ ଦିଆଯାଇଥିବାବେଳେ ଏହି କଟକଣାକୁ କାର୍ଯ୍ୟକାରୀ କରିବାକୁ ବିହିତ ପଦକ୍ଷେପ ନେବା ପାଇଁ ଶ୍ରୀମନ୍ଦିର କମାଣ୍ଡର ଓ ଦେଉଳ କରଣଙ୍କୁ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ନିର୍ଦ୍ଦେଶ ଜାରି କରିଥିଲେ।

## ଆମେ ଯେତେ ବିକାଶ କଲେ ବି ପ୍ରକୃତି ଉପରେ ନିର୍ଭରଶୀଳ: ଭୂପେନ୍ଦ୍ର ଯାଦବ



କେନ୍ଦ୍ର ମନ୍ତ୍ରୀ ଭୂପେନ୍ଦ୍ର ଯାଦବଙ୍କ ସହ ଅନ୍ୟ ଅତିଥିମାନେ ଜଳବାୟୁ ସଂକ୍ରାନ୍ତ ପୁସ୍ତିକା ଉନ୍ମୋଚନ କରୁଛନ୍ତି।

ଭୁବନେଶ୍ୱର,୨।୧୦ (ଶର୍ମିଷ୍ଠା ପାଣିଗ୍ରାହୀ)

ଆମକୁ ଲାଗୁଛି ଜୀବନ ହିଁ କେବଳ ମଣିଷର ଜୀବନ। ପଶୁ, ପକ୍ଷୀ, ବୃକ୍ଷଙ୍କ କଥା ବି ଭାବିବାକୁ ପଡ଼ିବ। କାରଣ ପୃଥିବୀରେ ଯଦି କେବଳ ମଣିଷ ଏକା ରହିବ, ତେବେ ସବୁ ଶୂନ୍ୟ ଲାଗିବ। ଆମେ ପୃଥିବୀରୁ ସବୁ ଭଲ ଜିନିଷ ନେଇ ଖରାପ ଜିନିଷ ଦେଉଛେ। ତେଣୁ ଭଲ ନେଇ ଭଲ ଫେରାଇବାର ଅଭ୍ୟାସ ଆରମ୍ଭ କରିବାକୁ ହେବ। ଆମେ ଯେତେ ବିକାଶ କଲେ ବି ପ୍ରକୃତି ଉପରେ ନିର୍ଭରଶୀଳ ବୋଲି କେନ୍ଦ୍ର ପରିବେଶ, ଜଙ୍ଗଲ ଓ ଜଳବାୟୁ ମନ୍ତ୍ରୀ ଭୂପେନ୍ଦ୍ର ଯାଦବ କହିଛନ୍ତି। 'ସମ୍ବାଦ' ଓ 'କନକ ନ୍ୟୁଜ୍' ପକ୍ଷରୁ ବୁଧବାର ସ୍ଥାନୀୟ ଏକ ହୋଟେଲରେ ଆରମ୍ଭ ହୋଇଥିବା ୩ ଦିନିଆ ସମ୍ମିଳନୀ 'ପୁନଶ୍ଚ ପୃଥିବୀରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମନ୍ତ୍ରୀ ଏହା କହିଥିଲେ।

କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି ଓଡ଼ିଶା ବିଧାନସଭା ବାଚସ୍ପତି ସୁରମା ପାଢ଼ୀ କହିଲେ, ଜଳବାୟୁ ପରିବର୍ତ୍ତନ ନେଇ ଆମେ ସମସ୍ତେ ବିଭିନ୍ନ ଜାଗାରେ ବହୁତ ପରାମର୍ଶ ଦେଉଛୁ। ହେଲେ ପରିବେଶ ପ୍ରଦୂଷଣ ପାଇଁ ନିଜେ କେତେ ଦାୟୀ ତାହା ଜାଣିବା ଦରକାର। ଅନ୍ୟତମ ଅତିଥି ଭାରତୀୟ ପାଣିପାଗ ବିଭାଗର ମହାନିର୍ଦ୍ଦେଶକ ମୃତ୍ୟୁଞ୍ଜୟ ମହାପାତ୍ର କହିଥିଲେ, ସାରା ବିଶ୍ୱ ଏବେ ପାଣିପାଗ ପରିବର୍ତ୍ତନ ଯୋଗୁ ପ୍ରଭାବିତ ହୋଇଛି। ଏପରିକି ପାଣିପାଗ ପୂର୍ବାନୁମାନକୁ ନେଇ ଏହା ଭୟ ସୃଷ୍ଟି କଲାଣି। ଅନ୍ୟତମ ଅତିଥି ଏନର୍ଜି ସୋଲାଙ୍କି ଫାଉଣ୍ଡେଶନର ପ୍ରତିଷ୍ଠାତା ପ୍ରଫେସର ଚେତନ ଏସ୍. ସୋଲାଙ୍କି ଭିତ୍ତିପ୍ରବନ୍ଧ ଉପସ୍ଥାପନ କରିଥିଲେ। ସମ୍ବାଦ ଅଧକ୍ଷ ସୌମ୍ୟରଞ୍ଜନ ପଟ୍ଟନାୟକ ଅଧକ୍ଷତା କରି କହିଲେ, ଆମେ ସମସ୍ତେ ବିକାଶ ପଛରେ ବାୟା। ହେଲେ ବିକାଶ ହିଁ ବିନାଶର କାରଣ ପାଲଟିଛି। ଆମକୁ ବିକଳ୍ପ ବିକାଶ କଥା ଚିନ୍ତା କରିବାକୁ ପଡ଼ିବ, ଯେଉଁଥିରେ ବିନାଶ କମ୍ ହେବ। ସମ୍ପାଦକ ତନୟା ପଟ୍ଟନାୟକ ସ୍ୱାଗତ ଭାଷଣ ଦେଇଥିଲେ।

## ନଭେମ୍ବର ୩ରୁ ଓଜେଏସ୍ ମେନ୍

ଭୁବନେଶ୍ୱର,୨।୧୦ (ଶର୍ମିଷ୍ଠା ପାଣିଗ୍ରାହୀ)

ଓଡ଼ିଶା ଲୋକସେବା ଆୟୋଗ (ଓପିଏସ୍‌ସି) ପକ୍ଷରୁ ଓଡ଼ିଶା ନ୍ୟାୟିକ ସେବା (ଓଜେଏସ୍)- ୨୦୨୩ ମେନ୍ ପରୀକ୍ଷା ତାରିଖ ଘୋଷଣା କରାଯାଇଛି। ପ୍ରିଲିମିନାରି ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ମୋଟ ୬୮୦ଜଣ ପରୀକ୍ଷାର୍ଥୀ ମେନ୍ ଦେବାକୁ ଯୋଗ୍ୟତା ଅର୍ଜନ କରିଛନ୍ତି। ଏନେଇ ଓପିଏସ୍‌ସି ପକ୍ଷରୁ ଏକ ବିଜ୍ଞପ୍ତି ଜାରି କରାଯାଇ ସୂଚନା ଦିଆଯାଇଛି। ବିଜ୍ଞପ୍ତି ଅନୁସାରେ, ରାଜ୍ୟର ଭୁବନେଶ୍ୱର, କଟକ ଓ ସମ୍ବଲପୁର ଆଦି ୩ଟି ଜୋନ୍‌ରେ ପରୀକ୍ଷା କରାଯିବ। ନଭେମ୍ବର ୩ରୁ ୬ ତାରିଖ ପର୍ଯ୍ୟନ୍ତ ଏହି ପରୀକ୍ଷା ହେବ। ପ୍ରାର୍ଥୀମାନେ ଓପିଏସ୍‌ସିର ଅଫିସିଆଲ ୱେବ୍‌ସାଇଟକୁ ଯାଇ ଏ ବାବଦରେ ସବିଶେଷ ତଥ୍ୟ ପାଇପାରିବେ। ସୂଚନାଯୋଗ୍ୟ, ଗତ ଅଗଷ୍ଟରେ ପ୍ରିଲିମିନାରି ପରୀକ୍ଷାର ଫଳାଫଳ ପ୍ରକାଶ ପାଇଥିଲା। ମୋଟ ୨୭୭ ଜଣ ପୁରୁଷ ଓ ୪୦୩ ଜଣ ମହିଳା ପ୍ରାର୍ଥୀ କୃତକାର୍ଯ୍ୟ ହୋଇଥିଲେ।

## ବସ୍-ଟ୍ରକ୍ ମୁହାଁମୁହିଁ ଧକ୍କା: ୨୫ ଆହତ

ଲକ୍ଷ୍ମୀପୁର(ଅନନ୍ତ ନାୟକ)/କୋରାପୁଟ (ଅମିତାଭ ବେହେରା) ,୨।୧୦

କୋରାପୁଟ ଜିଲା ଲକ୍ଷ୍ମୀପୁର ବ୍ଲକ୍ ଡୁମୁରିପଦର ଛକ ରେଲୱେ ଓଭରବ୍ରିଜ୍ ନିକଟ ୩୨୬ ଜାତୀୟ ରାଜପଥରେ ବୁଧବାର ବସ୍-ଟ୍ରକ୍ ମୁହାଁମୁହିଁ ଧକ୍କା ହେବା ଫଳରେ ଟ୍ରକ୍ ଓ ବସ୍ ଡ୍ରାଇଭରଙ୍କ ଅବସ୍ଥା ଗୁରୁତର ଥିବା ବେଳେ ୨୫ ଯାତ୍ରୀ ଆହତ ହୋଇଛନ୍ତି। ୭ ଗୁରୁତର ଯାତ୍ରୀଙ୍କୁ କୋରାପୁଟ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜକୁ ପଠାଯାଇଛି। ଏଥିରେ ଟ୍ରକ୍ ଡ୍ରାଇଭର ଉମରକୋଟର ସନ୍ତୋଷ ଡାକୁଆଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କ ବ୍ରହ୍ମପୁର ଏମ୍‌କେସିଜି ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ସେହିପରି ଜୟପୁର ପ୍ରଧାନୀଗୁଡାର ବସ୍ ଡ୍ରାଇଭର ରାମେଶ୍ୱର ପଢିଆରୀ ସଙ୍କଟାପନ୍ନ ଅବସ୍ଥାରେ କୋରାପୁଟ ମେଡିକାଲରେ ଚିକିତ୍ସିତ ହେଉଥିବା ମ୍ୟାନେଜର ଶୁଭେନ୍ଦୁ କୁମାର ପଣ୍ଡା ସୂଚନା ଦେଇଛନ୍ତି । ପ୍ରକାଶ ଯେ, ବୁଧବାର ସକାଳ ୮ଟାରେ ଏକ ଘରୋଇ ବସ୍ ରାୟଗଡ଼ାରୁ ଜୟପୁରକୁ ଯାତ୍ରୀ ନେଇଯାଉଥିବା ସମୟରେ ବିପରୀତ ଦିଗରୁ ଆସୁଥିବା ଏକ ଟ୍ରକ୍ ରାୟଗଡ଼ା ଜେକେ ପେପର୍ ମିଲ୍‌କୁ କାଠ ବୋଝେଇକରି ନେଇଯାଉଥିଲା। ବସ୍‌ଟି ଦ୍ରୁତଗତିରେ ଆସି ଟ୍ରକ୍ ସହ ପିଟିହେବାରୁ ଦୁର୍ଘଟଣା ଘଟିଥିଲା। ଦୁର୍ଘଟଣାରେ ୨୫ ଯାତ୍ରୀ ଆହତ ହୋଇଥିବା ବେଳେ ବସ୍ -ଟ୍ରକ୍ ଡ୍ରାଇଭରଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି। ଆହତ ଯାତ୍ରୀମାନଙ୍କୁ ଲକ୍ଷ୍ମୀବସ୍ ଯୋଗେ ଲକ୍ଷ୍ମୀପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରାଥମିକ ଚିକିତ୍ସା ପରେ ଅବସ୍ଥା ଗୁରୁତର ଥିବାରୁ କୋରାପୁଟ ମେଡିକାଲ କଲେଜକୁ ସ୍ଥାନାନ୍ତର କରାଯାଇଛି। ଉଭୟ ଡ୍ରାଇଭର ଗାଡ଼ି ଭିତରେ ଚାପିହୋଇ ରହିଥିବା ବେଳେ ଅଗ୍ନିଶମ କର୍ମଚାରୀଙ୍କ ସହାୟତାରେ ଉଦ୍ଧାର କରାଯାଇଥିଲା।



## ବୁଡ଼ିଯାଉଥିବା ଯୁବକଙ୍କୁ ଉଦ୍ଧାର କଲେ ଶିକ୍ଷକ

କୋରୁକୋଣ୍ଡା,୨।୧୦ (ଶିବଦତ୍ତ ସାହୁ)

ଗଭୀର ଜଳରୁ ବୁଡ଼ିଯାଉଥିବା ଜଣେ ଯୁବକଙ୍କୁ ଉଦ୍ଧାରକରି ସାହସିକତାର ପରିଚୟ ଦେଲେ ଶିକ୍ଷକ। ଉଦ୍ଧାର ହୋଇଥିବା ଯୁବକ ହେଲେ କୋରୁକୋଣ୍ଡା ବ୍ଲକ୍ ପୁରୁଣା ଚିମିଟାପଲ୍ଲୀ ପଞ୍ଚାୟତ ଅନ୍ତର୍ଗତ ପୁରୁଣା କତାପାଲି ଗ୍ରାମର ମୁକା କବାସୀ। ବାଲିମେଳା ପୋଟେରୁ ଜଳସେଚନ ବିଭାଗ ସୋରଲୁକୋଣ୍ଡା ବ୍ୟାରେଜ ମଧ୍ୟକୁ ବାଲିମେଳା ପଟୁ ଯାଉଥିବା ଏଇ ବାଇକ୍ ଚାଳକ ମୁକା ଭାରସାମ୍ୟ ହରାଇ ବ୍ୟାରେଜର ଗଭୀର ଜଳରେ ପଡ଼ିଯାଇଥିଲେ। ଏହି ସମୟରେ ସେହି ବାଟଦେଇ ସ୍କୁଲରୁ ଫେରୁଥିବା ଶିକ୍ଷକ ଗଙ୍ଗା ମାଡକାମୀ ଯୁବକ ଜଣକ ପାଣିରେ ବୁଡ଼ିଯାଉଥିବା ଦେଖି ଗଭୀର ଜଳକୁ ଡେଇଁ ଯୁବକଙ୍କୁ ଉଦ୍ଧାରକରିଥିଲେ। ପରେ ଆମ୍ବୁଲାନ୍ସ ଡକାଇ ବାଲିମେଳା ଆଞ୍ଚଳିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ଶିକ୍ଷକଙ୍କର ଏପରି ସାହସିକତାକୁ ସାଧାରଣରେ ପ୍ରଶଂସା କରାଯିବା ସହ ମାଡକାମୀଙ୍କୁ ସାହସିକତା ପୁରସ୍କାର ପ୍ରଦାନ କରିବାକୁ ବିଭିନ୍ନ ମହଲରେ ଦାବି ହେଉଛି।







ମାନୁଷୀ ପ୍ରବଣତା ବାସ୍ତବକୁ ପୀଡନ କରିବା ବା ଅସ୍ୱୀକାର କରିବା ପରିବର୍ତ୍ତେ ତା'ର ପ୍ରତିମା ଓ ପ୍ରତୀକକୁ ପୂଜା କରିବା। ଏହା ବିରୁଦ୍ଧରେ ନିଜକୁ ସର୍ବଦା ସଜାଗ ରଖିବ। ଅପଶକ୍ତିର ସୁଯୋଗ ହେଲା– ମାନୁଷୀ ଦୁର୍ବଳତା। ମାନୁଷୀ ଦୁଷ୍କର୍ମ ନୁହେଁ। –ଶ୍ରୀଅରବିନ୍ଦ

-ଶ୍ରୀଦୁର୍ଗାଦେବ୍ୟାଃ,
ନବଦିନାତ୍ମକ ପୂଜାରମ୍ଭଃ ଓ ମା'
ବିରଜାଦେବୀଙ୍କ ରଥଯାତ୍ରା



# ପୁରାଣ, ଇତିହାସ ଓ ଭାରତ



ଦେବଦତ୍ତ ପଟ୍ଟନାୟକ

ଭାରତରେ ଇତିହାସ ଓ ପୁରାଣ ଶବ୍ଦ ୨୫୦୦ ବର୍ଷ ଧରି ବ୍ୟବହୃତ ହୋଇ ଆସିଛି। ଅନେକ ଅନୁମାନ କରନ୍ତି ଯେ, ଇତିହାସ ଏବଂ ପୁରାଣ ମଧ୍ୟରେ ଥିବା ପାର୍ଥକ୍ୟ ବହୁ ପ୍ରାଚୀନ। କିନ୍ତୁ ବାସ୍ତବରେ ଇତିହାସ ଏବଂ ପୁରାଣ ମଧ୍ୟରେ ବିଭେଦ କେବଳ ଊନବିଂଶ ଶତାବ୍ଦୀରେ ଘଟିଛି। ଅତୀତକୁ ଜାଣିବା ପାଇଁ ବୈଜ୍ଞାନିକ ପଦ୍ଧତିର ବ୍ୟବହାର ଯୋଗୁ ଏହା ହୋଇଛି। ବୈଦିକ ଲୋକଙ୍କ ପାଇଁ ଏହି ଦୁଇଟି ଶବ୍ଦର ଅର୍ଥ ସମ୍ପୂର୍ଣ୍ଣ ଭିନ୍ନ ଥିଲା। ଇତିହାସ ମରଣଶୀଳ ବ୍ୟକ୍ତିଙ୍କ ସମ୍ପର୍କରେ କହେ ଓ ପ୍ରତ୍ୟକ୍ଷଦର୍ଶୀ କଥାକାରଙ୍କ ଦ୍ୱାରା ଏହା ବର୍ଣ୍ଣନା କରାଯାଇଛି। ରାମାୟଣ ଏବଂ ମହାଭାରତ ପ୍ରଥମ ଇତିହାସ ହୋଇଥିବାବେଳେ ପୁରୁଣା ବୈଦିକ ଗ୍ରନ୍ଥ ଯଥା ବ୍ରାହ୍ମଣ ଏବଂ ବୃହଦ୍‌ଦେବତା ଭଳି ଅନେକ ଇତିହାସ ଅଛି। ଏଥିରେ ସେହି ସମୟର କାହାଣୀଗୁଡ଼ିକ ସ୍ଥାନିତ କରାଯାଇଛି। ସବୁ ଚରିତ୍ର ବା ବ୍ୟକ୍ତିଙ୍କୁ ପୃଥିବୀର ଚାରିଟି ଯୁଗ ମଧ୍ୟରେ ରଖାଯାଇଛି। ପୁରାଣ ଦେବତାମାନଙ୍କ ସମ୍ପର୍କରେ କହେ, ଯେଉଁମାନେ ମର୍ତ୍ତ୍ୟର ବହୁ ଉପରେ ସ୍ୱର୍ଗରେ ରହନ୍ତି।

ଅନେକଙ୍କ ପାଇଁ ପୁରାଣ ହେଉଛି ଆଦ୍ୟ ଇତିହାସ। ଦେବତାମାନେ କେବଳ ପୂଜ୍ୟ ପୂର୍ବପୁରୁଷ। ଖ୍ରୀଷ୍ଟିଆନ୍‌ମାନଙ୍କ ମତରେ ବାଇବେଲ ବାସ୍ତବ ତଥ୍ୟ ଉପସ୍ଥାପନ କରେ, କଳ୍ପିତ ଘଟଣା ନୁହେଁ। ମୁସଲମାନମାନଙ୍କ ପାଇଁ କୋରାନ୍ ହେଉଛି ମନୁଷ୍ୟର ବିନା ହସ୍ତକ୍ଷେପରେ ଈଶ୍ୱରଙ୍କ ସହ କଥାବାର୍ତ୍ତାର ଏକ ସମ୍ପୂର୍ଣ୍ଣ ଲିଖିତ ଗ୍ରନ୍ଥ। ଯେତେବେଳେ ଖ୍ରୀଷ୍ଟିଆନ୍ ଏବଂ ମୁସଲମାନମାନେ ରାମାୟଣ ଓ ମହାଭାରତକୁ ପୁରାଣ ବୋଲି ଦାବି କରନ୍ତି, ସେତେବେଳେ ହିନ୍ଦୁମାନେ ଉତ୍ତେଜିତ ହୁଅନ୍ତି। କିନ୍ତୁ ଆମକୁ ନିଜକୁ ପ୍ରଶ୍ନ କରିବା ଆବଶ୍ୟକ ଯେ, ଏସବୁ ସତ୍ୟ ନା କେବଳ ବିଶ୍ୱାସ। ଦେବତା ଜଣେ ଦେବଦୂତଙ୍କ ମାଧ୍ୟମରେ ମରୁଭୂମିରେ ଜଣେ ବଣିକଙ୍କ ସହ କଥା ହୋଇଥିଲେ କି? ଈଶ୍ୱରଙ୍କ ପୁତ୍ର ଏକ କୁମାରୀଙ୍କଠାରୁ ଜନ୍ମ ହୋଇଥିଲେ ଏବଂ ତାଙ୍କୁ ହତ୍ୟା କରାଯିବା ପରେ ପୁନର୍ଜୀବନ ଲାଭ କରିଥିଲେ କି? ଈଶ୍ୱର ପୃଥିବୀରେ ଜଣେ ରାଜା ଭାବରେ ଏବଂ ପରେ ଗୋପାଳକ ଭାବରେ ବିଚରଣ କରିଥିଲେ କି? ଦେବତାମାନେ ଟ୍ରୋୟ ସହର ନିର୍ମାଣ କରି ଏହାର ପତନ ଘଟାଇଥିଲେ କି?

ଐତିହାସିକମାନଙ୍କ କହିବା ଅନୁଯାୟୀ, ଭଗବାନ୍ ବା ଦେବତା ଐତିହାସିକ ଚରିତ୍ର ନୁହନ୍ତି। ସେମାନେ ସର୍ବଶ୍ରେଷ୍ଠ ରୂପାନ୍ତର, ପ୍ରତୀକ, ବିଶ୍ୱାସର ଅବତାର ଏବଂ ସାଂସ୍କୃତିକ ସତ୍ୟର ବାହକ, ଯାହା ସମ୍ପ୍ରଦାୟକୁ ଏକାଠି କରେ। ଇତିହାସ ହେଉଛି ମଣିଷର କ୍ଷେତ୍ର। ଆଧୁନିକ ଧର୍ମନିରପେକ୍ଷ ସମାଜଗୁଡ଼ିକ ଦୈବୀ ବିଚାରଧାରାରେ ସୀମିତ ନ ରହି ସମ୍ପତ୍ତି, ନ୍ୟାୟ, ସମାନତା ଏବଂ ମାନବ ଅଧିକାର ଭଳି ଧାରଣା ଦ୍ୱାରା ପରିଚାଳିତ। ଏସବୁ ମଧ୍ୟ ବିଶ୍ୱାସ। ପୁରାଣଗୁଡ଼ିକ ଏକ ସ୍ପଷ୍ଟ ତଥା ସବିଶେଷ ବର୍ଣ୍ଣନା ବିନା ଉପସ୍ଥାପିତ କରାଯାଇଛି। ଊନବିଂଶ ଶତାବ୍ଦୀରେ ପୁରାଣ ଶବ୍ଦ କେବଳ ବହୁଭାଷୀ ସଂସ୍କୃତି ପାଇଁ ବ୍ୟବହୃତ ହୋଇଥିଲା। ବିଂଶ ଶତାବ୍ଦୀରେ ପୌରାଣିକ ଶବ୍ଦ ବହୁଦେବବାଦୀ ସଂସ୍କୃତିକୁ ଅନ୍ତର୍ଭୁକ୍ତ କରିଥିଲା। ସମସ୍ତ ପାରମ୍ପରିକ ଜ୍ଞାନ ଅଯୌକ୍ତିକ ଏବଂ ପୌରାଣିକ ଥିଲା। ଏକବିଂଶ ଶତାବ୍ଦୀରେ ପୁରାଣ ଶବ୍ଦରେ ନାସ୍ତିକ ସଂସ୍କୃତି ଅନ୍ତର୍ଭୁକ୍ତ ହୋଇଛି, କାରଣ କୌଣସି ସଂସ୍କୃତି ଯୁକ୍ତିଯୁକ୍ତତା ଉପରେ ଆଧାରିତ ନୁହେଁ। ମଣିଷ ସେମାନଙ୍କର ଜୀବନର ଅର୍ଥ ସ୍ୱୀକାର କରିବା ପାଇଁ ବିଶ୍ୱାସ ଆବଶ୍ୟକ କରନ୍ତି। ଅନେକ ହିନ୍ଦୁ ପଣ୍ଡିତ ରାମାୟଣ ଓ ମହାଭାରତକୁ ଇତିହାସ ବୋଲି ଦାବି କରିଥାନ୍ତି ଏବଂ ଏବେ ସୁଦ୍ଧା ପୁରାତନ ଗ୍ରନ୍ଥଗୁଡ଼ିକରେ ବର୍ଣ୍ଣିତ ଚନ୍ଦ୍ରଗହଣ ଓ ସୂର୍ଯ୍ୟୋପରାଗ ଭଳି ମହାଜାଗତିକ ଘଟଣାକୁ ସେମାନେ ପାଳନ କରନ୍ତି। ଫଳସ୍ୱରୂପ, ମହାଭାରତ ରଚନା ସମୟ ଖ୍ରୀଷ୍ଟପୂର୍ବ ୩୧୦୧ ମସିହାର ବୋଲି କୁହାଯାଇଛି। ବିଭିନ୍ନ ପଣ୍ଡିତମାନେ ରାମାୟଣର ରଚନା ସମୟକୁ ଖ୍ରୀଷ୍ଟପୂର୍ବ ୧୨୨୦୯ରୁ ଖ୍ରୀଷ୍ଟପୂର୍ବ ୧୯୨୦ ମଧ୍ୟରେ ଭିନ୍ନ ଭିନ୍ନ ଭାବେ ଦର୍ଶାଯାଇଛି। ହେଲେ ଐତିହାସିକମାନେ ବିଶ୍ୱାସ କରନ୍ତି ଯେ ଏହିସବୁ କାବ୍ୟ ୨,୦୦୦ ବର୍ଷ ପୂର୍ବେ ରଚନା ହୋଇଥିଲା। ଏକ ହଜାର ବର୍ଷ ପୂର୍ବେ (୧୦୦୦ ଖ୍ରୀଷ୍ଟପୂର୍ବ) ଯେତେବେଳେ ଆର୍ଯ୍ୟମାନେ ଗଙ୍ଗା ଯମୁନା ଅବବାହିକାକୁ ଯାଇଥିଲେ, ସେତେବେଳେ ଏହା ରଚନା କରାଯାଇଥିଲା। ପ୍ରତ୍ନତତ୍ତ୍ୱବିତ୍‌ଙ୍କ ଅନୁଯାୟୀ, ସେହି ଅଞ୍ଚଳରୁ ମିଳିଥିବା ପେଣ୍ଟେଡ ଗ୍ରେୱେର୍ (ପିଜିଡବ୍ଲ୍ୟୁ) ବା ଚିତ୍ରିତ ଧୂସର ମାଟିପାତ୍ର ପୂର୍ବ ସଂସ୍କୃତିର ସ୍ଥାନାନ୍ତରକୁ ସୂଚିତ କରେ। ପ୍ରାଚୀନ ଗ୍ରନ୍ଥଗୁଡ଼ିକ ଖ୍ରୀଷ୍ଟପୂର୍ବ ୨୦୦ ରୁ ୨୦୦ ଖ୍ରୀଷ୍ଟାବ୍ଦ ମଧ୍ୟରେ ଅର୍ଥାତ୍ ବୌଦ୍ଧଧର୍ମର ପୃଷ୍ଠପୋଷକତା କରିଥିବା ମୌର୍ଯ୍ୟ ଏବଂ ବ୍ରାହ୍ମଣମାନଙ୍କ ପୃଷ୍ଠପୋଷକତା କରିଥିବା ଗୁପ୍ତ ବଂଶର ଶାସନ ମଧ୍ୟରେ ଘଟିଥିବା କାହାଣୀ ବର୍ଣ୍ଣନା କରନ୍ତି। ଏହା ଏକ ପରିବର୍ତ୍ତନ ଏବଂ ଅଶାନ୍ତିର ସମୟ ଥିଲା, ଯେତେବେଳେ ଉତ୍ତରର ଅଧିକାଂଶ ଭାଗ ମଧ୍ୟ ଏସିଆରୁ ଆସିଥିବା ଯାଯାବରଙ୍କ (ସ୍କିଥିଆନ, ପାର୍ଥିଆନ ଏବଂ କୁଶାଣ) ଦ୍ୱାରା ନିୟନ୍ତ୍ରିତ ହୋଇଥିଲା।



ରାମାୟଣ ଏବଂ ମହାଭାରତ ସମୟସୀମା ଓ ସେମାନଙ୍କର ଭୌଗୋଳିକ କ୍ଷେତ୍ରକୁ ନେଇ ଦ୍ୱନ୍ଦ୍ୱ ରହିଛି। ସମସ୍ତେ ଜାଣନ୍ତି ଯେ, ରାମାୟଣରେ ବର୍ଣ୍ଣିତ ସାମ୍ରାଜ୍ୟଗୁଡ଼ିକ ଗଙ୍ଗା ନଦୀ ଅବବାହିକାରୁ ଦକ୍ଷିଣ ପଶ୍ଚିମ ମାଳଭୂମି ଦେଇ ଭାରତ ମହାସାଗରରେ ଶ୍ରୀଲଙ୍କା ଦ୍ୱୀପ ପର୍ଯ୍ୟନ୍ତ ଲମ୍ବିଛି। ହେଲେ ପୁରାତନ ଗ୍ରନ୍ଥ ବିପରୀତ ମତ ରଖେ। ଏଥିରେ ମହାକାବ୍ୟର ଭୌଗୋଳିକ ସୀମା ବିନ୍ଧ୍ୟ ପର୍ବତକୁ ଟପି ନାହିଁ। ବାନର ଏବଂ ରାକ୍ଷସଙ୍କ ସାମ୍ରାଜ୍ୟ ଶାଳ ଗଛରେ ପରିପୂର୍ଣ୍ଣ, ଯାହା କେବଳ ଉତ୍ତରରେ ଅର୍ଥାତ୍ ବର୍ତ୍ତମାନର ଛତିଶଗଡ଼, ଝାଡ଼ଖଣ୍ଡ ଏବଂ ଓଡ଼ିଶାରେ ଅବସ୍ଥିତ। ମହାଭାରତର କ୍ଷେତ୍ର ଉତ୍ତର ଦିଗକୁ ହିମାଳୟ ଆଡ଼କୁ ଥିବା ସୂଚିତ କରେ। ପର୍ବତଗୁଡ଼ିକୁ ରାକ୍ଷସ ଏବଂ ଦେବତାମାନଙ୍କ କ୍ଷେତ୍ର ଭାବରେ ବର୍ଣ୍ଣନା କରାଯାଇଛି । କିନ୍ତୁ ଏବେ ବୌଦ୍ଧଙ୍କ ଦ୍ୱାରା ନିର୍ମିତ ମହାରାଷ୍ଟ୍ରର ଗୁମ୍ଫାଗୁଡ଼ିକ ପାଣ୍ଡବଙ୍କ ଦ୍ୱାରା କରାଯାଇଛି ବୋଲି ଟୁରିଷ୍ଟ ମାର୍ଗଦର୍ଶିକାଗୁଡ଼ିକରେ ବର୍ଣ୍ଣନା କରାଯାଇଛି। ଅଶୋକ ସ୍ତମ୍ଭକୁ ଅନେକ ବର୍ଷ ପୂର୍ବେ ଭୀମଙ୍କ ଲାଠି ଭାବରେ ବିବେଚନା କରାଯାଉଥିଲା। ଭୀମବେଟ୍‌କା ଗୁମ୍ଫାଗୁଡ଼ିକ ଭୀମ ପରିଦର୍ଶନ କରିଥିବା ସ୍ଥାନ ବୋଲି କୁହାଯାଏ।

ମୂଳ ଇତିହାସର ପରିସର ଉତ୍ତରର କେଦାର ଜଙ୍ଗଲରୁ ଦକ୍ଷିଣର ଶାଳ ଜଙ୍ଗଲ ପର୍ଯ୍ୟନ୍ତ ବ୍ୟାପିଛି; ବିନ୍ଧ୍ୟ ପର୍ବତ ପରକୁ ନୁହେଁ । କିନ୍ତୁ ଯେହେତୁ ବ୍ରାହ୍ମଣମାନେ ଦକ୍ଷିଣ ଦିଗକୁ ଗଲେ, ଆର୍ଯ୍ୟବ୍ରତର ଧାରଣା ଅନ୍ୟ ନଦୀ ଉପତ୍ୟକା ଏବଂ ସମୁଦ୍ରକୂଳକୁ ମଧ୍ୟ ବିସ୍ତାର ହେବା ସହ ମହାକାବ୍ୟର ଭୌଗୋଳିକ ପରିସର ବିସ୍ତାର ହୋଇଥିବାର ଦେଖୁ। ଦଶମ ଶତାବ୍ଦୀରେ ଚୋଳ ଶାସନ ସମୟରେ ଶ୍ରୀଲଙ୍କା ରାବଣଙ୍କ ସାମ୍ରାଜ୍ୟ ଭାବରେ ଏବଂ ପଞ୍ଚଦଶ ଶତାବ୍ଦୀରେ ବିଜୟନଗର ସାମ୍ରାଜ୍ୟ ସମୟରେ କର୍ନାଟକକୁ ବାନରଙ୍କ ରାଜ୍ୟ କିସ୍କିନ୍ଧା ଭାବରେ ପରିଚିତ ଥିଲେ। କୋଣାର୍କ ଏବଂ କେରଳ ଉପକୂଳ ପର୍ଶୁରାମଙ୍କ କ୍ଷେତ୍ର ଥିଲା। ଦକ୍ଷିଣ ପର୍ବତଗୁଡ଼ିକୁ ଦକ୍ଷିଣ କୈଳାସ କୁହାଯାଉଥିଲା। ଦକ୍ଷିଣର ନଦୀଗୁଡ଼ିକୁ ଦକ୍ଷିଣ ଗଙ୍ଗା ଏବଂ ଦକ୍ଷିଣ ସହରଗୁଡ଼ିକୁ ଦକ୍ଷିଣ କାଶୀ କୁହାଯାଉଥିଲା। ଦକ୍ଷିଣ ରାଜାମାନେ କୁରୁକ୍ଷେତ୍ରରେ ଯୁଦ୍ଧ ପାଇଁ ଖାଦ୍ୟ ଯୋଗାଉଥିଲେ। ଦେଖିବାକୁ ଗଲେ ଇତିହାସ ତୁଳନାରେ ପୁରାଣ ଭାରତକୁ ଅଧିକ ଏକଜୁଟ କରିବାରେ ଭଲ କାମ କରିଛି।

–devduttofficial@gmail.com

## ଏଇ ଭାରତରେ

୧୪ ବର୍ଷ ବୟସରେ ବାହା ହୋଇଥିଲେ ତାଙ୍କଠାରୁ ତିନିଗୁଣ ଅଧିକ ବୟସର ବ୍ୟକ୍ତିଙ୍କୁ। ସେ ମା' ହେଲେ ୧୫ ବର୍ଷରେ। ବାଲ୍ୟ ବିବାହର ଯନ୍ତ୍ରଣାକୁ ଅତି ନିକଟରୁ ଦେଖିଥିବା ଏହି ମହିଳା ଜଣକ ହେଉଛନ୍ତି ବିହାରର ରୋଶନି ପରୱିନ। ସେ ଏବେ ଏହି ପ୍ରଥାକୁ ଦୂର କରିବା ଲାଗି ଅଭିଯାନ ଚଳାଇଛନ୍ତି। ରୋଶନି କିଶାନଗଞ୍ଜ ସିମନବାରିର ଏକ ଛୋଟ ଗାଁରେ ରୁହନ୍ତି। ସେ ନବମରେ ପଢୁଥିବା ସମୟରେ ପରିବାର ଲୋକେ ବାଧ କରି ତାଙ୍କୁ ୪୫ ବର୍ଷ ବୟସର ବ୍ୟକ୍ତିଙ୍କ ସହ ବାହାଘର କରାଇଦେଇଥିଲେ। ପରେ ପାରିବାରିକ ବିବାଦରୁ ତାଙ୍କ ସ୍ୱାମୀ ତାଙ୍କୁ ଆଉ ଗ୍ରହଣ କରି ନ ଥିଲେ । ଫଳରେ ସେ ସେଠାରୁ ଦୂରେଇ ଆସି ବାଲ୍ୟ ବିବାହ ବିରୋଧରେ ଅଭିଯାନ ଚଳାଇବାକୁ ନିଷ୍ପତ୍ତି ନେଇଥିଲେ। ରୋଶନି ପ୍ରଥମେ ଚାଇଲ୍ଡଲାଇନ ଇଣ୍ଡିଆ ଫାଉଣ୍ଡେଶନରେ ଯୋଗ ଦେଇଥିଲେ । ପରେ ସେଭ୍ ଦି ଚାଇଲ୍ଡ ଓ ୟୁନିସେଫ ସହଯୋଗରେ ଏହି ସଂସ୍ଥାର ନେତୃତ୍ୱ ନେଇ ସେ ବାଲ୍ୟ ବିବାହ ରୋକିବା ଲାଗି ବିଭିନ୍ନ ଅଭିଯାନ ଚଳାଇଛନ୍ତି। ବର୍ତ୍ତମାନ ସୁଦ୍ଧା ରୋଶନି ୬୦ଟି ବାଲ୍ୟବିବାହ ବନ୍ଦ କରିବାରେ ସକ୍ଷମ ହୋଇପାରିଛନ୍ତି। ବିଭିନ୍ନ ଗାଁରେ ସେ ୧୫ ଜଣ ପାପ୍ତବୟସ୍କ ଝିଅଙ୍କୁ ନେଇ ଏକ ଗୋଷ୍ଠୀ ଗଠନ କରିଛନ୍ତି। ଏହା ବ୍ୟତୀତ ଜିଲା ପ୍ରଶାସନ, ବିଡିଓ, ସିଡିପିଓ ଏବଂ ପୋଲିସଙ୍କ ସହଯୋଗରେ କାର୍ଯ୍ୟ କରୁଛନ୍ତି। ଏଥିପାଇଁ ସେ ମଧ୍ୟ ଜାତିସଂଘ ଦ୍ୱାରା ପୁରସ୍କୃତ ହୋଇଛନ୍ତି।

## ଚିରନ୍ତନୀ

ଆପେ ଶିଖି ଯେବେ ଫେରାଇବୁ ତୋର ମୁଖ
ବାଜିବ ଏ ବୁକେ ତିଳେକ ଦାରୁଣ ଦୁଃଖ
କିଛି ନୁହେ ବୋଲି ପୋଛିଦେବି ମୋର ଲୁହ
ନିମେଷକେ ଲାଗି ହେବ ଏ ବଦନ ମୂକ। –(ରୂପର ମୋହ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## su | do | ku — ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | | 1 | | 4 | |
| | | 4 | | | 2 | | 3 | 6 |
| 9 | 2 | | 6 | | | 1 | | |
| | | | 3 | 2 | | | 6 | |
| | | | 5 | | 6 | 8 | | |
| | 5 | 2 | | 8 | | | | 1 |
| 1 | | | | 3 | | | | |
| | | 7 | | | 9 | | | |
| 4 | | | | | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 9 | 4 | 1 | 7 | 2 | 6 | 5 | 3 | 8 |
| 6 | 8 | 5 | 9 | 1 | 3 | 2 | 7 | 4 |
| 3 | 7 | 2 | 4 | 5 | 8 | 9 | 1 | 6 |
| 1 | 6 | 7 | 2 | 4 | 5 | 8 | 9 | 3 |
| 5 | 2 | 3 | 1 | 8 | 9 | 4 | 6 | 7 |
| 4 | 9 | 8 | 6 | 3 | 7 | 1 | 5 | 2 |
| 2 | 1 | 6 | 3 | 9 | 4 | 7 | 8 | 5 |
| 8 | 3 | 4 | 5 | 7 | 1 | 6 | 2 | 9 |
| 7 | 5 | 9 | 8 | 6 | 2 | 3 | 4 | 1 |

ଗତକାଲିର ଉତ୍ତର

# ଇଜ୍ଜତର ସ୍ଥାନ ନିରୂପଣ



ଡ.ସତ୍ୟ ନାରାୟଣ ମିଶ୍ର

ବଞ୍ଚିବାର ମାନଦଣ୍ଡକୁ ବିଶ୍ଳେଷଣ କଲେ ସମ୍ମାନ ଓ ସାଭିମାନ ବା ଇଜ୍ଜତର ସହ ବଞ୍ଚିବାର ଅଧିକାର ମଣିଷକୁ ଅନେକ ନୈତିକ ମୂଲ୍ୟବୋଧକୁ ତର୍ଜମା କରିବାକୁ ଶିକ୍ଷା ଦିଏ। ମଣିଷ କେବଳ ଆବଶ୍ୟକ ଜୀବନଚର୍ଯ୍ୟାର ଉପଲବ୍ଧିରେ ସନ୍ତୋଷ ପ୍ରକାଶ କରି ନ ଥାଏ ବରଂ ସାଭିମାନର ଆଦର୍ଶଗତ ଇଜ୍ଜତରେ ଜୀବନର ମଧୁରତାକୁ ଉପଲବ୍ଧି କରିଥାଏ। ସମାଜରେ ଅନେକ ପ୍ରକାରର ବ୍ୟକ୍ତି ରହିଥାନ୍ତି। ଅର୍ଥନୈତିକ ଦୃଷ୍ଟିକୋଣକୁ ଅବଲୋକନ କଲେ ପ୍ରତୀୟମାନ ହୋଇଥାଏ ଯେ ଯିଏ ଅଧିକ ଧନୀ ସିଏ ଯେ ଅଧିକ ସାଭିମାନୀ ବା ସମ୍ମାନର ଅଧିକାରୀ ତାହା ବିବେଚନା କରିବା ସମ୍ପୂର୍ଣ୍ଣ ଭୁଲ୍। ଲିଙ୍ଗଗତ ପାର୍ଥକ୍ୟରେ ମଣିଷ ସଦାବେଳେ ନିଜର ଆଧିପତ୍ୟ ବିସ୍ତାର କରି ଅନ୍ୟର କ୍ଷତି କରିଥାଏ।

ଗୋଟିଏ ନାରୀ ଜୀବନର ପ୍ରଥମ ସୁରକ୍ଷିତ ସମ୍ପତ୍ତି ହେଉଛି ତାହାର ଇଜ୍ଜତ, ଯାହାକୁ ନେଇ ସେ ନିଜେ ଗର୍ବିତ ଓ ସମାଜ ଚକ୍ଷୁରେ ମଧ୍ୟ ଗ୍ରହଣୀୟ। ତେଣୁ ଜଣେ ମହିଳାର ଇଜ୍ଜତ ହେଉଛି ତାହାର ସମ୍ପଦ। ଇଜ୍ଜତର ସ୍ଥାନ ସର୍ବାଗ୍ରେ ବନ୍ଦନୀୟ। ଜଣେ ଧନୀ ଏବଂ ଜ୍ଞାନୀ ମହିଳାର ଇଜ୍ଜତ ଯେତେ, ଜଣେ ଗରିବ ଓ ମୂର୍ଖ ମହିଳାର ଇଜ୍ଜତ ମଧ୍ୟ ସମାନ ବୋଲି ସ୍ୱୀକାର କରିବାକୁ ସମସ୍ତେ ବାଧ୍ୟ। ମହିଳାମାନେ ହେଉଛନ୍ତି ପରିବାରର ମେରୁଦଣ୍ଡ, ସମ୍ପ୍ରଦାୟର ଅଭିବୃଦ୍ଧି ଓ ବିକାଶ ପାଇଁ ଗୁରୁତ୍ୱପୂର୍ଣ୍ଣ। ତଥାପି ଶତାବ୍ଦୀ ଶତାବ୍ଦୀ ଧରି ମହିଳାମାନେ କର୍ମକ୍ଷେତ୍ର, ରାଜନୀତି, ଚଳଚ୍ଚିତ୍ର, ବିଭିନ୍ନ ସାମାଜିକ କ୍ଷେତ୍ରରେ ଭେଦଭାବର ସମ୍ମୁଖୀନ ହେଉଛନ୍ତି। ସମାଜରେ ସମ୍ପ୍ରତି ନାରୀମାନେ ବଳାତ୍କାରର ଶିକାର ହେବା ଲଜ୍ଜାଜନକ ସ୍ଥିତି ହୋଇଥିବା ବେଳେ ଏହା ଏକ ସାମାଜିକ ବ୍ୟାଧି ହୋଇ ସମାଜର ସମତୁଲତାକୁ ନଷ୍ଟ କରିବାକୁ ବସିଲାଣି। ସଭ୍ୟତା ଯେତେ ଯେତେ ଆଗକୁ ଧାବମାନ ହେଉଛି, କୌଶଳ ତଥା ଜୀବନ ଚରିତ୍ର ଯେତେ ଯେତେ ଉନ୍ନତ ହେଉଛି, ମଣିଷ ମନରେ ବିକାର ଓ ମହିଳାଙ୍କ ପ୍ରତି ବଳାତ୍କାର ସେହି ମାତ୍ରାରେ ବଢ଼ି ବଢ଼ି ଚାଲିଛି। ଏହା ହେଉଛି ସମାଜର କଳଙ୍କ।

ମହାଭାରତ ଓ ରାମାୟଣ ଯୁଗରେ ମହିଳା ଅତ୍ୟାଚାର ପାଇଁ କେବଳ ଦୁଇଟା ଯୁଗର ଅବସାନ ହେଲା। କିନ୍ତୁ ବର୍ତ୍ତମାନ ସମାଜରେ ଯେଉଁପରି ବଳାତ୍କାର ଓ ବ୍ୟଭିଚାର ହେଉଛି ତାହା ଅନେକଙ୍କୁ ମ୍ରିୟମାଣ କରୁଛି । ଅନେକ ସମୟରେ ଯଦି ଜଣେ ପ୍ରତିଷ୍ଠିତ ଧନୀ ଜ୍ଞାନୀ ବ୍ୟକ୍ତି ପରିବାରର ମହିଳା ବଳାତ୍କାରର ଶିକାର ହୁଅନ୍ତି, ତେବେ ତାହା ଶାସନ, ପ୍ରଶାସନ, ଖବରକାଗଜ, ଗଣମାଧ୍ୟମ ଇତ୍ୟାଦି ପାଇଁ ଏକ ସମସ୍ୟାର ବିଷୟବସ୍ତୁ ହୋଇଯାଏ। ଏଥିପାଇଁ କେତେ ସଂଗଠନ, ସଂଘ ଆଦି ଦିବାନିଶି ନିଜକୁ ଜଳାଞ୍ଜଳି ଦେଇ ନ୍ୟାୟ ଦାବିରେ କେତେ ବ୍ୟକ୍ତିଗତ ତଥା ସରକାରୀ ସମ୍ପତ୍ତିର କ୍ଷତି କରିଥାନ୍ତି ତାହା ଆଇନ ଶୃଙ୍ଖଳା ବିଭାଗ ଦ୍ୱାରା ଏକ ଆୟୋଗ ବସି ବିଚାର ହୁଏ। ମାତ୍ର ଯେତେବେଳେ ଗୋଟିଏ ଦିନମଜୁରିଆ ଗରିବ ମୂର୍ଖ ବା ଅସହାୟ ଅଥବା ମାନସିକ ବିକାରଗ୍ରସ୍ତ ମହିଳା ଉକ୍ତ ବଳାତ୍କାର ସଂଘବଦ୍ଧ ଭାବରେ ହୋଇଥିବାର ଶିକାର ହୁଏ, ସେତେବେଳେ ତାହାପାଇଁ କିଛି ହୋଇ ନ ଥାଏ।



ସେତେବେଳେ ତାହା ଇଜ୍ଜତ ହୋଇ ନ ଥାଏ, ତାହା ଥାଏ ଦୁର୍ଘଟଣା। କାରଣ ଇଜ୍ଜତର ସ୍ଥାନ ନିରୂପଣକୁ ତର୍ଜମା କଲେ ଜଣାଯାଏ ଯେ ଯେଉଁଠି ମଣିଷର ସ୍ୱାର୍ଥ ଜଡ଼ିତ, ସେଇଠି ଥାଏ ଇଜ୍ଜତର ମୂଲ୍ୟଯୁକ୍ତ ସ୍ଥାନ। ମାତ୍ର ଯେତେବେଳେ ଉକ୍ତ ନିଷ୍ପେଷିତା ମହିଳା ସେହି ତଥାକଥିତ ସମ୍ଭ୍ରାନ୍ତ ପରିବାରର ପୁରୁଷମାନଙ୍କ ଦ୍ୱାରା ବଳାତ୍କାର ହୋଇଥାଏ ବା ନିମ୍ନ ବର୍ଗର ପୁରୁଷଗୋଷ୍ଠୀ ଦ୍ୱାରା ହୋଇଥାଏ ତାହା ଥାଏ ଇଜ୍ଜତର ସ୍ଥାନ ନିରୂପଣ।

ସମାଜ, ବ୍ୟକ୍ତି ବିଭେଦ ଦୃଷ୍ଟିରେ ଇଜ୍ଜତର ସ୍ଥାନ ଭିନ୍ନ ହୋଇପାରେ, ମାତ୍ର ସ୍ଥାନ ସଂଜ୍ଞାରେ ଇଜ୍ଜତ ସମାନ ବୋଲି ବିବେଚନା କରାଯାଏ। କିନ୍ତୁ ଉକ୍ତ ଗରିବ, ଦଳିତ, ନିଷ୍ପେଷିତା ମହିଳାଙ୍କ ଇଜ୍ଜତ ପାଇଁ ବଡ଼ ଆନ୍ଦୋଳନ ହୁଏ ନାହିଁ ବା ମହମବତି ରାଲି ଆଦି ହୁଏନାହିଁ। ସେଠାରେ ଇଜ୍ଜତ ହୋଇଯାଏ ଲଜ୍ଜିତ ଓ ସଂଜ୍ଞା ହୋଇଯାଏ ସମସ୍ୟା।

ସାଧାରଣତଃ ବଳାତ୍କାର ଘଟଣା ପରେ ଜଣେ ମହିଳା ଦୁର୍ବିଷହ ଜୀବନ ଅତିବାହିତ କରନ୍ତି। ଯେଉଁଥିରେ ଭୟ, ଉଦାସୀନତା, ଦୋଷ, ଆତ୍ମହତ୍ୟା ଓ ସାମାଜିକ କଳଙ୍କ ଅନ୍ତର୍ଭୁକ୍ତ ହୋଇଥାଏ,କାରଣ ସେଠାରେ ଇଜ୍ଜତ ଭୂଲୁଣ୍ଠିତ। ୨୦୨୧ରେ ଏକ ରିପୋର୍ଟ ଅନୁଯାୟୀ ସାମ୍ପ୍ରତିକ ସମାଜରେ ବଳାତ୍କାର ଘଟଣା ବହୁଗୁଣିତ ହୋଇ ଗୋଟିଏ ବର୍ଷରେ ୩୧,୬୭୭ ବଳାତ୍କାର ମାମଲା ପଞ୍ଜୀକୃତ ହୋଇଥିଲା, ଯାହା ଦୈନିକ ହାରାହାରି ୮୬ ଜଣ ମହିଳା ବଳାତ୍କାରର ଶିକାର ହେଉଛନ୍ତି। ଏଥିରୁ ଜଣାଯାଏ ଯେ ବଳାତ୍କାରୀମାନେ ଆଇନକୁ ଭ୍ରୂକ୍ଷେପ କରୁ ନାହାନ୍ତି।

ଆଇନର ଦୀର୍ଘ ପଥରେ ବିଚରା ବଳାତ୍କୃତା ଦୀର୍ଘ ବର୍ଷ ଧରି ବିଭିନ୍ନ ପ୍ରଶ୍ନବାଣରେ ଯେତେବେଳେ ଜର୍ଜରିତ ହୁଏ, ସେତେବେଳେ ତାହାର ଇଜ୍ଜତ ବଳାତ୍କାରଠାରୁ ଅଧିକ ଅନୁଭୂତ ହୁଏ। ତେଣୁ ପରିଶେଷରେ ସେ ବାଧ ହୋଇ ଅଦାଲତରୁ ମାମଲାକୁ ପ୍ରତ୍ୟାହାର କରିଥାନ୍ତି। ଅତଏବ ଇଜ୍ଜତର ସ୍ଥାନ ନିରୂପଣ ହୋଇଥାଏ ଭିନ୍ନ ଏକ ଦୃଷ୍ଟିକୋଣରେ। ଅନ୍ୟପକ୍ଷରେ ପୀଡ଼ିତ ପରିବାର ଓ ନିଜର ଜୀବନ ପ୍ରତି ଯେତେବେଳେ ଧମକ ଆସେ ଓ ଅସୁରକ୍ଷିତ ହୁଏ, ସେତେବେଳେ ଇଜ୍ଜତ ହୋଇଯାଏ ସ୍ଥାନ ନିରୂପଣର ଏକ ଅଙ୍ଗ। ମାତ୍ର ଅନେକ ସମୟରେ ଅଭିଯୁକ୍ତ ଦୋଷୀସାବ୍ୟସ୍ତ ହୋଇ ନ ଥିବାରୁ ବିଚାରାଳୟରୁ ସର୍ତ୍ତରେ ଆସି ନିଜର କୁକର୍ମକୁ ପୁନଃ ଭିନ୍ନ ଶୈଳୀରେ କରିଥାନ୍ତି, ଯାହା ଥାଏ ଆଇନରେ ପୀଡ଼ିତାଙ୍କ ଇଜ୍ଜତ। ପୀଡ଼ିତାଙ୍କୁ କଳଙ୍କିତ କରିବା ଓ ପୀଡିତାଙ୍କୁ ଆପୋସ ବୁଝାମଣା କରିବାକୁ ଉତ୍ସାହିତ କରିବା ଏହି ଜଘନ୍ୟ ଅପରାଧକୁ ଆହୁରି ଉତ୍ସାହିତ କରିଥାଏ। ବଳାତ୍କାରକୁ ଦୁଇଟି ପର୍ଯ୍ୟାୟର ବିଭାଗୀକରଣ କରାଯାଇପାରେ ଓ ତାହା ହେଲା ଅପରିଚିତ ବଳାତ୍କାର ଓ ଅନ୍ୟଟି ହେଲା ପରିଚିତ ବଳାତ୍କାର। ଅପରିଚିତ ବଳାତ୍କାରରେ ବ୍ୟକ୍ତି କାମନାକୁ ଚରିତାର୍ଥ କରିବାପାଇଁ ତଥା ନିଜର ପ୍ରବୃତ୍ତିକୁ ବ୍ୟବହାର କରିବା ଲାଗି ନିୟୋଜିତ କରିଥାଏ ଓ ଏଥିରେ ପୀଡ଼ିତା ଇଜ୍ଜତ ହୋଇଥାଏ ରାଜରାସ୍ତାରେ ମଣ୍ଡିତ। ମାତ୍ର ପରିଚିତ ବଳାତ୍କାରରେ ନିଜର ଆର୍ଥିକ ସ୍ୱାର୍ଥ, ପ୍ରତିଶୋଧ, ବାକ୍‌ଚାତୁରିର ନିପୁଣତା ତଥା ଆର୍ଥିକ ଉତ୍କଣ୍ଠା ନିହିତ ଥାଏ। ଏଥିରେ ଇଜ୍ଜତ ହୋଇଥାଏ ଭିନ୍ନ ସ୍ଥାନର ପ୍ରସଙ୍ଗ, ଯେଉଁଥିରେ ସମ୍ପର୍କର ଘନିଷ୍ଠତା ପୀଡ଼ିତାଙ୍କୁ ବିଚ୍ଛିନ୍ନ ଅନୁଭବ କରେ ଓ ବିହିତ କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶ ଦେଇଥାଏ। ଜଣେ ମହିଳାର ପୃଷ୍ଠଭୂମି ଯାହା ଥାଉନା କାହିଁକି ସମାନତାର ଭିତ୍ତିଭୂମିରେ ଇଜ୍ଜତର ସ୍ଥାନ ନିରୂପଣ ସମସ୍ତଙ୍କ ପାଇଁ ସମାନ ହେବା ଉଚିତ ଯାହା ହେଉଛି ଶୃଙ୍ଖଳାର ମାନଦଣ୍ଡ ଓ ସୁରକ୍ଷିତ ଜୀବନର ଆଧାର।

**ସହାୟକ ନିର୍ଦ୍ଦେଶକ**
**ଜାତୀୟ ଅଭିଲେଖାଗାର, ଭାରତ ସରକାର**
**ୟୁନିଟ –୪ , ଭୁବନେଶ୍ୱର**
**ମୋ : ୯୯୩୭୩୪୫୯୦୦**

# ନୀରବ ସାକ୍ଷୀ



ଅନୀତା ପଟ୍ଟନାୟକ

ଗୁଡ଼ାଏ ବଗୁଲିଆ ପିଲା ପୁରୁଣା ସାଇକେଲ ଟାୟାରରେ ଗାଁରେ ନୂଆ ନୂଆ ତିଆରି ହୋଇଥିବା ବିଜୁଳିବତି ଖୁଣ୍ଟ ତଳେ ନିଆଁ ଲଗାଉଥିଲେ। ମୁଁ ଦେଖିଲି ବିଜୁଳିବତୀ ଖୁଣ୍ଟ ତଳେ ଘୂର୍ଣ୍ଣିବାତ୍ୟା ଭଳି ଛୋଟ ଛୋଟ ପତଙ୍ଗ ଉଡ଼ିବୁଲୁଛନ୍ତି। ମୁଁ ପିଲାଙ୍କୁ ପଚାରିଲି, ପିଲାମାନେ! ତୁମେ ଟାୟାର କାହିଁକି ଜାଳୁଛ? ସେମାନେ କହିଲେ, ବିଜୁଳିବତି ନଥିବା ସମୟରେ ବିଜୁଳିବତି ଖୁଣ୍ଟ ତଳେ ଉଡ଼ି ବୁଲୁଥିବା କୀଟପତଙ୍ଗଗୁଡ଼ିକ ଗଛ ଓ ବୁଦାମୂଳେ ଲୁଚି ରହିଥିଲେ। ଏବେ ଏବେ ଆମ ଘରକୁ ଆଲୁଅ ଆସିଥିବାରୁ ସେ ଆଲୁଅକୁ ଦେଖି କୀଟପତଙ୍ଗଗୁଡ଼ିକ ଘରେ ପଶୁଛନ୍ତି। ସେମାନେ ମତେ ବୁଝାଇ କହିଲେ, ଦୀପାବଳି ପୂର୍ବରୁ ଓ ଦୀପାବଳି ଦିନ ଏହି କୀଟପତଙ୍ଗଗୁଡ଼ାକୁ ନଷ୍ଟ କରିବାକୁ ପଡ଼େ; ନଚେତ୍ ଏଗୁଡ଼ାକ ଘରେ ଘରେ ପଶିଯିବେ ଓ ଘରେ ଲାଇଟ୍ ଲିଭାଇବା ପରେ ଖଟରେ ଚଢ଼ି ଆମ କାନରେ ପଶିବେ।

ଏହି ସମୟରେ ଗୋଟେ ବଗୁଲିଆ ପିଲା ଟାୟାର ଉପରେ କିରୋସିନ ଢାଳି ଦିଆସିଲିରେ ଅଗ୍ନି ସଂଯୋଗ କଲା। ଟାୟାରଗୁଡ଼ିକ ହୁତ୍‌ହୁତ୍ ହୋଇ ଜଳି ଉଠିଲେ। ଭାବିଥିଲି କୀଟପତଙ୍ଗଗୁଡ଼ିକ ନିଆଁକୁ ଦେଖି ଡରି ଅନ୍ୟ ବିଜୁଳି ଖୁଣ୍ଟ ନିକଟକୁ ଚାଲିଯିବେ। କିନ୍ତୁ ଏ କ'ଣ? ଘୂର୍ଣ୍ଣିବାତ୍ୟା ଭଳି ବୁଲୁଥିବା କୀଟପତଙ୍ଗଗୁଡ଼ିକ ବିଜୁଳିବତି ଆଲୁଅ ପାଖରୁ ତଳମୁହାଁ ହୋଇ, ଅଗ୍ନିରେ ନିଜକୁ ନିକ୍ଷେପ କରି ଶେଷ କରିଦେଉଥାନ୍ତି। ସେହିଦିନ ମୁଁ ବୁଝିପାରିଥିଲି, ଶିକ୍ଷକ ଆମକୁ କାହିଁକି କହନ୍ତି 'ଭଲ କାମ କର, ଭଲ ଦେଖ ଓ ଭଲ କୁହ'। ଅନିରୁଦ୍ଧ ସାର, ପାଠ ପଢ଼ାଉଥିଲାବେଳେ କହୁଥିଲେ 'ଯେପରି ଦୃଷ୍ଟି, ସେପରି ସୃଷ୍ଟି'। ସେ କହୁଥିଲେ, କର୍ମର ପ୍ରତିକ୍ରିୟା ଥାଏ। କେତେକ କର୍ମର ଫଳ ସଙ୍ଗେ ସଙ୍ଗେ ମିଳିଯାଇଥାଏ ଓ କେତେକ କର୍ମର ଫଳ ଡେରିରେ ମିଳିଥାଏ। ଆମେ କରିଥିବା ଖରାପ କର୍ମ, ଯାହା ସମାଜ ଦ୍ୱାରା ବା ଆଇନ ଦ୍ୱାରା ଅନୁମୋଦିତ ନୁହେଁ, ଭୁଲିଯାଇପାରୁ କିନ୍ତୁ ସମୟ ଭୁଲେ ନାହିଁ। ତାହାର ଫଳ ଆମକୁ ଦିନେନା ଦିନେ ଭୋଗ କରିବାକୁ ପଡ଼େ। କାରଣ ବିଜ୍ଞାନ କୁହେ, ପ୍ରତ୍ୟେକ କର୍ମରେ ସମାନ ଓ ବିପରୀତ ପ୍ରତିକ୍ରିୟା ହୋଇଥାଏ। ମୁଁ ସେ ଦିନ ଅନିରୁଦ୍ଧ ସାରଙ୍କୁ ପଚାରିଥିଲି, 'ସାର୍! ଆପଣ ତ କହୁଥିଲେ ଆମ ସମସ୍ତଙ୍କ ମଧ୍ୟରେ ଆତ୍ମା ବିଦ୍ୟମାନ, ସେ ହିଁ ଆମ ଇନ୍ଦ୍ରିୟଗୁଡ଼ିକୁ ଚଳାଉଛନ୍ତି। ଯଥା ଆଖି ମାଧ୍ୟମରେ ସେ ଦେଖନ୍ତି, କାନ ମାଧ୍ୟମରେ ସେ ଶୁଣନ୍ତି, ପାଟି ମାଧ୍ୟମରେ ସେ ସ୍ୱର ସୃଷ୍ଟି କରନ୍ତି ଓ ଖାଦ୍ୟ ଖାଆନ୍ତି। ନାକ ମାଧ୍ୟମରେ ସେ ଘ୍ରାଣ କରିଥା'ନ୍ତି ଓ ଚର୍ମ ମାଧ୍ୟମରେ ସ୍ପର୍ଶନ ଦ୍ୱାରା ସବୁ ଅନୁଭବ କରିପାରିଥାନ୍ତି। ସେ ଦିନ ଟାୟାର ଜାଳୁଥିବା ମୋର ଗୋଟିଏ ବଗୁଲିଆ ବନ୍ଧୁ ଶ୍ରେଣୀରେ ପଚାରିଥିଲା, ସାର! ଆମେ କର୍ମେନ୍ଦ୍ରିୟ ଦ୍ୱାରା ଦୁଷ୍ଟାମି କାମ କରୁଥିବାବେଳେ ଆମ ଭିତରେ ଥିବା ଭଗବାନ୍ ବା ଆତ୍ମା କ'ଣ କରୁଥା'ନ୍ତି?

ଏହାର ଉତ୍ତର ରଖି ଅନିରୁଦ୍ଧ ସାର୍ କହିଥିଲେ, 'ଆତ୍ମା ଏକ ଶାଶ୍ୱତ ବ୍ରହ୍ମ।' ଆମର ଖରାପ କର୍ମର ସେ ହେଉଛନ୍ତି ନୀରବଦ୍ରଷ୍ଟା। ସେଥିନିମନ୍ତେ ଆମେ କିପରି ଖରାପ କାମ କରିବା ନାହିଁ ଓ ମନ ମଧ୍ୟରେ ଗର୍ବ ଆଣିବା ନାହିଁ, ଭଗବାନ୍ ଆମକୁ ବୁଦ୍ଧି ପରି ଏକ ପବିତ୍ର ଜିନିଷ ଶରୀର ମଧ୍ୟରେ ବ୍ୟବହାର କରିବାକୁ ଦେଇଛନ୍ତି। ଡାକ୍ତର ସିନା ବଡ଼ପଣ ଦେଖାଇ କୁହେ ଆପଣ ବ୍ୟସ୍ତ ହୁଅନ୍ତୁ ନାହିଁ ମୁଁ ରୋଗୀକୁ ଭଲ କରିବାକୁ ଚେଷ୍ଟା କରୁଛି। ସେହି ସମୟରେ ନୀରବଦ୍ରଷ୍ଟା ହସୁଥା'ନ୍ତି, କାରଣ ସେ ଜାଣିଥାନ୍ତି ଏ ରୋଗୀର ରକ୍ଷାକର୍ତ୍ତା ମୁଁ। କିନ୍ତୁ ଡାକ୍ତର ବାହୁସ୍ଫୋଟ ମାରି କହୁଛି ମୁଁ ରୋଗୀକୁ ବଞ୍ଚାଇବାକୁ ଚେଷ୍ଟା କରୁଛି। ସରକାର ଖାଦ୍ୟ ଦେଇ ଲୋକଙ୍କର ଦାରିଦ୍ର୍ୟ ଦୂର କରିବାକୁ ଚେଷ୍ଟା କରୁଛି। କିନ୍ତୁ ପ୍ରକୃତ ରକ୍ଷାକର୍ତ୍ତା ଓ ଦାତା ହେଉଛନ୍ତି ଭଗବାନ୍। ସେ ଦିନର ବଗୁଲିଆ ପିଲାଙ୍କର ଟାୟାରଜଳା ମୋ ଭିତରେ ଭୟ ସଞ୍ଚାର କଲା। କୀଟ ପତଙ୍ଗମାନଙ୍କର ଏକ ପ୍ରଚଣ୍ଡ ଦୃଷ୍ଟିଶକ୍ତି ଅଛି। ତାହା ସେମାନଙ୍କୁ ଅଗ୍ନିରେ ନିକ୍ଷେପ କରୁଛି। ମତେ କିନ୍ତୁ ପାଞ୍ଚୋଟି କର୍ମେନ୍ଦ୍ରିୟ ଦେଇଛନ୍ତି। ଯଦି ମୁଁ ମୋର ବୁଦ୍ଧି ଓ ବିବେକ ଦ୍ୱାରା ଏଗୁଡ଼ିକର ସଠିକ ବ୍ୟବହାର ନ କରେ, ମୋର ଶରୀର ଖଣ୍ଡ ବିଖଣ୍ଡିତ ହୋଇଯିବାର ସମ୍ଭାବନା ରହିଛି। ତେଣୁ ଭଗବାନ୍‌ଙ୍କ ପାଖରେ ଜୋଡ଼ହସ୍ତରେ ପ୍ରାର୍ଥନା କଲି ମୋର ଇନ୍ଦ୍ରିୟଗୁଡ଼ିକ ଭଲ କର୍ମରେ ନିୟୋଜିତ ହେଉ।

**ଅବସରପ୍ରାପ୍ତ ପ୍ରାଧ୍ୟାପିକା,**
**ସିଡିଏ, କଟକ**
**ମୋ: ୯୬୯୨୯୮୦୦୨୬**

## ପାଠକ ଶ୍ରେଷ୍ଠ ବିଚାରକ

### ଅଧ୍ୟାପକମାନେ କିପରି ଚଳିବେ

ମହାଶୟ,

ରାଜ୍ୟରେ ଶିକ୍ଷକମାନେ ହାରାହାରି ପଚିଶ ବର୍ଷ ଚାକିରି କରିବା ପରେ ଅର୍ଥ ସଂଚୟ ଓ ପେନସନ୍ ରାଶି ବ୍ୟତୀତ ନିଃସହାୟ ଅବସ୍ଥାରେ ଅବସର ନେଉଛନ୍ତି । ରାଜ୍ୟରେ ବିଶ୍ୱବିଦ୍ୟାଳୟ ଓ ବୈଷୟିକ ଶିକ୍ଷାନୁଷ୍ଠାନଗୁଡ଼ିକୁ ଛାଡ଼ିଦେଲେ ପ୍ରାୟ ୫୧ଟି ସରକାରୀ ଓ ୧୧୫୦ଟି ଅନୁଦାନପ୍ରାପ୍ତ କଲେଜ ସାଧାରଣ ଉଚ୍ଚଶିକ୍ଷା ପ୍ରଦାନ କରୁଛନ୍ତି । ରାଜ୍ୟରେ ସରକାରୀ କଲେଜରେ ସ୍ୱଳ୍ପସଂଖ୍ୟକ ସ୍ଥାୟୀ ଅଧ୍ୟାପକ ଥିବାବେଳେ ଖାଲି ପଡ଼ିଥିବା ଅଧିକାଂଶ ସ୍ଥାୟୀ ପଦରେ ଅତିଥି ଅଧ୍ୟାପକ ଅଧ୍ୟାପନା କାର୍ଯ୍ୟ କରୁଛନ୍ତି । ସମଗ୍ର ରାଜ୍ୟରେ ଏକଚତୁର୍ଥାଂଶ ଛାତ୍ରୀଛାତ୍ର ସ୍ୱଳ୍ପସଂଖ୍ୟକ ସରକାରୀ କଲେଜରେ ପାଠ ପଢୁଥିବା ବେଳେ ଅବଶିଷ୍ଟ ତିନିଚତୁର୍ଥାଂଶ ଅନୁଦାନପ୍ରାପ୍ତ କଲେଜରେ ଅଧ୍ୟୟନ କରୁଛନ୍ତି । ୧୯୮୮ ପରଠାରୁ ଅନୁଦାନପ୍ରାପ୍ତ କଲେଜର ଅଧ୍ୟାପକମାନଙ୍କ ପାଇଁ ୟୁଜିସି ହାରରେ ଅନୁଦାନ ଲାଗୁ ନ କରିବା ଦୁର୍ଭାଗ୍ୟଜନକ ନୁହେଁ କି? ପୁରୀ ଜିଲାର ସରକାରୀ କଲେଜରେ ସ୍ୱଳ୍ପ ସଂଖ୍ୟକ ସ୍ଥାୟୀ ଶିକ୍ଷକ ଥିବାବେଳେ ଖାଲି ପଡୁଥିବା ଅଧିକାଂଶ ସ୍ଥାୟୀ ପଦରେ ଅତିଥି ଅଧ୍ୟାପକ ଅଧ୍ୟୟନ କାର୍ଯ୍ୟ କରୁଛନ୍ତି । ସତ୍ୟବାଦୀରେ ଓଡ଼ିଆ ବିଶ୍ୱବିଦ୍ୟାଳୟ କାର୍ଯ୍ୟକାରୀ ହୋଇଛି ସତ, କିନ୍ତୁ ଗୋପବନ୍ଧୁ ସ୍ମୃତି ମହାବିଦ୍ୟାଳୟରେ ଅଧ୍ୟାପନା କରୁଥିବା ଅଧ୍ୟାପକମାନେ ଅଧିକ ଦାୟିତ୍ୱ ନିର୍ବାହ କରିବା ଏକ ପ୍ରଶ୍ନବାଚୀ ସୃଷ୍ଟି କରିଛି । ବହୁ ବିବାଦ ନ୍ୟାୟାଳୟକୁ ଯାଉଛି । ଅଧ୍ୟାପକମାନେ ଛାତ୍ରୀଛାତ୍ର ତଥା କଲେଜର ସାମଗ୍ରିକ ବିକାଶ ପ୍ରତି ଧ୍ୟାନଦେବା ପରିବର୍ତ୍ତେ ଉଚ୍ଚଶିକ୍ଷା ବିଭାଗର ଅସ୍ଥିର ଆଭିମୁଖ୍ୟକୁ ନେଇ ଅଧିକ ଚିନ୍ତାଗ୍ରସ୍ତ ରହିବା ଏକ ପ୍ରଶ୍ନବାଚୀ ସୃଷ୍ଟି କରିଛି ।

**–ଦେବତିକ୍ତ ମିଶ୍ର, ସତ୍ୟବାଦୀ, ପୁରୀ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ମା’ ସମଲେଇଙ୍କ ଧବଳମୁଖୀ ବେଶ

**ସମ୍ବଲପୁର,୨।୧୦(ବି.ଶଙ୍କର)**

ପରମ୍ପରା ଓ ରୀତିନୀତି ଅନୁସାରେ ଆଶ୍ୱିନ ମହାଳୟା ତିଥିରେ ସମ୍ବଲପୁରର ଇଷ୍ଟଦେବୀ ମା’ ସମଲେଇ ଧବଳମୁଖୀ ତଥା ଗଙ୍ଗା ବେଶରେ ବୁଧବାର ଭକ୍ତମାନଙ୍କୁ ଦର୍ଶନ ଦେଇଛନ୍ତି। ଶୁକ୍ରବାର ପର୍ଯ୍ୟନ୍ତ ଦେବୀଙ୍କ ଧବଳମୁଖୀ ବେଶ ଭକ୍ତମାନେ ଦର୍ଶନ କରିପାରିବେ।

ସମ୍ବଲପୁରର ଚୌହାନ ବଂଶର ରାଜା ବଳରାମ ଦେବଙ୍କ ରାଜତ୍ୱ କାଳରେ ସମଲେଶ୍ୱରୀ ମନ୍ଦିର ପ୍ରତିଷ୍ଠା ହୋଇଥିଲା। ସେହିଦିନଠାରୁ ଆଜି ପର୍ଯ୍ୟନ୍ତ ମହାଳୟା ତିଥିରେ ଦେବୀ ଧବଳମୁଖୀ ବେଶରେ ଭକ୍ତମାନଙ୍କୁ ଦର୍ଶନ ଦେଇ ଆସୁଛନ୍ତି। ପ୍ରକୃତରେ ଧବଳମୁଖୀ ବେଶକୁ ଗଙ୍ଗା ଦର୍ଶନ କୁହାଯାଏ। ଭକ୍ତମାନେ ବର୍ଷର ପ୍ରତ୍ୟେକ ଦିନ ଓ ପର୍ବଗୁଡ଼ିକରେ ମା’ ସମଲେଇଙ୍କୁ ସିନ୍ଦୂରବର୍ଣ୍ଣା ବେଶରେ ଦର୍ଶନ କରିଥାନ୍ତି। କେବଳ ମହାଳୟା ତିଥିରେ ଶ୍ୱେତ ବର୍ଣ୍ଣରେ ଦର୍ଶନ କରିଥାନ୍ତି।

ମହାଳୟାରେ ପିତୃପୁରୁଷଙ୍କୁ ପିଣ୍ଡଦାନ କରାଯିବା ପରେ ଗଙ୍ଗା ସ୍ନାନ କରିବାର ନୀତି ରହିଛି। ଅଥଚ ସମସ୍ତଙ୍କ ପକ୍ଷେ ଗଙ୍ଗା ଦର୍ଶନ କରିବା ସମ୍ଭବ ନୁହେଁ। ତେଣୁ ଯେଉଁ ଭକ୍ତମାନେ ଗଙ୍ଗା ଯାଇପାରନ୍ତି ନାହିଁ, ସେମାନେ ପିତୃପୁରୁଷ ପିଣ୍ଡଦାନ ପରେ ଦେବୀ ସମଲେଇଙ୍କ ଏହି ଅପୂର୍ବ ଧବଳମୁଖୀ ବେଶ ଦର୍ଶନକରି କାର୍ଯ୍ୟସିଦ୍ଧି ଓ ଆଶୀର୍ବାଦ ପ୍ରାପ୍ତି କରିଥାନ୍ତି ବୋଲି ଲୋକକଥା ରହିଛି।



ବୁଧବାର ମା’ ସମଲେଇଙ୍କ ଧବଳମୁଖୀ ବେଶ।

## ଦେବୀଙ୍କଠାରେ ଭୋଗ ଲାଗିଲା ମୁଗବରା

ବୁଧବାର ପ୍ରାତଃ ୪ଟା ୩୦ରେ ଧବଳମୁଖୀ ବେଶ ପୂଜା, ମହା ଆଳତି ହୋଇଥିଲା। ଏହାପରେ ପୂଜକମାନେ ଭୁବନେଶ୍ୱରୀଙ୍କ ବୀଜମନ୍ତ୍ର ପାଠକରି ଦେବୀଙ୍କ ସ୍ୱତନ୍ତ୍ର ପୂଜାର୍ଚ୍ଚନା କରିଥିଲେ। ସମଲେଇଙ୍କ ପ୍ରିୟ ମୁଗବରା (ମୁଗ ଓ ଗୁଡ଼ରେ ପ୍ରସ୍ତୁତ) ଭୋଗ ଲାଗିଥିଲା। ଏହାପରେ ମଙ୍ଗଳ ଆଳତି, ବେଢ଼ା ପୂଜା ନୀତି ସମ୍ପନ୍ନ ହୋଇଥିଲା। ମଙ୍ଗଳବାର ରାତିରୁ ଧାଡ଼ିବାନ୍ଧି ଅପେକ୍ଷାରତ ଭକ୍ତମାନଙ୍କ ଦର୍ଶନ ନିମନ୍ତେ ପ୍ରାତଃ ୫ଟା ୫ରେ ମନ୍ଦିର ଦ୍ୱାର ଉନ୍ମୁକ୍ତ ହୋଇଥିଲା। ଅପରାହ୍ନ ୧୧ଟା୪୫ରେ ମନ୍ଦିର ଦ୍ୱାର ବନ୍ଦ ହୋଇଥିଲା। ମଧ୍ୟାହ୍ନ ୧୨ଟାରେ ଅନ୍ନଭୋଗ ନୀତି ପରେ ୧୨ଟା୩୦ ପର୍ଯ୍ୟନ୍ତ ପହଡ଼ ନୀତି ରହିଥିଲା। ମଧ୍ୟାହ୍ନ ୧୨ଟା ୩୦ରୁ ରାତି ୭ଟା ୪୫ ପର୍ଯ୍ୟନ୍ତ ଭକ୍ତମାନେ ଦର୍ଶନ କରିଥିଲେ। ରାତି ୭ଟା ୪୫ରୁ ୮ଟା ଯାଏ ସନ୍ଧ୍ୟା ଆଳତି, ୯ଟାରେ ଅନ୍ନଭୋଗ ନୀତି ଏବଂ ରାତି ୧୧ଟାରେ ମନ୍ଦିର ଦ୍ୱାର ବନ୍ଦ ହୋଇଥିଲା। ପୂଜକ ଗଙ୍ଗାଧର ରାୟ ପୂଜାର୍ଚ୍ଚନା କରିଥିଲେ। ମନ୍ଦିର ମୁଖ୍ୟ ପୂଜକ ଅମ୍ବିକା ପ୍ରସାଦ ରାୟଙ୍କ ତତ୍ତ୍ୱାବଧାନରେ ବେଶନୀତି ହୋଇଥିଲା। ମଙ୍ଗଳବାର ରାତି ୧୧ଟାରେ ପୂଜକମାନେ ମନ୍ଦିର ଗମ୍ଭୀରା ସଫା କରିଥିଲେ। ୧୧ଟାରୁ ପ୍ରାତଃ ୩ଟା ପର୍ଯ୍ୟନ୍ତ ଶଙ୍ଖ ଓ ଗୋପି ତିଳକର ମିଶ୍ରଣରେ ଦେବୀଙ୍କୁ ଧବଳମୁଖୀ ବେଶରେ ସଜ୍ଜିତ କରାଯାଇଥିଲା। ବେଶ କାର୍ଯ୍ୟ ଶେଷ ହେବା ପରେ ମୁଖ୍ୟ ପୂଜକ ଅମ୍ବିକା ମହାନଦୀ ସମଲେଇ ଘାଟରେ ସ୍ନାନକରି ପିତ୍ତଳ ପାତ୍ର (ଗରିଆ)ରେ ପାଣି ଆଣି ଦେବୀଙ୍କୁ ସ୍ନାନ କରାଇଥିଲେ। ଏହା ପରେ ସମ୍ବଲପୁରୀ ଶ୍ୱେତ ପାଟବସ୍ତ୍ର ସମଲେଇ ପରିଧାନ କରିଥିଲେ। ପୂଜକ ନିର୍ଭୟ ରାୟ, ହିମାଂଶୁ ରାୟ, ପ୍ରକାଶ ରାୟ, ସଗନ ରାୟ, ଅମିୟ ରାୟ, ଗଗନ ରାୟ, ଅକ୍ଷୟ ରାୟ, ପ୍ରଶାନ୍ତ ରାୟ, ମନୋଜ ରାୟ, ବୃନ୍ଦାବନ ରାୟ ପ୍ରମୁଖ ଦେବୀଙ୍କ ବେଶ କାର୍ଯ୍ୟ କରିଥିଲେ। ଅନ୍ୟ ପୂଜକମାନେ ସହଯୋଗ କରିଥିଲେ।

ମନ୍ଦିର ଟ୍ରଷ୍ଟ ବୋର୍ଡ ସଭାପତି ସଞ୍ଜୟ କୁମାର ବାବୁ, ଟ୍ରଷ୍ଟ ସଭ୍ୟ ପ୍ରଫୁଲ୍ଲ କୁମାର ହୋତା, ଅନନ୍ଦିତ ଦାଶ, ହେମନ୍ତ କୁମାର ମିଶ୍ର, ଦେବ କୁମାର ଆଜମେରିଆ, ସନ୍ତୋଷ ପୃଷ୍ଟେଠ, ବୀରେନ୍ଦ୍ର ରାୟ ଉପସ୍ଥିତ ରହି ଭକ୍ତମାନେ କିପରି ଶୃଙ୍ଖଳିତ ଭାବେ ଦେବୀଙ୍କ ଦର୍ଶନ କରିବେ ସେନେଇ ବ୍ୟବସ୍ଥା କରିଥିଲେ। ଏଥିସହ ଟ୍ରଷ୍ଟ ବୋର୍ଡ ପକ୍ଷରୁ ଭକ୍ତମାନଙ୍କୁ ମୁଗବରା ପ୍ରସାଦ ଭାବେ ବଣ୍ଟନ କରାଯାଇଥିଲା। ସେହିପରି ମା’ ସମଲେଶ୍ୱରୀ ମହିମା ପ୍ରଚାର ସମିତି ପକ୍ଷରୁ ଦେବୀଙ୍କ ସମ୍ବଲପୁରୀ ପାଟବସ୍ତ୍ର, ପାର୍ଶ୍ୱ ଦେବଦେବୀଙ୍କ ସମେତ ସମସ୍ତ ପୂଜକଙ୍କୁ ଶ୍ୱେତବସ୍ତ୍ର ଦିଆଯାଇଥିଲା। ପ୍ରଚାର ସମିତିର ତ୍ରିବିକ୍ରମ ପ୍ରଧାନଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟ ହୋଇଥିଲା।

# ୧୦୮ ଫୁଟର ସ୍ମାରକୀ ଜାତୀୟ ପତାକା ସ୍ତମ୍ଭ ଲୋକାର୍ପିତ

**ପାଟଣାଗଡ଼,୨।୧୦(ସଚ୍ଚିଦାନନ୍ଦ ମହାକୁର)**

ବଲାଙ୍ଗୀର ଜିଲା ପାଟଣାଗଡ ଏନଏସି ସ୍ଥିତ ରମାଇ ହାଇସ୍କୁଲ ଖେଳପଡିଆଠାରେ ୧୦୮ ଫୁଟର ସ୍ମାରକୀ ଜାତୀୟ ପତାକା ସ୍ତମ୍ଭ ଲୋକାର୍ପଣ ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଉପମୁଖ୍ୟମନ୍ତ୍ରୀ ତଥା ପାଟଣାଗଡ ବିଧାୟକ କନକବର୍ଦ୍ଧନ ସିଂହଦେଓ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ବଲାଙ୍ଗୀର ଲୋକସଭା ଏମ୍ପି ସଙ୍ଗୀତା କୁମାରୀ ସିଂଦେଓ, ଜିଲାପାଳ ଗୌରବ ଶିବାଜୀ ଇସାଲୱାର, ଜିଲା ଆରକ୍ଷୀ ଅଧୀକ୍ଷକ ଋଷିକେଶ ଖିଲାରି, ଫ୍ଲାଗ ଫାଉଣ୍ଡେଶନ ଅଫ




ଇଣ୍ଡିଆ ଓ ନବିନ ଜିନ୍ଦଲ ଫାଉଣ୍ଡେଶନ ମେୟର ଜେରେନାଲ (ସିଇଓ) ଅସିମ କୋହିଲି, ପାଟଣାଗଡ ଉପଜିଲାପାଳ ଅମିତ ନାଏକ ଯୋଗଦେଇଥିଲେ। ଏହି ଅବସରରେ ଅତିଥିମାନେ ୧୦୮ ଫୁଟର ସ୍ମାରକୀ ଜାତୀୟ ପତାକା ସ୍ତମ୍ଭର ଲୋକାର୍ପଣ କରିଥିଲେ। ଉକ୍ତ ପଡିଆରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ସଭାରେ ଅତିଥିମାନେ ନିଜ ନିଜର ବକ୍ତବ୍ୟ ରଖିଥିଲେ। ବିଭିନ୍ନ ବିଭାଗର ପ୍ରଶାସନିକ ଅଧିକାରୀ, ଅଙ୍ଗନୱାଡ଼ି କର୍ମୀଙ୍କ ସହ ପାଟଣାଗଡର ବିଭିନ୍ନ ସ୍କୁଲର ଛାତ୍ରୀଛାତ୍ର, ମହିଳା, ପୁରୁଷଙ୍କ ସମେତ ଭାଜପା କର୍ମୀମାନେ ଯୋଗଦେଇଥିଲେ।

# ପାରିବାରିକ କଳହରୁ ଭିଣୋଇଙ୍କୁ ହତ୍ୟା

**ଥୁଆମୂଳ ରାମପୁର,୨।୧୦(ଦୁର୍ଗା କୀର୍ତ୍ତି)**

କଳାହାଣ୍ଡି ଜଲା ଥୁଆମୂଳ ରାମପୁର ଥାନା ଅନ୍ତର୍ଗତ ରାଣୀଡୁମେର ଗ୍ରାମରେ ମଙ୍ଗଳବାର ବିଳମ୍ବିତ ରାତିରେ ଏକ ଅଭାବନୀୟ ଘଟଣା ଘଟିଛି। ପାରିବାରିକ କଳହରୁ ଶଳା ହରି ଗୌଡ଼(୫୦) ତାଙ୍କ ଭିଣୋଇ ଟିମା ଗୌଡ଼ (୬୦)ଙ୍କୁ ଠେଙ୍ଗାରେ ଆକ୍ରମଣ କରି ହତ୍ୟା କରିଛନ୍ତି। ଅନ୍ୟପଟେ ଟିମାଙ୍କ ଝିଆରୀ ସୁରେଖା ଗୌଡ଼ (୩୫) ବୁଝାମଣା କରିବାକୁ ଯାଇ ଆକ୍ରମଣର ଶିକାର ହୋଇ ଗୁରୁତର ହୋଇଛନ୍ତି। ଚିକିତ୍ସା ପାଇଁ ତାଙ୍କୁ ଥୁଆମୂଳ ରାମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରୁ ତାଙ୍କୁ ଭବାନୀପାଟଣା ମୁଖ୍ୟ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ବୁଧବାର ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଅଭିଯୁକ୍ତଙ୍କୁ କାବୁକରି ଥାନାକୁ ଆଣି ପଚରାଉଚରା ଚଳାଇଛି। ଏ ନେଇ ଥାନାରେ ଏକ ମାମଲା (ନଂ.୧୬୦/୨୪) ରୁଜୁ ହୋଇଛି। ଗୁରୁବାର ଅଭିଯୁକ୍ତଙ୍କୁ ଜେଏମ୍ଏଫ୍‌ସି କୋର୍ଟ ଚାଲାଣ କରାଯିବ ବୋଲି ଥାନା ଅଧିକାରୀ କୈବଲ୍ୟ ସେଠ ସୂଚନା ଦେଇଛନ୍ତି।

# ୧୦ କି.ମି. ଭାରରେ ବୁହାହେଲେ ରୋଗୀ

**ଭବାନୀପାଟଣା,୨।୧୦(ଉତ୍ତମ କୁମାର ଦାଶ)**

କଳାହାଣ୍ଡି ଜିଲା ଏମ୍ ରାମପୁର ବ୍ଲକର ଆଦିବାସୀ ଅଧ୍ୟୁଷିତ ତଥା ମାଓବାଦୀ ପ୍ରବଣ ଲୁବେନଗଡ ପଞ୍ଚାୟତର ପୁଇଝରୀ ଗାଁରେ ବୁଧବାର ଏକ ଅଭାବନୀୟ ଘଟଣା ସାମ୍ନାକୁ ଆସିଛି। ଏହି ଗାଁର ଇଚିଲି ମାଝି (୫୨) ନାମ୍ନୀ ଜଣେ ମହିଳା ଅସୁସ୍ଥ ହେବାରୁ ପରିବାର ଲୋକେ ତାଙ୍କୁ ଗାଁରୁ ୧୦ କି.ମି. ଦୂର ବାଲିବାଜୁ ପର୍ଯ୍ୟନ୍ତ ଭାରରେ ବୋହି ଆଣିଥିଲେ। ସେଠାରୁ ଅଟୋ ସାହାଯ୍ୟରେ ତାଙ୍କୁ ଉର୍ଲାଦାନୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇ ଚିକିତ୍ସା କରାଯାଇଛି। ପ୍ରକାଶ ଯେ, ପୁଇଝରୀ ଗ୍ରାମକୁ ଯିବା ପାଇଁ ଭଲ ରାସ୍ତାଟିଏ ନ ଥିବାରୁ ଅଧିକାଂଶ ସମୟରେ ଏଠାକାର ରୋଗୀଙ୍କୁ ଏପରି ଭାରରେ ନିଆଯାଉଥିବା ଜଣାପଡିଛି।



# ଅଳିଆଗଦାରୁ ନବଜାତ ଶିଶୁକନ୍ୟା ଉଦ୍ଧାର

**କୋକସରା/କଲମପୁର,୨।୧୦ (ଦୁଷ୍ମନ୍ତ କୁମାର ପାଢୀଯୋଷୀ/ଗଣେଶ ରାମ ବାଗ୍)**

କଳାହାଣ୍ଡି ଜିଲା କଲମପୁର ଥାନା ଅନ୍ତର୍ଗତ ଭୁର୍ଷିଗୁଡା ଗାଁର ଅଳିଆ ଗଦାରୁ ଏକ ଶିଶୁକନ୍ୟାକୁ ଉଦ୍ଧାର କରାଯାଇଛି। ସୂଚନା ଅନୁଯାୟୀ ଗତ ରାତିରେ ଗାଁର କେତେଜଣ ଯୁବକ ରାସ୍ତାରେ ବୁଲିବା ସମୟରେ ଅଳିଆଗଦାରେ ପଡିଥିବା ଏକ ଶିଶୁର କ୍ରନ୍ଦନ ଶୁଣିଥିଲେ। ଯୁବକମାନେ ମୋବାଇଲ ଟର୍ଚ୍ଚ ମାରି ନବଜାତ ଶିଶୁକନ୍ୟା ପଡିଥିବା ଦେଖି ଗାଁର ଆଶା, ଅଙ୍ଗନୱାଡ଼ି, ସ୍ଥାନୀୟ ପୋଲିସ, ସ୍ୱେଚ୍ଛାସେବୀଙ୍କୁ ଖବର ଦେଇଥିଲେ। ପରେ ଶିଶୁକନ୍ୟାଙ୍କୁ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସ ଯୋଗେ ରଣମାଳ ଡାକ୍ତରଖାନାରେ ପ୍ରାଥମିକ ଚିକିତ୍ସା ପରେ ଭବାନୀପାଟଣା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ବର୍ତ୍ତମାନ ୧୨ ଶହ ଗ୍ରାମ ଥିବା ଶିଶୁକନ୍ୟାର ସ୍ୱାସ୍ଥ୍ୟବସ୍ଥା ସଙ୍କଟାପନ୍ନ ରହିଛି ବୋଲି ଡାକ୍ତରଖାନା ସୂତ୍ରରୁ ଜଣାପଡ଼ିଛି।



## କୀଟନାଶକ ପିଇ ଯୁବକଙ୍କ ମୃତ୍ୟୁ

ଦେଓଗାଁ,(କୃଷ୍ଣ ପ୍ରସାଦ ପାଣିଗ୍ରାହୀ): ଦେଓଗାଁ ଥାନା ଅନ୍ତର୍ଗତ ମହଲାଇ ପଞ୍ଚାୟତ ଅଧୀନ ସର୍ଗିପାଲିରେ କୀଟନାଶକ ପିଇ ଦେବାରୁ ଜଣେ ଯୁବକଙ୍କ ମୃତ୍ୟୁ ଘଟିଥିବା ଥାନାରେ ଅଭିଯୋଗ ହୋଇଛି। ମୃତ ଯୁବକ ହେଲେ ସର୍ଗିପାଲି ଗାଁର ଧନଞ୍ଜୟ ଉଦୁରକୁଲିଆ(୩୫) । ଘରୋଇ କଳହକୁ କେନ୍ଦ୍ର କରି ମଙ୍ଗଳବାର ଦିନ ଧନଞ୍ଜୟ କୀଟନାଶକ ପିଇ ଦେଇଥିଲେ । ଏନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରି ପୋଲିସ ତଦନ୍ତ ଚଳାଇଛି ।



ବଲାଙ୍ଗୀର ଜିଲା କୁଶଙ୍ଗସ୍ଥିତ ପ୍ରସିଦ୍ଧ ଶକ୍ତିପୀଠରେ ଦେବୀ କୁଶଙ୍ଗାଇଙ୍କ ଧବଳମୁଖୀ ବେଶ । (ଫଟୋ ସୁନୀଲ, ବଲାଙ୍ଗୀର)

# 'ଗାନ୍ଧିଜୀ, ଶାସ୍ତ୍ରୀଙ୍କ ବିଚାର ନିରନ୍ତର ପ୍ରେରଣାର ଉତ୍ସ'

**ବଲାଙ୍ଗୀର,୨।୧୦(ବୀରେନ୍ଦ୍ର କୁମାର ଝାଙ୍କର)**

ବଲାଙ୍ଗୀର ଗାନ୍ଧୀନଗରପଡା ସ୍ଥିତ ଗାନ୍ଧୀଜୀଙ୍କ ପ୍ରତିମୂର୍ତ୍ତି ସ୍ଥଳରେ ଜିଲାସ୍ତରୀୟ ମହାତ୍ମା ଗାନ୍ଧୀ ଓ ଲାଲ ବାହାଦୁର ଶାସ୍ତ୍ରୀଜୀଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଜୟନ୍ତୀ ସମାରୋହରେ ଅତିରିକ୍ତ ଜିଲାପାଳ ପବିତ୍ର ବେହେରା, ବଲାଙ୍ଗୀର ପୌରାଧ୍ୟକ୍ଷା ଲିକା ସାହୁ, ମ୍ୟୁନିସିପାଲିଟି ନିର୍ବାହୀ ଅଧିକାରୀ ବିଶ୍ୱମ୍ଭର ମିଶ୍ର, ବରିଷ୍ଠ ଆଡଭୋକେଟ୍ ଜୟରାମ ମିଶ୍ର, ଶୁଭ୍ରାଂଶୁ ଶେଖର ପଣ୍ଡା, ଅବସରପ୍ରାପ୍ତ ପ୍ରଶାସକ ନୀଳମଣି ମିଶ୍ର, ପ୍ରଫେସର ପ୍ରେମଚାନ୍ଦ ମହାନ୍ତି ଓ ଅନ୍ୟ ମାନ୍ୟଗଣ୍ୟ ବ୍ୟକ୍ତି ଗାନ୍ଧୀଜୀଙ୍କ ପ୍ରତିମୂର୍ତ୍ତି ଓ ଶାସ୍ତ୍ରୀଜୀଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଏହି ଅବସରରେ ପ୍ରତିମୂର୍ତ୍ତି ସ୍ଥଳରେ ଏକ ସର୍ବଧର୍ମ ପ୍ରାର୍ଥନା ସଭା ଅନୁଷ୍ଠିତ ହୋଇଥିଲା । ଏହି ପ୍ରାର୍ଥନା ସଭାରେ ପଣ୍ଡିତ ସତ୍ୟବନ୍ତ ବେଦବାକ ଗୀତା ପାଠ, ମୌଲବୀ ମହମ୍ମଦ ମୋସାହିଦ ରାଜା କୋରାନ ପାଠ ଓ ଗ୍ରନ୍ଥୀ ଯଶବୀର ସିଂ ଗ୍ରନ୍ଥ ସାହେବ ପାଠ, ଏବଂ ଫାଦର ରିଜୁ ଦୀପ ପାଲକ ବାଇବେଲ ପାଠ କରିଥିଲେ। ଏହି ଅବସରରେ ଅନୁଷ୍ଠିତ ସଭାରେ ପୌରାଧ୍ୟକ୍ଷା ସାହୁ ଉଦ୍‌ବୋଧନ ଦେଇ ଗାନ୍ଧୀଜୀଙ୍କ ଜୀବନ ଦର୍ଶନ ଓ ଆଦର୍ଶକୁ ପାଥେୟ କରିବାକୁ କହିଥିଲେ। ଏହି ମହାପୁରୁଷଙ୍କ ଜୀବନ ଓ ବିଚାର ନିରନ୍ତର ପ୍ରେରଣାର ଉତ୍ସ ବୋଲି କହିଥିଲେ। ପୂର୍ବତନ ପ୍ରଧାନମନ୍ତ୍ରୀ ଲାଲ ବାହାଦୁର ଶାସ୍ତ୍ରୀଙ୍କ ସଂଘର୍ଷମୟ ଜୀବନ ସମ୍ପର୍କରେ କହିଥିଲେ। ଅତିରିକ୍ତ ଜିଲାପାଳ ବେହେରା ଗାନ୍ଧୀଜୀ ଓ ଶାସ୍ତ୍ରୀଜୀଙ୍କ ବିଚାର ଓ ମୂଲ୍ୟବୋଧ ଆଜି ବି ପ୍ରାସଙ୍ଗିକ ବୋଲି କହିଥିଲେ। ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସରୋଜ କୁମାର ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଉପଲକ୍ଷେ ପୂର୍ବରୁ ଅନୁଷ୍ଠିତ ଓଡିଆ ବକ୍ତୃତା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ସ୍ତରରେ ଶ୍ରେୟାନଶ ଦଣ୍ଡସେନା ପ୍ରଥମ, ଦମୟନ୍ତୀ ଖୁଆସ ଦ୍ୱିତୀୟ ଓ ଦବ୍ୟାଂଶୀ ପ୍ରିୟଦର୍ଶିନୀ ତୃତୀୟ ସ୍ଥାନ ହାସଲ କରିଥିଲେ। ଉଚ୍ଚ ବିଦ୍ୟାଳୟ ସ୍ତରରେ ଅଭିପ୍ସା ମିଶ୍ର ପ୍ରଥମ, ସାଇ ଶ୍ରୀରାମ ମିଶ୍ର ଦ୍ୱିତୀୟ ଓ ଭେଙ୍କଟ ପ୍ରସାଦ ହୋତା ତୃତୀୟ ହୋଇ ପୁରସ୍କାର ଗ୍ରହଣ କରିଥିଲେ।



ଜିଲାସ୍ତରୀୟ ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀରେ ଅତିଥିଙ୍କ ସହ କୃତୀ ପ୍ରତିଯୋଗୀ ଓ ଅନ୍ୟମାନେ।

### ଜିଲାସ୍ତରୀୟ ଗାନ୍ଧିଜୀ, ଶାସ୍ତ୍ରିଜୀ ଜୟନ୍ତୀ ପାଳନ

# ବିଙ୍ଗ୍ ହ୍ୟୁମାନ ଫାଉଣ୍ଡେଶନ୍ ପକ୍ଷରୁ ନୂଆଁଖାଇ ଭେଟଘାଟ



ବିଙ୍ଗ୍ ହ୍ୟୁମାନ ଫାଉଣ୍ଡେଶନର ନୂଆଖାଇ ଭେଟଘାଟ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

**ବଲାଙ୍ଗୀର,୨।୧୦(ବୀରେନ୍ଦ୍ର କୁମାର ଝାଙ୍କର)**

ଅଗ୍ରଣୀ ସ୍ୱେଚ୍ଛାସେବୀ ଓ ସାମାଜିକ ଅନୁଷ୍ଠାନ ବିଙ୍ଗ ହ୍ୟୁମାନ ଫାଉଣ୍ଡେଶନ ପକ୍ଷରୁ ମଙ୍ଗଳବାର ସନ୍ଧ୍ୟାରେ ସ୍ଥାନୀୟ କୋଶଳ କଳା ମଣ୍ଡଳ ମଞ୍ଚରେ ନୂଆଁଖାଇ ଭେଟଘାଟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ଗୁରୁଶ୍ରୀ ଡ଼. ଘାସିରାମ ମିଶ୍ର, ରାଜ୍ୟସଭା ସଦସ୍ୟ ନିରଞ୍ଜନ ବିଶି, ବଲାଙ୍ଗୀର ବିଧାୟକ କଳିକେଶ ନାରାୟଣ ସିଂଦେଓ, ପଦ୍ମପୁର ବିଧାୟିକା ବର୍ଷା ସିଂ ବରିହା, ପୂର୍ବତନ ମନ୍ତ୍ରୀ ଟୁକୁନି ସାହୁ, ବଲାଙ୍ଗୀର ପୌରାଧ୍ୟକ୍ଷା ଲିକା ସାହୁ, ଦେଓଗାଁ ବ୍ଲକ ଅଧ୍ୟକ୍ଷ ଦୟାନିଧି ଖମାରୀ, ମନୋରଞ୍ଜନ ଯୋଶୀ, ଭାଜପା ନେତା ଗୋପାଳଜୀ ପାଣିଗ୍ରାହୀ ଯୋଗଦାନ କରିଥିଲେ। ସ୍ୱତନ୍ତ୍ର ଅତିଥି ଭାବେ ପୂର୍ବତନ ଏମ୍‌ପି ତଥା ଓଲିଉଡ଼ ସୁପରଷ୍ଟାର ଅନୁଭବ ମହାନ୍ତି ଯୋଗଦାନ କରିଥିଲେ। ଅନୁଷ୍ଠାନ ଉପଦେଷ୍ଟା ଲୋଟସ ଷଡ଼ଙ୍ଗୀ, ଆକାଶ ମିଶ୍ର, ନିହାର ରଞ୍ଜନ ବେହେରା, ମୌସମ ମିଶ୍ର, ବଦ୍ରି ନାରାୟଣ ମିଶ୍ର, ନବଘନ ଦାସ, ରଶ୍ମି ରଞ୍ଜନ ପଟ୍ଟନାୟକ, ସୁଧୀର ଅମାତ, ମହିଳା ଶାଖା ସଭାପତି ରୂପା ଦାସ ମଞ୍ଚାସୀନ ଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମରେ ନଟରାଜ କଳା ପରିଷଦ, ରୁକୁ ସୁନା, ଆଶିଷ କୁମ୍ଭାର, ବ୍ୟାସଦେବ ପୁରୋହିତ, ଶିବାନନ୍ଦ ତ୍ରିପାଠୀ, ସ୍ୱରୂପା ସିଂ, ବିଜ୍ଞାସୀ ବାରିକ, ସୃଷ୍ଟିକା ବାରିକ ପ୍ରମୁଖ କଳାକାରମାନେ ନିଜ କଳା ପରିବେଷଣ କରିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମକୁ ମାନଭଞ୍ଜନ ମିଶ୍ର ସଂଯୋଜନା କରିଥିଲେ। ଶେଷରେ ଅନୁଷ୍ଠାନ ପ୍ରତିଷ୍ଠାତା ସୋମନାଥ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ନିଶାମୁକ୍ତ ଅଭିଯାନ ପାଇଁ ମାନବ ଶୃଙ୍ଖଳ

**ବଲାଙ୍ଗୀର,୨।୧୦(ବୀରେନ୍ଦ୍ର କୁମାର ଝାଙ୍କର)**

ବଲାଙ୍ଗୀର ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ମିଳିତ ଓଡିଶା ନିଶା ନିବାରଣ ଅଭିଯାନ ପକ୍ଷରୁ ବୁଧବାର ନିଶାମୁକ୍ତ ଅଭିଯାନ ପରିପ୍ରେକ୍ଷୀରେ ଏକ ମାନବ ଶୃଙ୍ଖଳ କରାଯାଇ ଜନସଚେତନତା ସୃଷ୍ଟି କରାଯାଇଥିଲା। କମିଟି ଆବାହକ ପୂର୍ଣ୍ଣଚନ୍ଦ୍ର ବିଶ୍ୱାଳ ଓ ଓବିସି ମଞ୍ଚ ସଂଯୋଜକ ସରୋଜ କୁମାର ମେଶ୍ରାଙ୍କ ଆବାହକତ୍ୱରେ ଅନୁଷ୍ଠିତ ଏହି ନିଶାମୁକ୍ତି ଅଭିଯାନର ମାନବ ଶୃଙ୍ଖଳରେ ବହୁ ମହିଳା ଓ ପୁରୁଷ ଯୋଗଦାନ କରିଥିଲେ। ଗ୍ରାମ ପଞ୍ଚାୟତ ଓ ବ୍ଲକ ସ୍ତରରୁ ନିଶାମୁକ୍ତ ସଙ୍ଗଠନ କରାଯାଇ ମଦମୁକ୍ତି ଓଡ଼ିଶା ଲାଗି ସ୍ଥାନୀୟ ସ୍ତରରୁ ଦାବିପତ୍ର ପ୍ରଦାନ, ଚୋରାମଦ ବନ୍ଦ କରିବା, ବିଦ୍ୟାଳୟ ଓ ଗାଁ ବଜାର ଠାରୁ ଅତିକମ୍‌ରେ ଅଧ କିଲୋମିଟର ଦୂରକୁ ମଦଭାଟି ଓ ବିଦେଶୀ ମଦ ଦୋକାନ ସ୍ଥାନାନ୍ତର କରାଯିବା ପାଇଁ ଦାବିପତ୍ର ପ୍ରଦାନ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଥିଲା। ଏହି କାର୍ଯ୍ୟକ୍ରମରେ ପ୍ରଭାତ କୁମାର ମିଶ୍ର, ଡ. ବିପିନ କୁଶୁଲିଆ, ଦ୍ୱିଜ ଦଳପତି, ରାଜେନ୍ଦ୍ର ସୁନା, ଜୟ କୁମାର ବାଗଙ୍କ ସମେତ ଅନ୍ୟମାନେ ସାମିଲ ହୋଇଥିଲେ।

# ଜିଲାସ୍ତରୀୟ ଭଲିବଲ ପ୍ରତିଯୋଗିତା



ବିଧାୟକ ଖେଳାଳିଙ୍କ ସହିତ କରମର୍ଦ୍ଦନ କରୁଛନ୍ତି।

**ଟିଟିଲାଗଡ଼,୨।୧୦(ଶରତ ମିଶ୍ର)**

ସ୍ଥାନୀୟ ବାଳକ ହାଇସ୍କୁଲ ଖେଳପଡିଆଠାରେ ବଲାଙ୍ଗୀର ଜିଲା କ୍ରୀଡା ସଂଗଠନ ପକ୍ଷରୁ ଜିଲାସ୍ତରୀୟ ବିଦ୍ୟାଳୟ ଭଲିବଲ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାର ୧୩ଟି ବ୍ଲକର ଛାତ୍ରୀଛାତ୍ରଙ୍କୁ ନେଇ ରାଜ୍ୟସ୍ତରୀୟ ପ୍ରତିଯୋଗିତା ପାଇଁ ଖେଳାଳି ଚୟନ ହୋଇଛି। ପ୍ରତିଯୋଗିତାର ବାଳିକା ବର୍ଗରେ ଦେଓଗାଁ ଚାମ୍ପିୟନ ଏବଂ ସଇଁତଲା ରନର୍ସ ଅପ, ବାଳକ ବର୍ଗରେ ବଙ୍ଗୋମୁଣ୍ଡା ଚାମ୍ପିୟନ ଏବଂ ପୁଇଁତଲା ରନର୍ସ ଅପ୍ ବିବେଚିତ ହୋଇଛି। ଟିଟିଲାଗଡ଼ ବିଧାୟକ ନବୀନ ଜୈନ ପ୍ରତିଯୋଗିତା ଉଦ୍‌ଘାଟନ କରିଥିଲେ। ଟିଟିଲାଗଡ଼ ବ୍ଲକ ଶିକ୍ଷା ଅଧିକାରୀ ଆର୍ତ୍ତତ୍ରାଣ ରଥଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଘାଟନୀ ସଭାରେ ବିଧାୟକ ଜୈନ ଟିଟିଲାଗଡ଼ ଠାରେ ଖୁବଶୀଘ୍ର ଏକ ଇଣ୍ଡୋର ଷ୍ଟାଡିୟମ ପ୍ରତିଷ୍ଠା ପାଇଁ ତାଙ୍କର ପ୍ରୟାସ ଜାରି ରହିବ ବୋଲି କହିଥିଲେ। କାର୍ଯ୍ୟକ୍ରମରେ ବିଶିଷ୍ଟ ସାମାଜିକ କର୍ମୀ ପ୍ରମୋଦ ପ୍ରଧାନ, ଜିଲା ଶାରୀରିକ ଶିକ୍ଷା ଅଧିକାରୀ ପ୍ରଦୀପ ପାତ୍ର, ବାଳକ ହାଇସ୍କୁଲ ପ୍ରଧାନ ଶିକ୍ଷକ ପ୍ରବୀର ପଣ୍ଡା, ବାଳିକା ହାଇସ୍କୁଲ ପ୍ରଧାନ ଶିକ୍ଷକ ସୁବାଷ ଚନ୍ଦ୍ର ଦାଶ ମଞ୍ଚାସୀନ ଥିଲେ। ଦେଶିଲ ଆଶ୍ରମ ସ୍କୁଲ ଛାତ୍ରୀ ସ୍ୱାଗତ ସଙ୍ଗୀତ ତଥା ମାହେଶ୍ୱରୀ ହିନ୍ଦୀ ହାଇସ୍କୁଲ ଛାତ୍ରୀ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ସଇଁତଲା ବ୍ଲକ କ୍ରୀଡା ସମ୍ପାଦିକା ରଞ୍ଜିତା ମିଶ୍ର ସଭା ପରିଚାଳନା କରିଥିବା ବେଳେ ଶିକ୍ଷକ ଶୁଭମ ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ। ଟିଟିଲାଗଡ଼ ବ୍ଲକ କ୍ରୀଡା ସମ୍ପାଦିକା ପଦ୍ମଜା ବହିଦାରଙ୍କ ତତ୍ତ୍ୱାବଧାନରେ ବିକାଶ ଦାଶ, ପୁଞ୍ଜିବିହାରୀ ବେହେରା, ରମାକାନ୍ତ ପ୍ରଧାନ, ମନୋଜ ସାହୁ, ରାଜକୁମାର ପାଣିଗ୍ରାହୀ, ସନ୍ତୋଷ ବେହେରା, ଆଲୋକ ଦାଶ, ଗୁପ୍ତେଶ୍ୱର ବାରିକ ଖେଳ ପରିଚାଳନା କରିଥିଲେ । ବାଳକ ହାଇସ୍କୁଲ ଏନସିସି କ୍ୟାଡେଟ, ଫାୟାର ଷ୍ଟାର ଭଲିବଲ କ୍ଲବ ଟିଟିଲାଗଡ଼ କାର୍ଯ୍ୟକ୍ରମ ଆୟୋଜନରେ ସହାୟତା କରିଥିଲେ।

### ଇନ୍‌ଡୋର ଷ୍ଟାଡିୟମ ପ୍ରତିଷ୍ଠା ପାଇଁ ପ୍ରୟାସ ଜାରି ରହିବ

## ଗୌରଗୋଠ ସମିତି ସଭ୍ୟଙ୍କ ପରଲୋକ

**ଦେଓଗାଁ,୨।୧୦(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଅନ୍ତର୍ଗତ ଗୌରଗୋଠ ସମିତିସଭ୍ୟ ଟଙ୍କଧର ବେରିଆଙ୍କ ବୁଧବାର ଭୁବନେଶ୍ୱରସ୍ଥ ଏକ ଘରୋଇ ହସ୍ପିଟାଲରେ ପରଲୋକ ହୋଇଯାଇଛି। ଗତ ରବିବାର ଦିନ ଭୀମପାହାଡଠାରେ ସମିତିସଭ୍ୟମାନଙ୍କୁ ନେଇ ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ଦିନ ସମିତିସଭ୍ୟ ବେରିଆ ବୈଠକରେ ଯୋଗଦାନ କରିଥିଲେ। ଖାଇ ବସିବା ସମୟରେ ହଠାତ ଅସୁସ୍ଥତା ଅନୁଭବ କରିଥିଲେ। ସେଠାରୁ ତାଙ୍କୁ ବଲାଙ୍ଗୀର ଭୀମଭୋଇ ମେଡିକାଲକୁ ଚିକିତ୍ସା ପାଇଁ ନିଆଯାଇଥିଲା। ପରେ ଭୁବନେଶ୍ୱର ସ୍ଥାନାନ୍ତରିତ କରାଯାଇଥିଲା। ସ୍ୱର୍ଗତ ବେରିଆଙ୍କ ବିୟୋଗରେ ବିଧାୟକ କଳିକେଶ ସିଂଦେଓ, ପୂର୍ବତନ ରାଜ୍ୟସଭା ସଦସ୍ୟ ଅନଙ୍ଗ ଉଦୟ ସିଂଦେଓ, ବିଜେଡି ବ୍ଲକ ସଭାପତି ଶୁଶିଳ କୁମାର ଚାନ୍ଦ, ବରିଷ୍ଠ ବିଜେଡି ନେତା ଲକ୍ଷ୍ମଣ କୁମାର ମେହେର, ବ୍ଲକ ଅଧ୍ୟକ୍ଷ ଦୟାନିଧି ଖମାରୀ, ବିଜେଡି ଯୁବ ସଭାପତି ଶୈଳେନ୍ଦ୍ର କୁମାର ସାହୁ, ବୁଦ୍ଧଦେବ ପରୁଆ, ପୂର୍ବତନ ସରପଞ୍ଚ ଅନ୍ତର୍ଯ୍ୟାମୀ ଭୋଇ, ବିଡିଓ କ୍ଷମାନିଧି ଭୋଇ, ସମିତିସଭ୍ୟ, ସରପଞ୍ଚ ଶୋକ ପ୍ରକାଶ କରିଛନ୍ତି ।

# ବାଲାଜୀ କଲେଜ ଅଫ୍ ନର୍ସିଂରେ ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ମାସ ପାଳନ



ବାଲାଜୀ କଲେଜ ଅଫ୍ ନର୍ସିଂରେ ମାନସିକ ସ୍ୱାସ୍ଥ୍ୟ ମାସ ପାଳନ ଅବସରରେ କୃତି ପ୍ରତିଯୋଗୀଙ୍କ ସହ ଅତିଥି।

**ବଲାଙ୍ଗୀର,୨।୧୦(ବୀରେନ୍ଦ୍ର କୁମାର ଝାଙ୍କର)**

ବଲାଙ୍ଗୀର ବାଲାଜୀ କଲେଜ ଅଫ୍ ନର୍ସିଂ ପରିସରରେ ମଙ୍ଗଳବାରଠାରୁ ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ମାସ ପାଳନ ଆରମ୍ଭ ହୋଇଛି। ଏହି ନର୍ସିଂ କଲେଜର ବିଭାଗୀୟ ମୁଖ୍ୟ ଦେବାଶିଷ ପାଣ୍ଡିଆଙ୍କ ସଂଯୋଜନାକ୍ରମେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲା ମାନସିକ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ଅଧିକାରୀ ଡା. ସୁଖୀଶ୍ୟାମ ତ୍ରିପାଠୀ ମୁଖ୍ୟଅତିଥି ଓ କଲେଜ ନିର୍ଦ୍ଦେଶକ ଅଭିଲାଷ ଅଗ୍ରୱାଲ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ନର୍ସିଂ ଛାତ୍ରୀଛାତ୍ରଙ୍କ ମଧ୍ୟରେ ମାନସିକ ରୋଗ ଓ ଏହାର ନିରାକରଣ ଉପରେ ବକ୍ତୃତା ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ଏହି ପ୍ରତିଯୋଗିତାରେ ଉମାମଲ୍ଲିକା ସାହୁ ପ୍ରଥମ, ପ୍ରୀତିମୟୀ ସାହୁ ଦ୍ୱିତୀୟ ଏବଂ ମୋନିକା କୁମ୍ଭାର ତୃତୀୟ ସ୍ଥାନ ଅଧିକାର କରିଥିଲେ। ଅତିଥିମାନେ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ବିଭାଗୀୟ ଦାୟିତ୍ୱରେ ଥିବା ମଳୟ କୁମାର ନାଗ, ସବ୍ୟସାଚୀ ସିଂ, ସୁବୋଧ ବିଶ୍ୱାଳ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କଲେଜ ଅଧ୍ୟାପିକା ଜ୍ୟୋତିର୍ମୟୀ ଶତପଥୀ, ଜ୍ୟୋତିର୍ମୟୀ ପଟ୍ଟନାୟକ, ସୁଜାତା ଦାସ, ପ୍ରଗତିରାଣୀ ଛାତ୍ରିଆ ଓ ଅଧ୍ୟାପକ ମନୋରଞ୍ଜନ ପୁରୋହିତ ସହଯୋଗ କରିଥିଲେ।

## ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ

**କଣ୍ଟାବାଞ୍ଜି,୨।୧୦(ଗୁରୁ ଦୟାଲ ହଂସ)**

ବଲାଙ୍ଗୀର ଜିଲା କଣ୍ଟାବାଞ୍ଜିସ୍ଥିତ କେ. ଭି ମହାବିଦ୍ୟାଳୟରେ ଏନଏସଏସ ଶାଖା ପକ୍ଷରୁ ବୁଧବାର ଦିନ ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ ଅବସରରେ 'ସ୍ୱଚ୍ଛତା ହିଁ ସେବା' କାର୍ଯ୍ୟକ୍ରମ ହୋଇଯାଇଛି। ଗାନ୍ଧୀଙ୍କ ସ୍ୱଚ୍ଛତାର ବାର୍ତ୍ତା ନେଇ ଆୟୋଜିତ କାର୍ଯ୍ୟକ୍ରମରେ ଯୁକ୍ତ ୨ ଅଧକ୍ଷ ରାଜେଶ ମହାନ୍ତି ଗାନ୍ଧିଜୀଙ୍କ ଆଦର୍ଶ ବିଷୟରେ ସଚେତନ କରିଥିଲେ। ସ୍ୱେଚ୍ଛାସେବୀମାନେ କଲେଜ ପରିସରକୁ ପ୍ଲାଷ୍ଟିକ ମୁକ୍ତ କରିବା ସକାଶେ ସଫେଇ ଅଭିଯାନ କରିଥିଲେ। ଏହି କାର୍ଯ୍ୟକ୍ରମ ଅଧକ୍ଷ ଡ଼. ପଦ୍ମଲୋଚନ ବର୍ମାଙ୍କ ତତ୍ତ୍ୱାବଧାନରେ ତଥା କାର୍ଯ୍ୟକ୍ରମ ଅଧିକାରୀ ଯତିନ ଦ୍ୱାରୀଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ବରିଷ୍ଠ ଅଧ୍ୟାପିକା ସବିତା ମହାପାତ୍ର, ସେବା ନିବୃତ୍ତ ଅଧ୍ୟକ୍ଷ ଦେବେନ୍ଦ୍ର ନାଥ ମେହେର, ଅଧ୍ୟାପକ ରୋହିତ କୁମ୍ଭାର, ଡ଼. ନୀଳାମ୍ବର ସାରକା, ମଳୟ ନାଗ, ମନୀଷ ମହାନ୍ତି, କ୍ରିଷ୍ଣା ମେହେର, ସୁଶାନ୍ତ ସ୍ୱାଇଁ, ଉମେଶ ବାଗ, ପ୍ରଦ୍ୟୁମ୍ନ ବାଗ ଉପସ୍ଥିତ ଥିଲେ।

# ମ୍ୟୁନିସନ୍ସ ଇଣ୍ଡିଆ ଲିମିଟେଡର ପ୍ରତିଷ୍ଠା ଦିବସ ପାଳିତ

**ସଇଁତଲା,୨।୧୦(ରାଖାଲ ପ୍ରସାଦ ଶତପଥୀ)**

ବଲାଙ୍ଗୀର ଜିଲା ସଇଁତଲା ବ୍ଲକ ବଡ଼ମାଳ ଗୋଳାବାରୁଦ କାରଖାନାରେ ମ୍ୟୁନିସନ୍ସ ଇଣ୍ଡିଆ ଲିମିଟେଡ଼ (ଏମଆଇଏଲ)ର ପ୍ରତିଷ୍ଠା ଦିବସ ମଙ୍ଗଳବାର ଦିନ ପାଳିତ ହୋଇଯାଇଛି। ଆୟୁଧ ନିର୍ମାଣୀ ବୋର୍ଡ଼କୁ ଗତ ତା୧।୧୦।୨୦୨୧ରିଖଠାରୁ ନିଗମୀକରଣ କରାଯାଇ ୭ଗୋଟି ଭାଗରେ ବିଭକ୍ତ କରାଯାଇଛି। ସେଥିମଧ୍ୟରୁ ମ୍ୟୁନିସନ୍ସ ଇଣ୍ଡିଆ ଲିମିଟେଡ଼ ଅନ୍ୟତମ। ଗୋଳାବାରୁଦ କାରଖାନା, ବଡ଼ମାଳ ଉକ୍ତ ଦିନଠାରୁ ମ୍ୟୁନିସନ୍ସ ଇଣ୍ଡିଆ ଲିମିଟେଡ଼ ଅଧୀନ ଏକ ୟୁନିଟ ଭାବରେ ପରିଚାଳିତ ହେଉଛି। ଏଣୁ ପ୍ରତ୍ୟେକ ବର୍ଷ ୧ ଅକ୍ଟୋବରକୁ ଏମଆଇଏଲର ପ୍ରତିଷ୍ଠା ଦିବସ ଭାବରେ ପାଳନ କରାଯାଉଛି। କାରଖାନାର ଗେଟ ନଂ-୨ ଠାରେ ଆୟୋଜିତ କାର୍ଯ୍ୟକ୍ରମରେ କାରଖାନାର ମୁଖ୍ୟ ମହାପ୍ରବନ୍ଧକ ପ୍ରଦୀପ କୁମାର ଦାଶ ଯୋଗଦେଇ ଏମଆଇଏଲର ପତାକା ଉତ୍ତୋଳନ କରିବା ସହ ବେଲୁନ ଉଡ଼ାଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଏହି ଅବସରରେ ପ୍ରଶାସନିକ ଭବନ ପରିସରସ୍ଥିତ ପ୍ରଦର୍ଶନୀ କକ୍ଷକୁ କାରଖାନାର ସମସ୍ତ କର୍ମଚାରୀ ଓ ସେମାନଙ୍କ ପରିବାରବର୍ଗଙ୍କ ଉଦ୍ଦେଶ୍ୟରେ ଖୋଲାଯାଇଥିଲା। ପ୍ରଦର୍ଶନୀ କକ୍ଷରେ କାରଖାନାରେ ନିର୍ମାଣ ହେଉଥିବା ଉତ୍ପାଦଗୁଡ଼ିକୁ ପ୍ରଦର୍ଶିତ କରାଯାଇଥିବା ବେଳେ ଏହାକୁ ବହୁ ସଂଖ୍ୟାରେ ଜନସାଧାରଣ ବୁଲି ଦେଖିଥିଲେ। ସେହିପରି ଅପରାହ୍ନରେ ସ୍ଥାନୀୟ ଅଫିସର୍ସ କ୍ଲବରେ ଆୟୋଜିତ ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ସାଂସ୍କୃତିକ ବିଚିତ୍ରା ପରିବେଷଣ ସହ କାରଖାନାର କୃତୀ ଅଧିକାରୀ ଓ କର୍ମଚାରୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଚଳିତବର୍ଷ ଏମଆଇଏଲ ସ୍ତରରେ ପ୍ରଦାନ କରାଯାଉଥିବା କର୍ମଶ୍ରେଷ୍ଠ ପୁରସ୍କାର କାରଖାନାର କନିଷ୍ଠ କାର୍ଯ୍ୟଶାଳାର ପ୍ରବନ୍ଧକ ଚିତ୍ତରଞ୍ଜନ ସରଦାର ଯୋଗ୍ୟ ବିବେଚିତ ହୋଇଥିଲେ। କାରଖାନା ସ୍ତରରେ ବର୍ଷର ଶ୍ରେଷ୍ଠ କର୍ମଚାରୀ ଭାବରେ ସହାୟକ କାର୍ଯ୍ୟଶାଳା ପ୍ରବନ୍ଧକ ଦିଲିପ ଚନ୍ଦ୍ର ପଟ୍ଟନାୟକ ଓ ଆଦର୍ଶ ସଫଳତା ପୁରସ୍କାର ପାଇଁ କନିଷ୍ଠ କାର୍ଯ୍ୟଶାଳାର ପ୍ରବନ୍ଧକ ସାଇରାମ ସାହୁଙ୍କୁ ମହାପ୍ରବନ୍ଧକ ଦାଶ ପୁରସ୍କୃତ କରିଥିଲେ। ଏହି କାର୍ଯ୍ୟକ୍ରମରେ କାରଖାନାର ସମସ୍ତ ଅଧିକାରୀ, କର୍ମଚାରୀ ଏବଂ ସେମାନଙ୍କ ପରିବାରବର୍ଗ ଯୋଗଦାନ କରିଥିଲେ।



ସମ୍ମୁଖରେ ଏମଆଇଏଲର ପତାକା ଉତ୍ତୋଳନ ଅବସରରେ କାରଖାନାର ମୁଖ୍ୟ ମହାପ୍ରବନ୍ଧକ।

### ବଡ଼ମାଳ ଗୋଳାବାରୁଦ କାରଖାନା

## ୫ ଦଫା ଦାବି ନେଇ ଗଣଧାରଣା

**ପାଟଣାଗଡ଼,୨।୧୦(ସଚ୍ଚିଦାନନ୍ଦ ମହାକୁଡ଼)**

୫ ଦଫା ଦାବି ନେଇ ପାଟଣାଗଡ ଜନମଞ୍ଚ ସିଭିଲ ସୋସାଇଟି ପକ୍ଷରୁ ବୁଧବାର ପାଟଣାଗଡ ଉପଖଣ୍ଡ ଡାକ୍ତରଖାନା ସମ୍ମୁଖରେ ଗଣଧାରଣା ଦିଆଯାଇଥିଲା। ପାଟଣାଗଡ଼ ଉପଖଣ୍ଡ ଡ଼ାକ୍ତରଖାନାରେ ଦୀର୍ଘଦିନ ଧରି ଡାକ୍ତର ଓ ନର୍ସ ପଦବୀ ଖାଲି ପଡ଼ିଛି । ଉକ୍ତ ଡାକ୍ତରଖାନାରେ ୧୮ ଜଣ ଡାକ୍ତର ରହିବା ସ୍ଥାନରେ ୭ ଜଣ ଡାକ୍ତର ଅଛନ୍ତି । ସେହିପରି ବିଶେଷଜ୍ଞ ଡ଼ାକ୍ତର, ସର୍ଜରି ଡାକ୍ତର, ଆନାସ୍ଥେସିଆ ଡ଼ାକ୍ତର ପଦବୀ ଖାଲି ପଡ଼ିଥିବା ଯୋଗୁ ଲୋକେ ଠିକ ଭାବରେ ସ୍ୱାସ୍ଥ୍ୟସେବା ପାଇପାରୁ ବଞ୍ଚିତ ହେଉଛନ୍ତି। ଡାକ୍ତରଖାନାରେ ଖାଲି ପଡିଥିବା ଡ଼ାକ୍ତର ପଦବୀ ପୂରଣ ପାଇଁ ଦାବି ହୋଇ ଆସୁଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ । ଦାବି ପୂରଣ ନ ହେଲେ ଅନିର୍ଦ୍ଦିଷ୍ଟ କାଳ ପାଇଁ ଧାରଣା ଦିଆଯିବ ବୋଲି ଧାରଣାକାରୀଙ୍କ ପକ୍ଷରୁ ଚେତାବନୀ ଦିଆଯାଇଛି । ଧାରଣାରେ ସିଭିଲ ସୋସାଇଟି ସଭାପତି ନୀଳମାଧବ ପାଣିଗ୍ରାହୀ, କାର୍ଯ୍ୟକାରୀ ସଭାପତି ଡିଙ୍ଗର କୁମ୍ଭାର, ସୁଶିଲ ନାଏକ, ଶାନ୍ତନୁ ବୁଦ୍ଧିଆ, ସୁବାଷ ଆଚାର୍ଯ୍ୟ, ବନମାଳୀ କୁମ୍ଭାର ପ୍ରମୁଖ ସାମିଲ ଥିଲେ।

# ଜିଲାସ୍ତରୀୟ ଲୋକନୃତ୍ୟ ପ୍ରତିଯୋଗିତା




ପ୍ରଥମ ସ୍ଥାନ ଅଧିକାର କରିଥିବା ଅଇଁଲାଚୁଆଁ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ଲୋକନୃତ୍ୟ ଦଳ ସହ ଅତିଥି ଓ ଆୟୋଜକ।

**ବଲାଙ୍ଗୀର,୨।୧୦(ବୀରେନ୍ଦ୍ର କୁମାର ଝାଙ୍କର)**

ବଲାଙ୍ଗୀର ପତିତପାବନ ଏକାଡେମୀ ଠାରେ ମଙ୍ଗଳବାର ଜିଲାସ୍ତରୀୟ ସ୍କୁଲ ଲୋକନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାର ଖପ୍ରାଖୋଲ ସରକାରୀ ଉଚ୍ଚ ବିଦ୍ୟାଳୟ, ଅଇଁଲାଚୁଆଁ ଉନ୍ନୀତ ଉଚ୍ଚ ବିଦ୍ୟାଳୟ, ବଲାଙ୍ଗୀର ପିପି ଏକାଡେମୀ, ଅଙ୍କରିଆପଦର ଉନ୍ନୀତ ଉଚ୍ଚ ବିଦ୍ୟାଳୟ, ବୁବେଲ ଉଚ୍ଚ ବିଦ୍ୟାଳୟ ଏବଂ ବଲାଙ୍ଗୀର ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ଦଳଗୁଡିକ ଲୋକ ନୃତ୍ୟ ପ୍ରଦର୍ଶନ କରିଥିଲେ। ଅତିରିକ୍ତ ଜିଲା ଶିକ୍ଷାଧିକାରୀ କେଶବ ମେହେରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ଜିଲା ବିଜ୍ଞାନ ନିରୀକ୍ଷକ ରାଜେଶ ମିଶ୍ର, ପ୍ରଧାନ ଶିକ୍ଷକ ନୀଳମଣି ପଟେଲ, ରାମଗୋପାଳ ଖମାରୀ ଶର୍ମା, ସରୋଜ ନାୟକ, ସିନୁ ସୁନ୍ଦର ପାଢୀ ଉପସ୍ଥିତ ଥିଲେ। ବିଚାରକ ଭାବେ ଝରଣା ମିଶ୍ର, ସାଗରିକା ବେହେରା ଏବଂ ଦୀପକ ବରାଳ ଯୋଗ ଦେଇଥିଲେ। ଅଇଁଲାଚୁଆଁ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ଦଳ ଲୋକନୃତ୍ୟରେ ପ୍ରଥମ ସ୍ଥାନ ଅଧିକାର କରିଥଲେ। ବଲାଙ୍ଗୀର ପିପି ଏକାଡେମୀ ଦଳ ଦ୍ୱିତୀୟ ଓ ଖପ୍ରାଖୋଲ ସରକାରୀ ଉଚ୍ଚ ବିଦ୍ୟାଳୟ ଦଳ ତୃତୀୟ ସ୍ଥାନ ଅଧିକାର କରିଥିଲେ। ପ୍ରଥମ ସ୍ଥାନ ଅଧିକାର କରିଥିବା ଦଳ ଭୁବନେଶ୍ୱରରେ ହେବାକୁ ଥିବା ରାଜ୍ୟସ୍ତରୀୟ ଲୋକ ନତ୍ୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ। କାର୍ଯ୍ୟକ୍ରମରେ ଶିକ୍ଷକ ଅଶ୍ୱିନୀ ଷଡଙ୍ଗୀ, ଅନିଲ ନନ୍ଦ, ବିଶ୍ୱଜିତ ପ୍ରଧାନ ଓ ଶିକ୍ଷୟିତ୍ରୀ ଦିପାଲୀ ସେଠୀ ଏବଂ ପିପି ଏକାଡେମୀର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ତଥା ଶିକ୍ଷା କର୍ମଚାରୀ ସହଯୋଗ କରିଥିଲେ।

### ଅଇଁଲାଚୁଆଁ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ପ୍ରଥମ

## ୧୮ କେଜି ଗଞ୍ଜେଇ ଜବତ, ୨ ଯୁବକ ଗିରଫ

**ଲୋଇସିଂହା,୨।୧୦(ସୁଶାନ୍ତ ବାରିକ)**

ବଲାଙ୍ଗୀର ଜିଲା ଲୋଇସିଂହା ରେଳ ଷ୍ଟେଶନରେ ସନ୍ଦିଗ୍ଧ ଅବସ୍ଥାରେ ବୁଲୁଥିବା ମଧ୍ୟପ୍ରଦେଶ ଅଞ୍ଚଳର ୨ ଜଣ ଯୁବକଙ୍କ ନିକଟରୁ ୧୮ କେଜି ଗଞ୍ଜେଇ ପୋଲିସ ଜବତ କରିଛି। ଗଞ୍ଜେଇ ଚାଲାଣ ଅଭିଯୋଗରେ ସମ୍ପୃକ୍ତ ୨ ଜଣ ଯୁବକଙ୍କୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତମାନେ ହେଲେ ମଧ୍ୟପ୍ରଦେଶ ଜବଲପୁର ଜିଲା ଘମାପୁର ଥାନା ଅଞ୍ଚଳର ପ୍ରବୀଣ ଚୌଧୁରୀ (୨୦) ଓ ଅର୍ପିତ ପାନିକ(୨୪)। ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିଲା । ଜାମିନ ନାମଞ୍ଜୁର ହେବାରୁ ଉଭୟଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି ବୋଲି ଥାନା ଅଧିକାରୀ ଯାଜ୍ଞସିନୀ ନାୟକ ଜଣାଇଛନ୍ତି। ସମ୍ପୃକ୍ତ ଯୁବକ ଦ୍ୱୟ ଲୋଇସିଂହା ରେଲୱେ ଷ୍ଟେଶନରେ ୨ଟି ଟ୍ରଲି ବ୍ୟାଗ ଧରି ବୁଲୁଥିବା ନେଇ ଲୋଇସିଂହା ପୋଲିସକୁ ବିଶସ୍ତ ସୂତ୍ରରୁ ଖବର ମିଳିଥିଲା। ଫଳରେ ପୋଲିସ ଚଢାଉ କରି ଦୁହିଁଙ୍କୁ କାବୁ କରି ନେଇଥିଲା। ପରେ ମାଜିଷ୍ଟ୍ରେଟ ତଥା ଅତିରିକ୍ତ ତହସିଲଦାର ଅଶେଷା ବାଗଙ୍କ ଉପସ୍ଥିତିରେ ବ୍ୟାଗ ଯାଞ୍ଚ କରାଯାଇଥିଲା। ୨ଟି ଯାକ ବ୍ୟାଗରୁ ୧୮ କେଜି ଗଞ୍ଜେଇ ଜବତ କରାଯାଇଥିଲା। ଏନେଇ ମାମଲା ରୁଜୁ ହୋଇଛି।

# ଜଳ ଯୋଗାଣ ବନ୍ଦ: ଗ୍ରାମବାସୀ ହନ୍ତସନ୍ତ

**ଲାଠୋର,୨।୧୦(ଭୁବନେଶ୍ୱର ବାରିକ)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ମାଲପଡ଼ା ପଞ୍ଚାୟତ ଜଲପାଙ୍କେଲ ଗ୍ରାମରେ ଥିବା ଜଳଯୋଗାଣ ପ୍ରକଳ୍ପର ମୋଟର ଖରାପ ଯୋଗୁ ଦୁଇ ଦିନ ହେବ ଜଳ ଯୋଗାଣ ବ୍ୟାହତ ହୋଇଛି। ପାନୀୟ ଜଳ ପାଇଁ ଲୋକ ହନ୍ତସନ୍ତ ହେଉଥିବା ଅଭିଯୋଗ ହୋଇଛି। ୩ ୱାର୍ଡ ବିଶିଷ୍ଟ ଉକ୍ତ ଗ୍ରାମର ଲୋକ ସଂଖ୍ୟା ୨ ହଜାରରୁ ଉର୍ଦ୍ଧ୍ୱ ହେବ। ଗ୍ରାମବାସୀଙ୍କ ପାନୀୟ ଜଳର ସୁବିଧା ପାଇଁ ଗ୍ରାମରେ ୯ ଗୋଟି ନଳକୂପ ସହ ଗୋଟେ ଜଳ ଯୋଗାଣ ପ୍ରକଳ୍ପ ରହିଛି। ପ୍ରକଳ୍ପରୁ ପାଇପ ଯୋଗେ ଗ୍ରାମବାସୀଙ୍କୁ ପାନୀୟ ଜଳ ଯୋଗାଣର ବ୍ୟବସ୍ଥା କରାଯାଇଛି। ତେବେ ରକ୍ଷଣାବେକ୍ଷଣ ଅଭାବରୁ ୯ ଗୋଟି ନଳକୂପ ମଧ୍ୟରୁ ୩ ଗୋଟି ନଳକୂପ ଅଚଳ ହୋଇ ପଡ଼ିଛି । ଯାହା କାର୍ଯ୍ୟକ୍ଷମ ଅଛି, ସେଥିମଧ୍ୟରୁ କେତେକ ନଳକୂପର ପାଣି ପାନୀୟ ଉପଯୋଗୀ ହେଉନାହିଁ। ଫଳରେ ଗ୍ରାମବାସୀ ଜଳ ଯୋଗାଣ ପ୍ରକଳ୍ପ ଉପରେ ନିର୍ଭର କରି ଚଳୁଥିବା ବେଳେ ଦୁଇ ଦିନ ହେବ ଜଳ ଯୋଗାଣ ସମ୍ପୂର୍ଣ୍ଣ ବନ୍ଦ ରହିଛି । ଏ ବିଷୟରେ ପମ୍ପ ଡ୍ରାଇଭର ରାଜେଶ ଦାସ ବିଭାଗୀୟ ଅଧିକାରୀଙ୍କୁ ଅବଗତ କରିଥିଲେ ସୁଦ୍ଧା କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ। ଗ୍ରାମବାସୀ କୌଣସି ଉପାୟ ନ ପାଇ ବାଧ୍ୟ ହୋଇ ଦୂଷିତ ପାଣି ସଂଗ୍ରହ କରି ପାନୀୟ ରୂପେ ବ୍ୟବହାର କରୁଥିବା ହେତୁ ସ୍ୱାସ୍ଥ୍ୟ ବିଗିଡିବା ଆଶଙ୍କା ସୃଷ୍ଟି ହୋଇଛି। ଏନେଇ ଖପ୍ରାଖୋଲ ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ ସହକାରୀ ଯନ୍ତ୍ରୀ ଶ୍ୟାମ କୁମାରଙ୍କୁ ପଚାରିବାରେ ଖୁବଶୀଘ୍ର ସଂପୃକ୍ତ ଜଳ ଯୋଗାଣ ପ୍ରକଳ୍ପ ମୋଟର ମରାମତି କରି ଜଳଯୋଗାଣ ସ୍ୱାଭାବିକ କରାଯିବ ବୋଲି କହିଥିଲେ ।

### ଜଳ ଯୋଗାଣ ମୋଟର ମରାମତି କରାଯାଉ

**ବାଇକ୍ ଧକ୍କାରେ ବୃଦ୍ଧାଙ୍କ ମୃତ୍ୟୁ**

ବାଉଁଶୁଣୀ,(ଦେବାଶିଷ ନେପାକ): ବୁଧବାର ସନ୍ଧ୍ୟା ୬ଟା ସମୟରେ ୫୭ ନଂ ଜାତୀୟ ରାଜପଥର ବାଉଁଶୁଣୀ ଥାନା ଅଧୀନ ଦନ୍ତାପାଲି ଛକ ନିକଟରେ ବାଇକ୍ ଧକ୍କାରେ ଜଣେ ବୃଦ୍ଧାଙ୍କ ମୃତ୍ୟୁ ଘଟିଛି। ପ୍ରକାଶ ଯେ, ବାଉଁଶୁଣୀ ଥାନା ଦନ୍ତାପାଲି ଗ୍ରାମର ବିଜୁଳି ହାତୀ ଶୌଚ ସାରି ଘରକୁ ଫେରୁଥିବା ବେଳେ ବୌଦ୍ଧ ପଟରୁ ବାଉଁଶୁଣୀ ଆଡକୁ ଯାଉଥିବା ଏକ ବାଇକ୍ ତାଙ୍କୁ ଧକ୍କା ଦେଇଥିଲା। ଖବର ପାଇ ବାଉଁଶୁଣୀ ଦମକଳ ବାହିନୀ ବୃଦ୍ଧାଙ୍କୁ ଉଦ୍ଧାର କରି ବାଉଁଶୁଣୀ ଡାକ୍ତରଖାନା ଆଣିଥିଲେ। ସେଠାରେ ଡାକ୍ତର ବିଜୁଳିଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ଦୁର୍ଘଟଣା ଘଟାଇଥିବା ବାଇକ୍‌କୁ ଜବତ କରି ତଦନ୍ତ କରୁଛି।

## ସଂକ୍ଷେପରେ

### ମା' ସୁରେଶ୍ୱରୀଙ୍କ ଧବଳମୁଖୀ ବେଶ



ସୋନପୁର,୨।୧୦(ମୃତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣପୁରରେ ଇଷ୍ଟଦେବୀ ମା' ସୁରେଶ୍ୱରୀ ବୁଧବାର ମହାଳୟା ଅମାବାସ୍ୟା ତିଥିରେ ଧବଳମୁଖି ବେଶରେ ଭକ୍ତଙ୍କୁ ଦର୍ଶନ ଦେଇଛନ୍ତି। ଏଥିପାଇଁ ପୀଠ ଉତ୍ସବ ମୁଖର ହୋଇ ଉଠିଥିଲା। ଏଥି ସହିତ ମା'ଙ୍କ ନବ ଦିନାତ୍ମକ ପୂଜା ଓ ଦଶହରା ପର୍ବ ମଧ ଆରମ୍ଭ ହୋଇଛି। ବର୍ଷକରେ ଥରେ ମା ଏହି ଦୁର୍ଲଭ ବେଶରେ ଦର୍ଶନ ଦେଉଥିବାରୁ ଏହି ବେଶ ଦେଖିବାକୁ ମନ୍ଦିରରେ ଭକ୍ତଙ୍କ ଲମ୍ବା ଧାଡି ଲାଗି ରହିଥିଲା। ପ୍ରାତଃ ସମୟରେ ମା'ଙ୍କ ଠାରେ ମଙ୍ଗଳ ଆଳତୀ ଓ ବିଧି ଅନୁସାରେ ପୂଜାର୍ଚ୍ଚନା ହୋଇଥିଲା। ପରେ ମା'ଙ୍କୁ ଶୁଭ୍ର ବେଶରେ ସଜ୍ଜିତ କରାଯିବା ପରେ ଭକ୍ତ ଦର୍ଶନ କରିଥିଲେ। ମନ୍ଦିରରେ ଶାନ୍ତିଶୃଙ୍ଖଳାର ସହ ଦର୍ଶନ ପାଇଁ ପୋଲିସ ଓ ଦେବୋତ୍ତର ବିଭାଗ ପକ୍ଷରୁ ସମସ୍ତ ବ୍ୟବସ୍ଥା ଗ୍ରହଣ କରାଯାଇଥିଲା।

### ହରିହର ଯୋର କେନାଲରେ ପଡ଼ିଲା ହାତୀ



ଅମରପାଲି/ଉଲୁଣ୍ଡା,୨।୧୦ (ପୀତାମ୍ବର ସାହୁ/ଉରୁକ୍ରମ ପାଣ୍ଡିଆ)

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ ଅନ୍ତର୍ଗତ ରଢିଆପାଲି ନିକଟରେ ହରିହର ଯୋର କେନାଲରେ ବୁଧବାର ସକାଳୁ ଏକ ଦନ୍ତା ହାତୀ ପଡ଼ିଯାଇଥିଲା। ହାତୀପଲ ଯାଉଥିବାବେଳେ ଏକ ଦନ୍ତା ପାଣି ପିଇବା ପାଇଁ କେନାଲକୁ ଯାଇ ପଡିଯାଇଥିଲା। ହାତୀ ପ୍ରାୟ ଦୁଇ ଘଣ୍ଟା ପରେ ନିଜେ ଚେଷ୍ଟା କରି ଉପରକୁ ଆସିଥିଲା। ସ୍ଥାନୀୟ ଲୋକେ ହାତୀକୁ ଦେଖି ସେଠାରେ ଜମା ହୋଇଥିଲେ। ହାତୀ ପଛେ ପଛେ ଯାଇ ସ୍ଥାନୀୟ ଲୋକେ ଘଉଡାଇବାକୁ ଚେଷ୍ଟା କରିଥିଲେ। ହାତୀଟି ରଢିଆପାଲି, ମହୁରିଆପାଲି, କ୍ଷୀରପୁରା ଆଦି ଅଞ୍ଚଳରେ ଦିନସାରା ବୁଲାବୁଲି କରୁଥିଲା। ଚାଷ ଜମିରେ ଫସଲ ନଷ୍ଟ ଆଶଙ୍କା କରି ଚାଷୀମାନେ ହାତୀକୁ ଜମିରୁ ଘଉଡାଇଥିଲେ। ଉଲୁଣ୍ଡା ବନ ବିଭାଗ କର୍ମଚାରୀମାନେ ଆସି ହାତୀର ଗତିବିଧି ନିରୀକ୍ଷଣ କରୁଛନ୍ତି। ଯାଲୋଇ ବନପାଳ ପ୍ରଦୀପ ଜେନାଙ୍କ ତତ୍ତ୍ୱାବଧାନରେ ବନବିଭାଗର କର୍ମଚାରୀମାନେ ହାତୀର ଗତିବିଧିକୁ ନିରୀକ୍ଷଣ କରିବା ସହିତ ଜଙ୍ଗଲକୁ ଘଉଡାଉଛନ୍ତି।

### ଡୁଙ୍ଗୁରିପାଲି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ସ୍ୱଚ୍ଛତା ପକ୍ଷ ପାଳିତ

ଡୁଙ୍ଗୁରିପାଲି, ୨।୧୦(ଦୀନବନ୍ଧୁ ସୁନା)

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରଠାରେ ବୁଧବାର ସ୍ୱଚ୍ଛତା ପକ୍ଷ ପାଳନ ଅବସରରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସର ଏବଂ ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଡୁଙ୍ଗୁରିପାଲି ବ୍ଲକ ଉପାଧ୍ୟକ୍ଷ ମକରଧ୍ୱଜ ସାହୁଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ସ୍ୱଚ୍ଛତା ଅଭିଯାନରେ ଭାରପ୍ରାପ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଆନନ୍ଦ ଚନ୍ଦ୍ର ମିଶ୍ର, ଡୁଙ୍ଗୁରିପାଲି ସରପଞ୍ଚ ଚିତ୍ତରଞ୍ଜନ ମିଶ୍ର, ସ୍ୱଚ୍ଛ ଭାରତ ମିଶନର ସଂଯୋଜକ ବିଶ୍ୱନାଥ ସାହୁ, ଜନପ୍ରତିନିଧି, ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା, ଜନ ସାଧାରଣ ଓ ସ୍ୱାସ୍ଥ୍ୟକେନ୍ଦ୍ରର କର୍ମଚାରୀମାନେ ଯୋଗ ଦେଇଥିଲେ। ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ଶେଷଦେବ ଥନାପତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବିପିଏମ ନାରାୟଣ ମେହେର, ସ୍ୱାସ୍ଥ୍ୟ ପରିଦର୍ଶକ ହରିଶ୍ଚନ୍ଦ୍ର ସୁନା, କଳ୍ପତରୁ ମିଶ୍ର, ବିଶନାଥ ବାଗ, ମୋତିଲାଲ ଖମାରୀ, ପ୍ରଦୀପ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# ଆରମ୍ଭ ହେଲା ସୁବର୍ଣ୍ଣପୁର ପ୍ରସିଦ୍ଧ ବଳିଯାତ୍ରା

ସୋନପୁର,୨।୧୦(ମୃତ୍ୟୁଞ୍ଜୟ ଶତପଥୀ)

ପ୍ରସିଦ୍ଧ ଯନ୍ତ୍ର, ମନ୍ତ୍ର ଓ ତନ୍ତ୍ର ପୀଠ ସୁବର୍ଣ୍ଣପୁର ସହରରେ ପ୍ରତିବର୍ଷ ଭଳି ଚଳିତବର୍ଷ ଆରମ୍ଭ ହୋଇଛି ପାର୍ବଣ ମହାବଳି ଯାତ୍ରାର ମାହୋଲ। ଦଶହରା ପର୍ବ ଅବସରରେ ସହରର ଅଷ୍ଟଚଣ୍ଡୀଙ୍କ ପୀଠ ଦହନାମାଳରେ ମହକି ଉଠିଛି। ଚେପ୍‌ଟା ଢୋଲ ବାଦ୍ୟର ତାଳେତାଳେ ବଳି ଦେବତା(ବରୁଆ) ଉନ୍ମତ୍ତ ଭାବରେ ନାଚି ଉଠିଛନ୍ତି। ଏହି ସମୟରେ ଶ୍ରଦ୍ଧାଳୁମାନେ ଆନନ୍ଦରେ ବିଭୋର ହୋଇ ଗାଇ ଉଠନ୍ତି–ଡିଗ୍ ଡିଗୋ ବଳି ଚାଙ୍ଗ୍ ଚାଙ୍ଗ୍, ପଇସାଟାକେ ପତ୍ରେ ଭାଙ୍ଗ।

ଭାବ ଓ ଭକ୍ତିର ପର୍ବ ସୁବର୍ଣ୍ଣପୁର ଐତିହାସିକ ବଳିଯାତ୍ରାର ବୁଧବାର ଶୁଭାରମ୍ଭ ହୋଇଛି। ଚୌହାଣ ରାଜାମାନଙ୍କ ଶାସନ ସମୟରୁ ଏହି ଶାରଦୀୟ ବଳିଯାତ୍ରା ହୋଇଆସୁଛି। ଏହି ଯାତ୍ରା ପାଇଁ ଜିଲାବାସୀଙ୍କ ବିଶେଷ ଶ୍ରଦ୍ଧା, ସମ୍ମାନ ଓ ଭକ୍ତି ରହିଛି। ଅମାବାସ୍ୟା(ମହାଳୟା)ଠାରୁ କାର୍ତ୍ତିକ କୃଷ୍ଣପକ୍ଷ ପ୍ରତିପଦ ପର୍ଯ୍ୟନ୍ତ ୧୭ ଦିନ ବ୍ୟାପି ବିଭିନ୍ନ ଶକ୍ତିପୀଠରେ ଏହି ଯାତ୍ରା ଆୟୋଜନ ହେବ। ପରମ୍ପରା ଅନୁଯାୟୀ ବୁଧବାର ବୁଢାରଜା ବଳି ଅନୁଷ୍ଠିତ ହୋଇଛି । ସକାଳେ ଦେବୋତ୍ତର ବିଭାଗ ପକ୍ଷରୁ ଅଷ୍ଟଚଣ୍ଡୀଙ୍କ ଉଦ୍ଦେଶ୍ୟରେ ୮ଟି ପାହୁର ପୀଠର ପୂଜକମାନଙ୍କୁ ପ୍ରଦାନ କରାଯାଇଥିଲା । ଅପରାହ୍ନ ଶୁଭ ଲଗ୍ନରେ ଇଷ୍ଟଦେବୀ ସୁରେଶ୍ୱରୀଙ୍କ ମନ୍ଦିରରେ ବିଶେଷ ପୂଜାର୍ଚ୍ଚନା ପରେ ବାଉତି ଛତ୍ରକୁ ବିଜୟ ଯାତ୍ରାରେ ମା ସମଲେଇ ମନ୍ଦିର ପର୍ଯ୍ୟନ୍ତ ଏକ ଶୋଭାଯାତ୍ରାରେ ନିଆଯାଇଥିଲା। ଏଥିରେ ବଳିଯାତ୍ରା ମୁଖ୍ୟ ପୂଜକ ତଥା ରାଜ ପୁରୋହିତ ଦୀପକ କୁମାର ମହାପାତ୍ରଙ୍କ ସମେତ ସାମାଜିକକର୍ମୀ ଶ୍ରୀବସ୍ତ ମଲ୍ଲିକ, ଦେବୋତ୍ତର କମିଟିର କର୍ମକର୍ତ୍ତା, ସେବାୟତ, ବରୁଆ ଓ ଦେବୋତ୍ତର କମିଟିର କର୍ମକର୍ତ୍ତା ସାମିଲ ହୋଇଥିଲେ। ରାତିରେ ସମଲେଇ ମନ୍ଦିରରେ ୨ ଜଣ ବରୁଆଙ୍କ ଶରୀରରେ ମା ଆବିର୍ଭୁତ ହୋଇ ବାଉତି ଛତ୍ର ଧରି ଘୋଡାଘାଟପଡାର ଯୋଡଖମ୍ବ ଓ ବୁଢୀ ସମଲେଇ ମନ୍ଦିର ଦେଇ ବୁଢାରଜା ପୀଠକୁ ଯାଇଥିଲେ। ଏହି ବଳିକୁ ଦୟଣାବଳି କୁହାଯାଏ। ବଳି ଦେବତା ଓ ବାଉତି ଛତ୍ର ଉପରକୁ ଶ୍ରଦ୍ଧାଳୁମାନେ ଦହନାମାଳ ପୁଷ୍ପାଞ୍ଜଳି ସ୍ୱରୂପ ଅର୍ପଣ କରିଥିଲେ। ବୁଢାରଜା ବଳି ନିଶାର୍ଦ୍ଧରେ ଉଆଁସ ବଳି ନୃତ୍ୟ ପ୍ରଦର୍ଶନ କରି ଘୋଡାଘାଟ ପଡାରୁ ବୁଢୀ ସମଲେଇ ମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିଥିଲେ। ବୁଢାରଜା ବଳି ଏହି ସମୟରେ ବୁଢୀ ସମଲେଇଙ୍କୁ ସ୍ତ୍ରୀ ଭଳି ବ୍ୟବହାର ପ୍ରଦର୍ଶନ କରିଥାଏ। କାର୍ଯ୍ୟକ୍ରମ ଶେଷ ପରେ ଗୁରୁବାର ସକାଳେ ବଳି ଯୋଡାଖମ୍ବ ଦେଇ ସମଲେଇ ମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିବାର ବିଧି ରହିଛି। ଏଥିପାଇଁ ମାଳି ସେବାୟତ ଚତୁର୍ଦ୍ଦଶୀର ବିଳମ୍ବିତ ରାତିରେ ବଳି ଯିବା ରାସ୍ତା ଓ ପୀଠ ରାସ୍ତାକୁ ଲଙ୍ଗଳଗାର ଦ୍ୱାରା ଚିହ୍ନିତ କରିଥିଲେ। ସେହିପରି ବୁଢାରଜା ପୀଠରେ କୁଲି ସମ୍ପ୍ରଦାୟର ସେବ୍ରତମାନେ ବଳି ଦେବତାଙ୍କୁ ସ୍ୱାଗତ ଉଦ୍ଦେଶ୍ୟରେ କୁକୁଡା ପକ୍ଷୀର ତୋରଣ ନିର୍ମିତ କରିଛନ୍ତି। ଏହି ଯାତ୍ରା ପାଇଁ ମହିଳାମାନେ ବଳି ତାରିଣୀ ଉପବାସ କରିଥିଲେ। ସେମାନେ ବଳି ଦେବତାଙ୍କୁ ପୂଜା କରି ତାରିଣୀ ବ୍ରତ ପରେ ସନ୍ତାନସନ୍ତତିଙ୍କୁ ଦୁବ ଛୁଆଁଇଲା ପରେ ଜଳଗ୍ରହଣ କରିବାର ପରମ୍ପରା ରହିଛି।

ଯାତ୍ରାର ବିଶେଷତ୍ୱ–୧୬୪୦ରୁ ୧୯୪୭ ପର୍ଯ୍ୟନ୍ତ ଖୁବ୍ ନିଷ୍ଠାର ସହ ବଳିଯାତ୍ରା ପାଳନ କରାଯାଉଥିଲା। ଏବେ ବି ସେହି ବିଧି ବଜାୟ ରହିଛି। ଯାତ୍ରାରେ ପୁରୋହିତ, ବରୁଆ, ଖମ୍‌ସିରିଆ, ଡାଙ୍ଗୁଆ, ମହୁରିଆ, ଚାରଘରିଆ, ଢୁଲିଆ, ମଶାଲତା, ଗାଏନ, ଛତ୍ରିଆ, ଛିପି, ଥନାପତି, ମାଳୀ, ଭଣ୍ଡାରୀ, ଭୁଲିଆ ଓ କୁମ୍ଭାର ଆଦି ୩୬ଟି ସମ୍ପ୍ରଦାୟର ସେବାୟତମାନେ ଅଂଶଗ୍ରହଣ କରିଥାନ୍ତି। ସେହିପରି ୧୬ ଭରଣୀ ବାଦ୍ୟ ସହିତ ୧୬ ଦିନ ପୂଜା, ୧୬ଟି ବଳି ଓ ଷୋହଳ ପୂଜା ଅନୁଷ୍ଠିତ ହୋଇଥାଏ। ଏହି ସେବା କାର୍ଯ୍ୟ ପାଇଁ ରାଜା ଏମାନଙ୍କୁ ଚାଷ ଜମି ଯୋଗାଇ ଦେଇଛନ୍ତି।



ସୁରେଶ୍ୱରୀ ମନ୍ଦିରରେ ପୂଜାର୍ଚ୍ଚନା ପରେ ବାଉତି ଛତ୍ରକୁ ବିଜୟ ଶୋଭାଯାତ୍ରାରେ ନିଆଯାଉଛି।

# ଗାନ୍ଧୀ, ଶାସ୍ତ୍ରୀଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ଆହ୍ୱାନ



ଜୟନ୍ତୀ ପାଳନ ଅବସରରେ ମଞ୍ଚାସୀନ ଜିଲାପାଳ, ବରିଷ୍ଠ ଅଧିକାରୀ ଓ ବିଭିନ୍ନ ଧର୍ମର ଧର୍ମଗୁରୁ।

**ସୁବର୍ଣ୍ଣପୁରରେ ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ ପାଳିତ**

ସୋନପୁର,୨।୧୦(ମୃତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣପୁରରେ ଜିଲାସ୍ତରୀୟ ମହାତ୍ମା ଗାନ୍ଧୀ ଓ ଲାଲବାହାଦୁର ଶାସ୍ତ୍ରୀଙ୍କ ଜୟନ୍ତୀ ସଂସ୍କୃତି ଭବନ ପରିସରରେ ବୁଧବାର ପାଳିତ ହୋଇଯାଇଛି। ଜିଲା ସୂଚନା ଓ ଲୋକସମ୍ପର୍କ ବିଭାଗ ଆନୁକୂଲ୍ୟରେ ଆୟୋଜିତ ସର୍ବଧର୍ମ ପ୍ରାର୍ଥନା ତଥା ସ୍ମୃତି ସଭାରେ ଜିଲାପାଳ ଅନ୍ୟା ଦାସ ସଭାପତିତ୍ୱ କରି ଛାତ୍ରୀଛାତ୍ରଙ୍କୁ ଜାତିର ପିତା ମହାତ୍ମା ଗାନ୍ଧୀ ଓ ପ୍ରାକ୍ତନ ପ୍ରଧାନମନ୍ତ୍ରୀ ଲାଲ ବାହାଦୁର ଶାସ୍ତ୍ରୀଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ପରାମର୍ଶ ଦେଇଥିଲେ। ସଭାରେ ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲାପାଳ(ରାଜସ୍ୱ) ରାଜେନ୍ଦ୍ର ମାଝି, ଅତିରିକ୍ତ ଜିଲାପାଳ(ସାଧାରଣ) ଅଞ୍ଜଳିନା ପଧାନ, ସୋନପୁର ଉପଜିଲାପାଳ ଡ. ସୌମ୍ୟରୂପା ରଥ ଯୋଗ ଦେଇଥିବାବେଳେ ବକ୍ତା ଭାବରେ ସମାଜସେବୀ ଗୋରେଖନାଥ ସାହୁ ଯୋଗଦାନ କରି ଗାନ୍ଧୀଜୀ ଓ ଶାସ୍ତ୍ରୀଜୀଙ୍କ ଜୀବନ ଦର୍ଶନ ଉପରେ ଆଲୋକପାତ କରିଥିଲେ। ଶିକ୍ଷକ ତଥା ସଙ୍ଗୀତଜ୍ଞ ପୁଷ୍ପକ ରାୟ ଓ ପ୍ରତିଦୀପ୍ତ ରାୟ ଗାନ୍ଧୀଜୀଙ୍କ ପ୍ରିୟ ଭଜନ ବୈଷ୍ଣବ ଜନ ତୋ ତେନେ କହିଏ ଓ ରଘୁପତି ରାଘବ ରାଜାରାମ ପରିବେଷଣ କରିଥିଲେ। ଏହି ଅବସରରେ ଅନୁଷ୍ଠିତ ସର୍ବଧର୍ମ ପ୍ରାର୍ଥନା ସଭାରେ ପଣ୍ଡିତ ଲକ୍ଷ୍ମୀନାରାୟଣ ପୂଜାରୀ ଭଗବତ ଗୀତା, ଫାଦର ଲାଲମୋହନ ଦିଗାଲ ବାଇବେଲ, ଜନାବ ମହମ୍ମଦ ରଫିକ୍ କୋରାନ ଓ ଧୀମାନ କରୁଣାକର ଖୁରା ବୌଦ୍ଧ ଧର୍ମ ଗ୍ରନ୍ଥର କିୟଦଂଶ ଆବୃତ୍ତି କରିଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାର କୃତି ଛାତ୍ରୀଛାତ୍ରଙ୍କୁ ଅତିଥି ବୃନ୍ଦ ପୁରସ୍କୃତ କରିଥିଲେ। ଜୟନ୍ତୀ ସଭାରେ ଜିଲାସ୍ତରୀୟ ବିଭିନ୍ନ ବିଭାଗର ଅଧିକାରୀ, ସହରର ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ ଶିକ୍ଷକ ଓ ବୁଦ୍ଧିଜୀବୀ ଯୋଗଦାନ କରିଥିଲେ। ପ୍ରାତଃ ସମୟରେ ସହରରେ ରାମଧୂନ ପରିବେଷଣ କରିବା ସହିତ ଗାନ୍ଧୀ ପଡିଆ ନିକଟରେ ଥିବା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରା ଯାଇଥିଲା। ସମସ୍ତ କାର୍ଯ୍ୟକ୍ରମ ଡିଆଇପିଆରଓ ଅଶ୍ୱିନୀ କୁମାର ଭୋଇଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା।

# ଟୀରନ୍ଦାଜୀ କ୍ରୀଡ଼ା ପ୍ରତିଯୋଗିତାରେ ବୌଦ୍ଧ କେନ୍ଦ୍ରୀୟ ବିଦ୍ୟାଳୟର ସଫଳତା

ବୌଦ୍ଧ,୨।୧୦(ଅଜିତ କୁମାର ବାରିକ)

ଉତ୍ତରପ୍ରଦେଶର ଫରିଦାବାଦଠାରେ ୫୩ ତମ କେନ୍ଦ୍ରୀୟ ବିଦ୍ୟାଳୟ ସମୂହ ଟୀରନ୍ଦାଜ ପ୍ରତିଯୋଗିତାରେ ବୌଦ୍ଧ କେନ୍ଦ୍ରୀୟ ବିଦ୍ୟାଳୟର ୩ ଜଣ ଟୀରନ୍ଦାଜ ପ୍ରତିଯୋଗୀ ସଫଳତା ପାଇଛନ୍ତି। ସୁରଜ ମେହେର ଦୁଇଟି ସ୍ୱର୍ଣ୍ଣ ପଦକ ପାଇଥିବା ବେଳେ କ୍ରିଷ୍ଣାମୟୀ ମହାକୁଡ ରୌପ୍ୟ ପଦକ ଓ ସଂତୃପ୍ତି ସାହୁ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ସହାୟକ ଶିକ୍ଷକ ଅଶୋକ କୁମାର ଭୁଏ ଓ ଜୟନ୍ତୀ କର୍ଣ୍ଣଙ୍କ ତତ୍ତ୍ୱାବଧାନରେ ଓ ବିଦ୍ୟାଳୟର ଅଧ୍ୟକ୍ଷ ସନକ କୁମାର ମେହେରଙ୍କ ମାର୍ଗଦର୍ଶନରେ ପ୍ରତିଯୋଗୀମାନେ ନିଜ ନିଜର ପାରଦର୍ଶିତା ବଳରେ ସଫଳତା ପାଇଛନ୍ତି। ବୁଧବାର ପ୍ରତିଯୋଗୀମାନେ ବୌଦ୍ଧରେ ପହଞ୍ଚିଥିଲେ । ଏହି ଅବସରରେ ସ୍ଥାନୀୟ ଟାଉନହଲଠାରେ ଆୟୋଜିତ ଏକ ସ୍ୱତନ୍ତ୍ର ଉତ୍ସବରେ ଅତିଥି ଭାବେ ଇଂ ଡ. ସଞ୍ଜୟ କୁମାର ପଣ୍ଡା, ଚିତ୍ତରଞ୍ଜନ ଦାଶ, ବିଶେଶ୍ୱର ପୃଷ୍ଟି ଓ ସୂଚନା ଓ ଲୋକସଂପର୍କ ଅଧିକାରୀ ରୀତାକାନ୍ତି ବଳିଆରସିଂ ପ୍ରମୁଖ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସମ୍ମାନିତ କରାଯାଇଥିଲା।



ଅତିଥିଙ୍କ ଗହଣରେ କୃତି ପ୍ରତିଯୋଗୀ।

# ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ ପାଳିତ

ବୌଦ୍ଧ,୨।୧୦(ଅଜିତ କୁମାର ବାରିକ)

ବୌଦ୍ଧ ଜିଲା ପ୍ରଶାସନ ପକ୍ଷରୁ ସହରର ଟାଉନହଲଠାରେ ବୁଧବାର ଦିନ ମହାତ୍ମା ଗାନ୍ଧୀ ଓ ଲାଲ ବାହାଦୁର ଶାସ୍ତ୍ରୀଙ୍କ ଜୟନ୍ତୀ ପାଳିତ ହୋଇଯାଇଛି । ଏହି ଉପଲକ୍ଷେ ଜିଲାପାଳ ସୁବ୍ରତ କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଟାଉନହଲଠାରେ ଏକ ସଭା ଅନୁଷ୍ଠିତ ହୋଇଥିଲା । ସଭାରେ ମୁଖ୍ୟଅତିଥି ଭାବେ ଜିଲା ପରିଷଦ ଅଧ୍ୟକ୍ଷା ପ୍ରଭାସିନୀ ଦାସ ଯୋଗ ଦେଇଥିଲେ । ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲାପାଳ ଅନିରୁଦ୍ଧ ପ୍ରଧାନ, ଉପଜିଲାପାଳ ପ୍ରଭାସ ଚନ୍ଦ୍ର ଦଣ୍ଡସେନା ଓ ମୁଖ୍ୟବକ୍ତା ଭାବେ ଇଂ ସଞ୍ଜୟ କୁମାର ପଣ୍ଡା ଯୋଗଦେଇ ଉଦ୍‌ବୋଧନ ଦେଇଥିଲେ । ସଭାରେ ସର୍ବଧର୍ମ ପ୍ରାର୍ଥନା ହୋଇଥିଲା । ଏହି ଅବସରରେ ଜିଲାପାଳ ପଣ୍ଡା ସ୍ୱଚ୍ଛତା ନେଇ ଶପଥ ପାଠ କରାଇଥିଲେ । ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀମାନଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ସଭା କାର୍ଯ୍ୟକୁ ଅବସରପ୍ରାପ୍ତ ଶିକ୍ଷକ ବସନ୍ତ ସାହୁ ପରିଚାଳନା କରିଥିବା ବେଳେ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରୀତାକାନ୍ତି ବଳିଆରସିଂ ଧନ୍ୟବାଦ ପ୍ରଦାନ କରିଥିଲେ।

# ବୀରମହାରାଜପୁରରେ ବିଜେଡିର ପଦଯାତ୍ରା



ବୀରମହାରାଜପୁରରେ ବିଜେଡିର ପଦଯାତ୍ରାରେ ଦଳୀୟ କର୍ମୀ ଓ ସମର୍ଥକ।

ଅମରପାଲି,୨।୧୦(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ବିଜେଡି ପକ୍ଷରୁ ଗାନ୍ଧୀ ଜୟନ୍ତୀ ଠାରୁ ଜୟ ପ୍ରକାଶ ଜୟନ୍ତୀ ପର୍ଯ୍ୟନ୍ତ ହେବାକୁ ଥିବା ପଦଯାତ୍ରା ଶୁଭାରମ୍ଭ ହୋଇଯାଇଛି। ବୀରମହାରାଜପୁର ବ୍ଲକ ବିଜେଡି ଯୁବ ସଭାପତି ତଥା ବ୍ଲକ ଉପାଧ୍ୟକ୍ଷ ନାରାୟଣ ଲୁହାଙ୍କ ନେତୃତ୍ୱରେ ଆୟୋଜିତ ଉକ୍ତ ପଦଯାତ୍ରା ବୀରମହାରାଜପୁର ମେଳଣ ପଡିଆଠାରୁ ଆରମ୍ଭ କରି ସହର ପରିକ୍ରମା କରିବା ସହ ବସଷ୍ଟାଣ୍ଡସ୍ଥିତ ପ୍ରବାଦ ପୁରୁଷ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତି ନିକଟରେ ପହଞ୍ଚିଥିଲା। ସେଠାରେ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯିବା ସହିତ ସ୍ଲୋଗାନ ଦିଆଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ବୀରମହାରାଜପୁର ବ୍ଲକ ଅଧ୍ୟକ୍ଷା ଶାନ୍ତି ଲୁହା, ସୁବର୍ଣ୍ଣପୁର ଜିଲା ବିଜେଡି ଉପସଭାପତି କିଶୋର ହୋତା, ଜିଲା ସାଧାରଣ ସମ୍ପାଦକ ଧୀରେନ୍ଦ୍ର ନାରାୟଣ ପଣ୍ଡା, ସ୍ୱତୀ ପଣ୍ଡା, ରାଜ୍ୟ ମହିଳା ସାଧାରଣ ସମ୍ପାଦିକା ସୁଲୋଚନା ହୋତା, ଉଫୁଲା ସରପଞ୍ଚ ଶ୍ରୀୟା କର୍ମୀ, ଚମ୍ପମାଲ ସମିତି ସଭ୍ୟ ଲକ୍ଷ୍ମୀ ନାରାୟଣ ପୁରୋହିତ, ହିଲୁଙ୍ଗ ସମିତି ସଭ୍ୟ ଶୈଳରଞ୍ଜନ ବାଦୀ, ପ୍ରଦୀପ ମିଶ୍ର ତୁଳସୀ ଦାସ ହୋତା, ସୁରୁ ନାରାୟଣ ମହାକୁର, ଲଳିତ ପାତ୍ର, ପୂର୍ବତନ ଜିଲା ପରିଷଦ ସଭ୍ୟ ଦୟାନିଧି ମେହେରଙ୍କ ସମେତ ବହୁ ଦଳୀୟ କର୍ମୀ ଓ ନେତୃବୃନ୍ଦ ଯୋଗଦାନ କରିଥିଲେ। ଆଗାମୀ ଦିନରେ ପଦଯାତ୍ରା ଓ ସଭ୍ୟ ସଂଗ୍ରହ ଅଭିଯାନକୁ ଆହୁରି ଜୋରଦାର କରାଯିବ ବୋଲି ନେତୃବର୍ଗ ପ୍ରକାଶ କରିଥିଲେ।

# ୮୨ ୟୁନିଟ୍ ରକ୍ତ ସଂଗ୍ରହ

ଖୁଣ୍ଟିଗୋରା,୨।୧୦(ମକରନ୍ଦ ସାହୁ)

ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ ଘଣ୍ଟାପଡ଼ାଠାରେ ଗାନ୍ଧୀ ଜୟନ୍ତୀ ଉପଲକ୍ଷେ ମା' ମାହେଶ୍ୱରୀ ସେନା ଏବଂ ଆଞ୍ଚଳିକ ଡିଗ୍ରୀ କଲେଜ ଘଣ୍ଟାପଡ଼ା ମିଳିତ ଆନୁକୂଲ୍ୟରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ କୁଡିବାହାଲି ମା' ମାହେଶ୍ୱରୀ ପୀଠ ଓ ଘଣ୍ଟାପଡ଼ା ମା' ସମଲେଶ୍ୱରୀ ପୀଠରେ ପୂଜାର୍ଚ୍ଚନା ସାରି ଡା. ଆନନ୍ଦ ଭୁଏ, ଡା. ଶୁଭମ କୁମାର ମିଶ୍ର ଏବଂ କଲେଜର ଅଧ୍ୟକ୍ଷ ଗିରିଧର ଦେହୁରୀ ଶିବିରକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟଅତିଥି ଭାବେ କଣ୍ଟାମାଳ ବିଧାୟକ କହ୍ନେଇ ଚରଣ ଡ଼ାଙ୍ଗ ଯୋଗ ଦେଇଥିଲେ। ଉକ୍ତ ଶିବିରରେ ୮୨ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା ମା' ମାହେଶରୀ ସେନା ପକ୍ଷରୁ ଗଦାନନ୍ଦ ପ୍ରଧାନ, ଅନିଲ ପାଲିଆ, ଆଜାଦ କଲତା, ଶିକ୍ଷାବିତ୍ ନୀଳାଞ୍ଚଳ ଭୋଇ, ଅଞ୍ଜନ କଲତା, ନରେନ୍ଦ୍ର କର୍ମୀ, ଅବିନାଶ କମ୍ପ, ସୁନିଲ ପ୍ରଧାନ, ଜିତୁ ଛାଉଳିଆ ସହଯୋଗ କରିଥିଲେ।

# ୨୬ ବର୍ଷ ପରେ ଆର୍ଥିକ ଅନିୟମିତତା ମାମଲାର ରାୟ

**ଟ୍ରଷ୍ଟଫଣ୍ଡ ଆକାଉଣ୍ଟ ସୁପରଭାଇଜରଙ୍କୁ ୭ ବର୍ଷ ଜେଲ**

ସୋନପୁର,୨।୧୦(ମୃତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣପୁର ଜିଲା ସୋନପୁର ଟ୍ରଷ୍ଟଫଣ୍ଡରେ ହୋଇଥିବା ଆର୍ଥିକ ଅନିୟମିତତା ମାମଲାର ରାୟ ୨୬ ବର୍ଷ ପରେ ପ୍ରକାଶ ପାଇଛି। ସୋନପୁର ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍ ବିଶ୍ୱ ବିସ୍ତୃତ କର ଟ୍ରଷ୍ଟଫଣ୍ଡ ଆକାଉଣ୍ଟ ସୁପରଭାଇଜର ଭକ୍ତବନ୍ଧୁ ମିଶ୍ରଙ୍କୁ ଦୋଷୀ ସାବ୍ୟସ୍ତ କରି ୭ ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିବା ସହ ଅର୍ଥ ଜରିମାନା କରିଛନ୍ତି। ତତ୍କାଳୀନ ବଲାଙ୍ଗୀର ଜିଲାପାଳ ତଥା ସୋନପୁର ଟ୍ରଷ୍ଟଫଣ୍ଡ ପ୍ରଶାସକଙ୍କ ପତ୍ରସଂଖ୍ୟା ୩୨୯୧(ଜିଏନ୍ ଏସ୍‌ଟିଏଫ୍/୧୪.୧୧.୧୯୭୦)ରେ ଭକ୍ତବନ୍ଧୁ ମିଶ୍ର ସୋନପୁର ଟ୍ରଷ୍ଟଫଣ୍ଡର ଆକାଉଣ୍ଟ ସୁପରଭାଇଜର୍ (ହିସାବ ତଦାରଖକାରୀ) ଭାବେ ନିଯୁକ୍ତି ପାଇଥିଲେ। ସେ ଆକାଉଣ୍ଟ ସୁପରଭାଇଜର ଭାବେ ନିଯୁକ୍ତି ପାଇଥିଲେ ସୁଦ୍ଧା ବିନା କୌଣସି ବୈଧ କାଗଜପତ୍ରରେ ନିଜକୁ ଟ୍ରଷ୍ଟଫଣ୍ଡ ଅଫିସର ପରିଚୟ ଦେଉଥିଲେ। ପଦବି ଅନୁସାରେ କମ ଦରମା ପାଉଥିଲେ ସୁଦ୍ଧା ବିନା କୌଣସି କାଗଜପତ୍ରରେ କିମ୍ବା ସରକାରୀ ନିର୍ଦ୍ଦେଶରେ ଜଣେ ଦ୍ୱିତୀୟ ଶ୍ରେଣୀ ଗେଜେଟେଡ୍ ଅଫିସର ଭଳି ଦରମା ଉଠାଉଥିବା ଅଭିଯୋଗ ହୋଇଥିଲା। ତାଙ୍କ ନିଯୁକ୍ତି ସମୟରେ ଟ୍ରଷ୍ଟଫଣ୍ଡ କାର୍ଯ୍ୟାଳୟ ଘରୋଇ ଅନୁଷ୍ଠାନ ଥିଲା। ତେଣୁ ସେଠାରେ ପେନସନ୍, ପ୍ରୋଭିଡେଣ୍ଟ ଫଣ୍ଡ, ବୋନସ ଆଦି ଦେବାର ବ୍ୟବସ୍ଥା ନ ଥିବା କୁହାଯାଇଥିଲା। କିନ୍ତୁ ମିଶ୍ର ନିଜେ ବିନା କୌଣସି ନିର୍ଦ୍ଦେଶରେ ଏକ କଣ୍ଟ୍ରିବ୍ୟୁଟାରୀ ପ୍ରୋଭିଡେଣ୍ଟ ଫଣ୍ଡ ପ୍ରଚଳନ କରିଥିଲେ। ୧୯୯୭–୯୮ ବର୍ଷ ଅଡିଟ୍ ରିପୋର୍ଟ ଅନୁସାରେ ବଲାଙ୍ଗୀର ଆଞ୍ଚଳିକ ଗ୍ରାମ୍ୟ ବ୍ୟାଙ୍କ୍ ଶାଖାରୁ ବିଭିନ୍ନ ତାରିଖରେ ଏକ ଲକ୍ଷ ଟଙ୍କା ଉଠାଇଥିଲେ ସୁଦ୍ଧା କ୍ୟାସ୍ ବହିରେ କୌଣସି ଖର୍ଚ୍ଚ ଦର୍ଶାଇ ନ ଥିଲେ। ଟ୍ରଷ୍ଟଫଣ୍ଡର ପିଅନ ଗଙ୍ଗାଧର କର ଅବସର ଗ୍ରହଣ କରିଥିଲେ ସୁଦ୍ଧା ମିଶ୍ର ବିନା କୌଣସି କାଗଜପତ୍ରରେ ପିଅନର କାର୍ଯ୍ୟକାଳ ବୃଦ୍ଧି କରିଥିଲେ। ଟ୍ରଷ୍ଟଫଣ୍ଡ ଅର୍ଥର ଦୁରୁପଯୋଗ ସହ ବ୍ୟାପକ ଅନିୟମିତତା ଜଣାପଡିବା ପରେ ତତ୍କାଳୀନ ସୋନପୁର ଉପଜିଲାପାଳ ପ୍ରେମାନିଧି ସେଠ୍ ସୋନପୁର ଥାନାରେ ୯।୮।୧୯୯୮ରେ ଟ୍ରଷ୍ଟଫଣ୍ଡ ଆକାଉଣ୍ଟ ସୁପରଭାଇଜର ଭକ୍ତବନ୍ଧୁ ମିଶ୍ରଙ୍କ ବିରୋଧରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଦ୍ୱାରା ଦାଖଲ କାଗଜପତ୍ରକୁ ଯାଞ୍ଚ କରିବା ସହ ୮ ଜଣଙ୍କ ସାକ୍ଷ୍ୟ ପ୍ରମାଣକୁ ଭିତ୍ତିକରି ରାୟ ପ୍ରକାଶ ପାଇଛି। ମାମଲାକୁ ସହକାରୀ ସରକାରୀ ଓକିଲ ପ୍ରଦୀପ ମିଶ୍ର ଓ ରବିନାରାୟଣ ମହାପାତ୍ର ପରିଚାଳନା କରୁଥିଲେ।

# ବରିଷ୍ଠ ନାଗରିକ ଦିବସରେ ବରିଷ୍ଠଙ୍କୁ ଅଣଦେଖା

ସୋନପୁର,୨।୧୦(ମୃତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣପୁର ଜିଲା ପ୍ରଶାସନ ଦ୍ୱାରା ଟାଉନ ହଲରେ ମଙ୍ଗଳବାର ଆୟୋଜିତ ହୋଇଥିବା ବିଶ୍ୱ ବରିଷ୍ଠ ନାଗରିକ ଦିବସରେ ଜିଲାର ବରିଷ୍ଠମାନଙ୍କୁ ଅଣଦେଖା କରାଯାଇଛି। ବରିଷ୍ଠ ନାଗରିକଙ୍କୁ ଉଚିତ୍ ସମ୍ମାନ ମିଳି ନ ଥିବା ବେଳେ ସଭାରେ କହିବାକୁ ସୁଯୋଗ ଦିଆଗଲାନି। ରାଜ୍ୟ ସରକାର ଏହି ଦିବସ ପାଳନ ପାଇଁ ଲକ୍ଷାଧିକ ଟଙ୍କାର ଅନୁଦାନ ଯୋଗାଇ ଦେଉଥିବା ବେଳେ ତାହା ଠିକ୍ ଭାବେ ବିନିଯୋଗ ହେଉ ନ ଥିବା ଜିଲା ବରିଷ୍ଠ ନାଗରିକ ସଂଘ ବୁଧବାର ଏକ ଖବରଦାତା ସମ୍ମିଳନୀରେ ଅଭିଯୋଗ କରିଛି। ଦିବସ ପାଳନ ପାଇଁ ପ୍ରଶାସନ ପକ୍ଷରୁ କିଛି ଦିନ ପୂର୍ବରୁ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଏକ ପ୍ରସ୍ତୁତି ବୈଠକର ଆୟୋଜନ କରିଥିଲା। ଏଥିରେ ସଂଘକୁ ନିମନ୍ତ୍ରଣ କରା ଯାଇଥିଲା। ବରିଷ୍ଠ ନାଗରିକମାନେ ନିର୍ଦ୍ଧାରିତ ସମୟରେ ଉପସ୍ଥିତ ହୋଇଥିଲେ। ତେବେ ବୈଠକକୁ ବହୁ ବିଳମ୍ବରେ ଆରମ୍ଭ କରାଯିବା କାରଣରୁ ସେମାନଙ୍କୁ ଦୀର୍ଘ ସମୟ ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପଡିଥିଲା ବୋଲି ବରିଷ୍ଠ ନାଗରିକ ସଂଘର ଜିଲା ସଭାପତି ଡ. ଜ୍ୟୋତିରଞ୍ଜନ ବହିଦାର ଅଭିଯୋଗ କରିଛନ୍ତି। ସେହିପରି





ସଂଘର କର୍ମକର୍ତ୍ତା ଖବରଦାତା ସମ୍ମିଳନୀରେ ସୂଚନା ଦେଉଛନ୍ତି ।

**ପ୍ରଶାସନର କାର୍ଯ୍ୟକୁ ସମାଲୋଚନା**

ମଙ୍ଗଳବାର ଦିବସ ପାଳନ ଦିନ ସଭାପତି ତଥା ଜିଲାପାଳ ଅନ୍ୟା ଦାସ କାର୍ଯ୍ୟକ୍ରମକୁ ଶେଷ ପର୍ଯ୍ୟନ୍ତ ଆସିଲେନି। ଅପେକ୍ଷା କରିବା ପରେ ପ୍ରାୟ ୨ ଘଣ୍ଟା ପରେ ସଭା କାର୍ଯ୍ୟ ଆରମ୍ଭ ହେଲା। ଏଥିରେ ଜିଲାର ବରିଷ୍ଠ ନାଗରିକଙ୍କୁ ସେମାନଙ୍କ ମତ ରଖିବାକୁ ସୁଯୋଗ ଦିଆଗଲାନି। ଦିବସ ପାଳନକୁ ଅଧିକାରୀମାନେ ନିଜର କାର୍ଯ୍ୟକ୍ରମ ଭାବିଲେ, ସେହି ଅନୁଯାୟୀ ସେମାନେ କାର୍ଯ୍ୟ କଲେ ବୋଲି ସଂଘର କର୍ମକର୍ତ୍ତା ମାନେ କହିଛନ୍ତି। ଏଥିପାଇଁ ସଭା ଶେଷ ପୂର୍ବରୁ ଚେୟାର ଖାଲି ରହିଲା। କାର୍ଯ୍ୟକ୍ରମରେ କେତେଜଣ ବରିଷ୍ଠଙ୍କୁ ସମ୍ବର୍ଦ୍ଧନା ଦିଆ ଯାଇଥିଲା ବେଳେ ପ୍ରଶାସନ ପକ୍ଷରୁ ପ୍ରଦତ୍ତ ପ୍ରଶଂସାପତ୍ରରେ ଅନେକ ତ୍ରୁଟି ରହିବା ସହ ଅତିଥିଙ୍କ ଦସ୍ତଖତ ନ ଥିଲା। ସଂଘର ଉପଦେଷ୍ଟା ପ୍ରଦୀପ କୁମାର ପୁରୋହିତ କହିଥିଲେ ବରିଷ୍ଠ ନାଗରିକମାନେ ପୂର୍ବରୁ ପ୍ରଶାସନର ସମସ୍ତ କାର୍ଯ୍ୟକ୍ରମରେ ସହଯୋଗ କରି ଆସିଛନ୍ତି। ତେବେ ବର୍ତ୍ତମାନର ପ୍ରଶାସନ ବରିଷ୍ଠଙ୍କୁ ଦୟାରପାତ୍ର ବୋଲି ଭାବୁଛି। ଏହା ଅନୁଚିତ ବୋଲି ସେ କହିଥିଲେ। ଏଭଳି ଅସମ୍ମାନ ପ୍ରତିବାଦରେ ପ୍ରଶାସନର କୌଣସି କାର୍ଯ୍ୟକ୍ରମରେ ଏଣିକି ବରିଷ୍ଠ ନାଗରିକ ସଂଘର ସଦସ୍ୟମାନେ ଯୋଗ ଦେବେନି ବୋଲି ସଂଘ ପକ୍ଷରୁ କୁହାଯାଇଛି। ଅନ୍ୟପକ୍ଷେ ଜିଲାର ବିକାଶକୁ ନେଇ ଜିଲା ପ୍ରଶାସନର ସ୍ଥାଣୁତା ପ୍ରତିବାଦରେ ସଂଘ ଆଗାମୀ ଦିନରେ ଆନ୍ଦୋଳନ କରିବ ବୋଲି ଚେତାବନୀ ଦେଇଛି। ଏହି ସମ୍ମିଳନୀରେ ଗୋରେଖନାଥ ସାହୁ, ଜ୍ୟୋତିରଞ୍ଜନ ପଟ୍ଟନାୟକ, ଲୋକେଶ ପ୍ରଧାନ, ମୃତ୍ୟୁଞ୍ଜୟ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### କୋଏଲନଗର, ଝିରପାଣିରେ ମଦଦୋକାନ ସ୍ଥାନାନ୍ତର ଦାବି

**ରାଉରକେଲା,୨।୧୦(ସଙ୍ଗୀତା ଜେନା):** ଝିରପାଣି ଏବଂ କୋଏଲନଗର ଅଞ୍ଚଳରେ ଥିବା ୨ଟି ମଦ ଦୋକାନ ସ୍ଥାନାନ୍ତର ପାଇଁ ଦାବି ହେଉଛି। ଏହି ପରିପ୍ରେକ୍ଷୀରେ ସୁନ୍ଦରଗଡ଼ ସୁରକ୍ଷା ମଞ୍ଚ ପକ୍ଷରୁ ବିଧାୟକ ଦୁର୍ଗାଚରଣ ତନ୍ତୀଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି। ବିଭାଗୀୟ ମନ୍ତ୍ରୀଙ୍କ ସହ ଆଲୋଚନା କରି ଉକ୍ତ ୨ଟି ଦୋକାନକୁ ସ୍ଥାନାନ୍ତର କରାଯାଉ ବୋଲି ସେମାନେ ଦାବି କରିଛନ୍ତି। ଛାତ୍ରୀଛାତ୍ର ତଥା ସ୍ଥାନୀୟ ଲୋକଙ୍କ ଉପରେ ଏହାର କୁ ପ୍ରଭାବ ନ ପଡୁ ବୋଲି ଉକ୍ତ ସ୍ମାରକପତ୍ରରେ ଉଲ୍ଲେଖ ରହିଛି।

### ମହାଳୟା ଅବସରରେ ବାହାରିଲା ପ୍ରଭାତ ଫେରି

**ବନ୍ଧମୁଣ୍ଡା,୨।୧୦(ସୁବ୍ରତ ଦେ) :** ମହାଳୟା ଅବସରରେ ବୁଧବାର ସକାଳେ ବନ୍ଧମୁଣ୍ଡାର ସି-ସେକ୍ଟର ସ୍ଥିତ ଦୁର୍ଗାପୂଜା କମିଟି ତରଫରୁ ପ୍ରଭାତ ଫେରି ବାହାରିଥିଲା। ସି-ସେକ୍ଟର ସ୍ଥିତ ବଙ୍ଗଭାରତୀରୁ ବାହାରିଥିବା ଏହି ପ୍ରଭାତ ଫେରି ରେଳ କଲୋନି ପରିକ୍ରମାକରି ଶେଷରେ ଦୁର୍ଗାପୂଜା ମଣ୍ଡପଠାରେ ପହଞ୍ଚିଥିଲା। ଏହି ଅବସରରେ କମିଟିର ମହିଳା ସଦସ୍ୟମାନେ ପାରମ୍ପରିକ ପୋଷାକରେ ପ୍ରଭାତ ଫେରିରେ ଅଂଶଗ୍ରହଣ କରିଥିଲେ। ସେହିଭଳି ବନ୍ଧମୁଣ୍ଡା ଡିଜେଲ କଲୋନି ଦୁର୍ଗାପୂଜା କମିଟି ଦ୍ୱାରା ମଧ୍ୟ ପ୍ରଭାତ ଫେରି ଆୟୋଜିତ ହୋଇଥିଲା। ଏହି ଅବସରରେ ପୂଜା କମିଟିର ପୁରୁଷ ଓ ମହିଳା ସଦସ୍ୟମାନେ ପାରମ୍ପରିକ ପୋଷାକ ପରିଧାନକରି ଦେବୀଙ୍କୁ ପୂଜାକରିବା ସହ ପ୍ରଭାତ ଫେରିରେ ସାମିଲ ହେଇଥିଲେ।

### ଗାନ୍ଧୀ, ଶାସ୍ତ୍ରୀ ଜୟନ୍ତୀ ପାଳିତ

**ସୁନ୍ଦରଗଡ,୨।୧୦(ଜୟ ନାରାୟଣ ମେଣ୍ଡୁଲି):** ସ୍ଥାନୀୟ ରେଭେନ୍ୟୁ କଲୋନୀ ସ୍ଥିତ ଅବସରପ୍ରାପ୍ତ ବରିଷ୍ଠ ନାଗରିକ ସରକାରୀ କର୍ମଚାରୀ ସଂଘ ପରିସରରେ ମହାତ୍ମା ଗାନ୍ଧୀ ଓ ଭାରତର ପୂର୍ବତନ ପ୍ରଧାନ ମନ୍ତ୍ରୀ ସ୍ୱର୍ଗତ ଲାଲବାହାଦୁର ଶାସ୍ତ୍ରୀଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। କାର୍ଯ୍ୟକାରୀ ସଭାପତି ଡ. ଚିରବ୍ରତ ଦତ୍ତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିବା ସଭାରେ ମୁଖ୍ୟ ଅତିଥିଭାବେ ଜିଲା ଆୟୁର୍ବେଦ ଚିକିତ୍ସା ଅଧିକାରୀ ଡାକ୍ତର. ଅନନ୍ତ ଆଚାର୍ଯ୍ୟ ଯୋଗଦେଇଥିଲେ। ସମ୍ପାଦକ ରାଜକିଶୋର ମହାରଣା ସ୍ୱାଗତ ଭାଷଣ ଦେଇ ସଭାର ଆଭିମୁଖ୍ୟ ବିଷୟରେ ବର୍ଣ୍ଣନା କରିଥିଲେ। ସଭାର ସଭାପତି ଡ. ଦତ୍ତ ଲାଲବାହାଦୁର ଶାସ୍ତ୍ରୀଙ୍କ ସ୍ମୃତିଚାରଣ କରିଥିଲେ ଓ ତାଙ୍କ ଜୀବନରେ ଘଟିଥିବା ପ୍ରମୁଖ ଘଟଣାବଳୀର ବିବରଣୀ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସୁଷମା ପଟେଲ, ସମୀର କୁମାର କର ଓ ମଦନ ପଟେଲ ମହାମନୀଷୀଙ୍କ ସ୍ମୃତିଚାରଣ କରିଥିଲେ। ମୁଖ୍ୟ ଅତିଥି ଡା.ଆଚାର୍ଯ୍ୟ ମହାପୁରୁଷଙ୍କ ଦ୍ୱାରା ସ୍ଥାପିତ ଆଦର୍ଶ ଆଚରଣ ଅନୁସରଣ କରିବା ପାଇଁ ସମସ୍ତଙ୍କୁ କହିଥିଲେ। ସଂଘର ଉପ ସଭାପତି ଗୁଣନିଧି ମହାନ୍ତି ଧନ୍ୟବାଦ ପ୍ରସ୍ତାବ ଆଗତ କରିଥିଲେ। ଏହି ଅବସରରେ ସୁନ୍ଦରଗଡ଼ ଆୟୁର୍ବେଦ ଅନୁଷ୍ଠାନ ପକ୍ଷରୁ ଏକ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଥିଲା। ସମସ୍ତଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ଔଷଧ ବଣ୍ଟନ କରାଯାଇଥିଲା।

# ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ ଅନ୍ତର୍ଗତ ସଫେଇ ଅଭିଯାନ

**ସୁନ୍ଦରଗଡ଼ରେ ଜିଲା ସ୍ତରୀୟ ଗାନ୍ଧୀ ଜୟନ୍ତୀ**

**ସୁନ୍ଦରଗଡ଼, ୨।୧୦(ଜୟ ନାରାୟଣ ମେଣ୍ଡୁଲି)**



ସଫେଇ ଅଭିଯାନରେ ଜିଲାପାଳଙ୍କ ସହ ଅନ୍ୟମାନେ।

ସୁନ୍ଦରଗଡ଼ ଜିଲା ସଦର ମହକୁମାଠାରେ ବୁଧବାର ମହାତ୍ମା ଗାନ୍ଧୀଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଅବସରରେ ଜିଲା ପ୍ରଶାସନ ଏବଂ ଜିଲା ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ବିବିଧ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ପ୍ରାତଃ ସମୟରେ ଡାକବାଜି ଯନ୍ତ୍ର ମାଧ୍ୟମରେ ସହର ମଧ୍ୟରେ ରାମଧୂନ ପରିବେଷଣ କରାଯାଇଥିଲା। ସକାଳେ ଜିଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ଗାନ୍ଧିଜୀ ଏବଂ ଶାସ୍ତ୍ରୀଜୀଙ୍କ ପ୍ରତିମୂର୍ତ୍ତୀରେ ଜିଲା ପ୍ରଶାସନ ପକ୍ଷରୁ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ପରେ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ ଅନ୍ତର୍ଗତ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଏକ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲା ପରିଷଦ ଅଧ୍ୟକ୍ଷା କୁନ୍ତୀ ପ୍ରଧାନ, ସୁନ୍ଦରଗଡ଼ ପୌର ପରିଷଦ ଅଧ୍ୟକ୍ଷା ତନୟା ମିଶ୍ର, ଜିଲାପାଳ ମନୋଜ ମହାଜନ, ପୂର୍ବତନ ସଦର ବିଧାୟିକା କୁସୁମ ଟେଟେ, ସମସ୍ତ ବରିଷ୍ଠ ଅଧିକାରୀ ଓ କର୍ମଚାରୀ, ମାନ୍ୟଗଣ୍ୟ ଅତିଥି ଏବଂ ଜିଲାର ସଚେତନ ନାଗରିକମାନେ ଏହି ସଫେଇ ଅଭିଯାନରେ ସାମିଲ ହୋଇଥିଲେ। ଏଥିରେ ସ୍ୱଚ୍ଛତା ଶପଥ ପାଠ ମଧ୍ୟ କରାଯାଇଥିଲା। ଏହି ଅବସରରେ ଜିଲାର ୧୦ ଜଣ ସ୍ୱଚ୍ଛ ସାଥୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପରେ ସ୍ଥାନୀୟ ସଂସ୍କୃତି ଭବନଠାରେ ଏକ ସାଧାରଣ ସଭା ଆୟୋଜିତ ହୋଇଥିଲା। ଏହି ଅବସରରେ ଯୋଗଦେଇ ଜିଲାପାଳ ମନୋଜ ମହାଜନ ଗାନ୍ଧିଜୀ ଏବଂ ଶାସ୍ତ୍ରୀଜୀଙ୍କ ସ୍ମୃତି ଚାରଣ କରିବା ସହିତ ଗାନ୍ଧିଜୀଙ୍କ ଅହିଂସା ଧର୍ମ ଉପରେ ଆଲୋକପାତ କରିଥିଲେ। ସେହିପରି ଜିଲାପାଳ ମହାଜନ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ ଉପରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ସରକାରୀ ମହାବିଦ୍ୟାଳୟର ସହକାରୀ ପ୍ରଧାପକ ନୂତନ ଖମାରୀ ବକ୍ତାଭାବେ ଯୋଗଦେଇ ଗାନ୍ଧିଜୀଙ୍କ ଜୀବନ ଦର୍ଶନ ଉପରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ଗୁରୁଙ୍କ ଦ୍ୱାରା ନିଜ ନିଜ ଧର୍ମ ଗ୍ରନ୍ଥର ଉଚ୍ଚାରଣ କରାଯାଇଥିଲା। ମୁଫତି ସରଫାରାଜ ଅହମଦ ପବିତ୍ର କୋରାନ, ରବୀନ୍ଦର କୌର ଗୁରୁ ଗ୍ରନ୍ଥ ସାହିବ, ଗଣେଶ ତ୍ରିପାଠୀ ଭାଗବତ ଗୀତା ଏବଂ ରେଭ ସେଯାନ ସୁରିନ ବାଇବେଲରୁ ବାଣୀର ଉଚ୍ଚାରଣ କରିଥିଲେ ଏବଂ ଏହାର ସାରମର୍ମ ବୁଝାଇଥିଲେ। ପରେ ଗୁରୁ ଦୋଳଗୋବିନ୍ଦ ଗର୍ଡିଆଙ୍କ ଦଳ ମା'ସରସ୍ୱତୀ ସାଂସ୍କୃତିକ ପରିଷଦ ଦ୍ୱାରା ଗାନ୍ଧୀ ଆଶ୍ରମ ଭଜନମାନ ପରିବେଷଣ କରାଯାଇଥିଲା। ଗାନ୍ଧିଜୀ ଜୟନ୍ତୀ ଅବସରରେ ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ରୀଙ୍କ ମଧ୍ୟରେ ପ୍ରତିଯୋଗୀତା ହୋଇଥିଲା। କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ରବି ନାରାୟଣ ସାହୁ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ସୁରଞ୍ଜନ ସାହୁ, ଜିଲା ଶିକ୍ଷା ଅଧିକାରୀ ଅମୂଲ୍ୟ ପଧାନ, ଅନ୍ୟାନ୍ୟ ଅଧିକାରୀ, ବୁଦ୍ଧିଜୀବୀ ଓ ବହୁ ସଂଖ୍ୟାରେ ଛାତ୍ରଛାତ୍ରୀମାନେ ଉପସ୍ଥିତଥିଲେ। କାର୍ଯ୍ୟକ୍ରମରେ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ନନ୍ଦିନୀ ମୁଣ୍ଡାରୀ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ଜିଲା ମଙ୍ଗଳ ଅଧିକାରୀ ପବିତ୍ର ପ୍ରଧାନ ଏବଂ ଗୋପକୃଷ୍ଣ ନାୟକ କାର୍ଯ୍ୟକ୍ରମରେ ସଂଯୋଜନା କରିଥିଲେ।



ମହାଳୟା ଅବସରରେ ବୁଧବାର ସକାଳେ ବନ୍ଧମୁଣ୍ଡାର ସି-ସେକ୍ଟର ସ୍ଥିତ ଦୁର୍ଗାପୂଜା କମିଟି ତରଫରୁ ପ୍ରଭାତ ଫେରିରେ ସାମିଲ ହୋଇଥିବା ମହିଳା।

# ଖଟିଆରେ ବୁହାହେଲେ ରୋଗୀ

**ରାସ୍ତା ଖରାପ ଯୋଗୁ ଗାଁକୁ ଯାଇପାରିଲାନି ଆମ୍ବୁଲାନ୍ସ**

**ଲହୁଣୀପଡ଼ା,୨।୧୦(ଦାଶରଥି ପଣ୍ଡା)**

ସୁନ୍ଦରଗଡ଼ ଜିଲା ଲହୁଣୀପଡ଼ା ବ୍ଲକ ଶଙ୍ଖପୋଷ ପଞ୍ଚାୟତ ଅନ୍ତର୍ଗତ ଲାଉପୋଷ ଗ୍ରାମରେ ରାସ୍ତା ଖରାପ ଯୋଗୁ ଆମ୍ବୁଲାନ୍ସ ଯାଇପାରିଲା ନାହିଁ। ବାଧ ହୋଇ ରୋଗୀ ଖଟିଆରେ ବୁହା ହୋଇ ଆମ୍ବୁଲାନ୍ସ ପର୍ଯ୍ୟନ୍ତ ଆସିଥିଲେ। ସୂଚନାରୁ ପ୍ରକାଶ,ଲାଉପୋଷ ଗ୍ରାମର ଜଗବନ୍ଧୁ ନାଏକଙ୍କ ସ୍ତ୍ରୀ ବିନିତା ନାଏକ (୨୮)ଙ୍କ ବୁଧବାର ସନ୍ଧ୍ୟାରେ ହଠାତ୍ ପେଟ ଫୁଲିଯାଇ ଅସୁସ୍ଥତା ଅନୁଭବ କରିଥିଲେ। ପରିବାର ଲୋକ ଆମ୍ବୁଲାନ୍ସ ଡାକିଥିଲେ। ରାସ୍ତା ଖରାପ ଥିବାରୁ ଆମ୍ବୁଲାନ୍ସ ଗାଁ ଭିତରକୁ ଯାଇ ନ ପାରି କେନାଲ ହୁଡା ରାସ୍ତା ଉପରେ ଛିଡା ହୋଇଥିଲା। ଗାଁ ଲୋକ ବିନିତାଙ୍କୁ ଖଟରେ ଏକ କିଲୋମିଟର ଊର୍ଦ୍ଧ୍ୱ ରାସ୍ତା ବୋହିଆଣି ଆମ୍ବୁଲାନ୍ସରେ ପହଞ୍ଚାଇ ଥିଲେ। ସୂଚନା ଥାଉକି ୪-୫ ଦିନ ପୂର୍ବେ ଉକ୍ତ ଗ୍ରାମର ଗଣେଶ କନ୍ଧ (୧୩)ଅସୁସ୍ଥତା ହୋଇଥିବାରୁ ଆମ୍ବୁଲାନ୍ସ ଯାଇଥିଲା।କିନ୍ତୁ ରାସ୍ତାର ଅବସ୍ଥା ଶୋଚନୀୟ ଥିବାରୁ ଆମ୍ବୁଲାନ୍ସଟି କାଦୁଅରେ ଫସି ଯାଇଥିଲା। ଫଳରେ ବାଧହୋଇ ରୋଗୀ ବାଇକରେ ବୁହା ହୋଇଥିଲେ। ଲାଉପୋଷ ଗ୍ରାମ କେନାଲ ହୁଡା ଠାରୁ ଉପର ଲାଉପୋଷ ଗ୍ରାମର ରାସ୍ତା ଅତ୍ୟନ୍ତ ଶୋଚନୀୟ ହୋଇ ପଡିଛି। ବର୍ଷା ଦିନେ ସମସ୍ୟା ଦ୍ୱିଗୁଣିତ ହୋଇଯାଉଛି। ଉକ୍ତ ରାସ୍ତା ମରାମତି ପାଇଁ ଲୋକେ ଦାବି କରିଛନ୍ତି।

# ପୌର ପରିଷଦ ପକ୍ଷରୁ ସ୍ୱଚ୍ଛତା ସାଂସ୍କୃତିକ ମହୋତ୍ସବ



ଜଣେ ଛାତ୍ରୀଙ୍କୁ ପୁରସ୍କୃତ କରାଯାଉଛି।

**ରାଜଗାଙ୍ଗପୁର,୨।୧୦(ଅଶୋକ ପାଣି)**

ସୁନ୍ଦରଗଡ ଜିଲା ରାଜଗାଙ୍ଗପୁର ପୌରପରିଷଦ ଦ୍ୱାରା ସ୍ଥାନୀୟ କମ୍ୟୁନିଟି ସେଣ୍ଟରରେ ବୁଧବାର ସ୍ୱଚ୍ଛତା ସାଂସ୍କୃତିକ ମହୋତ୍ସବ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପୌରାଧ୍ୟକ୍ଷା ମାଧୁରୀ ଲୁଗୁନ, ଉପନଗରପାଳ ମହମ୍ମଦ ଇରଫାନ, ଏକଜିକ୍ୟୁଟିଭ ଅଫିସର ଭିକ୍ଟର ସରେଙ୍ଗ ଓ ଅନ୍ୟ ଅତିଥିମାନେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଏହି ଅବସରରେ ପୌରପରିଷଦ ଦ୍ୱାରା ଅନୁଷ୍ଠିତ ହୋଇଥିବା ବିଭିନ୍ନ ପ୍ରତିଯୋଗିତାରେ କୃତି ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା ଓ ସଫେଇ କର୍ମଚାରୀଙ୍କୁ ସମ୍ମାନିତ କରାଯାଇଥିଲା। ସହରକୁ ନିର୍ମଳ ଓ ସ୍ୱଚ୍ଛ ରଖିବା ପାଇଁ ସମସ୍ତେ ଶପଥ ନେଇଥିଲେ। ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ପ୍ରଜାପିତା ବ୍ରହ୍ମାକୁମାରୀ ରାଜଗାଙ୍ଗପୁର ଶାଖା ଦ୍ୱାରା ସ୍ୱଚ୍ଛ ଏବଂ ସୁସ୍ଥ ଜୀବନ ପାଇଁ ଏକ କ୍ଷୁଦ୍ର ନାଟିକା ପରିବେଷିତ ହୋଇଥିଲା। କାର୍ଯ୍ୟକ୍ରମରେ ବିଭିନ୍ନ କାଉନସିଲର, ସ୍ୱଚ୍ଛ ସାଥୀ,ସମଗ୍ର ବିକାଶ ସ୍ୱୟଂ ସହାୟକ ଗୋଷ୍ଠୀ, ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ସହ ଶିକ୍ଷୟିତ୍ରୀ ଶିକ୍ଷକ, ସଫେଇ କର୍ମୀ, ପୌରପରିଷଦର ବିଭିନ୍ନ କର୍ମୀବୃନ୍ଦ ପ୍ରମୁଖ ଉପସ୍ଥିତ ଥିଲେ।

## ଜାତୀୟ ସେବା ଯୋଜନା ତରଫରୁ ଆଲୋଚନା ଚକ୍ର, ଚାରାରୋପଣ

**ସୁନ୍ଦରଗଡ,୨।୧୦(ଜୟ ନାରାୟଣ ମେଣ୍ଡୁଲି)**

ସ୍ଥାନୀୟ ସରକାରୀ ମହିଳା ଉଚ୍ଚ ମାଧ୍ୟମିକ ଓ ମହାବିଦ୍ୟାଳୟରେ ଜାତୀୟ ସେବା ଯୋଜନା ତରଫରୁ ମଙ୍ଗଳବାର ଏକ ଆଲୋଚନା ଚକ୍ର ଓ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷା ଡ. ଇନ୍ଦିରା ଗଡନାୟକଙ୍କ ଅଧ୍ୟକ୍ଷତାର ଆୟୋଜିତ ଏହି କାର୍ଯ୍ୟକ୍ରମରେ ସରକାରୀ ମହାବିଦ୍ୟାଳୟ ପ୍ରାଣୀ ବିଜ୍ଞାନ ବିଭାଗର ସହକାରୀ ପ୍ରଧ୍ୟାପକ ସରୋଜ କୁମାର ପୂଜାରୀ ଯୋଗଦେଇ ଥିଲେ। ଅତିଥି ଆଧ୍ୟାପକ ବିପିନ ଚୌଧୁରୀ ନିଜର ବକ୍ତବ୍ୟ ରଖିଥିଲେ। ଜାତୀୟ ସେବା ଯୋଜନାର ସଂଯୋଜିକା ଦୀପାଦ ହାସଦା ନିଜର ବକ୍ତବ୍ୟ ରଖିବାସହ ଶେଷରେ ସଂଯୋଜକ ମନୋଜ ନାୟକ ଧନ୍ୟବାଦ ଦେଇଥିଲେ। ପରେ ଛାତ୍ରୀମାନେ ଅତିଥିଙ୍କ ସହ ଚାରା ରୋପଣ କରିଥିଲେ।

## ବନ୍ଧମୁଣ୍ଡାରେ ନୂଆ ଥାନା ଅଧିକାରୀଙ୍କ ଦାୟିତ୍ୱ ଗ୍ରହଣ

**ବନ୍ଧମୁଣ୍ଡା,୨।୧୦(ସୁବ୍ରତ ଦେ):** ବନ୍ଧମୁଣ୍ଡା ଥାନାର ନୂତନ ଥାନାଧିକାରୀ ଭାବେ ଚିତ୍ତରଞ୍ଜନ ନାୟକ ଦାୟିତ୍ୱ ଗ୍ରହଣ କରିଛନ୍ତି। ଚିତ୍ତରଞ୍ଜନ ଥାନାର ଅନ୍ୟ ଅଧିକାରୀ ଏବଂ ପୋଲିସ କର୍ମଚାରୀଙ୍କ ସହ ମିଶି ଅଞ୍ଚଳର ସମସ୍ୟା ସମ୍ପର୍କରେ ପଚାରି ବୁଝିଥିଲେ। ଏଥିସହ ସେ ଅଞ୍ଚଳ ପରିଦର୍ଶନ ମଧ୍ୟ କରିଥିଲେ। ନିଷ୍ଠାର ସହ କାମ କରିବାକୁ ଚିତ୍ତରଞ୍ଜନ ପୋଲିସ କର୍ମଚାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

# ବିଜେଡି ପକ୍ଷରୁ ଗାନ୍ଧୀ ଜୟନ୍ତୀ

**ଲହୁଣୀପଡ଼ା,୨।୧୦(ଦାଶରଥି ପଣ୍ଡା)**


ଗାନ୍ଧୀ ଜୟନ୍ତୀ ପାଳନ ଅବସରରେ ଉପସ୍ଥିତ ବିଜେଡି କର୍ମକର୍ତ୍ତା।

ସୁନ୍ଦରଗଡ଼ ଜିଲା ଲହୁଣୀପଡ଼ାଠାରେ ବୁଧବାର ବଣେଇଁ ନିର୍ବାଚନ ମଣ୍ଡଳୀ ବିଜୁ ଜନତା ଦଳ ତରଫରୁ ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ ପାଳିତ ହୋଇଯାଇଛି। ବିଜେଡି ରାଉରକେଲା ସାଙ୍ଗଠନିକ ଜିଲା କାର୍ଯ୍ୟକାରୀ ସଭାପତି ପ୍ରଦ୍ୟୁମ୍ନ କୁମାର ତ୍ରିପାଠୀ, ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷ ରଣଜିତ କିସାନ, ଉପାଧ୍ୟକ୍ଷ କମଲ ଲାକ୍ରା, ଲହୁଣୀପଡା ପଞ୍ଚାୟତ ସମିତି ସଭ୍ୟ ଲକ୍ଷ୍ମୀ କିସାନ, ବିଜେଡି ବ୍ଲକ ମହିଳା ସଭାପତି ଜୟନ୍ତୀ ମାହାନ୍ତ, ଭରତ ମାହାନ୍ତ, ଲୁଲୁ ମିଶ୍ର, ସଞ୍ଜୟ ଦାସ ପ୍ରମୁଖ ବ୍ଲକ ଛକଠାରେ ଥିବା ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ଏବଂ ଲାଲ ବାହାଦୁର ଶାସ୍ତ୍ରୀଙ୍କ ଫୋଟ ଚିତ୍ରରେ ପୁଷ୍ପମାଲ୍ୟ ପ୍ରଦାନ କରିଥିଲେ। ସହଯୋଗ ସଭାପତି ଉମେଶ ରାୟଙ୍କ ସଭାପତିତ୍ୱରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟ କ୍ରମରେ ଦେବକାନ୍ତ ଜୟସ୍ୱାଲ, ଭୁବନାନନ୍ଦ କିସାନ, ଭଜନ କିସାନ, ଅଜୟ କୁମାର, ବାପି ଖଟୁଆ, ଗଙ୍ଗା ମାହାନ୍ତ, କାନ୍ହୁ କିସାନ, ଲକ୍ଷ୍ମୀ ଧର ମାହାନ୍ତ, ଜମିନ କିସାନ, ଟୁକୁ ମାହାନ୍ତ, ଚନ୍ଦ୍ର ଶେଖର ମାହାନ୍ତ, ପଙ୍କଜ ପାତ୍ରଙ୍କ ସମେତ ବହୁ କର୍ମୀ ଓ କର୍ମକର୍ତ୍ତା ଉପସ୍ଥିତ ଥିଲେ। ଶେଷରେ ରାଜାମୁଣ୍ଡା ସମିତି ସଭ୍ୟ ଅଶୋକ କୁମାର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

# ଶିବିରରେ ୧୫ୟୁନିଟ ରକ୍ତ ସଂଗ୍ରହ



ଶିବିରରେ ଜଣେ ବ୍ୟକ୍ତି ରକ୍ତଦାନ କରୁଛନ୍ତି।

**ସୁନ୍ଦରଗଡ,୨।୧୦(ଜୟ ନାରାୟଣ ମେଣ୍ଡୁଲି)**

ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ ଅବସରରେ ସୁନ୍ଦରଗଡ଼ ଟାଉନ ରୋଟାରି କ୍ଲବ ଆନୁକୂଲ୍ୟରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। କ୍ଲବ ସଭାପତି ରୋଟାରିଆନ ଦିଲୀପ କୁମାର ପଟେଲ ଓ ସମ୍ପାଦକ ରୋଟାରିଆନ ଶୋଭନ ଦାଶଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ଓ ପୂର୍ବତନ ରାଜ୍ୟ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ରୋଟାରିଆନ ଡ. ଦିଲ୍ଲୀପ କୁମାର ଷଡଙ୍ଗୀଙ୍କ ସହଯୋଗରେ ଆୟୋଜିତ ଉକ୍ତ ଶିବିରରେ ୧୫ ଜଣ ରୋଟାରି ପରିବାର ଓ ସହଯୋଗୀ ରକ୍ତଦାନ କରିଥିଲେ। ଜିଲାର ସଦର ହସ୍ପିଟାଲ ବ୍ଲଡ ବ୍ୟାଙ୍କରେ ଆୟୋଜିତ ହୋଇଥିବା ଏହି ଶିବିରରେ ରକ୍ତଦାନ ଏକ ମହତ୍ୱ ଦାନ ଶିର୍ଷକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା। ରୋଟାରିଆନ ସଞ୍ଜୟ ଅଗ୍ରବାଲ, ଶୋଭନ ଦାଶ, ପ୍ରଦୀପ ଦାଶ, ବିଶ୍ୱରଞ୍ଜନ ପୁରୋହିତ, ସିମରନ ନାଏକ, ସସ୍ମିକ ଦାଶ, ରୋଟାରି ସାଥୀ ଶ୍ୟାମସୁନ୍ଦର ଲାକ୍ରା, ଭୀମସେନ ଏକ୍କା, ଅଜିତ ଖାଲଖୋ, ମୋନାଲିସା ବେହେରା ଓ ବିନୀତା ପଟେଲ ପ୍ରମୁଖ ରକ୍ତଦାନ କରିଥିଲେ। ଏହି ଶିବିରରେ ରୋଟାରିଆନ ସମୀର କର, ସୁରେଶ ପୃଷ୍ଟି, ଶୁଭେନ୍ଦୁ ମହାପାତ୍ର, ଦୀନବନ୍ଧୁ ଭିତ୍ରିଆ, ତୁଷାର ଠାକୁର, ଅସୀମ ବେହେରା, ବାଲଗୋପାଳ ମିଶ୍ର ଓ ଡ. ଚିରବ୍ରତ ଦତ୍ତ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଶିବିରକୁ ବ୍ଲଡ ବ୍ୟାଙ୍କ ଅଧ୍ୟକ୍ଷ ଡ. ଶରତ ଚନ୍ଦ୍ର ନାଏକ, ଟେକ୍ନିସିଆନ ଯୁଧିଷ୍ଠିର ଭଇଁସାଲ, ଦୁଷ୍ମନ୍ତ ପଟେଲ, କିରଣ କୁମାର ପଟେଲ, ମନୋଜ ରଣା ଓ ଜ୍ୟୋତ୍ସ୍ନାରାଣୀ ଦିଉରିଆ ପରିଚାଳନା କରିଥିଲେ।



# ଜିଲା କଂଗ୍ରେସ କମିଟି ପକ୍ଷରୁ ଗାନ୍ଧୀ, ଶାସ୍ତ୍ରୀ ଜୟନ୍ତୀ

**ସୁନ୍ଦରଗଡ,୨।୧୦(ଜୟ ନାରାୟଣ ମେଣ୍ଡୁଲି)**

ଜିଲା କଂଗ୍ରେସ କମିଟି ପକ୍ଷରୁ ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଅବସରରେ ସକାଳ ୮ଟାରେ ସ୍ଥାନୀୟ ଶଙ୍କରା ବାଇପାସ ସ୍ଥିତ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ଓ କଚେରୀ ପରିସରରେ ଥିବା ଶାସ୍ତ୍ରୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଶ୍ରଦ୍ଧା ସୁମନ ଅର୍ପଣ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ପୂର୍ବତନ ବାଚସ୍ପତି କିଶୋର ଚନ୍ଦ୍ର ପଟେଲ, ବରିଷ୍ଠ ନେତା ରାଜକିଶୋର ଷଡଙ୍ଗୀ, ବେଣୁମାଧବ ତ୍ରିପାଠୀ, ପର୍ଶୁରାମ ସରାଫ, ମୁନୁ ସରାଫ, ଆଡଭୋକେଟ ପ୍ରଣବ କୁମାର ସିଂ, ପ୍ରଦିପ ସିଂ, ମୁନୁ ସରାଫ, ଭୀଷ୍ମ ଦେବ ସିଂ, ରଞ୍ଜନ ସୋରେନ, ଅଶୋକ ଅଗ୍ରୱାଲା, ଆଣ୍ଟୋନୀ କୁଲୁ, ଶ୍ୟାମ ନନ୍ଦନ ସହାୟ, ରାଜା ପଟ୍ଟନାୟକ, ପୂର୍ବତନ କାଉନସିଲର ଦେବାଶିଷ ଦାସ, ବାବଲୁ ବେନିୱାଲ,ରାମ ନାରାୟଣ ସାହୁ, ସୁନ୍ଦର ଲାଲ ଶର୍ମା ପ୍ରମୁଖ ଉପସ୍ଥିତ ଥିଲେ।

# ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ

**ହେମଗିର,୨।୧୦(ଚୈତନ୍ୟ ପଟେଲ)**



ଛାତ୍ରୀଛାତ୍ରଙ୍କ ପକ୍ଷରୁ ବାହାରି ଥିବା ରାଲି।

ସୁନ୍ଦରଗଡ଼ ଜିଲା ହେମଗିର ବ୍ଲକସ୍ଥିତ ଭେଷଜ ପଟେଲ ମହାବିଦ୍ୟାଳୟଠାରେ ଅଧ୍ୟକ୍ଷ ଡ. ଅଶୋକ କୁମାର ନାଏକଙ୍କ ଅଧ୍ୟକ୍ଷତାରେ ଜାତୀୟ ସେବା ଯୋଜନା ୟୁନିଟ୍ ତରଫରୁ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଜିଲା ପ୍ରୋଗ୍ରାମ ଅଫିସର ସୁଶାନ୍ତ କୁମାର ନାଏକ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଏହି କାର୍ଯ୍ୟକ୍ରମର ମହତ୍ତ୍ୱ ଉପରେ ଅବଗତ କରିଥିଲେ। ପରେ ଛାତ୍ରୀଛାତ୍ରଙ୍କ ପକ୍ଷରୁ ଶପଥ ପାଠ କରାଯାଇ ଏକ ରାଲି ବାହାରି ଲୋକଙ୍କୁ ସଚେତନ କରାଇବା ସହ ସଫେଇ କାମ କରାଯାଇଥିଲା। ଏହି ଅବସରରେ ଇତିହାସ ବିଭାଗର ପ୍ରାଧ୍ୟାପକ ପ୍ରମୋଦ କୁମାର ପଣ୍ଡା, ଜାତୀୟ ସେବା ଯୋଜନାର ପିଓ ନମିତା ମାଝୀ, ଏଏସ୍ଏସ୍‌ରେ ପିଓ ହେନା ପଟ୍ଟାଙ୍କ ସମେତ ମହାବିଦ୍ୟାଳୟର ଅଧ୍ୟାପିକା ଅଧ୍ୟାପକ ଉପସ୍ଥିତ ଥିଲେ ।

# ଏନଟିପିସି ଦର୍ଲିପାଲି ପକ୍ଷରୁ ଗାନ୍ଧୀ ଜୟନ୍ତୀ

**ସୁନ୍ଦରଗଡ,୨।୧୦(ଜୟ ନାରାୟଣ ମେଣ୍ଡୁଲି)**


ଗାନ୍ଧୀ ଜୟନ୍ତୀ ଅବସରରେ ଏନ୍‌ଟିପିସି କର୍ମକର୍ତ୍ତା।

ଏନଟିପିସି ଦର୍ଲିପାଲି ପକ୍ଷରୁ ଗାନ୍ଧୀ ଜୟନ୍ତୀ ପାଳିତ ହୋଇଯାଇଛି। ଏନଟିପିସି ଦର୍ଲିପାଲି ପ୍ରକଳ୍ପ ମୁଖ୍ୟ ରାମ ଭଜନ ମଲିକ ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଜେନେରାଲ ମ୍ୟାନେଜର (ଓ ଆଣ୍ଡ ଏମ) ହରେ ରାମ ସିଂଙ୍କ ସହ ବିଭାଗୀୟ ମୁଖ୍ୟମାନେ ମଧ୍ୟ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ପ୍ରକଳ୍ପ ମୁଖ୍ୟ ମଲିକ ଗାନ୍ଧୀଙ୍କ ଜୀବନ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ଏକ ମିନି ମାରାଥନ ମଧ୍ୟ ଆୟୋଜିତ ହୋଇଥିଲା। ଏହି ମାରାଥନ ସକାଳ ୭ଟାରୁ ଶୁଭ୍ରଜୋଟି ନାଗରର ଟାୱାର ବି-୨ - ସି-୨ପାର୍କରୁ ଆରମ୍ଭ ହୋଇଥିଲା। ପ୍ରକଳ୍ପ ମୁଖ୍ୟ ରାମ ଭଜନ ମଲିକ ମାରାଥନକୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ମହିଳା, ପୁରୁଷ କର୍ମଚାରୀଙ୍କ ସହ ପିଲାମାନେ ଏଥିରେ ଅଂଶଗ୍ରହଣ କରିଥିଲେ। ମାରାଥନରେ ପ୍ରଥମ, ଦ୍ୱିତୀୟ ଏବଂ ତୃତୀୟ ସ୍ଥାନ ବିଜେତାମାନଙ୍କୁ ପୁରସ୍କାର ଏବଂ ପଦକ ସହିତ ସମ୍ମାନିତ କରାଯାଇଥିଲା। ଏହି ଅବସରରେ ସ୍ୱଚ୍ଛତା ପାଖୱାଡା ସମୟରେ ଆୟୋଜିତ ହୋଇଥିବା ପ୍ରତିଯୋଗିତାର ବିଜେତାମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଏହି ସମୟରେ ୟୁନିୟନ ଏବଂ ଆସୋସିଏଶନର ପ୍ରତିନିଧି, ସିଏସଏଫ କର୍ମଚାରୀ, ଏନଟିପିସି କର୍ମଚାରୀ, ମହିଳା ଏବଂ ବହୁ ସଂଖ୍ୟାରେ ବିବିପିଏସ ସ୍କୁଲ ଛାତ୍ର ଉପସ୍ଥିତ ଥିଲେ।

**ପତଞ୍ଜଳୀ ଯୋଗ ସମିତି ପକ୍ଷରୁ ଗାନ୍ଧୀ ଜୟନ୍ତୀ ପାଳିତ**

ବ୍ରଜରାଜନଗର,(ବିଜୟ ବରାଡ଼): ଝାରସୁଗୁଡ଼ା ଜିଲା ବ୍ରଜରାଜନଗର ସହରାଞ୍ଚଳ ଅନ୍ତର୍ଗତ ଖଲିଆକାନୀ କମ୍ୟୁନିଟି ସେଣ୍ଟର ପକ୍ଷରୁ ଗାନ୍ଧୀ ଓ ଶାସ୍ତ୍ରୀଙ୍କ ଜୟନ୍ତୀ ପାଳନ କରାଯାଇଛି। କାର୍ଯ୍ୟକ୍ରମରେ ବ୍ରଜରାଜନଗର ଅଞ୍ଚଳର ବିଭିନ୍ନ ସ୍ୱେଚ୍ଛାସେବୀ ଓ ସଙ୍ଗଠନ କର୍ମକର୍ତ୍ତା ସ୍ୱଚ୍ଛତା ଅଭିଯାନରେ ସାମିଲ ଥିବା କର୍ମକର୍ତ୍ତାମାନେ ଉପସ୍ଥିତ ରହି ଉଭୟ ମହାପୁରୁଷଙ୍କ ସ୍ମୃତିଚାରଣ କରିଥିଲେ। ଯୋଗ ଗୁରୁ ପ୍ରଶାନ୍ତ ପାଲଟାସିଂହ ଓ ସହଯୋଗୀ ରଞ୍ଜନ ସିଂହ ସମସ୍ତଙ୍କୁ ଯୋଗ ଶିକ୍ଷା ଦେଇଥିଲେ। କାର୍ଯ୍ୟକ୍ରମ ନିଲୁ ହଂସ ପରିଚାଳନା କରିଥିଲେ।



## ସଂକ୍ଷେପରେ

### ଝାଡେଶ୍ୱରୀ ସ୍ୱତନ୍ତ୍ର ବିଦ୍ୟାଳୟରେ ଗାନ୍ଧୀ, ଶାସ୍ତ୍ରୀ ଜୟନ୍ତୀ



ଝାରସୁଗୁଡ଼ା,୨।୧୦(ସଞ୍ଜୟ ମାଲି)

ସ୍ଥାନୀୟ ବୁରୋମାଲ ବୁଡାପଡାସ୍ଥିତ ଜିଲା ଦିବ୍ୟାଙ୍ଗ ବିଦ୍ୟାଳୟ ଦ୍ୱାରା ପରିଚାଳିତ ଝାଡେଶ୍ୱରୀ ସ୍ୱତନ୍ତ୍ର ଦିବ୍ୟାଙ୍ଗ ବିଦ୍ୟାଳୟ ପରିସରରେ ମହାତ୍ମା ଗାନ୍ଧୀ ଓ ଲାଲବାହାଦୁର ଶାସ୍ତ୍ରୀଙ୍କ ଜୟନ୍ତୀ ହର୍ଷଉଲ୍ଲାସ ସହିତ ପାଳିତ ହୋଇଯାଇଛି। ଏହି ଉତ୍ସବରେ ଅବସରରେ ପ୍ରତିଷ୍ଠାତା ବିବେକାନନ୍ଦ ମିଶ୍ର, ସଂଯୋଜକ ହରିଶଙ୍କର ପୁରୋହିତ ପରିଚାଳନା କମିଟି ସଦସ୍ୟ ଗୁଣନିଧି ଭଇଁସା, ସୁଶାନ୍ତ ଗୁପ୍ତା ଅତିଥି ଭାବେ ଯୋଗଦାନ କରିବା ସହ ଗାନ୍ଧୀ ଓ ଶାସ୍ତ୍ରୀ ଆଦର୍ଶ ଓ ମହାନତା ବିଷୟରେ ବଖାଣି ଥିବା ବେଳେ ସ୍କୁଲର ସଚିବ ପଣ୍ଡିତ ନିକୁଞ୍ଜ ବିହାରୀ ଜ୍ୟୋତିଷ ସଭାପତିତ୍ୱ କରିଥିବା ବେଳେ ଅତିଥିମାନେ ଗାନ୍ଧୀ ଓ ଶାସ୍ତ୍ରୀଙ୍କ ବହୁମୁଖୀ ଦର୍ଶନକୁ ବିଶଦ ଭାବେ ଅଲୋଚନା କରିଥିଲେ। ଅତିଥିମାନେ ପ୍ରଥମେ ପ୍ରଦୀପ ପ୍ରଜ୍ଜ୍ୱଳନ କରି ଗାନ୍ଧୀ ଓ ଶାସ୍ତ୍ରୀଜିଙ୍କୁ ଶ୍ରଦ୍ଧା ସୁମନ ଅର୍ପଣ କରିବା ବେଳେ ସୁମଧୁର ଦୀପ ପ୍ରଜ୍ଜଳ ମନ୍ତ୍ରରେ ବାତାବରଣ ମୁଖରିତ ହୋଇଥିବା ବେଳେ ଶେଷରେ ଅଧ୍ୟକ୍ଷ ଭାଇଁଶା ଧନ୍ୟବାଦ ଅର୍ପଣ କରିଥିଲେ।

# ଗାନ୍ଧୀ, ଶାସ୍ତ୍ରୀଙ୍କ ଚିନ୍ତାଧାରାରେ ଅନୁପ୍ରାଣିତ ହେବାକୁ ଆହ୍ୱାନ

ଦେବଗଡ଼,୨।୧୦(ଶଶାଙ୍କ ଶେଖର ଝାଙ୍କର)



ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିବୃନ୍ଦ।

**ଜିଲାସ୍ତରୀୟ ଗାନ୍ଧିଜୀ, ଶାସ୍ତ୍ରୀ ଜୟନ୍ତୀ ପାଳିତ**

ଜିଲା ସଂସ୍କୃତି ଭବନଠାରେ ଜିଲାସ୍ତରୀୟ ଗାନ୍ଧୀ ଜୟନ୍ତୀ ଓ ଶାସ୍ତ୍ରୀ ଜୟନ୍ତୀ ବୁଧବାର ପାଳିତ ହୋଇଯାଇଛି। ଜୟନ୍ତୀ ସମାରୋହରେ ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲାପାଳ ରେବେକା ବିଲୁଙ୍ଗ, ବରେଣ୍ୟ ଅତିଥି ଭାବେ ପୌର ପରିଷଦ ଅଧକ୍ଷା ଶାନ୍ତି ମଞ୍ଜରି ଦେଈ, ଉପଜିଲାପାଳ ପରକ୍ଷିତ ସାହୁ, ଆଇନଜୀବୀ ମନୋଜ ପାଢ଼ୀ ଓ ମୁଖ୍ୟବକ୍ତା ଭାବେ ଆଇନଜୀବୀ ଦିଲୀପ ଗୁରୁ ମଞ୍ଚାସୀନ ରହି ମହାତ୍ମା ଗାନ୍ଧୀ ଓ ଲାଲବାହାଦୁର ଶାସ୍ତ୍ରୀଙ୍କ ଫଟୋଚିତ୍ରରେ ପ୍ରଦୀପ ପ୍ରଜ୍ଜ୍ୱଳନ ଓ ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରିଥିଲେ। ଗାନ୍ଧିଜୀଙ୍କ ପ୍ରିୟ ଭଜନ ପରିବେଷଣ କରାଯାଇଥିଲା। ଏହା ପରେ ଏକ ସର୍ବଧର୍ମ ପ୍ରାର୍ଥନା ହିନ୍ଦୁଧର୍ମ ପକ୍ଷରୁ ମିତ୍ରଭାନୁ ମହାପାତ୍ର, ଇସଲାମ ଧର୍ମ ପକ୍ଷରୁ ମହମ୍ମଦ କାସିମ ରାଜା ଓ ଖ୍ରୀଷ୍ଟ ଧର୍ମ ପକ୍ଷରୁ ଫାଦର ନବୀନ ତିର୍କି ୩ ଧର୍ମର ଧର୍ମ ଯାଜକ ଗୀତା, କୋରାନ ଓ ବାଇବେଲ ପାଠ କରିଥିଲେ। ଅତିରିକ୍ତ ଜିଲାପାଳ ବିଲୁଙ୍ଗ ଗାନ୍ଧିଜୀଙ୍କ ସତ୍ୟ ଅହିଂସା ଅସ୍ପୃଶ୍ୟତା ଆଦି ମହତ ବାଣୀ ଉପରେ ଆଲୋକପାତ କରିବା ସହ ତାଙ୍କର ସରଳ ଜୀବନ ଯାପନ ଓ ଉଚ୍ଚ ମୂଲ୍ୟ ଭିତ୍ତିକ ଚିନ୍ତାଧାରା ଅନୁପ୍ରାଣିତ ହେବାକୁ ସମସ୍ତଙ୍କୁ ଆହ୍ୱାନ କରିଥିଲେ। ଗାନ୍ଧି ଜୟନ୍ତୀ ଉପଲକ୍ଷେ ଆୟୋଜିତ ଜିଲାସ୍ତରରେ ଚିତ୍ରାଙ୍କନ ପ୍ରତିଯୋଗିତାରେ ସବ ଜୁନିୟର ପ୍ରଥମରୁ ତୃତୀୟ ସ୍ତରରେ ଚିନ୍ମୟ ବିଦ୍ୟାଳୟର ସିଦ୍ଧି ପ୍ରଜ୍ଞା ବେହେରା ୧ମ, ନୋଟରୀ ଡେମ ଏକାଡେମୀର ସାଇମନୋଜ୍ଞା ସାମଲ, କେନ୍ଦ୍ରିୟ ବିଦ୍ୟାଳୟର ଅନିକେତ ରାଜଗୁରୁ ୨ୟ, ଚିନ୍ମୟ ବିଦ୍ୟାଳୟର ସାନଭି ହରିଚନ୍ଦନ, ପ୍ରତିସୁମନ ଗଡ଼ନାୟକ ୩ୟ, ଜୁନିୟର ଚତୁର୍ଥରୁ ପଞ୍ଚମସ୍ତରରେ କେନ୍ଦ୍ରୀୟ ବିଦ୍ୟାଳୟର ଦିବ୍ୟାଂଶି ପ୍ରଧାନ ୧ମ, ଚିନ୍ମୟ ବିଦ୍ୟାଳୟର ପ୍ରତ୍ୟୁଷା ରାଣୀ ମିଶ୍ର, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ବିଜୟ ଲକ୍ଷ୍ମୀ ପ୍ରଧାନ ୨ୟ, କେନ୍ଦ୍ରୀୟ ବିଦ୍ୟାଳୟର ଶୁଭଲିସିବାଂଶି ଗିରି, ଡିଭାଇନ ପବ୍ଲିକ ସ୍କୁଲର ଶ୍ରଦ୍ଧାଞ୍ଜଳି ବିଶାଳ ୩ୟ ସ୍ଥାନ ଅଧିକାର କରିଥିଲେ। ସିନିୟର୍ ଷଷ୍ଠରୁ ଅଷ୍ଟମସ୍ତରରେ କେନ୍ଦ୍ରୀୟ ବିଦ୍ୟାଳୟର ଯଶସିନୀ ଧଳ ୧ମ, ଚିନ୍ମୟ ବିଦ୍ୟାଳୟର ଟିକେଶର ସାହୁ, ଏକଲବ୍ୟ ଆବାସିକ ବିଦ୍ୟାଳୟର ନମିତା ଅଢା ୨ୟ, କେନ୍ଦ୍ରୀୟ ବିଦ୍ୟାଳୟର ଅନୁରାଗ ସିଦ୍ଧି ଦାସ, ଡିଭାଇନ ପବ୍ଲିକ ସ୍କୁଲର ସୌମ୍ୟ ସିଂ ୩ୟ ସ୍ଥାନ ଅଧିକାର କରିଥିଲେ। କୃତୀ ପ୍ରତିଯୋଗୀଙ୍କୁ ମାନପତ୍ର ଓ ଟ୍ରଫି ଦେଇ ପୁରସ୍କୃତ କରାଯାଇଥିଲା। ଚିତ୍ରାଙ୍କନ ପ୍ରତିଯୋଗିତାରେ ମହିଳା ମହାବିଦ୍ୟାଳୟର ଅଧାପକ ଚିତ୍ତରଞ୍ଜନ ଦାସ, ଚିତ୍ରକର ଜଗନ୍ନାଞ୍ଜୟ ନାଏକ ଓ ଚିତ୍ରକର ସମୀର ରଞ୍ଜନ ପ୍ରଧାନ ବିଚାରକ ଦାୟିତ୍ୱ ତୁଲାଇଥିଲେ। କାର୍ଯ୍ୟକ୍ରମରେ ବରିଷ୍ଠ ନାଗରିକ ଓ ଛାତ୍ରଛାତ୍ରୀ ପ୍ରମୁଖ ଉପସ୍ଥିତ ଥିଲେ। ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋରଞ୍ଜନ ସୂତାର କାର୍ଯ୍ୟକ୍ରମରେ ପ୍ରାରମ୍ଭରେ ପ୍ରାରମ୍ଭିକ ସୂଚନା ଓ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ।

# ଜିଲା ବିଜେଡିର ଜନସମ୍ପର୍କ ପଦଯାତ୍ରା

ଦେବଗଡ଼,୨।୧୦(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ଜିଲା ବାରକୋଟ ବ୍ଲକ କଣ୍ଢଳ ଗ୍ରାମରୁ ଜିଲା ବିଜୁ ଜନତା ଦଳର ଜନ ସମ୍ପର୍କ ପଦଯାତ୍ରା ଆରମ୍ଭ ହୋଇଛି। ଜିଲା ବିଜେଡ଼ି ସଭାପତି ଚିତ୍ତରଞ୍ଜନ ପ୍ରଧାନଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଧାୟକ ରୋମାଞ୍ଚ ରଞ୍ଜନ ବିଶ୍ୱାଳ ଯୋଗଦେଇ ବିଜେଡି ସରକାର ସମୟରେ ହୋଇଥିବା ବିକାଶ କାର୍ଯ୍ୟ ନେଇ ଲୋକଙ୍କୁ ସଚେତନ କରାଇଥିଲେ। କଣ୍ଢଳ କଲେଜ ଛକଠାରେ ଥିବା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ପ୍ରଥମେ ମାଲ୍ୟାର୍ପଣ କରିବା ପରେ ପଦଯାତ୍ରା ଶୁଭାରମ୍ଭ ହୋଇଥିଲା। ପଦଯାତ୍ରା ପୂର୍ବରୁ ସେଠାରେ ଗ୍ରାମର ବରିଷ୍ଠ ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ପରେ ପଦଯାତ୍ରା ଗାଁ ପରିକ୍ରମା କରିଥିଲା। ଏଥିରେ ବିଧାୟକ ବିଶ୍ୱାଳ, ଜିଲା ସଭାପତି ପ୍ରଧାନଙ୍କ ସମେତ ଜିଲା ପରିଷଦ ଅଧକ୍ଷ କୌଶିକ ପ୍ରଧାନ, ଉପାଧକ୍ଷା ବର୍ଷା ରାଣୀ ମୁଣ୍ଡା, ବାରକୋଟ ବ୍ଲକ ଅଧକ୍ଷା ପୁଷ୍ପାଞ୍ଜଳି ପାତ୍ର, ରିଆମାଳ ବ୍ଲକ ଅଧକ୍ଷ ମଧୁସୂଦନ ପ୍ରଧାନ, ପୂର୍ବତନ ପୌର ଅଧକ୍ଷା ଅନିତା ପାତ୍ର, ପାର୍ବତୀ ସାହୁ, ସୁଜାତା ପ୍ରଧାନ, ବରକୋଟ ବ୍ଲକ ସଭାପତି ହୀରାଲାଲ ସାହୁ, ମହିଳା ସଭାନେତ୍ରୀ ଆରୁଣୀ ପ୍ରଧାନ, ଜିଲା ଯୁବ ସଭାପତି ପ୍ରତାପ ଦେ, ଛାତ୍ର ସଭାପତି ଭବାନୀ ସାହୁଙ୍କ ସମେତ ବହୁ ନେତା ଓ କର୍ମୀ ଯୋଗଦେଇଥିଲେ।



ବାରକୋଟ ବ୍ଲକ କଣ୍ଢଳ ଗ୍ରାମରେ ଆୟୋଜିତ ଜିଲା ବିଜେଡିର ଜନସମ୍ପର୍କ ପଦଯାତ୍ରା।

## ଅନ୍ତର୍ଜାତୀୟ ବରିଷ୍ଠ ନାଗରିକ ଦିବସ ପାଳିତ

ଝାରସୁଗୁଡ଼ା,୨।୧୦(ସଞ୍ଜୟ ମାଲି)

ଝାରସୁଗୁଡା ଜିଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଆନୁକୂଲ୍ୟରେ ନବ ଦାସ ପ୍ରେକ୍ଷାଳୟଠାରେ ଅନ୍ତର୍ଜାତୀୟ ବରିଷ୍ଠ ନାଗରିକ ଦିବସ ପାଳିତ ହୋଇଛି। ଅତିରିକ୍ତ ଜିଲାପାଳ ରାଜସ୍ୱ କିଶୋର ଚନ୍ଦ୍ର ସାଇଁ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ରୂପେ ଯୋଗଦେଇଥିଲେ। ଉପଜିଲାପାଳ ସବ୍ୟସାଚି ପଣ୍ଡା, ଜିଲା ଶିଶୁ ସୁରକ୍ଷା ଅଧିକାରୀ ସୁନନ୍ଦ ମହାରଣା ସମ୍ମାନିତ ଅତିଥି ଭାବେ ଯୋଗଦେଇ ଥିବାବେଳେ ଡା. ବିଶ୍ୱଜିତ ଖମାରି, ପୂର୍ବତନ ଅଧକ୍ଷ ବ୍ରଜରାଜନଗର ମହାବିଦ୍ୟାଳୟ ମୁଖ୍ୟବକ୍ତା ଭାବେ ଯୋଗଦେଇ ବରିଷ୍ଠ ନାଗରିକମାନଙ୍କେ ଉତ୍ସାହିତ କରିଥିଲେ। ସଭ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ମିତାଲି ରାଣା ପରିଚାଳିତ ଏବଂ ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଗୋପଲକ୍ଷ୍ମୀ ହୋତା ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଝାରସୁଗଡାର ନୃତ୍ୟ ଏକାଡେମି ପକ୍ଷରୁ ପରିବେଷଣ ହୋଇଥିବା ନୃତ୍ୟ ସମସ୍ତ ମନକୁ ମୋହିଥିଲା। ସକାଳେ ଯୋଗ କାର୍ଯ୍ୟକ୍ରମ ମଧ ଆୟୋଜିତ ହୋଇଥିଲା। ସମସ୍ତ ବରିଷ୍ଠ ନାଗରିକ ତଥା କଳାକାରଙ୍କୁ ସମ୍ମାନିତ କରାଯାଇଥିବା ବେଳେ ପ୍ରାୟ ୨୫୦ଜଣ ବରିଷ୍ଠ ନାଗରିକ ଯୋଗ ଦେଇଥିଲେ।

# ଜିଲାସ୍ତରୀୟ ଗାନ୍ଧୀ, ଶାସ୍ତ୍ରୀ ଜୟନ୍ତୀ ପାଳନ

ଝାରସୁଗୁଡ଼ା,୨।୧୦(ସଞ୍ଜୟ ମାଲି)

ଝାରସୁଗୁଡ଼ାରେ ଜିଲାସ୍ତରୀୟ ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ ବୁଧବାର ପାଳିତ ହୋଇଯାଇଛି। ଏହି ଅବସରରେ ସାମୂହିକ ମାଲ୍ୟାର୍ପଣ, ସର୍ବଧର୍ମ ପ୍ରାର୍ଥନା ସଭା ଓ ପୁରସ୍କାର ବିତରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ସ୍ଥାନୀୟ ସଂସ୍କୃତି ଭବନଠାରେ ଜିଲା ପ୍ରଶାସନ ଓ ଗାନ୍ଧୀ ବିଚାରମଞ୍ଚ ଆନୁକୂଲ୍ୟରେ ଆୟୋଜିତ ଜୟନ୍ତୀରେ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ପ୍ରବୀର କୁମାର ନାୟକ ମୁଖ୍ୟଅତିଥି, ଅତିରିକ୍ତ ଜିଲାପାଳ ବ୍ରଜବନ୍ଧୁ ଭୋଇ, ଉପଜିଲାପାଳ ସବ୍ୟସାଚୀ ପଣ୍ଡା, ତହସିଲଦାର ସଦାକର କୁମ୍ଭାର ଓ ବରିଷ୍ଠ ନାଗରିକ ସଂଘ ସଭାପତି ବାଳଗୋବିନ୍ଦ ମିଶ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇ ଗାନ୍ଧୀଙ୍କ ବିଚାରଧାରା ନୀତି ଓ ଆଦର୍ଶ ସମ୍ପର୍କରେ ଆଲୋଚନା କରିବା ସହ ସତ୍ୟ ଅହିଂସାର ପୂଜାରୀ ଜାତିର ଜନକ ମହାତ୍ମା ଗାନ୍ଧୀ ଓ ପୂର୍ବତନ ପ୍ରଧାନମନ୍ତ୍ରୀ ଲାଲବାହାଦୁର ଶାସ୍ତ୍ରୀ ଭାରତୀୟ ସଂସ୍କୃତି, ଆଦର୍ଶ ଓ ମୂଲ୍ୟବୋଧର ମୂର୍ତ୍ତିମନ୍ତ ପ୍ରତୀକଥିଲେ ବୋଲି କହିଥିଲେ। ଗାନ୍ଧିଏବଂ ଶାସ୍ତ୍ରୀ ସର୍ବଦା ଅବିସ୍ମରଣୀୟ ହୋଇ ରହିବେ ବୋଲି ଅତିଥିଗଣ ମତବ୍ୟକ୍ତ କରିଥିଲେ।

ସଭା ପ୍ରାରମ୍ଭରେ ଗାନ୍ଧୀ ଓ ଶାସ୍ତ୍ରୀଜୀଙ୍କ ଫଟୋଚିତ୍ରରେ ଅତିଥିମାନେ ଶ୍ରଦ୍ଧାସୁମନ ଅର୍ପଣ କରିବା ସହ ପ୍ରଦୀପ ପ୍ରଜ୍ଜ୍ୱଳନ କରିଥିଲେ। ଏହି ଅବସରରେ ବକ୍ତୃତା, ପ୍ରବନ୍ଧ, ଲିଖନ ଓ ଚିତ୍ରାଙ୍କନ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ଓ ପ୍ରଶଂସା ପତ୍ର ପ୍ରଦାନ କରାଯାଇଥିଲା। ସେହିପରି ସ୍ୱଚ୍ଛତା ହିଁ ସେବା ପକ୍ଷ ପାଳନ ଉପଲକ୍ଷେ ଜିଲା ପ୍ରଶାସନ ଦ୍ୱାରା ଆୟୋଜିତ ପେଣ୍ଟିଂ, ୱେଷ୍ଟ ଟୁ ଆର୍ଟ ଓ ସ୍ଲୋଗାନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ର ଓ ଶିକ୍ଷାନୁଷ୍ଠାନକୁ ପୁରସ୍କୃତ କରାଯାଇଥିଲା। ପ୍ରତିଯୋଗିତା ଆୟୋଜନରେ ସହଯୋଗିତା ପାଇଁ ବେଦାନ୍ତ ଓ ଟିଆରଏଲ କ୍ରୋସାକି ଶିଳ୍ପାନୁଷ୍ଠାନକୁ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରତିଯୋଗିତାର ବିଚାରକମାନଙ୍କୁ ମଧ ସମ୍ବର୍ଦ୍ଧିତ କରାଯାଇଥିଲା। ଗାନ୍ଧୀ ଓ ଶାସ୍ତ୍ରୀଜୀ ଜୟନ୍ତୀ ଅବସରରେ ସକାଳେ ଝାରସୁଗୁଡ଼ା ପୁରୁଣା ବସଷ୍ଟାଣ୍ଡ ଗୋଲେଇ ଛକ ଏବଂ ଏସପିଙ୍କ କାର୍ଯ୍ୟାଳୟ ସମ୍ମୁଖସ୍ଥ ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ଓ ବେହେରାମାଲ କିଷାନ ଛକସ୍ଥିତ ଶାସ୍ତ୍ରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ବେହେରାମାଲଛକଠାରୁ ସଂସ୍କୃତି ଭବନ ପର୍ଯ୍ୟନ୍ତ ଆୟୋଜିତ ଶୋଭାଯାତ୍ରାରେ ବିଭିନ୍ନ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ସମେତ ଅତିଥିମାନେ ଅଂଶଗ୍ରହଣ କରିଥିଲେ। ପଣ୍ଡିତ ଆଦିତ୍ୟ ପୂଜାରୀ, ମୌଲାନା ମହମ୍ମଦ ଅଖଟର ଓ ଫାଦର ସର୍ବଧର୍ମ ପ୍ରାର୍ଥନା ସଭାରେ ଉପସ୍ଥିତ ରହି ପବିତ୍ର ଭଗବତ ଗୀତା, କୋରାନ ଓ ବାଇବେଲ ଉଦ୍ଧୃତ ବାଣୀ ପରିବେଷଣ କରିଥିଲେ। ତରଣୀସେନ ପ୍ରଧାନ ଗାନ୍ଧୀଙ୍କ ପ୍ରିୟ ଭଜନ ବୈଷ୍ଣବ ଜନତୁ ଓ ରଘୁପତି ରାଘବ ରାଜାରାମ ପରିବେଷଣ କରିଥିଲେ। ଝାରସୁଗୁଡ଼ା ପୌରପାଳିକା ଏମଇ ମନୋଜ ପାତ୍ର, ଗାନ୍ଧୀ ବିଚାର ମଞ୍ଚରୁ ମେହବୁବ ମହତାବ, ପ୍ରାଧାପକ ତପନ ବାରିକ, ଶତ୍ରୁଘ୍ନ ମେହେର, ହୀରାଲାଲ ଲୋକଚନ୍ଦାନି, ତାପସ ରାୟ ଚୌଧୁରୀ, ପ୍ରଫେସର ଟହଲୁ ସାହୁ, ତ୍ରିନାଥ ଗୁଆଲ, ମଧୁମିତା ଶୁଭନୀଲ, ପବନଲାଲ ସୁଲତାନିଆ, ଅଧାପକ ନରେନ୍ଦ୍ର ପଣ୍ଡା ଓ ମନ୍ଦାକିନୀ ଶତପଥୀ, ପ୍ରଶାନ୍ତ ନନ୍ଦ, ରାଜେଶ ପାଢ଼ୀ, ମହମ୍ମଦ ଇର୍ଷାଦ, ସୁରଙ୍ଗ ପଧାନ, ବିବେକାନନ୍ଦ ମିଶ୍ର, ବିରାଟ ରାଜା ପ୍ରଧାନ, ସଞ୍ଜୟ ଜେଠି ପ୍ରମୁଖ ଉପସ୍ଥିତ ଥିଲେ। ପ୍ରତ୍ୟୁଷରେ ସମଗ୍ର ସହରାଞ୍ଚଳରେ ଡ଼ାକବାଜି ଯନ୍ତ୍ର ଯୋଗେ ରାମଧୂନ ପ୍ରଚାର କରାଯାଇଥିଲା। ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅଜୟ ଜେନା ଓ ଜିଲା ସଂସ୍କୃତି ଅଧିକାରୀ ଅନିଲ କେର୍କେଟାଙ୍କ ସଂଯୋଜନାରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିବା ବେଳେ ଭୁବନାନନ୍ଦ ବାଗ, ନିହାଲ ଭୋଇ, ରାଜେଶ ସେଠ,ଆଲିସ ପଟେଲ, ଜଗନ୍ନାଥ ରାଉତ, ରବୀନ୍ଦ୍ର ନିଆଲ କିଙ୍ଗକଂଗ ନାଏକ ଓ ସମୀର କିଷାନ ପ୍ରମୁଖ ସହଯୋଗ କରିଥିଲେ।



ଅତିଥିବୃନ୍ଦ ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ ଉପଲକ୍ଷେ ପଦଯାତ୍ରା ଉଦ୍‌ଘାଟନ କରୁଛନ୍ତି।

## ପଦାର୍ଥ ବିଜ୍ଞାନ ବିଭାଗରେ ସ୍ୱାଗତ ସମ୍ବର୍ଦ୍ଧନା ସମାରୋହ

ଦେବଗଡ଼,୨।୧୦(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ପୁରୁଣାଗଡ଼ ନିକଟସ୍ଥ ଦେବଗଡ଼ ମହାବିଦ୍ୟାଳୟର ପଦାର୍ଥ ବିଜ୍ଞାନ ବିଭାଗରେ ନୂତନ ଛାତ୍ରୀଛାତ୍ରମାନଙ୍କୁ ନେଇ ସ୍ୱାଗତ ସମ୍ବର୍ଦ୍ଧନା ସମାରୋହ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଦେବଗଡ଼ ମହାବିଦ୍ୟାଳୟ ଅଧକ୍ଷ ଡ଼ ସୁଦାମ କୁମାର ପରିଡା, ଉକ୍ତ ବିଭାଗର ମୁଖ୍ୟ ବିକ୍ରମ କେଶରୀ ନାୟକ, ସାମ୍ମାନିତ ଅତିଥି ଭାବେ ବରିଷ୍ଠ ଅଧାପକ ସଞ୍ଜୀବ କୁମାର ଦାଶ, ଲଗେନ ପ୍ରଧାନ, ଅଧାପିକା ଶୁଭଲକ୍ଷ୍ମୀ ଦାଶ, ଶ୍ରଦ୍ଧାଞ୍ଜଳି ସାହୁ, ଦିପାଞ୍ଜଳି ସ୍ୱାଇଁ ପ୍ରମୁଖ ଯୋଗଦାନ କରିଥିଲେ। ପ୍ରଥମେ ସମସ୍ତ ଅତିଥି ଏବଂ ଛାତ୍ରୀଛାତ୍ର ସରସ୍ୱତୀଙ୍କ ଫୋଟରେ ପୂଜାର୍ଚ୍ଚନା କରିଥିଲେ। ପରେ ତୃତୀୟ ବର୍ଷର ଛାତ୍ର ପଙ୍କଜ କୁମାର ଦେହୁରୀ ଉକ୍ତ ସଭାର ବିବରଣୀ ପ୍ରଦାନ କରିଥିଲେ। ମହାବିଦ୍ୟାଳୟ ଅଧକ୍ଷ ନୂତନ ଛାତ୍ରୀଛାତ୍ରମାନଙ୍କୁ ସ୍ୱାଗତ ଜଣାଇବା ସହିତ ଗୁରୁ ଶିଷ୍ୟ ସମ୍ପର୍କର କିଛି ଉଦାହରଣ ଦେଇ ତାଙ୍କ ଜୀବନର ଚଲା ପଥରେ ଗୁରୁଙ୍କ ଭୂମିକା ଉପସ୍ଥାପନା କରିଥିଲେ। ଶେଷରେ ଛାତ୍ର ସରଜ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ବିଜୁ ଜନତା ଦଳ ପକ୍ଷରୁ ଜନସମ୍ପର୍କ ପଦଯାତ୍ରା

ବ୍ରଜରାଜନଗର,୨।୧୦(ବିଜୟ ବରାଡ଼)

ଝାରସୁଗୁଡ଼ା ଜିଲା ବ୍ରଜରାଜନଗର ବିଜୁ ଜନତା ଦଳ ପକ୍ଷରୁ ଗାନ୍ଧିଜୟନ୍ତୀ ଅବସରରେ ଜନସମ୍ପର୍କ ପଦଯାତ୍ରା ଆରମ୍ଭ ହୋଇଯାଇଛି। ନଗର ସଭାପତି ରାଧାକାନ୍ତ ପ୍ରଧାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ପ୍ରାକ୍ତନ ବିଧାୟିକା ଅଳକା ମହାନ୍ତି ମୁଖ୍ୟଅତିଥି ଭାବରେ ଯୋଗଦେଇ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବାର୍ତ୍ତା ଓ ବିଜୁ ଜନତା ଦଳର ଭବିଷ୍ୟତ କାର୍ଯ୍ୟପନ୍ଥା ଉପରେ ଉପସ୍ଥିତ କର୍ମୀମାନଙ୍କୁ ଅବଗତ କରାଇଥିଲେ। ଗାନ୍ଧୀ ଜୟନ୍ତୀ ଅବସରରେ ବ୍ରଜରାଜନଗର ସହର ମୁଖ୍ୟ ରାସ୍ତାରେ ଥିବା ଗାନ୍ଧୀ ଛକରେ ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ପଦଯାତ୍ରା ଆରମ୍ଭ କରିଥିଲେ। ପଦଯାତ୍ରା ମୁଖ୍ୟ ବଜାର ଦେଇ ନୂଆଡ଼ିହି ଗ୍ରାମର ଜଗନ୍ନାଥ ମନ୍ଦିର ପର୍ଯ୍ୟନ୍ତ ଯାଇଥିଲେ। କାର୍ଯ୍ୟକ୍ରମରେ ପୌରାଧକ୍ଷା ଯାଜ୍ଞସେନୀ ଓରାମ, କର୍ପୋରେଟର ପ୍ରଭାତୀ ଗଣନାୟକ, ମଧୁ ଶ୍ରିବାସ୍ତବ, ମୀନା ନାୟକ, ସନ୍ତୋଷିଣୀ ପାଢ଼ି, ବରିଷ୍ଠ ନେତା ନୃପ ତାଣ୍ଡି, ଶାଙ୍କରୀ ତାଣ୍ଡି, ଗୋବିନ୍ଦା ସାହୁ, ରାଜପୁର ପୂର୍ବତନ ସମିତି ସଭ୍ୟ ଗଣେଶ ରାମ ବାଗ, ମହିଳା ସଭାପତି ନଳିନୀ ପ୍ରଧାନ ପ୍ରମୁଖ ସାମିଲ ଥିଲେ। କାର୍ଯ୍ୟକ୍ରମରେ ଶତାଧିକ ମହିଳା ପୁରୁଷ କର୍ମୀ ଉପସ୍ଥିତ ଥିଲେ।




ବ୍ରଜରାଜନଗର ବିଜେଡିର ଅନୁଷ୍ଠିତ ଜନସମ୍ପର୍କ ପଦଯାତ୍ରା।

## ଆର୍ଥିକ ସଚେତନତା ଶିବିର

ଝାରସୁଗୁଡ଼ା,୨।୧୦(ସଞ୍ଜୟ ମାଲି): ଜିଲା ପ୍ରଶାସନ ଅଧୀନରେ ଥିବା ସଞ୍ଚୟ ଓ ଆର୍ଥିକ ସେବା, ବିଭାଗ ପକ୍ଷରୁ ବୁଧବାର ଆର୍ଥିକ ସଚେତନତା ଓ ଆର୍ଥିକ ଅନ୍ତର୍ଭୁକ୍ତିକରଣ ଶିବିର ଦୁର୍ଲଗା ଗ୍ରାମପଞ୍ଚାୟତ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ଜିଲା ଆର୍ଥିକ ସେବା ଓ ସଞ୍ଚୟ ଅଧିକାରୀ ସୁମନା ପଣ୍ଡା ଅତିଥିମାନଙ୍କ ପରିଚୟ ପ୍ରଦାନ କରଥିଲେ। ଝାରସୁଗୁଡା ମୁଖ୍ୟ ପୋଷ୍ଟମାଷ୍ଟର ବସନ୍ତ କୁମାର ପଟେଲ ବିଭିନ୍ନ ଯୋଜନା ଉପରେ ଆଲୋକପାତ କରିଥିଲେ। ଇଣ୍ଡିଆନ ପୋଷ୍ଟାଲ ପେମେଣ୍ଟ ବ୍ୟାଙ୍କର ବରିଷ୍ଠ ଅଧିକାରୀ ହରିଶ ସଜ୍ଜନାପୁ ଡିଜିଟାଲ କାରବାର ଓ ତଦଜନିତ ସାଇବର ଅପରାଧ ସମ୍ପର୍କରେ ଅବଗତ କରାଇଥିଲେ। ଷ୍ଟେଟବ୍ୟାଙ୍କର ବରିଷ୍ଠ ଅଧିକାରୀ ମୁକୁନ୍ଦ ମାଝି ଚିଟଫଣ୍ଡ କମ୍ପାନୀରେ ଟଙ୍କା ବିନିଯୋଗ କରିବାର ଅପକାରିତା ବିଷୟରେ ବୁଝାଇଥିଲେ। ଦୁର୍ଲଗା ସରପଞ୍ଚ ପ୍ୟାରେମୋହନ ନାୟକ ବକ୍ତବ୍ୟ ପ୍ରଦାନ କରିଥିଲେ।

## ଜିଲା କଂଗ୍ରେସ କମିଟି ପକ୍ଷରୁ ଗାନ୍ଧୀ, ଶାସ୍ତ୍ରୀ ଜୟନ୍ତୀ

ଦେବଗଡ଼,୨।୧୦ (ଶଶାଙ୍କ ଶେଖର ଝାଙ୍କର)

ଦେବଗଡ ଜିଲା କଂଗ୍ରେସ କମିଟି ପକ୍ଷରୁ ସ୍ଥାନୀୟ ଜିଲା କଂଗ୍ରେସ କାର୍ଯ୍ୟାଳୟଠାରେ ବୁଧବାର ମହାତ୍ମା ଗାନ୍ଧୀ ଓ ଲାଲ ବାହାଦୁର ଶାସ୍ତ୍ରୀଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଜିଲା କଂଗ୍ରେସ ସଭାପତି ସେମ ହେମ୍ବ୍ରମଙ୍କ ସଭାପତିତ୍ୱରେ ଆୟୋଜିତ ଜୟନ୍ତୀ ସଭାରେ ପୂର୍ବତନ ନଗର କଂଗ୍ରେସ ସଭାପତି ରେବତୀ ମୋହନ ପଟ୍ଟନାୟକ, ପୂର୍ବତନ ଜିଲା କଂଗ୍ରେସ ସାଧାରଣ ସମ୍ପାଦକ ରମେଶ ପାତ୍ର, ରିଆମାଳ ବ୍ଲକ ପୂର୍ବତନ ବ୍ଲକ କଂଗ୍ରେସ ସଭାପତି ସୁଶାନ୍ତ କୁମାର ସୱାଇଁ, ବରିଷ୍ଠ କଂଗ୍ରେସ ନେତା କ୍ଷୀରୋଦ ନାରାୟଣ ସାହୁ, ପୂର୍ବତନ ଯୁବ କଂଗ୍ରେସ ସଭାପତି ସଲମନ ହେନେଜ, ପୂର୍ବତନ ଛାତ୍ର କଂଗ୍ରେସ ସଭାପତି ଆନନ୍ଦ କୁଲା ପ୍ରମୁଖ ଉପସ୍ଥିତ ରହି ଗାନ୍ଧୀ ଓ ଲାଲ ବାହାଦୁର ଶାସ୍ତ୍ରୀଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ ପୂର୍ବକ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏହି ଅବସରରେ ଜିଲା କଂଗ୍ରେସ ସଭାପତି ହେମ୍ବ୍ରମ ଗାନ୍ଧିଜୀ ଓ ଶାସ୍ତ୍ରୀଜୀଙ୍କ ଜୀବନାଦର୍ଶ ଉପରେ ବକ୍ତବ୍ୟ ଉପସ୍ଥାପନ କରିବା ସହ ସେମାନଙ୍କ ପଦାଙ୍କ ଅନୁଶରଣ କରିବାକୁ କଂଗ୍ରେସ କାର୍ଯ୍ୟକର୍ତ୍ତାମାନଙ୍କୁ ପରାମର୍ସ ଦେଇଥିଲେ।

# ଗାନ୍ଧୀ ଜୟନ୍ତୀ, 'ସ୍ୱଚ୍ଛତା ହିଁ ସେବା' କାର୍ଯ୍ୟକ୍ରମ ଉଦ୍‌ଯାପିତ

ଦେବଗଡ଼,୨।୧୦(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ଜିଲା ତିଲେଇବଣି ବ୍ଲକ ସୁଗୁଡାସ୍ଥିତ ପଞ୍ଚାୟତ ସମିତି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଗାନ୍ଧୀ ଜୟନ୍ତୀ ଓ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଯାଇଛି। ଯୁବ ରେଡକ୍ରଶ କାଉନସିଲର ବିଜୟ କୁମାର ଶତପଥିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ମୁଖ୍ୟଅତିଥି ଭାବେ ଅନୁଷ୍ଠାନ ଅଧକ୍ଷ ସନ୍ତୋଷ କୁମାର ଦେବତା ଯୋଗଦେଇ ମହାତ୍ମା ଗାନ୍ଧୀ କିଭଳି ତାଙ୍କର ସମଗ୍ର ଜୀବନକୁ ଜନସେବା ଉଦ୍ଦେଶ୍ୟରେ ଉତ୍ସର୍ଗ କରିଥିଲେ ସେ ସମ୍ପର୍କରେ ବିସ୍ତୃତ ଭାବେ ବର୍ଣ୍ଣନା କରିଥିଲେ। ସେହିପରି ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ 'ସ୍ୱଚ୍ଛତା ହିଁ ସେବା' ଶୀର୍ଷକ ଏକ ବିତର୍କ ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଶେଷରେ ଅଧାପିକା ସୁବ୍ରତା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହାପରେ ଅଧାପକ ଅଧାପିକା, କର୍ମଚାରୀ ଓ ଛାତ୍ରୀଛାତ୍ରମାନେ ନିକଟସ୍ଥ ବୁଢ଼ିବିଲ ଗ୍ରାମ ପରିକ୍ରମା କରି ଗ୍ରାମବାସୀଙ୍କ ମଧ୍ୟରେ ସ୍ୱଚ୍ଛତା ସମ୍ବନ୍ଧରେ ସଚେତନତା ସୃଷ୍ଟି କରିଥିଲେ। କାର୍ଯ୍ୟକ୍ରମରେ ଅଧାପକ ରଞ୍ଜନ କୁମାର ସାହୁ, ବିଜୟ କୁମାର ପ୍ରଧାନ, ଜନଶନ ସ୍ୱାଇଁ, କାଶୀନାଥ ଶବର, ପ୍ରତାପ ଚନ୍ଦ୍ର ପ୍ରଧାନ, କିଶୋର ଚନ୍ଦ୍ର ମହାକୁଲ, ରଞ୍ଜନ କୁମାର ବିଶ୍ୱାଳ, ମନୋଜ କୁମାର ସାହୁ, ସୀତାକାନ୍ତ ସାହୁ ଓ ଜୟକୃଷ୍ଣ ସାହୁ ପ୍ରମୁଖ ସକ୍ରୀୟ ସହଯୋଗ କରିଥିଲେ।




କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିବୃନ୍ଦ।

# କ୍ରୀଡ଼ା କ୍ଷେତ୍ରରେ ଆଗକୁ ବଢ଼ି ସୁନାମ ଅର୍ଜନ କର

ଦେବଗଡ଼,୨।୧୦(ଶଶାଙ୍କ ଶେଖର ଝାଙ୍କର)




କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିବୃନ୍ଦ।

**ଜିଲାସ୍ତରୀୟ ବିଦ୍ୟାଳୟ ସମୂହ ଖେଳକୁଦ ପ୍ରତିଯୋଗିତା ଉଦ୍‌ଘାଟିତ**

**■ ୩ ବ୍ଲକରୁ ୨୫୭ଜଣ ପ୍ରତିଯୋଗୀ ସାମିଲ**

ଦେବଗଡ଼ ଜିଲା ଶିକ୍ଷା ବିଭାଗ ଆନୁକୂଲ୍ୟରେ ସ୍ଥାନୀୟ ଇନ୍ଦିରାଗାନ୍ଧୀ ଷ୍ଟାଡିୟମଠାରେ ବୁଧବାର ଜିଲାସ୍ତରୀୟ ବିଦ୍ୟାଳୟ ସମୂହ ଖେଳକୁଦ ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଯାଇଛି। ଜିଲା ଅତିରିକ୍ତ ଶିକ୍ଷା ଅଧିକାରୀ ବିନୋଦ ସିଂଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ଦେବଗଡ଼ ଅତିରିକ୍ତ ଜିଲାପାଳ ରେବେକା ବିଲୁଙ୍ଗ ଯୋଗଦେଇ ପ୍ରତିଯୋଗିତା ଉଦ୍‌ଘାଟନ କରିବା ସହ ଛାତ୍ରୀଛାତ୍ରୀମାନଙ୍କୁ କ୍ରୀଡା କ୍ଷେତ୍ରରେ ଆଗକୁ ବଢ଼ି ସୁନାମ ଅର୍ଜନ କରିବାକୁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଜିଲା ମଙ୍ଗଳ ଅଧିକାରୀ ବିଭୂରଞ୍ଜନ ମହାନ୍ତି ଯୋଗଦେଇ ସୁସ୍ଥ ଜୀବନଯାପନ କ୍ଷେତ୍ରରେ କ୍ରୀଡାର ଆବଶ୍ୟକତା ଓ ଉପାଦେୟତା ସମ୍ପର୍କରେ ମାର୍ଗଦର୍ଶନ କରିଥିଲେ। ସଭା ପ୍ରାରମ୍ଭରେ ସରକାରୀ ବାଳିକା ଉଚ୍ଚବିଦ୍ୟାଳୟ ଦେବଗଡ଼ ଛାତ୍ରୀମାନଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ପରିବେଷଣ କରାଯାଇଥିଲା। କଂସର ସରକାରୀ ଉଚ୍ଚ ବିଦ୍ୟାଳୟ କ୍ରୀଡା ଶିକ୍ଷକ ବିରଞ୍ଚି ନାରାୟଣ ଦାଶଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଜିଲାର ୩ଟି ବ୍ଲକରୁ ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇଥିବା ଛାତ୍ରୀଛାତ୍ରମାନେ ସଞ୍ଚଳନ ମାଧମରେ ଅଭିବାଦନ ପ୍ରଦାନ କରିଥିଲେ। ରାଜା ବାସୁଦେବ ଉଚ୍ଚ ବିଦ୍ୟାଳୟ ଛାତ୍ରମାନଙ୍କ ଦ୍ୱାରା ଘୋଷବାଦ୍ୟ ପ୍ରଦର୍ଶନ କରାଯାଇଥିଲା। ଜିଲା ଶାରୀରିକ ଶିକ୍ଷା ନିରୀକ୍ଷକ ପଦ୍ମଲୋଚନ ପ୍ରଧାନ କାର୍ଯ୍ୟକ୍ରମ ରୂପରେଖ ଓ ବିବରଣୀ ପାଠ କରିଥିଲେ। ଉଦ୍‌ଘାଟନୀ ଉତ୍ସବକୁ ସୁଗୁଡା ସିଆରସିସି ପ୍ରାଣବନ୍ଧୁ ଘଡେଇ ସଂଯୋଜନା କରିଥିବା ବେଳେ ଡଂରା ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ମାଧବ ବିଶ୍ୱାଳ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଜିଲା ଶାରୀରିକ ଶିକ୍ଷା ନିରୀକ୍ଷକ ପଦ୍ମଲୋଚନ ପ୍ରଧାନ ଓ ତିଲେଇବଣି ପଞ୍ଚାୟତ ସମିତି ଉଚ୍ଚ ବିଦ୍ୟାଳୟ କ୍ରୀଡା ଶିକ୍ଷକ ଡିଲେଶ୍ୱର ସ୍ୱାଇଁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱବଧାନରେ ବାଳକ ଓ ବାଳିକା ବର୍ଗରେ ଦୌଡ଼କୁଦ, ଲମ୍ଫଡିଆଁ, ଉଚ୍ଚ ଡିଆଁ, ସଟପୁଟ, ଜେଭଲିନ ଥ୍ରୋ, ଭଲିବଲ, ଖୋଖୋ, ବ୍ୟାଡ଼ମିଣ୍ଟନ, କ୍ରିକେଟ ଆଦି ଖେଳ ହୋଇଥିଲା। ଖେଳକୁଦ ପ୍ରତିଯୋଗିତାରେ ୩ଟି ବ୍ଲକରୁ ମୋଟ ୨୫୭ଜଣ ପ୍ରତିଯୋଗୀ ଓ ୬୦ଜଣ କ୍ରୀଡା ଶିକ୍ଷକ ଅଂଶଗ୍ରହଣ କରି ଅଛନ୍ତି। କ୍ରୀଡା ଶିକ୍ଷୟିତ୍ରୀ ରଂଜିତା ମିଶ୍ର, ହୃଷିକେଶ ପ୍ରଧାନ, ମାନସ ରଞ୍ଜନ ଦାସ, ହିମାଂଶୁ ଗଡ଼ନାୟକ, ଚିତ୍ତରଞ୍ଜନ ମହାପାତ୍ର, ଶ୍ୟାମସୁନ୍ଦର ବେହେରା, ବ୍ଲାସିଅସ ଡୁଙ୍ଗଡୁଙ୍ଗ, ସୁଧୀର ମିଞ୍ଜ କ୍ଷମାନିଧି ବେହେରା, କେଦାର ପ୍ରଧାନ, କୁନିତା ପ୍ରଧାନ, ପଦ୍ମିନୀ ମହାପାତ୍ର ପ୍ରତିଯୋଗିତାର ମୁଖ୍ୟ ପରିଚାଳନା ଦାୟିତ୍ୱ ନିର୍ବାହ କରୁଥିବା ସୂଚନା ମିଳିଛି।

## ସଂକ୍ଷେପରେ

### ବିଦ୍ୟୁତ୍ ତାର ଲାଗି ଜଳିଗଲା ହାଇୱା

କେସିଙ୍ଗା,୨।୧୦(ତୁମେଶ୍ୱର ସାହୁ): କଳାହାଣ୍ଡି ଜିଲା କେସିଙ୍ଗାଠାରେ ନିର୍ମାଣାଧୀନ ଓଭରବ୍ରିଜ୍‌ରେ ଏକ ହାଇୱାରେ ବିଦ୍ୟୁତ୍ ତାର ଲାଗି ଜଳିଯାଇଛି। ଓଭରବ୍ରିଜ୍ ନିର୍ମାଣ ପାଇଁ ଝାରସୁଗୁଡ଼ାରୁ ହାଇୱା ଯୋଗେ ଫ୍ଲାଏ ଆଶ୍ ବୋଝେଇ ହୋଇ ଆସିଥିଲା। ଉପରେ ଯାଇଥିବା ବିଦ୍ୟୁତ୍ ତାର ଲାଗି ହାଇୱା ଜଳିବା ଆରମ୍ଭ କରିଥିଲା। ଡ୍ରାଇଭର ତତ୍‌କ୍ଷଣାତ ଗାଡ଼ି ଭିତରୁ ଡେଇଁ ପଡ଼ିଥିଲେ ମଧ୍ୟ ଆହତ ହୋଇଥିଲେ। ତାଙ୍କୁ ଚିକିତ୍ସା ପାଇଁ କେସିଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟରେ ଭର୍ତ୍ତି କରାଯାଇଥିଲା। ଘଟଣାସ୍ଥଳରେ ଅଗ୍ନିଶମ ବିଭାଗ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ।

### ଖଡିଆଳରେ ଗାନ୍ଧୀ ଜୟନ୍ତୀ

ଖଡ଼ିଆଳ,୨।୧୦(ସୁଜିତ କୁମାର ପ୍ରଧାନ) ନୂଆପଡ଼ା ଜିଲା ଖଡିଆଳ ଏନ୍‌ଏସି ପକ୍ଷରୁ ଗାନ୍ଧୀ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଗାନ୍ଧୀଜୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଏଥିରେ ନିର୍ବାହୀ ଅଧିକାରୀ ସ୍ୱାଧୀନ ଚେତନ ମହାରଣା, ୱାର୍ଡ ସଭ୍ୟ ସୁନିଲ କୁମାର ସାହୁ, ସମସ୍ତ କର୍ମଚାରୀ ଯୋଗ ଦେଇଥିଲେ। ପରେ ଉତ୍କଳ ବାଳାଶ୍ରମ ପରିସରରେ ଅନ୍ତେବାସୀଙ୍କୁ ଫଳ ବିତରଣ କରାଯାଇଥିଲା। ଖଡିଆଳ ବିଡ଼ିଓ ନରସିଂହ ଗଡ଼ବା, ଅତିରିକ୍ତ ତହସିଲଦାର ତ୍ରିଲୋଚନ ନାଏକ, ଅର୍ଚ୍ଚନା ପାଢୀ ପ୍ରମୁଖ ଯୋଗ ଦେଇଥିଲେ। ସେହିପରି ପ୍ରାଣୀ ଚିକିତ୍ସା କାର୍ଯ୍ୟାଳୟଠାରେ ଚାରା ରୋପଣ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଭିଏଏସ୍ ବିକ୍ରମ ବେହେରା, ବିଭାଗୀୟ ଯନ୍ତ୍ରୀ ଯୋଗ ଦେଇଥିଲେ।

### ଅଶୁଭ ଦୃଷ୍ଟି ହଟାଇବାକୁ କହି ଲୁଟିନେଲେ ସୁନା ଚେନ୍

ଖଡ଼ିଆଳ,୨।୧୦ (ସୁଜିତ କୁମାର ପ୍ରଧାନ): ପରିବାର ଓ ଘର ଉପରେ ଅଶୁଭ ଦୃଷ୍ଟି ପଡ଼ିଛି, ଏହାର ପ୍ରତିକାର କଲେ ଶୁଭ ଫଳ ମିଳିବ କହି ବୁଧବାର ଦୁଇଜଣ କିନ୍ନର ଲକ୍ଷାଧିକ ଟଙ୍କାର ସୁନା ଚେନ୍ ଲୁଟି ନେଇଛନ୍ତି। ଘଟଣା ଘଟିଛି ନୂଆପଡ଼ା ଜିଲା ଖଡ଼ିଆଳ ବ୍ଲକର ତୁକଲା ଗାଁରେ। ତୁକଲାର ବିଶିଷ୍ଟ ବ୍ୟବସାୟୀ ରାଜ କୁମାର ଖେମକାଙ୍କ ଘରକୁ ଦୁଇଜଣ କିନ୍ନର ଓଡ଼ି୦୮ଆର୍‌୫୨୮୪ନଂ. କାର୍‌ରେ ଆସିଥିଲେ। ସେମାନେ ମହିଳାଙ୍କୁ ଭିକ୍ଷା ମାଗିବାରୁ ଭିକ୍ଷା ଦେଇଥିଲେ। ପରେ କିନ୍ନରମାନେ ତୁମ ପରିବାର ପ୍ରତି ଗ୍ରହମାନଙ୍କ ଅଶୁଭ ଦୃଷ୍ଟି ଥିବାରୁ ଅମଙ୍ଗଳ ହେଉଛି, ଏହାର ପ୍ରତିକାର ନ କଲେ ଅସୁବିଧା ହେବ ବୋଲି କହିଥିଲେ। ପରିବାରର ମହିଳାମାନେ ଭୟରେ ପ୍ରତିକାର ପାଇଁ ରାଜି ହୋଇଥିଲେ। କିନ୍ନରମାନେ ଗୋଟିଏ ଗଡୁରେ ପାଣି ମାଗିବା ସହ ଖେମକାଙ୍କ ବୋହୂ ପିନ୍ଧିଥିବା ସୁନା ଚେନ ପାଇଁ ଅଶୁଭ ଘଟୁଛି ଓ ଏହାକୁ ଶୁଦ୍ଧ କରିବାକୁ କହି ଚେନ୍‌କୁ ଛିଣ୍ଡାଇ କାରରେ ଫେରାର ମାରିଥିଲେ। ମହିଳାମାନଙ୍କ ଚିତ୍କାର ଶୁଣି ସହ ଘରର ଅନ୍ୟମାନେ ପହଞ୍ଚିଥିଲେ ମଧ୍ୟ ପାଇ ନ ଥିଲେ। ସନ୍ଧ୍ୟାରେ ବ୍ୟବସାୟୀ ଖେମକା ଖଡ଼ିଆଳ ଥାନାରେ ଅଭିଯୋଗ କରିବା ପରେ ପୋଲିସ ସିସିଟିଭି ଫୁଟେଜ ଆଧାରରେ ତଦନ୍ତ ଚଳାଇଛି।

### କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ ସୁରଭି

ନୂଆପଡ଼ା,୨।୧୦ (ମକାରୁ ବେମାଲ): ନୂଆପଡା ଜିଲା କୋମନା ବ୍ଲକ ପଲସିପାଣି ଓ ବାଲିପାଟି ଉଚ୍ଚ ପ୍ରାଥମିକ ବିଦ୍ୟାଳୟଠାରେ କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଅନୁଷ୍ଠିତ ହୋଇଯାଇଛି। ପଲସିପାଣି ଉଚ୍ଚ ପ୍ରାଥମିକ ବିଦ୍ୟାଳୟଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ୧୩ ବିଦ୍ୟାଳୟର ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ସିଆର୍‌ସିସି ଜାମଲା ଖାନଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ପଲସିପାଣି ସରପଞ୍ଚ ଗଙ୍ଗାରାମ ମାଝି ମୁଖ୍ୟଅତିଥି, ସମିତି ସଭ୍ୟ ସୁବୋଧ ଭୋଇ ମୁଖ୍ୟବକ୍ତା, ବିଦ୍ୟାଳୟ ପ୍ରଧାନ ଶିକ୍ଷକ ମାଖନ ସିଂ ମାଝି, ନାଏବ ସରପଞ୍ଚ ମଲ୍ଲିକ ବାଗ, କିଶୋର ଚନ୍ଦ୍ର ଭୋଇ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ସେହିପରି ବାଲିପାଟି ପ୍ରାଥମିକ ବିଦ୍ୟାଳୟଠାରେ ଆୟୋଜିତ କାର୍ଯ୍ୟକ୍ରମରେ ୧୪ ବିଦ୍ୟାଳୟର ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ । ସିଆରସିସି ବୃଷଭ ରଣାଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଜଟଗଡ ସରପଞ୍ଚ ବିଦ୍ୟକାନ୍ତି ଜଗତ ମୁଖ୍ୟ ଅତିଥି, ସିଲଭା ସରପଞ୍ଚ କାଞ୍ଚନପ୍ରଭା ରଣା, ସମିତି ସଭ୍ୟା ସକୁନ୍ତଳା ଭୁଏ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ।

# ଭାଜପାର ମିଥ୍ୟା ପ୍ରତିଶ୍ରୁତି କହି ବର୍ଷିଲେ ନେତା

## କଳାହାଣ୍ଡିରେ ବିଜେଡିର ଜନସମ୍ପର୍କ ପଦଯାତ୍ରା

ଭବାନୀପାଟଣା,୨।୧୦ (ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲାରେ ବୁଧବାର ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀରେ ବିଜେଡି ପକ୍ଷରୁ ଜନସମ୍ପର୍କ ପଦଯାତ୍ରା ଆରମ୍ଭ ହୋଇଛି। ଜିଲା ବିଜେଡି ସଭାପତି ପୁଷ୍ପେନ୍ଦ୍ର ସିଂଦେଓଙ୍କ ନେତୃତ୍ୱରେ କର୍ମକର୍ତ୍ତାମାନେ ଭବାନୀପାଟଣା ଲାଲବାହାଦୁର ଶାସ୍ତ୍ରୀ ଷ୍ଟାଡିୟମଠାରେ ଶାସ୍ତ୍ରୀଜୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଶୋଭାଯାତ୍ରାରେ ଗାନ୍ଧୀ ଛକ ପର୍ଯ୍ୟନ୍ତ ଯାଇଥିଲେ। ସେଠାରେ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ପରେ ଜିଲାସ୍ତରୀୟ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ରାଜ୍ୟ ସରକାରଙ୍କ ବିଫଳତା ଓ ଭାଜପାର ମିଥ୍ୟା ପ୍ରତିଶ୍ରୁତିକୁ ନେଇ ଦଳୀୟ ନେତା ବର୍ଷିଥିଲେ। ସୁଭଦ୍ରା ଯୋଜନା ନାମରେ



ସମାବେଶରେ ଯୋଗଦେଇଥିବା ଦଳୀୟ କାର୍ଯ୍ୟକର୍ତ୍ତା।

ମହିଳାଙ୍କୁ ୫୦ହଜାର ଟଙ୍କାର ଭାଉଚର ଦେବାକୁ କହି ମାତ୍ର ୫ ହଜାର ଟଙ୍କା ପ୍ରଦାନ କରିବା ମହିଳାଙ୍କୁ ପ୍ରତାରିତ କରିଛି। ଏପରି କି ବାର୍ଦ୍ଧକ୍ୟ ଭତ୍ତା ୩ ହଜାର ଟଙ୍କା ଦେବାକୁ କହି ସରକାରକୁ ଆସିଥିବା ମୋହନ ସରକାର ଆଜି ୮୦ ବର୍ଷରୁ ଊର୍ଦ୍ଧ୍ୱ ବୟସ୍କଙ୍କୁ ଭତ୍ତା ଦେବା ନିଷ୍ପତ୍ତି ଅନ୍ୟ ହିତାଧିକାରୀଙ୍କ ପ୍ରତି ବିଶ୍ୱାସଘାତକତା ବୋଲି ଜୁନାଗଡ଼ ବିଧାୟକ ଦିବ୍ୟଶଙ୍କର ମିଶ୍ର ତାଙ୍କ ବକ୍ତବ୍ୟରେ କହିଥିଲେ। ରାଜ୍ୟପାଳଙ୍କ ପୁଅ ଜଣେ ସରକାରୀ କର୍ମଚାରୀଙ୍କୁ ମାଡ ମାରିବା ଘଟଣାରେ କୌଣସି ପଦକ୍ଷେପ ନ ନେବା ଓ ଭରତପୁର ଥାନାରେ ଜଣେ ମହିଳା ପ୍ରତି ଅସଦାଚରଣ କରିବା ଆଇନଶୃଙ୍ଖଳା ବିପର୍ଯ୍ୟସ୍ତକୁ ଦର୍ଶାଉଛି ବୋଲି ଲାଞ୍ଜିଗଡ଼ ବିଧାୟକ ପ୍ରଦୀପ କୁମାର ଦିଶାରୀ କହିଥିଲେ। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ନର୍ଲା ବିଧାୟିକା ମନୋରମା ମହାନ୍ତି, ମହାସଚିବ ଭବାନୀ ଶଙ୍କର ମିଶ୍ର, ପୂର୍ବତନ ବିଧାୟକ ଗୋବର୍ଦ୍ଧନ ଦାଶ, ଦୁଷ୍ମନ୍ତ ନାଏକ, ମହୋଷଧି ବାଗ, ବରିଷ୍ଠ ବିଜେଡି ନେତା ଜିତେନ୍ଦ୍ର ମହାନ୍ତି, ପ୍ରଦୀପ ମୁଣ୍ଡ, ଜାକିର ହୁସେନ, ଧବଳେଶ୍ୱର ମହାପାତ୍ର, ଟିକେଲାଲ ସାହୁ, ଯୁବ ବିଜେଡି ସଭାପତି ଆଦିତ୍ୟ ନନ୍ଦ, ରାଜ୍ୟ ଛାତ୍ର ବିଜେଡି କାର୍ଯ୍ୟକାରୀ ସଭାପତି ଅବିନାଶ ଠାକୁର, ସମବାୟ ବ୍ୟାଙ୍କ ସଭାପତି ଗିରିଶ ଚନ୍ଦ୍ର ବେହେରା, ମହିଳା ସଭାନେତ୍ରୀ ଲଳିତା ନାଏକ, ସଂଯୁକ୍ତା ବେହେରା, ଜିଲା ପରିଷଦ ଉପାଧ୍ୟକ୍ଷା ସୁଧୀରା ମେହେର, ବରିଷ୍ଠ ବିଜେଡି ନେତା ଧର୍ମେନ୍ଦ୍ର ନାଏକ, ଏନ୍‌ଏସି କେସିଙ୍ଗା ଅଧ୍ୟକ୍ଷ ନୃପରାଜ ଯାଦବ, ଏସ୍‌ସି ସେଲ୍ ସଭାପତି ପ୍ରଶାନ୍ତ ନାଏକ, ପୌରପାଳିକା ଉପାଧ୍ୟକ୍ଷ ବିଷ୍ଣୁ ପ୍ରଧାନ, ମହିଳା ନେତ୍ରୀ କଲ୍ୟାଣୀ ନାଏକ, ସବିତା ମେହେର, ମନୀଷା ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ।

# ପାର୍ବଣ ପାଇଁ ସଜେଇ ହେଉଛି ପୂଜାମଣ୍ଡପ

ସିନାପାଲି,୨।୧୦(ମନଫୁଲ ମେହେର)

ଆଉ ଦିନ କେଇଟା ପରେ ଧରାପୃଷ୍ଠକୁ ଆଗମନ କରିବେ ଜଗଜ୍ଜନନୀ ମା' ଦୁର୍ଗା। ଏଥିପାଇଁ ନୂଆପଡ଼ା ଜିଲା ସିନାପାଲି ଅଞ୍ଚଳର ବିଭିନ୍ନ ପୂଜା କମିଟି ପକ୍ଷରୁ ପ୍ରସ୍ତୁତି ଜୋରସୋରରେ ଆଗେଇଚାଲିଛି। ପାର୍ବଣ ପାଇଁ ସଜେଇ ହେବାରେ ଲାଗିଛି ବିଭିନ୍ନ ପୂଜା ମଣ୍ଡପ। ମା'ଙ୍କ ଆଗମନକୁ ନେଇ ସବୁଆଡେ ଏବେ ଖୁସିର ଆସର ଜମିଲାଣି। ସିନାପାଲି ବ୍ଲକ ଅନ୍ତର୍ଗତ ଐତିହାସିକ ଗଣ୍ଡାବାହାଲିଠାରେ ଚଳିତବର୍ଷ ମହା ଆଡମ୍ବରରେ ଅନୁଷ୍ଠିତ ହେବ ଦୁର୍ଗାପୂଜା। ଦୀର୍ଘବର୍ଷ ଧରି ଏଠାରେ ସାର୍ବଜନୀନ ଦୁର୍ଗାପୂଜା ଅନୁଷ୍ଠିତ ହୋଇଆସୁଛି। ବିଶେଷ ଆର୍କଷଣର କେନ୍ଦ୍ରବିନ୍ଦୁ ସାଜେ ପୂଜାମେଢ। ଅଞ୍ଚଳର କୁଶଳୀ କାରିଗର ଦ୍ୱାରା ସାଜସଜ୍ଜା ଚାଲିଥିବାବେଳେ ମା'ଙ୍କ ତୋରଣ ଝଲସି ଉଠୁଛି। ବାଉଁଶ ଓ କପଡ଼ାରେ ମନୋରମ ଢ଼ଙ୍ଗରେ କାରିଗରମାନେ ତିଆରି କରୁଛନ୍ତି ସୁନ୍ଦର ମେଢ଼। ମୂର୍ତ୍ତି କାରିଗର ମଧ୍ୟ ନିଜ ହସ୍ତର ସମସ୍ତ କାରିଗରୀ ବିଦ୍ୟାକୁ ଖଟାଇ ସୁନ୍ଦର ରୂପ ଦେବା ପାଇଁ ଲାଗିପଡିଛନ୍ତି। ସ୍ଥାନୀୟ କମିଟି ସଭାପତି ଟଙ୍କଧର ମେହେରଙ୍କ ସୂଚନା ଅନୁସାରେ ମା'ଙ୍କ ପୀଠରେ ସପ୍ତମୀ ତିଥିଠାରୁ ପୂଜା ଆରମ୍ଭ ହେବ। ଚଳିତବର୍ଷ ସାଂସ୍କୃତିକ କାର୍ଯ୍ୟକ୍ରମ ଦର୍ଶକଙ୍କୁ ଆକର୍ଷିତ କରିବ ବୋଲି ସେ ଆଶା ପ୍ରକାଶ କରିଛନ୍ତି।


ଅନ୍ତିମ ପର୍ଯ୍ୟାୟରେ ମା'ଙ୍କ ପ୍ରତିମୂର୍ତ୍ତି।

# ମହିଳାଙ୍କ ମୁଣ୍ଡରେ ୪ ସନ୍ତାନଙ୍କ ବୋଝ

କର୍ଲାମୁଣ୍ଡା,୨।୧୦(ପ୍ରଦୀପ କୁମାର ସାହୁ)

ସ୍ୱାମୀଙ୍କ ମୃତ୍ୟୁ ପରେ ୪ ସନ୍ତାନଙ୍କ ବୋଝ ଜଣେ ବିଧବାଙ୍କ ପାଇଁ ଅସମ୍ଭାଳ ହୋଇପଡ଼ିଛି। ଏପରି ଏକ ଘଟଣା କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ୍ ରିଞ୍ଜା ଗ୍ରାମରେ ଦେଖିବାକୁ ମିଳିଛି। ସୂଚନାମତେ ଗ୍ରାମର ଚୂଡ଼ାମଣି ସେଲମା (୩୫), ସ୍ତ୍ରୀ ସୁମିତ୍ରା ସେଲମା (୩୦), ବଡ଼ଝିଅ ପ୍ରତିଜ୍ଞା (୧୩), ଦ୍ୱିତୀୟ ଝିଅ ନିହାରିକା (୯), ତୃତୀୟ ଝିଅ ସିଦ୍ଧିଦାତ୍ରୀ (୪) ଓ କନିଷ୍ଠ ପୁତ୍ର ଆହ୍ୱାନ (୨)ଙ୍କୁ ନେଇ ବେଶ୍ ହସଖୁସିରେ ସଂସାର ଚାଲିଥିଲା। ଚୂଡ଼ାମଣି ସାପ୍ତାହିକ ହାଟରେ ଚପଲ ବିକ୍ରୟ କରି ପରିବାର ପୋଷୁଥିଲେ। ଗତ ଡିସେମ୍ବରରେ ସେ ହଠାତ୍ ଅସୁସ୍ଥ ଅନୁଭବ କରିବାରୁ ପରିବାର ଲୋକେ ବିଶାଖାପାଟଣାର ଏକ ଘରୋଇ ଡାକ୍ତରଖାନାରେ ବିଜୁ ସ୍ୱାସ୍ଥ୍ୟ କାର୍ଡ ଜରିଆରେ ଚିକିତ୍ସା କରାଇଥିଲେ। ସେଠାରେ ତାଙ୍କ ଲିଭର


୪ ସନ୍ତାନଙ୍କ ସହ ସୁମିତ୍ରା।

ନଷ୍ଟ ହୋଇଥିବା ଜଣା ପଡ଼ିବା ପରେ ଜମି ବିକ୍ରିକରି ୬ ଲକ୍ଷ ଟଙ୍କା ଖର୍ଚ୍ଚ କରିଥିଲେ ହେଁ ରୋଗ ଠିକ୍ ହୋଇପାରି ନ ଥିଲା। ଶେଷରେ ଗତ ଅଗଷ୍ଟ ମାସରେ ତାଙ୍କର ମୃତ୍ୟୁ ଘଟିଥିଲା। ସ୍ୱାମୀ ଚାଲିଯିବା ପରେ ୪ ସନ୍ତାନଙ୍କୁ କିପରି ପାଠ ପଢ଼ାଇ ମଣିଷ କରିବେ ତାହାକୁ ନେଇ ଭାଙ୍ଗିପଡିଛନ୍ତି ସ୍ତ୍ରୀ ସୁମିତ୍ରା। ସୁମିତ୍ରାଙ୍କ ଶ୍ୱଶୁର ପଞ୍ଚାୟତର ଚତୁର୍ଥ ଶ୍ରେଣୀ କର୍ମଚାରୀ ଥିଲେ ମଧ୍ୟ ତାଙ୍କ ମୁଣ୍ଡରେ ୧୧ ସଦସ୍ୟ ବିଶିଷ୍ଟ ପରିବାର ଚିନ୍ତା। ବାପଛେଉଣ୍ଡ ଏହି ୪ ପିଲାଙ୍କୁ ଜିଲା ଶିଶୁ ସୁରକ୍ଷା ସମିତି ପକ୍ଷରୁ ସହାୟତା ଯୋଗାଇଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

### ଗାନ୍ଧୀ ଜୟନ୍ତୀ ପାଳିତ

ବେହେରା,୨।୧୦(ଭୂପେଶ ତିୱାରୀ)

ଧର୍ମଗଡ଼ ସର୍ବୋଦୟ ସମିତି ପରିସରରେ ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ଜୟନ୍ତୀ ବୁଧବାର ପାଳିତ ହୋଇଯାଇଛି। ସର୍ବୋଦୟ ସମିତି ସଭାପତି ଆଇନଜୀବୀ ତୁଷାର ରଞ୍ଜନ ପଟ୍ଟଯୋଷୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଧର୍ମଗଡ଼ ଏସ୍‌ଡିପିଓ ମନୋଜ କୁମାର ବେହେରା ମୁଖ୍ୟ ଅତିଥି, ପଞ୍ଚାୟତ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ସତ୍ୟ ପଟ୍ଟନାୟକ ମୁଖ୍ୟବକ୍ତା ଓ ଶିକ୍ଷାବିତ୍ ରାଧାମୋହନ ଦାସ, ଲୋକନାଥ ବେହେରା, ଆଇନଜୀବୀ ସଂଯୁକ୍ତା ପଣ୍ଡା ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ସର୍ବୋଦୟ ସମିତି ସଦସ୍ୟ ବିଦ୍ୟାଧର ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥବା ବେଳେ ଖଦି ବୋର୍ଡ ମ୍ୟାନେଜର ଦେବରାଜ ମହାନନ୍ଦ ଧନ୍ୟବାଦ ଦେଇଥିଲେ। ଆରମ୍ଭରେ ଅତିଥିମାନେ ଗାନ୍ଧିଜୀ ଓ ଶାସ୍ତ୍ରିଜୀଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଏହି ଉପଲକ୍ଷେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ପ୍ରବନ୍ଧ ଓ ବକ୍ତୃତା ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

# ବ୍ଲକସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା



ଉଦ୍‌ଯାପନୀ ସଭାରେ ଅତିଥିମାନେ।

କୋକସରା,୨।୧୦ (ଦୁଷ୍ମନ୍ତ କୁମାର ପାଟ୍ଟଯୋଷୀ)

କଳାହାଣ୍ଡି ଜିଲା କୋକସରା ବ୍ଲକସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଜବାହର ଉଚ୍ଚ ବିଦ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ କୋକସରା ବିଇଓ ରଶ୍ମିତା ନେତମ ମୁଖ୍ୟ ଅତିଥି ଓ ନୋଡାଲ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ସୁଧୀର କୁମାର ପଣ୍ଡା ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ଏହି ଅବସରରେ ୧୪ବର୍ଷରୁ କମ୍ ଓ ୧୯ ବର୍ଷରୁ କମ୍ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଦୌଡ଼, ଉଚ୍ଚଡିଆଁ, ଲମ୍ବଡିଆଁ, କବାଡ଼ି, ଭଲିବଲ ଆଦି ପ୍ରତିଯୋଗିତା ହୋଇଥିଲା। ଅପରାହ୍ନରେ ଜବାହର ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ସୁଧୀର କୁମାର ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ କୋକସରା ତହସିଲଦାର ନବୀନ କିଶୋର ପାଢ଼ୀ, ବିଆର୍‌ସିସି ତୋଫାନ ମାଝି, ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଅଧ୍ୟକ୍ଷା ନିରୁମାରାଣୀ ପଣ୍ଡିତ, ଶିକ୍ଷାବିତ୍ ଅଶୋକ କୁମାର ଦାସ ପ୍ରମୁଖ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ସାର୍ଟିଫିକେଟ ପ୍ରଦାନ କରିଥିଲେ।

# ଗୋଲାମୁଣ୍ଡାରେ ନୂଆଁଖାଇ ଭେଟ୍‌ଘାଟ୍


ନୂଆଁଖାଇ ଭେଟଘାଟ କାର୍ଯ୍ୟକ୍ରମରେ ଅତିଥିଗଣ।

ଗୋଲାମୁଣ୍ଡା,୨।୧୦ (ବଟକୃଷ୍ଣ ପଣ୍ଡା)

କଳାହାଣ୍ଡି ଜିଲା ଗୋଲାମୁଣ୍ଡାଠାରେ ବୁଧବାର ପଞ୍ଚାୟତ ସମିତି ସଭ୍ୟାସଭ୍ୟଙ୍କ ପକ୍ଷରୁ ନୂଆଁଖାଇ ଭେଟ୍‌ଘାଟ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ବ୍ଲକ ଅଧ୍ୟକ୍ଷ ବିନ୍ଦୁ ମହାନନ୍ଦଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଗୋଲାମୁଣ୍ଡା ସମିତି ସଭ୍ୟା ବନିତା ନାଏକ, ନକଟିକାନୀ ସଭ୍ୟ ମହିରାମ ମାଝି, ବୋର୍ଡି ସଭ୍ୟା ସସ୍ମିତା ମାଝି, ଚିଚିଆ ସଭ୍ୟ ସନ୍ତୋଷ ପଟେଲ, ଖାଲିଆକାନୀ ସଭ୍ୟା ସସ୍ମିତା ମଙ୍ଗରାଜଙ୍କ ସମେତ ୧୭ ପଞ୍ଚାୟତର ସମିତି ସଭ୍ୟାସଭ୍ୟ ଯୋଗ ଦେଇଥିଲେ। ବ୍ଲକର ବିକାଶ ଦିଗରେ ସମସ୍ତେ ଏକଜୁଟ ହୋଇ କାମ କରିବାକୁ ବ୍ଲକ ଅଧ୍ୟକ୍ଷ ମହାନନ୍ଦ ଆହ୍ୱାନ ଦେଇଥିଲେ। ପୂର୍ବତନ ବ୍ଲକ ଅଧ୍ୟକ୍ଷ ତଥା ମାନଝରି ସମିତି ସଭ୍ୟ ତୁଳେଶ୍ୱର ନାଏକ ସଭା ପରିଚାଳନା କରିଥିବା ବେଳେ ଦଶପୁର ସମିତି ସଭ୍ୟ ଦୁର୍ଗେଶ୍ୱର ସାହୁ ଧନ୍ୟବାଦ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଗୋଲାମୁଣ୍ଡା ବିଡ଼ିଓ ଶ୍ରୀଧର ପଣ୍ଡା, ଅତିରିକ୍ତ କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ ପର୍ଶୁରାମ ନାଏକ, ଗ୍ରାମ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ରମିତ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ।

### ଶିବିରରେ ୩୮ ୟୁନିଟ୍ ରକ୍ତ ସଂଗ୍ରହ

ଗୋଲାମୁଣ୍ଡା,୨।୧୦(ବଟକୃଷ୍ଣ ପଣ୍ଡା)

ଗୋଲାମୁଣ୍ଡା ସର୍ବମଙ୍ଗଳା ମହାବିଦ୍ୟାଳୟରେ ଗାନ୍ଧିଜୀ ଓ ଶାସ୍ତ୍ରିଜୀଙ୍କ ଜୟନ୍ତୀ ଅବସରରେ ଜୟ ମହାକାଳ ଫାଉଣ୍ଡେଶନ ଏବଂ ଭାରତ ସ୍କାଉଟ ଆଣ୍ଡ ଗାଇଡ୍ ତରଫରୁ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ଗୋଲାମୁଣ୍ଡା ବ୍ଲକ ଅଧ୍ୟକ୍ଷ ବିନ୍ଦୁ ମହାନନ୍ଦ ମୁଖ୍ୟ ଅତିଥି ଓ ଅଧ୍ୟାପକ ଜୟନ୍ତ କୁମାର ଜେନା, ଶାନ୍ତନୁ ପରିଡା, ସନ୍ତୋଷ କୁମାର ବାରିକ, ଫାଉଣ୍ଡେଶନ ପ୍ରତିଷ୍ଠାତା ସଂକେତ ଠାକୁର, ସଭାପତି ସୁବ୍ରତ ପଣ୍ଡା ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଶିବିରରେ ଧର୍ମଗଡ଼ ରକ୍ତ ଭଣ୍ଡାରର ଗଜାନନ ବେହେରା, ନିଗମ ଗୋପାଳ, ଡମ୍ବରୁଧର ମେହେର, କୃତ୍ତିବାସ ଦଣ୍ଡସେନା ଉପସ୍ଥିତ ରହି ୩୮ ୟୁନିଟ୍ ରକ୍ତ ସଂଗ୍ରହ କରିଥିଲେ। ଭାରତ ସ୍କାଉଟ ଆଣ୍ଡ ଗାଇଡ୍ ତରଫରୁ ଛାତ୍ରୀଛାତ୍ରମାନେ ସହଯୋଗ କରିଥିଲେ।

# ଦଶ ଅବତାର ଦୁର୍ଗାପୂଜା ପାଇଁ କଳସ ଯାତ୍ରା

କୋକସରା,୨।୧୦ (ଦୁଷ୍ମନ୍ତ କୁମାର ପାଟ୍ଟଯୋଷୀ)

କଳାହାଣ୍ଡି ଜିଲା କୋକସରା ବ୍ଲକ ଟେମରା ଗ୍ରାମରେ ଦଶାବତାର ଦୁର୍ଗାପୂଜା ପାଇଁ ବୁଧବାର ରୀତିନୀତି ଅନୁଯାୟୀ ଅଧିବାସ ଓ ୧୦୮ କଳସ ଯାତ୍ରା ଅନୁଷ୍ଠିତ ହୋଇଛି। ଦୁର୍ଗାପୂଜା କମିଟି ପକ୍ଷରୁ ମୁଖ୍ୟ କର୍ତ୍ତା ଅଶୋକ କୁମାର ଦାସ ଓ ଶୁଭାସିନି ଦାସଙ୍କୁ ତାଙ୍କ ବାସଗୃହରୁ ବରଣ କରାଯାଇ ପୂଜା ମଣ୍ଡପକୁ ଅଣାଯାଇଥିଲା। ଗ୍ରାମର ଶତାଧିକ ମହିଳା, ଯୁବତୀ ୧୦୮ କଳସ ଶୋଭାଯାତ୍ରାରେ ଆସି ପୂଜା ମଣ୍ଡପରେ ସ୍ଥାପନ କରିଥିଲେ। ଦଶାବତାର ପୂଜା ପାଇଁ ମୁଖ୍ୟକର୍ତ୍ତା ବ୍ୟତୀତ ଅନ୍ୟ ୧୩ ଜଣ ସପତ୍ନୀକ କର୍ତ୍ତା ରହିଛନ୍ତି। କମିଟି ସଭାପତି କ୍ଷିତିରାମ ପାତ୍ର, ଉପସଭାପତି ସୁଧୀର ପାତ୍ର, ସମ୍ପାଦକ ଅଶୋକ କୁମାର ଦାସ, ସହ ସମ୍ପାଦକ ରୋହିତ ପାଣିଗ୍ରାହୀ, କୋଷାଧ୍ୟକ୍ଷ ଶଙ୍କର ସତନାମୀ, ହେମନ୍ତ ବାଣୁଆ ପ୍ରମୁଖ ଉପସ୍ଥିତ ଥିଲେ। ଆସନ୍ତା ୧୦ଦିନ ଧରି କମିଟି ପକ୍ଷରୁ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି।

# ଜିଲାସ୍ତରୀୟ ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ

ନୂଆପଡ଼ା,୨।୧୦ (ମକାରୁ ବେମାଲ)

ନୂଆପଡ଼ା ଜିଲା ସଦର ଗାନ୍ଧୀ ପ୍ରମୋଦ ଉଦ୍ୟାନଠାରେ ବୁଧବାର ଜିଲାସ୍ତରୀୟ ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ ପାଳିତ ହୋଇଯାଇଛି। ଜିଲାପାଳ ମଧୁସୂଦନ ଦାସଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଉପଜିଲାପାଳ ଯୋଗେନ୍ଦ୍ର ମାଝି, ଜିଲା ଓକିଲ ସଂଘ ପୂର୍ବତନ ସଭାପତି ପ୍ରସନ୍ନ କୁମାର ପାଢୀ, ଶିକ୍ଷାବିତ୍ ଡ. ଶିବ ପ୍ରସାଦ ବେହେରା, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବିଦ୍ୟାପତି ପଣ୍ଡା, ଜିଲା କ୍ରୀଡା ଅଧିକାରୀ ଅଜୟ କୁମାର ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଗାନ୍ଧୀ ଓ ଶାସ୍ତ୍ରୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରି ଅତିଥିବୃନ୍ଦ ସ୍ମୃତିଚାରଣ କରିଥିଲେ। ଏହି ଉପଲକ୍ଷେ ଆୟୋଜିତ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ବରିଷ୍ଠ କିରାଣି ବିଭୁଦତ୍ତ ମିଶ୍ର କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

# କାର୍ଯ୍ୟନିବୃତ୍ତ ଯବାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

କେସିଙ୍ଗା,୨।୧୦(ତୁମେଶ୍ୱର ସାହୁ)

କଳାହାଣ୍ଡିଜିଲା କେସିଙ୍ଗା ବ୍ଲକ୍‌ବାଲସିଗାଁରେ ଭାରତୀୟ ସେନାରୁ କାର୍ଯ୍ୟନିବୃତ୍ତ ଯବାନ ଗୋପାଳ ସାହୁଙ୍କୁ ଗ୍ରାମବାସୀଙ୍କ ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ବୀର ଯବାନ ଗୋପାଳଙ୍କୁ ପ୍ରଥମେ ଜବାହର ଉଚ୍ଚ ବିଦ୍ୟାପୀଠ ପ୍ରଧାନ ଶିକ୍ଷକ ଅଭୟ କୁମାର ଦେବତାଙ୍କ ନେତୃତ୍ୱରେ ସମସ୍ତ ଶିକ୍ଷକ, ଛାତ୍ରୀଛାତ୍ର, ପୁରାତନ ଛାତ୍ର ବିପୁଳ ସମ୍ବର୍ଦ୍ଧନା ଜଣାଇଥିଲେ। ଗ୍ରାମ ପରିକ୍ରମା ପରେ ଜଗନ୍ନାଥ ମନ୍ଦିର ପରିସରରେ ଏକ ସମ୍ବର୍ଦ୍ଧନା ସଭା ଆୟୋଜନ କରାଯାଇଥିଲା। ଏଥିରେ ଅଞ୍ଚଳର ଅନେକ ଭଦ୍ରବ୍ୟକ୍ତି, ବୁଦ୍ଧିଜୀବୀ ଯୋଗଦେଇ ତାଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ସାମାଜିକ କର୍ମୀ ଭବାନୀ ସାହୁ ସଭା ପରିଚାଳନା କରିଥିଲେ। ସଭାରେ ପୂର୍ବତନ ସେନା କର୍ମଚାରୀ ଡିଙ୍ଗର ପୁଟେଲ, ପୂର୍ବତନ ସରପଞ୍ଚ ଠାକୁର ସାହୁ, ଶିରୋଲ ପଞ୍ଚାୟତର ସମିତି ସଭ୍ୟ ପ୍ରତାପ ବାଗ ଉପସ୍ଥିତ ଥିଲେ।


ଗ୍ରାମବାସୀଙ୍କ ଗହଣରେ ଗୋପାଳ।

# ରାଷ୍ଟ୍ର ନିର୍ମାଣରେ ଛାତ୍ରଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ

## ବିକାଶ ଗ୍ରୁପ୍ ଅଫ୍ ଇନଷ୍ଟିଚ୍ୟୁଶନରେ ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ

ଭବାନୀପାଟଣା,୨।୧୦ (ଉତ୍ତମ କୁମାର ଦାଶ)

ଆଜିର ଛାତ୍ର ଆଗାମୀ କାଲିର ଭବିଷ୍ୟତ। ସେମାନଙ୍କୁ ସଦ୍‌ମାର୍ଗରେ ପରିଚାଳିତ କରିବା ଉଦ୍ଦେଶ୍ୟରେ ବୁଧବାର ଭବାନୀପାଟଣାସ୍ଥିତ ବିକାଶ ଗ୍ରୁପ ଅଫ ଇନଷ୍ଟିଚ୍ୟୁଶନରେ ମହାତ୍ମା ଗାନ୍ଧୀ ଓ ଲାଲ ବାହାଦୁର ଶାସ୍ତ୍ରୀଙ୍କ ଜୟନ୍ତୀ ପାଳିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ଲକ୍ଷ୍ମୀ ବିକାଶ ଗ୍ରୁପ ଅଫ ଇନଷ୍ଟିଚ୍ୟୁଶନର ନିର୍ଦ୍ଦେଶକ ଡି. ଶ୍ୟାମ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଶିକ୍ଷା ପ୍ରଭାରୀ ଡି. ବିଜୟା, ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ ଯୁବରାଜ ନାୟକ, ବିକାଶ ଆବାସିକ ବିଦ୍ୟାଳୟ ଉପାଧ୍ୟକ୍ଷ ନାରାୟଣ ମହାନ୍ତି, ଜେନେରାଲ ମ୍ୟାନେଜର ଗୁପ୍ତେଶ୍ୱର ଖୁଣ୍ଟିଆ ପ୍ରମୁଖ ଯୋଗଦେଇଥିଲେ। ମୁଖ୍ୟ ଅତିଥି ତାଙ୍କ ବକ୍ତବ୍ୟରେ ରାଷ୍ଟ୍ର ନିର୍ମାଣରେ ଛାତ୍ରଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ଅଧ୍ୟକ୍ଷ ଯୁବରାଜ ନାୟକ ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ ପାଳନର ଉଦ୍ଦେଶ୍ୟ ଉପସ୍ଥାପନା କରିଥିଲେ। ଏହି ଅବସରରେ ବିଦ୍ୟାର୍ଥୀଙ୍କ ମଧ୍ୟରେ କୁଇଜ୍ ପ୍ରତିଯୋଗିତା କରାଯାଇ କୃତୀ ବିଦ୍ୟାର୍ଥୀଙ୍କୁ ପୁରସ୍କୃତ କରାଯାଇଥିଲା। ବାପୁଜୀଙ୍କ ଶିକ୍ଷା ଓ ଆଦର୍ଶକୁ ନେଇ ଛାତ୍ରୀଛାତ୍ରଙ୍କ ଦାରା କ୍ଷୁଦ୍ର ନାଟକ ଅଭିନୀତ ହୋଇଥିଲା। କାର୍ଯ୍ୟକ୍ରମଟିକୁ ଏନ. ଦିବ୍ୟରଶ୍ମି, ଜ୍ୟୋତିପ୍ରିୟା ପାଣିଗ୍ରାହୀ, ସାମନ୍ତ ବର୍ଗର୍ତ୍ତି ଓ ଅଲିପ୍ସା ବେହେରା ପରିଚାଳନା କରିଥିଲେ।


କାର୍ଯ୍ୟକ୍ରମରେ ଅତିଥିଙ୍କ ସହ ବିଦ୍ୟାର୍ଥୀମାନେ।

# ଗାନ୍ଧିଜୀ, ଶାସ୍ତ୍ରିଜୀଙ୍କ ପଥାନୁସରଣ ଆହ୍ୱାନ

ବରଗଡ଼,୨।୧୦(ପ୍ରେମାନନ୍ଦ ଖମାରୀ)





ଲାଲ ବାହାଦୁର ଶାସ୍ତ୍ରୀ କୃଷକ ସଂଗଠନ ପକ୍ଷରୁ ଗାନ୍ଧିଜୀ, ଶାସ୍ତ୍ରିଜୀଙ୍କ ଜୟନ୍ତୀ ପାଳନ। ବରଗଡ଼ ରାଣାପ୍ରତାପ ସ୍କୁଲ ଛାତ୍ରୀଛାତ୍ର ଗାନ୍ଧିଜୀ, ଶାସ୍ତ୍ରିଜୀଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛନ୍ତି।

ବରଗଡ଼ରେ ବୁଧବାର ଜାତିର ଜନକ ମହାତ୍ମା ଗାନ୍ଧି ଏବଂ ଲାଲ ବାହାଦୂର ଶାସ୍ତ୍ରୀଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ସ୍ଥାନୀୟ ଗାନ୍ଧିଛକରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲାପାଳ ଆଦିତ୍ୟ ଗୋୟଲ ଅଧ୍ୟକ୍ଷତା କରିଥିଲେ। ଉକ୍ତ ସମାରୋହରେ ସ୍ଥାନୀୟ ବିଧାୟକ ଅଶ୍ୱିନୀ ଷଡ଼ଙ୍ଗୀ ମୁଖ୍ୟଅତିଥି, ଜିଲା ପରିଷଦ ଅଧ୍ୟକ୍ଷା ମାନିନୀ ଭୋଇ, ଅତିରିକ୍ତ ଜିଲାପାଳ ମଧୁଛନ୍ଦା ସାହୁ, ମହେନ୍ଦ୍ର ମହାପାତ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଗାନ୍ଧିଜୀ ଏବଂ ଶାସ୍ତ୍ରୀଜୀଙ୍କ ପ୍ରଦର୍ଶିତ ପଥକୁ ଅନୁସରଣ କରି ଜିଲା ତଥା ଦେଶର ବିକାଶରେ ଭାଗିଦାର ହେବାକୁ ଜିଲାପାଳ ଗୋୟଲ ଆହ୍ୱାନ କରିଥିଲେ। ଏହି ଅବସରରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ବିତରଣ କରାଯାଇଥିଲା।

ବରଗଡ଼ ରାଣାପ୍ରତାପ ସ୍କୁଲରେ ଅନୁଷ୍ଠିତ ସମାରୋହରେ ପ୍ରଧାନ ଶିକ୍ଷକ ସୁଦୀପ କୁମାର ରଥ ଅଧ୍ୟକ୍ଷତା କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବକ୍ତୃତା ପ୍ରତିଯୋଗିତା ହୋଇଥିଲା। ବିଦ୍ୟାଳୟ ପରିଚାଳନା କମିଟି ଅଧ୍ୟକ୍ଷା ପଦ୍ମିନୀ ଗଡ଼ତିଆ ମୁଖ୍ୟଅତିଥି, ପରିଚାଳନା କମିଟିର ପୂର୍ବତନ ଅଧ୍ୟକ୍ଷା ଗୀତା ବେହେରା, ଶିକ୍ଷୟିତ୍ରୀ ସୁନୀତା ମିଶ୍ର, ଗୀତା ଜାଲ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। ପରେ ବିଦ୍ୟାଳୟ ପରିଚାଳନା କମିଟି ଉଦ୍ୟମରେ ସ୍କୁଲ ପରିସରରେ ସ୍ୱଚ୍ଛତା କାର୍ଯ୍ୟକ୍ରମ ହୋଇଥିଲା। ବରିଷ୍ଠ ଶିକ୍ଷୟିତ୍ରୀ ଜ୍ୟୋତ୍ସ୍ନା ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ।

ଅମ୍ବାଭୋନା ବ୍ଲକ ଅନ୍ତର୍ଗତ ଭୁକ୍ତାସ୍ଥିତ ଲାଲ ବାହାଦୂର ଶାସ୍ତ୍ରୀ କୃଷକ ସଂଗଠନ ପକ୍ଷରୁ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଗାନ୍ଧିଜୀ ଏବଂ ଶାସ୍ତ୍ରୀଜୀଙ୍କ ସ୍ମୃତିଚାରଣ କରାଯାଇଥିଲା। କୃଷକ ସଙ୍ଗଠନ ସଭାପତି ଠାକୁରରାମ ପଟେଲଙ୍କ ଅଧ୍ୟକ୍ଷତାରେ ସମ୍ପାଦକ ଶଙ୍କର ଖମାରୀ, ସଭ୍ୟ ରାଜେନ୍ଦ୍ର ଦେହେରୀ, ଶଶୀଭୂଷଣ ପ୍ରଧାନ, ଶ୍ୟାମଲାଲ ନାୟକ, ସୁଧୀର ପ୍ରଧାନ, ଡୋଲାମଣି ସା, ହୃଷିକେଶ ପ୍ରଧାନ, ମହେନ୍ଦ୍ର ଦେହେରୀ ପ୍ରମୁଖ ଯୋଗଦାନ କରିଥିଲେ।

**ପାଇକମାଳ (ବଡ ଶତପଥୀ):** ପାଇକମାଳ ସରକାରୀ ଉଚ୍ଚ ବିଦ୍ୟାଳୟରେ ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ଜ୍ୟୋର୍ତିମୟୀ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ବାକ୍ତୃତ ପ୍ରତିଯୋଗିତା କରାଯାଇଥିଲା। ରଜତ କୁମାର ସାହୁ ଉଭୟ ମହାପୁରୁଷଙ୍କ ଜୀବନୀ ବିଷୟରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ବବିତା ବେହେରା, ଆନନ୍ଦିନୀ ସେଠ, ନିରୁପମା ସାହୁ, ଲଳିତ କୁମାର ବିଶ୍ୱାଳ ମଞ୍ଚାସୀନ ଥିଲେ। ତ୍ରିଲୋଚନ ନାୟକ ସଭା ପରିଚାଳନା ଓ ସୁଦାମ ପାଣ୍ଡେ ଧନ୍ୟବାଦ ଅର୍ପଣ କରିଥିଲେ।

**ବରପାଲି (ଚିତ୍ତରଞ୍ଜନ ସାହୁ):** ସ୍ଥାନୀୟ ଲିଟିଲ ଏଞ୍ଜେଲସ ପବ୍ଲିକ ସ୍କୁଲ ଓ ସରସ୍ୱତୀ ସଂଘ ପକ୍ଷରୁ ମିଳିତ ଭାବେ ଗାନ୍ଧି ଓ ଶାସ୍ତ୍ରୀଙ୍କ ଜୟନ୍ତୀ ପାଳନ କରାଯାଇଛି। ପ୍ରାତଃ ଅଧିବେଶନରେ ଗାନ୍ଧିଜୀ ଓ ଶାସ୍ତ୍ରୀଜୀଙ୍କ ତୈଳଚିତ୍ରରେ ବିଦ୍ୟାଳୟ ପରିଚାଳନା ନିର୍ଦ୍ଦେଶିକା ସୁନିତା ମୁଣ୍ଡ ଶ୍ରଦ୍ଧାସୁମନ ଅର୍ପଣ ଓ ପ୍ରଦୀପ ପ୍ରଜ୍ୱଳନ କରି ସଭାର ଉଦ୍‌ଘାଟନ କରିଥିଲେ। ବିଦ୍ୟାଳୟ ଅଧ୍ୟକ୍ଷା ମଧୁସ୍ମିତା ମୁଣ୍ଡ, ଉପାଧ୍ୟକ୍ଷ ସୁଶୀଳ କୁମାର ରଥ, ପ୍ରଶାସନିକ ଅଧିକାରୀ ମିନତି ପ୍ରଧାନ ଓ ସରସ୍ୱତୀ ସଂଘର ସଦସ୍ୟାଗଣ ଉପସ୍ଥିତ ଥିଲେ। ପ୍ରିଫେକ୍ଟ ପ୍ରିୟାଂଶୁ ରାଜ ମିଶ୍ର ଓ ଶୁଭ୍ରାଂଶୁ ସେଠଙ୍କ ସଂଯୋଜନାରେ ଶିକ୍ଷକ ପ୍ରକାଶ ମହାନନ୍ଦ, ଛାତ୍ର ଆଶୁ ମେହେର ଓ ଲୋକେଶ୍ୱର ନାୟକଙ୍କ ବକ୍ତବ୍ୟ ପରେ ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ ପକ୍ଷରୁ ଏକ ପଥପ୍ରାନ୍ତ ନାଟିକା ପ୍ରଦର୍ଶିତ ହୋଇଥିଲା। ଅଧିବେଶନ ପରେ ପରିଚାଳନା ନିର୍ଦ୍ଦେଶିକା ସବୁଜ ପତାକା ଦେଖାଇ ପଦଯାତ୍ରାର ଶୁଭାରମ୍ଭ କରିଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ସ୍ୱଚ୍ଛ ବରପାଲି କାର୍ଯ୍ୟକ୍ରମରେ ସମସ୍ତେ ମିଶି ରେଲୱେ ଷ୍ଟେଶନ ଅଞ୍ଚଳରେ ସଫେଇ କରିବା ସହ ଜନସାଧାରଣଙ୍କୁ ସ୍ୱଚ୍ଛ ରହିବାକୁ ଅନୁରୋଧ କରିଥିଲେ। ବରପାଲି ରେଲୱେ ଷ୍ଟେଶନ ମାଷ୍ଟର ବିଜୟ କୁମାର ନାୟକ ଛାତ୍ରୀଛାତ୍ର ଓ ଯାତ୍ରୀମାନଙ୍କୁ ସ୍ୱଚ୍ଛତା ସମ୍ପର୍କରେ ଅବଗତ କରାଇଥିଲେ। ଏହି ଅବସରରେ ବରପାଲି ରେଲୱେ ଷ୍ଟେଶନ ଅଞ୍ଚଳରେ ସ୍ୱଚ୍ଛତା ସଚେତନତାକୁ ନେଇ ଏକ ପଥପ୍ରାନ୍ତ ନାଟିକା ମୁନୁଷ ପନିଆ ପ୍ରଦର୍ଶିତ ହୋଇଥିଲ। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ଏବଂ ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ, ଇକୋ କ୍ଲବ ଓ ସରସ୍ୱତୀ ସଂଘ କର୍ମକର୍ତ୍ତାଗଣ ସହଯୋଗ କରିଥିଲେ।

# ସମଲେଶ୍ୱରୀଙ୍କ ଧବଳମୁଖୀ ବେଶ

## ଶାରଦୀୟ ପୂଜା ପାଇଁ ଖଣ୍ଡାଧୁଆ ପର୍ବ

ବରଗଡ଼,୨।୧୦(ପ୍ରେମାନନ୍ଦ ଖମାରୀ)



ମହାଳୟା ଅବସରରେ ବୁଧବାର ବରଗଡ଼ର ଅଧିଷ୍ଠାତ୍ରୀ ଗ୍ରାମ୍ୟ ଦେବୀ ମା' ସମଲେଶ୍ୱରୀ ଧବଳମୁଖୀ ବେଶରେ ଦର୍ଶନ ଦେଇଥିଲେ। ଏହି ଅବସରରେ ଭକ୍ତମାନେ ଲମ୍ବାଧାଡ଼ିରେ ରହି ଦେବୀଙ୍କୁ ଦର୍ଶନ କରିଥିଲେ। ମା' ସମଲେଶ୍ୱରୀ ବର୍ଷସାରା ଲାଲ ରଙ୍ଗରେ ଦର୍ଶନ ଦେଉଥିବାବେଳେ କେବଳ ମହାଳୟା ତିଥିରେ ଧଳା ତଥା ଶୁଭ୍ର ରଙ୍ଗରେ ଦର୍ଶନ ଦେଇଥାନ୍ତି। ଫଳରେ ଦେବୀଙ୍କୁ ଏହି ବେଶରେ ଦର୍ଶନ କରିବା ପାଇଁ ସକାଳୁ ଭକ୍ତମାନେ ମା'ଙ୍କ ସକାଶେ ଧଳାପୁଷ୍ପ ଧରି ଦେବଙ୍କଠାରେ ଶରଣାଶ୍ରିତ ହୋଇଥିଲେ। ଦେବୀଙ୍କୁ ଏହି ଦର୍ଶନ ପାଇଁ ସନ୍ଧ୍ୟା ପର୍ଯ୍ୟନ୍ତ ଭକ୍ତଙ୍କ ଗହଳି ଲାଗି ରହିଥିଲା। ମନ୍ଦିର ପରିସର ସୁସଜ୍ଜିତ ହୋଇଥିବାବେଳେ କମିଟି ପକ୍ଷରୁ ଭକ୍ତଙ୍କ ପାଇଁ ସୁବ୍ୟବସ୍ଥା କରାଯାଇଛି।

ସେହିପରି ମା' ସମଲେଶ୍ୱରୀଙ୍କ ଶାରଦୀୟ ନବରାତ୍ର ପୂଜା ପାଇଁ ଖଣ୍ଡାଧୁଆ ପର୍ବ ଏବଂ କଳସଯାତ୍ରା ହୋଇଥିଲା। ଅପରାହ୍ନରେ ଏକ ଭବ୍ୟ କଳସଯାତ୍ରା ସହର ପରିକ୍ରମା କରି ଜୀରାନଦୀରେ ପହଞ୍ଚିଥିଲା। ଭକ୍ତମାନେ ପୂଜାର୍ଚ୍ଚନା ପୂର୍ବକ ଜଳପୂର୍ଣ୍ଣ କଳସ ଆଣି ମନ୍ଦିରରେ ସ୍ଥାପନ କରିଥିଲେ। ଏହି ଅବସରରେ ପାରମ୍ପାରିକ ଘଣ୍ଟବାଦ୍ୟ, ଦୁଲଦୁଲି ଆଦି କଳସଯାତ୍ରାରେ ସାମିଲ ହୋଇଥିଲା। ଗୁରୁବାର ଶାରଦୀୟ ନବରାତ୍ର ପୂଜା ଆରମ୍ଭ ହେବା ସହିତ ମା' ସମଲେଶ୍ୱରୀ ଶୈଳପୁତ୍ରୀ ବେଶରେ ଦର୍ଶନ ଦେଇ ପୂଜା ପାଇବେ।

# ନୃସିଂହନାଥରେ ଗନ୍ଧମାର୍ଦ୍ଦନ ସୁରକ୍ଷା ଯୁବ ପରିଷଦ ପାଳନ କଲା ଗାନ୍ଧୀ ଜୟନ୍ତୀ



ନୃସିଂହନାଥ ମନ୍ଦିର ପରିସରସ୍ଥ ଗାନ୍ଧୀ ସମାଧି ପୀଠରେ ଗାନ୍ଧୀ ଜୟନ୍ତୀ ପାଳିତ।

ପାଇକମାଲ,୨।୧୦(ବଡ ଶତପଥୀ)

ପଶ୍ଚିମ ଓଡ଼ିଶାର ଗନ୍ଧମାର୍ଦ୍ଦନ ପାହାଡ଼ ପାଦଦେଶରେ ଥିବା ପ୍ରାଚୀନ ପ୍ରସିଦ୍ଧ ତୀର୍ଥକ୍ଷେତ୍ର ଶ୍ରୀଶ୍ରୀ ନୃସିଂହନାଥ ମନ୍ଦିର ପରିସରରେ ଥିବା ଗାନ୍ଧୀ ସମାଧି ପୀଠରେ ବୁଧବାର ପାଳିତ ହୋଇଛି ଗାନ୍ଧୀ ଜୟନ୍ତୀ। ଯୁବ ପରିଷଦ ଆବାହକ ଦୁର୍ଯ୍ୟୋଧନ ପୁଟାଙ୍କ ସଭାପତିତ୍ୱରେ ଗନ୍ଧମାର୍ଦ୍ଦନ ପାହାଡ଼ର ସୁରକ୍ଷା ପାଇଁ ଗନ୍ଧମାର୍ଦ୍ଦନ ସୁରକ୍ଷା ଯୁବ ପରିଷଦ ନୃସିଂହନାଥସ୍ଥିତ ଗାନ୍ଧୀ ସମାଧି ପୀଠରେ ପ୍ରତ୍ୟେକ ବର୍ଷ ପରି ଏ ବର୍ଷ ମଧ୍ୟ ଗାନ୍ଧୀ ଜୟନ୍ତୀ ପାଳନ କରିଛି। ନୃସିଂହନାଥ ମନ୍ଦିର କାର୍ଯ୍ୟ ନିର୍ବାହୀ ଅଧିକାରୀ ପୁରୋଷତ୍ତମ ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗଦେଇ ଗାନ୍ଧୀ ସମାଧି ପୀଠ ଓ ଗାନ୍ଧୀ ପ୍ରତିମୂର୍ତ୍ତିରେ ପୂଜାର୍ଚ୍ଚନା ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ସଂଗ୍ରାମୀ ଗଙ୍ଗାଧର ସାହୁଙ୍କ ଦ୍ୱାରା ରାମଧୁନି ଗାନ ପରେ ସଂଗ୍ରାମୀ ପୂର୍ବତନ ଆବାହକ ତଥା ଧିରେନ ମହାନ୍ତି, ପୂର୍ବତନ ଆବାହକ ରାହାସ ବିହାରୀ ସାହୁ, ସୁରେଶ ପ୍ରଧାନ, ଶୁକ୍ରୁ ସାହୁ ଓ ନିରୋଜ ପାଣି ପ୍ରମୁଖ ଗାନ୍ଧୀଙ୍କ ସ୍ମୃତି ଚାରଣ କରିଥିଲେ।

# ପଦ୍ମପୁରରେ ସ୍ୱଚ୍ଛତା ଦିବସ ପାଳିତ

ପଦ୍ମପୁର,୨।୧୦(ପ୍ରଦୀପ୍ତ ଦାଶ)

ସ୍ଥାନୀୟ ଗୋରୁ ବଜାର ପ୍ରାଙ୍ଗଣରେ ମହାତ୍ମା ଗାନ୍ଧୀ, ଶାସ୍ତ୍ରୀଙ୍କ ଜୟନ୍ତୀ ଓ ସ୍ୱଚ୍ଛତା ଦିବସ ବିଜ୍ଞାପିତ ଅଞ୍ଚଳ ପରିଷଦ ପଦ୍ମପୁର ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଯାଇଛି। ନିର୍ବାହୀ ଅଧିକାରୀ ରାମଚନ୍ଦ୍ର ମାଝି ପ୍ରାରମ୍ଭିକ ସମ୍ଭାଷଣରୁ ଆରମ୍ଭ କରିଥିଲେ। ସଭାରେ ପଦ୍ମପୁର ଉପଖଣ୍ଡ ଉପଜିଲାପାଳ ଆରୁଗୁଲା ସ୍ନେହା ମୁଖ୍ୟଅତିଥି ଭାବରେ ଯୋଗଦେଇ ଲୋକଙ୍କୁ ସ୍ୱଚ୍ଛ ଓ ସୁନ୍ଦର ପରିବେଶରେ ରହିବା ପାଇଁ ଆହ୍ୱାନ ଦେଇଥିଲେ। କାର୍ଯ୍ୟକ୍ରମରେ ସହରର ନଗରପାଳ ସାବିତ୍ରୀ ବାଗ, ଉପନଗରପାଳ ଭାରତୀ ପଟ୍ଟନାୟକ ଯୋଗଦାନ କରି ପଦ୍ମପୁରର ନାଗରିକମାନଙ୍କୁ ନିଜ ସହର ସ୍ୱଚ୍ଛ ଓ ନିର୍ମଳ ରଖିବା ପାଇଁ ଅନୁରୋଧ କରିଥିଲେ। ଏହି ସଭାରେ ମିନକେତନ ସାହୁ, ପରିବେଶବିତ୍ ମୁଖ୍ୟବକ୍ତା ଭାବେ ଯୋଗଦେଇ ଲୋକମାନଙ୍କୁ ପରିବେଶ ସନ୍ତୁଳନ ବାବଦରେ ବିଶଦ ବିବରଣୀ ପ୍ରଦାନ କରିଥିଲେ। ସଭାରେ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ଗୋଲି ରାଉତ ମଧ୍ୟ ଯୋଗଦାନ କରିଥିଲେ। ସହରର ସମସ୍ତ କାଉନସିଲାର ଚିନ୍ମୟ ପଣ୍ଡା, କୁନାଲ ପାଣିଗ୍ରାହୀ, କ୍ଷୀରସାନ ବର୍ଷା, ସବିତା ବରିହା, କବିତା ଶେଠ, ସଂଯୁକ୍ତା ପୃଷ୍ଟି ଓ ଗୌରୀ ସାହୁ ଉପସ୍ଥିତ ରହିଥିଲେ। ଉକ୍ତ ସଭା ଗୋଷ୍ଠୀ ସଙ୍ଗଠିକା ଛନ୍ଦାମିତ୍ରା ମିଶ୍ର ସଂଯୋଜନା କରିଥିଲେ। କାର୍ଯ୍ୟକ୍ରମରେ ସ୍ୱୟଂ ସହାୟକ ଗୋଷ୍ଠୀର ମା'ମାନେ ବର୍ଜ୍ୟବସ୍ତୁରୁ କଳାର ପ୍ରଦର୍ଶନୀ ପ୍ରସ୍ତୁତ କରିଥିଲେ। ସେମାନଙ୍କୁ ପରେ ସଭାରେ ସମ୍ବର୍ଦ୍ଧନା କରାଯାଇଥିଲା। କାର୍ଯ୍ୟକ୍ରମରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା, ଯେଉଁଠି ଲାଲବାହାଦୁର ଶାସ୍ତ୍ରୀ ବିଦ୍ୟାଳୟ, ରାଜାପଡ଼ା ପ୍ରାଥମିକ ବିଦ୍ୟାଳୟ ଛାତ୍ରୀ ଓ ସଙ୍ଗୀତ ସମିତି ପଦ୍ମପୁରର ମିଳିତ ଉଦ୍ୟମରେ ଅନୁଷ୍ଠିତ ହୋଇଥିଲା। ପଦ୍ମପୁର ବିଜ୍ଞାପିତ ଅଞ୍ଚଳ ପରିଷଦ ସମସ୍ତ କର୍ମଚାରୀ ସୌମ୍ୟ ବଲ୍ଲଭ ମହାପାତ୍ର, କିଶୋର ଚନ୍ଦ୍ର ପଣ୍ଡା, ଅଭିମନ୍ୟୁ ନାୟକ, ସୁଶାନ୍ତ ଆଚାର୍ଯ୍ୟ, ଉମେଶ ସୁନା, ଦୁଷ୍ମନ୍ତ ବେହେରା, ଅଜିତ ମହାକୁର, ମନୋଜ ପ୍ରଧାନ, ଶୁଲେଖା ପଣ୍ଡିତ, କୁଞ୍ଜଲତା ଭୁଇ, ଅନୁରାଧା ଚାନ୍ଦ, ସରୋଜିନୀ ରାଉତ ଉପସ୍ଥିତ ରହିଥିଲେ।

# ବିକାଶ ଲ' ସ୍କୁଲରେ ଗାନ୍ଧୀ, ଶାସ୍ତ୍ରୀ ଜୟନ୍ତୀ

ବରଗଡ଼,୨।୧୦(ପ୍ରେମାନନ୍ଦ ଖମାରୀ)



ବିକାଶ ଲ ସ୍କୁଲରେ ଅନୁଷ୍ଠିତ ସମାରୋହରେ ଉପସ୍ଥିତ ଛାତ୍ରୀଛାତ୍ର ଏବଂ ଅନ୍ୟମାନେ।

ବରଗଡ଼ର ବିକାଶ ଲ' ସ୍କୁଲରେ ଗାନ୍ଧି ଓ ଶାସ୍ତ୍ରୀ ଜୟନ୍ତୀ ପାଳିତ ହୋଇଛି। ସ୍କୁଲର ଅଧ୍ୟକ୍ଷ ପ୍ରଫେସର ଡ. ବିକ୍ରମ କୁମାର ଦାଶଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମ ଅଧ୍ୟାପକ ଶିବାନନ୍ଦ ସାହୁ ପରିଚାଳନା କରିଥିଲେ। ଏହି ଅବସରରେ ଅଧ୍ୟକ୍ଷ ଦାଶ ସ୍ମୃତିଚାରଣ କରି ଦେଶ ମାତୃକାର ସ୍ୱାଧୀନତାରେ ଗାନ୍ଧିଜୀ ଏବଂ ଶାସ୍ତ୍ରୀଜୀଙ୍କ ଅବଦାନ ଅତୁଳନୀୟ ବୋଲି କହିଥିଲେ। ଆଇନ ପ୍ରଥମ ବର୍ଷର ଛାତ୍ରୀ ଆସ୍ଥା ବିଶି, ସାଗରିକା ମହାପାତ୍ର, ସୁବିତ ଚୌଧୁରୀ, ତୃତୀୟ ବର୍ଷର ଛାତ୍ର ଦେବାଶିଷ ମିଶ୍ର, ଚତୁର୍ଥ ବର୍ଷର ଛାତ୍ରୀ ଶ୍ରୀୟାଂଶୀ ମହାରଣା ପ୍ରମୁଖ ଗାନ୍ଧିଜୀ ଏବଂ ଶାସ୍ତ୍ରୀଜୀଙ୍କ ଜୀବନୀ ଉପରେ ବକ୍ତବ୍ୟ ରଖିଥିଲେ। କାର୍ଯ୍ୟକ୍ରମରେ ଅଧ୍ୟାପକ ଜୈମିନି କୁମାର ସାହୁ, ଅଧ୍ୟାପିକା ସନ୍ତୋଷୀ ସାହୁ, ସ୍ୱାଗତିକା ସାହୁ, ସୁଶୋଭିତା ଦାଶ ବକ୍ତବ୍ୟ ରଖିଥିଲେ। ଅଧ୍ୟାପକ ଅଭିନନ୍ଦନ ଖୁଣ୍ଟିଆ, ନିହାର ରଞ୍ଜନ ବିଶ୍ୱାଳ, ଅଧ୍ୟାପିକା ଶିବାନୀ ପଣ୍ଡାଙ୍କ ସମେତ ଲ ସ୍କୁଲର ସମସ୍ତ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ବିକାଶ ଶିକ୍ଷାନୁଷ୍ଠାନର ଚେୟାରମ୍ୟାନ ଡି. ନାଗେଶ୍ୱର ରାଓ କାର୍ଯ୍ୟକ୍ରମ ପ୍ରଶଂସା କରିଥିଲେ। ଅଧ୍ୟାପିକା ରୋଜି ମେହେର ଧନ୍ୟବାଦ ଅର୍ପଣ କରିଥିଲେ।

# ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମରେ ସ୍ୱଚ୍ଛତାର ବାର୍ତ୍ତା ଦେଲେ ବିଧାୟକ

ବରଗଡ଼,୨।୧୦(ପ୍ରେମାନନ୍ଦ ଖମାରୀ)

ଆଞ୍ଚଳିକ ପରିବହନ ଅଧିକାରୀ ସାବୁଆ ମାଝିଙ୍କ ନେତୃତ୍ୱରେ ସ୍ଥାନୀୟ ଘରୋଇ ବସଷ୍ଟାଣ୍ଡରେ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମ ବରଗଡ଼ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ଏବଂ ଘରୋଇ ବସ ମାଲିକ ସଂଘ ସଦସ୍ୟମାନଙ୍କ ସହାୟତାରେ ଅନୁଷ୍ଠିତ ହୋଇଥିବା ବେଳେ ସଦର ବିଧାୟକ ଅଶ୍ୱିନୀ କୁମାର ଷଡଙ୍ଗୀ ମୁଖ୍ୟଅତିଥି ଭାବେ ଯୋଗଦେଇ ମହାତ୍ମା ଗାନ୍ଧୀଙ୍କ ସ୍ୱଚ୍ଛତାର ବାର୍ତ୍ତା ଦେଇଥିଲେ। ପୌରାଧ୍ୟକ୍ଷା କଳ୍ପନା ମାଝି, ମାନବାଧିକାର କମିଶନ ଅଧ୍ୟକ୍ଷ ଜସବିର ସିଂହ ସାଇନି ସମ୍ମାନିତ ଅତିଥି ଭାବେ ଯୋଗଦେଇ ନିଜ ଘର ଏବଂ ସହରକୁ ସ୍ୱଚ୍ଛ, ସବୁଜ ସୁନ୍ଦର ରଖିବାକୁ କହିଥିଲେ। ସମସ୍ତେ ମିଶି ସ୍ଥାନୀୟ ଘରୋଇ ବସଷ୍ଟାଣ୍ଡ ପରିସର ସଫା ପରେ ଆଞ୍ଚଳିକ ପରିବହନ ଅଧିକାରୀ ମାଝି ଧନ୍ୟବାଦ ଦେଇଥିଲେ।

# ଛାତ୍ରୀଛାତ୍ର ପାଳିଲେ ଗାନ୍ଧୀ, ଶାସ୍ତ୍ରୀ ଜୟନ୍ତୀ

ବରଗଡ଼, ୨।୧୦ (ପ୍ରେମାନନ୍ଦ ଖମାରୀ)

ବରଗଡ଼ ଜିଲା ଅମ୍ବାଭୋନା ବ୍ଲକ ଅନ୍ତର୍ଗତ ଭୁକ୍ତାସ୍ଥିତ ଜନତା ସରକାରୀ ଉଚ୍ଚ ବିଦ୍ୟାଳୟରେ ଗାନ୍ଧିଜୀ ଏବଂ ଶାସ୍ତ୍ରୀଜୀଙ୍କ ଜୟନ୍ତୀ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପ୍ରଧାନ ଶିକ୍ଷକ ଦୁର୍ଗାପ୍ରସାଦ ନାୟକଙ୍କ ଅଧ୍ୟକ୍ଷତାରେ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ ଏବଂ ଛାତ୍ରୀଛାତ୍ର ଯୋଗଦାନ କରିଥିଲେ। ଗାନ୍ଧିଜୀ ଏବଂ ଶାସ୍ତ୍ରୀଜୀଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରାଯାଇଥିଲା। ସେହିପରି ଛାତ୍ରୀଛାତ୍ର ହର୍ଷିତା ସାହୁ, ତମନ୍ନା ବାରିକ, ପିଆ ପଟେଲ, ତୃପ୍ତିମୟୀ ପ୍ରଧାନ, ଦୀପାଞ୍ଜଳି ଭୁଏ, ନିକିତା ରଣବୀର, ସଚିନ ସାହୁ, ନବୀନ ପଟେଲ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ପ୍ରଧାନ ଶିକ୍ଷକ ନାୟକଙ୍କ ସମେତ ଶିକ୍ଷକ ସଞ୍ଜୟ ଖମାରୀ, ଈଶ୍ୱର ପ୍ରଧାନ ପ୍ରମୁଖ ଗାନ୍ଧିଜୀ ଏବଂ ଶାସ୍ତ୍ରୀଜୀଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। ବିଦ୍ୟାଳୟ ପରିଚାଳନା କମିଟି ଅଧ୍ୟକ୍ଷ ସାନନ୍ଦ ଦେହେରୀଙ୍କ ସମେତ ଅନ୍ୟ ଶିକ୍ଷୟିତ୍ରୀ, ଶିକ୍ଷକ ଉପସ୍ଥିତ ଥିଲେ। ଶିକ୍ଷକ ଶ୍ରୀପତି ସାହୁ ସଭାକାର୍ଯ୍ୟ ପରିଚାଳନା କରିଥିବାବେଳେ ଶିକ୍ଷକ ଖମାରୀ ଧନ୍ୟବାଦ ଅର୍ପଣ କରିଥିଲେ।

# ଦୁର୍ଗା ପୂଜା ପାଇଁ ପ୍ରଶାସନିକ ବୈଠକ

ବରପାଲି,୨।୧୦(ଚିତ୍ତରଞ୍ଜନ ସାହୁ)



ଆସନ୍ତା ଦୁର୍ଗାପୂଜା କିପରି ଶାନ୍ତିଶୃଙ୍ଖଳାର ପାଳିତ ହେବ ଏ ନେଇ ବୁଧବାର ପ୍ରଶାସନିକ ବୈଠକ ଅନୁଷ୍ଠିତ ହୋଇଛି। ବରପାଲି ବ୍ଲକ କାର୍ଯ୍ୟାଳୟଠାରେ ତହସିଲଦାର ରୁକ୍ମଣ ମେହେରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଆସନ୍ତା ଦୁର୍ଗାପୂଜା ସମୟରେ କିପରି ଶାନ୍ତିଶୃଙ୍ଖଳାର ସହ ପାଳିତ ହେବ ସେ ନେଇ ଏହାର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ବିଶେଷତଃ ଭକ୍ତମାନେ କିପରି ସବୁ ମେଢ଼ ଦର୍ଶନ କରି ପାରିବେ, ନିରଞ୍ଜନ ବିଦ୍ୟୁତ୍ ସରୋବରାହ, ସହରେ ସ୍ୱଚ୍ଛତା ଓ ପରିମଳ ବ୍ୟବସ୍ଥା, ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ଦେବା ପାଇଁ ଆଲୋଚନା ହେବା ସହ ସହରରେ ଟ୍ରାଫିକ ବ୍ୟବସ୍ଥା କଡ଼ା କଡ଼ି କରିବା ସହ ରାହାଜାନୀ ରୋକିବା ପାଇଁ ପୋଲିସର ଅଧିକ ତତ୍ପରତା ପାଇଁ ଦାବି ହୋଇଥିଲା। ଏହି ବୈଠକରେ ବ୍ଲକ ଅଧ୍ୟକ୍ଷା ରୀନା ଥଇତ, ଏନ୍ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଭୁବନ କୁମାର ଶତପଥୀ, ଡାକ୍ତରଖାନା ମୁଖ୍ୟ ଡାକ୍ତର ରାଜେଶ ବେହେରାଙ୍କ ସମେତ ପୋଲିସ, ଅଗ୍ନିଶମ ବିଭାଗ, ବିଦ୍ୟୁତ ବିଭାଗ ସମେତ ତହସିଲ ଛକ, ଅଶୋକ କ୍ଲବ, ଜଗନ୍ନାଥ ନଗର, ଦୁର୍ଗା ମନ୍ଦିର ଦୁର୍ଗାପୂଜା କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ପଥପ୍ରାନ୍ତ ନାଟକରେ ସଚେତନତା

ବରଗଡ଼,୨।୧୦(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଜିଲା ବିଜେପୁର ବିଜ୍ଞାପିତ ଅଞ୍ଚଳ ପରିଷଦ(ଏନ୍ଏସି) ପକ୍ଷରୁ ସ୍ୱଚ୍ଛତା ପକ୍ଷ ପାଳିତ ହୋଇଛି। ଏହି ଅବସରରେ ସ୍ୱଚ୍ଛତା ହିଁ ସେବା ପଥପ୍ରାନ୍ତ ନାଟକ ପରିବେଷିତ ହୋଇଥିଲା। ମାଝିପାଲିରେ ଆୟୋଜତ ପଥପ୍ରାନ୍ତ ନାଟକକୁ ଏନ୍ଏସି ଅଧ୍ୟକ୍ଷା ସୀତା ବାରିକ ଉଦଘାଟନ କରିଥିଲେ। ସୁସ୍ଥ, ସବଳ ରହିବା ପାଇଁ ସ୍ୱଚ୍ଛ ପରିବେଶର ଆବଶ୍ୟକତା ରହିଛି ବୋଲି ସେ କହିଥିଲେ। ସ୍ଥାନୀୟ ଆଲତୀ ସାଂସ୍କୃତିକ ସଂଘ ଦ୍ୱାରା ପଥପ୍ରାନ୍ତ ନାଟକ ପରିବେଷିତ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ସାନିଟେଶନ ଏକ୍ସପର୍ଟ ଅର୍ଜୁନ ସିଂ, ସୁପରଭାଇଜର ସୁଷମା ଭୋଇ, ପ୍ରକାଶ ଭୋଇ, ତୁଷାର ମେହେରଙ୍କ ସମେତ ସ୍ୱଚ୍ଛସାଥୀମାନେ ଉପସ୍ଥିତ ଥିଲେ। ପଥପ୍ରାନ୍ତ ନାଟକକୁ ନାଟ୍ୟକାର ମୋହନ ସିଂ ରଚନା କରିଥିବାବେଳେ କଳାକାର ରାଜେଶ୍ୱର ବେହେରା ନିର୍ଦ୍ଦେଶନା ଦେଇଥିଲେ। ନୀଳମଣି ମେହେର, ଭାଗବତ ପ୍ରଧାନ, ଭରତ ସାହୁ, ମୌସୁମୀ ଲିପି ସାହୁ, କୁମର ମହାନନ୍ଦ ପ୍ରମୁଖ ନାଟକରେ ଅଭିନୟ କରିଥିଲେ। ଘନଶ୍ୟାମ ସାହୁ, ଦେବେନ୍ଦ୍ର ମଟାରୀ, ଗୋବିନ୍ଦ କଲେତ, ଶିବ ପ୍ରଧାନ ପ୍ରମୁଖ ବାଦ୍ୟଯନ୍ତ୍ରରେ ସହଯୋଗ କରିଥିଲେ।



ମାଝିପାଲି ଗ୍ରାମରେ ପଥପ୍ରାନ୍ତ ନାଟକରେ ସ୍ୱଚ୍ଛତା ସଚେତନତା କାର୍ଯ୍ୟକ୍ରମ।

# ସ୍ନାତକ ମହିଳା ମହାବିଦ୍ୟାଳୟରେ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ

ବରପାଲି,୨।୧୦(ଚିତ୍ତରଞ୍ଜନ ସାହୁ)

ଜଗବନ୍ଧୁ ଦାଶ ସ୍ନାତକ ମହିଳା ମହାବିଦ୍ୟାଳୟରେ ଅଧ୍ୟକ୍ଷା ପଦ୍ମିନୀ ଦାଶଙ୍କ ସଭାପତିତ୍ୱରେ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏନ୍ଏସ୍ଏସ୍ ପ୍ରୋଗ୍ରାମ ଅଫିସର ଅଧ୍ୟାପିକା ପିଙ୍କି ବାରିକଙ୍କ ପରିଚାଳନା ସଭାରେ ମୁଖ୍ୟଅତିଥି ଭାବେ ମହାବିଦ୍ୟାଳୟ ପ୍ରତିଷ୍ଠାତା ଅନ୍ତର୍ଯ୍ୟାମୀ ପଣ୍ଡା ମହାତ୍ମା ଗାନ୍ଧୀଙ୍କ ଆଦର୍ଶ ଉପରେ ବୁଝାଇଥିଲେ। ହିନ୍ଦୀ ବିଭଗର ମୁଖ୍ୟ ଅଧ୍ୟାପିକା ଜ୍ୟୋତି ସାହୁ ଶପଥ ପାଠ କରାଇଥିଲେ। ଯୁବ ରେଡକ୍ରସ ସହକର୍ମୀ ନିଳୀମା ନାୟକଙ୍କ ଧନ୍ୟବାଦ ପରେ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ ଅଧ୍ୟାପିକା, ସହକର୍ମୀ ବୃନ୍ଦ ଓ ଛାତ୍ରୀ ମିଶି ମହାବିଦ୍ୟାଳୟ ପରିସର ପରିଷ୍କାର କରିଥିଲେ।

# ଜନସମ୍ପର୍କ ପଦଯାତ୍ରାରେ ବିଜେଡିର ସମାଲୋଚନା

ବରଗଡ଼,୨।୧୦(ପ୍ରେମାନନ୍ଦ ଖମାରୀ)




ପଦଯାତ୍ରାରେ ବିଜେଡି ନେତ୍ରୀନେତା, କର୍ମୀବୃନ୍ଦ।

ବରଗଡ଼ ଜିଲା ବିଜେଡି ବୁଧବାର ଗାନ୍ଧି ଜୟନ୍ତୀ ଏବଂ ଶାସ୍ତ୍ରୀ ଜୟନ୍ତୀରୁ ଜନସମ୍ପର୍କ ପଦଯାତ୍ରା ଆରମ୍ଭ କରିଛି। ଜିଲା ବିଜେଡି କାର୍ଯ୍ୟକାରୀ ସୁଶାନ୍ତ ମହାପାତ୍ରଙ୍କ ନେତୃତ୍ୱରେ ବରଗଡ଼ ସହରସ୍ଥିତ ଗାନ୍ଧିପାର୍କରୁ ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପରେ ପଦଯାତ୍ରାର ଶୁଭାରମ୍ଭ କରାଯାଇଥିଲା। ବହୁସଂଖ୍ୟକ ଦଳୀୟ କାର୍ଯ୍ୟକର୍ତ୍ତା, କର୍ମୀମାନେ ସେଠାରୁ ଶୋଭାଯାତ୍ରାରେ ବାହାରି ବାଟରେ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକ, ସମ୍ବିଧାନ ପ୍ରଣେତା ଡଃ ବି.ଆର ଆମ୍ବେଡକର ଏବଂ ଅନ୍ୟ ମହାପୁରୁଷଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ସ୍ଥାନୀୟ ଗାନ୍ଧିଛକରେ ପହଞ୍ଚିଥିଲେ।

ସେଠାରେ ସ୍ୱଭାବ କବି ଗଙ୍ଗାଧର ମେହେର, ମହାତ୍ମ ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ସହିତ ଏକ ଜନସଭା ହୋଇଥିଲା। ଜନସଭାରେ ପୂର୍ବତନ ମନ୍ତ୍ରୀ ସ୍ନେହାଙ୍ଗିନୀ ଛୁରିଆ, ରୀତା ସାହୁ, ପୂର୍ବତନ ବିଧାୟକ ଦେବେଶ ଆଚାର୍ଯ୍ୟ, ପଦ୍ମପୁର ବିଧାୟିକା ବର୍ଷା ସିଂ ବରିହା, ଜିଲା ପରିଷଦ ଅଧ୍ୟକ୍ଷା ମାନିନୀ ଭୋଇ, ବରିଷ୍ଠ ନେତା ସୁଶାନ୍ତ ମିଶ୍ର, ଗୌରହରି ମିଶ୍ର, ଜିଲା ଯୁବ ବିଜେଡି ସଭାପତି ପ୍ରଦ୍ୟୁମ୍ନ ତ୍ରିପାଠୀ, ବରିଷ୍ଠ ନେତା ଅଚ୍ୟୁତାନନ୍ଦ ମହାପାତ୍ର, ଅଶୋକ ଯୋଶୀ, ଗୋପାଳ ଲାଠ, ଗଣତନ୍ତ୍ର ପ୍ରଧାନ, ବରଗଡ଼ ପୌରାଧ୍ୟକ୍ଷା କଳ୍ପନା ମାଝି, ବରଗଡ଼ ବ୍ଲକ ଉପାଧ୍ୟକ୍ଷ ଉମେଶ ପଣ୍ଡା, ଅମ୍ବାଭୋନା ବ୍ଲକ ଅଧ୍ୟକ୍ଷ କୀର୍ତ୍ତିଚନ୍ଦ୍ର ଦୁଆନ, ଭଟଲି ବ୍ଲକ ଅଧ୍ୟକ୍ଷ ନିତ୍ୟାନନ୍ଦ ପ୍ରଧାନ, ଜିଲା ପରିଷଦ ସଭ୍ୟା ନୀଳକୁମାରୀ ନାୟକ, ବରଗଡ଼ ବ୍ଲକ ବିଜେଡି ସଭାପତି ପ୍ରଫୁଲ୍ଲ ନାଏକ, ଭେଡ଼େନ ବ୍ଲକ ବିଜେଡି ସଭାପତି ହରିଶଙ୍କର ବେହେରା, ବରଗଡ଼ ଟାଉନ ବିଜେଡି ସଭାପତି କିଶୋର ମିଶ୍ର, ସମ୍ବଲପୁର ଜିଲା କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ନରେନ୍ଦ୍ର ପ୍ରଧାନ, ହିମାଂଶୁ ଦାଶ, ଜିତୁ ଭୋଇ, ଅନୁରାଧା ଅଗ୍ରୱାଲଙ୍କ ସମେତ ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ, ପୌର ପରିଷଦର କାଉନସିଲରବୃନ୍ଦ ଉପସ୍ଥିତ ଥିଲେ।

## ସୁନେଲି ସ୍ୱପ୍ନ ଦେଖାଇ ଜିତିଛି ଭାଜପା

ସଭାରେ ପୂର୍ବତନ ମନ୍ତ୍ରୀ ଛୁରିଆ କହିଥିଲେ, ରାଜ୍ୟର ଭାଜପା ସରକାର ଦରଦାମ ବୃଦ୍ଧି ନିୟନ୍ତ୍ରଣ କରିବାରେ ଅସହାୟ ହୋଇ ପଡ଼ିଛି। ମା'ମାନେ ଅସୁରକ୍ଷିତ ହୋଇ ପଡ଼ିଛନ୍ତି। ଭାଜପା ଲୋକଙ୍କୁ ଯେଉଁସବୁ ପ୍ରତିଶ୍ରୁତି ଦେଇ କ୍ଷମତାକୁ ଆସିଛି, ସବୁଥିରେ ବିଫଳ ହୋଇଛି ବୋଲି କହି ଛୁରିଆ ଭାଜପା ସରକାରକୁ ସମାଲୋଚନା କରିଥିଲେ। ସେହିପରି ପୂର୍ବତନ ବିଧାୟକ ଆଚାର୍ଯ୍ୟ କହିଥିଲେ, ବିଜେଡି ଦାୟିତ୍ୱବାନ ବିରୋଧୀ ଦଳର ଭୂମିକା ନିର୍ବାହ କରି ଆସୁଛି। ରାଜ୍ୟରେ ଭାଜପା ଜନସାଧାରଣଙ୍କୁ ମିଥ୍ୟା ଓ ସୁନେଲି ସ୍ୱପ୍ନ ଦେଖାଇ ଶାସନ କ୍ଷମତାକୁ ଆସିଛି। ସରକାର ଗଠନର ୩ମାସରୁ ଉର୍ଦ୍ଧ୍ୱ ସମୟ ବିତିଯାଇ ଥିଲେ ସୁଦ୍ଧା ଭାଜପା ନିର୍ବାଚନୀ ପ୍ରତିଶ୍ରୁତି ପାଳନରେ ସମ୍ପୂର୍ଣ୍ଣ ବିଫଳ ହୋଇଛି। ପଦଯାତ୍ରା ସହିତ ଆଗାମୀ ଦିନରେ ବିଜେଡିର ସଦସ୍ୟତା ଅଭିଯାନକୁ ବ୍ୟାପକ କରାଯିବ ଏବଂ ଭାଜପାର ମିଥ୍ୟା ପ୍ରତିଶ୍ରୁତି ନେଇ ଲୋକଙ୍କୁ ଅବଗତ ଏବଂ ସଚେତନ କରାଯିବ ବୋଲି ଆଚାର୍ଯ୍ୟ କହିଥିଲେ।

# ଗାନ୍ଧୀ, ଶାସ୍ତ୍ରୀ ଜୟନ୍ତୀରେ ବାହାରିଲା ପଦଯାତ୍ରା

ରାଉରକେଲା,୨।୧୦(ସଙ୍ଗୀତା ଜେନା)



ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ ଅବସରରେ ବାହାରି ଥିବା ପଦଯାତ୍ରା।

ଜିଲାସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ ପକ୍ଷରୁ ଗାନ୍ଧୀଜୟନ୍ତୀ ଅବସରରେ ଶାନ୍ତି ଶୋଭାଯାତ୍ରା ଆୟୋଜିତ ହୋଇଯାଇଛି। ଉକ୍ତ ଶୋଭାଯାତ୍ରାରେ ମ୍ୟୁନିସିପାଲ କଲେଜ, ପାନପୋଷ କ୍ରୀଡ଼ା ଛାତ୍ରାବାସ ତଥା ସରକାରୀ ସ୍ୱୟଂଶାସିତ କଲେଜର ୧୫୦ ଜଣ ଛାତ୍ରୀଛାତ୍ର ଏଥିରେ ଅଂଶ ଗ୍ରହଣ କରିଥିଲେ। ସ୍ଥାନୀୟ ସରକାରୀ ସ୍ୱୟଂଶାସିତ କଲେଜ ସମ୍ମୁଖରୁ ଶୋଭାଯାତ୍ରା ବାହାରି ପାନପୋଷ ଛକଠାରେ ପହଞ୍ଚିଥିଲା। ରାଉରକେଲା ବିଧାୟକ ଶାରଦା ପ୍ରସାଦ ନାୟକ ଏଥିରେ ଯୋଗଦେଇ ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ପାନପୋଷ ଉପଜିଲାପାଳ ବିଜୟ ନାୟକ, ଆର୍‌ଏମ୍‌ସି ଯୁଗ୍ମ ଉପାୟୁକ୍ତ ପଲ୍ଲବୀ ନାୟକ, ଉପାୟୁକ୍ତ ଅନୀତା ନାୟକ, ଉପାୟୁକ୍ତ ତରୁଣକାନ୍ତ, ରାଉରକେଲା ତହସିଲଦାର ନିବେଦିତା ପ୍ରଧାନ, ଡିଆଇପିଆର ଓ ସୀମା ଫାତିମା ଏକ୍କା ପ୍ରମୁଖ ମାଲ୍ୟାର୍ପଣ କରିଥିଲେ। କଳାକାରମାନେ ରଘୁପତି ରାଘବ ରାଜାରାମ ଓ ରାମଧୂନ୍ ଆଦି ପରିବେଷଣ କରିଥିଲେ। ଜିଲାସୂଚନା ଏବଂ ଲୋକ ସମ୍ପର୍କ କାର୍ଯ୍ୟାଳୟର ସୁନନ୍ଦା ଦତ୍ତ, ଉମା ଅହିର, ସୌମ୍ୟ ରଞ୍ଜନ ପରିଡ଼ା, ପ୍ରଦୀପ ମଲ୍ଲିକ ପ୍ରମୁଖ ସହଯୋଗ କରିଥିଲେ। ସେହିପରି ରାଉରକେଲା ମହାନଗରନିଗମ(ଆର୍‌ଏମ୍‌ସି) ପକ୍ଷରୁ ଗାନ୍ଧୀ ଜୟନ୍ତୀ ଏବଂ ସ୍ୱଚ୍ଛଭାରତ ଦିବସ ଅବସରରେ ସ୍ୱଚ୍ଛତା ମାରାଥନ୍ ଆୟୋଜିତ ହୋଇଥିଲା। ଏଥିରେ ବିଧାୟକ ନାୟକ ଯୋଗଦେଇ ଶୁଭାରମ୍ଭ କରିଥିଲେ। ମହିଳା, ପୁରୁଷ ଓ ବରିଷ୍ଠ ନାଗରିକ ବର୍ଗରେ ମୋଟ ୭୩୨ ଜଣ ପ୍ରତିଯୋଗୀ ଅଂଶ ଗ୍ରହଣ କରିଥିଲେ। ସ୍ଥାନୀୟ ଉଦିତନଗର ମିନି ଷ୍ଟାଡ଼ିୟମ୍‌ରୁ ଏହା ବାହାରି ହନୁମାନ ବାଟିକା, ଡିଏଭି ଛକ, ଛେଣ୍ଡ ଛକ, ଅଭିଜ୍ଞାନ ଛକ, ସେସ୍ଵ ଛକ ହୋଇ ପୁଣି ଉଦିତନଗର ଷ୍ଟାଡ଼ିୟମ୍‌ରେ ଶେଷ ହୋଇଥିଲା। ପରେ ୨୯ ଜଣ ସ୍ୱେଚ୍ଛାସାଥୀଙ୍କୁ ମାନପତ୍ର ଏବଂ ଶପଥ ପାଠ କରାଯାଇଥିଲା। ଉପଜିଲାପାଳ ବିଜୟ ନାୟକ ସମେତ ବିଶିଷ୍ଟ ପ୍ରଶାସନିକ ଅଧିକାରୀମାନେ ଉପସ୍ଥିତ ଥିଲେ। ସେହିପରି ଛେଣ୍ଡ ସ୍ଥିତ ଚିନ୍ମୟ ଇଂରାଜୀ ମାଧ୍ୟମ ସ୍କୁଲ ପକ୍ଷରୁ ଗାନ୍ଧୀଜୟନ୍ତୀ ଅବସରରେ ସ୍ୱଚ୍ଛତା ସଚେତନତା ପଥପ୍ରାନ୍ତ ନାଟକ ଅନୁଷ୍ଠିତ ହୋଇଥିଲା। ସ୍କୁଲ ଛକରେ ହୋଇଥିବା ଉକ୍ତ କାର୍ଯ୍ୟକ୍ରମରେ ସ୍କୁଲର ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ ଶିକ୍ଷକ ଉପସ୍ଥିତ ଥିଲେ। ଅନୁରୂପ ଭାବେ ରାଉରକେଲା ଜିଲା କଂଗ୍ରେସ ପକ୍ଷରୁ ମହାତ୍ମାଗାନ୍ଧୀଙ୍କ ଜନ୍ମଜୟନ୍ତୀ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ପ୍ରଭାତ ଫେରି ଏବଂ ଶାନ୍ତି ପଦଯାତ୍ରା ଅନୁଷ୍ଠିତ ହୋଇଥିଲା। ଟିମ୍ବରକଲୋନୀରୁ ମାଲଗୋଦାମ ପର୍ଯ୍ୟନ୍ତ ପଦଯାତ୍ରା ହୋଇଥିଲା। ପାନପୋଷରେ ଥିବା ବାପୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ପରେ ସିଭିଲଟାଉନଶିପ୍‌ରେ ଥିବା ଶାସ୍ତ୍ରୀଜୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଜିଲା ସଭାପତି ରବି ରାୟ, ସାଧାରଣ ସମ୍ପାଦକ ସାବିର ହୁସେନ୍, ଗଣେଶ ପ୍ରଧାନ, ସରୋଜ ଲେଙ୍କା, ଆଶିଷ ମହାନ୍ତି, ପ୍ରବୋଧ ଦାସ, ବିନୋଦ ରାଉତ ସମେତ ଶତାଧିକ କର୍ମୀ ଏଥିରେ ଯୋଗଦେଇଥିଲେ।

# ଏସି ଅଚଳା ଅବସ୍ଥା: ଟ୍ରେନ୍ ଅଟକାଇଲେ ଯାତ୍ରୀ


ରେଳଷ୍ଟେଶନରେ ଯାତ୍ରୀମାନେ ହୋହଲ୍ଲା କରୁଛନ୍ତି।

ରାଉରକେଲା,୨।୧୦(ବିପ୍ଳବ ରଞ୍ଜନ ଦାଶ)

**ରାଉରକେଲା ରେଳ ଷ୍ଟେଶନରେ ହୋହଲ୍ଲା**

ରାଉରକେଲା ରେଳ ଷ୍ଟେଶନରେ ହାଓଡାଠାରୁ ଅହମ୍ମଦାବାଦ ଅଭିମୁଖେ ଯାଉଥିବା ଅହମ୍ମଦାବାଦ ସୁପରଫାଷ୍ଟ ଏକ୍ସପ୍ରେସ୍ ୧୨୮୩୪କୁ ରେଳଯାତ୍ରୀମାନେ ଅଟକାଇ ଦେଇଥିଲା ବେଳେ ଷ୍ଟେଶନ ମଧ୍ୟରେ ପ୍ରବଳ ହୋହାଲ୍ଲା ଦେଖିବାକୁ ମିଳିଥିଲା। ଟ୍ରେନ୍‌ର ବି-୭ ଏସି ବଗିର ଏସି କାମ କରୁ ନ ଥିବାରୁ ହାଓଡାରୁ ଆସିଥିବା ଯାତ୍ରୀମାନେ ରାଉରକେଲା ଷ୍ଟେଶନରେ ଓହ୍ଲାଇ ଟ୍ରେନ୍‌କୁ ଅଟକାଇ ଥିଲେ। ବଗିରେ ଏସି ଚାଲୁ କରିବା ପାଇଁ ସେମାନେ ଦାବି କରିଥିଲେ। ଫଳରେ ଷ୍ଟେଶନରେ ୧ ଘଣ୍ଟା ଧରି ହୋହାଲ୍ଲା ଜାରି ରହିଥିଲା। ଖବର ପାଇ ରାଉରକେଲା ଷ୍ଟେଶନ ପରିଚାଳକ ପ୍ରଭାସ ଦାସ ଓ ଷ୍ଟେଶନ ଏଏସସି ପହଞ୍ଚି ଯାତ୍ରୀଙ୍କୁ ବୁଝାଶୁଝା କରିଥିଲେ। ଏସି ବଗିରେ ଏସି ଅଚଳ ହୋଇ ପଡିବା କ'ଣ ଠିକ ବୋଲି ଯାତ୍ରୀମାନେ ଅଧିକାରୀଙ୍କୁ ପ୍ରଶ୍ନ କରିଥିଲେ। ଯଦି ଏସି କାମ କରୁ ନ ଥିଲା ଟ୍ରେନ ଛାଡିବା ପୂର୍ବରୁ କାହିଁକି ମରାମତି କରାଗଲା ନାହିଁ। ଷ୍ଟେଶନ ବିଦ୍ୟୁତ୍ ବିଭାଗ ପକ୍ଷରୁ ଏସି ଚାଲୁ ନିମନ୍ତେ ପ୍ରୟାସ କରାଯାଇଥିଲା। ଏନେଇ ଷ୍ଟେଶନ ପରିଚାଳକ ପ୍ରଭାସ ଦାସଙ୍କୁ ପଚାରିବାରୁ, ହାଓଡାରୁ ଟ୍ରେନ୍ ଛାଡିବା ପୂର୍ବରୁ ଏସି ସିଷ୍ଟମ ଚେକ୍ ହେବା କଥା ବୋଲି ସେ କହିଥିଲେ।

# ଏନ୍‌ଆଇଟି ପ୍ରଫେସରଙ୍କୁ ଧମକପୂର୍ଣ୍ଣ ଫୋନ୍‌କଲ୍: ଥାନାରେ ମାମଲା

ରାଉରକେଲା,୨।୧୦(ସଙ୍ଗୀତା ଜେନା)

ଜାତୀୟ ପ୍ରଯୁକ୍ତି ପ୍ରତିଷ୍ଠାନ(ଏନ୍‌ଆଇଟି) ରାଉରକେଲାର ଜଣେ ପ୍ରଫେସରଙ୍କୁ ଧମକପୂର୍ଣ୍ଣ ଫୋନ୍‌କଲ୍ ଆସୁଥିବା ଅଭିଯୋଗ ହୋଇଛି। ସେକ୍ଟର-୩ ଥାନାରେ ଏତଲାପରେ ମାମଲା(ନଂ ୧୯୫/୨୪) ରୁଜୁ ହୋଇଛି। ସୂଚନାଯୋଗ୍ୟ, ପ୍ରଫେସର ରାଜୁ ତିଲକୁଟିଙ୍କୁ ଜଣେ ବ୍ୟକ୍ତି ଫୋନ କରି ଧମକ ଦେଉଛି। ଏପରିକି ତାଙ୍କ ଆକାଉଣ୍ଟରୁ ୧୪ ହଜାରରୁ ଊର୍ଦ୍ଧ୍ୱ ଟଙ୍କା ଉଭାନ ହୋଇଯାଇଛି। ଶେଷରେ ପ୍ରଫେସର ଥାନାର ଦ୍ୱାରସ୍ଥ ହୋଥିଲେ। ପୋଲିସ ତଦନ୍ତ କରୁଛି।

# ସିପିସି ପକ୍ଷରୁ ପୂଜା ମୂଲ୍ୟାୟନ, ଫଳାଫଳ ଘୋଷଣା

ରାଉରକେଲା,୨।୧୦(ସଙ୍ଗୀତା ଜେନା)

କେନ୍ଦ୍ରୀୟ ପୂଜା କମିଟି (ସିପିସି)ପକ୍ଷରୁ ୨୦୨୩-୨୪ ବର୍ଷର ଦୁର୍ଗାପୂଜା, କାଳୀପୂଜା ଓ ଲକ୍ଷ୍ମୀପୂଜାର ମୂଲ୍ୟାୟନ ଓ ଫଳାଫଳ ବୁଧବାର ଘୋଷଣା କରାଯାଇଛି। ସେକ୍ଟର-୫ ଆଦର୍ଶପାଠାଗାରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ସିପିସି ସଭାପତି ତଥା ପାନପୋଷ ଉପଜିଲାପାଳ ବିଜୟ ନାୟକ, ଉପସଭାପତି ନାରାୟଣ ମହାନ୍ତି, ସାଧାରଣ ସମ୍ପାଦକ ବିରାଜ ମୋହନ ବିଶ୍ୱାଳ, କୋଷାଧ୍ୟକ୍ଷ ଆଲୋକ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ପ୍ରାରମ୍ଭରେ ପେଣ୍ଡାଲ ମୂଲ୍ୟାୟନ କରାଯାଇଥିଲା। ଏଥିରେ ବିଚାରକ ଭାବେ ଦେବେନ୍ଦ୍ର ମହାରଣା, ଭସ୍କେର ମହାପାତ୍ର, ଟି ଗଣେଶ, ହରିହର ଶତପଥୀ ପ୍ରମଖ ଉପସ୍ଥିତ ଥିଲେ। କାର୍ତ୍ତିକ ଚନ୍ଦ୍ର ଖଣ୍ଡୁଆଳ, ପ୍ରଦୀପ ମହାପାତ୍ର, ପ୍ରିୟବ୍ରତ ଭଞ୍ଜ, ଧର୍ମାନନ୍ଦ ବିଶ୍ୱାଳ ପ୍ରମୁଖ ସହଯୋଗ କରିଥିଲେ। ୨୦୨୩-୨୪ ବର୍ଷରେ ଦୁର୍ଗାପୂଜାର କ୍ଲାସିକାଲ୍ ଷ୍ଟିଲ୍ ଟାଉନଶିପ୍‌ରେ ସେକ୍ଟର-୧୯ ଏ , ବି, ସି ବ୍ଲକ (ପୁରୁଣା) ପ୍ରଥମ, ସେକ୍ଟର--୨୧ ଏ ବ୍ଲକ ନୟାବଜାର ଦ୍ୱିତୀୟ, ସେକ୍ଟର-୨ ୩ୟ ସ୍ଥାନ ଅଧିକାର କରିଛି। ସିଭିଲଟାଉନଶିପ୍‌ରେ ରେଳବାଇକଲୋନୀ ପ୍ରଥମ, ଦାଣ୍ଡିଆପାଲୀ ଦୟାନଗର ଦ୍ୱିତୀୟ ତଥା ହନୁମାନବାଟିକା ଓ ପୁରୁଣା ଷ୍ଟେଶନ ରୋଡ ପୂଜା ତୃତୀୟ ସ୍ଥାନରେ ରହିଛି। ଫର୍ଟିଲାଇଜର ଟାଉନଶିପ୍‌ରେ ତରକେରା କଲୋନୀ ପ୍ରଥମ, ବାଲିଯୋଡ଼ି ଦ୍ୱିତୀୟ ଓ ଆଇଡିଏଲ୍ କଲୋନୀ କମ୍ୟୁନିଟି ସେଣ୍ଟର ୩ୟ ସ୍ଥାନ ଅଧିକାର କରିଛି। ସେହିପରି ଓରିଏଣ୍ଟାଲରେ ଷ୍ଟିଲ୍ ଟାଉନଶିପ୍‌ରେ ସେକ୍ଟର-୧, ସେକ୍ଟର-୨୦ ଏ, ବି ଓ ସି ବ୍ଲକ ତଥା ସେକ୍ଟର-୫ ପ୍ରଥମ,ସେକ୍ଟର-୨୦ ଡି ବ୍ଲକ ଓ ସେକ୍ଟର-୧୬ ଦ୍ୱିତୀୟ,ସେକ୍ଟର-୬ ଏ ବି ସି, ଏଫ୍ ବ୍ଲକ ତୃତୀୟ ସ୍ଥାନ ଅଧିକାର କରିଛି। ଓରିଏଣ୍ଟାଲର ସିଭିଲଟାଉନଶିପ୍ ବର୍ଗରେ ବିଶ୍ରା ରୋଡ ପ୍ରଥମ, ଟ୍ରାଫିକ୍‌ଗେଟ୍ ଦ୍ୱିତୀୟ ଓ ଉଦିତନଗର (ଏମ୍ପ୍ଲୟମେଣ୍ଟ ଏକ୍ସଚେଞ୍ଜ) ତୃତୀୟ ସ୍ଥାନ ହାସଲ କରିଛି। ଫର୍ଟିଲାଇଜରର ପ୍ରଥମ ସ୍ଥାନ ଫର୍ଟିଲାଇଜର ସେକ୍ଟର-୨୨, ଦ୍ୱିତୀୟ ସ୍ଥାନ କ୍ରିଏଟିଭ କ୍ଲବ ଦ୍ୱିତୀୟ ଓ କନଷ୍ଟ୍ରକ୍ସନ କଲୋନୀ ୩ୟ ସ୍ଥାନରେ ରହିଛି। ସେହିପରି ଲକ୍ଷ୍ମୀପୂଜାରେ ଷ୍ଟିଲ ଟାଉନଶିପ୍‌ରେ ସେକ୍ଟର-୧୭ ଲକ୍ଷ୍ମୀ ମାର୍କେଟ, ସିଭିଲଟାଉନଶିପ୍ କେଶରୀନଗର ଏବଂ ଫର୍ଟିଲାଇଜର ଟାଉନଶିପ୍ ୩ଟି ପେଣ୍ଡାଲ ମଧ୍ୟରେ ନାରାୟଣୀ ମାର୍କେଟ, ତାରାପୁର ଲକ୍ଷ୍ମୀ ମାର୍କେଟ ଓ ମଡର୍ଣ୍ଣ ଇଣ୍ଡିଆ ପ୍ରଥମ ସ୍ଥାନ ଅଧିକାର କରିଛି। ଦ୍ୱିତୀୟ ସ୍ଥାନରେ ସେକ୍ଟର-୨ ଏନ୍‌ଏସି ମାର୍କେଟ ଓ କୋଏଲନଗର ଏନ୍‌ଏସି ମାର୍କେଟ, ସିଭିଲ ଟାଉନଶିପ୍‌ରେ ଏସ୍‌ଟିଆଇ ଛକ ଗ୍ରେଟ୍ ଇଣ୍ଡିଆ ଓ ବନ୍ଧମୁଣ୍ଡା ଡିଜେଲ କଲୋନୀ ଏବଂ ଫର୍ଟିଲାଇଜର ଟାଉନସିପ୍ ନାରାୟଣୀ ମାର୍କେଟ ନିୟୁ ବି ଫର୍ଟିଲାଇଜର ଇ ବ୍ଲକ ପୁରସ୍କାର ଲାଭ କରିଛି। ଲକ୍ଷ୍ମୀପୂଜାର ତୃତୀୟ ସ୍ଥାନରେ ଷ୍ଟିଲ୍ ଟାଉନ୍‌ଶିପ୍ ସେକ୍ଟର-୬ ଦଶ କ୍ୱାର୍ଟର, କୋଏଲନଗର ଏବି ଛକ ଓ ସେକ୍ଟର-୪ (ପୁରୁଣା)ରେ ରହିଛି। ଅନୁରୂପ ଭାବେ କାଳୀପୂଜାରେ ଷ୍ଟିଲ ଟାଉନଶିପ୍‌ର ସେକ୍ଟର-୧ ସିଟି ମାର୍କେଟ, ସିଭିଲଟାଉନଶିପ୍ ବନ୍ଧମୁଣ୍ଡା ସେକ୍ଟର ବିର ନାଇନ୍ ଷ୍ଟାର୍ କ୍ଲବ ଏବଂ ଫର୍ଟିଲାଇଜର ଟାଉନସିପ୍ ଜଲଦା ଉପର ବାଲିଯୋଡ଼ି ପେଣ୍ଡାଲ ପ୍ରଥମସ୍ଥାନ ଅଧିକାର କରିଛି। ଦ୍ୱିତୀୟ ସ୍ଥାନରେ ଷ୍ଟିଲ୍ ଟାଉନଶିପ୍‌ର ସେକ୍ଟର-୬ ଏଚ୍ ବ୍ଲକ, କମ୍ୟୁନିଟି ସେଣ୍ଟର ସିଭିଲଟାଉନଶିପ୍‌ରେ ବନ୍ଧମୁଣ୍ଡା ସେକ୍ଟର ସି ଓ ବିରଜାପାଲି ଏବଂ ଫର୍ଟିଲାଇଜର ଗାନ୍ଧି ମାର୍କେଟ ଯୋଗ୍ୟ ବିବେଚିତ ହୋଇଛନ୍ତି। ସେକ୍ଟର-୧୯ ଇସ୍ପାତ ମାର୍କେଟ, ସିଭିଲଟାଉନଶିପ୍‌ର ଡେଲି ମାର୍କେଟ ତଥା ଫର୍ଟିଲାଇଜରର ପାତ୍ରାଟୋଲି (ପୁରୁଣା) ତୃତୀୟ ସ୍ଥାନ ଅଧିକାର କରିଛି। ସମସ୍ତ ବିଜେତାଙ୍କୁ ସିପିସି ନାଇଟ୍‌ରେ ପୁରସ୍କୃତ କରାଯିବ।

# ନେହେରୁ ଯୁବକେନ୍ଦ୍ର ପକ୍ଷରୁ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ



ସ୍ୱେଚ୍ଛାସେବୀମାନେ ସଫେଇ କରୁଛନ୍ତି।

ରାଉରକେଲା,୨।୧୦(ବିପ୍ଳବ ରଞ୍ଜନ ଦାଶ)

ନେହେରୁ ଯୁବକେନ୍ଦ୍ର ଆନୁକୂଲ୍ୟରେ ବେଦବ୍ୟାସ ସଂସ୍କୃତ କଲେଜରେ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ଡ. ଉମାକାନ୍ତ ପଣ୍ଡା ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ନେହେରୁ ଯୁବକେନ୍ଦ୍ର ପ୍ରତିନିଧି ଡ. ଅମୂଲ୍ୟ କୁମାର ଜେନାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। କାର୍ଯ୍ୟକ୍ରମରେ ଅନ୍ୟ ଅତିଥିଙ୍କ ମଧ୍ୟରେ କଲେଜ ଅଧ୍ୟାପିକା, ଅଧ୍ୟାପକ ଡ. ପରମେଶ୍ୱର ଶତପଥୀ, ଜ୍ୟୋସ୍ନାରାଣୀ ଦାସ ଏବଂ ଚନ୍ଦ୍ରଧ୍ୱଜ ମାଝୀ ପ୍ରମୁଖ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ସ୍ୱଚ୍ଛତା ବିଷୟରେ ମାର୍ଗଦର୍ଶନ ପ୍ରଦାନ କରିଥିଲେ। ଏହାପରେ ନେହେରୁ ଯୁବକେନ୍ଦ୍ର ତରଫରୁ ସମସ୍ତ ସ୍ୱେଚ୍ଛାସେବୀଙ୍କୁ ଗୋଟିଏ ଲେଖାଏଁ ଡାଏରୀ, କଲମ ଏବଂ ଧଳା ଟୋପି ପ୍ରଦାନ କରାଯାଇଥିଲା। ଏଥିସହ ୨୬ ଜଣ ସ୍ୱେଚ୍ଛାସେବୀଙ୍କୁ ମୋ ଭାରତ ପୋର୍ଟାଲରେ ପଞ୍ଜୀକୃତ କରିବା ପାଇଁ ପ୍ରବର୍ତ୍ତାଯାଇଥିଲା। ଏହାପରେ ସମସ୍ତେ ମିଶି କଲେଜଠାରୁ ଆରମ୍ଭକରି ସମସ୍ତ ରାସ୍ତାଘାଟ,ବସ୍ତି ସଫା କରିଥିଲେ। ଶେଷରେ ଅଧ୍ୟାପିକା ଶ୍ୟାମମାଳା ଦାସ ଧନ୍ୟବାଦ ଜ୍ଞାପନ କରିଥିଲେ।

# ଗାନ୍ଧୀ ଜୟନ୍ତୀ ଅବସରରେ ବୃକ୍ଷରୋପଣ କାର୍ଯ୍ୟକ୍ରମ

ରାଉରକେଲା,୨।୧୦(ସଙ୍ଗୀତା ଜେନା)

ଗାନ୍ଧୀ ଜୟନ୍ତୀ ଅବସରରେ ସତ୍ୟସାଇ ବିଦ୍ୟା ବିକାଶ ଟ୍ରଷ୍ଟ, କ୍ୟାରିଅର ପଏଣ୍ଟ ଓ ନାଗରିକ ସମିତିର ମିଳିତ ଆନୁକୂଲ୍ୟରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ନାଗରିକ ସମିତିର ସାଧାରଣ ସମ୍ପାଦକ ସୁରେନ୍ଦ୍ର ଦାଶଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟ ଅତିଥିଭାବେ ରାଉରକେଲା ପ୍ରେସ୍ କ୍ଲବର ସାଧାରଣ ସମ୍ପାଦକ ଅରବିନ୍ଦ ଦାସ ଯୋଗଦେଇ ଗାନ୍ଧୀଙ୍କ ଅହିଂସା ଆନ୍ଦୋଳନ ସାଙ୍ଗକୁ ସମଗ୍ର ବିଶ୍ୱର ମଙ୍ଗଳ ପାଇଁ ସବୁ କ୍ଷେତ୍ରରେ ଜନଗଣଙ୍କ ଦାୟିତ୍ୱ ପ୍ରତି ବହୁତ ସଚେତନ ଥିଲେ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ କ୍ୟାରିଅର ପଏଣ୍ଟର ଡାଇରେକ୍ଟର ସଲିଳ କୁମାର ପରିଡା କାର୍ଯ୍ୟକ୍ରମର ତାତ୍ପର୍ଯ୍ୟ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିବା ସହ ସମସ୍ତଙ୍କ ସହଯୋଗ ପାଇଁ ଧନ୍ୟବାଦ ଜଣାଇଥିଲେ। କୋଏଲ ନଗର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସୀମାଶ୍ରୀ ମିଶ୍ର ଓ ଶିକ୍ଷକ ଦୀନବନ୍ଧୁ କାମିଲା ପ୍ରମୁଖ ଗାନ୍ଧୀଙ୍କ ଦେଶ ପାଇଁ ତ୍ୟାଗ ଓ ବଳିଦାନର ଗୌରବ ଗାଥା ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ ମୋନାଲିସା ସାହୁ ଓ ଲୀଳା ପାଣି। ସଭା ଶେଷ ପରେ ସମସ୍ତ ଅତିଥି ଓ ଅନୁଷ୍ଠାନର ଛାତ୍ରୀଛାତ୍ର ବାହାଡ଼ା, ହରିଡ଼ା, ଅର୍ଜୁନ, କଇଥ ଆଦି ନାନା ପ୍ରକାରର ଚାରା ରୋପଣ କରିଥିଲେ। ସମସ୍ତ କାର୍ଯ୍ୟକୁ ସଫଳ କରିବା ପାଇଁ ରାଜୀବ ବସନ୍ତ ରାୟ ସକ୍ରୀୟ ସହଯୋଗ କରିଥିବା ବେଳେ କାର୍ଯ୍ୟକ୍ରମ ଶେଷରେ ସମସ୍ତଙ୍କୁ ପ୍ରମୋଦ କୁମାର ପରିଡା, ଚରଣ ସିଂହ ସାନ୍ଧୁ, ସରୋଜ ସାହୁ , ପ୍ରିୟା ଚୌଧୁରୀ, ବିଶାଲ ଗୁପ୍ତା, ଅମିତ କୁମାର, ସୌମ୍ୟା ସିହ୍ନା, ରାଜୁ ସାହୁ, ସାଲଖାନ ଟୁଡୁ ପ୍ରମୁଖ ସହଯୋଗ କରିଥିଲେ ।

# ବୟୋଜ୍ୟେଷ୍ଠଙ୍କ ମାର୍ଗଦର୍ଶନରେ ଅନୁପ୍ରାଣିତ ହୁଅ




ରାଉରକେଲା,୨।୧୦(ବିପ୍ଳବ ରଞ୍ଜନ ଦାଶ)

ରାଉରକେଲାର କୋଏଲନଗର ସ୍ଥିତ ଅବସରପ୍ରାପ୍ତ ଇସ୍ପାତ କାରଖାନାର ଅବସର ପ୍ରାପ୍ତ ଭବନ ପରିସରରେ ବିଶ୍ୱ ବୟୋଜ୍ୟେଷ୍ଠ ଦିବସ ପାଳିତ ହୋଇଯାଇଛି। ଇସ୍ପାତ ଅବସରପ୍ରାପ୍ତ କର୍ମଚାରୀ ସଂଘର ଆନୁକୂଲ୍ୟରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ସଂଘ ସଭାପତି ଇଂ. ଅଭୟ କୁମାର ଦାସ ସଭାପତିତ୍ୱ କରିଥିବା ବେଳେ ସାଧାରଣ ସମ୍ପାଦକ ପ୍ରେମାନନ୍ଦ ସାମଲଙ୍କ ଆବାହକତ୍ୱ ଓ ରାଧାମୋହନ ନାୟକଙ୍କ ସଂଯୋଜନାରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। ମୁଖ୍ୟ ଅତିଥିଭାବେ ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକ ଏବଂ ସ୍ୱତନ୍ତ୍ର ଅତିଥିଭାବେ ଇସ୍ପାତ ଜେନେରାଲ ହସ୍ପିଟାଲର ଅଧ୍ୟକ୍ଷ ଡ. ଜୟନ୍ତ କୁମାର ଆଚାର୍ଯ୍ୟ ଯୋଗଦେଇଥିଲେ। ହେଲ୍ପ ଏଜ୍ ଇଣ୍ଡିଆର ପ୍ରତିନିଧି ଭାବେ ଦେବଶ୍ରୀ ବ୍ରହ୍ମା ଯୋଗଦେଇଥିଲେ। ବୟୋଜ୍ୟେଷ୍ଠମାନେ ଭଲମନ୍ଦ ବିଚାର କରିବାର ବିଶେଷଜ୍ଞ। ତାଙ୍କ ମାଗଦର୍ଶନରେ କାର୍ଯ୍ୟକଲେ ସଫଳ ମଣିଷ ହେବା ନିଶ୍ଚିତ ବୋଲି ଅତିଥିମାନେ କହିଥିଲେ। ତେଣୁ ବୟୋଜ୍ୟେଷ୍ଠଙ୍କୁ ସମ୍ମାନ ଜଣାଇବା ସହ ସେମାନଙ୍କ ନିର୍ଦ୍ଦେଶିତ ମାର୍ଗରେ ଚାଲିଲେ ଜୀବନରେ ବିପଦ ଆସିବ ନାହିଁ ବୋଲି ସେମାନେ କହିଥିଲେ। ପରେ ଅତିଥିମାନେ ସ୍ଥାନୀୟ ଅବସର ଭବନ ପରିସରରେ ଥିବା ଭୈତିକ ଚିକିତ୍ସା କେନ୍ଦ୍ରକୁ ଉଦ୍‌ଘାଟନ କରିଥିଲେ। ୧୯୪୧ ମସିହାରେ ଜନ୍ମଗ୍ରହଣ କରିଥିବା ପ୍ରାୟ ୨୯ଜଣ ବୟୋଜ୍ୟେଷ୍ଠଙ୍କୁ ସମ୍ମାନିତ ଏବଂ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମ ଆୟେଜନରେ ଅଶୋକ ବଳ, ଅଭୟ ଦାସ, ସହ ସମ୍ପାଦକ ପ୍ରେମାନନ୍ଦ ସାଗର ଓ ସଂଘର ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ। ଅରବିନ୍ଦ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ସ୍ନେହୀ ସମାଜ ପକ୍ଷରୁ ଗାନ୍ଧୀ ଜୟନ୍ତୀ ପାଳିତ

ରାଉରକେଲା,୨।୧୦(ବିପ୍ଳବ ରଞ୍ଜନ ଦାଶ)

ସ୍ନେହୀ ସମାଜ ପକ୍ଷରୁ ଗାନ୍ଧୀ ଜୟନ୍ତୀ ଏବଂ ୫ତମ ଫାଉଣ୍ଡେଶନ ଡେ ସେକ୍ଟର-୪ ସ୍ଥିତ ଭଞ୍ଜଭବନ ପ୍ରେକ୍ଷାଳୟରେ ପାଳିତ ହୋଇଯାଇଛି। ଏହି ଅବସରରେ ସକାଳ ୧୦ଟାରୁ ସାଂସ୍କୃତିକ କାର୍ଯ୍ୟକ୍ରମରେ ଦେଶାତ୍ମବୋଧକ ଓ ଭଜନ ସଙ୍ଗୀତ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିବା ବେଳେ କାର୍ଯ୍ୟକ୍ରମ ରାତି ୧୦ଟା ପର୍ଯ୍ୟନ୍ତ ଜାରି ରହିଥିଲା। ମୁଖ୍ୟ ଅତିଥିଭାବେ ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକ ଯୋଗଦେଇ ଗାନ୍ଧୀ ଜୟନ୍ତୀ ଅବସରରେ ଶାନ୍ତି ବଜାୟ ପାଇଁ ସମସ୍ତଙ୍କୁ ଆହ୍ୱାନ କରିଥିଲେ। ସ୍ନେହୀ ସମାଜର ସଭାପତି ମୋହନ ପ୍ରସାଦ ସାହୁ, ଉପସଭାପତି ବିଜୟ କୁମାର ସାହୁଙ୍କ ସମେତ ଫାଉଣ୍ଡେଶନର ସମସ୍ତ କର୍ମକର୍ତ୍ତା ସାମିଲ ଥିଲେ। ସମାଜର ସଭାପତି ମୋହନ ପ୍ରସାଦ ସାହୁ ସ୍ୱାଗତ ଭାଷଣ ଦେଇଥିବା ବେଳେ ସମ୍ପାଦକ ଗୌତମ ସାହୁ ସମାଜର ବାର୍ଷିକ ବିବରଣୀ ପାଠ କରିଥିଲେ।

# ଆର୍‌ଏସପି ପକ୍ଷରୁ ଗାନ୍ଧୀ ଜୟନ୍ତୀ


ଉତ୍ସବରେ ଅତନୁ ଭୈମିକ ଓ ଅନ୍ୟ ବରିଷ୍ଠ ଅଧିକାରୀ ସମ୍ମିଳିତ ଅଛନ୍ତି।

ରାଉରକେଲା,୨।୧୦(ବିପ୍ଳବ ରଞ୍ଜନ ଦାଶ)

ସ୍ଥାନୀୟ ସିଭିକ ସେଣ୍ଟରଠାରେ ଆରଏସପି ପକ୍ଷରୁ ଗାନ୍ଧୀ ଜୟନ୍ତୀ ପାଳିତ ହୋଇଯାଇଛି। ସହରର ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇ ଗାନ୍ଧିଜୀଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ଆରଏସପି ଭାରପ୍ରାପ୍ତ ନିର୍ଦ୍ଦେଶକ ଅତନୁ ଭୈମିକ, କାର୍ମିକ ଓ ପ୍ରଶାସନ ତଥା ପ୍ରକଳ୍ପ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ତରୁଣ ମିଶ୍ର, ଖଣି ଓ କାର୍ଯ୍ୟ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଆଲୋକ ବର୍ମା, ବିତ ଓ ଲେଖା ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଏ.କେ ବେହୁରିଆ, ସାମଗ୍ରୀ ପରିଚାଳନା ବିଭାଗ ସିଜିଏମ ଇନଚାର୍ଜ ଅନିଲ କୁମାର, ଚିକିତ୍ସା ଓ ସ୍ୱାସ୍ଥ୍ୟସେବା ବିଭାଗର ସିଏମଓ ଇନଚାର୍ଜ ଡ. ଜେ.କେ ଆଚାର୍ଯ୍ୟ ତଥା ଆରଏସପିର ବହୁ ଅନ୍ୟ ବରିଷ୍ଠ ଅଧିକାରୀଙ୍କ ସହିତ ସହରର ବହୁ ବିଶିଷ୍ଟ ବ୍ୟକ୍ତି ଏବଂ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ସହରର ସୁ ପରିଚିତ କଣ୍ଠଶିଳ୍ପୀ ଆଶାଲତା ଷଡଙ୍ଗୀ ଓ ସିଂହାରୀ କଳା ନିକେତନର କଳାକାରଙ୍କ ଦ୍ୱାରା ମାହାତ୍ମା ଗାନ୍ଧିଙ୍କ ପ୍ରିୟ ଭଜନ ବୈଷ୍ଣବ ଜନତୋ ସଙ୍ଗୀତ ପରିବେଷଣ ସହିତ ସମାରୋହ ଆରମ୍ଭ ହୋଇଥିଲା। ଏଥି ସହିତ ଗାନ୍ଧୀ ଜୟନ୍ତୀ ପାଳନ ଉତ୍ସବରେ ଅନ୍ୟ ଏକ ଆକର୍ଷଣ ସାଜିଥିଲା ସର୍ବଧର୍ମ ସଦ୍‌ଭାବନା ସଭା। ଗାନ୍ଧିଜୀଙ୍କ ଜୀବନ ଆଦର୍ଶ ଉପରେ କଲ୍ୟାଣୀ କଳା ପରିଷଦ ତରଫରୁ ଏକ ନୃତ୍ୟ ନାଟିକା ପ୍ରଦର୍ଶିତ ହୋଇଥିଲା। ସିଲିକନ ଷ୍ଟିଲ ମିଲ ବିଭାଗର ଏମଓଏମଟି ଅନୀଲ ମଲ୍ଲିକ ଉତ୍ସବକୁ ସଂଯୋଜନା କରିଥିଲେ। ଏହାପୂର୍ବରୁ ଆରଏସପି ଭାରପ୍ରାପ୍ତ ନିର୍ଦ୍ଦେଶକ ଅତନୁ ଭୈମିକ ଓ ଅନ୍ୟ ବରିଷ୍ଠ ଅଧିକାରୀମାନେ ଗାନ୍ଧୀ ଉଦ୍ୟାନରେ ସ୍ଥାପିତ ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ।

# ସ୍ୱର୍ଣ୍ଣ ଜୟନ୍ତୀ ପାଳନ କରିବ ଡି' ବ୍ଲକ ଦୁର୍ଗାପୂଜା କମିଟି



ରାଉରକେଲା,୨।୧୦(ସଙ୍ଗୀତା ଜେନା)

ଦୁର୍ଗାପୂଜା ପାଇଁ ସଜେଇ ହେଉଛି ଇସ୍ପାତ ସହର ରାଉରକେଲା। ସହରରେ କେନ୍ଦ୍ରୀୟ ପୂଜା କମିଟି ପକ୍ଷରୁ ୧୦୬ଟି ସ୍ଥାନରେ ଦୁର୍ଗାପୂଜା ଆୟୋଜନ ହେଉଛି। ଚଳିତ ବର୍ଷ ସେକ୍ଟର-୨୦ ଡିବ୍ଲକ ଦୁର୍ଗାପୂଜା କମିଟି ସ୍ୱର୍ଣ୍ଣଜୟନ୍ତୀ ପାଳନ କରିବାକୁ ଯାଉଛି। ପୂଜାକୁ ସ୍ମରଣୀୟ କରିବା ପାଇଁ କମିଟି ପକ୍ଷରୁ ଜୋରଦାର ପ୍ରୟାସ କରାଯାଉଛି। ରାଜସ୍ଥାନର ଜୟପୁର ସ୍ଥିତ ଅଲବର୍ଟ ହଲ୍ ମ୍ୟୁଜିୟମ୍‌ର ରୂପରେଖରେ ଭବ୍ୟ ତୋରଣ ନିର୍ମାଣ କରାଯାଉଛି। ୮୦ ଫୁଟ ଉଚ୍ଚତା ଏବଂ ୧୦୦ ଫୁଟ୍ ଚଉଡ଼ା ତୋରଣ କରାଯାଉଛି। ଓରିଏଣ୍ଟାଲ ମୂର୍ତ୍ତିର ଉଚ୍ଚତା ୧୬ ଫୁଟ୍ ରହିଛି। ମୃଣ୍ମୟୀ ପ୍ରତିମାକୁ ଯାଜପୁରର ମୂର୍ତ୍ତିକାର ପରୀକ୍ଷିତ ସାହୁ ନିର୍ମାଣ କରୁଛନ୍ତି।

**ଏମାନେ ଯାହା କୁହନ୍ତି...**



"ଚଳିତ ବର୍ଷ ପୂଜାକୁ ୫୦ବର୍ଷ ପୂର୍ତ୍ତି ହୋଇଛି। ଏହାକୁ ସରସ,ସୁନ୍ଦର କରିବା ପାଇଁ କମିଟି ସଦସ୍ୟମାନେ ପ୍ରୟାସ ଜାରି ରଖିଛନ୍ତି। ପ୍ରଥମେ କିଛି ସଦସ୍ୟ ଏହି ପୂଜା ଆରମ୍ଭ କରିଥିଲେ। ପରେ ତାହା ମହାଦ୍ରୁମରେ ପରିଣତ ହୋଇଛି। ସ୍ୱର୍ଣ୍ଣଜୟନ୍ତୀ ପାଳନ ଯୋଗୁ ଅତିରିକ୍ତ ୨ ଦିନ ପୂଜା ଆୟୋଜନ ହେବ। ଏହାକୁ ଭକ୍ତମାନେ ଉପଭୋଗ କରି ପାରିବେ। ମେଳା ଉତ୍ସବ ଓ ମନୋରଞ୍ଜନର ବ୍ୟବସ୍ଥା କରାଯାଉଛି।

-ମନୋଜ ଘଡେଇ, ସଭାପତି



"ନବରାତ୍ର ସପ୍ତମୀରେ ମହିଳାଙ୍କ ଦ୍ୱାରା ଭବ୍ୟ କଳସ ଶୋଭାଯାତ୍ରା ବାହାରିବ। ବିଜୟଦଶମୀ ଦିନ ମହିଳାଙ୍କ ଦ୍ୱାରା ଦାଣ୍ଡିଆ ନୃତ୍ୟ ଆକର୍ଷଣ ରହିବ। କମିଟିର ସଦସ୍ୟମାନଙ୍କ ସମେତ ବହୁ ନୂତନ ସଦସ୍ୟମାନେ ମଧ୍ୟ ଏଥିରେ ସହଯୋଗ କରୁଛନ୍ତି। ଶାନ୍ତିଶୃଙ୍ଖଳା ପାଇଁ ସେକ୍ଟର-୧୯ ଥାନା ପୋଲିସ ଏବଂ ସିପିସି ଦ୍ୱାରା ପ୍ରଦତ୍ତ ନିୟମ ଅନୁସରଣ କରାଯିବ। ସିସିଟିଭି ଆଦିର ମଧ୍ୟ ବ୍ୟବସ୍ଥା ରହିଛି।

-ଚନ୍ଦ୍ରଶେଖର ପଣ୍ଡା, ସାଧାରଣ ସମ୍ପାଦକ

## ସଂକ୍ଷେପରେ

### କଲେଜରେ ସ୍ୱଚ୍ଛତା ହିଁ ସେବା, ଗାନ୍ଧୀ ଜୟନ୍ତୀ

କୁଚିଣ୍ଡା,୨।୧୦(ବିରଞ୍ଚି ଦର୍ଚ୍ଚା)

ସମ୍ବଲପୁର ଜିଲା ବାମରା ବ୍ଲକ ଅନ୍ତର୍ଗତ କେଶାଇବାହାଲ ବାସୁଦେବ ଗୋଦାବରୀ ଡ଼ିଗ୍ରୀ କଲେଜରେ ବୁଧବାର ସ୍ୱଚ୍ଛତା ହିଁ ସେବା ଏବଂ ଗାନ୍ଧି ଓ ଶାସ୍ତ୍ରୀ ଜୟନ୍ତୀ ପାଳିତ ହୋଇଯାଇଛି। କଲେଜର ଜାତୀୟ ସେବା ଯୋଜନା ଆନୁକୂଲ୍ୟରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ଅଧକ୍ଷ ଦୟାସାଗର ପ୍ରଧାନ ସଭାପତିତ୍ୱ କରିଥିଲେ। ଏହି ଅବସରରେ କଲେଜ ଛାତ୍ରୀଛାତ୍ରଙ୍କୁ ନେଇ ଏକ ପରିବେଶ ସଚେତନତା ଶୋଭାଯାତ୍ରା ଗ୍ରାମ ପରିକ୍ରମା କରିଥିଲା। ପରେ ସ୍ୱେଚ୍ଛାସେବୀମାନେ କେଶାଇବାହଲ ଗ୍ରାମର ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣ ଓ ବସଷ୍ଟାଣ୍ଡ ଆଦି ସଫେଇ କରିଥଲେ। ସେହିପରି କଲେଜ ପରିସରରେ ଗାନ୍ଧି ଓ ଶାସ୍ତ୍ରୀ ଜୟନ୍ତୀ ପାଳନ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଜାତୀୟ ସେବା ଯୋଜନାର ସଂଯୋଜକ ଅଧାପକ ବିନୋଦ ବିହାରୀ ପୃଷେଠ ପରିଚାଳନା କରି ସଂସ୍କାର ଓ ସ୍ୱଚ୍ଛତା ବିଷୟରେ ଆଲୋଚନା କରିଥିଲେ। କଲେଜ ଅଧକ୍ଷ ଦୟାସାଗର ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଅନ୍ୟତମ ଅତିଥି ଭାବରେ ଭାରତ ସ୍ୱାଭିମାନ ଟ୍ରଷ୍ଟର ସଦସ୍ୟ ମଧୁସୂଦନ ପ୍ରଧାନ ଯୋଗଦେଇ ସମୟାନୁବର୍ତ୍ତିତା, କାର୍ଯ୍ୟଦକ୍ଷତା ହାସଲ କରିବା ପାଇଁ ପରାମର୍ଶ ଦେଇଥିଲେ। ଶେଷରେ କମ୍ପ୍ୟୁଟର ବିଜ୍ଞାନ ବିଭାଗ ଅଧକ୍ଷ ମିଲନ ପଟେଲ ଜୀବନରେ ସ୍ୱଚ୍ଛତା ଅବଲମ୍ବନ କରିବାକୁ ପରାମର୍ଶ ଦେଇ ଧନ୍ୟବାଦ ଅର୍ପଣ କରିଥିଲେ।

### ଗାନ୍ଧୀଙ୍କ ବିଚାର ମନୋବଳକୁ ଦୃଢ଼କରେ

ସମ୍ବଲପୁର,୨।୧୦(ଭବାନୀ ଶଙ୍କର ଭୋଇ)

କୁଲୁଥକାନୀ ନାଗରିକ କମିଟି ତରଫରୁ ବୁଧବାର କମିଟି କାର୍ଯ୍ୟାଳୟଠାରେ ଏହାର ନବମବାର୍ଷିକ ଉତ୍ସବପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବରେ ପୂର୍ଣଚନ୍ଦ୍ର ପୁରୋହିତ ଓ ସମ୍ମାନିତ ଅତିଥି ଭାବରେ ଶିକ୍ଷାବିତ୍ ଉଦିତଚନ୍ଦ୍ର ପାଟଯୋଷୀ ଓ ବରିଷ୍ଠ ନାଗରିକ କାର୍ତ୍ତିକେଶ୍ୱର ମେହେର ଯୋଗଦାନ କରିଥିଲେ। ରାଜେନ୍ଦ୍ର ପଙ୍କାଙ୍କ ସଭାପତିତ୍ୱରେ ଆୟୋଜିତ ପ୍ରତିଷ୍ଠା ଦିବସ କାର୍ଯ୍ୟକ୍ରମରେ ଗାନ୍ଧୀ ଓ ଶାସ୍ତ୍ରୀଙ୍କ ପ୍ରତିଛବିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ନାଗରିକ କମିଟିର ସମ୍ପାଦକ ଅରବିନ୍ଦ ନାୟକ ବାର୍ଷିକ ବିବରଣୀ ପ୍ରଦାନ କରିଥିଲେ। ବର୍ତ୍ତମାନ ପରିସ୍ଥିତିରେ ଯୁବପୀଢ଼ି ଗାନ୍ଧୀଙ୍କ ବିଚାର ଧାରା ଗ୍ରହଣ କଲେ ମନୋବଳକୁ ଦୃଢ଼ କରିବାରେ ସଫଳତା ମିଳିବ ବୋଲି ମୁଖ୍ୟ ଅତିଥି ଭାବରେ ପୂର୍ଣଚନ୍ଦ୍ର ପୁରୋହିତ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରବି ପଣ୍ଡା, ଇନ୍ଦ୍ରମଣି ଦାସ, ଦୁଃଖିଶ୍ୟାମ ନାୟକ, ରୁଦ୍ରଦେବ ପ୍ରଧାନ, ମଳୟ ପଟେଲ ଓ ଅରୁପ ସିଂହଦେଓ ପ୍ରମୁଖ ଯୋଗଦାନ କରିଥିଲେ।

# ଅବହେଳିତ ଗୁଲୁଣ୍ଡାର ଗାନ୍ଧୀ ମନ୍ଦିର

## ଛାତ ଭାଙ୍ଗି ପାଣି ଗଳୁଛି

ସମ୍ବଲପୁର,୨।୧୦(ବି.ଶଙ୍କର)


ସମ୍ବଲପୁର ଜିଲା ଗୁଲୁଣ୍ଡାର ଗାନ୍ଧୀ ମନ୍ଦିର ଛାତରୁ ସିମେଣ୍ଟ ଖଣ୍ଡ ଖସିପଡିଛି।

ସମ୍ବଲପୁର ଜିଲା ମାନେଶ୍ୱର ବ୍ଲକ ଅନ୍ତର୍ଗତ ଗୁଲୁଣ୍ଡା ଗ୍ରାମରେ ରହିଛି ଗାନ୍ଧୀ ମନ୍ଦିର। ସମ୍ବଲପୁର ସହରଠାରୁ ଏହାର ଦୂରତା ପ୍ରାୟ ୧୪କିମି। ସମ୍ବଲପୁର ସହର ପୁଟିବନ୍ଧସ୍ଥିତ ଏକ ଆଶ୍ରମରେ ଜଗତରାମ ବାବାଜୀ ନାମକ ଜନୈକ ସଙ୍ଗଠକ ବସବାସ କରୁଥିଲେ। ସେ ମହାତ୍ମା ଗାନ୍ଧୀଙ୍କ ନୀତି ଓ ଆଦର୍ଶରେ ଅନୁପ୍ରାଣିତ ଥିଲେ। ତେଣୁ ସେ ୧୯୭୦ରେ ଗୁଲୁଣ୍ଡା ଗ୍ରାମରେ ଗାନ୍ଧୀ ମନ୍ଦିର ନିର୍ମାଣ କରିବାକୁ ସଂକଳ୍ପ ନେଇଥିଲେ। ପରବର୍ତ୍ତୀ ସମୟରେ ଗ୍ରାମବାସୀଙ୍କ ସହାୟତାରେ ଗାନ୍ଧୀଙ୍କ ମନ୍ଦିର ନିର୍ମାଣ ହୋଇଥିଲା। ସେହିଦିନଠାରୁ ପରମ୍ପରା ଅନୁସାରେ ଗ୍ରାମବାସୀ ଗାନ୍ଧୀଙ୍କ ନୀତିରେ ଅନୁପ୍ରାଣିତ ହୋଇ ପୂଜାର୍ଚ୍ଚନା କରି ଆସୁଛନ୍ତି। ଅକ୍ଟୋବର ୨, ଜାନୁଆରୀ ୨୬, ଅଗଷ୍ଟ ୧୫ ସହ ଜାନୁଆରୀ ୩୦ରେ ମହାତ୍ମା ଗାନ୍ଧୀ ପୂଜାର୍ଚ୍ଚନା ନିରାଡ଼ମ୍ବର ଭାବେ ପାଳନ ହୋଇଥାଏ। ଏହି ଦିନଗୁଡ଼ିକରେ ସମ୍ବଲପୁର ଜିଲା ପ୍ରଶାସନର ଅଧିକାରୀ, ବିଭିନ୍ନ ରାଜନୈତିକ ଦଳର ବ୍ୟକ୍ତିବିଶେଷ ଆସି ଜାତିରଜନକ ମହାତ୍ମା ଗାନ୍ଧୀଙ୍କୁ ପ୍ରଣିପାତ କରିବା ସହ ମାଲ୍ୟାର୍ପଣ କରିଥାନ୍ତି। କିନ୍ତୁ ପରିତାପର ବିଷୟ ବର୍ଷ ସାରା କାହାରି ଦେଖା ମିଳି ନ ଥାଏ। ସମ୍ପ୍ରତି ବାପୁଜୀଙ୍କ ମନ୍ଦିର ବିପଦସଂକୁଳ ଅବସ୍ଥାରେ ରହିଛି। ମନ୍ଦିରର ବିଭିନ୍ନ ସ୍ଥାନର ଛାତରୁ ସିମେଣ୍ଟ ଖସି ଯାଉଛି। କେବଳ ଲୁହା ରଡ ଦେଖାଯାଉଛି। କେଉଁ ମୁହୂର୍ତ୍ତରେ ସମ୍ପୂର୍ଣ୍ଣ ଛାତ ଖସିଯିବ, ତାହା କହିହେବ ନାହିଁ। ଏନେଇ କାହାରି ଆନ୍ତରିକତା ନାହିଁ ବୋଲି ଗ୍ରାମବାସୀ କହିଛନ୍ତି। ଗ୍ରାମର ୮୨ ବର୍ଷିୟା ଅଚ୍ୟୁତ ଲୁହା କହନ୍ତି, ସ୍ୱାଧୀନତା ପୂର୍ବରୁ ଏକଦା ସମ୍ବଲପୁର ସହରସ୍ଥିତ ବାଲିବନ୍ଧା ଅଞ୍ଚଳକୁ ମହାତ୍ମା ଗାନ୍ଧୀଙ୍କ ଆଗମନ ହୋଇଥିଲା। ସେଠାରେ ଆୟୋଜିତ ସଭାରେ ଗାନ୍ଧିଜୀ ବକ୍ତବ୍ୟ ଦେଇଥିଲେ। ସେହି ସମୟରେ ଗ୍ରାମର ବୁଦ୍ଧିଜୀବୀ ସଭାକୁ ଯାଇ ଗାନ୍ଧୀଜୀଙ୍କ ଭାଷଣ ଶୁଣିଥିଲେ। ସ୍ୱାଧୀନତା ପରବର୍ତ୍ତୀ ସମୟରେ ସମ୍ବଲପୁର ସହରରେ ଛୁଆଁ-ଅଛୁଆଁ ଭେଦଭାବ ରହିଥିଲା। ଦଳିତବର୍ଗ ଲୋକଙ୍କୁ ମନ୍ଦିର ଯିବା ପାଇଁ ବାରଣ ଥିଲା। ଏଭଳି ଛୁଆଁଅଛୁଆଁ ଭେଦ୍‌ଭାବକୁ ଦୂର କରିବା ପାଇଁ ୧୯୭୦ରେ ଗାଁର ବୁଦ୍ଧିଜୀବୀ, ବରିଷ୍ଠ ନାଗରିକ ମହାତ୍ମା ଗାନ୍ଧୀଙ୍କ ମନ୍ଦିର ନିର୍ମାଣରେ ସହଯୋଗ କରିଥିଲେ। ପଡାର ବ୍ୟକ୍ତିମାନେ ଭାଗ(ପାଳି)କରି ପୂଜା କରୁଛନ୍ତି। ଗାନ୍ଧୀ ମନ୍ଦିର ନିର୍ମାଣ ହୋଇଛି ସତ, କିନ୍ତୁ ସରକାରୀ ଅନୁଦାନ ନାହିଁ। ମୁଖଶାଳାର ଛାତ ଭାଙ୍ଗି ଯାଉଛି। ସେହିପରି ମାଟିର ମୂର୍ତ୍ତି ଭାଙ୍ଗିବାକୁ ବସିଲାଣି। ତେଣୁ ରାଜ୍ୟ ଓ କେନ୍ଦ୍ର ସରକାର ଏହି ମନ୍ଦିର ପ୍ରତି ଗୁରୁତ୍ୱ ଦେବା ଆବଶ୍ୟକତା ରହିଛି। ଏନେଇ ସମ୍ବଲପୁର ମହାନଗର ନିଗମ କମିଶନର ବେଦଭୂଷଣଙ୍କୁ ପଚରା ଯାଇଥିଲା। ଗୁଲୁଣ୍ଡା ଗାନ୍ଧୀ ମନ୍ଦିର ମରାମତି ସକାଶେ ୫ଲକ୍ଷ ଟଙ୍କାର ଅନୁଦାନ ଦିଆଯାଇଛି। କିନ୍ତୁ ଗ୍ରାମବାସୀଙ୍କ ଅସହଯୋଗ ହେତୁ ଟଙ୍କା ପଡି ରହିଛି। ଖୁବଶୀଘ୍ର ମନ୍ଦିର ମରାମତି କରାଯିବ ବୋଲି ବେଦ ଭୂଷଣ କହିଛନ୍ତି।

# ବିଦ୍ୟାଳୟସ୍ତରୀୟ ଯୋଗ, ସନ୍ତରଣ ପ୍ରତିଯୋଗିତା ଉଦ୍‌ଘାଟିତ


ରାଜ୍ୟସ୍ତରୀୟ ବିଦ୍ୟାଳୟ ସମୂହର ଯୋଗ ଓ ସନ୍ତରଣ ପ୍ରତିଯୋଗିତାର ଉଦ୍‌ଘାଟନୀ ଉତ୍ସବ।

ସମ୍ବଲପୁର,୨।୧୦(ବି.ଶଙ୍କର)

ଓଡ଼ିଶା ସରକାରଙ୍କ ବିଦ୍ୟାଳୟ ଗଣଶିକ୍ଷା ବିଭାଗ ପକ୍ଷରୁ ୬୮ତମ ରାଜ୍ୟସ୍ତରୀୟ ବିଦ୍ୟାଳୟ ସମୂହର ଯୋଗ ଓ ସନ୍ତରଣ ପ୍ରତିଯୋଗିତା ବୁଧବାର ଅପରାହ୍ନରେ ସମ୍ବଲପୁରସ୍ଥିତ ଲେଡି ଲୁଇସ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ଉଦ୍‌ଘାଟିତ ହୋଇଯାଇଛି। ସମ୍ବଲପୁର ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦାର ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରିଥିଲେ। ସମ୍ବଲପୁର ଜିଲା ଶିକ୍ଷା ଅଧିକାରୀ ମୀନାରାଣୀ ମଙ୍ଗଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଘାଟନୀ ସଭାରେ ରାଜ୍ୟ ଶାରୀରିକ ଶିକ୍ଷା ବିଭାଗର ଉପନିର୍ଦ୍ଦେଶକ ଭାଗିରଥୀ ମଲ୍ଲିକ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ୪ତାରିଖ ପର୍ଯ୍ୟନ୍ତ ଆୟୋଜିତ ହେବାକୁ ଥିବା ପ୍ରତିଯୋଗିତାରେ ୩୦ ଜିଲାରୁ ୫୮୨ ଜଣ ବାଳିକା ବାଳକ ଅଂଶଗ୍ରହଣ କରିବେ। ଯୋଗ ବିଭାଗରେ ୧୭ ବର୍ଷରୁ କମ୍ ବର୍ଗରେ ୨୨୫, ୧୪ବର୍ଷରୁ କମ ବର୍ଗରେ ୧୯୭, ସନ୍ତରଣ ବିଭାଗରେ ୧୭ବର୍ଷରୁ କମ ବର୍ଗରେ ୮୯ , ୧୪ ବର୍ଷରୁ କମ ବର୍ଗରେ ୭୧ପ୍ରତିଯୋଗୀ ଭାଗ ନେବେ। ଜିଲାପାଳ ବୋନ୍ଦାର ଛାତ୍ରୀଛାତ୍ରଙ୍କୁ ଉଚ୍ଚମାନର କ୍ରୀଡା ନୈପୁଣ୍ୟ ପ୍ରଦର୍ଶନ କରି ଜାତୀୟସ୍ତରରେ ରାଜ୍ୟର ଗୌରବ ବୃଦ୍ଧି କରିବାକୁ ପରାମର୍ଶ ଦେଇଥିଲେ। ଏହି ସଭାରେ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ଡ. ମୁରଲୀଧର ବେହେରା, ଶାରୀରିକ ଶିକ୍ଷା ଅଧିକାରୀ ସୁଜାତା ପଟ୍ଟନାୟକ, ଧନକଉଡା ଗୋଷ୍ଠୀ ଶିକ୍ଷା ଅଧିକାରୀ ସେବାଶ୍ରୀ ଭୋଇ ଉପସ୍ଥିତ ଥିଲେ। ଲେଡି ଲୁଇସ ଉଚ୍ଚ ବାଳିକା ବିଦ୍ୟାଳୟର ପ୍ରଧାନଶିକ୍ଷକ ସୁଜିତ ଲୁହା ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଛାତ୍ରୀମାନେ ଯୋଗ ପ୍ରଦର୍ଶନ କରିଥିଲେ। ସେହିପରି ବିଦ୍ୟାଳୟର ଛାତ୍ରୀଙ୍କ ଦ୍ୱାରା ଏକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ୩ ତାରିଖ ଡାକ୍ତର ଝସକେତନ ସାହୁ ସନ୍ତରଣାଗାରଠାରେ ସନ୍ତରଣ ପ୍ରତିଯୋଗିତା ଓ ଲେଡି ଲୁଇସ ବାଳିକା ବିଦ୍ୟାଳୟରେ ଯୋଗ ପ୍ରତିଯୋଗିତା ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି।

# ବିହାର ବକ୍ସାର ବିଜୟୀ


ସମ୍ବଲପୁର ଜିଲା କ୍ରୀଡା ସଂଘ ଆୟୋଜିତ ସର୍ବଭାରତୀୟ ବୀର ସୁରେନ୍ଦ୍ର ସାଏ ଫୁଟବଲ ଚାମ୍ପିୟନଶିପ-୨୦୨୪ ବୁଧବାର ମ୍ୟାଚରେ ଅତିଥିଙ୍କ ସହ ଖେଳାଳିମାନେ।

ସମ୍ବଲପୁର,୨।୧୦(ବି.ଶଙ୍କର)

**ସର୍ବଭାରତୀୟ ବୀର ସୁରେନ୍ଦ୍ର ସାଏ ଫୁଟ୍‌ବଲ ଚାମ୍ପିୟନଶିପ**

ସମ୍ବଲପୁର ଜିଲା କ୍ରୀଡା ସଂଘ ଆୟୋଜିତ ସର୍ବଭାରତୀୟ ବୀର ସୁରେନ୍ଦ୍ର ସାଏ ଫୁଟବଲ ଚାମ୍ପିୟନଶିପ-୨୦୨୪ ବୁଧବାର ମ୍ୟାଚରେ ବିହାର ବକ୍ସାର ମା' କାମାକ୍ଷା ସ୍ପୋର୍ଟ କ୍ଲବ ବିଜୟୀ ହୋଇ ଦ୍ୱିତୀୟ ପ୍ରବେଶ କରିଛି। ସ୍ଥାନୀୟ ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମରେ ବିହାର ବକ୍ସାର ମା' କାମାକ୍ଷା ସ୍ପୋର୍ଟ କ୍ଲବ ବନାମ ବିଶାଖାପାଟନମ ମଧ୍ୟରେ ମ୍ୟାଚଟି ଏକତରଫା ହୋଇଥିଲା। ଏଥିରେ ବିହାର ବକ୍ସାର ମା' କାମାକ୍ଷା ସ୍ପୋର୍ଟ କ୍ଲବ ୬-୧ ଗୋଲ ସ୍କୋରରେ ବିଜୟୀ ହୋଇଥିଲା। ରେଫରୀ କାର୍ତ୍ତିକ ଦାଶ ମ୍ୟାଚକୁ ମଝି ପଡ଼ିଆରେ ପରିଚାଳନା କରିଥିଲେ। ସେହିପରି ରାଜକୁମାର ମଣ୍ଡଳ ଓ ନିଲ ନାଏକ ଲାଇନ ମ୍ୟାନ ଥିଲେ। ସଲିଲ ବେହେରା ଚତୁର୍ଥ ରେଫରୀ ଥିବାବେଳେ ସୁବାଷ ଚନ୍ଦ୍ର ରାଉତ ମ୍ୟାଚ କମିସନର ଥିଲେ। ଟୁର୍ନାମେଣ୍ଟ ଆୟୋଜକ ଜିଲା କ୍ରୀଡାସଂଘ ସାଧାରଣ ସମ୍ପାଦକ ସୁନୀଲ କୁମାର ସାହୁଙ୍କ ପରିଚାଳନାରେ କାର୍ଯ୍ୟକ୍ରମ ହୋଇଥିଲା। ସମ୍ବଲପୁର ମ୍ୟୁସିନିପାଲଟିର ପୂର୍ବତନ ଉପାଧ୍ୟକ୍ଷ ତଥା ବିଜେଡି ଯୁବ ନେତା ସିଦ୍ଧାର୍ଥ ସାହା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଭାଜପା ନେତା ଇଂ. ସୁଧିର ରଞ୍ଜନ ବହିଦାର ଓ ବିଜେଡି ନେତା ସୟଦ ସିରାଜ ସମ୍ମାନିତ ଅତିଥି ଥିଲେ । ଜିଲାକ୍ରୀଡା ସଂଘ ଫୁଟବଲ ସମ୍ପାଦକ ଅବଦୁଲ ଗଫାର ଅତିଥି ସ୍ୱାଗତ କରିଥିଲେ । ଗୁରୁବାର ଦ୍ୱିତୀୟ ସେମିଫାଇନାଲ ମ୍ୟାଚ ବିହାର ବକ୍ସାର ମା' କାମାକ୍ଷା ସ୍ପୋର୍ଟ କ୍ଲବ ବନାମ କଟକ ମଧ୍ୟରେ ହେବ ।

### ଅଟୋ ୟୁନିୟନର ବାର୍ଷିକ ଉତ୍ସବ

ରେଢାଖୋଲ,୨।୧୦(ଅଚ୍ୟୁତାନନ୍ଦ ପୁରୋହିତ)

ସମ୍ବଲପୁର ଜିଲା ରେଢାଖୋଲ ମା' ବିନ୍ଧ୍ୟବାସିନୀ ଅଟୋ ୟୁନିୟନର ୧୫ତମ ବାର୍ଷିକୋତ୍ସବ କଲେଜଛକ ସ୍ଥିତ କାର୍ଯ୍ୟାଳୟଠାରେ ବୁଧବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଛି। ସଂଘର ସଭାପତି ସୁବଳ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ରେଢାଖୋଲର ପୂର୍ବତନ ବିଧାୟକ ତଥା ବିଜେଡି ଜିଲା ସଭାପତି ଇଂ. ରୋହିତ ପୂଜାରୀ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ସମ୍ମାନିତ ଅତିଥିଭାବେ ଏନଏସି ଅଧ୍ୟକ୍ଷ ଶିବରାମ ସାହୁ, ବ୍ଲକ ବିଜେଡି ସଭାପତି ଉଦିତ ତ୍ରିପାଠୀ ଯୋଗଦେଇଥିଲେ। ଭୀମଭୋଇ କଲେଜର ଓଡିଆ ଅଧାପକ ଡ.ମନୋରଞ୍ଜନ ମହନ୍ତ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ଶିକ୍ଷକ ଜୟନ୍ତ ମାହାର ସଭା ପରିଚାଳନା ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। କୋଷାଧକ୍ଷ ଦିପ୍ତିଚନ୍ଦ୍ର ସାହୁ ବାର୍ଷିକ ବିବରଣୀ ପାଠ କରିଥିଲେ। ସଂଘର ପୂର୍ବତନ ସମ୍ପାଦକ ପ୍ରଦୀପ ଥାପ୍ପାଙ୍କ ଆକସ୍ମିକ ବିୟୋଗରେ ସଭାରେ ତାଙ୍କ ଆତ୍ମାର ସଦଗତି ପାଇଁ ୨ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା। ସଂଘର ପୂର୍ବତନ ସଭାପତି ସ୍ୱର୍ଗତ ପ୍ରେମାକାନ୍ତଙ୍କ ମା' ଦୁହିତା ନାୟକ ଓ ଧୋବେଇ ଚରଣ ବଡମାଲିଙ୍କୁ ସଂଘ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ସଂଘର ବରିଷ୍ଠ ସଦସ୍ୟ ରାକେଶ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ।

# ଜିଲା ପ୍ରଶାସନ ପକ୍ଷରୁ ଗାନ୍ଧୀ, ଶାସ୍ତ୍ରୀ ଜୟନ୍ତୀ

ସମ୍ବଲପୁର, ୨।୧୦(ପ୍ରମୋଦ ବହିଦାର)

ସମ୍ବଲପୁର ଜିଲା ପ୍ରଶାସନ ପକ୍ଷରୁ ଜିଲାସ୍ତରୀୟ ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ ପାଳିତ ହୋଇଯାଇଛି। ଜିଲାପାଳଙ୍କ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷରେ ସୋମବାର ପୂର୍ବାହ୍ନରେ ଆୟୋଜିତ ଜିଲାସ୍ତରୀୟ ଜୟନ୍ତୀ ସମାରୋହରେ ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ମୁଖ୍ୟଅତିଥି ଭାବେ ଯୋଗଦେଇ ଈଶ୍ୱର ଏକ, ମାନବ ସେବା ହିଁ ଈଶ୍ୱର ସେବା ବୋଲି କହିଥିଲେ। ଏହାସହ ମହାତ୍ମା ଗାନ୍ଧୀଙ୍କ ସତ୍ୟ, ଅହିଂସା, ସ୍ୱଦେଶୀ ଓ ସତ୍ୟାଗ୍ରହ ରୂପକ ଚାରିଗୋଟି ମନ୍ତ୍ରକୁ ଅନୁସରଣ କରି ନିଜ ଜୀବନରେ ଆଗକୁ ବଢିବା ପାଇଁ ଆହ୍ୱାନ ଦେଇଥିଲେ। ସେହିପରି ସ୍ୱଚ୍ଛତା ପକ୍ଷର ଅନ୍ତିମ ଦିବସ ଉପଲକ୍ଷେ ନିଜର ସାମାଜିକ, ପାରିବାରିକ ଜୀବନକୁ ସୁସ୍ଥ ରଖିବା ପାଇଁ ନିଜର ପରିବେଶକୁ ସ୍ୱଚ୍ଛ ଓ ପରିଷ୍କାର ରଖିବା ପାଇଁ ମଧ୍ୟ ସେ ଅନୁରୋଧ କରିଥିଲେ। ଉତ୍ସବରେ ଅତିରିକ୍ତ ଜିଲାପାଳ ଅଜାମ୍ବର ମହାନ୍ତି ମୁଖ୍ୟବକ୍ତା, ସମ୍ବଲପୁର ମହାନଗର ନିଗମ ଆୟୁକ୍ତ ବେଦଭୂଷଣ ଓ ଉପଜିଲାପାଳ ଡ. ପୁଷ୍ପାଞ୍ଜଳି ପଣ୍ଡା ସମ୍ମାନିତ ଅତିଥିଭାବେ ଯୋଗ ଦେଇ ଜାତିର ପିତା ମହାତ୍ମା ଗାନ୍ଧୀ ଓ ଲାଲବାହାଦୁର ଶାସ୍ତ୍ରୀଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ପ୍ରାରମ୍ଭରେ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଛାତ୍ରୀଛାତ୍ରଙ୍କ ଦ୍ୱାରା ରଘୁପତି ରାଘବ ଓ ଗାନ୍ଧୀଜୀଙ୍କ ପ୍ରିୟ ଭଜନ ବୈଷ୍ଣବ ଜନତୋ ପରିବେଷଣ କରାଯାଇଥିଲା। ଏହାସହ ଏଥିରେ ଯୋଗଦେଇ ପଣ୍ଡିତ ବ୍ୟାସଦେବ ପଣ୍ଡା, ପାଦ୍ରି ଇଶାକ୍ ନାୟକ, ମୌଲାନା କାଶିଫ ରଜା ଓ ଗୁରୁ ସୁରଜିତ ସିଂ ବର୍ଣ୍ଣାଲା ପ୍ରମୁଖ ଧର୍ମଗୁରୁମାନେ ପର୍ଯ୍ୟାୟକ୍ରମେ ସର୍ବଧର୍ମ ପ୍ରାର୍ଥନା କରିଥିଲେ। ଶେଷରେ ଏଥିରେ ଯୋଗଦେଇଥିବା ସମସ୍ତ ଧର୍ମଗୁରୁଙ୍କୁ ଅତିଥିମାନଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା। ଜୟନ୍ତୀ ଉତ୍ସବରେ ବିଭିନ୍ନ ବିଦ୍ୟାଳୟ ଛାତ୍ରୀଛାତ୍ର, ଅଭିଭାବକ, ଗଣମାଧ୍ୟମ ପ୍ରତିନିଧି, ସ୍ଥାନୀୟ ବୁଦ୍ଧିଜୀବୀ, ଶିକ୍ଷୟିତ୍ରୀ ଓ ଶିକ୍ଷକମାନେ ଯୋଗ ଦେଇଥିଲେ। ଏହା ପୂର୍ବରୁ ପ୍ରାତଃରୁ ସହରରେ ଜିଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଡାକବାଜି ଯନ୍ତ୍ର ଯୋଗେ ରାମଧୁନ ପରିବେଷଣ କରାଯାଇଥିଲା। ଏହା ପରେ ସମ୍ବଲପୁର ଜିଲାପାଳଙ୍କ ସମେତ ପ୍ରଶାସନିକ ଅଧିକାରୀମାନେ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ।

# ବିଜେଡି ପକ୍ଷରୁ ଜନସମ୍ପର୍କ ପଦଯାତ୍ରା ଆରମ୍ଭ

ସମ୍ବଲପୁର,୨।୧୦(ଭବାନୀ ଶଙ୍କର ଭୋଇ)

ମହାତ୍ମା ଗାନ୍ଧୀଙ୍କ ଜୟନ୍ତୀ ଅବସରରେ ବୁଧବାର ସମ୍ବଲପୁର ବିଜୁ ଜନତା ଦଳ (ବିଜେଡି)ପକ୍ଷରୁ ଭତରା ଗାନ୍ଧୀମନ୍ଦିରରୁ ଜନସମ୍ପର୍କ ପଦଯାତ୍ରା ଶୁଭାରମ୍ଭ କରାଯାଇଛି। ସକାଳୁ ପୂର୍ବତନ ମନ୍ତ୍ରୀ ତଥା ଜିଲା ବିଜେଡି ସଭାପତି ଇଂ. ରୋହିତ ପୂଜାରୀଙ୍କ ନେତୃତ୍ୱରେ ହାୱା ମୈଦାନ ସ୍ଥିତ ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତିର ମାଲ୍ୟାର୍ପଣ କରାଯାଇଥିଲା। ଏହାପରେ ଭତରା ଗାନ୍ଧୀମନ୍ଦିରରେ ପୂଜାର୍ଚ୍ଚନା କରାଯାଇ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ଗାନ୍ଧୀଜୀଙ୍କ ସ୍ମୃତିଚାରଣ କରାଯିବା ସହ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିଜେଡି ରାଜ୍ୟ ସଭାପତି ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ ଅନୁଯାୟୀ ପ୍ରତ୍ୟେକ ବର୍ଷ ଭଳି ଚଳିତବର୍ଷ ମଧ୍ୟ ଜନସମ୍ପର୍କ ପଦଯାତ୍ରାର ଶୁଭାରମ୍ଭ କରାଯାଇଥିଲା। ଏହି ଜନମମ୍ପର୍କ ପଦଯାତ୍ରା କାର୍ଯ୍ୟକ୍ରମରେ ବରିଷ୍ଠ ନେତା ତଥା ସମ୍ବଲପୁର ଉନ୍ନୟନ ପ୍ରଧାକରଣ ପୂର୍ବତନ ଅଧ୍ୟକ୍ଷ ବିଜୟ କୁମାର ମହାନ୍ତି, ବରିଷ୍ଠ ନେତା ଅଶୋକ ସେନାପତି, ଏମ ଡି ସନାଉଲ୍ଲା, ବେଣୁଧର ଦାସ, ଗୋକୁଳ ମେହେର, ସଂଜିତ ମହାନ୍ତି, ତପନ ଗୁରୁ, ବସନ୍ତ ମିଶ୍ର, ସୁରୁବାବୁ ମେହେର, ରୁଦ୍ର ଷଡ଼ଙ୍ଗୀ, ଦେବାଶିଷ ପୁରୋହିତ,ପ୍ରଦୀପ ଦୋରା,ଧର୍ମରାଜ୍ ମରେଇ, ଉଷା ପ୍ରଧାନ, ସିପ୍ରା ମହାନ୍ତି, ସଂଯୁକ୍ତା ମେହେର, ରୁପଞ୍ଜଳି ରଣବିଡା, ସୁରେଖା ସାହୁ,ମନ୍ଦାକିନୀ ଶାନବଡ, ନନ୍ଦିନୀ ପ୍ରଧାନ,ଅନିତା ଓରାମ, ଲିଲିମା ନାୟକ, ସସ୍ମିତା ଦୀପ, ପ୍ରଶାନ୍ତ କୁମାର ଥାପା, ସୁରେନ୍ଦ୍ର ଥାପା, ସତ୍ୟେନ୍ଦ୍ର ଦାଶ, ପ୍ରଫୁଲ୍ଲ କୁମାର ଦାଶ,ହାର୍ଦିପ ସିଂ ଭୁର୍ଜି,ରବୀନ୍ଦ୍ର ସିଂ, ପ୍ରଦୋଶ ମହାନ୍ତି, ସୁଭେନ୍ଦୁ ସାହୁ,ବିଦେଶୀ ସାନବଡ,ଶେଷଦେ ଗୁରୁ, ଦେବାଶିଷ ପରିଡ଼ା, ଶୁଭ୍ରାଂଶୁ ପାଢ଼ୀ, ପ୍ରହଲ୍ଲାଦ ଗୁରୁ, ଦୁଲାଲ ରାୟ, ସୁରେନ୍ଦ୍ର ବିଶ୍ୱାଳ, ମାନସ ମହାନ୍ତି, ତ୍ରିନାଥ ପଣ୍ଡା, କୈଳାଶ କିସାନ, ଶୟଦ୍ ସାବୁଦ୍ଦିନ, ବିକ୍ରମାଦିତ୍ୟ ପଣ୍ଡା, ସଞ୍ଜୟ ବର୍ମା,ସୁବ୍ରତ ବକ୍ସି, ତପନ ମେହେର, ଓଁକାର ନାୟକ, ହିମାଂଶୁ ପ୍ରଧାନଙ୍କ ସମେତ ଦଳର ବରିଷ୍ଠ ନେତୃତ୍ୱ, ଯୁବ,ଛାତ୍ର,ମହିଳା,ଦଳର ସକ୍ରୀୟ କର୍ମକର୍ତ୍ତା, ଲଘୁ ସମ୍ପ୍ରଦାୟ ଏବଂ ଅନୁସୂଚିତ ଜାତି ଓ ଜନଜାତି ସଂଗଠନର ବହୁ ସଦସ୍ୟ ଉପସ୍ଥିତ ଥିଲେ।


ବିଜୁ ଜନତା ଦଳ ପକ୍ଷରୁ ଭତରା ଗାନ୍ଧୀମନ୍ଦିରରୁ ଜନସମ୍ପର୍କ ପଦଯାତ୍ରା ଶୁଭାରମ୍ଭ କରାଯାଇଛି।

# ଜାନୁଆରୀରେ ହେବ ଅବଗା ସମ୍ବଲପୁରୀ ଉତ୍ସବ

ସମ୍ବଲପୁର,୨।୧୦(ବି.ଶଙ୍କର)



ଉକିଆ ସାଂସ୍କୃତିକ ଅନୁଷ୍ଠାନ ସମ୍ପାଦକ ଗୁରୁ ରଞ୍ଜନ କୁମାର ସାହୁ ଅବଗା ସମ୍ବଲପୁରୀ ଉତ୍ସବ ବିଷୟରେ ଖବରଦାତାମାନଙ୍କୁ ସୂଚନା ଦେଉଛନ୍ତି।

- ଡାଲଖାଇ ନୃତ୍ୟରେ ୧୨ଶହ କଳାକାର ନୃତ୍ୟ କରିବେ
- ୩ଶହ ଗୁରୁ ନୃତ୍ୟ ସହସଂଯୋଜକ କାର୍ଯ୍ୟ ତୁଲାଇବେ

ଉକିଆ ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ଆସନ୍ତା ୨୦୨୫ ଜାନୁଆରୀ ଦ୍ୱିତୀୟ ସପ୍ତାହରେ ଅବଗା ସମ୍ବଲପୁରୀ ଉତ୍ସବ ହେବ। ସୁନ୍ଦରଗଡ଼ ଜିଲା ରାଉରକେଲା ସ୍ଥିତ ବିର୍ସା ମଇଦାନ କିମ୍ବା ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମରେ ଉତ୍ସବ କରିବାକୁ ସ୍ଥିର କରାଯାଇଛି। ତେଣୁ ବିଗତ ଏକ ମାସ ହେବ ଉତ୍ସବର ବ୍ଲୁ-ପ୍ରିଣ୍ଟ ପ୍ରସ୍ତୁତି କରାଯାଇଛି। ତିନିଦିନ ବ୍ୟାପି ଉତ୍ସବ ହେବ। ପ୍ରଥମ ଦିବସରେ ପଶ୍ଚିମଓଡ଼ିଶାର ଲୋକକ୍ରୀଡ଼ା ଓ ପ୍ରତିଯୋଗିତା ଓ ପଶ୍ଚିମଓଡ଼ିଶାର ପାରମ୍ପରିକ ଲୋକକ୍ରୀଡ଼ା ଶିକ୍ଷା ପ୍ରଶିକ୍ଷଣ ଦିଆଯିବ। ଏଥିରେ ପଶ୍ଚିମଓଡ଼ିଶାର ବିଭିନ୍ନ ଅଞ୍ଚଳରୁ ୧ହଜାର ୫ଶହ ଛାତ୍ରୀଛାତ୍ରଙ୍କୁ ସାମିଲ କରାଯିବ। ସେହିପରି ଦ୍ୱିତୀୟ ଦିବସରେ ପାରମ୍ପାରିକ ଖାଦ୍ୟ ପ୍ରତିଯୋଗିତା ଏବଂ ପଶ୍ଚିମଓଡ଼ିଶାର ପାରମ୍ପରିକ ଲୋକ ଖାଦ୍ୟ ତିଆରି କରିବାର ପ୍ରତିଯୋଗିତା ହେବ। ଏଥିରେ ମଧ୍ୟ ୧ହଜାର ମହିଳା ଓ ଯୁବତୀ ଅଂଶଗ୍ରହଣ କରିବେ। ମଙ୍ଗଳବାର ରାତିରେ ସମ୍ବଲପୁର ସାମ୍ବାଦିକ ଭବନଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଉକିଆ ଅନୁଷ୍ଠାନ ସମ୍ପାଦକ ତଥା ଉତ୍ସବର ମୁଖ୍ୟ ନୃତ୍ୟ ସଂଯୋଜକ ଗୁରୁ ରଞ୍ଜନ କୁମାର ସାହୁ ଏହି ସୂଚନା ଦେଇଛନ୍ତି। ସେ ଆହୁରୀ କହିଥିଲେ ଯେ, ଉତ୍ସବର ଅନ୍ତିମ ଦିନରେ ସମ୍ବଲପୁର ଲୋକନୃତ୍ୟର ବିଶ୍ୱସ୍ତରୀୟ ପ୍ରଚାର ପ୍ରସାର ଉଦ୍ଦେଶ୍ୟରେ ସାମୂହିକ ଡାଲଖାଇ ନୃତ୍ୟ ପରିବେଷିତ ହେବ । ଏଥିରେ ସମ୍ବଲପୁର ସମେତ ପଶ୍ଚିମ ଓଡିଶାର ବିଭିନ୍ନ ଅଞ୍ଚଳ ଏବଂ ରାଜ୍ୟ, ଦେଶ ଓ ଦେଶ ବାହାରେ ସମ୍ବଲପୁରୀ ନୃତ୍ୟ କରୁଥିବା ୧୨ହଜାର କଳାକାରମାନଙ୍କୁ ସାମିଲ କରାଯିବ। ସେଥିମଧ୍ୟରେ ୮ହଜାର ନୃତ୍ୟ ଶିଳ୍ପୀ ଓ ୪ହାଜର ଲୋକବାଦ୍ୟ କଳାକାର ରହିବେ। ପଶ୍ଚିମଓଡ଼ିଶାର ପାରମ୍ପାରିକ ଡାଲଖାଇ ନୃତ୍ୟ ପ୍ରାୟ ୨୫ ରୁ ୩୦ ମିନିଟ ସମୟ ମଧ୍ୟରେ ହେବ ବୋଲି ସ୍ଥିର କରାଯାଇଛି। ଯାହାକି ବିଶ୍ୱ ରେକର୍ଡ ହେବ ବୋଲି ଆଶା କରିଛୁ । ତେଣୁ ୩ ମାସ ପର୍ଯ୍ୟନ୍ତ କଳାକାରମାନଙ୍କୁ ସ୍ୱତନ୍ତ୍ର ଗୁରୁମାନେ ପ୍ରଶିକ୍ଷଣ ଦେବା କାର୍ଯ୍ୟକ୍ରମ ରହିଛି । ସେହିପରି ଅବଗା ସମ୍ବଲପୁର ଉତ୍ସବ ୧୫ ଦିନ ପୂର୍ବରୁ ସମସ୍ତ ୧୨ ହଜାର କଳାକାରଙ୍କୁ ଗୋଟିଏ ସ୍ଥାନରେ ପ୍ରଶିକ୍ଷଣ ଦେବାକୁ ସ୍ଥିର ହୋଇଛି । ଏହି ବିଶ୍ୱରେକର୍ଡ କରିବା ନିମନ୍ତେ ଉକିଆ ଅନୁଷ୍ଠାନର ବିଗତ ଦିନର ସମସ୍ତ ନୃତ୍ୟଶିଳ୍ପୀ, ନୃତ୍ୟଗୁରୁ, ସହଯୋଗୀ ଓ ଶିଷ୍ୟାଶିଷ୍ୟମାନେ ସହଯୋଗର ହାତ ବଢ଼େଇଛନ୍ତି । ସେମାନଙ୍କ ମଧ୍ୟରେ ସୁନ୍ଦରଗଡ଼ରୁ ପ୍ରଭାତ ଭୋଳ, ସୁଶ୍ରୀ ସସ୍ମିତା ସାହୁ, କଳାହାଣ୍ଡିରୁ ବିଷ୍ଣୁ ପ୍ରସାଦ ନାୟକ, ଦେବେଶ ସିଂ, ଧାନନନ୍ଦ ପଣ୍ଡା, ବରଗଡ଼ରୁ ଅଶୋକ କୁମାର ବହିଦାର, ରମେଶ ଗୁର୍ଲା, ରଜତ ସାହୁ, ବିଶ୍ୱମୋହନ ପଧାନ, ସୁନୀଲ ବିଭାର, ବଲାଙ୍ଗୀରରୁ ବାସୁଦେବ ସା, ରଞ୍ଜନ କୁମାର ପଟ୍ଟନାୟକ, ଗଗନ ବାଗ, ସୋନପୁରରୁ ଚୌଧୁରୀ ବିଭାଗର, ଜିତେନ୍ଦ୍ର କୁମ୍ଭାର, ଉମେଶ କୁମ୍ଭାର । ସେହିପରି ସମ୍ବଲପୁରରୁ ଗୁରୁ ଓ ଶିଷ୍ୟା ଶିଷ୍ୟ ମାନଙ୍କ ମଧ୍ୟରେ କୃଷ୍ଣଚନ୍ଦ୍ର ବାଗ, ଡ. ମୋହିତ ସ୍ୱାଇଁ, ଭୋଲାଶଙ୍କର ମହନ୍ତମ, ମନୋଜ କୁମାର ପ୍ରଧାନ, ଜୟକିଶୋର ଜାଲ, କିଶୋର ପ୍ରଧାନ, ସୁପ୍ରିତୀ ମିଶ୍ର, ଦିପାଳୀ ଚୌଧୁରୀ, ଅଶୋକ ପଟ୍ଟନାୟକ ସୋମନାଥ ଜାଲ, ଶରତ ନାୟକ, ସୁରୁ ସାହୁ, ନବୀନ କୁଜୁର, ପବିତ୍ର ପ୍ରଧାନ, ଦିଲୀପ ପଣ୍ଡା, ରଞ୍ଜିତ ସାହୁ, ରାଜୀବ ମେହେର, ମହେଶ ପଟେଲ, ସୁମନ୍ତ ପାଢ଼ୀ, ଅମିତ କୁମାର ପତି, ଦୀପକ ଦାସ, କେଶବ ବାଗ, ବଳରାମ ହୋତା, ସୁରଥ ନାଏକ, ମଳୟ ବେହେରା ଉତ୍ସବରେ ପ୍ରମୁଖ ଦାୟିତ୍ୱ ବହନ କରିବେ ବୋଲି ଗୁରୁ ରଞ୍ଜନ କହିଛନ୍ତି ।

# ଅବହେଳା ପାଇଁ ୨୦୧୯ରେ ଜେଲ ଯାଇଥିଲେ ଅଧ୍ୟକ୍ଷ

ଭବାନୀପାଟଣା,୨।୧୦(ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା ଭବାନୀପାଟଣା ବ୍ଲକ ମେଦିନିପୁର ନିକଟସ୍ଥ ବିନାୟକ ରେସିଡେଣ୍ଟ କଲେଜରେ ସୁରକ୍ଷା ବ୍ୟବସ୍ଥାକୁ ନେଇ ବିଭିନ୍ନ ସମୟରେ ଚର୍ଚ୍ଚାକୁ ଆସିଛି। ଗତ ରବିବାର ରାତିରେ ଏଠାକାର ଜଣେ ଯୁକ୍ତ ୨ ଦ୍ୱିତୀୟ ବର୍ଷ (କଳା) ବିଭାଗର ଛାତ୍ର ଅଙ୍କେଶ ବାଗଙ୍କୁ ରାଗିଂ କରି ସହପାଠୀମାନେ ୩ମହଲା କୋଠାରୁ ଠେଲିଦେଇଥିବା ଅଭିଯୋଗ ହୋଇଥିଲା। ଗୁରୁତର ଅବସ୍ଥାରେ ଛାତ୍ରଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଆହତ ଛାତ୍ର ଅଙ୍କେଶଙ୍କ କହିବା ଅନୁଯାୟୀ ସହପାଠୀମାନେ ବିଭିନ୍ନ ସମୟରେ ରାଗିଂ କରି ମାଡ଼ ମାରନ୍ତି। ରବିବାର ରାତିରେ ୯ଜଣ ଛାତ୍ର କ୍ଲାସ୍‌ରେ ମାଡ଼ ମାରି ତିନିମହଲା କୋଠାରୁ ଠେଲି ଦେଇଥିଲେ। ରାଗିଂର କିଛି ଭିଡିଓ ଏବେ ସୋସିଆଲ ମିଡ଼ିଆରେ ଘୂରିବୁଲୁଛି। କଲେଜର ଆଣ୍ଟି ରାଗିଂ ସେଲ୍ ଏହି ଘଟଣାର ତଦନ୍ତ କରୁଛି ବୋଲି ଅଧ୍ୟକ୍ଷ ନଳିନୀକାନ୍ତ ଦାଶ ସଫେଇ ଦେଉଥିବାବେଳେ ଏହି ସେଲ୍ ଅଭିଯୋଗ ଆସିଥିବା ଛାତ୍ରଙ୍କ ଉପରେ କି କାର୍ଯ୍ୟାନୁଷ୍ଠାନ ନେଉଛି ତାହା ଦେଖିବାକୁ ବାକି ରହିଛି। କେବଳ ଏହି ଘଟଣା ନୁହେଁ, ୨୦୧୯ ଅକ୍ଟୋବରରେ ଆଉ ଏକ ଅଭାବନୀୟ ଘଟଣା ସାମ୍ନାକୁ ଆସିଥିଲା। ଏହି କଲେଜର ଯୁକ୍ତ ୨ ଦ୍ୱିତୀୟ ବର୍ଷ (ବିଜ୍ଞାନ)ରେ ପଢୁଥିବା ଶାଶ୍ୱତ ମୁଣ୍ଡ ନାମକ ଜଣେ ଛାତ୍ରଙ୍କ ସ୍ଥାନୀୟ ଜଳେଶ୍ୱର ମନ୍ଦିର ନାଳରେ ସନ୍ଦେହଜନକ ଭାବେ ମୃତ୍ୟୁ ହୋଇଥିଲା। ହଷ୍ଟେଲରେ ରହି ପାଠ ପଢୁଥିବା ଛାତ୍ରଙ୍କୁ ଅପରାହ୍ନରେ ଗାଧୋଇବା ପାଇଁ ବାହାରକୁ ଯିବାକୁ କଲେଜ କର୍ତ୍ତୃପକ୍ଷ କିପରି ଅନୁମତି ଦେଲେ

## ଚର୍ଚ୍ଚାରେ ବିନାୟକ ରେସିଡେଣ୍ଟ କଲେଜ



ମୃତକଙ୍କ ପରିବାର ସେତେବେଳେ ଅଭିଯୋଗ ଆଣିଥିଲେ। ଏନେଇ ପରିବାରବର୍ଗଙ୍କ ପକ୍ଷରୁ ଭବାନୀପାଟଣା ଟାଉନ ଥାନାରେ ଏକ ହତ୍ୟା ଅଭିଯୋଗ କରାଯାଇଥିଲା। ପୋଲିସ ମୃତ ଶାଶ୍ୱତଙ୍କ ସହପାଠୀଙ୍କୁ ଜେରା କରିବା ସହ ଅଧ୍ୟକ୍ଷ ତ୍ରିଲୋଚନ ମହାପାତ୍ରଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ଜାମିନାମଞ୍ଜୁର ହେବାରୁ ତାଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଥିଲା। କଲେଜ କର୍ତ୍ତୃପକ୍ଷଙ୍କ ଅବହେଳା ଓ ଦାୟିତ୍ୱହୀନତା କାର୍ଯ୍ୟ ଯୋଗୁ ବିଭିନ୍ନ ସମୟରେ ଏପରି ଅଭାବନୀୟ ଘଟଣା ସାମ୍ନାକୁ ଆସୁଛି। ଆଡ୍‌ମିଶନ ସମୟରେ କଲେଜ କର୍ତ୍ତୃପକ୍ଷ ଛାତ୍ରୀଛାତ୍ରଙ୍କଠାରୁ ମୋଟା ଅଙ୍କର ଟଙ୍କା ନେଉଥିବାବେଳେ ସୁରକ୍ଷା ଦେବା କ୍ଷେତ୍ରରେ କିନ୍ତୁ ଫେଲ ମାରିଛନ୍ତି, ଯାହା ଉପରୋକ୍ତ ଦୁଇ ଘଟଣାରୁ ପ୍ରମାଣିତ ହୋଇଛି। ରାଜ୍ୟ ଉଚ୍ଚ ଶିକ୍ଷା ବିଭାଗ ଏଥିପ୍ରତି ଦୃଷ୍ଟି ଦେଇ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହୋଇଛି। କଲେଜରେ ବିଭିନ୍ନ ସମୟରେ ଘଟୁଥିବା ଏଭଳି ଅଘଟଣ ପାଇଁ ଅଧ୍ୟକ୍ଷ ନଳିନୀ କାନ୍ତ ଦାସଙ୍କୁ ପଚରାଯିବାରେ ରାଗିଂ ଘଟଣାରେ ତଦନ୍ତ ଚାଲିଛି। ଏଥିରେ ଯିଏବି ସମ୍ପୃକ୍ତ ଥିବେ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଛନ୍ତି। ପିଲାଙ୍କ ସୁରକ୍ଷା ପାଇଁ ଧ୍ୟାନ ଦିଆଯାଉଛି। ତେବେ ୨୦୧୯ ମସିହାରେ ଘଟିଥିବା ଘଟଣା ବିଷୟରେ ସେ କିଛି କହିପାରିବେ ନାହିଁ ବୋଲି କହିଛନ୍ତି।

# ଟାଙ୍ଗିଆରେ ହାଣି ଯୁବକଙ୍କୁ ହତ୍ୟା

ବିଷମକଟକ, ୨।୧୦(ପ୍ରସନ୍ନ କୁମାର ପଣ୍ଡା)

ରାୟଗଡ଼ା ଜିଲା ବିଷମକଟକ ଥାନା ଅନ୍ତର୍ଗତ ଚାଟିକଣା ମାଳିସାହିରେ ଟାଙ୍ଗିଆରେ ହାଣି ଜଣେ ଯୁବକଙ୍କୁ ନିର୍ମମ ଭାବେ ହତ୍ୟା କରାଯାଇଛି। କେତେଜଣ ଦୁର୍ବୃତ୍ତ ମାଳିସାହିର ଘାଷିରାମ ଜିଲାକାରଙ୍କୁ ଟାଙ୍ଗିଆରେ ଆକ୍ରମଣ କରିବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଛି। ଆକ୍ରମଣ ପରେ ଦୁର୍ବୃତ୍ତ ଫେରାର ହୋଇଯାଇଛନ୍ତି। ତେବେ କିଏ ଏବଂ କାହିଁକି ଘାସିରାମଙ୍କୁ ହତ୍ୟାକଲେ ତାହା ସ୍ପଷ୍ଟ ହୋଇନାହିଁ। ବିଷମକଟକ ପୋଲିସ ବୁଧବାର ସାଇଣ୍ଟିଫିକ ଟିମ୍ ସହ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ସନ୍ଧାନୀ କୁକୁର ସହାୟତା ଏବଂ ପାରିପାର୍ଶ୍ୱିକ ସ୍ଥିତିକୁ ଅନୁଧ୍ୟାନକରି ପୋଲିସ ଉକ୍ତ ଗାଁର ୪ଜଣ ଯୁବକଙ୍କୁ ସନ୍ଦେହରେ ଥାନାରେ ଅଟକ ରଖି ପୃଥକ୍ ଭାବେ ପଚରାଉଚରା କରୁଥିବା ଜଣାପଡ଼ିଛି।

ଘାସିରାମ ମଙ୍ଗଳବାର ରାତିରେ ରାସ୍ତାରେ ବୁଲୁଥିବା ସମୟରେ କେହି ଦୁର୍ବୃତ୍ତ ତାଙ୍କୁ ଟାଙ୍ଗିଆରେ ଆକ୍ରମଣ କରିଥିଲେ। ରକ୍ତ ଜୁଡୁବୁଡୁ ଅବସ୍ଥାରେ ଘାସିରାମ ସାହି ଭିତରକୁ ଦୌଡ଼ି ଦୌଡ଼ି ଆସିବା ପରେ ତଳେ ପଡିଯାଇଥିଲେ। କେତେଜଣ ଲୋକ ଏହା ଦେଖି ବିଷମକଟକ ଥାନାକୁ ଖବର ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଥିଲା। ହେଲେ କିଏ ଏହି ହତ୍ୟାକାଣ୍ଡ ଘଟାଇଛି ସେ ନେଇ ପୋଲିସ କୌଣସି ସୁରାକ ପାଇନାହିଁ। ହତ୍ୟାକାଣ୍ଡ ସମ୍ବନ୍ଧରେ ସାହି ବାସିନ୍ଦା ମଧ୍ୟ ମୁହଁ ଖୋଲୁନାହାନ୍ତି। ବୁଧବାର ସକାଳେ ବିଷମକଟକ ଏସ୍‌ଡିପିଓ ସନ୍ତୋଷିନୀ ଓରାମ, ଥାନା ଅଧିକାରୀ ସୂର୍ଯ୍ୟଚନ୍ଦ୍ର ପାଢ଼ୀ ସାଇଣ୍ଟିଫିକ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ପୋଲିସ ମୃତଦେହ ବ୍ୟବଚ୍ଛେଦ କରାଇ ପରବାର ଲୋକଙ୍କୁ ହସ୍ତାନ୍ତର କରିଛି। ମୃତକଙ୍କ ପରିବାର ଲୋକଙ୍କ ଅଭିଯୋଗକ୍ରମେ ପୋଲିସ କେସ୍ ନଂ. ୧୬୨/୨୪ରେ ମାମଲା ରୁଜୁକରି ତନାଘନା ଜାରି ରଖିଥିବା ଥାନା ଅଧିକାରୀ ସୂର୍ଯ୍ୟ ଚନ୍ଦ୍ର ପାଢ଼ୀ ସୂଚନା ଦେଇଛନ୍ତି।

# ପ୍ରେମୀଯୁଗଳଙ୍କ ଝୁଲନ୍ତା ମୃତଦେହ ଜବତ

ଅତାବିରା,୨।୧୦(ହୃଷୀକେଶ ଖମାରୀ)

ବରଗଡ଼ ଜିଲା ଭେଡ଼େନ ବ୍ଲକ ସଂକ୍ରୀଡ଼ା ବିନ୍ଧ୍ୟବାସିନୀ ପାହାଡ଼ର ଏକ ଖଇର ଗଛରୁ ବୁଧବାର ପୋଲିସ ପ୍ରେମୀଯୁଗଳଙ୍କ ଝୁଲନ୍ତା ମୃତଦେହ ଜବତ କରିଛି। ମୃତକଦ୍ୱୟ ହେଲେ ଭେଡ଼େନ ଥାନା ରୁଷୁଡ଼ା ଫାଣ୍ଡି ଅନ୍ତର୍ଗତ ସାରସପାଲି ଗ୍ରାମର ସୁନୀଲ କଠାର (୨୫) ଏବଂ ସେହି ଗ୍ରାମର ୧୭ବର୍ଷିଆ ନାବାଳିକା। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବରଗଡ଼ ଡାକ୍ତରଖାନାକୁ ପଠାଇଛି। ତେବେ ପ୍ରେମୀଯୁଗଳ ଆତ୍ମହତ୍ୟା କରିଛନ୍ତି ନା ସେମାନଙ୍କ ମୃତ୍ୟୁ ପଛରେ ଅନ୍ୟକିଛି କାରଣ ରହିଛି, ତାହା ସ୍ପଷ୍ଟ ହୋଇନାହିଁ। ଭେଡ଼େନ ଥାନା ପୋଲିସ ଏ ନେଇ ଏକ ଅପମୃତ୍ୟୁ ମାମଲା (ନଂ.୧୭/୨୪) ରୁଜୁ କରି ଅଧିକ ତଦନ୍ତ କରୁଛି।

ସୂଚନା ଅନୁଯାୟୀ, ସୁନୀଲ ଏବଂ ନାବାଳିକାଙ୍କ ମଧ୍ୟରେ ଦୀର୍ଘଦିନରୁ ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା। ଉଭୟେ ଭିନ୍ନ ଜାତିର ହୋଇଥିବାରୁ ବିବାହ ପାଇଁ ପରିବାର ଲୋକଙ୍କ ସହମତି ନ ମିଳିବା ପରେ ଏଭଳି ନିଷ୍ପତ୍ତି ନେଇଥିବା ସନ୍ଦେହ କରାଯାଉଛି। ଏ ନେଇ ପରିବାର ଲୋକ ତଥା ଗ୍ରାମବାସୀଙ୍କ ମଧ୍ୟରେ ସଭା ମଧ୍ୟ ହୋଇଥିଲା। ଉଭୟେ ଗତ ମାସ ୨୬ ତାରିଖରୁ ନିଖୋଜ ହୋଇଯାଇଥିଲେ। ନାବାଳିକାଙ୍କ ବାପା ଏ ନେଇ ପୋଲିସକୁ ଜଣାଇଥିଲେ ଏବଂ ପୋଲିସ ଏକ ନିଖୋଜ ମାମଲା ରୁଜୁ କରିଥିଲା।

ବୁଧବାର ସକାଳେ ବିନ୍ଧ୍ୟବାସିନୀ ପାହାଡ଼ର ଏକ ଖଇର ଗଛରେ ପ୍ରେମୀଯୁଗଳଙ୍କ ମୃତଦେହ ଝୁଲୁଥିବା ସ୍ଥାନୀୟ ଲୋକେ ଦେଖିବାକୁ ପାଇଥିଲେ। ଖବର ପାଇ ପରିବାର ଲୋକେ ସେଠାରେ ପହଞ୍ଚି ମୃତଦେହ ଚିହ୍ନଟ କରିଥିଲେ। ବରଗଡ଼ ଅତିରିକ୍ତ ଏସ୍‌ପି ତପନ କୁମାର ମହାନ୍ତି, ଏସ୍‌ଡିପିଓ ପଦାରବିନ୍ଦ ତ୍ରିପାଠୀ, ଭେଡ଼େନ ଥାନା ଆଇଆଇସି ପ୍ରେମଜିତ ଦାଶ, ରୁଷୁଡ଼ା ଫାଣ୍ଡି ଅଧିକାରୀ ପ୍ରମୋଦ କୁମାର ସାହୁ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚିଥିଲେ। ଅତିରିକ୍ତ ତହସିଲଦାର ଦେବାନନ୍ଦ ସାହୁଙ୍କ ଉପସ୍ଥିତିରେ ମୃତଦେହ ଜବତ ହୋଇଥିଲା। ଉକ୍ତ ଘଟଣା ଅଞ୍ଚଳବାସୀଙ୍କୁ ସ୍ତବ୍ଧ କରି ପକାଇଛି।

# ଲୁଟେରାଙ୍କ ଟାର୍ଗେଟରେ ସରକାରୀ କ୍ୱାର୍ଟର୍ସ

ଭୁବନେଶ୍ୱର,୨।୧୦
(ସୂର୍ଯ୍ୟକାନ୍ତ ବେହେରା)

- ଏଏସ୍‌ଓଙ୍କ ଘରୁ ଲୁଟିନେଲେ ଟଙ୍କା, ଗହଣା
- ଗୋଟିଏ ଦିନରେ ୩ ଚୋରି

ଦୁର୍ଗାପୂଜା ଯେତିକି ପାଖେଇ ଆସୁଛି ଲୁଟେରାମାନେ ମଧ୍ୟ ସକ୍ରିୟ ହୋଇଉଠୁଛନ୍ତି। ରାତି ହେଉ କି ଦିନ ବେଧଡ଼କ ଭାବେ ଘରୁ ଲୁଟି ନେଉଛନ୍ତି। ରାଜଧାନୀର ବିଭିନ୍ନ ଘର ଓ ଆପାର୍ଟମେଣ୍ଟକୁ ଟାର୍ଗେଟ କରି ଚୋରି କରିବା ପରେ ଏବେ ସରକାରୀ କ୍ୱାର୍ଟର୍ସ ଉପରେ ନଜର ପକାଇଛନ୍ତି। ନୟାପଲ୍ଲୀ ଥାନା ଅନ୍ତର୍ଗତ ରେଣ୍ଟାଲ କଲୋନୀ ଓ ଆଇଆର୍‌ସି ଭିଲେଜ ଅଞ୍ଚଳରେ ଥିବା ସରକାରୀ କ୍ୱାର୍ଟର୍ସରୁ ଗୋଟିଏ ଦିନରେ ୩ ଟି ଘରୁ ଚୋରି ହୋଇଥିବା ଜଣାପଡ଼ିଛି। ରେଣ୍ଟାଲ କଲୋନୀ ଅଞ୍ଚଳରେ ଥିବା ସରକାରୀ କ୍ୱାର୍ଟର୍ସ ନଂ. ଟି ୧/୨ରେ ରହୁଥିବା ଆସିଷ୍ଟାଣ୍ଟ ସେକ୍ସନ ଅଫିସର(ଏଏସ୍‌ଓ) ସୌମ୍ୟରଞ୍ଜନ ବାରିକଙ୍କ ଘରୁ ଦୁର୍ବୃତ୍ତମାନେ ୧ ଲକ୍ଷ ଟଙ୍କା, ୧୫ ଗ୍ରାମର ସୁନାଗହଣା ଲୁଟି ନେଇଛନ୍ତି। ସୌମ୍ୟରଞ୍ଜନ ଓ ତାଙ୍କ ବାପା ଘରେ ନ ଥିବାବେଳେ ଦିନ ଦ୍ୱିପ୍ରହରରେ ଲୁଟେରାମାନେ ତାଙ୍କ ଘରର ତାଲା ଲଗା ଯାଉଥିବା ହୁକ୍‌କୁ କାଟି ଭିତରେ ପଶିବା ସହ ଆଲମିରା ତାଡ଼ି ଚୋରି କରି ନେଇଛନ୍ତି। ଏହାସହ ଘରେ ଥିବା ଜିନିଷକୁ ଏଣେତେଣେ ଫୋପାଡ଼ି ଦେଇଛନ୍ତି। ଏନେଇ ଚୋରି ସଂକ୍ରାନ୍ତରେ ଏଏସ୍‌ଓ ସ୍ଥାନୀୟ ଥାନାରେ ଅଭିଯୋଗ କରିଛନ୍ତି। ସେହିପରି ଆଇଆର୍‌ସି ଭିଲେଜ ଅଞ୍ଚଳରେ ଥିବା ସରକାରୀ କ୍ୱାର୍ଟର୍ସ ନଂ. ୧୦୫ରେ ରହୁଥିବା ଆସିଷ୍ଟାଣ୍ଟ ଡାଇରେକ୍ଟର(ଲ') ରାଜେଶ୍ୱର ଦାସଙ୍କ ଘରୁ ମଧ୍ୟ ଦୁର୍ବୃତ୍ତମାନେ କିଛି ସାମଗ୍ରୀ ନେଇଯାଇଥିବା ସେ ଅଭିଯୋଗ କରିଛନ୍ତି। ସେ ତାଲା ପକାଇ ସକାଳୁ ଅଫିସ ଯାଇଥିଲେ। ରାତିରେ ଘରକୁ ଫେରିବା ବେଳକୁ ତାଙ୍କ ଘରର ଗ୍ରୀଲ ଓ ତାଲା କଟା ଯାଇଥିବା ଦେଖିବାକୁ ପାଇଥିଲେ। ଏହାସହ ଘରର ଜିନିଷ ସାମଗ୍ରୀ ଏଣେ ତେଣେ ଫୋପଡ଼ା ଯିବା ସହ କିଛି ସାମଗ୍ରୀ ଚୋରି ହୋଇଥିବା ସେ ଅଭିଯୋଗ କରିଛନ୍ତି। ସେହିଭଳି ୧୦୬ ନମ୍ବର କ୍ୱାର୍ଟର୍ସରୁ ମଧ୍ୟ ଚୋରି ହୋଇଥିବା ନେଇ ଅଭିଯୋଗ ହୋଇଛି। ସେପ୍ଟମ୍ବର ୩୦ରେ ଘଟିଥିବା ଏହି ୩ଟି ଘଟଣାର ଅଭିଯୋଗ ଆସିବା ପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇବା ସହ ଆଖପାଖରେ ଲାଗିଥିବା ସିସିଟିଭି ଫୁଟେଜରୁ ଦୁର୍ବୃତ୍ତଙ୍କୁ ଚିହ୍ନଟ କରି ଧରିବାକୁ ଉଦ୍ୟମ ଜାରି ରଖିଛି।

# କମ୍ପ୍ୟୁଟର ସେଣ୍ଟରରେ ନକଲି ମାଲିକ: ଜଣେ ଅଟକ

କନ୍ଧମାଳ/ ମନମୁଣ୍ଡା,୨।୧୦
(ଆଦିତେଶ୍ୱର ମିଶ୍ର /ବେଣୁଧର ପଧାନ)

ବୌଦ୍ଧ ଜିଲା ମନମୁଣ୍ଡା ଥାନା ଅଧୀନ ଦହ୍ୟାଠାରେ ଓମ୍ କମ୍ପ୍ୟୁଟର ସେଣ୍ଟର କାର୍ଯ୍ୟ କରୁଛି। ଏହି କେନ୍ଦ୍ରରେ ବର୍ତ୍ତମାନ ଆର୍‌ଆଇ ପରୀକ୍ଷା ଚାଲୁ ରହିଛି। ଏହି ସେଣ୍ଟରରେ ଦିନକୁ ୩ ଗୋଟି ଶିଫ୍ଟରେ ଆର୍‌ଆଇ ପରୀକ୍ଷା ଚାଲିଥିବା ବେଳେ ପ୍ରତ୍ୟେକ ଶିଫ୍ଟରେ ୩୭ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଉଛନ୍ତି। କିନ୍ତୁ ପରୀକ୍ଷା କେନ୍ଦ୍ର ଅସଲି ଥିବାବେଳେ କେନ୍ଦ୍ରର ମାଲିକ ନକଲି ବୋଲି ଅଭିଯୋଗ ହେବା ପରେ ବୁଧବାର ପୋଲିସ ଉକ୍ତ ସେଣ୍ଟର ଉପରେ ଚଢ଼ାଉ କରିଥିଲା। ପୋଲିସ ଉକ୍ତ ସେଣ୍ଟରରୁ ଜଣେ ବ୍ୟକ୍ତିଙ୍କୁ ନେଇ ଥାନାରେ ଅଟକ ରଖି ତଦନ୍ତ ଆରମ୍ଭ କରିଛି।

ସେଣ୍ଟରର ମାଲିକ ସମ୍ବିତ୍ କୁମାର ବେହେରା ବୋଲି କୁହାଯାଉଥିବା ବେଳେ ତାଙ୍କ ପ୍ରୋପ୍ରାଇଟର ସିଟ୍‌ରେ କୁଆଡେ ନକଲି ଭାବେ ଅନ୍ୟ ଜଣଙ୍କ ଫଟୋ ଲାଗିଥିଲା। ଅନ୍ୟପକ୍ଷରେ ପରୀକ୍ଷା କେନ୍ଦ୍ରରେ ପରୀକ୍ଷା ଦେଇଥିବା ପରୀକ୍ଷାର୍ଥୀ ଏବେ ଚିନ୍ତାରେ ପଡି ଯାଇଛନ୍ତି। ଜିଲାରେ ନକଲି ଭାବେ ଚାଲୁଥିବା ସେଣ୍ଟର ସମ୍ପର୍କରେ କିପରି ପ୍ରଶାସନିକ ଅଧିକାରୀମାନେ ଜାଣିପାରିଲେ ନାହିଁ ଏହାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏ ସଂକ୍ରାନ୍ତରେ ମନମୁଣ୍ଡା ଥାନା ଅଧିକାରୀ ରାଜକୁମାର ମୁର୍ମୁଙ୍କୁ ପଚାରିବାରେ ଏନେଇ କୌଣସି ମାମଲା ହୋଇନାହିଁ, ଅଭିଯୋଗ ପରେ ଜଣଙ୍କୁ ଅଟକ ରଖାଯାଇଛି। ଅଟକ ବ୍ୟକ୍ତି ଜଣକ ସେଠାରେ କାମ କରୁଥିବା କହିଥିବା ବେଳେ ଘଟଣାର ତଦନ୍ତ ଆରମ୍ଭ ହୋଇଥିବା ପ୍ରକାଶ କରିଛନ୍ତି।

# ଧକ୍କା ମାରି ଚମ୍ପଟ ମାରିଲେ ଗିରଫ ଗଞ୍ଜେଇ ମାଫିଆ

ଦେବଗଡ଼,୨।୧୦
(ଶଶାଙ୍କ ଶେଖର ଝାଙ୍କର)

## ପୁଣି ଥରେ ଚର୍ଚ୍ଚାରେ ବାରକୋଟ ଥାନା

କନ୍ଧମାଳ ଜିଲାରୁ ଗିରଫ କରି ଆଣିଥିବା ଜଣେ ଗଞ୍ଜେଇ ମାଫିଆ ଦେବଗଡ଼ ଜିଲା ବାରକୋଟ ଥାନାର ୨ଜଣ ପୋଲିସ ଅଧିକାରୀଙ୍କୁ ଧକ୍କା ଦେଇ ଫେରାର ହେବା ଘଟଣାକୁ ନେଇ ପୁଣିଥରେ ଚର୍ଚ୍ଚାକୁ ଆସିଛି। ଏହାକୁ ନେଇ ବାରକୋଟ ଥାନା ପୋଲିସର ସ୍ୱଚ୍ଛତା ଓ କାର୍ଯ୍ୟଦକ୍ଷତା ନେଇ ସାଧାରଣରେ ନାନା ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସୂଚନା ଅନୁଯାୟୀ ରବିବାର ପ୍ରତ୍ୟୁଷରେ ବାରକୋଟ ଥାନାଞ୍ଚଳ ଜୟପିଛୁଳା ଗ୍ରାମ ନିକଟସ୍ଥ ୪୯ନଂ. ଜାତୀୟ ରାଜପଥରେ ଏକ ଗଞ୍ଜେଇ ବୋଝେଇ କାର ଏକ ମୁଢ଼ି ବୋଝେଇ ଅଟୋକୁ ଧକ୍କା ଦେବା ସହ ଚୁରମାର ହୋଇ ସେଠାରେ ଅଟକି ରହିଥିଲା। ଦୁର୍ଘଟଣା ପରେ ଉକ୍ତ କାରରେ ଥିବା ଗଞ୍ଜେଇ ମାଫିଆମାନେ ଫେରାର ହୋଇଯାଇଥିବା ବେଳେ ବାରକୋଟ ପୋଲିସ ଦୁର୍ଘଟଣା କାରରୁ ଏକ କୁଇଣ୍ଟାଲ ୨୦ କିଲୋଗ୍ରାମ ଗଞ୍ଜେଇ ଜବତ କରିଥିଲା। ସେହିପରି ଗଞ୍ଜେଇ ଚୋରାଚାଲାଣ ଘଟଣାରେ କନ୍ଧମାଳ ଜିଲା ଖଜୁରୀପଡ଼ା ଥାନାଞ୍ଚଳ ବରିଗୁମ୍ମା ଗ୍ରାମର ସନତ ଦିଗଲ ସମ୍ପୃକ୍ତ ଥିବା ଜଣାପଡିବାରୁ ବାରକୋଟ ପୋଲିସ ଖଜୁରୀପଡ଼ା ଥାନା ପୋଲିସ ସହାୟତାରେ ସନତଙ୍କୁ ଗିରଫ କରି ବାରକୋଟ ଥାନାକୁ ଆଣିଥିଲା। କୋର୍ଟ ଚାଲଣ କରିବା ପୂର୍ବରୁ ସନତ ବାରକୋଟ ଥାନା ସବ୍‌ଇନ୍ସପେକ୍ଟର ଆମୁନସେନ କିରୋ ଓ ଏଏସଆଇ ସନ୍ତୋଷ କୁମାରତ ନାୟକଙ୍କୁ ଧକ୍କା ମାରି ଫେରାର ହୋଇଯାଇଥିଲେ। ବାରକୋଟ ପୋଲିସ ଏ ନେଇ ପୁଣି ଅନ୍ୟ ଏକ ମାମଲା ରୁଜୁ କରି ଫେରାର ସନତଙ୍କୁ ଧରିବା ପାଇଁ ବିଭିନ୍ନ ସ୍ଥାନରେ ଚଢଉ ଜାରି ରଖିଥିଲେ ହେଁ ଖବର ଲେଖାଯିବା ପର୍ଯ୍ୟନ୍ତ ଗିରଫ କରିବାରେ ବିଫଳ ହୋଇଛି। ବାରକୋଟ ପୋଲିସର ଚରମ ଅବହେଳା, ଅପାରଗତା ଓ ଖାମଖିଆଲି ମନୋଭାବ ଯୋଗୁ ଗିରଫ ସନତ ଥାନାରୁ ଫେରାର ହୋଇଯାଇଥିବା ସାଧାରଣରେ ଆଲୋଚନା ହେଉଛି।

# ସଫେଇ ଆଳରେ ସୁନା ଅଳଙ୍କାର ଲୁଟ୍

ଭୁବନେଶ୍ୱର,୨।୧୦(ସୂର୍ଯ୍ୟକାନ୍ତ ବେହେରା)

## ରାଜଧାନୀରେ ମାତିଛନ୍ତି ଗ୍ୟାଙ୍ଗ୍

ସଫେଇ ଆଳରେ ସୁନା ଜିନିଷ ନେଇ ଦୁର୍ବୃତ୍ତ ଚମ୍ପଟ ମାରୁଛନ୍ତି। ରାଜଧାନୀରେ ଏଭଳି ତରିକାରେ କିଛି ଗ୍ୟାଙ୍ଗ ଏବେ ମାତିଛନ୍ତି। ସହରର ଗଳିକନ୍ଦିଠାରୁ ଆରମ୍ଭ କରି ଉପକଣ୍ଠ ପର୍ଯ୍ୟନ୍ତ ଘର ଘର ବୁଲି ଏହି ଗ୍ୟାଙ୍ଗ ସକ୍ରିୟ ହୋଇଉଠିଛନ୍ତି। ବଡ଼ଗଡ଼ ଥାନା ଅଞ୍ଚଳରେ ଜଣେ ମହିଳାଙ୍କ ସଫେଇ ଆଳରେ ତାଙ୍କର ୧୩ ଗ୍ରାମର ସୁନାଚେନ ଓ ମୁଦି ନେଇ ଦୁର୍ବୃତ୍ତ ଫେରାର ହୋଇଯାଇଛନ୍ତି। ଏନେଇ ଠକେଇର ଶିକାର ହୋଇଥିବା ଲକ୍ଷ୍ମୀପ୍ରିୟା ପ୍ରଧାନ ସ୍ଥାନୀୟ ଥାନାରେ ମଙ୍ଗଳବାର ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁସାରେ ଦୁଇ ଜଣ ବ୍ୟକ୍ତି ବାଇକରେ ଆସି ରୁପା ଜିନିଷ ସଫା କରିବାକୁ କହିଥିଲେ। ଫଳରେ ଲକ୍ଷ୍ମୀପ୍ରିୟା ତାଙ୍କୁ ରୁପାର ପାଉଁଜି ଦେଇଥିଲେ। ଏହାପରେ ସେ ସୁନା ଜିନିଷ ମାଗିବାରୁ ସୁନାଚେନ ଓ ମୁଦି ଦେଇଥିଲେ। କିନ୍ତୁ ଅଭିଯୁକ୍ତମାନେ ହଠାତ ସଫା କରିବା ବଦଳରେ ବାଇକରେ ଫେରାର ହୋଇଯାଇଥିଲେ। ସେହିପରି ସୋମବାର ମଧ୍ୟ ଧଉଳି ଥାନା ଅନ୍ତର୍ଗତ ଶିଶୁପାଳଗଡ଼ ଅଞ୍ଚଳରେ ଜଣେ ମହିଳାଙ୍କଠାରୁ ଦୁର୍ବୃତ୍ତମାନେ ସଫେଇ ଆଳରେ ସୁନାହାର, ଚୁଡ଼ି, ରୁପା ଜିନିଷ ନେଇ ଯାଇଥିବା ନେଇ ସ୍ଥାନୀୟ ଥାନାରେ ଅଭିଯୋଗ ହୋଇଛି। ରାଜଧାନୀରେ ଏହି ଗ୍ୟାଙ୍ଗ ସକ୍ରିୟ ଥିବାବେଳେ ପୋଲିସ ସେମାନଙ୍କୁ ଧରିବାରେ ବିଫଳ ହୋଇଛି।

ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**କିଏ ଖାଉଥାଏ ଖିରି ଖିରିସା,**
**କାହା ଭାଗ୍ୟେ ନାହିଁ କୁଣ୍ଡା ଆରିସା।**

ନିଜ ଜୀବଦ୍ଦଶାରେ ପ୍ରତ୍ୟେକ ବ୍ୟକ୍ତି ପ୍ରାରବ୍ଧ କର୍ମ ଅନୁସାରେ ଫଳ ଭୋଗ କରିଥାଆନ୍ତି। କାହା ଭାଗ୍ୟରେ ଖିରିପୁରି ଭଳି ମିଷ୍ଟାନ୍ନ ବ୍ୟଞ୍ଜନ ଖଞ୍ଜା ହୋଇ ରହୁଥିବା ବେଳେ ଆଉ କିଏ ଭୋକ ଉପାସରେ ପଡ଼ିରହି ଦିନ ବିତାଉଥିବାର ଦେଖିବାକୁ ମିଳିଥାଏ। କର୍ମାନୁଯାୟୀ ଫଳ ମିଳୁଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**କରମ ଗୁଣେ କରମଙ୍ଗା ଫଳେ**
**ଲାଉ ଲଗାଇଲେ ଚଲଣା ଫଳେ।**

ମଣିଷ ନିଜ ପ୍ରାରବ୍ଧ କର୍ମ ଅନୁସାରେ ଫଳ ଭୋଗ କରିଥାଏ। ତେବେ ଭାଗ୍ୟ ମନ୍ଦ ପଡ଼ିଲେ କର୍ମ ଫଳ ମଧ୍ୟ ମନ୍ଦ ହୋଇଯାଏ ବୋଲି ଏଠାରେ ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲି:



ବୁଧବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗ ଚିତ୍ର।

# ଖଣି ଅଞ୍ଚଳରୁ ତେଲ ଚୋରି

ଯୋଡ଼ା/ବଡ଼ବିଲ,୨/୧୦(ମାନସ ମହାନ୍ତି)

କେନ୍ଦୁଝର ଜିଲା ବଲାଣୀ ଖଣି ଅଞ୍ଚଳରେ ଟ୍ରକ୍‌ରୁ ତେଲ ଚୋରି ଅଭିଯୋଗ ହେଉଛି। ଏ ନେଇ ବାରମ୍ବାର ଅଭିଯୋଗ ପରେ ବଡ଼ବିଲ ପୋଲିସ ମଙ୍ଗଳବାର ରାତିରେ ବାଲାଗୋଡ଼ା ଛକ ନିକଟରେ ଚଢ଼ାଉ କରି ୨ ବୋଲେରୋ ସହ ୪୨୦ ଲିଟର ଡିଜେଲ ଜବତ କରିଛି। ଘଟଣାରେ ପୋଲିସ ଜଣେ ନାବାଳକଙ୍କୁ ଅଟକ ରଖିଥିବା ବେଳେ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଅନ୍ୟ ଦୁଇଜଣ ଫେରାର ହୋଇଯାଇଥିବା ସୂଚନା ମିଳିଛି। ସୂଚନା ମୁତାବକ, ବଡ଼ବିଲ, ବଲାଣୀ ଅଞ୍ଚଳରୁ ଡିଜେଲ ମାଫିଆମାନେ ପ୍ରତିଦିନ ପରିବହନ ପାଇଁ ଛିଡ଼ା ହୋଇଥିବା ଟ୍ରକ୍‌ଗୁଡ଼ିକରୁ ଡିଜେଲ ଚୋରି କରୁଛନ୍ତି। ମଙ୍ଗଳବାର ରାତିରେ ଦୁର୍ବୃତ୍ତ ଟ୍ରକଗୁଡ଼ିକରୁ ଡିଜେଲ ଚୋରି କରି ନେଉଥିବା ବେଳେ ପୋଲିସ ସୂଚନା ପାଇ ବାଲାଗୋଡ଼ା ଛକ ନିକଟରେ ଚଢ଼ାଉ କରିଥିଲା। ପୋଲିସ ବୋଲେରୋ(ନଂ. ଓଆର୍-୨୩-ଡି-୦୦୫୫) ଓ(ନଂ.ଓଡି-୦୯-କେ-୭୪୪୯) ଜବତ କରିବା ସହିତ ୨ ଜଣ ଡିଜେଲ ଚୋରଙ୍କୁ କାବୁ କରିଥିଲା। ଦୁଇ ଜଣଙ୍କ ମଧ୍ୟରୁ ଜଣେ ନାବାଳକ ହୋଇଥିବା ବେଳେ ଅନ୍ୟ ଜଣେ ବଲାଣୀ ଥାନା ଅନ୍ତର୍ଗତ ବଲାଣୀ ମାର୍କେଟ ଅଞ୍ଚଳର ରୋଶନ ଗୁପ୍ତା ବୋଲି ସୂଚନା ମିଳିଛି। ରୋଶନଙ୍କୁ କୋର୍ଟଚାଲାଣ କରାଯାଇଥିବା ବଡ଼ବିଲ ଥାନା ଅଧିକାରୀ ରମାକାନ୍ତ ମୁଦୁଲି ସୂଚନା ଦେଇଛନ୍ତି।

**ଧରାହେଲା ୪୨୦ ଲିଟର ଡିଜେଲ**

# ଚିକିତ୍ସା ଅବହେଳାରୁ ମୃତ୍ୟୁ ଅଭିଯୋଗ

**କାର୍ଯ୍ୟାନୁଷ୍ଠାନ ଦାବିକଲେ ପରିବାର, ସରପଞ୍ଚ**

ଛତ୍ରପୁର,୨।୧୦(ସନ୍ତୋଷ ପାଢୀ/ ଦିଲୀପ ସାମଲ)

ଗଞ୍ଜାମ ଜିଲା ଛତ୍ରପୁର ହସ୍ପିଟାଲରେ ବୁଧବାର ଏକ ଅଭାବନୀୟ ଘଟଣା ଘଟିଛି। ଚିକିତ୍ସା ଅବହେଳାରୁ ଜଣଙ୍କର ମୃତ୍ୟୁ ହୋଇଥିବା ନେଇ ତାଙ୍କ ପରିବାର ଓ ସ୍ଥାନୀୟ ସରପଞ୍ଚ ଅଭିଯୋଗ କରିଛନ୍ତି। ମୃତକ ହେଲେ ଶ୍ରୀରାମଚନ୍ଦ୍ରପୁର ପଞ୍ଚାୟତ ଘଡଘଡାପଲ୍ଲୀ ଗାଁର ଡି.ଜଗା ପାତ୍ର। ଜଗାଙ୍କ ଛାତିରେ ବୁଧବାର ସକାଳେ ଯନ୍ତ୍ରଣା ହେବାରୁ ପରିବାର ଲୋକେ ତାଙ୍କୁ ଛତ୍ରପୁର ହସ୍ପିଟାଲକୁ ଆଣିଥିଲେ। ତାଙ୍କର ଇସିଜି କରିବାକୁ କାଜୁଆଲଟିରେ ଥିବା ଡାକ୍ତର ପରାମର୍ଶ ଦେଇଥିଲେ। ତେବେ ଏହି ସମୟରେ ହସ୍ପିଟାଲରେ ଥିବା ଇସିଜି ସେଣ୍ଟର ବନ୍ଦ ଥିଲା। ଘଣ୍ଟାଏ ପରେ ଜଗାଙ୍କ ଛାତିରେ ପୁଣି ଅଧିକ ଯନ୍ତ୍ରଣା ହେବାରୁ ପରିବାର ଲୋକେ ଡାକ୍ତରଙ୍କ ସହ ଯୋଗାଯୋଗ କରିଥିଲେ। ତେବେ ଇସିଜି ରିପୋର୍ଟ ଆସିବା ପରେ ଦେଖିବା ବୋଲି ଡାକ୍ତର କହିଥିଲେ। ପ୍ରାୟ ଅଢେଇ ଘଣ୍ଟା ଧରି ଚିକିତ୍ସା ନ ପାଇ ଜଗା ହସ୍ପିଟାଲ ପିଣ୍ଡାରେ ପଡି ରହିଥିଲେ। ପରେ ତାଙ୍କର ମୃତ୍ୟୁ ହୋଇଥିଲା। କାଜୁଆଲଟି କିମ୍ବା ଇନ୍‌ଡୋରରେ ତାଙ୍କୁ ଡାକ୍ତର ଭର୍ତ୍ତି ନ କରିବାରୁ ଚିକିତ୍ସା ଅବହେଳାରୁ ବାପାଙ୍କ ମୃତ୍ୟୁ ହେଲା ବୋଲି ଜଗାଙ୍କ ପୁଅ ରାଜା ଅଭିଯୋଗ କରିଛନ୍ତି। ଏହାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସରପଞ୍ଚ ସଞ୍ଜୀବ ରେଡ୍ଡି ଓ ପରିବାର ଲୋକେ ଦାବି କରିଛନ୍ତି।

# ବାଣ ଭିଡୁଥିବା ବେଳେ ବିସ୍ଫୋରଣ: ଜଣେ ଗୁରୁତର

ନିଶ୍ଚିନ୍ତକୋଇଲି,୨।୧୦
(ଅଶୋକ କୁମାର ମହାପାତ୍ର)

କଟକ ଜିଲା ସାଲେପୁର ଥାନା ଅଧୀନ ଜିମ୍ପିପୁର ଗାଁର ପର୍ଶୁରାମ ବେହେରା ଘରେ ବାଣ ଭିଡ଼ିବା ସମୟରେ ବୁଧବାର ବିସ୍ଫୋରଣରେ ଜଣେ ଗୁରୁତର ହୋଇଛନ୍ତି। ସେ ହେଲେ ଜିମ୍ପିପୁର ଗାଁର କାରିଗର ରବୀନ୍ଦ୍ର ଦଳାଇ(୪୮)। ସ୍ଥାନୀୟ ଲୋକେ ରବୀନ୍ଦ୍ରଙ୍କୁ ଉଦ୍ଧାର କରି ତାଙ୍କୁ ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଅବସ୍ଥା ଉଦ୍‌ବେଗ ଜନକ ହେବାରୁ ତାଙ୍କୁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ଖବରପାଇ ସାଲେପୁର ଥାନା ଆଇଆଇସି ମନୋଜ କୁମାର ସ୍ୱାଇଁ ଘଟଣାସ୍ଥଳକୁ ଯାଇ ତଦନ୍ତ ଆରମ୍ଭ କରିଛନ୍ତି। ତେବେ ବେଆଇନ ବାଣ ତିଆରି କରାଯାଉଥିବା ଘରର ବ୍ୟାପକ କ୍ଷତି ହୋଇଛି। ଏଥିସହ ଘରୁ ପର୍ଯ୍ୟାପ୍ତ ପରିମାଣର ବାରୁଦ, ବାଉଁଶ ପାତିଆ, ସୁତୁଲି ପୋଲିସ ଜବତ କରିଛି। ପୋଲିସ ନିଜ ଆଡୁ ନଂ. ୩୯୩/୨୪ରେ ମାମଲା ରୁଜୁ କରିଛି। ତେବେ ଖବର ପ୍ରଘଟ ହେବା ପରେ କଟକ ଜିଲା ଗ୍ରାମାଞ୍ଚଳ ଅତିରିକ୍ତ ଏସ୍‌ପି କୃଷ୍ଣପ୍ରସାଦ ପଟ୍ଟନାୟକ ଘଟଣାସ୍ଥଳ ପରିଦର୍ଶନ କରିବା ସହ ବେଆଇନ ବାଣ ଭିଡ଼ା ଉପରେ କଡ଼ା ପଦକ୍ଷେପ ନେବାକୁ ସାଲେପୁର, ନିଶ୍ଚିନ୍ତକୋଇଲି ଓ ମାହାଙ୍ଗା ଥାନା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ତେବେ ପାର୍ବଣ ଋତୁ ଆରମ୍ଭ ହୋଇଯାଇଥିବାରୁ ଆସନ୍ତା ଦଶହରା, ଦୀପାବଳି ପାଇଁ ନିଶ୍ଚିନ୍ତକୋଇଲି ବ୍ଲକ ନେମାଳ, ସାଲେପୁର ଅଞ୍ଚଳରେ ପର୍ଯ୍ୟାପ୍ତ ପରିମାଣର ବେଆଇନ ବାଣ ବିକ୍ରି ଓ ତିଆରି ହେଉଥିବା ଅଭିଯୋଗ ହୋଇଛି।



ଘରେ ବାଣ ବିସ୍ଫୋରଣ ସ୍ଥାନରେ ପୋଲିସ ତଦନ୍ତ କରୁଛି।

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................

ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ଯାଜପୁର ବିକାଶ ପାଇଁ ଲଢ଼ିବାକୁ ପ୍ରସ୍ତୁତ: ବବି



ଦଶରଥପୁର ବିଜେଡି ଜନସମ୍ପର୍କ ସଭାରେ ପ୍ରଣବପ୍ରକାଶ ଦାସ।

**ଝୁମ୍ପୁରୀ, ୨।୧୦(ସରୋଜ ନାୟକ)**

ଯାଜପୁରର ବିକାଶ ପାଇଁ ମୁଁ ପୁଣି ଲଢ଼ିବାକୁ ପ୍ରସ୍ତୁତ ବୋଲି ଯାଜପୁରର ପୂର୍ବତନ ବିଧାୟକ ପ୍ରଣବ ପ୍ରକାଶ ଦାସ(ବବି) ଘୋଷଣା କରିଛନ୍ତି। ଗାନ୍ଧୀ ଜୟନ୍ତୀ ଅବସରରେ ବିଜୁ ଜନତା ଦଳ ପକ୍ଷରୁ ବୁଧବାରଠାରୁ ଆରମ୍ଭ ହୋଇଥିବା ଜନସମ୍ପର୍କ ପଦଯାତ୍ରାରେ ସାମିଲ ହୋଇ ସେ ଏକଥା କହିଛନ୍ତି।

ଯାଜପୁର ଜିଲା ଦଶରଥପୁର ବ୍ଲକ୍‌ର କୁଆଁସ ମା' ମଙ୍ଗଳାପୀଠରୁ ଆରମ୍ଭ ହୋଇଥିବା ପଦଯାତ୍ରାରେ ବହୁ କର୍ମୀ ସାମିଲ ହୋଇଥିଲେ। ଜିଲା ବିଜେଡି ସଭାପତି ସରୋଜ କୁମାର ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଜନସମ୍ପର୍କ ସଭାରେ ପୂର୍ବତନ ବିଧାୟକ ପ୍ରଣବ ପ୍ରକାଶ ମୁଖ୍ୟ ଅତିଥିଭାବେ ଯୋଗଦେଇ ପଦଯାତ୍ରାର ଶୁଭାରମ୍ଭ କରିଥିଲେ। ଏହି ଅବସରରେ ସେ କହିଥିଲେ, ଯାଜପୁରର ବିକାଶରେ ବାଧା ସୃଷ୍ଟି କରିବାକୁ ଚକ୍ରାନ୍ତ ଚାଲିଛି। ଯାଜପୁରକୁ ଆଗକୁ ନେବାପାଇଁ ଯେତେ ବାଧାବିଘ୍ନ ଆସୁପଛେ ସେସବୁକୁ ସାମ୍ନା କରିବାକୁ ପ୍ରସ୍ତୁତ ଅଛନ୍ତି। ଯାଜପୁରର ବିକାଶ ପାଇଁ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଯେତେବେଳେ ଯାହା ମାଗିଥିଲେ ସେ ଆଖିବୁଜି ଦେଇଛନ୍ତି। ସେଥିପାଇଁ ଯାଜପୁର ବିକାଶର ଶିଖରରେ ପହଞ୍ଚିଛି, ଯାହାକୁ କି ଭାଜପା ସରକାର ସହ୍ୟ କରିପାରୁନାହିଁ ବୋଲି ପ୍ରଣବ ପ୍ରକାଶ କହିଛନ୍ତି। ବିଧାନସଭା ନିର୍ବାଚନରେ ଯାଜପୁରବାସୀ ପୁଣିଥରେ ଆସ୍ଥା ପ୍ରକଟକରି ବିଜେଡି ପ୍ରାର୍ଥିନୀଙ୍କୁ ଏଠାରେ ବିଜୟୀ କରିଥିବାରୁ ସେ ଯାଜପୁରର ସମସ୍ତ ଜନସାଧାରଣଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଅନ୍ୟତମ ଅତିଥିଭାବେ ଯାଜପୁର ବିଧାୟିକା ସୁଜାତା ସାହୁ ଯୋଗଦେଇ ବିଜେଡି ସରକାରକୁ ଲୋକେ ଏବେବି ଝୁରି ହେଉଛନ୍ତି ବୋଲି କହିଥିଲେ। ସମ୍ମାନିତ ଅତିଥିଭାବେ ପୂର୍ବତନ ଏମ୍‌ପି ଶର୍ମିଷ୍ଠା ସେଠୀ, ଦଶରଥପୁର ବ୍ଲକ୍ ଅଧ୍ୟକ୍ଷ ଦିଗାମ୍ବର ମଲ୍ଲିକ, ବିଜେଡି ନେତା କର୍ଣ୍ଣାଟ କେଶରୀ ଦାସ, ଜିଲା ପରିଷଦ ସଭ୍ୟ ପାର୍ଥସାରଥୀ ମହାପାତ୍ର, ବ୍ଲକ୍ ବିଜେଡି ସଭାପତି ଅଜୟ କୁମାର ମହାନ୍ତି ପ୍ରମୁଖ ଯୋଗଦେଇଥିଲେ।

# ଆଗକୁ ବିଜେଡି ଖାଲି ହୋଇଯିବ: ମନମୋହନ

**ଭୁବନେଶ୍ୱର, ୨।୧୦(ସୁନିତ୍ ମିଶ୍ର)**

ଭାଜପାରେ ମିଶିବା ପାଇଁ ବହୁ ବିଜେଡି ନେତା ଏବେ ଆବେଦନ କରିଛନ୍ତି। ଏହାର ଏକ ଲମ୍ବା ତାଲିକା ରହିଛି। ବିଜେଡି ଆଗକୁ ଖାଲି ହୋଇଯିବ। ନବୀନଙ୍କ ନିର୍ବାଚନମଣ୍ଡଳୀରୁ ପଞ୍ଚାୟତ ପ୍ରତିନିଧିମାନେ ଭାଜପାରେ ମିଶିଛନ୍ତି। ନିକଟରେ ୨ ଜଣ ରାଜ୍ୟ ସଭା ସଦସ୍ୟ ମିଶିଲେ, ଆଗକୁ ଆହୁରି ଅନେକ ନେତା ମିଶିଯିବେ। ସେମାନେ ନିଜ ଇଚ୍ଛାରେ ଭାଜପାରେ ମିଶିବାକୁ ନିବେଦନ କରୁଛନ୍ତି। ୪ ବିଧାନସଭା କ୍ଷେତ୍ରରୁ ବହୁ ଜଣ ଏବେ ମିଶିଛନ୍ତି, ଆଗକୁ ଆହୁରି ୨୦ ଜିଲାରୁ ଆସି ମିଶିବେ ବୋଲି ଦଳର ରାଜ୍ୟ ସଭାପତି ମନମୋହନ ସାମଲ କହିଛନ୍ତି।

ବିଜେଡିର ଜନସମ୍ପର୍କ ପଦଯାତ୍ରାକୁ ନେଇ ମନମୋହନ କହିଛନ୍ତି, ନବୀନବାବୁ ୨୪ ବର୍ଷର ହିସାବ ଦିଅନ୍ତୁ। ନବୀନ କେତେ ପ୍ରତିଶ୍ରୁତି ଦେଇଥିଲେ, ସେଥିରୁ କେତେ ପୂରଣ କରିଛନ୍ତି ତା'ର ହିସାବ ଦିଅନ୍ତୁ। ଭାଜପା ଯାହା ପ୍ରତିଶ୍ରୁତି ଦେଇଥିଲା, ତାହା ପୂରଣ କରିଛି। ଯଦି ନବୀନ ଏହାକୁ ମିଛ କହୁଛନ୍ତି, ତା'ହେଲେ ସତ କ'ଣ କୁହନ୍ତୁ। ସୁଭଦ୍ରା ଯୋଜନାରେ ମହିଳାଙ୍କ ଆକାଉଣ୍ଟକୁ ଟଙ୍କା ଯିବା, ଧାନର ଏମ୍ଏସ୍‌ପି ବୃଦ୍ଧି, ରତ୍ନଭଣ୍ଡାର ଖୋଲିବା, ଭତ୍ତା ବଢ଼ାଇବା ପ୍ରତିଶ୍ରୁତି ମଧ୍ୟ ପାଳନ କରାଯାଇଛି। ୧୦୦ ଦିନରେ ଏହା ଟ୍ରେଲର, ଆଗକୁ ଫିଲ୍ମ ବାକି ଅଛି ବୋଲି ମନମୋହନ କହିଛନ୍ତି।

ସୂଚନାଯୋଗ୍ୟ, ବିଜେଡିର ଜନସମ୍ପର୍କ ପଦଯାତ୍ରା କାର୍ଯ୍ୟକ୍ରମର ଶୁଭାରମ୍ଭକରି ନବୀନ କହିଛନ୍ତି, ଭାଜପା ମିଛ କାହାଣୀ ଏବଂ ପ୍ରତିଶ୍ରୁତି ଦେଇ ସରକାରକୁ ଆସିଛି। ଲୋକଙ୍କୁ ୩୦୦ ୟୁନିଟ୍ ମାଗଣା ବିଦ୍ୟୁତ୍, ମହିଳାମାନଙ୍କୁ ୫୦ ହଜାର ଟଙ୍କା, ଭତ୍ତା ଟଙ୍କା ୩୦୦୦ ଟଙ୍କାକୁ ବୃଦ୍ଧି କରିବେ କହିଥିଲେ। ଏହିପରି ହାତୀ ଦେବୁ ଘୋଡ଼ା ଦେବୁ ବୋଲି ସ୍ୱପ୍ନ ଦେଖାଇଥିଲେ। ଏବେ ଭାଜପାର ମିଛ ଧରାପଡ଼ିଯାଇଛି। ମିଛ କହି ନିର୍ବାଚନ ଜିତିଯାଇ ପାରିବ ହେଲେ ଲୋକଙ୍କ ହୃଦୟ ଛୁଇଁ ହେବନି ବୋଲି ନବୀନ କହିଛନ୍ତି।

# ଭାଜପାରେ ସାମିଲହୋଇ ଦେଶକୁ ଆଗେଇନିଅନ୍ତୁ: ଭୂପେନ୍ଦ୍ର

**ଭୁବନେଶ୍ୱର, ୨।୧୦(ସୁନିତ୍ ମିଶ୍ର)**



ଭାଜପା ରାଜ୍ୟ କାର୍ଯ୍ୟାଳୟରେ ବୁଧବାର ଜଣେ ମହିଳାଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ କେନ୍ଦ୍ରମନ୍ତ୍ରୀ ଭୂପେନ୍ଦ୍ର ଯାଦବ।

## ସରିଲା ଭାଜପାର ସେବାପକ୍ଷ କାର୍ଯ୍ୟକ୍ରମ

### ଦିବ୍ୟାଙ୍ଗଙ୍କୁ ଦଳର ସଦସ୍ୟ କରାଇଲେ ମୁଖ୍ୟମନ୍ତ୍ରୀ

ଭାଜପାର ସେବା ପକ୍ଷ କାର୍ଯ୍ୟକ୍ରମ ଯାହା ଗତ ସେପ୍ଟେମ୍ବର ୧୭ରୁ ଆରମ୍ଭ ହୋଇଥିଲା ତାହା ବୁଧବାର ଗାନ୍ଧୀ ଜୟନ୍ତୀରେ ଶେଷ ହୋଇଛି। ସେବା ପକ୍ଷ ପାଳନ ଅବସରରେ ରାଜ୍ୟବ୍ୟାପୀ ଦୀର୍ଘ ୧୫ ଦିନ ଧରି ବିଭିନ୍ନ ମନ୍ଦିର, ପୁଷ୍କରିଣୀ, ପାର୍କ, ଜଳାଶୟ ଆଦି ସ୍ଥାନରେ ସ୍ୱଚ୍ଛତା ଅଭିଯାନ, ରକ୍ତଦାନ ଶିବିର, 'ମା' ପାଇଁ ଗଛଟିଏ' କାର୍ଯ୍ୟକ୍ରମ ଜରିଆରେ ବୃକ୍ଷରୋପଣ କରାଯାଇଛି। ସେହିପରି ଜାରି ରହିଥିବା 'ସଦସ୍ୟତା ଅଭିଯାନ -୨୦୨୪'କୁ ଆହୁରି ଅଧିକ ଗତିଶୀଳ କରାଯାଇଛି। ରାଜ୍ୟ ସଭାପତି ମନମୋହନ ସାମଲ ଏବଂ କେନ୍ଦ୍ରମନ୍ତ୍ରୀ ଭୂପେନ୍ଦ୍ର ଯାଦବଙ୍କ ଉପସ୍ଥିତିରେ ସେବାପକ୍ଷର ଶେଷଦିନରେ ଦିବ୍ୟାଙ୍ଗମାନଙ୍କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଦଳର ସଦସ୍ୟ କରାଇଛନ୍ତି। ଏହି ଅବସରରେ କେନ୍ଦ୍ରମନ୍ତ୍ରୀ ଭୂପେନ୍ଦ୍ର କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗତ ୧୦ ବର୍ଷ ହେବ ଯେଉଁଭଳି ସ୍ୱଚ୍ଛତାକୁ ଗୁରୁତ୍ୱ ଦେଉଛନ୍ତି ତାହା ସବୁ ଭାରତୀୟଙ୍କ ପାଇଁ ଗର୍ବର ବିଷୟ। ଭାଜପା ସମାଜର ସବୁ ବର୍ଗର ଲୋକଙ୍କ ଦଳ। ଏହି ଦଳରେ ସାମିଲହୋଇ ଦେଶକୁ ଆଗେଇନେବା ଦରକାର। ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନ 'ଭୋକାଲ ଫର୍ ଲୋକାଲ' ଏବଂ 'ଖଦି ବସ୍ତ୍ର ପରିଧାନ'କୁ ଗୁରୁତ୍ୱ ଦିଆଯାଉଥିବା ସେ କହିଛନ୍ତି। ଏହି ଅବସରରେ ରାଜ୍ୟ ସଭାପତି ମନମୋହନ ଏବଂ କେନ୍ଦ୍ରମନ୍ତ୍ରୀ ଯାଦବ ଖଦି ବୋର୍ଡ ବିକ୍ରୟ କେନ୍ଦ୍ରକୁ ଯାଇ ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣକରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛନ୍ତି। ଖଦିବସ୍ତ୍ର କିଣିବା ସହ ପ୍ରତ୍ୟେକ ପରିବାରକୁ ଖଦି ତିଆରି ବସ୍ତ୍ର କିଣିବା ପାଇଁ ସଚେତନ କରିବା ସହ ଗ୍ରାମୋଦ୍ୟୋଗକୁ ପ୍ରୋତ୍ସାହନ କରିଛନ୍ତି।

ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ ଏବଂ ସେବା ପକ୍ଷର ଶେଷଦିନ ଉପଲକ୍ଷେ ଭାଜପା ପକ୍ଷରୁ ରାଜ୍ୟର ବିଭିନ୍ନ ସ୍ଥାନରେ ସ୍ୱଚ୍ଛତା ଅଭିଯାନ ଓ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ବୁଥ୍‌ଠାରୁ ଆରମ୍ଭକରି ରାଜ୍ୟ ସ୍ତରୀୟ ନେତୃବୃନ୍ଦ ଏବଂ କାର୍ଯ୍ୟକର୍ତ୍ତାମାନେ ସ୍ୱଚ୍ଛତା ଅଭିଯାନରେ ସାମିଲ ହୋଇଛନ୍ତି। ଏହି ଅବସରରେ ରାଜ୍ୟ କାର୍ଯ୍ୟାଳୟରେ ଜାତିର ଜନକ ମହାତ୍ମା ଗାନ୍ଧୀ ଓ ଲାଲବାହାଦୁର ଶାସ୍ତ୍ରୀଙ୍କ ଜୟନ୍ତୀ ପାଳନ ହୋଇଯାଇଛି। ଏଥିରେ ମନମୋହନ ସାମଲ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ କେନ୍ଦ୍ରମନ୍ତ୍ରୀ ଭୂପେନ୍ଦ୍ର ସିଂ ଯାଦବ ଯୋଗଦେଇ ମହାତ୍ମା ଗାନ୍ଧୀ ଓ ଲାଲବାହାଦୁର ଶାସ୍ତ୍ରୀଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଛନ୍ତି। ଏହାପରେ ମୋଦିଙ୍କ ସ୍ୱଚ୍ଛ ଭାରତ ତୈଳ ଫଟୋଚିତ୍ର ଉନ୍ମୋଚନ କରାଯାଇଛି। ସେବାପକ୍ଷରେ ସାମିଲ ହୋଇଥିବା ସଫେଇ ଓ ଆଶାକର୍ମୀ ଏବଂ ଦିବ୍ୟାଙ୍ଗଙ୍କୁ ସମ୍ବର୍ଦ୍ଧିତ କରାଯାଇଛି।

# ଗାନ୍ଧୀ ଜୟନ୍ତୀ ପାଳନବେଳେ ଉତ୍ତେଜନା, ଝାଡୁ ମାଡ଼

**ଯାଜପୁର/ଜେନାପୁର, ୨।୧୦ (ହର୍ଷବର୍ଦ୍ଧନ ବେହେରା/ଅଶୋକ ଦାସ)**



ମହିଳା କର୍ମୀଙ୍କୁ ଅନ୍ୟ ଗୋଷ୍ଠୀର ମହିଳା କର୍ମୀ ଝାଡୁରେ ପିଟୁଛନ୍ତି।

- ଧର୍ମଶାଳା ଭାଜପାରେ ଗୋଷ୍ଠୀ କନ୍ଦଳ
- ଜେନାପୁର ଥାନାରେ ୫ ମାମଲା

ଯାଜପୁର ଜିଲା ଧର୍ମଶାଳା ନିର୍ବାଚନମଣ୍ଡଳୀରେ ଭାଜପାର ଗୋଷ୍ଠୀ କନ୍ଦଳ ବୁଧବାର ଉଗ୍ରରୂପ ଧାରଣ କରିଛି। ଗାନ୍ଧୀ ଜୟନ୍ତୀ ପାଳନ ବେଳେ ଦୁଇ ଗୋଷ୍ଠୀ ମୁହାଁମୁହିଁ ହୋଇଥିଲେ। ପରିସ୍ଥିତି ଏପରି ହୋଇଥିଲା ଯେ, କର୍ମୀଙ୍କ ମଧ୍ୟରେ ଠେଲାପେଲା, ଗାଳିଗୁଲଜ ଓ ଝାଡୁମାଡ଼ ପର୍ଯ୍ୟନ୍ତ କଥା ଯାଇଥିଲା। ଏହାକୁ ନେଇ ଉଭୟ ଗୋଷ୍ଠୀ ପକ୍ଷରୁ ଜେନାପୁର ଥାନାରେ ଅଭିଯୋଗ କରାଯାଇଛି।

ସୂଚନା ଅନୁଯାୟୀ, ଜେନାପୁର ଥାନା ଅନ୍ତର୍ଗତ ରାଇଛନ୍ଦା ପଞ୍ଚାୟତର ବାରକଣା ହାଟ ପଡ଼ିଆରେ ଭାଜପା ପକ୍ଷରୁ ଗାନ୍ଧୀ ଜୟନ୍ତୀ ପାଳନ ପାଇଁ ଆୟୋଜନ କରାଯାଇଥିଲା। ହେଲେ ସେଠାରେ ଭାଜପାର ୨ ଗୋଷ୍ଠୀଙ୍କ ମଧ୍ୟରେ ଅପ୍ରୀତିକର ପରିସ୍ଥିତି ଦେଖିବାକୁ ମିଳିଥିଲା। ସ୍ୱଚ୍ଛ ଭାରତ ଅଭିଯାନରେ ସଫେଇ କାର୍ଯ୍ୟକ୍ରମ ଚାଲିଥିବାବେଳେ ପୋଲିସ ଉପସ୍ଥିତିରେ ଉଭୟ ଗୋଷ୍ଠୀର ମହିଳା ଓ ପୁରୁଷଙ୍କ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଥିଲା। ପୋଲିସ ଉଭୟ ଗୋଷ୍ଠୀର ସଂପୃକ୍ତ ସମର୍ଥକଙ୍କୁ ଥାନାକୁ ଡାକି ତଦନ୍ତ ଚଳାଇଛି।

ଗତ ସାଧାରଣ ନିର୍ବାଚନରେ ଧର୍ମଶାଳା ନିର୍ବାଚନମଣ୍ଡଳୀ ପାଇଁ ଭାଜପା ପକ୍ଷରୁ ଦୁଇ ଜଣ ଆଶାୟୀ ରହିଥିଲେ। ତେବେ ସ୍ମୃତିରେଖା ପହିଙ୍କୁ ଦଳ ଟିକେଟ ଦେଇଥିଲାବେଳେ ହିମାଂଶୁ ଶେଖର ସାହୁ(ଲିକୁ)ଙ୍କୁ ବାଦ ଦିଆଯାଇଥିଲା। ଏହାପରେ ଲିକୁ ସ୍ୱାଧୀନ ଭାବେ ନିର୍ବାଚନ ଲଢି ବିଜେଡିର ପ୍ରଣବ ବଳଓ୍ୱନ୍ତରାୟଙ୍କୁ ପରାଜିତ କରିଥିଲେ। ପରବର୍ତ୍ତୀ ସମୟରେ ଲିକୁ ଭାଜପାକୁ ସମର୍ଥନ କରିଥିଲେ। ନିର୍ବାଚନ ପ୍ରଚାର ସମୟରୁ ସ୍ମୃତିରେଖା ଓ ଲିକୁଙ୍କ ସମର୍ଥକଙ୍କ ମଧ୍ୟରେ ବିଭିନ୍ନ ସମୟରେ ଉତ୍ତେଜନାମୂଳକ ପରିସ୍ଥିତି ଲାଗି ରହିଛି।

ବିଧାୟକ ଲିକୁଙ୍କ ସମର୍ଥକ ତିଲୋତ୍ତମା ମଲ୍ଲିକଙ୍କ ଅଭିଯୋଗ ଅନୁସାରେ ଘଟଣାସ୍ଥଳରେ ସଫେଇ କାର୍ଯ୍ୟକ୍ରମ ଚାଲିଥିବାବେଳେ ଭାଜପା ପ୍ରାର୍ଥୀନୀ ପହିଙ୍କ ସମର୍ଥକମାନେ ସରସ୍ୱତୀ ଖଟୁଆଙ୍କୁ ଗାଳିଗୁଲଜ ସହ ଝାଡୁରେ ମାଡ଼ ମାରି ଗୁରୁତର ଆହତ କରିଥିଲେ। ଆହତ ସରସ୍ୱତୀଙ୍କୁ ମେଡିକାଲ ନେବା ସମୟରେ ଦୁଃଖପ୍ରକାଶ କରି ଆକ୍ରମଣକାରୀଙ୍କୁ ଭର୍ତ୍ସନା କରିଥିଲେ। ଏହାପରେ ଆକ୍ରମଣକାରୀମାନେ ତାଙ୍କୁ ଜାତିଆଣ ଆକ୍ଷେପ କରି ଅଶାଳୀନ ମନ୍ତବ୍ୟ ଦେଇଥିଲେ। ଏପରିକି ସେମାନେ ଝାଡୁରେ ମାରପିଟ କରିଥିଲେ ବୋଲି ଥାନାରେ ଲିଖିତ ସେ ଅଭିଯୋଗ କରିଛନ୍ତି।

ସେହିପରି ବାରକଣା ଗ୍ରାମ କମିଟିର ମୁଖିଆ ମଙ୍ଗୁଳି ଚରଣ ସାହୁଙ୍କ ଲିଖିତ ଅଭିଯୋଗ ଅନୁସାରେ ବିଧାୟକଙ୍କ ସମର୍ଥକମାନେ ୫ରୁ ଊର୍ଦ୍ଧ୍ୱ ବୋଲେରୋ ଗାଡିରେ ଆସି ମାଇକ ବଜାଇ ହୋହଲ୍ଲା କରିଥିଲେ। ଏଠାରେ ଯିଏ ଗାନ୍ଧୀ ଜୟନ୍ତୀ ପାଳିବ ସେମାନଙ୍କ ମୁଣ୍ଡଗଣ୍ଡି ଅଲଗା କରି ଦିଆଯିବ। ଗ୍ରାମରେ ନିଆଁ ଲଗେଇ ଦେବୁ। ଗ୍ରାମ ମନ୍ଦିରକୁ ଆସୁଥିବା ମହିଳାଙ୍କୁ ମଧ୍ୟ ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରିଥିଲେ। ଏହାକୁ ସରସ୍ୱତୀ ସାହୁ ପ୍ରତିବାଦ କରିବାରୁ ତାଙ୍କୁ ମରଣାନ୍ତକ ଆକ୍ରମଣ କରିଥିବା ମଙ୍ଗୁଳି ଅଭିଯୋଗରେ ଦର୍ଶାଇଛନ୍ତି।

ଖବର ପାଇ ଜେନାପୁର ଥାନା ଅଧିକାରୀ ଶୁଭେନ୍ଦୁ କୁମାର ସାହୁ ସଦଳବଳେ ଘଟଣା ସ୍ଥଳରେ ପହଞ୍ଚିଥିଲେ। ପରେ ସ୍ଥିତି ଅଣାୟତ ହେବାରୁ ଧର୍ମଶାଳା, ଟମକା, ଯଖପୁରା, ବଡଚଣା ଥାନାଧିକାରୀ ଓ ଅନ୍ୟ ପୋଲିସ କର୍ମଚାରୀମାନେ ଉକ୍ତ ସ୍ଥାନରେ ପହଞ୍ଚି ପରିସ୍ଥିତିକୁ ଆୟତ କରିବାକୁ ଉଦ୍ୟମ କରିଥିଲେ। ଏ ସଂକ୍ରାନ୍ତ ଭାଜପା ବିଧାୟିକା ପ୍ରାର୍ଥୀନୀ ପହିଙ୍କ ସମର୍ଥକଙ୍କ ପକ୍ଷରୁ ଦୁଇଟି ଏତଲା ହୋଇଥିବାବେଳେ ବିଧାୟକ ସାହୁଙ୍କ ସମର୍ଥକଙ୍କ ପକ୍ଷରୁ ତିନୋଟି ଏତଲା ଦିଆ ଯାଇଛି।

# ବଡ଼ଚଣା ବିଜେଡି ୩ ଫାଳ

## ପୃଥକ୍‌ଭାବେ ପାଳିଲେ ଗାନ୍ଧୀ ଜୟନ୍ତୀ

**ଚଣ୍ଡିଖୋଲ/ଛତିଆ, ୨।୧୦ (ପ୍ରଦୀପ୍ତ କୁମାର ପୃଷ୍ଟି/ସୌମ୍ୟ ରଞ୍ଜନ ସାହୁ)**

ବିଜେଡି ପକ୍ଷରୁ ଗାନ୍ଧୀ ଜୟନ୍ତୀ ଅବସରରେ ପଦଯାତ୍ରା ଆରମ୍ଭ ହୋଇଛି। ମହାତ୍ମା ଗାନ୍ଧୀ ଯାଜପୁର ଜିଲାର ବଡ଼ଚଣା ବ୍ଲକ ଅର୍ନ୍ତଗତ ବୈରୀ ରେଳ ଷ୍ଟେଶନରୁ ଓହ୍ଲାଇ ପଦଯାତ୍ରା କରି ଚମ୍ପାପୁର ପର୍ଯ୍ୟନ୍ତ ଆସିଥିଲେ। ଏହାକୁ ସ୍ମରଣ କରିବା ପାଇଁ ପ୍ରତିବର୍ଷ ବୈରୀଠାରୁ ଚମ୍ପାପୁର ପର୍ଯ୍ୟନ୍ତ ପଦଯାତ୍ରା କରାଯାଉଛି। ଏହି ପରିପ୍ରେକ୍ଷୀରେ ବୁଧବାର ଏଠାରେ ବିଜେଡି ପକ୍ଷରୁ ୩ ଗୋଷ୍ଠୀ ପୃଥକ୍ ଭାବେ ଗାନ୍ଧୀ ଜୟନ୍ତୀ ପାଳନ କରିଛନ୍ତି। ଏହାକୁ ନେଇ ବଡ଼ଚଣା ବିଜେଡି ରାଜନୀତି ସରଗରମ ହେବାରେ ଲାଗିଛି।

ପ୍ରଥମେ ବଡ଼ଚଣାର ପୂର୍ବତନ ବିଧାୟକ ତଥା ଦଳର ଉପସଭାପତି ଅମର ପ୍ରସାଦ ଶତପଥୀ ସମର୍ଥକଙ୍କ ସହ ଛତିଆଠାରୁ ଏକ ବାଇକ୍ ରାଲିରେ ଯାଇ ବୈରୀ ରେଳ ଷ୍ଟେଶନ ନିକଟରେ ଥିବା ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ପରେ ଆସି ଚମ୍ପାପୁରସ୍ଥିତ ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ସେହିଭଳି ଗତ ନିର୍ବାଚନ ପୂର୍ବରୁ କଂଗ୍ରେସ ଛାଡି ବିଜେଡିରେ ଯୋଗଦେଇଥିବା କ୍ୟାପଟେନ ରାଜନାରାୟଣ ମହାପାତ୍ରଙ୍କ ନେତୃତ୍ୱରେ ବୈରୀ, ଚମ୍ପାପୁର ଏବଂ ବନ୍ଦାଳଠାରେ ଥିବା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମଧ୍ୟ ମାଲ୍ୟାର୍ପଣ କରାଯାଇଛି। ଏଥିରେ ତାଙ୍କ ସହିତ ଜିଲା ପରିଷଦ ଉପସଭାପତି ଗଣେଶ୍ୱର ବରାଳ, ୧୮ନଂ. ଜିଲା ପରିଷଦ ସଭ୍ୟା ସସ୍ମିତା ମହାନ୍ତି, ୨୦ନଂ. ଜିଲା ପରିଷଦ ସଭ୍ୟା ଜୟଶ୍ରୀ ସାମଲ, ପୂର୍ବତନ ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରହ୍ଲାଦ ନନ୍ଦ, ସରପଞ୍ଚ ଜ୍ଞାନରଞ୍ଜନ ସାହୁ, ସାଗରିକା ଚୌଧୁରୀ, ଯଶୋଦୀପ୍ତ ସାମଲ, ନିରଞ୍ଜନ ବିଶ୍ୱାଳ, ପ୍ରଦୀପ୍ତ କୁମାର ମହାନ୍ତି, ବରଦା ପ୍ରସନ୍ନ ରାୟ, ଧନେଶ୍ୱର ବେହେରା, ବିବୁନି ସୁବୁଦ୍ଧି ଓ ତାପସ ରାୟ ପ୍ରମୁଖ ବହୁ ଦଳୀୟ କର୍ମକର୍ତ୍ତା ସାମିଲ ହୋଇଥିଲେ।

ସେହିପରି ବଡ଼ଚଣା ବିଜେଡି ସଭାପତି ଅରବିନ୍ଦ ସାମଲଙ୍କ ନେତୃତ୍ୱରେ ଗତ ବିଧାନସଭା ନିର୍ବାଚନରେ ପ୍ରାର୍ଥୀ ହୋଇଥିବା ବର୍ଷା ପ୍ରିୟଦର୍ଶିନୀ, ପଞ୍ଚାୟତ ସମିତି ଅଧ୍ୟକ୍ଷା ମିନତି ସେନାପତି, ଉପାଧ୍ୟକ୍ଷ ବିଭାସ ନନ୍ଦ, ଜିଲା ପରିଷଦ ସଭ୍ୟ ଯତୀନ୍ଦ୍ର କୁମାର ନାୟକ, ସେକ ମୋଇନୀ ଅହମ୍ମଦ, ସଞ୍ଜୟ କୁମାର ସ୍ୱାଇଁ, ବାସୁଦେବ ସ୍ୱାଇଁ, ଅମିୟ କୁମାର ବିଶ୍ୱାଳ, ନିରଞ୍ଜନ ସେନାପତି, ବିପିନ ବିହାରୀ ଜେନା, ମିହିର କୁମାର ସ୍ୱାଇଁ ପ୍ରମୁଖ ବହୁ ଦଳୀୟ ପଦାଧିକାରୀ ବୈରୀଠାରେ ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ପରେ ଚମ୍ପାପୁର ପର୍ଯ୍ୟନ୍ତ ପଦଯାତ୍ରା କରିଥିଲେ।

ଏନେଇ ପୂର୍ବତନ ବିଧାୟକ ଅମର ପ୍ରସାଦ ଶତପଥୀଙ୍କୁ ପଚାରିବାରୁ ସେ କହିଛନ୍ତି, ମହାତ୍ମା ଗାନ୍ଧୀଙ୍କ ପ୍ରତି ସମ୍ମାନ ପ୍ରଦାନ ପ୍ରତିବର୍ଷ ହୋଇଥାଏ। ସେ ଏଭଳି ସାମାଜିକ କାର୍ଯ୍ୟକ୍ରମରେ ସଦା ସର୍ବଦା ସାମିଲ ହୋଇଥାନ୍ତି। କୌଣସି ରାଜନୈତିକ ଦଳ ପକ୍ଷରୁ ସେ ଯାଇନାହାନ୍ତି। ସାମାଜିକ ପ୍ରତିବଦ୍ଧତାରେ ସମ୍ମାନ ଜଣାଇ ପୁଷ୍ପମାଲ୍ୟ ଅର୍ପଣ କରିଥିଲୁ ବୋଲି ସେ କହିଛନ୍ତି। ବଡ଼ଚଣା ବିଜେଡି ସଭାପତି ଅରବିନ୍ଦ ସାମଲ କହିଛନ୍ତି, ପୂର୍ବରୁ ସମସ୍ତଙ୍କ ସହିତ ଆଲୋଚନା କରିଥିଲେ। ହେଲେ ସେମାନେ ଆସିଲେ ନାହିଁ। ଅଲଗା ଅଲଗା ହୋଇ କାର୍ଯ୍ୟକ୍ରମ ପାଳନ କଲେ। କ୍ୟାପଟେନ ରାଜନାରାୟଣ ମହାପାତ୍ର କହିଛନ୍ତି, ୩ ଜିଲା ପରିଷଦ ସଭ୍ୟଙ୍କ ସମେତ ବହୁ ସରପଞ୍ଚ ଓ ସମିତିସଭ୍ୟମାନେ ଦଳ ସଭାପତିଙ୍କ ନିକଟକୁ ଯିବାକୁ ମନାକଲେ। ସେଥିପାଇଁ ସେମାନେ ପୃଥକ ଭାବରେ କାର୍ଯ୍ୟକ୍ରମ ପାଳନ କଲେ। ତାଙ୍କୁ ଡାକିବାରୁ ସେ ଯାଇଥିଲେ ବୋଲି ପ୍ରକାଶ କରିଛନ୍ତି।


# Classified Everyday
0674-2580101, 2549949



AUTOMOBILE

SALE

Car Washing Centre, ଲିଜ୍ ଦିଆଯିବ। BBSR Maruti Gypsy King, Steel Body for sale. Contact No-9437637168. D-1537



REAL ESTATE

SALE

ନଖରା। Grandbazar Oppositeରେ, Biswala-padaରେ, Sum Hospital ଘଙ୍ଗାପାଟଣାରେ 30' ରାସ୍ତା ଥାଇ plot କିଣନ୍ତୁ। 6372851880. D-71078

Plots Acharyavihar, Jayadevbihar, Nayapalli, Patia, Pahala, Chhatabar, Balakati. Contact: 7742796328. D-1448

Plot for sale 42Mouza, Jagatpur, Choudwar ସଙ୍ଗେସଙ୍ଗେ ଘର କଲା ଭଳି 30ft., 20ft. ରାସ୍ତା, ପାଚେରି, ବିଜୁଳି ସୁବିଧା ଥାଇ plot ମିଳୁଅଛି। 7008287609. D-1486

**Ready to move 2BHK flat for sale @ 20 Lakh near Gudiapokhari, Bhubaneswar. Call 9937544226.** D-1469

**Gharabari converted plots available near Hitech Square, Sundarpada, Bhubaneswar. For more details contact-9437226965, 9778832554.** D-1539

**1BHK ready to move in flats available in Hi-Tech Brundaban Project near Batamangala Temple, Puri Town. 9040023313, 9938015048.** D-1538

**ମାତ୍ର ତିନି ଲକ୍ଷରେ ଓଡ଼ିଶାର ସର୍ବାଧିକ ଲାଭଦାୟକ ପ୍ଲଟ୍ (Investment Plot). Contact: 8917622925.** D-1526

EDUCATION

Admission going on for Suryamitra training under NISE on Solar Energy conducted by SLIEM at Kandhamal. Eligibility- ITI/ Diploma qualified. Duration: 3 months free residential training. Contact: 7003851699. D-1540




HEALTH CARE

Newly open health benefits SPA special Offer @ 799 Bapuji Nagar. 9861237682. D-76160

Asribada Panchakarma herbal SPA, Kesharimall, Bhubaneswar. Contact-8926173473. D-75790

AFFIDAVIT

By virtue of an affidavit sworn before Notary Public, Chandikhole, dated 30.9.24 I, Shri Swami Patanjali Ji Maharaj, aged about 46 years, S/o Kunja Bihari Ray, resident of At/P.O.- Areikana, P.S.- Balichandrapur, Dist.- Jajpur, Pin- 755008 have changed my name from Manas Ranjan Ray to Shri Swami Patanjali Ji Maharaj. Henceforth, I shall be known as Shri Swami Patanjali Ji Maharaj for all future purpose. D-1544

By virtue of an affidavit vide No.462 dated 01.10.2024 before the Notary Public, Junagarh, I, Shatrujit Sahoo, R/o. Vill./P.O.- Habaspur, P.S.- Junagarh, Dist.- Kalahandi (Odisha) declare that I wish to add my Son's surname as "Sahoo" in his Passport bearing No. S1808913. Hence he is known as Arnav Gourav Sahoo for all future purposes. D-1546

LOST

ଖଣ୍ଡହଥା ନିବାସୀ ଶ୍ରୀ ପ୍ରସନ୍ନ ସାହୁ, ଜି.- ବରଗଡ଼ ଉକ୍ତ ବ୍ୟକ୍ତିଙ୍କର ରେଜିଷ୍ଟ୍ରି ଦଲିଲ ଯାହାର ନଂ.୧୯୪୮ ତା୦୨.01.2000 ବରଗଡ଼ରୁ ଭେଡେନ ଯାଉଥିବା ବେଳେ ବାଟରେ ହଜିଯାଇଅଛି ତା୨୩।୦୯।୨୦୨୪ ସମୟ ୬ଟା ବେଳେ। ଉକ୍ତ କାଗଜାତ ହଜିଯାଇଅଛି। ଧ-୧୫୪୫

ପାଠକଙ୍କ ପାଇଁ ସୂଚନା- କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



# ମନେ ପଡ଼ନ୍ତି

## ଏକାଦଶାହ ଉପଲକ୍ଷେ



**ସ୍ୱର୍ଗତା ଅନିତା ସାହୁ**
ବଡ଼ହାଡ଼, ଭୁବନ

ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ପାଇଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।

ଶୋକସନ୍ତପ୍ତ
ସାହୁ ପରିବାର, ବନ୍ଧୁପରିଜନ ଓ ଆତ୍ମୀୟସ୍ୱଜନ

ଧ-୭୫୪୬୨

## ଶ୍ରଦ୍ଧାଞ୍ଜଳି



**ସ୍ୱର୍ଗତ ରାମଚନ୍ଦ୍ର ଚୌଧୁରୀ**

ଆବିର୍ଭାବ: ୨୦।୦୬।୧୯୩୯
ତିରୋଧାନ: ୦୭।୧୦।୨୦୦୨
(ତିଥି- ଆଶ୍ୱିନ ଶୁକ୍ଳ ପ୍ରତିପଦା)

ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଠାକୁରଙ୍କ ନିକଟରେ ପ୍ରାର୍ଥନା କରୁଅଛୁ।

ଶୋକସନ୍ତପ୍ତ ପରିବାରବର୍ଗ ।

ଧ-୭୫୪୬୧

## ୪ର୍ଥ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**ସ୍ୱର୍ଗତ ଶାରଦା ପ୍ରସାଦ ସେନ୍**
ଏ/୭, ନାଗେଶ୍ୱର ଟାଙ୍ଗୀ, ଓଲ୍ଡ ଟାଉନ, ଭୁବନେଶ୍ୱର

ଆବିର୍ଭାବ: ୦୩।୦୬।୧୯୩୯
ତିରୋଧାନ: ୧୭।୦୯।୨୦୨୦

ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି ନୈନଂ ଦହତି ପାବକଃ।
ନ ଚୈନଂ କ୍ଲେଦୟନ୍ତ୍ୟାପୋ ନ ଶୋଷୟତି ମାରୁତଃ।

ଆପଣଙ୍କ ଅମରାତ୍ମା ଶାନ୍ତି ଓ ସଦ୍‌ଗତି ଲାଭକରୁ, ଏତିକି ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।

ଶୋକସନ୍ତପ୍ତ ପରିବାରବର୍ଗ ।

ଧ-୧୫୪୭

# ୩୦,୦୦୦ରୁ କମ୍ ମୂଲ୍ୟରେ ୨ଲକ୍ଷରୁ ଅଧିକ ମୋବାଇଲ ବିକ୍ରି

**ନୂଆଦିଲ୍ଲୀ,୨।୧୦**

ପାର୍ବଣ ପୂର୍ବରୁ ଇ କର୍ମସ ପ୍ଲାଟ୍‌ଫର୍ମଗୁଡିକ ପକ୍ଷରୁ ଆକର୍ଷଣୀୟ ରିହାତି ସାଙ୍ଗକୁ ସ୍ୱତନ୍ତ୍ର ସେଲ୍ ସମ୍ପର୍କରେ ଘୋଷଣା କରିଛନ୍ତି। ଏହି ସେଲ୍ ଜରିଆରେ ପ୍ରଦାନ କରାଯାଉଥିବା ଅଫରରେ ୩୦,୦୦୦ଟଙ୍କାରୁ କମ୍ ମୂଲ୍ୟରେ ୨ଲକ୍ଷରୁ ଅଧିକ ମୋବାଇଲ ଫୋନ୍ ବିକ୍ରି ହୋଇଛି। ଏପରିକି ଆମାଜନ୍.ଇନ୍‌ରେ ୨୦୨୪ ସେପ୍ଟେମ୍ବର ୨୭ରୁ ଆରମ୍ଭ ହୋଇଥିବା ଆମାଜନ୍ ଗ୍ରେଟ୍ ଇଣ୍ଡିଆନ୍ ଫେଷ୍ଟିଭାଲ (ଏଜିଆଇଏଫ୍)ରେ ପ୍ରଥମ ଥର ପାଇଁ ଆମାଜନ୍.ଇନ୍ ଏବଂ ପ୍ରିମିୟମ ସ୍ମାର୍ଟଫୋନ୍ (୩୦,୦୦୦ ଟଙ୍କାରୁ କମ୍) ରେ ୨ଲକ୍ଷରୁ ଅଧିକ ଗ୍ରାହକ ମୋବାଇଲ ଫୋନ୍ କିଣିଛନ୍ତି ଏବଂ ଆପଲ୍, ୱାନ୍‌ପ୍ଲସ୍ ଏବଂ ସାମ୍‌ସଙ୍ଗ୍ ସବୁଠାରୁ ଅଧିକ ପସନ୍ଦର ପ୍ରିମିୟମ ବ୍ରାଣ୍ଡ୍ ହୋଇଥିବାରୁ ସମସ୍ତ ମୂଲ୍ୟ ବର୍ଗ ମଧ୍ୟରେ ବାର୍ଷିକ ସର୍ବାଧିକ ୩୦%ରୁ ଅଧିକ ଅଭିବୃଦ୍ଧି ଘଟିଛି। ସେହିଭଳି ସାମ୍‌ସଙ୍ଗ୍, ଶାଓମି, ସୋନି ଏବଂ ଏଲ୍‌ଜି ସବୁଠାରୁ ପସନ୍ଦର ଟିଭି ବ୍ରାଣ୍ଡ୍ ହୋଇଥିଲାବେଳେ ଗ୍ରାହକମାନେ ମଧ୍ୟ ବଡ଼ ପରଦାରେ ଅପ୍‌ଗ୍ରେଡ୍ ହୋଇଛନ୍ତି। ଏପରିକି ବିଳାସପୂର୍ଣ୍ଣ ପରଫ୍ୟୁମ ଏବଂ ମହିଳା ଏଥ୍‌ନିକ୍ ପୋଷାକରେ ଗେସ୍, ଡେଭିଡଫ୍, କାଲଭିନ୍ କ୍ଲେନ୍, ଜନସ୍ୟା, ବିବା ଏବଂ ଆହୁରି ଅନେକ ବ୍ରାଣ୍ଡ୍‌ରୁ ବ୍ୟାପକ କ୍ରୟ କରିଥିଲାବେଳେ ବିକ୍ରି ପରିମାଣ ପ୍ରାୟ ୧.୫ ଗୁଣ ବୃଦ୍ଧି ପାଇଛି। ସେହିପରି ବିଏୟୁ ତୁଳନାରେ ସୁନା ଏବଂ ହୀରା (ଲାବ୍‌ରେ ଉତ୍ପାଦିତ ହୀରାକୁ ସାମିଲକରି) ଗହଣାର ଚାହିଦା ୫ ଗୁଣ ବୃଦ୍ଧି ପାଇଥିଲାବେଳେ ଜେନ୍‌ଜେଡ୍ ଏବଂ ଡି୨ସି ବ୍ରାଣ୍ଡ୍‌ର ଦୃଢ଼ ଚୟନରେ ବେୱାକୁଫ୍, ଜୁଦ୍ୱେରୀ, ଲାକୋଷ୍ଟେ, ପନ୍ତ ପ୍ରୋଜେକ୍ଟ, ସ୍ନିଚ୍ ଭଳି ବ୍ରାଣ୍ଡ୍ ନେତୃତ୍ୱରେ ୨.୫ ଗୁଣ ପର୍ଯ୍ୟନ୍ତ ବୃଦ୍ଧି ଘଟିଛି। ଅପରପକ୍ଷରେ ରୋଷେଇ ଘରର ଅତ୍ୟାବଶ୍ୟକ ସାମଗ୍ରୀର ଚାହିଦା



ବୃଦ୍ଧି ପାଉଥିବା ବେଳେ ରୋଷେଇ ଘରର ଷ୍ଟୋରେଜ ବାର୍ଷିକ ୬୦%ରୁ ଅଧିକ ବୃଦ୍ଧି ପାଇଥିବା ସହ ମିକ୍ସର ଗ୍ରାଇଣ୍ଡର୍ସ,ପ୍ରେସର କୁକର ୩୦% ବୃଦ୍ଧିପାଇଛି। ସବ୍‌ସ୍କ୍ରାଇବ୍ ଆଣ୍ଡ ସେଭ୍ ପ୍ରୋଗ୍ରାମ ପାଇଁ ନୂଆ ସାଇନ୍‌ଅପ୍‌ରେ ୩ ଗୁଣର ସବୁଠାରୁ ବଡ଼ ବୃଦ୍ଧି ଦେଖିବାକୁ ମିଳିଥିଲା। ଏପରିକି ଗ୍ରାହକମାନେ ଏକ୍ସଚେଞ୍ଜ, ଇଏମ୍‌ଆଇ, ବ୍ୟାଙ୍କ ରିହାତି, କ୍ୟାଶ୍‌ବ୍ୟାକ୍, ପୁରସ୍କାର ଏବଂ ଡୋରଷ୍ଟେପ୍ ଇନ୍‌ଷ୍ଟାଲେଶନ୍ ଏବଂ ସେଟ୍‌ଅପ୍ (୪୦୦ରୁ ଅଧିକ ସହରରେ) ସମେତ ବ୍ୟାପକ ସୁଲଭ ବିକଳ୍ପ ବ୍ୟବହାରକରି ସେମାନଙ୍କ ପସନ୍ଦର ମୋବାଇଲ୍, ୱାଶିଂ ମେଶିନ୍, ଟିଭି, ଫ୍ରିଜ୍, ଏସି, ଗେମିଂ କନ୍‌ସୋଲରେ ବ୍ୟାପକ କ୍ରୟ ଓ ସୁବିଧା ହାସଲ କରିଛନ୍ତି। ଉଲ୍ଲେଖଯୋଗ୍ୟ, ଆମାଜନ୍.ଇନ୍‌ରେ ପ୍ରାଇମ ମେମ୍ବରଙ୍କ ପାଇଁ ୨୪ ଘଣ୍ଟିଆ ଆଗୁଆ ଆକ୍‌ସେସ୍ ସହ ଆରମ୍ଭ ହୋଇଥିବା ଏଜିଆଇଏଫ୍‌ରେ ବିକ୍ରେତା ଏବଂ ବ୍ରାଣ୍ଡ ପାର୍ଟନରଙ୍କ ପାଇଁ ସବୁଠାରୁ ବଡ଼ ଓପନିଂ ଆଣିଥିଲା। ଏପରିକି ସାରା ଦେଶରେ ବହୁ ଲକ୍ଷ ଗ୍ରାହକଙ୍କ ପାଇଁ ଖୁସି ଆଣିଥିବା ଏହି ଫେଷ୍ଟିଭାଲର ପ୍ରଥମ ୪୮ଘଣ୍ଟାରେ ପ୍ରାୟ ୧୧ କୋଟି ଗ୍ରାହକ ପରିଦର୍ଶନ ସହିତ ୮,୦୦୦ ରୁ ଅଧିକ ବିକ୍ରେତାଙ୍କ ବିକ୍ରି ୧ଲକ୍ଷ ଟଙ୍କା ଅତିକ୍ରମ ସହ ସର୍ବକାଳୀନ ରେକର୍ଡ କରିଛି। ଏପରିକି ଗ୍ରାହକମାନେ ଟପ୍‌ବ୍ରାଣ୍ଡ୍‌ର ଲାପ୍‌ଟପ୍, ଟିଭି, ଫ୍ୟାଶନ ଏବଂ ସୌନ୍ଦର୍ଯ୍ୟ, ହୋମ୍ ଡେକୋର ଉପକରଣ, ଆସବାବପତ୍ର, ସ୍ମାର୍ଟଫୋନ୍ ଏବଂ ଗ୍ରୋସେରି ଭଳି ବର୍ଗରେ ୨୫,୦୦୦ରୁ ଅଧିକ ନୂତନ ପ୍ରଡକ୍ଟ ଶୁଭାରମ୍ଭର ସୁବିଧା ମଧ୍ୟ ପାଇଛନ୍ତି। ଏ ସମ୍ପର୍କରେ ଆମାଜନ ଇଣ୍ଡିଆର ଭାଇସ୍ ପ୍ରେସିଡେଣ୍ଟ ସୌରଭ ଶ୍ରୀବାସ୍ତବ କହିଛନ୍ତି,ଏଜିଆଇଏଫ୍-୨୪ର ପ୍ରଥମ ୪୮ଘଣ୍ଟା ଆମ ପାଇଁ ଐତିହାସିକ ଏବଂ ଆମାଜନ୍.ଇନ୍‌ର ସର୍ବଶ୍ରେଷ୍ଠ ସମୟ ହୋଇଥିଲାବେଳେ ରେକର୍ଡ ସଂଖ୍ୟକ ଗ୍ରାହକଙ୍କ ପରିଦର୍ଶନ ଏବଂ ପିଇଏ ସମୟରେ ସର୍ବାଧିକ ସଂଖ୍ୟକ ପ୍ରାଇମ ମେମ୍ବରଶିପ୍ କରୁଥିବା ଦେଖି ଆମେ ବେଶ୍ ଉତ୍ସାହିତ ଥିଲୁ। ଏପରିକି ଆମେ କ୍ଷୁଦ୍ର ଏବଂ ମଧ୍ୟମ ବ୍ୟବସାୟ ସମେତ ସମଗ୍ର ଭାରତରେ ବିକ୍ରେତାଙ୍କ ପ୍ରବଳ ଅଂଶଗ୍ରହଣ ଦେଖିଥିଲୁ ଏବଂ ଏଜିଆଇଏଫ୍-୨୪ର ପ୍ରଥମ ୪୮ ଘଣ୍ଟା ମଧ୍ୟରେ ହଜାର ହଜାର ବିକ୍ରେତା ଲକ୍ଷପତି ହୋଇଥିଲାବେଳେ ଆମର ୧ ମାସ ବ୍ୟାପୀ ଆମାଜନ୍ ଗ୍ରେଟ୍ ଇଣ୍ଡିଆନ ଫେଷ୍ଟିଭାଲର ଏହି ଉତ୍ସାହଜନକ ଆରମ୍ଭ ପାଇଁ ଆମେ ବେଶ୍ ଉତ୍ସାହିତ ଅଛୁ।

# ଅରୁନ୍ଧତୀଙ୍କୁ ଟାଇମ୍ସ ଆଇକନ୍ ଅଫ୍ ଓଡ଼ିଶା ଆୱାର୍ଡ




**ଭୁବନେଶ୍ୱର,୨।୧୦**

ରାଜ୍ୟର ଅଗ୍ରଣୀ ଅଳଙ୍କାର ପ୍ରତିଷ୍ଠାନ ଅରୁନ୍ଧତୀ ଜୁଏଲର୍ସଙ୍କୁ ନିକଟରେ ଆଉ ଏକ ରାଜ୍ୟସ୍ତରୀୟ ସମ୍ମାନ 'ଟାଇମ୍ସ ଆଇକନ ଅଫ ଓଡିଶା ଆୱାର୍ଡ'ରେ ସମ୍ମାନିତ କରାଯାଇଛି। ଉଲ୍ଲେଖଯୋଗ୍ୟ, ଟାଇମ୍ସ ଅଫ ଇଣ୍ଡିଆ ଗ୍ରୁପ ପକ୍ଷରୁ ନିକଟରେ ଆୟୋଜିତ ଟାଇମ୍ସ ଆଇକନ ଅଫ ଓଡିଶା-୨୦୨୪ ସମ୍ମାନ ସମାରୋହ ଉତ୍ସବରେ ଅରୁନ୍ଧତୀ ଜୁଏଲର୍ସଙ୍କୁ ଉକ୍ତ ପୁରସ୍କାର ଦିଆଯାଇଛି। ଏପରିକି ଦୀର୍ଘ ୨୫ ବର୍ଷ ଧରି ଅଳଙ୍କାର ବଜାରରେ ଉଲ୍ଲେଖନୀୟ ସଫଳତା ପାଇଁ ଅରୁନ୍ଧତୀ ଜୁଏଲର୍ସଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଛି।ଏହି ପରିପ୍ରେକ୍ଷୀରେ ଭୁବନେଶ୍ୱରର ହୋଟେଲ କ୍ରାଉନଠାରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ଅରୁନ୍ଧତୀ ଜୁଏଲର୍ସର ଏମଡି ତଥା ପ୍ରତିଷ୍ଠାତା ବ୍ରହ୍ମାନନ୍ଦ ମେହେରଙ୍କୁ ଏହି ସମ୍ମାନରେ ସମ୍ମାନିତ କରିଥିଲେ।

ଏ ସମ୍ପର୍କରେ ଅରୁନ୍ଧତୀ ଜୁଏଲର୍ସର ଏମଡି ତଥା ପ୍ରତିଷ୍ଠାତା ବ୍ରହ୍ମାନନ୍ଦ ମେହେର କହିଥିଲେ, ଆଗାମୀ ଦିନରେ ମଧ୍ୟ ଆମେ ଆମର କର୍ତ୍ତବ୍ୟପରାୟଣଭାବକୁ ବଜାୟ ରଖିବା ସହିତ ଓଡିଶା ଓ ଓଡ଼ିଆ ଜାତି, ଐତିହ୍ୟକୁ ସର୍ବଦା ଉନ୍ନତି ପଥରେ ଅଗ୍ରସର କରାଇବା ପାଇଁ ଆବଶ୍ୟକ କାର୍ଯ୍ୟ ଜାରି ରଖିବୁ ବୋଲି ସେ ବିସ୍ତୃତ ଭାବେ ଆଲୋକପାତ କରିଥିଲେ।

# ନେଟ୍‌ୱର୍କ ପାର୍ଟନର ପ୍ରୋଗ୍ରାମର ଶୁଭାରମ୍ଭ

**ନୂଆଦିଲ୍ଲୀ,୨।୧୦:**

ଓଲା ଇଲେକ୍‌ଟ୍ରିକ୍‌ର ନୂତନ ଅଭିଯାନ 'ନେଟ୍‌ୱର୍କ ପାର୍ଟନର ପ୍ରୋଗ୍ରାମ'ର ଶୁଭାରମ୍ଭ ନିକଟରେ ହୋଇଯାଇଛି। ଏପରିକି ଏହି ଅଭିଯାନ ଜରିଆରେ ଇଲେକ୍ଟ୍ରି ଭେଇକିଲ (ଇଭି) ବିପ୍ଳବକୁ ସହରାଞ୍ଚଳ ସମେତ ଟିୟର-୨ ଓ ୩ ସହରକୁ ନେବା ପାଇଁ କମ୍ପାନୀ ଲକ୍ଷ୍ୟ ରଖିଛି, ଯେଉଁଠାରେ ଇଭି ଗ୍ରହଣୀୟତା ବର୍ତ୍ତମାନ ବି ଖୁବ୍ କମ୍ ରହିଛି। ଏହି ଅଭିଯାନ ଅଧୀନରେ କମ୍ପାନୀ ଭାରତବ୍ୟାପୀ ତା'ର ସେଲ୍‌ସ ନେଟ୍‌ୱର୍କର ବିସ୍ତାର କରିବା ପାଇଁ ନିକଟରେ ୬୨୫ଜଣ ବିଜ୍‌ନେସ୍ ପାର୍ଟନରଙ୍କୁ ନିଯୁକ୍ତ କରିଛି ଏବଂ ଓଲା ଇଲେକ୍‌ଟ୍ରିକ୍ ଚଳିତ ବର୍ଷ ପାର୍ବଣ ଋତୁ ପୂର୍ବରୁ ୧୦୦୦ ବିଜ୍‌ନେସ୍ ପାର୍ଟନର ହାସଲ କରିବା ପାଇଁ ଯୋଜନା ରଖିଛି। ଏହା ବ୍ୟତୀତ କମ୍ପାନୀ ୨୦୨୫ ଶେଷ ସୁଦ୍ଧା ବିକ୍ରି ଓ ସେବା କ୍ଷେତ୍ରରେ ୧୦,୦୦୦ ବିଜ୍‌ନେସ୍ ପାର୍ଟନରଙ୍କୁ ନିୟୋଜିତ କରି ବ୍ରାଣ୍ଡର ନେଟ୍‌ୱର୍କକୁ ତ୍ୱରାନ୍ୱିତ ଭାବେ ବିସ୍ତାର କରିବା ପାଇଁ ଘୋଷଣା କରିଛି।

ଏ ସମ୍ପର୍କରେ ଓଲା ଇଲେକ୍‌ଟ୍ରିକ୍‌ର ଅଧ୍ୟକ୍ଷ ତଥା ଏମ୍‌ଡି ଭାବିଶ ଅଗ୍ରୱାଲ କହିଛନ୍ତି, ଆମର ଡି୨ସି ମଡେଲ ସ୍ଥାନୀୟ ବ୍ୟବସାୟ ଅଭିବୃଦ୍ଧିକୁ ପରିଚାଳନା କରିବା କ୍ଷେତ୍ରରେ ଅତ୍ୟଧିକ ସଫଳ ରହିଆସିଛି। ଏପରିକି ନେଟ୍‌ୱର୍କ ପାର୍ଟନର ପ୍ରୋଗ୍ରାମ ଆମର ଡି୨ସି ନେଟ୍‌ୱର୍କର ଲାଭକୁ ଆହୁରି ବୃଦ୍ଧି କରିବ। କାରଣ ଏହା ପାର୍ଟନରଙ୍କଠାରୁ ସୀମିତ ପୁଞ୍ଜି ନିବେଶ ଆବଶ୍ୟକ କରିଥାଏ ଏବଂ ଏହାକୁ ଦ୍ରୁତବେଗରେ ବିସ୍ତାର କରାଯାଇପାରିବ।

# ଟ୍ରେଣ୍ଡସ୍‌ର ଦୁର୍ଗାପୂଜା ଅଭିଯାନ

**ଭୁବନେଶ୍ୱର,୨।୧୦ (ଅଭୟ ଦାଶ)**

ଚଳିତ ବର୍ଷର ପାର୍ବଣ ଋତୁରେ ଗ୍ରାହକଙ୍କ ପାଇଁ ଖୁସି ଓ ଆନନ୍ଦ ଆଣିବା ସହ ଭାରତର ସର୍ବବୃହତ୍ ଓ ଦ୍ରୁତଗତିରେ ବୃଦ୍ଧି ପାଉଥିବା ରିଲାଏନ୍ସ ରିଟେଲର ପୋଷାକ ଓ ଆସେସୋରିଜ୍ ସ୍ପେଶାଲିଟି ଚେନ୍ ଟ୍ରେଣ୍ଡସ ପକ୍ଷରୁ ଖୁସିର ପର୍ବ ଏବଂ ଶ୍ରେଷ୍ଠ ପୂଜା ଲୁକ୍ ପ୍ରତିଯୋଗିତା ସହିତ ଦୁର୍ଗାପୂଜା ଅଭିଯାନର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି ଚଳିତ ଦୁର୍ଗାପୂଜାକୁ ଗ୍ରାହକଙ୍କ ପାଇଁ ଅଧିକ ଆକର୍ଷଣୀୟ ଓ ଲାଭଦାୟକ କରିବା ପାଇଁ ଏହି ସ୍ୱତନ୍ତ୍ର ପଦକ୍ଷେପ ଅଧୀନରେ ୩୪୯୯ ଟଙ୍କା କିମ୍ବା ତଦୂର୍ଦ୍ଧ୍ୱ ମୂଲ୍ୟରେ କିଣାକିଣି କରୁଥିବା ଗ୍ରାହକଙ୍କୁ ମାତ୍ର ୨୪୯/୩୯୯ ଟଙ୍କାର ଏକ




ଆକର୍ଷଣୀୟ ଉପହାର ମିଳିବ। ଏହି ସମୟ ମଧ୍ୟରେ ଗ୍ରାହକମାନେ ଶ୍ରେଷ୍ଠ ପୂଜା ଲୁକ୍ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା ସହ ଆକର୍ଷଣୀୟ ପୁରସ୍କାର ଜିତିବାର ସୁଯୋଗ ପାଇବେ। ଟ୍ରେଣ୍ଡସ ଗ୍ରାହକଙ୍କଠାରୁ ଏଣ୍ଟ୍ରି ମଧ୍ୟ ଆମନ୍ତ୍ରଣ କରୁଛି, ଯେଉଁଠାରେ ସେମାନଙ୍କୁ ନିଜର ଏକ ସେଲ୍ଫି କ୍ଲିକ୍ କରିବାକୁ ପଡ଼ିବ କିମ୍ବା ୧ମିନିଟ୍ ରିଲ୍ ତିଆରି କରିବାକୁ ହେବ ଏବଂ ଏହାକୁ ସେମାନଙ୍କ ଇନ୍‌ଷ୍ଟାଗ୍ରାମ/ଫେସବୁକ୍ ପ୍ରୋଫାଇଲରେ ପୋଷ୍ଟ କରିବାକୁ ପଡ଼ିବ ଏବଂ ଶ୍ରେଷ୍ଠ ପୂଜା ଲୁକ୍ ପ୍ରତିଯୋଗିତାରେ ନିଜର ନାମ ଲେଖାଇବା ପାଇଁ @Reliance-Trends ପୃଷ୍ଠାକୁ ଟ୍ୟାଗ୍ କରିବାକୁ ହେବ।

# ଆଇଟି କ୍ଷେତ୍ରରେ ବ୍ୟାପକ ନିଯୁକ୍ତି ସୁଯୋଗ ଆଶା

**ଭୁବନେଶ୍ୱର,୨।୧୦ (ଅନୁରାଧା ମହାରଣା)**

ଦୀର୍ଘଦିନ ଧରି ଦେଶରେ ଚାକିରି ସମସ୍ୟାକୁ ନେଇ ଯୁବପିଢ଼ିଙ୍କ ମଧ୍ୟରେ ଯେତିକି ଚିନ୍ତା ଲାଗିରହିଛି ବିଭିନ୍ନ ମହଲରେ ସେତିକି ବାଦ ପ୍ରତିବାଦ ଦେଖିବାକୁ ମିଳିଛି। ଆଇଟି କମ୍ପାନୀଗୁଡ଼ିକ ନୂତନ ଭାବରେ ନିଯୁକ୍ତ କର୍ମଚାରୀଙ୍କ ଦରମା ହ୍ରାସ କରିଥିବା ନିକଟରେ ଖବର ଆସିଥିଲା। ଦେଶର ବିଶିଷ୍ଟ ବୈଷୟିକ କମ୍ପାନୀଗୁଡିକର ନାମ ଏହି ତାଲିକାରେ ରହିଥିଲା। ଏପରିକି ମାତ୍ରାଧିକ କର୍ମଚାରୀଙ୍କ ଛଟେଇ ନେଇ ମଧ୍ୟ ରିପୋର୍ଟ ପ୍ରକାଶ ପାଇଥିଲା। ମାତ୍ର ବର୍ତ୍ତମାନ ଏହି ଆଇଟି କ୍ଷେତ୍ରରୁ ଏକ ଭଲ ଖବର ଆସିଛି। ବିଶେଷକରି ଫ୍ରେଶର୍ସମାନଙ୍କ ପାଇଁ ଏକ ଭଲ ସୁଯୋଗ ଭାବରେ ଉଭା ହେଉଛି। ଆଗାମୀ ଦିନରେ ଆଇଟି କ୍ଷେତ୍ରରେ ଲକ୍ଷାଧିକ ନିଯୁକ୍ତି ସୃଷ୍ଟିହେବା ନେଇ ଆଶା କରାଯାଉଛି। ୨୦୨୩-୨୪ ଆର୍ଥିକ ବର୍ଷର ଆଇଟି କ୍ଷେତ୍ରରେ ନିଯୁକ୍ତିରେ ଶିଥିଳତା ଆସିଥିବାବେଳେ ଚଳିତ ବର୍ଷ ଆଇଟି ସଂସ୍ଥାଗୁଡ଼ିକରେ ଅଧିକ ନିଯୁକ୍ତି ଆଶା କରାଯାଉଛି। ୨୦୨୨ ବର୍ଷ ତୁଳନାରେ ୨୦୨୩-୨୪ ବର୍ଷରେ ନିଯୁକ୍ତି ପରିମାଣ ୧୦୦%ରୁ କମ୍ । ୨୦୨୨ ମସିହାରେ ଯେଉଁଠାରେ ୨.୩୦ ଲକ୍ଷ ଚାକିରି ନିଯୁକ୍ତି ଥିଲା, ୨୦୨୩-୨୪ ବର୍ଷରେ ଏହା ୬୦,୦୦୦କୁ ହ୍ରାସ ପାଇଲା ଏବଂ ଏହା ସହ ଫ୍ରେଶର ନିଯୁକ୍ତି ମଧ୍ୟ ବହୁତ କମ୍ ରହିଥିଲା। ଏହି ବର୍ଷ ଅର୍ଥାତ୍ ୨୦୨୪-୨୫, ନିଯୁକ୍ତି ୨୦୨୨ ହାରରେ ହେବ ବୋଲି ଆଶା କରାଯାଉଛି।

# ସମାଧାନ କ୍ଷେତ୍ରରେ ସିଏସ୍‌ଆର୍‌ର ଗୁରୁତ୍ୱପୂର୍ଣ୍ଣ ଭୂମିକା

**ନୂଆଦିଲ୍ଲୀ,୨।୧୦**

ଇନ୍‌ଫିନିଟି ଗ୍ରୁପ୍ ପକ୍ଷରୁ ବାର୍ଦ୍ଧକ୍ୟ ସମ୍ବନ୍ଧିତ ଚିକିତ୍ସା ଯତ୍ନ ଓ ସୁସ୍ଥତା କ୍ଷେତ୍ରରେ କର୍ପୋରେଟ ସୋସିଆଲ ରେସ୍‌ପନ୍ସିବିଲିଟି ବା ସିଏସ୍‌ଆର୍ ସୁଯୋଗଗୁଡିକ ଉପରେ ଏକ ରାଉଣ୍ଡ ଟେବୁଲ ବୈଠକ ନିକଟରେ ଆୟୋଜିତ ହୋଇଯାଇଛି। ଅନ୍ତର୍ଜାତୀୟ ବରିଷ୍ଠ ନାଗରିକ ଦିବସକୁ ସ୍ମରଣୀୟ କରିବା ପାଇଁ ଗୋଲ୍ଡେନ ଇୟର୍ସ-ନ୍ୟୁ ହରାଇଜୋନ୍‌କୁ ସଶକ୍ତ କରିବା ଉପରେ ଏକ ସ୍ୱତନ୍ତ୍ର ଧ୍ୟାନ ସହ ଏହା ଆୟୋଜିତ ହୋଇଥିଲା। ବୟସ୍କ ବ୍ୟକ୍ତିମାନେ ସମ୍ମୁଖୀନ ହେଉଥିବା ଆହ୍ୱାନଗୁଡିକର ସମାଧାନ କ୍ଷେତ୍ରରେ ସିଏସ୍‌ଆର୍‌ର ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ଉକ୍ତ କାର୍ଯ୍ୟକ୍ରମ ଜରିଆରେ ବିସ୍ତୃତ ଭାବେ ଆଲୋକପାତ କରାଯାଇଛି। ବେଦାନ୍ତ ଇନ୍‌ଷ୍ଟିଚ୍ୟୁଟ୍‌ର ବେଦାନ୍ତ ସ୍କୋଲାର ଓ କର୍ପୋରେଟ ରିସୋର୍ସ ଏଲ୍. ରାମାସ୍ୱାମୀ, ଆଲ୍‌ଜାଇମର୍ସ ଆଣ୍ଡ ରିଲେଟେଡ୍ ଡିଜଅର୍ଡର୍ସ ସୋସାଇଟି ଅଫ୍ ଇଣ୍ଡିଆର ସଚିବ ନିଲାଞ୍ଜନା ମୌଳିକ୍, କୋଲ୍‌କାତାର ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ନ୍ୟୁରୋସାଇନ୍ସେସ୍‌ର କନ୍‌ସଲ୍‌ଟାଣ୍ଟ ନ୍ୟୁରୋଲୋଜିଷ୍ଟ ଡା. ସିଦ୍ଧାର୍ଥ ଶଙ୍କର ଆନନ୍ଦଙ୍କ ଅନେକ ବକ୍ତା ସାମିଲ ଥିଲେ। ଇନ୍‌ଫିନିଟି ଗ୍ରୁପ୍‌ର ଉପାଧ୍ୟକ୍ଷ (ମାର୍କେଟିଂ ବିଭାଗ) ଅନିନ୍ଦ୍ୟା ଦାସ କୋଲକାତାର ଜାଗୃତି ଧାମଠାରେ ଜୀବଗ୍ରାମର ଶୁଭାରମ୍ଭ ସମ୍ପର୍କରେ ଘୋଷଣା ସହିତ ଜାଗୃତି ଧାମ ଓ ବଂଟ୍‌ବୋ ହିଲିଂ ଟଚ୍ ଫାଉଣ୍ଡେଶନ ପକ୍ଷରୁ ବୃଦ୍ଧ ବ୍ୟକ୍ତିଙ୍କ ପାଇଁ ୱେଲ୍‌ନେସ ୟୁଟ୍ୟୁବ୍ ଚ୍ୟାନେଲ 'ଏଜ୍ ୱେଲ୍-ଲିଭ୍ ୱେଲ୍'ର ଶୁଭାରମ୍ଭ ମଧ୍ୟ କରାଯାଇଛି। ଇନ୍‌ଫିନିଟି ଗ୍ରୁପ୍‌ର ନିର୍ଦ୍ଦେଶକ ପୁଲକ ଚାମରିଆ କହିଛନ୍ତି , ଭାରତର ବରିଷ୍ଠ ନାଗରିକଙ୍କ ସଂଖ୍ୟା ବୃଦ୍ଧି ପାଇବା ସହ ଏହି ରାଉଣ୍ଡ ଟେବୁଲ ଆଲୋଚନା ବରିଷ୍ଠ ନାଗରିକଙ୍କ ପାଇଁ ଜୀବନର ମାନକୁ ଉନ୍ନତ କରିବା ଲାଗି ସ୍ଥାୟୀ ସିଏସ୍‌ଆର୍‌ଚାଳିତ ସମାଧାନ ବିକଶିତ କରିବା ଉପରେ ଗୁରୁତ୍ୱ ଦେଇଥିଲା।

# ଗ୍ରାମାଞ୍ଚଳଠାରୁ ସହରାଞ୍ଚଳରେ ମୃତ୍ୟୁ ହାର ଅଧିକ

**ନୂଆଦିଲ୍ଲୀ,୨।୧୦**

କ୍ରମାଗତ ଭାବେ ଭାରତର ଗ୍ରାମାଞ୍ଚଳ ଅପେକ୍ଷା ସହରାଞ୍ଚଳରେ ହୃଦ୍‌ରୋଗଜନିତ ମୃତ୍ୟୁ ହାର ଯଥେଷ୍ଟ ଅଧିକ ରହିଛି। ଏପରିକି ଭାରତରେ ହୃଦ୍‌ରୋଗ ଜନିତ ମୃତ୍ୟୁହାର ପ୍ରତି ୧ ଲକ୍ଷ ଜନସଂଖ୍ୟାରେ ୨୭୨ରହିଛି। ଏହା ବିଶ୍ୱର ହାରାହାରି ସ୍ତର ୨୩୫କୁ ମଧ୍ୟ ଅତିକ୍ରମ କରୁଛି ବୋଲି ସିକେ ବିର୍ଲା ହସ୍ପିଟାଲର ଏକ ଅଂଶ ବିଏମ୍ ବିର୍ଲା ହାର୍ଟ ହସ୍ପିଟାଲ (ବିଏମ୍‌ବି)ର ବହୁ ପ୍ରତୀକ୍ଷିତ ତଥା ବାର୍ଷିକ ରିପୋର୍ଟ 'ଏଭ୍ରି ବିଟ୍ କାଉଣ୍ଟସ'ରେ ବିସ୍ତୃତ ଭାବେ ଉଲ୍ଲେଖ କରାଯାଇଛି। ଉଲ୍ଲେଖଯୋଗ୍ୟ, ବିଏମ୍‌ବି ପକ୍ଷରୁ ଭାରତର ହୃଦୟ ସ୍ୱାସ୍ଥ୍ୟ ପ୍ରସଙ୍ଗ ଉପରେ ପ୍ରକାଶିତ ପ୍ରଥମ ଧରଣର ଏକ ରିପୋର୍ଟ 'ଏଭ୍ରି ବିଟ୍ କାଉଣ୍ଟସ'ର ଅନାବରଣ (ଉନ୍ମୋଚିତ) ନିକଟରେ ହୋଇଯାଇଛି। ଏପରିକି ଦେଶରେ ବଢୁଥିବା ହୃଦ୍‌ରୋଗ ସଙ୍କଟକୁ ଉକ୍ତ ରିପୋର୍ଟରେ ବିସ୍ତୃତ ଭାବେ ଆଲୋକପାତ କରିବା ସହ କାର୍ଡିଓ ଭାସ୍କୁଲାର ଡିଜିଜ୍ (ସିଭିଡି) ବା ହୃଦୟ ରୋଗଗୁଡିକର ବଢୁଥିବା ପ୍ରାଦୁର୍ଭାବକୁ ରୋକିବା ପାଇଁ ମୂଲ୍ୟବାନ୍ ତଥ୍ୟ ଓ କାର୍ଯ୍ୟକ୍ଷମ ରଣନୀତି ଆଦି ଉକ୍ତ ରିପୋର୍ଟରେ ପ୍ରକାଶ ପାଇଛି। ଏପରିକି ଭାରତରେ କୋରୋନାରି ହାର୍ଟ ଡିଜିଜ୍‌ର ପ୍ରବଣତା ଗତ ୩ ଦଶନ୍ଧି ମଧ୍ୟରେ ୩ଗୁଣରୁ ଅଧିକ ବୃଦ୍ଧି ପାଇଛି। ଏ ସମ୍ପର୍କରେ ସିକେ ବିର୍ଲା ହସ୍ପିଟାଲର ସିଇଓ ବିପୁଲ ଜୈନ କହିଛନ୍ତି, ଆମେ ବାର୍ଷିକ ରୂପେ ଏହି ରିପୋର୍ଟକୁ ପ୍ରକାଶିତକରି ବେଶ୍ ଉତ୍ସାହିତ ଅଛୁ। ଏପରିକି ଏକ ସୁସ୍ଥ ରାଷ୍ଟ୍ର ନିର୍ମାଣ କରିବା ଦିଗରେ ସ୍ଥାୟୀ ସଚେତନତା ଓ ସାମୂହିକ କାର୍ଯ୍ୟାନୁଷ୍ଠାନକୁ ପ୍ରୋତ୍ସାହିତ କରିବା ପାଇଁ ଆମେ ଲକ୍ଷ୍ୟ ରଖିଛୁ ବୋଲି ସେ ବିସ୍ତୃତ ଭାବେ ଆଲୋକପାତ କରିଥିଲେ। ଅପରପକ୍ଷରେ ବିଏମ୍ ବିର୍ଲା ହାର୍ଟ ହସ୍ପିଟାଲର ବିଶେଷଜ୍ଞତାକୁ ଉପଯୋଗ କରି ଆମେ ଏହି ରିପୋର୍ଟ ପ୍ରସ୍ତୁତ କରିଛୁ। ଏପରିକି ଦେଶର ସମସ୍ତ ବୟସ ବର୍ଗରେ ବଢୁଥିବା ହୃଦ୍‌ରୋଗ ସଙ୍କଟକୁ ଦୂରକରିବା ପାଇଁ ଏକ ଉନ୍ନତ ଭିତ୍ତିଭୂମି, ସ୍ୱତନ୍ତ୍ର ଚିକିତ୍ସା ଓ ସାର୍ବଜନୀନ ସଚେତନତା ପ୍ରତି ଉତ୍ତମ ପହଞ୍ଚର ଜରୁରୀ ଆବଶ୍ୟକତାକୁ ଉକ୍ତ ରିପୋର୍ଟ ଜରିଆରେ ପରିପ୍ରକାଶ କରାଯାଇଛି। ଏହି ରିପୋର୍ଟ ଭିତ୍ତିଭୂମି ଓ ସ୍ୱତନ୍ତ୍ର ଚିକିତ୍ସାର ଅଭାବକୁ ବିସ୍ତୃତ ଭାବେ ଦର୍ଶାଇଛି।

## ଫୁର୍‌ସତ

# ୮୧ ବର୍ଷୀୟା ବିୟୁଟି କୁଇନ୍



**ସିଓଲ:** ବୟସ କେବଳ ଏକ ସଂଖ୍ୟା। କୋରିଆନ୍ ମଡେଲ୍ ଚୋଇ ସୁନ୍-ହ୍ୱା(୮୧) ଏହା ପ୍ରମାଣ କରି ଦେଖାଇଛନ୍ତି। ସେ ସବୁଠାରୁ ବୟସ୍କା ମହିଳା ଭାବେ ମିସ୍ ୟୁନିଭର୍ସ କୋରିଆ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା ସହ ଏହାର ଫାଇନାଲରେ ପ୍ରବେଶ କରି ରେକର୍ଡ ସୃଷ୍ଟି କରିଛନ୍ତି। ସବୁଠାରୁ ଆଶ୍ଚର୍ଯ୍ୟର ବିଷୟ ହେଉଛି ଚୋଇ ଜନ୍ମ ହେବା ବେଳକୁ ମିସ୍ ୟୁନିଭର୍ସ ପ୍ରତିଯୋଗିତା ଆରମ୍ଭ ମଧ୍ୟ ହୋଇ ନ ଥିଲା।

ମଙ୍ଗଳବାର ମିସ୍ ୟୁନିଭର୍ସ କୋରିଆ ପ୍ରତିଯୋଗିତାର ଫାଇନାଲ ଅନୁଷ୍ଠିତ ହୋଇଥିବାବେଳେ ଏହି ଟାଇଟଲରୁ ଚୋଇ ଅଳ୍ପକେ ହାରି ଯାଇଛନ୍ତି। ଉକ୍ତ ଟାଇଟଲ ହାସଲ କରିଥିଲେ, ସେ ମିସ୍ ୟୁନିଭର୍ସ ଲଢେଇ ପାଇଁ ସବୁଠୁ ବୟସ୍କ ପ୍ରତିଯୋଗୀ ଭାବେ ଇତିହାସ ରଚିପାରିଥାନ୍ତେ। ତେବେ ଫାଇନାଲରେ ସେ 'ଶ୍ରେଷ୍ଠ ଡ୍ରେସର' ପୁରସ୍କାର ହାତେଇ ଦର୍ଶକଙ୍କର ମନ ଜିଣିପାରିଥିଲେ। ମିସ୍ ୟୁନିଭର୍ସ କୋରିଆର ଫାଇନାଲ ପୂର୍ବରୁ ଏକ ସାକ୍ଷାତକାରରେ ଚୋଇ କହିଥିଲେ, ତାଙ୍କ ଫିଟ୍‌ନେସ ପୂରା ବିଶ୍ୱକୁ ଚକିତ କରିପାରିଛି। ଜଣେ ୮୧ ବର୍ଷ ବୟସ୍କା ମହିଳା

### ଅଳ୍ପକେ ଖସିଗଲା ମିସ୍ ୟୁନିଭର୍ସ କୋରିଆ କ୍ରାଉନ୍

କିପରି ଏତେ ସୁସ୍ଥ ଅଛନ୍ତି, ସେ କିପରି ନିଜ ଶରୀରକୁ ମେଣ୍ଟେନ୍ କରି ରଖିଛନ୍ତି, ତାଙ୍କର ଡାଏଟ୍ କ'ଣ ରହିଛି ଏପରି ଅନେକ ପ୍ରଶ୍ନ ଲୋକଙ୍କ ମଧ୍ୟରେ ଲାଗିରହିଛି। ବୟସ ବଢ଼ିବା ସହ କିପରି ସୁସ୍ଥ ରହିହେବ ତାହା ସେ ପ୍ରମାଣିତ କରିପାରିଛନ୍ତି ବୋଲି ଚୋଇ କହିଥିଲେ। ପୂର୍ବରୁ ଏକ ହସ୍ପିଟାଲରେ କେୟାର କର୍ମଚାରୀ ଭାବେ କାର୍ଯ୍ୟ କରିଥିବା ଚୋଇ ୭୦ ଦଶକରେ ମଡେଲିଂ ଦୁନିଆରେ ପାଦ ଥାପିଥିଲେ। ତେବେ ମିସ୍ ୟୁନିଭର୍ସ ପ୍ରତିଯୋଗିତାକୁ ପ୍ରଗତିଶୀଳ କରିବା ପାଇଁ ଚଳିତ ବର୍ଷଠାରୁ କେତେକ ପ୍ରତିବନ୍ଧକକୁ ହଟାଇ ଦିଆଯାଇଛି। ଉକ୍ତ ପ୍ରତିଯୋଗିତାରେ ଭାଗ ନେବା ପାଇଁ ପୂର୍ବରୁ ଥିବା ବୟସ ସୀମା ପ୍ରତିବନ୍ଧକକୁ ଚଳିତଥର ହଟାଇ ଦିଆଯାଇଛି। ପୂର୍ବରୁ କେବଳ ୧୮ରୁ ୨୪ ବର୍ଷ ବୟସର ମହିଳାମାନେ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିପାରୁଥିଲେ।

# ମଇଁଷି ଦାମ୍ ୨୫ କୋଟି

**ଚଣ୍ଡିଗଡ଼:** ନିକଟରେ ସୋସିଆଲ ମିଡିଆରେ ଏକ ମଇଁଷି ଭାଇରାଲ ହେବାରେ ଲାଗିଛି। ଇନ୍‌ଷ୍ଟାଗ୍ରାମରେ ଜିତେଶ କୁମାର ନାମକ ଜଣେ ବ୍ୟକ୍ତି ଏହି ମଇଁଷିର ଭିଡିଓ ଶେୟାର କରି ଲେଖିଛନ୍ତି, ଏହା କୌଣସି ସାଧାରଣ ମଇଁଷି ନୁହେଁ, ଦେଖିବାକୁ ଏହା ଅନ୍ୟ ମଇଁଷିଙ୍କଠାରୁ ଯଥେଷ୍ଟ ବଡ଼। ମଣିଷଙ୍କ ହାରାହାରି ଉଚ୍ଚତାଠାରୁ ଏହା ଯଥେଷ୍ଟ ଲମ୍ବା। କଳା ରଙ୍ଗର ଏହି ମଇଁଷି ୧୯ ଥର ବିଭିନ୍ନ ପ୍ରତିଯୋଗିତାରେ ଚାମ୍ପିୟନ ହୋଇ ନିଜ ମାଲିକ ତଥା ହରିୟାଣାକୁ ଗର୍ବିତ କରିପାରିଛି। ଲୋକମାନେ ଏହାକୁ ଦେଖିବା ପାଇଁ ଦୂର ଦୂରାନ୍ତରୁ ଆସନ୍ତି ବୋଲି ଜିତେଶ କହିଛନ୍ତି। ଦେଖିବାକୁ ବିରାଟକାୟ ହୋଇଥିବାରୁ ଉକ୍ତ ମଇଁଷିର ମାଲିକ ଏହାର ନାମ ବିରାଟ ରଖିଛନ୍ତି। ମଇଁଷିର ମାଲିକ କହିଛନ୍ତି, ତାଙ୍କ ପୁଅ ଓ ବିରାଟ ଗୋଟିଏ ଦିନରେ ଜନ୍ମ ହୋଇଥିଲେ, ସେବେଠାରୁ ସେ ଏହି ମଇଁଷିକୁ ନିଜ ପୁଅ ପରି ଦେଖି ଆସୁଛନ୍ତି। ମଇଁଷିଟିକୁ କିଣିବାକୁ କେତେଜଣ ୨୫ କୋଟି ଟଙ୍କା ପର୍ଯ୍ୟନ୍ତ ଅର୍ଥ ଦେବାକୁ ମଧ୍ୟ ରାଜି ଅଛନ୍ତି ବୋଲି ଏହାର ମାଲିକ କହିଛନ୍ତି। କିନ୍ତୁ ମଇଁଷି ଦ୍ୱାରା ସେ ଅନେକ ଫାଇଦା ପାଉଥିବାରୁ ଏହାକୁ ସେ ବିକ୍ରି କରିବାକୁ ଚାହୁଁନାହାନ୍ତି। ଉକ୍ତ ମଇଁଷି ପ୍ରତି ମାଲିକଙ୍କ ସ୍ନେହକୁ ବହୁ ସୋସିଆଲ ମିଡିଆ ୟୁଜର୍ସ ପସନ୍ଦ କରିଛନ୍ତି।





# ଆଲିଆଙ୍କ ସହ ତୁଳନାକୁ ନାପସନ୍ଦ କଲେ ଅନନ୍ୟା




**ମୁମ୍ବାଇ:** ଓଟିଟି ପ୍ଲାଟ୍‌ଫର୍ମ 'ଆମାଜନ ପ୍ରାଇମ୍'ରେ ଗତ ମାସରେ ରିଲିଜ୍ ହୋଇଥିବା 'କଲ ମି ବେ' ସିରିଜ୍ ପାଇଁ ଅଭିନେତ୍ରୀ ଅନନ୍ୟା ପାଣ୍ଡେ ବେଶ୍ ଚର୍ଚ୍ଚାକୁ ଆସିଥିଲେ। ଏହି ସିରିଜ୍‌ରେ ତାଙ୍କ ଅଭିନୟକୁ ଦର୍ଶକ ବେଶ୍ ପସନ୍ଦ କରିଥିଲେ। ତେବେ ଖୁବ୍‌ଶୀଘ୍ର ଅନନ୍ୟାଙ୍କୁ 'ସିଟିଆର୍‌ଏଲ୍' ସିରିଜରେ ଦେଖିବାକୁ ମିଳିବ।

ଏବେ ଅନନ୍ୟା ଏହି ସିରିଜ୍‌ର ପ୍ରମୋଶନ୍‌ରେ ବ୍ୟସ୍ତ ଅଛନ୍ତି। ଏହି ଅବସରରେ ସେ ବହୁ ସାକ୍ଷାତ୍‌କାର ମଧ୍ୟ ଦେଉଛନ୍ତି। ତାଙ୍କୁ ଅଭିନେତ୍ରୀ ଆଲିଆ ଭଟ୍ଟଙ୍କ ସହ କେତେଜଣ ପ୍ରଶଂସକ ତୁଳନା କରୁଛନ୍ତି, ଏନେଇ ଏକ ସାକ୍ଷାତ୍‌କାରରେ ଅନନ୍ୟାଙ୍କୁ ପ୍ରଶ୍ନ କରାଯାଇଥିଲା। ଉତ୍ତରରେ ଅନନ୍ୟା କହିଛନ୍ତି, ଆଲିଆ ହେଉଛନ୍ତି ଜଣେ ଉତ୍କୃଷ୍ଟ କଳାକାର। ସେ ବଲିଉଡ୍‌ରେ ବହୁ ସଫଳତା ହାସଲ କରିଛନ୍ତି। ତେଣୁ ତାଙ୍କ ସହ ମୋର ତୁଳନା ଠିକ୍ ନୁହେଁ। ଯଦିଓ ସେ ସର୍ବଦା ପ୍ରଶଂସକମାନଙ୍କର ମତକୁ ସମ୍ମାନ ଦେଇଥାନ୍ତି, ତେବେ ମଧ୍ୟ ଆଲିଆଙ୍କ ସହ ତାଙ୍କର ତୁଳନା ଠିକ୍ ହେବ ନାହିଁ ବୋଲି ଅନନ୍ୟା କହିଛନ୍ତି। ସେ ଅଭିନୟ କ୍ଷେତ୍ରରେ ଆଲିଆଙ୍କଠାରୁ ବହୁତ କିଛି ଶିଖିବାକୁ ପାଇଛନ୍ତି ବୋଲି ଏହି ସାକ୍ଷାତ୍‌କାରରେ କହିଛନ୍ତି।

ବିକ୍ରମାଦିତ୍ୟ ମୋଟ୍‌ୱାନୀଙ୍କ ନିର୍ଦ୍ଦେଶିତ ଓ ନିଖିଲ ଦ୍ୱିବେଦୀଙ୍କ ପ୍ରଯୋଜିତ ସାଇବର-ଥ୍ରୀଲର ସିରିଜ୍ 'ସିଟିଆର୍‌ଏଲ୍' ଆସନ୍ତା ୪ରୁ ଓଟିଟି ପ୍ଲାଟଫର୍ମ ନେଟ୍‌ଫ୍ଲିକ୍ସରେ ଷ୍ଟ୍ରିମିଂ ହେବ। ଏହାର ଟ୍ରେଲରକୁ ଦର୍ଶକଙ୍କଠାରୁ ଅନେକ ସକାରାତ୍ମକ ପ୍ରତିକ୍ରିୟା ମିଳିଛି। ଅନନ୍ୟା ଏହି ସାକ୍ଷାତ୍‌କାରରେ ଫିଲ୍ମରେ ତାଙ୍କର ଚରିତ୍ର ବିଷୟରେ ବଖାଣିଛନ୍ତି। ସମ୍ପ୍ରତି ମଣିଷ କିପରି ଟେକ୍ନୋଲୋଜି ଓ ସୋସିଆଲ ମିଡିଆରେ ଫସି ରହୁଛି, ଏହାକୁ ଆଧାର କରି 'ସିଟିଆର୍‌ଏଲ୍' ଫିଲ୍ମ ନିର୍ମିତ ହୋଇଛି ବୋଲି ଅନନ୍ୟା କହିଛନ୍ତି।

# ଆଜିଠୁ ମହିଳା ଟି୨୦ ବିଶ୍ୱକପ୍

## ଅଷ୍ଟ୍ରେଲିଆର ଆଧିପତ୍ୟ ଶେଷ କରିବାକୁ ସୁଯୋଗ

ଦୁବାଇ,୨।୧୦(ପି.ଟି.)

ୟୁଏଇରେ ଗୁରୁବାର ମହିଳା ଟି୨୦ ବିଶ୍ୱକପ୍ ଆରମ୍ଭ ହେବାକୁ ଯାଉଛି। ବାଂଲାଦେଶ ଓ ସ୍କଟଲାଣ୍ଡ ମଧ୍ୟରେ ଟୁର୍ନାମେଣ୍ଟର ପ୍ରଥମ ମ୍ୟାଚ୍ ଶାରଜା ଇଣ୍ଟରନ୍ୟାଶନାଲ କ୍ରିକେଟ ଷ୍ଟାଡିୟମରେ ଖେଳାଯିବ। ପରେ ଦୁଇ ଏସୀୟ ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନ ଓ ଶ୍ରୀଲଙ୍କା ପରବର୍ତ୍ତୀ ମ୍ୟାଚ୍‌ରେ ପରସ୍ପରକୁ ଭେଟିବେ। ପୂର୍ବରୁ ଏହି ଟୁର୍ନାମେଣ୍ଟ ବାଂଲାଦେଶରେ ଖେଳାଯିବାକୁ ଥିବାବେଳେ ରାଜନୈତିକ ହିଂସା କାରଣରୁ ଏହାକୁ ୟୁଏଇକୁ ସ୍ଥାନାନ୍ତର କରାଯାଇଥିଲା।

ମହିଳା ଟି୨୦ରେ ଅଷ୍ଟ୍ରେଲିଆ ସବୁଠାରୁ ଶକ୍ତିଶାଳୀ ଦଳ ହୋଇଥିବା ବେଳେ ଏହାର ଆଧିପତ୍ୟ ଶେଷ କରିବା ପାଇଁ ଭାରତ, ଇଂଲଣ୍ଡ ଓ ଦକ୍ଷିଣ ଆଫ୍ରିକା ପ୍ରୟାସ କରିବେ। ଅନ୍ତିମ ୩ ଟି୨୦ ବିଶ୍ୱକପ୍ ଅଷ୍ଟ୍ରେଲିଆ ଜିତିଥିବା ବେଳେ ସମୁଦାୟ ୯ ସଂସ୍କରଣରେ ଏହା ୬ ଥର ଚାମ୍ପିୟନ ଆଖ୍ୟା ଅର୍ଜନ କରିଛି। ଅତୀତରେ ଭାରତ, ଇଂଲଣ୍ଡ ଓ ଦକ୍ଷିଣ ଆଫ୍ରିକା ଅନେକ ଥର ଅଷ୍ଟ୍ରେଲିଆକୁ ହରାଇ ସାରିଛନ୍ତି। ତେବେ ବିଶ୍ୱକପ୍‌ରେ ଏହି ଦଳକୁ ହରାଇବା ସମସ୍ତଙ୍କ ପାଇଁ କାଠିକର ପାଠ ହୋଇଛି। ବିଶ୍ୱକପ୍‌ରେ ଏହି ଦଳ ଅପରାଜେୟ ରହିଥିବା ବେଳେ ସମସ୍ତଙ୍କ ପାଇଁ ମୁଣ୍ଡବିନ୍ଧାର କାରଣ ପାଲଟିଛି। ଅଷ୍ଟ୍ରେଲିଆ ଇତିହାସର ସବୁଠାରୁ ସଫଳତମ ଅଧିନାୟିକା ମେଗ୍ ଲାନିଂ ୧୮ ମାସ ତଳେ କ୍ରିକେଟରୁ ଅବସର ନେଇଥିବା ବେଳେ ଆଲିସା ହିଲିଙ୍କୁ ଦାୟିତ୍ୱ ମିଳିଥିଲା। ହିଲିଙ୍କ ବ୍ୟତୀତ ଏଲିସ୍ ପେରୀ, ଆସ୍‌ଲେ ଗାର୍ଡନର ଓ ଗ୍ରେସ୍ ହ୍ୟାରିସଙ୍କ ପରି ମ୍ୟାଚ୍ ବିଜେତା ଖେଳାଳି ଏହି ଦଳରେ ରହିଛନ୍ତି। ଏହି ଦଳରେ ଦୁଇ ଯୁବ ପେସ୍ ବୋଲର ଟାୟଲା ଭାଲେମିଙ୍କ ଓ ଡାର୍ସି ବ୍ରାଉନ୍ ମଧ୍ୟ ଚମତ୍କାର ଫର୍ମରେ ଅଛନ୍ତି। ଇଂଲଣ୍ଡ ଦଳ ୨୦୦୯ରେ ଅନୁଷ୍ଠିତ ପ୍ରଥମ ସଂସ୍କରଣରେ ଚାମ୍ପିୟନ ହୋଇଥିଲା। ପରେ ୩ ଥର ଦଳ ଫାଇନାଲରେ ଅଷ୍ଟ୍ରେଲିଆ ନିକଟରୁ ପରାଜିତ ହୋଇଛି। ବିଶ୍ୱକପ୍ ୟୁଏଇରେ ଖେଳାଯାଉଥିବା କାରଣରୁ ସୋଫି ଏକେଲଷ୍ଟୋନଙ୍କ ବଡ ଭୂମିକା ରହିବ। ସେହିପରି ସାରା ଗ୍ଲେନ୍ ଓ ଚାର୍ଲି ଡିନ୍ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରନ୍ତି।

ଅଷ୍ଟ୍ରେଲିଆ ପାଇଁ ଆଉ ଏକ ବଡ ଚ୍ୟାଲେଞ୍ଜ ଭାବରେ ଉଭା ହୋଇପାରେ ହରମନ୍‌ପ୍ରୀତ କୌରଙ୍କ ଭାରତୀୟ ଦଳ। ୨୦୨୦ ଟି୨୦ ବିଶ୍ୱକପ୍ ଓ ୨୦୨୨ ରାଜ୍ୟ ଗୋଷ୍ଠୀ କ୍ରୀଡାର ଫାଇନାଲରେ ଭାରତ ପରାଜିତ ହୋଇଥିଲା। ଏପରି କି ଅପେକ୍ଷାକୃତ ଦୁର୍ବଳ ଶ୍ରୀଲଙ୍କା ନିକଟରୁ ଦଳ ଏସିଆ କପ୍ ଫାଇନାଲରେ ମଧ୍ୟ ହାରି ଯାଇଥିଲା। ତେବେ ଭାରତ ନିକଟରେ ଶେଫାଳି ବର୍ମା, ସ୍ମୃତି ମାନ୍ଧନା, ହରମନ୍‌ପ୍ରୀତ ଓ ରିଚା ଘୋଷଙ୍କ ପରି ଆକ୍ରମଣାତ୍ମକ ବ୍ୟାଟର ରହିଥିବା ବେଳେ ଏକାଧିକ ମ୍ୟାଚ୍ ବିଜେତା ସ୍ପିନ୍ ବୋଲର ରହିଛନ୍ତି। ଭାରତ ଅଷ୍ଟ୍ରେଲିଆକୁ କଡା ଟକ୍କର ଦେବା ଆଶା କରାଯାଏ। ବିଗତ ସଂସ୍କରଣର ରନର୍ ଅପ୍ ରହିଥିବା ଦକ୍ଷିଣ ଆଫ୍ରିକା ମଧ୍ୟ କଡା ଚ୍ୟାଲେଞ୍ଜ ଦେବାର ସମ୍ଭାବନା ରହିଛି। ଲୌରା ଓଲ୍‌ଭର୍ଡ୍ଟଙ୍କ ନେତୃତ୍ୱାଧୀନ ଦଳ ଗତବର୍ଷ ଫାଇନାଲର ପ୍ରତିଶୋଧ ନେବାକୁ ପ୍ରୟାସ କରିବ।



ମହିଳା ଟି୨୦ ବିଶ୍ୱକପ ଟ୍ରଫି ସହ ଅଂଶଗ୍ରହଣକାରୀ ଦଳର ଅଧିନାୟିକା।

## ଭାରତରେ ହେବ ସର୍ବପ୍ରଥମ ଖୋ ଖୋ ବିଶ୍ୱକପ୍

**ନୂଆଦିଲ୍ଲୀ, ୨।୧୦ (ପି.ଟି.):** ଖୋ ଖୋ ବିଶ୍ୱକପ୍‌ର ପ୍ରଥମ ସଂସ୍କରଣ ଭାରତରେ ଆୟୋଜନ ହେବ। ଆସନ୍ତା ବର୍ଷ ହେବାକୁଥିବା ଏହି ପ୍ରତିଯୋଗିତାରେ ୨୪ଟି ଦେଶର ୧୬ଟି ଲେଖାଏ ମହିଳା ଓ ପୁରୁଷ ଦଳ ଅଂଶଗ୍ରହଣ କରିବେ। ଖୋ ଖୋ ଫେଡେରେଶନ ଅଫ୍ ଇଣ୍ଡିଆ (କେକେଏଫ୍‌ଆଇ) ପକ୍ଷରୁ ବୁଧବାର ଏହା ଘୋଷଣା କରାଯାଇଛି। ''ଖୋ ଖୋ ଖେଳ ଭାରତରୁ ସୃଷ୍ଟି। ଆଗାମୀ ବିଶ୍ୱକପ୍ ଭାରତର ସମୃଦ୍ଧ ସାଂସ୍କୃତିକ ପରମ୍ପରା ଓ ସ୍ପୋର୍ଟ୍ସ ସ୍ପିରିଟକୁ ହାଇଲାଇଟ୍ କରିବ। କାଦୁଅରୁ ଆରମ୍ଭ ହୋଇଥିବା ଏହି କ୍ରୀଡ଼ା ଏବେ ମ୍ୟାଟ୍‌ରେ ଖେଳାଯାଉଛି ଏବଂ ବିଶ୍ୱର ୫୪ଟି ଦେଶ ଖେଳୁଛନ୍ତି'' ବୋଲି କେକେଏଫ୍‌ଆଇ ପକ୍ଷରୁ ପ୍ରକାଶ କରାଯାଇଛି। ୨୦୩୨ ବେଳକୁ ଆମେ ଖୋ ଖୋକୁ ଅଲିମ୍ପିକ୍ସ କ୍ରୀଡ଼ାଭାବେ ଦେଖିବାକୁ ଚାହୁଁଛୁ। ଆଗାମୀ ବିଶ୍ୱକପ୍ ଏହି ସ୍ୱପ୍ନ ସାକାର ଦିଗରେ ପ୍ରଥମ ପଦକ୍ଷେପ ହେବ ବୋଲି କେକେଏଫ୍‌ଆଇ ସଭାପତି ସୁଧାଂଶୁ ମିତ୍ତଲ ପ୍ରକାଶ କରିଛନ୍ତି।

## ଭାରତୀୟ ଦଳରେ କିସ୍‌ର ୬ ଖେଳାଳି



ଭାରତୀୟ ଦଳରେ ସ୍ଥାନ ପାଇଥିବା କିସ୍‌ର ୩ ପୁରୁଷ ଓ ୩ ମହିଳା ଖେଳାଳି।

### ଏସିଆ ରଗ୍‌ବୀ ଚାମ୍ପିୟନଶିପ୍

ଭୁବନେଶ୍ୱର, ୨।୧୦ (ତପନ ସ୍ୱାଇଁ)

ନେପାଳର କାଠମାଣ୍ଡୁଠାରେ ଏସିଆ ରଗ୍‌ବୀ ଚାମ୍ପିୟନଶିପ୍ ଚଳିତ ମାସ ୪ରୁ ୬ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏଥିପାଇଁ ବୁଧବାର ଭାରତୀୟ ରଗ୍‌ବୀ ଫୁଟ୍‌ବଲ ୟୁନିୟନ ପକ୍ଷରୁ ଜାତୀୟ ମହିଳା ଓ ପୁରୁଷ ଦଳର ଖେଳାଳି ତାଲିକା ଘୋଷଣା କରାଯାଇଛି। ଏଥିରେ କିସ୍ ବିଶ୍ୱବିଦ୍ୟାଳୟର ୬ ଖେଳାଳି (୩ ମହିଳା ଓ ୩ ପୁରୁଷ) ସାମିଲ ଅଛନ୍ତି। ପୁରୁଷ ଦଳରେ ସାମିଲ ଥିବା କିସ୍‌ର ଖେଳାଳିମାନେ ହେଲେ ଗଣେଶ ଧାଙ୍ଗଡ଼ା ମାଝି, ଆଶିଷ ସବର ଓ ଅଜିତ ହାଁସଦା। ଗଣେଶଙ୍କୁ ଭାରତୀୟ ଦଳର ଉପ-ଅଧିନାୟକ ମନୋନୀତ କରାଯାଇଛି। ସେହିପରି ମହିଳା ଦଳରେ ହୁପି ମାଝି, ଡୁମୁନି ମାର୍ଣ୍ଡି ଓ ନିର୍ମାଲ୍ୟ ରାଉତ ସାମିଲ ଅଛନ୍ତି। ହୁପି ମାଝି ଉପ-ଅଧିନାୟିକା ହୋଇଛନ୍ତି। ଭାରତୀୟ ଦଳ ମନୋନୟନ ପାଇଁ କୋଲକାତାର ସାଇ ନେତାଜୀ ସୁଭାଷ ଇଷ୍ଟର୍ନ ସେଣ୍ଟରରେ ଚୟନ ଟ୍ରାଏଲ ୨ ପର୍ଯ୍ୟାୟରେ ହୋଇଥିଲା। ପ୍ରଥମ ପର୍ଯ୍ୟାୟ ଅଗଷ୍ଟ ୧ରୁ ୨୦ ଏବଂ ଦ୍ୱିତୀୟ ପର୍ଯ୍ୟାୟ ସେପ୍ଟେମ୍ବର ୨୪ରୁ ଅକ୍ଟୋବର ୧ ପର୍ଯ୍ୟନ୍ତ ଚାଲିଥିଲା। ଏସିଆ ରଗ୍‌ବୀ ପାଇଁ ଭାରତୀୟ ମହିଳା ଓ ପୁରୁଷ ଦଳରେ ସାମିଲ କିସ୍‌ର ୬ ଖେଳାଳିଙ୍କୁ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଓ ଓଡ଼ିଶା ରଗ୍‌ବୀ ଫୁଟ୍‌ବଲ ଆସୋସିଏଶନ ସମ୍ପାଦକ ଉପେନ୍ଦ୍ର କୁମାର ମହାନ୍ତି ଅଭିନନ୍ଦନ ଜଣାଇଛନ୍ତି।

# ସର୍ଫରାଜଙ୍କ ଦ୍ୱିଶତକରେ ମୁମ୍ବାଇ ଦୃଢ଼

ଲକ୍ଷ୍ନୌ,୨।୧୦

ରଣଜୀ ଚାମ୍ପିୟନ ମୁମ୍ବାଇ ଓ ଅବଶିଷ୍ଟ ଭାରତ ମଧ୍ୟରେ ଖେଳାଯାଇଥିବା ଇରାନୀ ଟ୍ରଫିରେ ଦ୍ୱିଶତକ ହାସଲ କରିଛନ୍ତି ସର୍ଫରାଜ ଖାଁ। ସର୍ଫରାଜଙ୍କ ଦ୍ୱିଶତକ ବଳରେ ପ୍ରଥମେ ବ୍ୟାଟିଂ କରିଥିବା ମୁମ୍ବାଇ ୯ ଉଇକେଟ ହରାଇ ୫୩୬ ରନ୍ କରିଛି। ଲକ୍ଷ୍ନୌର ଏକାନା କ୍ରିକେଟ ଷ୍ଟାଡିୟମରେ ଅବଶିଷ୍ଟ ଭାରତ ଟସ୍ ଜିତି ମୁମ୍ବାଇକୁ ବ୍ୟାଟିଂ ପାଇଁ ଆମନ୍ତ୍ରଣ କରିଥିଲା। ପ୍ରଥମ ଦିନରେ ଖରାପ ଆଲୋକ କାରଣରୁ ୬୫ ଓଭର ଖେଳ ସମ୍ଭବ ହୋଇଥିବା ବେଳେ ମୁମ୍ବାଇ ୪ ଉଇକେଟରେ ୨୩୭ ରନ୍ କରିଥିଲା। ତେବେ ଦ୍ୱିତୀୟ ଦିନରେ ସର୍ଫରାଜଙ୍କ ୱାନ ମ୍ୟାନ୍ ଆର୍ମି ଶୋ ଦେଖିବାକୁ ମିଳିଥିଲା।

ପ୍ରଥମ ଦିନର ଅସମାପ୍ତ ସ୍କୋର ୨୩୭/୪ରୁ ଖେଳ ଆରମ୍ଭ କରିଥିଲା ମୁମ୍ବାଇ। ୮୬ ରନ୍‌ରେ ଅପରାଜିତ ଥିବା ରାହାନେ ଆଉ ୧୧ ରନ୍ ଯୋଡି ପ୍ୟାଭିଲିୟନ ଫେରିଥିଲେ। ସାମ୍ସ ମୁଲାନୀ ମଧ୍ୟ ୫ ରନ୍ କରି ପ୍ରସିଦ୍ଧ କ୍ରିଷ୍ଣାଙ୍କ ବଲ୍‌ରେ ଆଉଟ ହୋଇଥିଲେ। ତେବେ ତନୁଷ କୋଟିଆନ୍(୬୪)ଙ୍କୁ ସାଥୀ କରି ସର୍ଫରାଜ ୧୮୩ ରନ୍ ଯୋଡିଥିଲେ। ସର୍ଫରାଜ ଷ୍ଟମ୍ପ୍‌ସ ଅପସାରଣ ବେଳକୁ ୨୨୧ ରନ୍‌ରେ ବ୍ୟାଟିଂ କରୁଛନ୍ତି। ୨୭୬ ବଲ୍ ଖେଳିଥିବା ସର୍ଫରାଜ ୨୫ ଚୌକା ଓ ୪ ଛକା ମାରିଥିଲେ। ଅନ୍ୟପକ୍ଷରେ କୋଟିଆନ ୧୨୪ ବଲ୍ ଖେଳି ୬ ଚୌକା ମାରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଜିଙ୍କ୍ୟ ରାହାନେ ୯୭ ଓ ଶ୍ରେୟସ ଆୟର ୫୭ ରନ୍ କରିଥିଲେ। ଅବଶିଷ୍ଟ ଭାରତ ପକ୍ଷରୁ ମୁକେଶ କୁମାର ୪ ଉଇକେଟ ନେଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଯଶ ଦୟାଲ ଓ ପ୍ରସିଦ୍ଧି କ୍ରିଷ୍ଣା ଦୁଇଟି ଲେଖାଏ, ସାରାଂଶ ଜୈନ ୧ ଉଇକେଟ ନେଇଛନ୍ତି।



ସର୍ଫରାଜ ଖାଁ

**ସଂକ୍ଷିପ୍ତ ସ୍କୋର**

ମୁମ୍ବାଇ ପ୍ରଥମ ଇନିଂସ ୧୩୮ ଓଭରରେ ୫୩୬/୯ (ସର୍ଫରାଜ ଖାଁ-୨୨୧*,ଅଜିଙ୍କ୍ୟ ରାହାନେ-୯୭, ତନୁଶ କୋଟିଆନ୍-୬୪, ମୁକେଶ କୁମାର-୪/୧୦୯, ଯଶ ଦୟାଲ-୨/୮୯, ପ୍ରସିଦ୍ଧ କ୍ରିଷ୍ଣା-୨/୧୦୨)।

## ଶୀର୍ଷ ସ୍ଥାନକୁ ଫେରିଲେ ବୁମ୍‌ରା

**ଦୁବାଇ, ୨।୧୦ (ପି.ଟି.):** ଭାରତୀୟ ପେସ୍ ବୋଲର ଯଶପ୍ରୀତ୍ ବୁମ୍‌ରା ଆଇସିସି ଟି୨୦ ର୍‍ୟାଙ୍କିଙ୍ଗରେ ପ୍ରଥମ ସ୍ଥାନକୁ ଉନ୍ନୀତ ହୋଇଛନ୍ତି। କାନପୁରରେ ବାଂଲାଦେଶ ବିପକ୍ଷରେ ୬ ଉଇକେଟ ନେଇଥିବା ବୁମ୍‌ରା ଅନ୍ୟତମ ଭାରତୀୟ ରବିଚନ୍ଦ୍ରନ ଅଶ୍ୱିନଙ୍କୁ ହଟାଇ ପ୍ରଥମ ସ୍ଥାନକୁ ଫେରିଛନ୍ତି। ବୋଲରଙ୍କ ମଧ୍ୟରେ ରବୀନ୍ଦ୍ର ଜାଡେଜା ଷଷ୍ଠ ଓ କୁଲଦୀପ ଯାଦବ ୧୬ ତମ ସ୍ଥାନରେ ଅପରିବର୍ତ୍ତିତ ରହିଛନ୍ତି। ସେହିପରି ବ୍ୟାଟରଙ୍କ ମଧ୍ୟରେ ଗ୍ରୀନପାର୍କର ପ୍ଲେୟର ଅଫ୍ ଦ ମ୍ୟାଚ୍ ଯଶସ୍ୱୀ ଜୟସ୍ୱାଲ ଶୀର୍ଷ ମାନ୍ୟତାପ୍ରାପ୍ତ ଭାରତୀୟ ରହିଛନ୍ତି। ଜୟସ୍ୱାଲ ଟେଷ୍ଟ ବ୍ୟାଟରଙ୍କ ମଧ୍ୟରେ ତୃତୀୟ ସ୍ଥାନରେ ରହିଛନ୍ତି। ଜୟସ୍ୱାଲ ୭୯୨ ରେଟିଂ ପଏଣ୍ଟ ହାସଲ କରିଥିବା ବେଳେ କେନ୍ ୱିଲିୟମସନ୍(୮୨୯) ଓ ଜୋ ରୁଟ୍ (୮୯୯) ତାଙ୍କ ଉପରେ ରହିଛନ୍ତି। ଭାରତୀୟ ଷ୍ଟାର ବ୍ୟାଟର ବିରାଟ କୋହଲି ୪୭ ଓ ୨୯ ରନ୍‌ର ଇନିଂସ ଖେଳି ୬ ସ୍ଥାନ ଉପରକୁ ଷଷ୍ଠ ସ୍ଥାନରେ ରହିଛନ୍ତି। ରିଷଭ ପନ୍ତ ୯ ନମ୍ବର ସ୍ଥାନରେ ଥିବା ବେଳେ ରୋହିତ ଶର୍ମା ଓ ଶୁବମାନ ଗିଲ୍ ଯଥାକ୍ରମେ ୧୫ ଓ ୧୬ ନମ୍ବର ସ୍ଥାନରେ ଅଛନ୍ତି। ଅଲରାଉଣ୍ଡର ତାଲିକାରେ ରବୀନ୍ଦ୍ର ଜାଡେଜା ଏକ ନମ୍ବର ସ୍ଥାନ ବଜାୟ ରଖିଥିବା ବେଳେ ରବିଚନ୍ଦ୍ରନ ଅଶ୍ୱିନ ଦ୍ୱିତୀୟ ଓ ଅକ୍ଷର ପଟେଲ ସପ୍ତମ ସ୍ଥାନରେ ରହିଛନ୍ତି।

## ଜାତୀୟ ହୁଇଲଚେୟାର ରଗ୍‌ବୀ: ଓଡ଼ିଶା ଚାମ୍ପିୟନ



ଜାତୀୟ ହୁଇଲଚେୟାର ରଗ୍‌ବୀରେ ଚାମ୍ପିୟନ ଓଡ଼ିଶା ଦଳ।

ଭୁବନେଶ୍ୱର, ୨।୧୦ (ତପନ ସ୍ୱାଇଁ)

ମଧ୍ୟପ୍ରଦେଶର ଗ୍ୱାଲିୟରରେ ଅନୁଷ୍ଠିତ ଜାତୀୟ ହୁଇଲଚେୟାର ରଗ୍‌ବୀ ଚାମ୍ପିୟନଶିପ୍‌ରେ ଓଡ଼ିଶା ପ୍ରଥମଥର ପାଇଁ ଚାମ୍ପିୟନ ହୋଇ ଇତିହାସ ରଚିଛି। ଫାଇନାଲରେ ଓଡ଼ିଶା ଦଳ କେରଳକୁ ୨୮-୯ ଗୋଲରେ ପରାସ୍ତ କରିଛି। ବିଜୟୀ ଦଳ ପକ୍ଷରୁ ସୁଜିତ ୭, ଆକାଶ ୬, ଗୁମ୍‌ଦା ୫, ଓମ୍ ପ୍ରକାଶ ୫, ଟି. ରୁଦ୍ର ନାରାୟଣ ୩ଟି ଏବଂ ପ୍ରଶାନ୍ତ, ଦେବଦତ୍ତ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ପୂର୍ବରୁ ଅନୁଷ୍ଠିତ ସେମିଫାଇନାଲରେ ଓଡ଼ିଶା ୧୪-୪ ଗୋଲରେ କର୍ନାଟକକୁ ପରାସ୍ତ କରିଥିଲା। ଆକାଶ ବଞ୍ଚର ସର୍ବାଧିକ ୫ଟି, ସୁଜିତ, ଓମ୍ ପ୍ରକାଶ ଓ ରୁଦ୍ର ନାରାୟଣ ୩ଟି ଲେଖାଏ ଗୋଲ ଦେଇଥିଲେ। ଅନ୍ତର୍ଜାତୀୟ ଅଭିଜ୍ଞସମ୍ପନ୍ନ କୋଚ ସୁରେନ୍ଦ୍ର ଜେନା ଓ ବିଶ୍ୱଜିତ ଶତପଥୀ ଏବଂ ମ୍ୟାନେଜର ଉଦୟ ରାଉତଙ୍କ କଠିନ ପରିଶ୍ରମ ବଳରେ ଓଡ଼ିଶା ଦଳକୁ ଏହି ସଫଳତା ମିଳିଛି। ଟୁର୍ନାମେଣ୍ଟ ପୂର୍ବରୁ ଅଭ୍ୟାସ ପାଇଁ ଇନ୍‌ଡୋର ଷ୍ଟାଡିୟମ ମିଳି ନ ଥିବାରୁ ଖେଳାଳିମାନେ ଓଲଟପୁରସ୍ଥିତ ସ୍ୱାମୀ ବିବେକାନନ୍ଦ ଜାତୀୟ ଆବାସିକ କେନ୍ଦ୍ରରେ ଅଭ୍ୟାସ କରିଥିଲେ ବୋଲି ଦଳର ମ୍ୟାନେଜର ଉଦୟ ରାଉତ ପ୍ରକାଶ କରିଛନ୍ତି। ପାରା ସ୍ପୋର୍ଟ୍ସ ଆସୋସିଏଶନ ସଭାପତି କମଳାକାନ୍ତ ରଥ, ସମ୍ପାଦକ ଲୋକନାଥ ମହାନ୍ତି, କୋଷାଧ୍ୟକ୍ଷ ସୁନୀଲ ପ୍ରଧାନ ପ୍ରମୁଖ ଓଡ଼ିଶା ଦଳକୁ ଅଭିନନ୍ଦନ ଜଣାଇଛନ୍ତି।

# ଆର୍‌ଏସ୍‌ପି-ବରଗଡ଼, କଟକ-ମୟୂରଭଞ୍ଜ ସେମିଫାଇନାଲ

**ରାଜ୍ୟର ୪ ଜୋନ୍‌ରେ ଚାଲିଥିବା ଆନ୍ତଃଜିଲା ସାହାଣୀ କପ୍ ଫୁଟବଲ୍ ଚାମ୍ପିୟନଶିପ୍‌ର କ୍ୱାର୍ଟର ଫାଇନାଲ ପର୍ଯ୍ୟାୟ ବୁଧବାର ଶେଷ ହୋଇଛି। ଆସନ୍ତା ଶୁକ୍ରବାର ରାଉରକେଲା ଷ୍ଟିଲ୍ ପ୍ଲାଣ୍ଟ (ଆରଏସ୍‌ପି)-ବରଗଡ଼ ଓ କଟକ-ମୟୂରଭଞ୍ଜ ମଧ୍ୟରେ ସେମିଫାଇନାଲ ଅନୁଷ୍ଠିତ ହେବ।**

## ଢେଙ୍କାନାଳକୁ ହରାଇଲା ମୟୂରଭଞ୍ଜ

ବାରିପଦା,୨।୧୦
(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ବାରିପଦା ଷ୍ଟାଡିୟମ ପଡ଼ିଆରେ ଚାଲିଥିବା ଆନ୍ତଃଜିଲା ସାହାଣୀ କପ୍ ଫୁଟବଲ୍ ଚାମ୍ପିୟନଶିପ୍‌ର ବୁଧବାର ଅନୁଷ୍ଠିତ କ୍ୱାର୍ଟର ଫାଇନାଲରେ ଢେଙ୍କାନାଳକୁ ୩-୧ ଗୋଲରେ ହରାଇ ମୟୂରଭଞ୍ଜ ଦଳ ସେମି ଫାଇନାଲରେ ପ୍ରବେଶ କରିଛି। ମୟୂରଭଞ୍ଜ ଦଳ ପକ୍ଷରୁ ହାମ୍ବିରା ହେମ୍ବ୍ରମ, ବିନ୍ଦୁ ସୋରେନ ଓ ନୀଲେଶ ତିଗା ଗୋଲ କରିଥିବା ବେଳେ ଢେଙ୍କାନାଳ ଟିମ୍‌ର ମଧୁ ଜାନୀ ଏକ ମାତ୍ର ଗୋଲ ଦେଇଥିଲେ। ମୟୂରଭଞ୍ଜର ହାମ୍ବିରା ହେମ୍ବ୍ରମ ଶ୍ରେଷ୍ଠ ଖେଳାଳି ଭାବେ ବିବେଚିତ ହୋଇ ମହେଶ ଦାଶ ସ୍ମୃତି ସମ୍ମାନରେ ପୁରସ୍କୃତ ହୋଇଥିଲେ। ଶିବ ଶଙ୍କର ପଣ୍ଡା, ବିପୁଲ ବିଦ୍ୟାଧର, ସୂର୍ଯ୍ୟ ନାରାୟଣ ମିର୍ଦ୍ଧା ଓ ଲକ୍ଷ୍ମଣ ସେଠ ଖେଳ ପରିଚାଳନା କରିଥିଲେ। ସୁଭଦ୍ରା ହେମ୍ବ୍ରମ ମ୍ୟାଚ କମିଶନର ଭାବେ ଦାୟିତ୍ୱ ତୁଲାଇଥିଲେ। ଅତିଥି ଭାବେ ବାରିପଦା ପୌରାଧ୍ୟକ୍ଷ କୃଷ୍ଣାନନ୍ଦ ମହାନ୍ତି, ଉପାଧ୍ୟକ୍ଷା ସୀମା ଦାସ, ଫାଓ ଉପ ସଭାପତି ଅସିତ ପତି, କାଉନସିଲର ସୁକେଶିନୀ ସେଠୀ, ଅନୁରାଧା ମହାନ୍ତି, ଅନନ୍ତ ଦାସ, ଖୁଣ୍ଟା ବ୍ଲକ ଅଧ୍ୟକ୍ଷ ସୁଧନା ନାଏକ ପ୍ରମୁଖ ଉପସ୍ଥିତ ରହି ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମୟୂରଭଞ୍ଜ କ୍ରୀଡ଼ା ସଂସଦର ଉପ ସଭାପତି ମନୋଜ କୁମାର ସାଓ, ସାଧାରଣ ସମ୍ପାଦକ ବିଜୟ କୁମାର ଦାସ, ଫୁଟବଲ ସମ୍ପାଦକ ଅମର କୁମାର ସେଠି, କୋଷାଧ୍ୟକ୍ଷ ଅମିତାଭ ଦାସ, ସହ ସମ୍ପାଦକ ବୈଦ୍ୟନାଥ ରଥ, ଅଶୋକ ପଟ୍ଟନାୟକ, ହରପ୍ରସାଦ ପାତ୍ର, ପ୍ରସନ୍ନଜିତ ମହାନ୍ତି, ଅମ୍ବିକା ରାଉତ ଓ ପାର୍ଥ ସାରଥୀ ସ୍ୱାଇଁ ଉପସ୍ଥିତ ଥିଲେ। ଆସନ୍ତା ୪ ତାରିଖ ଅପରାହ୍ନ ୩ଟାରେ ମୟୂରଭଞ୍ଜ ଓ କଟକ ମଧ୍ୟରେ ସେମି ଫାଇନାଲ୍ ମ୍ୟାଚ ଅନୁଷ୍ଠିତ ହେବ।

### କଟକ ୫, ଭୁବନେଶ୍ୱର ୧

ପାରାଦୀପରେ ଅନୁଷ୍ଠିତ କ୍ୱାର୍ଟର ଫାଇନାଲରେ କଟକ ୫-୧ ଗୋଲରେ ଭୁବନେଶ୍ୱରକୁ ହରାଇ ସେମିଫାଇନାଲରେ ପ୍ରବେଶ କରିଛି। କଟକ ପକ୍ଷରୁ ବାପୁନି ବିନ୍ଧାଣି ୧୮, ୨୫ ଓ ୫୨ ମିନିଟରେ ୩ଟି ଗୋଲ ଦେଇ ହ୍ୟାଟ୍ରିକ କରିଥିବାବେଳେ ଦୀନବନ୍ଧୁ ଦାସ ୬୮ ଓ ବିଜୟ ବେହେରା ୭୩ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ସ୍କୋର କରିଥିଲେ। ଭୁବନେଶ୍ୱର ପକ୍ଷରୁ ତୋଫାନ ନାୟକ ୮୦ତମ ମିନିଟରେ ଗୋଟିଏ ଗୋଲ ପରିଶୋଧ କରିଥିଲେ।

### ସେମିଫାଇନାଲ କାର୍ଯ୍ୟସୂଚୀ

(ଶୁକ୍ରବାର)

**ଆରଏସ୍‌ପି ବନାମ ବରଗଡ଼**
ଭେନ୍ୟୁ: ବରଗଡ଼ ଜୋନ୍
ସମୟ: ଅପରାହ୍ନ ୩ଟା

**କଟକ ବନାମ ମୟୂରଭଞ୍ଜ**
ଭେନ୍ୟୁ: ବାରିପଦା ଜୋନ୍
ସମୟ: ଅପରାହ୍ନ ୩ଟା



ବରଗଡ଼ର ରୁଦ୍ର ପ୍ରସାଦ ପ୍ରଧାନଙ୍କୁ ଅତିଥିମାନେ ପୁରସ୍କୃତ କରୁଛନ୍ତି।

## ବରଗଡ଼ ୩-୧ ଗୋଲରେ ବିଜୟୀ

ବରଗଡ଼,୨।୧୦(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଲେଙ୍ଗୁ ମିଶ୍ର ମିନି ଷ୍ଟାଡିୟମରେ ଫୁଟବଲ ଆସୋସିଏଶନ ଅଫ ଓଡ଼ିଶା ଓ ବରଗଡ଼ ଜିଲା କ୍ରୀଡା ସଂସଦ ମିଳିତ ଆୟୋଜନରେ ଚାଲିଥିବା ଆନ୍ତଃଜିଲା ସାହାଣୀ କପ ଫୁଟବଲ ପ୍ରତିଯୋଗିତାର ବୁଧବାର କ୍ୱାର୍ଟର ଫାଇନାଲ ମ୍ୟାଚରେ କନ୍ଧମାଳ ଜିଲା ଦଳକୁ ୩-୧ ଗୋଲରେ ହରାଇ ବରଗଡ ଜିଲା ଦଳ ସେମିଫାଇନାଲରେ ପ୍ରବେଶ କରିଛି। ଆସନ୍ତା ୪ ତାରିଖରେ ବରଗଡ଼ଠାରେ ସେମିଫାଇନାଲ ହେବ। ଏଥିରେ ସୁନ୍ଦରଗଡ ଜୋନରେ ସୁନ୍ଦରଗଡକୁ ହରାଇ ସେମି ଫାଇନାଲରେ ପ୍ରବେଶ କରିଥିବା ରାଉରକେଲାକୁ ବରଗଡ଼ ଦଳ ଭେଟିବ। ବୁଧବାର ବରଗଡ଼ ଲେଙ୍ଗୁ ମିଶ୍ର ଷ୍ଟାଡିୟମରେ ହୋଇଥିବା କ୍ୱାର୍ଟର ଫାଇନାଲ ଉତ୍କଣ୍ଠାପୂର୍ଣ୍ଣ ଓ ଚିତ୍ତାକର୍ଷକ ଥିଲା। ଖେଳର ୫୫ତମ ମିନିଟରେ ବରଗଡ ଦଳର ୧୨ ନମ୍ବର ଖେଳାଳି ରୁଦ୍ର ପ୍ରସାଦ ପ୍ରଧାନ ଦଳ ପକ୍ଷରୁ ପ୍ରଥମ ଗୋଲ ସ୍କୋର କରିଥିଲେ। ୭୩ତମ ମିନିଟରେ କନ୍ଧମାଳ ଦଳର ରମେଶ ଓରାମ ଦଳ ପକ୍ଷରୁ ଗୋଟିଏ ଗୋଲ ସ୍କୋର କରିବା ଫଳରେ ଉଭୟ ଦଳ ସମାନ ସ୍ଥିତିକୁ ଚାଲି ଆସିଥିଲେ। ଏହାପରେ ମ୍ୟାଚ ଆହୁରି ରୋଚକ ହୋଇଥିଲା । ସ୍ଥିତି ସମାନ ହେବା ପରେ ବରଗଡ ଖେଳାଳିମାନେ ଆହୁରି ଆକ୍ରମଣାତ୍ମକ ଖେଳ ପ୍ରଦର୍ଶନ କରିଥିଲେ। ଖେଳର ୮୦ତମ ମିନିଟରେ ବରଗଡ ଦଳର ସେକ ହେୟାତ ଓ ୯୧ ମିନିଟରେ ପ୍ରଶାନ୍ତ ଡନଶନା ଆଉ ଗୋଟିଏ ଗୋଲ ଦେବା ଫଳରେ ବରଗଡ ଦଳ ମ୍ୟାଚକୁ ୩-୧ ଗୋଲ ବ୍ୟବଧାନରେ ଜିତି ସେମି ଫାଇନାଲରେ ପ୍ରବେଶ କରିଥିଲା। ଜିଲା କ୍ରୀଡା ସଂସଦ ଉପ ସଭାପତି ଯୁଗଳ ପ୍ରସାଦ ସିଂଙ୍କ ସଭାପତିତ୍ୱ ଓ ସଚ୍ଚିଦାନନ୍ଦ ପଣ୍ଡାଙ୍କ ସଂଯୋଜନାରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ କ୍ରୀଡ଼ା ସଂସଦ ଆଜୀବନ ସଦସ୍ୟ ପ୍ରଦୀପ ନନ୍ଦ, ଜ୍ଞାନରଞ୍ଜନ ପୂଜାରୀ ଅତିଥି ଭାବେ ଯୋଗଦେଇ ବରଗଡ ଦଳର ରୁଦ୍ର ପ୍ରସାଦ ପ୍ରଧାନଙ୍କୁ ମ୍ୟାଚର ଶ୍ରେଷ୍ଠ ଖେଳାଳି ଭାବେ ପୁରସ୍କୃତ କରିଥିଲେ।

## ଆର୍‌ଏସ୍‌ପି ବିଜୟୀ

**ସୁନ୍ଦରଗଡ,୨।୧୦(ଜୟ ନାରାୟଣ ମେଣ୍ଡୁଲି):** ସୁନ୍ଦରଗଡ କ୍ରୀଡା ସଂସଦ ଓ ଫୁଟବଲ ଆସୋସିଏଶନ ଅଫ ଓଡ଼ିଶା(ଫାଓ)ର ମିଳିତ ଆନୁକୂଲ୍ୟରେ ଜିଲା କ୍ରିଡା ସଂସଦ ଷ୍ଟାଡିୟମରେ ଆୟୋଜିତ ହେଉଥିବା ୬୩ତମ ସାହାଣୀ କପ ଫୁଟବଲ ଚମ୍ପିୟାନଶିପର ସପ୍ତମ ଦିବସରେ କ୍ୱାର୍ଟର ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକରୀ ସୁରଞ୍ଜନ ସାହୁ ଓ ପୂର୍ବତନ ବିଧାୟିକା କୁସୁମ ଟେଟେ ମୁଖ୍ୟ ଅତିଥିଭାବେ ଯୋଗଦେଇ ଖେଳର ଶୁଭାରମ୍ଭ କରିଥିଲେ। ସୁନ୍ଦରଗଡ ଜୋନର କ୍ୱାର୍ଟର ଫାଇନାଲ ମ୍ୟାଚ ସୁନ୍ଦରଗଡ଼ ଓ ରାଉରକେଲା ଷ୍ଟିଲ ପ୍ଲାଣ୍ଟ ମଧ୍ୟରେ ହୋଇଥିଲା। ସଂଘର୍ଷପୂର୍ଣ୍ଣ ଏହି ମ୍ୟାଚରେ ରାଉରକେଲା ଦଳର ବିଶାଳ ଏକ୍କା ଖେଳର ୧୪ମିନିଟରେ ଗୋଟିଏ ଗୋଲ କରି ଦଳକୁ ୧-୦ଗୋଲରେ ବିଜୟୀ କରାଇଥିଲେ। ରାଉରକେଲା ଷ୍ଟିଲ ପ୍ଲାଣ୍ଟ ଦଳ ୧-୦ଗୋଲରେ ବିଜୟୀ ହୋଇ ବରଗଡ଼ ଜୋନରେ ହେବାକୁ ଥିବା ସେମିଫାଇନାଲକୁ ଉନ୍ନୀତ ହୋଇଛି। ଉତ୍ତମ ଖେଳ ପ୍ରଦର୍ଶନ କରିଥିବାରୁ ରାଉରକେଲା ଷ୍ଟିଲ ପ୍ଲାଣ୍ଟ ଦଳର ଅମିତ କୁମାର ତନ୍ତୀଙ୍କୁ ୨ହଜାର ଟଙ୍କା ପୁରସ୍କାର ପ୍ରଦର୍ଶନ କରାଯାଇଥିଲା। ଖେଳକୁ ରେଫରି ପ୍ରଶାନ୍ତ ବେହେରା, ଲିଙ୍ଗରାଜ ପ୍ରଧାନ, ଶଶୀକାନ୍ତ ଦସିଆ ଓ ମନୋଜ ନାଏକ ପରିଚାଳନା କରିଥିଲେ। ଦୁର୍ଗାମାଧବ ନାଏକ ମ୍ୟାଚ କମିଶନର ଦାୟିତ୍ୱ ତୁଲାଇଥିଲେ। ଆସନ୍ତା ୮ତାରିଖରେ ସୁନ୍ଦରଗଡ ଠାରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ।

''ବିଶେଷଭାବରେ ପୂଜା ପାର୍ବଣ ଅବସରରେ ବଡ ପରଦାରେ ଓଡ଼ିଆ ସିନେମାର ଲଢ଼େଇ ବିଷୟରେ ବେଶ୍ ଆଲୋଚନା ହୁଏ। ହେଲେ ଏଥର ଦୁର୍ଗାପୂଜାରେ ଚାରୋଟି ଓଡ଼ିଆ ସିନେମା–'କର୍ମ', 'ଦୁର୍ଗା', 'ଭିଲେନ୍' ଏବଂ 'ଖୋକା ଭାଇ ତୁମ ପାଇଁ' ମୁକ୍ତିଲାଭ କରିବାକୁ ଯାଉଛି। ନିଜ ନିଜ ସିନେମାର ସଫଳତାକୁ ନେଇ ପ୍ରଯୋଜକ, ନିର୍ଦ୍ଦେଶକ ଏବଂ ଏଥିରେ ଅଭିନୟ କରିଥିବା କଳାକାରମାନେ ଦୃଢ଼ ଆଶାବାଦୀ ଅଛନ୍ତି । ହେଲେ ବାସ୍ତବ ଚିତ୍ର କ'ଣ ତାହା ରିଲିଜ ପରେ ହିଁ ଜଣାପଡିବ।''

# ଏଥର ଜମିବ ଦଶହରା ଲଢ଼େଇ


'ଖୋକା ଭାଇ ତୁମ ପାଇଁ' ଫିଲ୍ମର ଏକ ଦୃଶ୍ୟ


'କର୍ମ' ଫିଲ୍ମରେ ଅନୁଭବ


'ଭିଲେନ୍' ଫିଲ୍ମରେ ଅର୍ଦ୍ଧେନ୍ଦୁ



'ଦୁର୍ଗା' ଫିଲ୍ମର ଏକ ଦୃଶ୍ୟ

**ଖୋକା ଭାଇ ତୁମ ପାଇଁ:** ଅକ୍ଷୟ ମହାନ୍ତି ଓରଫ ଖୋକା ଭାଇ ସଙ୍ଗୀତ ଜଗତରେ ଜଣେ ବିଶିଷ୍ଟ ବ୍ୟକ୍ତିତ୍ୱ। ତାଙ୍କ ସ୍ୱରାୟିତ ଗୀତଗୁଡିକ ଏବେ ବି ଶ୍ରୋତାଙ୍କ ମନରେ ସତେଜ ହୋଇ ରହିଛି। ସଙ୍ଗୀତ ପ୍ରେମୀଙ୍କ ହୃଦୟରେ ତାଙ୍କ ପାଇଁ ରହିଛି ସ୍ୱତନ୍ତ୍ର ସ୍ଥାନ। ସେଭଳି ବିଷୟବସ୍ତୁକୁ ନେଇ ନିର୍ମିତ ହୋଇଛି ଓଡ଼ିଆ ସିନେମା 'ଖୋକା ଭାଇ ତୁମ ପାଇଁ'। ଏହାର ମୁଖ୍ୟ ଭୂମିକାରେ ଅଭିନୟ କରୁଛନ୍ତି ସ୍ୱରାଜ। ଏଭଳି ଏକ ଫିଲ୍ମରେ ଅଭିନୟ କରିବା ଠାରୁ ଆଉ କିଛି ବଡ କଥା ନାହିଁ ବୋଲି କହନ୍ତି ଏହି ଅଭିନେତା। ତାଙ୍କ ବ୍ୟତୀତ ନବାଗତା ଲକି ମନୀଷା, ସରୋଜ ପରିଡା, ଉପାସନାଙ୍କୁ ମଧ୍ୟ ଏଥିରେ ଦେଖିବାକୁ ମିଳିବ। ଖାସ୍ କଥା ହେଲା, ଏଥର ଦଶହରାରେ ଫିଲ୍ମଟି ରିଲିଜ ହେବାକୁ ଯାଉଛି। ଏଭଳି ବିଷୟବସ୍ତୁକୁ ନେଇ ପ୍ରସ୍ତୁତ ଚଳଚ୍ଚିତ୍ରଟି ଦର୍ଶକଙ୍କୁ ପସନ୍ଦ ଆସିବ ବୋଲି ଆଶା ରଖିଛନ୍ତି ଏହାର ନିର୍ଦ୍ଦେଶକ ତଥା ଆଗଧାଡିର କୋରିଓଗ୍ରାଫର ଗିରିଶ ମହାନ୍ତି। ଫିଲ୍ମଟିର ପ୍ରଯୋଜନା କରିଛନ୍ତି ଶୁଭେନ୍ଦୁ ସାହୁ ଏବଂ ବିଷ୍ଣୁପ୍ରିୟା ସାହୁ। ତେବେ ଏହି ଫିଲ୍ମରେ କି ମସଲା ରହିଛି ତାହା ରିଲିଜ ପରେ ହିଁ ଜଣାପଡିବ।

**କର୍ମ:** ଏଥର ଦୁର୍ଗା ପୂଜାରେ ମୁକ୍ତିଲାଭ କରିବାକୁ ଯାଉଛି ଓଡ଼ିଆ ଚଳଚ୍ଚିତ୍ର 'କର୍ମ' । ଖାସ୍ କଥା ହେଲା ଏହାର ମୁଖ୍ୟ ଭୂମିକାରେ ଅଭିନୟ କରୁଛନ୍ତି ଓଲିଉଡ୍‌ର ଅନ୍ୟତମ ଲୋକପ୍ରିୟ ଅଭିନେତା ଅନୁଭବ ମହାନ୍ତି। ସୂର୍ଯ୍ୟମୟୀ ମହାପାତ୍ର ଓ ଦିବ୍ୟାଦିଶା ମହାନ୍ତି, ମନ୍ମୟ ଦେ ମଧ୍ୟ କାଷ୍ଟିଂରେ ଅଛନ୍ତି। ଫିଲ୍ମଟିରେ ଆକ୍ସନ, ଡ୍ରାମା ରୋମାନ୍ସ ଭରି ରହିଛି। ଏହି ଚଳଚ୍ଚିତ୍ରରେ ଦର୍ଶକ ଅନୁଭବଙ୍କୁ ଜଣେ ସଚ୍ଚୋଟ ଇନଭେଷ୍ଟିଗେଟିଭ ପୋଲିସ ଅଫିସର ଭୂମିକାରେ ଦେଖିବାକୁ ପାଇବେ। ଚିତ୍ରଟିର ନିର୍ଦ୍ଦେଶନା ଦେଇଛନ୍ତି ବର୍ତ୍ତମାନର ଚର୍ଚ୍ଚିତ ନିର୍ଦ୍ଦେଶକ ଅନୁପମ ପଟ୍ଟନାୟକ। ଏଥିରେ ସଂଯୋଜିତ ଗୀତଗୁଡିକ ପାଇଁ ସ୍ୱର ଦେଇଛନ୍ତି ହ୍ୟୁମାନ ସାଗର, ଆଶିଷ ପ୍ରଧାନ, ମନ୍ତ୍ର ଛୁରିଆ , ଅନନ୍ୟା ଶ୍ରୀତମ ନନ୍ଦ , ଗୌରବ ଆନନ୍ଦ ଏବଂ ମୋମିଆ ପ୍ରକାଶ। ରିଲିଜ ପୂର୍ବରୁ ଚଳଚ୍ଚିତ୍ରର ଦୁଇଟି ଗୀତ 'ଚିରିଙ୍ଗ ଚିରିଙ୍ଗ' ଓ 'ଧିତାଙ୍ଗ ଧିତାଙ୍ଗ' ଦର୍ଶକମାନଙ୍କ ହୃଦୟ ଛୁଇଁ ସାରିଛି। ଚଳଚ୍ଚିତ୍ରର କ୍ରିଏଟିଭ ହେଡ ଅଛନ୍ତି ପ୍ରଣୟ ଜେଠୀ। ସୂଚନାଯୋଗ୍ୟ ଅନୁପମଙ୍କ ନିର୍ଦ୍ଦେଶିତ ଫିଲ୍ମ 'ପ୍ରତୀକ୍ଷା' ଜାତୀୟ ପୁରସ୍କାର ପାଇଥିବା ବେଳେ 'ତ୍ରିକନ୍ୟା' ମଧ୍ୟ ବେଶ ଲୋକପ୍ରିୟ ହୋଇଥିଲା।

**ଭିଲେନ୍:** 'ଟପୋରି', 'ବ୍ଲାକମେଲ୍' ଏବଂ 'ମୁଁ ପରଦେଶୀ ଚଢ଼େଇ' ପରେ ପ୍ରଯୋଜକ-କମ୍ ଅଭିନେତା ଅର୍ଦ୍ଧେନ୍ଦୁ ସାହୁ ଏଥର ଦଶହରା ମଇଦାନରେ ଓହ୍ଲାଉଛନ୍ତି। ତାଙ୍କ ପ୍ରଯୋଜିତ 'ଭିଲେନ୍' ପୂଜା ଅବସରରେ ପରଦା ଉପରକୁ ଆସୁଛି। ଏଥର ବଡ ପରଦାରେ ଦର୍ଶକ ତାଙ୍କୁ ଆକ୍ସନ ଭୂମିକାରେ ଦେଖିବାକୁ ପାଇବେ। ଉକ୍ତ ସିନେମାର ଟାଇଟଲ ରହିଛି 'ଭିଲେନ୍'। ଏହି ବିଗ୍ ବଜେଟ୍ ଫିଲ୍ମର ସଫଳତାକୁ ନେଇ ବେଶ୍ ଆଶା ବାନ୍ଧିଛନ୍ତି ସେ। ଆଦିଲକ୍ଷ୍ମୀ ଫିଲ୍ମସ ବ୍ୟାନରରେ ଏହାର ନିର୍ଦ୍ଦେଶନା ଦାୟିତ୍ୱ ତୁଲାଇଛନ୍ତି କେ.ମୁରଲୀକ୍ରିଷ୍ଣା। ''ଏହି ସିନେମାର କାହାଣୀରେ କେବଳ ଆକ୍ସନ ଭରି ରହିଛି। ଦର୍ଶକ ଏଥିରୁ ଏକ ଡିଫରେଣ୍ଟ ଚାର୍ମ ପାଇବେ। ମୋ ଆକ୍ଟିଂ କ୍ୟାରିୟରରେ ଫିଲ୍ମଟି ଟର୍ନିଂ ପଏଣ୍ଟ ହେବ ବୋଲି ଦୃଢ଼ ବିଶ୍ୱାସ ରହିଛି। କାହାଣୀକୁ ଶତ ପ୍ରତିଶତ ଜଷ୍ଟିସ ଦେବାକୁ ଶୁଟିଂ ସମୟରେ ଚେଷ୍ଟା କରାଯାଇଛି ବୋଲି କହନ୍ତି ଅର୍ଦ୍ଧେନ୍ଦୁ।'' ଏଥିରେ ଅର୍ଦ୍ଧେନ୍ଦୁଙ୍କ ନାୟିକା ସାଜିଛନ୍ତି ତମନ୍ନା। ଅନ୍ୟପକ୍ଷରେ ଉଶଷୀ ମିଶ୍ର, ବବି ମିଶ୍ର, କେ.କେ, ସମରେଶ, ବ୍ରଜ ସିଂ, ରବି ମିଶ୍ର, ରାଜୁ ଦାସ ଏବଂ ସୋମୁ ପ୍ରମୁଖ କଳାକାର ଏଥିରେ ଅଭିନୟ କରିଛନ୍ତି।

**ଦୁର୍ଗା:** ନାରୀ ଶକ୍ତିର କେତେ ମହତ୍ତ୍ୱ ରହିଛି ତାହାକୁ ଆଧାର କରି ପ୍ରସ୍ତୁତ ହୋଇଛି କୁମାର ପ୍ରୀତମ ସାହୁଙ୍କ ପ୍ରଯୋଜିତ ଓଡ଼ିଆ ଚଳଚ୍ଚିତ୍ର 'ଦୁର୍ଗା'। ଗତ କିଛି ବର୍ଷ ଧରି ସଫଳ ଫିଲ୍ମ ନିର୍ମାଣ କରିସାରିଛନ୍ତି ଏହି ଯୁବ ପ୍ରଯୋଜକ। ତେବେ ଏହି ଫିଲ୍ମରୁ ଦର୍ଶକ ଭରପୁର ମନୋରଞ୍ଜନ ପାଇବେ ବୋଲି ଦୃଢ଼ ଆଶାବାଦୀ ଅଛନ୍ତି ସେ । ଏହାର ଟାଇଟଲ ଭୂମିକାରେ ଅଭିନୟ କରିଛନ୍ତି ପୁନମ୍ ମିଶ୍ର। ଖାସ୍ କଥା ହେଲା, ଏହାର କାହାଣୀ ରଚନା କରିବା ସହ ନିର୍ଦ୍ଦେଶନା ଭାର ମଧ୍ୟ ସମ୍ଭାଳିଛନ୍ତି ଆଗଧାଡିର ନିର୍ଦ୍ଦେଶକ ତାପସ ସରଘରିଆ। ସଂଳାପ ଲେଖିଛନ୍ତି ଅନ୍ତର୍ଯ୍ୟାମୀ ସରଘରିଆ। ଗୀତଗୁଡିକୁ ସ୍ୱରରେ ସଜାଇଛନ୍ତି ଅଭିଜିତ ମଜୁମଦାର। ଏଥିରେ ପୁନମ୍ ମିଶ୍ରଙ୍କ ବ୍ୟତୀତ ଇଶା ତଲୱାର, ରାଜ୍ ରାଜେଶ, ଅଭିଷେକ ଗିରି, ସରୋଜ ପରିଡା, ହରିହର ମହାପାତ୍ର, ପୁଷ୍ପା ପଣ୍ଡା, ପୃଥ୍ୱୀରାଜ ନାୟକ, ଶକ୍ତି ବରାଳ, ସରୋଜ ପରିଡା ଏବଂ ବିଦୁସ୍ମିତା ପ୍ରମୁଖ କଳାକାର ଅଭିନୟ କରିଛନ୍ତି। ତେବେ ଏଥର ଦୁର୍ଗାପୂଜାରେ ପ୍ରୀତମଙ୍କ 'ଦୁର୍ଗା' କେତେ ବାଜିମାତ୍ କରୁଛି ତାହା ଦେଖିବାକୁ ବାକି ରହିଲା।

## ଅପେରା ହାଲ୍‌ଚାଲ୍

# ଭୂଷଣଙ୍କ ଲେଉଟାଣି


ଭୂଷଣ–ଲିସା

ଅପେରା ଦୁନିଆ ତାଙ୍କ ପାଇଁ ନୂଆ ନୁହେଁ। ପୂର୍ବରୁ ଜଲିଉଡ୍‌ରେ ସେ ବେଶ୍ କେତୋଟି ନାଟକରେ ଅଭିନୟ କରିବା ପରେ ସାମୟିକ ସମୟ ପାଇଁ ନିଜକୁ ଯାତ୍ରା ଜଗତରୁ ଦୂରେଇ ନେଇଥିଲେ। ହେଲେ ଏବେ ପୁଣି ଥରେ ସେ ମଞ୍ଚ ମୁହାଁ ହୋଇଛନ୍ତି। ସେ ହେଲେ ଭୂଷଣ ଦେବଶର୍ମା। ମୁକ୍ତିକାନ୍ତ ସାମଲଙ୍କ ପ୍ରଯୋଜିତ ଯାତ୍ରାନୁଷ୍ଠାନ 'ସ୍ୱର୍ଣ୍ଣମନ୍ଦିର'ରେ ସେ ଏବେ ଅଭିନୟ ଜାରି ରଖିଛନ୍ତି। ବିଶେଷଭାବରେ ଏହି ପାର୍ଟିର ନାଟକ 'ବେଳେବେଳେ ଏମିତି ଭୁଲ ହୁଏ'ରେ ତାଙ୍କର ଅଭିନୟ ଦର୍ଶକଙ୍କୁ ବେଶ୍ ପ୍ରଭାବିତ କରିଛି। ଏବେ ପୁଣି ଥରେ ଯାତ୍ରାକୁ ଫେରିବା ପୂର୍ବରୁ ସେ ଧାରାବାହିକାରେ ଅଭିନୟ ଜାରି ରଖିଥିଲେ। ତାଙ୍କ ଅଭିନୀତ ପ୍ରମୁଖ ଧାରାବାହିକଗୁଡ଼ିକ ହେଉଛି– ରାଜନନ୍ଦିନୀ, ସରଗମ, ଜୋଇଁ ନମ୍ବର ୧, ସିଷ୍ଟର ଶ୍ରୀଦେବୀ, ତାରାତାରିଣୀ, ଦିବ୍ୟଦୃଷ୍ଟି, ମୋ ଅଗଣାର ତୁଳସୀ ତୁ, ଗୌରୀ, ଝିଲ୍ଲି, କେଦାର ଗୌରୀ, ତୋରି ପାଇଁ ଏବଂ ଝିଅ ଆମର ନୂଆ ବୋହୂ। 'ଅଭିନୟ ସମୟରେ ମୁଁ ନିଜକୁ ଚରିତ୍ର ଭିତରେ ହଜେଇ ଦିଏ। ତେଣୁ ମୋତେ ମିଳିଥିବା ପ୍ରତିଟି ଭୂମିକା ଦର୍ଶକଙ୍କୁ ପ୍ରଭାବିତ କରିବାରେ ସକ୍ଷମ ହୋଇଛି। ଏବେ ମୁଁ ପୁଣି ଥରେ ଅପେରା ଦୁନିଆକୁ ଫେରିଛି। ଆଶା ରଖିଛି ପୂର୍ବଭଳି ମୁଁ ଯାତ୍ରା ଦର୍ଶକଙ୍କ ମନ ଜିଣିବାରେ ସକ୍ଷମ ହେବି ବୋଲି କହନ୍ତି ଭୂଷଣ।

# ଚିନ୍ତା କରୁଛନ୍ତି ସୋନାକ୍ଷୀ



ସୋନାକ୍ଷୀ ସିହ୍ନା ଇତି ମଧ୍ୟରେ ହାତକୁ ଦି'ହାତ ହୋଇସାରିଛନ୍ତି। ତେବେ ଯେହେତୁ ବର୍ତ୍ତମାନ ସେ ଶୁଟିଂ ଠାରୁ ନିଜକୁ ଦୂରେଇ ରଖିଛନ୍ତି, ତେଣୁ ଏହି ଅବସର ସମୟ ମଧ୍ୟରେ ସେ ଏକ ନୂଆ ଯୋଜନା ବିଷୟରେ ଚିନ୍ତା କରୁଛନ୍ତି। ସାମୟିକ ବ୍ରେକ୍ ପରେ ସେ ତ ପୁଣି ଥରେ ଆକ୍ଟିଂ ମଇଦାନକୁ ଓହ୍ଲାଇବେ, ହେଲେ ତା' ସହ ନିଜକୁ ଆଉ ଏକ କାମରେ ଜଡିତ ରଖିବାକୁ ମନସ୍ଥ କରିଛନ୍ତି। କଥା କ'ଣ କି ଏଣିକି ସେ ସିନେମାରୁ ଯାହା ପାରିଶ୍ରମିକ ପାଇବେ ତା'ମଧ୍ୟରୁ ପ୍ରମୁଖ ଭାଗକୁ ସେ ଦୁଃଖୀ ଦରିଦ୍ରଙ୍କ ପାଇଁ ଖର୍ଚ୍ଚ କରିବେ। ଏ ନେଇ ସୋନାକ୍ଷୀ କହନ୍ତି, ''ଏଭଳି ଆଇଡିଆ ମୋର ପ୍ରଥମ ସିନେମା 'ଦବଙ୍ଗ' ସମୟରେ ଆସିଥିଲା। ସେହି ସମୟରେ ମୋ ପ୍ରଥମ ପାରିଶ୍ରମିକର କିଛି ଅଂଶ ମୁଁ ସଲମାନଙ୍କ ସ୍ୱେଚ୍ଛାସେବୀ ସଂସ୍ଥା 'ବିଇଙ୍ଗ ହ୍ୟୁମାନ'କୁ ଦାନ କରିଥିଲି। ଏବେ ଦରିଦ୍ର ସହ ସଂଘର୍ଷ କରୁଥିବା ବ୍ୟକ୍ତିଙ୍କର ଉନ୍ନତି ପାଇଁ ମୋ ପକ୍ଷରୁ ଯାହା କିଛି ସମ୍ଭବ ତାହା ଚେଷ୍ଟା କରିବି। ଯେହେତୁ ଏସବୁ ଏବେ ପ୍ରାରମ୍ଭିକ ପର୍ଯ୍ୟାୟରେ ଅଛି ତେଣୁ ଏ ନେଇ ସବିଶେଷ ସୂଚନା ଦେବା ସମ୍ଭବ ନୁହେଁ। ସମୟ ଆସିଲେ ମୁଁ ମୋ ନିଜ ପଟରୁ ଏ ବିଷୟରେ ନିଶ୍ଚୟ ସମସ୍ତଙ୍କୁ ଜଣାଇ ଦେବି।'' ତେବେ ସୋନାକ୍ଷୀ ତାଙ୍କ ନୂଆ ଯୋଜନାକୁ କେତେ ସଫଳ ରୂପାୟନ କରିପାରୁଛନ୍ତି ତାହା ଦେଖିବାକୁ ବାକି ରହିଲା।

# କିପରି କଟେ ଅବସର

ୟାମି ଗୌତମଙ୍କୁ ଅବସର ମିଳିଲେ ସେ କ'ଣ କରନ୍ତି ? ଶୁଟିଂରୁ ଫୁରସତ ମିଳିବା ମାତ୍ରେ ସେ ଘର ଲୋକଙ୍କ ସହ ସମୟ କାଟିବାକୁ ପସନ୍ଦ କରନ୍ତି। କେବଳ ସେତିକି ନୁହେଁ, ଘର ସଜାଇବାକୁ ସେ ଭଲ ପାଆନ୍ତି। ଅବସର କାଟିବା ବିଷୟରେ ୟାମି କହନ୍ତି, ''ଘର ସଜାଇବା ମୋର ପିଲାଟି ଦିନରୁ ଅଭ୍ୟାସ। ଘରର ଜିନିଷପତ୍ର ଏଣେତେଣେ ପଡିଲେ ମୁଁ ସେଗୁଡିକୁ ସଜାଇ ଠିକ୍ ଜାଗାରେ ରଖିଥାଏ। ଆଉ ଏବେ ଘରର ଇଣ୍ଟେରିୟର ଡିଜାଇନିଂକୁ ଗୁରୁତ୍ୱ ଦେଉଛି। ଏ ନେଇ ମୋର ଯେତିକି ଜ୍ଞାନ ରହିଛି ତାହାକୁ ଉପଯୋଗ କରି ଘରକୁ ସଜାଇଥାଏ। ଏହାବ୍ୟତୀତ ମୋତେ ଅବସର ମିଳିବା ମାତ୍ରେ ମୁଁ ବାହାରେ ବୁଲିବାକୁ ମଧ୍ୟ ପସନ୍ଦ କରେ। କେବଳ ଆମ ଦେଶରେ ନୁହେଁ, ବିଦେଶରେ ମଧ୍ୟ ଅନେକ ଦର୍ଶନୀୟ ସ୍ଥାନ ରହିଛି। ସେଭଳି ସ୍ଥାନ ବୁଲିବା ସହ ସେଠାକାର ଇତିହାସ ବିଷୟରେ ଜାଣିଥାଏ। ୟାମିଙ୍କ ଅଭିନୟ କ୍ୟାରିୟର ଆରମ୍ଭ ହୋଇଥିଲା କନ୍ନଡ ଫିଲ୍ମ 'ଉଲ୍ଲାସ ଉତ୍ସାହ'ରୁ। ୨୦୧୨ରେ ତାଙ୍କୁ ବଲିଉଡ୍‌ରେ ବ୍ରେକ୍ ମିଳିଥିଲା ଆଉ ତାଙ୍କ ଅଭିନୀତ ପ୍ରଥମ ହିନ୍ଦୀ ସିନେମା ଥିଲା 'ଭିକି ଡୋନର'। 'ଓ ମାଇଁ ଗଡ୍–୨'ରେ ସେ ଜଣେ ଓକିଲ ରୋଲ୍‌ରେ ଦର୍ଶକଙ୍କ ସାମ୍ନାକୁ ଆସିଥିଲେ। ୟାମିଙ୍କ ଅଭିନୀତ ଶେଷ ଫିଲ୍ମ 'ଆର୍ଟିକିଲ୍ ୩୭୦' ବକ୍ସ ଅଫିସରେ ୧୦୦କୋଟି କ୍ଲବ୍‌ରେ ସାମିଲ ହୋଇଥିଲା।


ୟାମି

# ସ୍ମରଣୀୟ ସଂଗ୍ରାମ



ସଂଗ୍ରାମ ନାୟକ ସାଂସ୍କୃତିକ ଜଗତରେ ଜଣେ ଭଲ ମଣିଷ। ସାମାଜିକ କ୍ଷେତ୍ରରେ ସାମୂହିକ କାର୍ଯ୍ୟ କରିବା ଦିଗରେ ସେ ନିଷ୍ଠାପର ସାଧକ। ଗତ ମାସ ୨୫ ତାରିଖ ଦିନ ସକାଳେ ପତ୍ନୀ ମୀନାକ୍ଷୀ ମହାପାତ୍ରଙ୍କୁ 'ଭଲ ଲାଗୁନି' କହିବା ପରେ ହଠାତ୍ ହୃଦ୍‌ଘାତରେ ଟଳି ପଡ଼ିଲେ। ଜଣେ ସଫଳ ସଂଗଠକ, କର୍ତ୍ତବ୍ୟନିଷ୍ଠ ବ୍ୟକ୍ତିତ୍ୱ ଥିଲେ ସଂଗ୍ରାମ। ସାଂସ୍କୃତିକ ଜଗତ ପାଇଁ ତାଙ୍କର ଅବଦାନ କମ୍ ନୁହେଁ। ବଡ଼ଗଡ଼ ଗାଁରେ ନେତାଜୀ ଯୁବକ ସଂଘର ନାଟକ ମଞ୍ଚସ୍ଥ ସମୟରେ ସେ ଅଭିନୟ ସହ ସହଯୋଗୀ ନିର୍ଦ୍ଦେଶନା ମଧ୍ୟ ଦେଉଥିଲେ।

ସଂଗ୍ରାମ ନାୟକ ଭଲ ଅଭିନୟ ସହ ନିର୍ଦ୍ଦେଶନା କ୍ଷେତ୍ରରେ ତାଙ୍କର ଦକ୍ଷତା ମଧ୍ୟ ଥିଲା। ତାଙ୍କର ଡାକ ନାମ 'ଯୋଗୀ'। ବଡ଼ଗଡ଼ରେ ଜଣେ ମେଳାପୀ, ଭଦ୍ର ବ୍ୟକ୍ତିତ୍ୱ ହେଲେ ସଂଗ୍ରାମ । ସେ ବଡ଼ଗଡ଼ ହାଇସ୍କୁଲର ଜଣେ ମେଧାବୀ ଛାତ୍ର ଥିଲେ। ପରେ ପରେ ବ୍ୟାଙ୍କ କର୍ମଚାରୀ ଭାବେ ଯୋଗ ଦେଇ ଅବସର ନେଲେ। ଅବସର ପରେ ବଡ଼ଗଡ଼ ଗ୍ରାମର ହାଇସ୍କୁଲ, ମେଘେଶ୍ୱର ଉନ୍ନୟନ ପରିଷଦ ଓ ଶ୍ରୀଜଗନ୍ନାଥ ଆଶ୍ରମ ପରିଚାଳନା ଦାୟିତ୍ୱ ନେଇଥିଲେ।

ଥରେ ସଂଗ୍ରାମ ଅକ୍ଷୟ ମହାନ୍ତିଙ୍କ ଶ୍ରାଦ୍ଧ ଅବସରରେ ଏକ ସଙ୍ଗୀତ କାର୍ଯ୍ୟକ୍ରମ ଉପଭୋଗ କରୁଥାଆନ୍ତି। ମୋ ସହ ସାକ୍ଷାତ ଅବସରରେ ସେଦିନ ଓଡ଼ିଆ ସିନେମାର ଅଧୋଗତି ଘଟଣାରେ ବିଶେଷ ଦୁଃଖ ପ୍ରକାଶ କରିଥିଲେ ସେ। ଓଡ଼ିଆ ଚଳଚ୍ଚିତ୍ର 'ବତାସୀ ଝଡ଼'ର ଶୁଟିଂ ଆମ ଗାଁ ବଡ଼ଗଡ଼ରେ ହେଉଥାଏ। ସେତେବେଳେ ଫିଲ୍ମ ପ୍ରତି ସଂଗ୍ରାମ କେତେ ସିରିୟସ ତାହା ମୁଁ ଜାଣିପାରିଥିଲି। ଭଲ ମଣିଷ ସଂସାରକୁ ଖୁବ୍ କମ୍ ସମୟ ପାଇଁ ଆସିଥାନ୍ତି। ସଂଗ୍ରାମ ନାୟକ ଯେଉଁଠି ଥିଲେ ବି ଭଲରେ ରୁହନ୍ତୁ, ଏହା ହିଁ କାମନା।

–ଦିଲ୍ଲୀପ ହାଲି
ବଡ଼ଗଡ଼, ଭୁବନେଶ୍ୱର
ମୋ : ୯୮୬୧୦୦୯୨୫୨

# କେବେ ଆସିବ ଶୁଭଦିନ

ବରୁଣ ଧାୱନ ଏବେ ଦିନ ଗଣିବାରେ ବ୍ୟସ୍ତ। କାରଣ ସେ ଯେଉଁ ଫିଲ୍ମଟିକୁ ନେଇ ଢ଼େର ଆଶା ବାନ୍ଧି ବସିଛନ୍ତି ତାହା ଚଳିତ ବର୍ଷ ଡିସେମ୍ବର ୨୫ରେ ମୁକ୍ତିଲାଭ କରିବାକୁ ଯାଉଛି। ତେଣୁ ସେ ବେଶ୍ ଉତ୍ସୁକତାର ସହ ସେହି ଶୁଭ ଦିନକୁ ଚାହିଁ ବସିଛନ୍ତି। ଏହି ଫିଲ୍ମଟିର ଟାଇଟଲ ରହିଛି 'ବେବି ଜନ୍'। ଏଥିରେ ବରୁଣ ଜଣେ ପୋଲିସ ଅଫିସର ଭୂମିକାରେ ଅଭିନୟ କରୁଛନ୍ତି। ଚିତ୍ରଟିର କାହାଣୀ ରଚନା କରିଛନ୍ତି ଅନ୍ୟତମ ଆଗଧାଡିର ନିର୍ଦ୍ଦେଶକ ତଥା କାହାଣୀକାର ଅଟଲି। ଏହାକୁ ଆଧାର କରି ସଂଳାପ ରଚନା କରିଛନ୍ତି ସୁମିତ ଆରୋରା। ଚିତ୍ରନାଟ୍ୟ ରଚନା କରିବା ସହ ନିର୍ଦ୍ଦେଶନା ଦାୟିତ୍ୱ ତୁଲାଇଛନ୍ତି କାଲିସ୍। ଫିଲ୍ମ ବିଷୟରେ ବରୁଣ କହନ୍ତି, ''ଏହି ଫିଲ୍ମର କାହାଣୀରେ ରହସ୍ୟ ରୋମାଞ୍ଚ ଭରି ରହିଛି। ଜଣେ ପୋଲିସ ଅଫିସରର ଜୀବନୀକୁ ନେଇ କାହାଣୀ ଗତିଶୀଳ।'' ଏହି ଫିଲ୍ମରେ ବରୁଣଙ୍କ ଅପୋଜିଟ୍‌ରେ ଅଛନ୍ତି କୀର୍ତ୍ତି ସୁରେଶ। ଜ୍ୟାକି ଶ୍ରଫଙ୍କୁ ମଧ୍ୟ ଏଥିରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଦେଖିବାକୁ ମିଳିବ।


ବରୁଣ

ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ଗୁରୁବାର, ଅକ୍ଟୋବର ୩/୨୦୨୪ Bhubaneswar, Thursday, October 3/ 2024

# କୋଣାର୍କ ସୂର୍ଯ୍ୟସ୍‌ର ବିଶାଳ ସ୍କୋର

**ସୁରଟ,୨।୧୦**

ଲିଜେଣ୍ଡ୍ସ ଲିଗ୍ କ୍ରିକେଟ୍‌ରେ ସଦର୍ନ ସୁପର ଷ୍ଟାର୍ସ ବିପକ୍ଷରେ ୧୯୨ ରନ୍‌ର ବିଶାଳ ସ୍କୋର କରିଛି କୋଣାର୍କ ସୂର୍ଯ୍ୟସ୍ ଓଡ଼ିଶା। ଉଇକେଟ କିପର ରିଚାର୍ଡ ଲେଭି ବିସ୍ଫୋରକ ଅର୍ଦ୍ଧଶତକ ହାସଲ କରିଥିବା ବେଳେ ସୂର୍ଯ୍ୟସ୍ ୨୦ ଓଭରରେ ୯ ଉଇକେଟ ହରାଇ ୧୯୨ ରନ୍ ସଂଗ୍ରହ କରିଥିଲା। ଜବାବରେ ସଦର୍ନ ସୁପର ଷ୍ଟାର୍ସ ୧୨ ଓଭରରେ ୨ ଉଇକେଟ ହରାଇ ୧୪୨ ରନ୍ କରିଛି। ରିଚାର୍ଡ ଲେଭି ମାତ୍ର ୨୧ ବଲ୍ ଖେଳି ବିସ୍ଫୋରକ ୬୩ ରନ୍ କରିଥିଲେ। ବର୍ଷା କାରଣରୁ ଦୁଇଟି ମ୍ୟାଚ୍ ଧୋଇଯିବା ପରେ ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିଲା ସୂର୍ଯ୍ୟସ୍।

ସୂର୍ଯ୍ୟସ୍ ପକ୍ଷରୁ ରିଚାର୍ଡ ଲେଭି ଓ ଜେସି ରାଇଡର ଇନିଂସ ଓପନ କରିଥିଲେ। ଉଭୟ ଖେଳାଳି ମାତ୍ର ୨୯ ବଲ୍‌ରେ ୭୬ ରନ୍ ଯୋଡିଥିଲେ। ଲେଭି ଏହା ମଧ୍ୟରୁ ୨୧ ବଲ୍ ଖେଳି ୬୩ ରନ୍ କରି ପ୍ରଥମ ବ୍ୟାଟର ଭାବରେ ପ୍ୟାଭିଲିୟନ ଫେରିଥିଲେ। ଲେଭିଙ୍କ ଇନିଂସରେ ୯ ଚୌକା ଓ ୪ ବିଶାଳ ଛକା ସାମିଲ ଥିଲା। ଲିଜେଣ୍ଡ୍ସ ଲିଗ୍‌ରେ ଏହା

**ଲିଜେଣ୍ଡ୍ସ ଲିଗ୍ କ୍ରିକେଟ୍**

ଦ୍ୱିତୀୟ ଦ୍ରୁତତମ ଅର୍ଦ୍ଧଶତକ। ଲେଭିଙ୍କ ବ୍ୟାଟିଂ ବଳରେ ସୂର୍ଯ୍ୟସ୍ ପାୱାର ପ୍ଲେ ଓଭରରେ ୧ ଉଇକେଟ ହରାଇ ୯୧ ରନ୍ ସ୍କୋର କରିଥିଲା ଯାହା ଲିଜେଣ୍ଡ୍ସ ଲିଗ୍ ଇତିହାସରେ ସର୍ବାଧିକ। ଅନ୍ୟତମ ଓପନର ଜେସି ରାଇଡର ୧୮ ବଲ୍‌ରୁ ୧୮ ରନ୍ କରିଥିଲେ। କେଭିନ୍ ଓ ବ୍ରାଏନ୍(୯), ରସ୍ ଟେଲର(୪) ଓ




ଇରଫାନ ପଠାନ(୧୦) ରନ୍ କରି ସହଜରେ ଆଉଟ ହେବାରୁ ଦଳର ରନ୍ ଗତି ସାମାନ୍ୟ ଧୀମେଇ ଯାଇଥିଲା। ତେବେ ୟୁସୁଫ୍ ପଠାନ୍ ୩୩ ରନ୍‌ର ଧୂଆଁଧାର ଇନିଂସ ଖେଳି ଦଳୀୟ ସ୍କୋର ୧୫୯ ରନ୍‌ରେ ପହଞ୍ଚାଇ ଥିଲେ। ୟୁସୁଫ ୨୨ ବଲ୍ ଖେଳି ୨ ଚୌକା ଓ ୩ ଛକା ମାରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଶେଷ ଆଡକୁ ଦିଲଶାନ ମୁନାୱିରା ୧୬ ଓ ବିନୟ କୁମାର ଅପରାଜିତ ୧୮ ରନ୍ କରିବାରୁ ୧୯୨ ରନ୍‌ରେ ପହଞ୍ଚିଥିଲା ସୂର୍ଯ୍ୟସ୍। ସଦର୍ନ ସୁପର ଷ୍ଟାର୍ସ ପକ୍ଷରୁ ସୁବୋଧ ଭଟ୍ଟି ୩, ଚତୁରଙ୍ଗା ଡି ସିଲ୍‌ଭା ୨, ଅବ୍‌ଦୁର ରଜାକ, ମୋନୁ କୁମାର ଓ ପୱନ ନେଗୀ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

କୋଣାର୍କ ସୂର୍ଯ୍ୟସ୍ ଓଡ଼ିଶା ୨୦ ଓଭରରେ ୧୯୨/୯ (ରିଚାର୍ଡ ଲେଭି–୬୩, ୟୁସୁଫ ପଠାନ–୩୩, ବିନୟ କୁମାର–୧୮*, ସୁବୋଧ ଭଟ୍ଟି–୩/୨୨, ଚତୁରଙ୍ଗା ଡି ସିଲ୍‌ଭା–୨/୨୧, ପୱନ ନେଗୀ–୧/୨୬)।

# କେରଳ ଚ୍ୟାଲେଞ୍ଜ ପାଇଁ ପ୍ରସ୍ତୁତ ଓଏଫ୍‌ସି

**ଭୁବନେଶ୍ୱର,୨।୧୦(ସରୋଜ ଜେନା)**

ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍‌ଏଲ୍)ରେ ଗୁରୁବାର କଳିଙ୍ଗ ଷ୍ଟାଡିୟମରେ ପରସ୍ପରକୁ ଭେଟିବେ ଓଡ଼ିଶା ଏଫ୍‌ସି(ଓଏଫ୍‌ସି) ଓ କେରଳ ବ୍ଲାଷ୍ଟର୍ସ। ଓଏଫ୍‌ସି ଦୁଇଟି ମ୍ୟାଚ୍‌ରେ ପରାଜୟ ପରେ ବିଜୟ ଧାରାକୁ ଫେରିଥିବା ବେଳେ କେରଳ ଏହାର ଶେଷ ମ୍ୟାଚ୍ ଡ୍ର ରଖିଛି। ସେହିପରି କେରଳ ବ୍ଲାଷ୍ଟର୍ସ ବିପକ୍ଷରେ ଓଡ଼ିଶାର କୋଚ୍ ସର୍ଜିଓ ଲୋବେରାଙ୍କ ଅପରାଜେୟ ରେକର୍ଡ ରହିଛି। ବିଗତ ୫ ସଂସ୍କରଣରେ ଭିନ୍ନ ଭିନ୍ନ ଟିମ୍‌ର କୋଚିଂ ସମୟରେ ଲୋବେରା କେରଳ ବିପକ୍ଷରେ ୧୧ ମ୍ୟାଚ୍‌ରୁ ୯ ବିଜୟ ହାସଲ କରିଛନ୍ତି। ୮୨ ପ୍ରତିଶତର ବିଜୟ ରେକର୍ଡ ରଖିଥିବା ଲୋବେରା ନିଜର ୧୦ମ ବିଜୟ ହାସଲ କରିବାକୁ ଚାହିଁବେ। ଗୁରୁବାର ମ୍ୟାଚ୍ ପୂର୍ବରୁ ବୁଧବାର ଏକ ଖବରଦାତା ସମ୍ମିଳନୀରେ ଭାଗ ନେଇଥିଲେ ସର୍ଜିଓ ଲୋବେରା ଓ ଥୋଇବା ସିଂ ମୋଇରାଙ୍ଗଥେମ୍।

ଜାମସେଦପୁର ଏଫ୍‌ସି ବିପକ୍ଷ ବିଜୟ ପରେ ଓଏଫ୍‌ସି ଖେଳାଳିମାନଙ୍କ ଆତ୍ମବିଶ୍ୱାସ ବେଶ୍ ଉଚ୍ଚରେ ରହିଛି ବୋଲି କହିବା ସହ କେରଳ ବିପକ୍ଷରେ ବିଜୟ ପାଇଁ ଦୃଢୋକ୍ତି ପ୍ରକାଶ କରିଥିଲେ। କେରଳ ଏକ ଶକ୍ତିଶାଳୀ ଦଳ ଓ ଭିନ୍ନ ଚ୍ୟାଲେଞ୍ଜ ସହ ସମ୍ମୁଖକୁ ଆସିଥାଏ। ଘରୋଇ ଦର୍ଶକଙ୍କ ସମ୍ମୁଖରେ ଆମେ ବିଜୟ ହାସଲ କରିବାକୁ ଚେଷ୍ଟା କରିବୁ। ଡିଫେଣ୍ଡର କାର୍ଲୋସ୍ ଡେଲଗାଡୋ ଆହତ ଥିବାବେଳେ ସେ ଇଷ୍ଟବେଙ୍ଗଲ ମ୍ୟାଚ୍ ପୂର୍ବରୁ ଫିଟ୍ ହେବା ନେଇ ଆଶା ଥିବା କହିଛନ୍ତି ଲୋବେରା। କେରଳ ବ୍ଲାଷ୍ଟର୍ସ ବିପକ୍ଷରେ ଓଏଫ୍‌ସି ସମାନ ଆକ୍ରମଣାତ୍ମକ ଭୂମିକା ଆପଣେଇବ ବୋଲି କହିଛନ୍ତି ଲୋବେରା। ଓଏଫ୍‌ସିର ଦୁଇ ଫରୱାର୍ଡ ଖେଳାଳି ରୟ କ୍ରିଷ୍ଣା ଓ ଡିଏଗୋ ମରିସିଓ କେରଳ ବିପକ୍ଷରେ ୭ଟି ଲେଖାଏ ଗୋଲ ସ୍କୋର କରି ସାରିଥିବା ବେଳେ ଘରୋଇ ପରିବେଶର ଲାଭ ମଧ୍ୟ ମିଳିବ ବୋଲି କହିଛନ୍ତି ଲୋବେରା। ସେହିପରି ଦଳର ପ୍ରସ୍ତୁତି ଚମତ୍କାର ରହିଥିବା ବେଳେ ମ୍ୟାଚ୍‌କୁ ନେଇ ସମସ୍ତ ଖେଳାଳି ଉତ୍ସାହିତ ଥିବା କହିଛନ୍ତି ଥୋଇବା ସିଂ ମୋଇରାଙ୍ଗଥେମ୍। ବିଗତ ୫ ସିଜନ ଧରି ଓଏଫ୍‌ସିରେ ରହିଥିବା ବେଳେ ଲୋବେରାଙ୍କଠାରୁ ବହୁତ କିଛି ଶିଖିବାକୁ ମିଳୁଛି ବୋଲି ସେ କହିଛନ୍ତି। ସେହିପରି ଏଏଫ୍‌ସି ଏସିଆନ୍ କପ୍ ଖେଳିବା ପାଇଁ ଭିଏଟନାମରେ ରହିଥିବା ଓଏଫ୍‌ସି ମହିଳା ଦଳକୁ ସେ ଶୁଭେଚ୍ଛା ଜଣାଇଛନ୍ତି।

**ଖଟେଶ୍ୱର ପାଣ୍ଡେ ସ୍ମାରକୀ ରାଜ୍ୟସ୍ତରୀୟ ସନ୍ତରଣ ପ୍ରତିଯୋଗିତା**

# ସମ୍ବଲପୁର ଦଳଗତ ଚାମ୍ପିୟନ, ଭୁବନେଶ୍ୱର ରନରଅପ୍



ଦଳଗତ ଚାମ୍ପିୟନ ସମ୍ବଲପୁର ଦଳ ଟ୍ରଫି ସହ ଅତିଥିଙ୍କ ଗହଣରେ।

**ସମ୍ବଲପୁର,୨।୧୦(ବି.ଶଙ୍କର)**

ଓଡ଼ିଶା ମାଷ୍ଟର୍ସ ସୁଇମର୍ସ କ୍ଲବ ଆୟୋଜିତ ୧୨ତମ ଖଟେଶ୍ୱର ପାଣ୍ଡେ ସ୍ମାରକୀ ରାଜ୍ୟସ୍ତରୀୟ ସନ୍ତରଣ ପ୍ରତିଯୋଗିତା–୨୦୨୪ ସମ୍ବଲପୁରସ୍ଥିତ ଡାକ୍ତର ଝସକେତନ ସାହୁ ସନ୍ତରଣାଗାରଠାରେ ବୁଧବାର ସମ୍ପନ୍ନ ହୋଇଛି। ସମ୍ବଲପୁର ଦଳଗତ ଚାମ୍ପିୟନ ଟ୍ରଫି ହାସଲ କରିଥିବାବେଳେ ଭୁବନେଶ୍ୱର ରନରଅପ ହୋଇଛି। ଏହି ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ରାଜ୍ୟର ବିଭିନ୍ନ ଜିଲ୍ଲାରୁ ୩୬୫ ଜଣ ସନ୍ତରଣବିତ ଭାଗ ନେଇଥିଲେ। ୫ରୁ ୮୦ ବର୍ଷ ବୟସ ମଧ୍ୟରେ ୧୮ଟି ବିଭାଗରେ ଇଭେଣ୍ଟ ହୋଇଥିଲା। ୫୦ମିଟର ଫ୍ରିଷ୍ଟାଇଲ, ବଟର ଫ୍ଲାଏ, ବେଷ୍ଟଷ୍ଟ୍ରୋକ ଓ ବ୍ୟାକ ଷ୍ଟ୍ରୋକ ଇଭେଣ୍ଟର କୃତୀ ସନ୍ତରଣବିତ ପୁରସ୍କୃତ ହୋଇଛନ୍ତି। ଜୀବନ ସୁରକ୍ଷା ଓ ସୁନ୍ଦର ସ୍ୱାସ୍ଥ୍ୟର ସଚେତନାର ବାର୍ତ୍ତାକୁ ନେଇ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଓଡ଼ିଶା ମାଷ୍ଟର୍ସ ସୁଇମର୍ସ କ୍ଲବ ସଭାପତି ପ୍ରେମରଞ୍ଜନ ପ୍ରଧାନ ସଭାପତିତ୍ୱ କରିଥିଲେ। ପ୍ରାକ୍ତନ ଖେଳ ଶିକ୍ଷକ ସାହେବ ଖମାରୀ ସଂଯୋଜନା କରିଥିଲେ। ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରତିଯୋଗିତାର ଶୁଭାରମ୍ଭ କରିଥିଲେ। ଜିଲ୍ଲା କ୍ରୀଡ଼ା ସଂଘ ସାଧାରଣ ସମ୍ପାଦକ ସୁନୀଲ ସାହୁ, କାଉନସିଲ ସଭ୍ୟ ସୁବୋଧ ସାହୁ, ସମ୍ବଲପୁର ଜିଲ୍ଲା ସନ୍ତରଣ ସଂଘ ସାଧାରଣ ସମ୍ପାଦକ ସାଲେଗ୍ରାମ ଖୁଣ୍ଟିଆ ସମ୍ମାନିତ ଅତିଥି ଥିଲେ। ପୁରସ୍କାର ବିତରଣୀ ଉତ୍ସବରେ ସମ୍ବଲପୁର ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ମୁଖ୍ୟ ଅତିଥି ଓ ସମ୍ବଲପୁର ମହାନଗର ନିଗମ କମିଶନର ବେଦଭୂଷଣ ସମ୍ମାନିତ ଅତିଥି ଭାବେ ଯୋଗଦେଇ କୃତୀ ପ୍ରତିଯୋଗୀମାନଙ୍କୁ ପଦକ ଓ ସାର୍ଟିଫିକେଟ ପ୍ରଦାନ କରିଥିଲେ। ସମ୍ପାଦକ ସୁନ୍ଦରମଣୀ ବାରିକ ଅତିଥିମାନଙ୍କୁ ସ୍ୱାଗତ କରିଥିଲେ। ରାଜ୍ୟର ପ୍ରାକ୍ତନ ସନ୍ତରଣ ପ୍ରଶିକ୍ଷକ ସୁରେନ୍ଦ୍ର ନାଏକ, ପ୍ରାକ୍ତନ ଜିଲ୍ଲା ଶାରିରୀକ ଶିକ୍ଷା ନିରୀକ୍ଷକ ଜଗବନ୍ଧୁ ବେହେରା ପ୍ରମୁଖ ଇଭେଣ୍ଟ ପରିଚାଳନା କରିଥିଲେ।

**STRATEGIC ALLIANCE Management Services Private Limited (SAMS)**
B-18, Sector-6, NOIDA, G.B. Nagar, 201301 (Uttar Pradesh)
E-mail: procurement@samsconsult.com; Website: www.samsconsult.com

**INVITATION FOR BIDDING** Dated : 03/10/2024

SAMS on behalf of FIND India invites Bids under National Tuberculosis Elimination Programme, Ministry of Health & Family Welfare, Govt. of India for Civil Works and Associated Services across various Nodal Drug Resistant Tuberculosis Centers under the GFATM project:

| Duration of sale of bid document | Date and time of Pre-bid Meeting | Due Date for submission and opening of bids |
|---|---|---|
| 03/10/2024 to 24/10/2024 | 08/10/2024 at 11.00 AM | 24/10/2024 at 03.00 PM |

All the details are available on SAMS website i.e. http://www.samsconsult.com/FIND.aspx

Sanjay Rastogi, Director, SAMS




72198 21111 | BAJAJ SECURE | pine labs PAY LATER | HDFC BANK

*ସର୍ତ୍ତ ଓ ନିୟମାବଳୀ ଲାଗିବ। *ଅଫର୍ କେବଳ ବଛା ବଛା ପ୍ରକାର ସକାଶେ। ଅଫର୍ 7 ନଭେମ୍ବର 2024 ପର୍ଯ୍ୟନ୍ତ ବୈଧ। ବଜାଜ ଅଟୋ ବିନା ପୂର୍ବ ସୂଚନାରେ ଯେକୌଣସି ବା ସମସ୍ତ ଅଫର୍‌କୁ କାଢ଼ିନେବାର ଅଧିକାର ସଂରକ୍ଷିତ ରଖୁଛି। ₹10,000 ପର୍ଯ୍ୟନ୍ତ *ସଞ୍ଚୟରେ ଅଛି ₹5000* ପର୍ଯ୍ୟନ୍ତର କ୍ୟାଶ୍‌ବ୍ୟାକ୍ ମଡେଲ ଉପରେ ନିର୍ଭର କରି ଏବଂ ₹5000* ପର୍ଯ୍ୟନ୍ତର କ୍ୟାଶ୍‌ବ୍ୟାକ୍ ଏଚ୍‌ଡିଏଫ୍‌ସି କାର୍ଡ କ୍ୟାଶ୍‌ବ୍ୟାକ୍। ଷ୍ଟଣ୍ଟଗୁଡ଼ିକ ଏକ୍ସପର୍ଟ ମାନଙ୍କ ଦ୍ୱାରା, ପେଶାଦାରମାନଙ୍କ ତତ୍ତ୍ୱାବଧାନରେ, ନିୟନ୍ତ୍ରିତ ଓ ଆବଦ୍ଧ ବାତାବରଣରେ, ଜନସାଧାରଣ ବା ପବ୍ଲିକ୍ ରୋଡ୍ ଠାରୁ ଅଲଗାରେ କରାଯାଇଛି। ଏସବୁ ଷ୍ଟଣ୍ଟ ନକଲ କରିବାର ଅପଚେଷ୍ଟା କରନ୍ତୁ ନାହିଁ ଏବଂ ସବୁବେଳେ ଟ୍ରାଫିକ୍ ଓ ସେଫ୍‌ଟୀ ନିୟମଗୁଡ଼ିକ ପାଳନ କରନ୍ତୁ। ନିର୍ଦ୍ଦିଷ୍ଟ ମଡେଲଙ୍କ ପାଇଁ ଓ ନିର୍ଦ୍ଦିଷ୍ଟ ପ୍ରଦେଶମାନଙ୍କରେ ଏଏମ୍‌ସି ଉପଲବ୍ଧ। ଅଧିକ ବିବରଣୀ ବଜାଜ ଡୀଲର୍‌ଙ୍କୁ ପଚାରି ବୁଝନ୍ତୁ। ରୋଡ୍‌ସାଇଡ୍ ସହାୟତା ତୃତୀୟ ପକ୍ଷ ଦ୍ୱାରା ଯୋଗାଯାଇଥାଏ, ଯାହା ତାଙ୍କ ସର୍ତ୍ତ ଓ ନିୟମାବଳୀ ଉପରେ ନିର୍ଭର କରେ। ଏଚ୍‌ଡିଏଫ୍‌ସି କ୍ରେଡିଟ୍ କାର୍ଡ୍‌ସ ଙ୍କ ଇଏମ୍‌ଆଇ କାରବାର ସକାଶେ ପାଇନ୍ ଲାବ୍ସ ମେସିନ ଜରିଆରେ କ୍ୟାଶ୍‌ବ୍ୟାକ୍ ଅଫର୍ କେବଳ 15 ଅକ୍ଟୋବର 2024 ପର୍ଯ୍ୟନ୍ତ ଉପଲବ୍ଧ। ଇ-କମର୍ସ ପ୍ଲାଟଫର୍ମ୍‌ସ ରେ ଅଫର୍‌ସବୁ ସେଗୁଡ଼ିକର ସର୍ତ୍ତ ଓ ନିୟମାବଳୀ ଉପରେ ନିର୍ଭର କରେ।

Authorised Dealers for BAJAJ Auto Ltd.: Sambalpur: UJJWAL BAJAJ 9853155550, Sonepur UJJWAL BAJAJ 9348711920 • Bargarh UJJWAL BAJAJ 9124042012 •• Rourkela: RM BAJAJ 90780 83803 • Sundergarh RM BAJAJ 9078083500 • Bolangir URBASI BAJAJ 7381052046 • Bhawanipatna KALINGA AUTO SERVICE 8763863692 • Jharsuguda UTKAL BAJAJ 9337200356. Authorised Service Centre: Binika 8895885325, Dungripali 8114817298, Boudh 7978833033, Kuchinda 9437392099, Laikera 9658855530, Jamankira 9437393978 Titilagarh 9658050722, Bangamunda 7381052046Patnagarh 9937301752, Padampur 9437417977, Gaisilet 9437417977, Barpali 9036128538, Junagarh 9437092196, Muniguda 9124600099, Padampur 9668826075 Rajkhariar 9437188542, Khariar Road 9437188542, Brajrajnagar 9937124444, Bamra 9937108643, Bagdhi 7873430989,Kuchinda 9437392099, Laikera 9658855530, Jamankira 9437393978 Deogarh 9437020444, Rajgangpur 8908908901, Bonaigarh 9078083800 Subdega 7894408649 Diptipur- 7750039856, Godbhaga – 9937514987, Saintala-8114662939 / 9658030100, Baliguda 7008301945, M Rampur 9337897005, Tusura 7381052046, Tarbha 7381052046, Lathor 8018785694, Kantamanjhi 7205911835, Narla 9337025341, Charbahal 7008814195.

Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ–ତଥାଗତ ସତପଥୀ